# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୬/୨୦୨୦ (୨୦ ପୃଷ୍ଠା) | Bhubaneswar, Thursday, February 6/2020 | ★★★★★★

୪୬ଶ ଭାଗ ୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଟେଲରଙ୍କ ଶତକରେ ନ୍ୟୁଜିଲାଣ୍ଡ ବିଜୟୀ**

ରସ୍ ଟେଲରଙ୍କ ଶତକ ବଳରେ ନ୍ୟୁଜିଲାଣ୍ଡ ହାମିଲଟନରେ ବୁଧବାର ଅନୁଷ୍ଠିତ ଭାରତ ବିପକ୍ଷ ଦିନିକିଆ କ୍ରିକେଟ ମ୍ୟାଚରେ ରେକର୍ଡ ରନଚେଜ୍ ସହ ବିଜୟୀ ହୋଇଛି।

୧୮

୧୨

**ମା'ଙ୍କ ଫିଲ୍ମ ରିମେକ୍ ପାଇଁ ସାରାଙ୍କୁ ଅଫର**

ଅଭିନେତ୍ରୀ ସାରା ଅଲ୍ଲୀ ଖାନ୍‌ଙ୍କୁ ମା'ଙ୍କ ଏକ ହିଟ୍ ଫିଲ୍ମର ରିମେକ୍ ପାଇଁ ଅଫର୍ ମିଳିଛି। ଅମ୍ରିତା ସିଂଙ୍କ ହିଟ୍ ଫିଲ୍ମ 'ଚମେଲୀ କୀ ସାଦି'ରେ ସେ ଅଭିନୟ କରିପାରନ୍ତି ।



# ସପ୍ତାହେ ପରେ ଚଳିବନି ବାହାନା

## ଏକସଙ୍ଗେ ଫାଶୀଖୁଣ୍ଟରେ ଝୁଲିବେ ବିନୟ, ମୁକେଶ, ଅକ୍ଷୟ ଓ ପବନ



**ନିର୍ଭୟା ମାମଲା**

- ଦୋଷୀଙ୍କୁ ହାଇକୋର୍ଟଙ୍କ ୭ ଦିନିଆ ମହଲତ
- ଯାହା ଆଇନଗତ ବିକଳ୍ପ ବାକି ଅଛି ଶେଷ କର
- ତା' ପରେ ମୃତ୍ୟୁଦଣ୍ଡ ପାଇଁ ନିଆଯିବ ପଦକ୍ଷେପ
- ପୃଥକ୍ ଫାଶୀ ପାଇଁ କେନ୍ଦ୍ରର ପିଟିଶନ ଖାରଜ
- ସୁପ୍ରିମକୋର୍ଟ ଗଲେ କେନ୍ଦ୍ର, ଦିଲ୍ଲୀ ସରକାର

**ନୂଆଦିଲ୍ଲୀ,୫।୨(ପି.ଟି.)**

ନିର୍ଭୟା ମାମଲାର ୪ ଦୋଷୀ ଏକସଙ୍ଗେ ଫାଶୀଖୁଣ୍ଟରେ ଝୁଲିବେ। ସେମାନଙ୍କୁ ପୃଥକ୍ ପୃଥକ୍ ଭାବେ ମୃତ୍ୟୁଦଣ୍ଡ ଦିଆଯିବ ନାହିଁ ବୋଲି ବୁଧବାର ଦିଲ୍ଲୀ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସେମାନଙ୍କ ଫାଶୀ ଦଣ୍ଡାଦେଶ ଉପରେ ସ୍ଥଗିତାଦେଶକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା ପିଟିଶନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଏଥିସହ ଦୋଷୀମାନଙ୍କୁ ନିଜର ସମସ୍ତ ଆଇନଗତ ବିକଳ୍ପ ୭ ଦିନ ମଧ୍ୟରେ ଶେଷ କରିବା ପାଇଁ ଅଦାଲତ ମହଲତ ଦେଇଛନ୍ତି। ଏହି ପ୍ରକ୍ରିୟା ସରିବା ପରେ ସେମାନଙ୍କ ମୃତ୍ୟୁଦଣ୍ଡ ପାଇଁ ପଦକ୍ଷେପ ଆରମ୍ଭ ହେବ ବୋଲି ସ୍ପଷ୍ଟ କରିଛନ୍ତି। ଇତିମଧ୍ୟରେ କେନ୍ଦ୍ର ଓ ଦିଲ୍ଲୀ ସରକାର ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଦୋଷୀଙ୍କୁ ତୁରନ୍ତ ଫାଶୀ ଦେବା ଲାଗି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ବହୁଚର୍ଚ୍ଚିତ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ଦୋଷୀ ବିନୟ ଶର୍ମା(୨୬), ମୁକେଶ ସିଂ(୩୨), ଅକ୍ଷୟ ସିଂ(୩୧) ଓ ପବନ ଗୁପ୍ତା(୨୫)ଙ୍କୁ ଫାଶୀ ଦେବା ପାଇଁ ପ୍ରଥମେ ଜାନୁୟାରୀ ୨୨ ଓ ପରେ ଫେବୃୟାରୀ ୧ରେ ଡେଥ୍ ୱାରେଣ୍ଟ ଜାରି ହୋଇଥିଲା। ଦୋଷୀଙ୍କ ଓକିଲ ଏହାକୁ

☞ପୃଷ୍ଠା–୪



"ହାଇକୋର୍ଟଙ୍କ ରାୟକୁ ନେଇ ସନ୍ତୁଷ୍ଟ। କିନ୍ତୁ ଯେଉଁ ଦିନ ୪ ଦୋଷୀ ଫାଶୀଖୁଣ୍ଟରେ ଝୁଲିବେ, ସେଦିନ ଖୁସି ହେବି। ଅଦାଲତ ଦୋଷୀମାନଙ୍କୁ ସପ୍ତାହେ ସମୟ ଦେଇଛନ୍ତି। ଆମେ ସେତେବେଳ ଯାଏ ଅପେକ୍ଷା କରିବୁ। ଏହା ସରକାରଙ୍କ ଅପିଲ ଥିଲା। ତେଣୁ ଦୋଷୀଙ୍କୁ କେତେ ଶୀଘ୍ର ଫାଶୀ ଦିଆଯିବ ତା' ଉପରେ ସରକାର ଚିନ୍ତା କରିବେ।

-ଆଶାଦେବୀ, ନିର୍ଭୟାଙ୍କ ମା'

# ଓଡ଼ିଶାକୁ ରେଳ ଅନୁଦାନ ହ୍ରାସ

- ଗତବର୍ଷ ମିଳିଥିଲା ୪,୫୯୩ କୋଟି, ଚଳିତବର୍ଷ ୪,୩୭୩ କୋଟି
- ପୂର୍ବତଟ ରେଳପଥ ଲାଗି ମୋଟ ୫,୮୬୫ କୋଟି
- ଗୋପାଳପୁର-ସମ୍ବଲପୁର ମଧ୍ୟରେ ନୂଆ ରେଳ ଲାଇନ
- ପ୍ରମୁଖ ରେଳ ପ୍ରକଳ୍ପକୁ ବ୍ୟୟବରାଦ ବଢ଼ିଛି
- ଖୋର୍ଦ୍ଧାରୋଡ-ବଲାଙ୍ଗୀର ପ୍ରକଳ୍ପକୁ ୫୨୦ କୋଟି
- ଅନୁଗୋଳ-ସୁକିନ୍ଦା ପ୍ରକଳ୍ପ ଲାଗି ୪୫୦ କୋଟି
- ପ୍ରମୁଖ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ
- ଲାଇନ ଦୋହରୀକରଣକୁ ପ୍ରାଥମିକତା
- ଶୀଘ୍ର କାର୍ଯ୍ୟକ୍ଷମ ହେବ ପାରାଦୀପ-ହରିଦାସପୁର ରେଳ ଲାଇନ
- ଯାତ୍ରୀ ନିରାପତ୍ତା ବାବଦକୁ ୧୧୬୫ କୋଟି



**ଭୁବନେଶ୍ୱର,୫।୨**

ଚଳିତ ବର୍ଷ ଓଡ଼ିଶାର ବିଭିନ୍ନ ରେଳ ପ୍ରକଳ୍ପ ଲାଗି କେନ୍ଦ୍ର ସରକାର ବଜେଟରେ ୪,୩୭୩ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ଏହା ଗତ ବର୍ଷ ବ୍ୟୟ ବରାଦଠାରୁ ୨୨୦ କୋଟି ଟଙ୍କା କମ୍ ରହିଛି। ପୂର୍ବତଟ ରେଳପଥ ଲାଗି ଚଳିତ ଥର ୫,୮୬୫ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ବେଳେ ରାଜ୍ୟର ବିଭିନ୍ନ ପ୍ରକଳ୍ପ ବାବଦକୁ ୪,୩୭୩ କୋଟି ଟଙ୍କା ଏହା ମଧ୍ୟରେ ସାମିଲ ରହିଛି। ଗତବର୍ଷ ରେଳପଥର ବିଭିନ୍ନ ପ୍ରକଳ୍ପ ଲାଗି କେନ୍ଦ୍ର ସରକାର ୪୫୯୩ କୋଟି ଟଙ୍କା ବ୍ୟୟବରାଦ କରିଥିଲେ। ଏହି ପାଣ୍ଠିକୁ ବିଭିନ୍ନ ପ୍ରକଳ୍ପ, ଯାତ୍ରୀ ସୁବିଧା, ଟ୍ରାକ୍ ଉନ୍ନତୀକରଣ, ମରାମତି, ନୂଆ ଟ୍ରାକ୍ ବିଛାଇବା, ବିଦ୍ୟୁତୀକରଣ, ଲାଇନ ଦୋହରୀକରଣ ଭଳି ଅନ୍ୟ କାର୍ଯ୍ୟରେ ବିନିଯୋଗ କରାଯାଇଥିଲା। ଗତବର୍ଷ ଝାରସୁଗୁଡା ବରପାଲି କୋଇଲା କରିଡରର ରେଳ ପ୍ରକଳ୍ପ ଲାଗି ଏନ୍‌ଟିପିସି ୧୪୦୦ କୋଟି ପୁଞ୍ଜି ବିନିଯୋଗ କରିଥିଲା। ଫଳରେ ରାଜ୍ୟ ଲାଗି ମୋଟ ରେଳ ପ୍ରକଳ୍ପ ପାଣ୍ଠି ୫୯୯୩ କୋଟି ଟଙ୍କା ଛୁଇଁଥିଲା। ପ୍ରକଳ୍ପଟି ଗତବର୍ଷ ଆରମ୍ଭ ହୋଇଥିବାରୁ ଏହାକୁ ଚଳିତବର୍ଷ ଏଥିରେ ସାମିଲ କରାଯାଇନାହିଁ। ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିବାରୁ ଏହି ପ୍ରକଳ୍ପ କିମ୍ବା ଏଭଳି ଅନ୍ୟ ପ୍ରକଳ୍ପରେ ଏନ୍‌ଟିପିସି କୌଣସି ପୁଞ୍ଜି ବିନିଯୋଗ କରିନାହିଁ। ଚଳିତ ବର୍ଷ ବଜେଟରେ ଗୋପାଳପୁର-ସମ୍ବଲପୁର ମଧ୍ୟରେ(ଭାୟା ଫୁଲବାଣୀ) ୨୪୧ କିମି ବିଶିଷ୍ଟ ନୂଆ ରେଳ ପ୍ରକଳ୍ପ (ମୂଲ୍ୟ ୨,୯୫୭ କୋଟି) ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପ୍ରକଳ୍ପକୁ ସରକାରଙ୍କ ଥିଙ୍କ ଟ୍ୟାଙ୍କ ନୀତି ଆୟୋଗ ଚୂଡ଼ାନ୍ତ ମଞ୍ଜୁରୀ ପ୍ରଦାନ କରିବ।

☞ପୃଷ୍ଠା–୪

**ନୂଆ ଲାଇନ/ ଚାଲୁଥିବା ପ୍ରକଳ୍ପ**

ଚଳିତ ବର୍ଷ ଗୋପାଳପୁର-ସମ୍ବଲପୁର (ଭାୟା ଫୁଲବାଣୀ) ନୂଆ ଲାଇନକୁ ମଞ୍ଜୁରୀ ମିଳିଥିବା ବେଳେ ପୂର୍ବରୁ ମଞ୍ଜୁରୀ ମିଳିଥିବା ଆଉ କିଛି ନୂଆ ଲାଇନର କାର୍ଯ୍ୟ ଚାଲୁ ରହିଛି। ଏହା ମଧ୍ୟରେ ରହିଛି ଅନୁଗୋଳ ସୁକିନ୍ଦା ରୋଡ (୯୮.୭ କି.ମି), ହରିଦାସପୁର-ପାରାଦୀପ(୮୨ କି.ମି), ଖୋର୍ଦ୍ଧାରୋଡ-ବଲାଙ୍ଗୀର(୨୮୯ କି.ମି), ତାଳଚେର-ବିମଳାଗଡ( ୧୫୪ କି.ମି), ଜୟପୁର-ମାଲକାନଗିରି(୧୩୦ କି.ମି), ଜୟପୁର-ନବରଙ୍ଗପୁର(୩୮ କି.ମି), ଖୋର୍ଦ୍ଧାରୋଡ-ବିଜୟନଗରମ ବାଇପାସ, ନୂଆପଡା- ଗୁଣୁପୁର ଲାଇନର ଥେରୁବାଲି ଯାଏ ସମ୍ପ୍ରସାରଣ (୭୯.୪୫ କି.ମି) ଏବଂ ତାଳଚେର-ଅନୁଗୋଳର ୧୪ କିମି ଲାଇନ ।


**ମାଟ୍ରିକ ପରୀକ୍ଷା ସାଥୀ ଦେଖନ୍ତୁ**

ପୃଷ୍ଠା - ୧୧


**ଆଜିର ସମ୍ପାଦକୀୟ**

**ଚନ୍ଦ୍ର ଓ ରାତ୍ରିଚର ଜୀବ**





Vencobb Chicken

05.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 70 | 119 | 129 |
| DKL | 73 | 123 | 133 |
| BDK | 74 | 124 | 134 |
| BLS | 77 | 128 | 138 |
| ANG | 74 | 124 | 134 |
| BHM | 69 | 118 | 128 |

*Conditions Apply

Issued in the Interest of Consumers


# ବସ୍‌ଷ୍ଟାଣ୍ଡରେ ହେବ ଶପିଂ ମଲ୍

- ରାଜ୍ୟର ସମସ୍ତ ବସ୍‌ଷ୍ଟାଣ୍ଡର ହେବ ଉନ୍ନତୀକରଣ
- ଓଏସ୍‌ଆର୍‌ଟିସି ବସ୍ ସଂଖ୍ୟା ବଢ଼ିବ, ଉନ୍ନତ ସେବା ମିଳିବ
- ଗଡ଼ିବ ଆଉ ୧୩୯ ମୋ ବସ୍, ୫୦ ଇ-ବସ୍

**ଭୁବନେଶ୍ୱର, ୫।୨ (ବ୍ୟୁରୋ)**

ରାଜ୍ୟର ସମସ୍ତ ବସ୍‌ଷ୍ଟାଣ୍ଡଗୁଡ଼ିକର ଉନ୍ନତୀକରଣ ହେବ। ସେଠାରେ ଶପିଂ ମଲ୍ କରାଯିବାକୁ ଯୋଜନା ଥିବାବେଳେ ଆବଶ୍ୟକସ୍ଥଳେ ବଡ଼ ବସ୍‌ଷ୍ଟାଣ୍ଡଗୁଡ଼ିକରେ ମଲ୍ଟିପ୍ଲେକ୍ସର ବ୍ୟବସ୍ଥା ମଧ୍ୟ କରାଯିବ। ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇବାକୁ ଲକ୍ଷ୍ୟ ରଖି ବସ୍‌ଷ୍ଟାଣ୍ଡଗୁଡ଼ିକରେ ଏଭଳି ଅତ୍ୟାଧୁନିକ ସୁବିଧାସୁଯୋଗ ଯୋଗାଇ ଦିଆଯିବ। ଏଥିସହ ରାଜ୍ୟ ସରକାରଙ୍କ ଦ୍ୱାରା ଚାଲୁଥିବା ଓଏସ୍‌ଆର୍‌ଟିସି ବସ୍ ସଂଖ୍ୟା ବଢ଼ାଯିବା ସହ ସେଥିରେ ଆବଶ୍ୟକ ସମସ୍ତ ବ୍ୟବସ୍ଥା ରହିବ। ଭୁବନେଶ୍ୱର, କଟକ ଓ ଖୋର୍ଦ୍ଧାରେ ଚାଲୁଥିବା 'ମୋ ବସ୍' ପରି ଓଏସ୍‌ଆରଟିସିର ବସ୍‌ଗୁଡ଼ିକରେ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦିଆଯିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି।

'ମୋ ବସ୍' ସେବା ଯୋଗାଉଥିବା କ୍ରୁଟ୍ ଏବଂ ଜର୍ମାନୀ ସଂସ୍ଥା ଜିଆଇଜେଡ୍‌ର ମିଳିତ ଉଦ୍ୟମରେ ଓଡ଼ିଶାର ପରିବହନ ସେବାର ସୁଗମ ପରିଚାଳନାକୁ ନେଇ ଭୁବନେଶ୍ୱରଠାରେ ଦୁଇଦିନିଆ କାର୍ଯ୍ୟକ୍ରମ 'ମୋବିଲଗ୍' ଆରମ୍ଭ ହୋଇଛି। ବୁଧବାର ଭିଏସ୍‌ଏସ୍‌ନଗରସ୍ଥିତ ଏକ ହୋଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଜେନା କହିଲେ, ଆଗାମୀ ଦିନରେ ମୋ ବସ୍ ପରି ଓଏସ୍‌ଆର୍‌ଟିସି ସେବାକୁ ମଧ୍ୟ ଅଧିକ ସମୃଦ୍ଧ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

କ୍ରୁଟ୍‌ର ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା କହିଥିଲେ, ବର୍ତ୍ତମାନ କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧାର ୨୧ ରୁଟ୍‌ରେ ଦୈନିକ ୨୦୦ 'ମୋ ବସ୍' ଯାତାୟାତ କରୁଛି। 'ମୋ ବସ୍'ର ଉନ୍ନତ ସେବା ପାଇଁ କେନ୍ଦ୍ର ସରକାର ରାଜ୍ୟକୁ ପ୍ରଶଂସା କରିଛନ୍ତି। ଚଳିତବର୍ଷଠାରୁ ମୋ ବସ୍‌ର ରୁଟ୍‌କୁ ବଢ଼ାଯିବା ସହ ଆଉ ୧୩୯ ମୋ ବସ୍ ଓ ୫୦ ଇ-ବସ୍ ଚଳାଚଳ ଆରମ୍ଭ କରିବ। ଓଏସ୍‌ଆରଟିସି ଓ କ୍ରୁଟ କିଭଳି ଭାବେ ରାଜ୍ୟରେ ଉନ୍ନତ ବସ୍ ସେବା ଯୋଗାଇବା କ୍ଷେତ୍ରରେ କାର୍ଯ୍ୟ କରିବେ ତାହା ଉପରେ ଆଲୋଚନା କରିଥିଲେ। ଦୈନିକ ୧ଲକ୍ଷ ୫୦ ହଜାର ଯାତ୍ରୀ ଛୁଇଁବା 'ମୋ ବସ୍'ର ଆଗାମୀ ଲକ୍ଷ୍ୟ ବୋଲି ବୋଥ୍ରା କହିଥିଲେ। ଜିଆଇଜେଡ୍‌ର ବରିଷ୍ଠ ଅଧିକାରୀ ଲଘୁ ପରାସର, କ୍ରୁଟ୍‌ର ଜିଏମ୍ ଦୀପ୍ତି ମହାପାତ୍ର ଏ ସଂକ୍ରାନ୍ତରେ ନିଜର ମତ ରଖିଥିଲେ। କ୍ରୁଟ୍, ଓଏସ୍‌ଆରଟିସି ସମେତ ଗଞ୍ଜାମ, ସମ୍ବଲପୁର, ରାଉରକେଲାର ୧୨୦ଜଣ ପରିବହନ ଅଧିକାରୀ ଯୋଗଦେଇଥିଲେ।


**OFFICE OF THE TRANSPORT COMMISSIONER-CUM-CHAIRMAN STATE TRANSPORT AUTHORITY, ODISHA, CUTTACK**

**CORRIGENDUM**

Vacant routes were notified in the newspaper in "Samaj" and "Dharitri" and English newspaper "The Times of India" on 05.02.2020 inviting applications for grant of permanent permit. In the said notification the route Cuttack to Athamalik Via. Dhenkanal, Angul and Bhubaneswar to Baripada & back was notified inadvertently which are hereby withdrawn. No applications will be received / considered for above routes.

Secretary
State Transport Authority
Odisha, Cuttack


# ରାମମନ୍ଦିର ଟ୍ରଷ୍ଟ ଘୋଷଣା କଲେ ମୋଦି

- ଜଣେ ଦଳିତଙ୍କ ସମେତ ୧୫ ଟ୍ରଷ୍ଟି ରହିବେ
- ମସ୍‌ଜିଦ ନିର୍ମାଣ ପାଇଁ ୫ ଏକର ଜମି ଦେଲେ ୟୁପି ସରକାର

**ନୂଆଦିଲ୍ଲୀ/ଲକ୍ଷ୍ନୌ,୫।୨(ପି.ଟି.)**

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ଲାଗି ଟ୍ରଷ୍ଟ ଗଠନ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଲୋକ ସଭାରେ ଘୋଷଣା କରିଛନ୍ତି। ଗତବର୍ଷ ନଭେମ୍ବରରେ ସର୍ବୋଚ୍ଚ ଅଦାଲତ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ମାମଲାରେ ଐତିହାସିକ ରାୟ ଦେଇ ବିବାଦୀୟ ସ୍ଥଳରେ ରାମନ୍ଦିର ଓ ଅନ୍ୟତ୍ର ମସ୍‌ଜିଦ ନିର୍ମାଣ ପାଇଁ କହିଥିଲେ। କେନ୍ଦ୍ର କ୍ୟାବିନେଟ ବୈଠକ ପରେ ଲୋକ ସଭାକୁ ସୂଚନା ଦେଇ ମୋଦି କହିଛନ୍ତି, ରାମମନ୍ଦିର ନିର୍ମାଣ ପାଇଁ ସରକାର ଏକ ଯୋଜନା ପ୍ରସ୍ତୁତ କରିଛନ୍ତି।

☞ପୃଷ୍ଠା–୪


DSPL - 263

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ
ଓଡ଼ିଶା ସରକାର

**ନୋଭେଲ୍ କରୋନା ଭୂତାଣୁ**

**ଚୀନ୍ ଦେଶରୁ ଫେରିଥିବା ଯାତ୍ରୀମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ସୂଚନା**

**ଆପଣ ଓ ଆପଣଙ୍କ ପରିବାରର ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଜାଣିବା ଜରୁରୀ**

ଚୀନ୍ ଦେଶରେ କରୋନା ଭୂତାଣୁ ସଂକ୍ରମଣର ପ୍ରାଦୁର୍ଭାବ ଲାଗି ରହିଛି ଏବଂ ବିଶ୍ୱର ଅନ୍ୟ ଦେଶମାନଙ୍କରୁ ସଂକ୍ରମିତ ରୋଗୀଙ୍କ ସୂଚନା ଆସିବାରେ ଲାଗିଛି । ସାଧାରଣ ସର୍ଦ୍ଦି, ଜ୍ୱର, କାଶ, ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ଇତ୍ୟାଦି କରୋନା ଭୂତାଣୁ ସଂକ୍ରମଣର ଲକ୍ଷଣ ହୋଇପାରେ ।

1 କାଶ  2 ଜ୍ୱର  3 ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ

**ନିଜକୁ ଓ ଅନ୍ୟମାନଙ୍କୁ ଏହି ସଂକ୍ରମଣରୁ ସୁରକ୍ଷିତ ରଖିବାର ଉପାୟ**

ଯଦି ଆପଣ ବିଗତ ୧୪ ଦିନ ମଧ୍ୟରେ ଚୀନ୍ ଦେଶ ଗସ୍ତ କରିଥିବେ କିମ୍ବା କରୋନା ଭୂତାଣୁ ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବେ ତେବେ ନିମ୍ନଲିଖିତ ପରାମର୍ଶ ପ୍ରତି ନିଶ୍ଚିତ ଧ୍ୟାନ ଦିଅନ୍ତୁ;

- ଫେରିବାର ୧୪ ଦିନ ପର୍ଯ୍ୟନ୍ତ ଘର ଭିତରେ ଏକୁଟିଆ ରୁହନ୍ତୁ
  ୧. ଅଲଗା କୋଠରୀରେ ଶୁଅନ୍ତୁ
  ୨. ପରିବାରର ଅନ୍ୟ ସଦସ୍ୟଙ୍କ ସହ ମିଳାମିଶା କମ୍ କରନ୍ତୁ ଏବଂ ଅତିଥିଙ୍କଠାରୁ ଦୂରେଇ ରୁହନ୍ତୁ
- କାଶ, ଛିଙ୍କ ସମୟରେ ମୁହଁ ଓ ନାକକୁ ରୁମାଲ୍‌ରେ ଘୋଡାଇ ରଖନ୍ତୁ
- ସର୍ଦ୍ଦି କିମ୍ବା ଫ୍ଲୁ ଭଳି ଲକ୍ଷଣ ଥିବା ବ୍ୟକ୍ତିଙ୍କଠାରୁ ଦୂରେଇ ରୁହନ୍ତୁ

**ପରିବାରର ସମସ୍ତେ ହାତକୁ ସାବୁନ୍‌ରେ ଭଲ ଭାବରେ ଧୁଅନ୍ତୁ ଏବଂ ସର୍ବଦା ହାତ ପରିଷ୍କାର ରଖନ୍ତୁ ।**

କାଶିବା ବା ଛିଙ୍କିବା ପରେ | ଅସୁସ୍ଥ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଲେ | ଖାଦ୍ୟ ପ୍ରସ୍ତୁତି, ପରିବେଷଣ ପୂର୍ବରୁ ଓ ପରେ | ଖାଇବା ପୂର୍ବରୁ | ଶୌଚ ପରେ | ହାତ ମଇଳା ହେଲେ | ପ୍ରାଣୀ ବା ପ୍ରାଣୀଙ୍କ ମଳ, ଲାଳ, ରକ୍ତ ଇତ୍ୟାଦି ସଂସ୍ପର୍ଶରେ ଆସିଲେ

**ଆପଣ ଚୀନ୍ ଦେଶରୁ ଫେରିବାର ୨୮ ଦିନ ମଧ୍ୟରେ ଯଦି ଜ୍ୱର, କାଶ କିମ୍ବା ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ କରନ୍ତି ତେବେ :**

- ମୁହଁ ଓ ନାକକୁ ରୁମାଲ୍‌ରେ ଘୋଡାଇ ରଖନ୍ତୁ ଏବଂ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ଏବଂ ବିଚଳିତ ହୁଅନ୍ତୁ ନାହିଁ ।
- ତୁରନ୍ତ ରାଜ୍ୟ ଜନସ୍ୱାସ୍ଥ୍ୟ ନିୟନ୍ତ୍ରଣ କକ୍ଷ ଫୋନ୍ ନଂ. ୦୬୭୪ ୨୩୯୦୪୬୬ କିମ୍ବା ମୋ: ୯୪୩୯୯୯୪୮୫୭ / ୯୪୩୯୯୯୧୨୨୧ / ୯୪୩୯୯୯୪୮୫୯ ରେ ଯୋଗାଯୋଗ କରନ୍ତୁ ।

facebook.com/HFWOdisha | http://www.health.odisha.gov.in/ | @HFWOdisha

OIPR - 10003/13/0074/1920



ଭାରତର ଆଭ୍ୟନ୍ତରୀଣ ମାମଲାରେ ହସ୍ତକ୍ଷେପ କରିବା ଅଧିକାର କୌଣସି ବିଦେଶୀ ରାଷ୍ଟ୍ରର ନାହିଁ।

-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି



# ପ୍ରତିରକ୍ଷା ରପ୍ତାନି ଲକ୍ଷ୍ୟ ୩୫ ହଜାର କୋଟି

**ଲକ୍ଷ୍ନୌ,୫।୨(ପି.ଟି.)**

ଆଗାମୀ ୫ ବର୍ଷରେ ପ୍ରତିରକ୍ଷା ରପ୍ତାନି ୫ ବିଲିୟନ ଡଲାର (ପାଖାପାଖି ୩୫ ହଜାର କୋଟି ଟଙ୍କା)ରେ ପହଞ୍ଚାଇବା ପାଇଁ ଭାରତ ଲକ୍ଷ୍ୟ ରଖିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ବୃଦ୍ଧି ଏବଂ ଏଠାରେ ଶିଳ୍ପ ସ୍ଥାପନ ଲାଗି ନିବେଶକମାନଙ୍କୁ ଆକୃଷ୍ଟ କରିବା ନିମନ୍ତେ ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୋଦି ସୂଚନା ଦେଇଥିଲେ। ଏକାଦଶ ପ୍ରତିରକ୍ଷା ପ୍ରଦର୍ଶନୀ (ଡିଫେନ୍ସ ଏକ୍ସପୋ)କୁ ଉଦ୍‌ଘାଟନ କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ଭାରତ ଭଳି ଏକ ବିଶାଳ ଦେଶ ପ୍ରତିରକ୍ଷା ସରଞ୍ଜାମ ପାଇଁ ସମ୍ପୂର୍ଣ୍ଣ ଭାବେ ବିଦେଶ ଉପରେ ନିର୍ଭରଶୀଳ ହୋଇପାରିବ ନାହିଁ। ଏଥିପାଇଁ ଗତ ୫ ବର୍ଷ ମଧ୍ୟରେ ତାଙ୍କ ସରକାର ଅନେକ କମ୍ପାନୀକୁ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ପାଇଁ ଲାଇସେନ୍ସ ପ୍ରଦାନ କରିଛନ୍ତି। ୨୦୧୪ରେ ୨୧୦ଟି କମ୍ପାନୀକୁ ଲାଇସେନ୍ସ ଦିଆଯାଇଥିବାବେଳେ ଗତବର୍ଷ ଏହି ସଂଖ୍ୟା ୪୬୦କୁ ବୃଦ୍ଧି ପାଇଛି। ଭାରତ କମାଣଠାରୁ ଆରମ୍ଭ କରି ଲଢୁଆ ବିମାନ, ବିମାନବାହୀ ଯୁଦ୍ଧଜାହାଜ, ବୁଡ଼ାଜାହାଜ, ହାଲୁକା ଲଢୁଆ ବିମାନ ଏବଂ ଲଢୁଆ ହେଲିକପ୍ଟର ଆଦି ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ କରୁଛି। 'ଭାରତରେ ଭାରତ ଓ ବିଶ୍ୱ ପାଇଁ ନିର୍ମାଣ' ଆମର ମନ୍ତ୍ର ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ୨୦୧୪ରେ ଭାରତ ୨୦୦୦ କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ ରପ୍ତାନି କରିଥିବାବେଳେ ଗତ ଦୁଇବର୍ଷରେ ଏହା ୧୭,୦୦୦ କୋଟି ଟଙ୍କାରେ ପହଞ୍ଚିଛି। ଆଗାମୀ ୫ ବର୍ଷରେ ଏହାକୁ ୩୫ ହଜାର କୋଟି ଟଙ୍କାରେ ପହଞ୍ଚାଇବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଉତ୍ତରପ୍ରଦେଶ ଦେଶର ପ୍ରତିରକ୍ଷା ଉତ୍ପାଦନ ହବ୍ ହେବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଏସ୍‌ଡି) ଏବଂ ସାମରିକ ବ୍ୟାପାର ବିଭାଗ ପ୍ରତିଷ୍ଠା ପ୍ରତିରକ୍ଷା ଉତ୍ପାଦନ ବୃଦ୍ଧିରେ ସହାୟକ ହେବ। ଆଗାମୀ ଦିନରେ ଭାରତ ମହାକାଶରେ ନିଜର ଉପସ୍ଥିତି ବଢ଼ାଇବାକୁ ଯାଉଛି ବୋଲି ମୋଦି କହିଥିଲେ।

୮ରେ ଶେଷ ହେବାକୁ ଥିବା ଏହି ଏକ୍ସପୋରେ ଦେଶବିଦେଶରୁ ଅନେକ ପ୍ରତିରକ୍ଷା ଶିଳ୍ପସଂସ୍ଥା ଅଂଶଗ୍ରହଣ କରିଛନ୍ତି। ଭାରତର ଉଭୟ ସରକାରୀ ଓ ଘରୋଇ ପ୍ରତିରକ୍ଷା ଉତ୍ପାଦନକାରୀ, ଓଇଏମ୍ ଏବଂ ଏମ୍ଏସ୍ଏମ୍ଇ ଭାଗନେଇ ସେମାନଙ୍କ ସାମଗ୍ରୀ ପ୍ରଦର୍ଶନ କରିଛନ୍ତି। ଗୋଟିଏ ସ୍ଥାନରେ ସବୁ ପ୍ରକାର ପ୍ରତିରକ୍ଷା ସାମଗ୍ରୀ ଦେଖିବାକୁ ମିଳିଛି। ୨୦୧୮ରେ ଚେନ୍ନାଇରେ ଅନୁଷ୍ଠିତ ଡିଫେନ୍ସ ଏକ୍ସପୋରେ ୫୪୨ ଭାରତୀୟ ଓ ୧୬୦ ବିଦେଶୀ କମ୍ପାନୀ ଭାଗନେଇଥିଲେ। ଏଥିରେ ୫୦ଟି ଦ୍ୱିପାକ୍ଷିକ ବୈଠକ ହେବା ସହ ୪୦ ଏମ୍ଓୟୁ ସ୍ୱାକ୍ଷର ହୋଇଥିଲା।



ଲକ୍ଷ୍ନୌରେ ଡିଫେନ୍ସ ଏକ୍ସପୋ ଉଦ୍‌ଘାଟନ ଅବସରରେ ରାଇଫଲ ଧରି ଲକ୍ଷ୍ୟ ସ୍ଥିର କରୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ଡ୍ରୋନ୍ ବିକ୍ରି ପାଇଁ ହାଲ୍-ଇସ୍ରାଏଲ କମ୍ପାନୀ ଏମ୍ଓୟୁ

**ଲକ୍ଷ୍ନୌ,୫।୨(ଆଇଏଏନ୍ଏସ୍)**

ଡ୍ରୋନ୍ ନିର୍ମାଣ ଓ ବିକ୍ରି ଲାଗି ରାଷ୍ଟ୍ରାୟତ୍ତ ଏରୋସ୍ପେସ୍ ଓ ପ୍ରତିରକ୍ଷା କମ୍ପାନୀ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍(ହାଲ୍) ଇସ୍ରାଏଲର ଏକ କମ୍ପାନୀ ସହ ବୁଝାମଣାପତ୍ର (ଏମ୍ଓ) ସ୍ୱାକ୍ଷର କରିଛି। ଡିଫେନ୍ସ ଏକ୍ସପୋ ୨୦୨୦ ଅବସରରେ ବୁଧବାର ହାଲ୍ ଇସ୍ରାଏଲ୍ ଏରୋସ୍ପେସ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ (ଆଇଏଆଇ) ଏବଂ ବେଙ୍ଗାଲୁରୁସ୍ଥିତ ଡାଇନାମିକ୍ ଟେକ୍ନୋଲୋଜିଜ୍ ଲିମିଟେଡ୍ (ଡିଟିଏଲ୍) ସହ ଏମ୍ଓୟୁ ସ୍ୱାକ୍ଷର କରିଥିବା ଜଣାପଡିଛି। ଏହି ମିଳିତ ଉଦ୍ୟମ ହାଲ୍‌କୁ ପ୍ରତିରକ୍ଷା ସରଞ୍ଜାମ ବିକ୍ରି ବଢ଼ାଇବା ସହ ଗୁରୁତ୍ୱପୂର୍ଣ୍ଣ ଟେକ୍ନୋଲୋଜି ଆହରଣ କରିବା ଏବଂ ଦେଶରେ ଏରୋସ୍ପେସ୍ ବାତାବରଣକୁ ସମୃଦ୍ଧ କରିପାରିବାରେ ସହାୟକ ହୋଇପାରିବ ବୋଲି ଏହାର ସିଏମ୍‌ଡି ଆର୍. ମାଧବନ୍ କହିଛନ୍ତି। ଯୁଦ୍ଧ ସମେତ ଗୋଇନ୍ଦାଗିରି ଓ ସୈନ୍ୟ ସର୍ବେକ୍ଷଣ ଆଦି କୌଶଳଗତ ମିଶନରେ ଭାରତୀୟ ଡ୍ରୋନ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଆସିଛି। ଏଥିପାଇଁ ଅଗାମୀ ଦିନରେ ସେନାରେ ଅଧିକ ଡ୍ରୋନ୍ ସାମିଲ ହେବାକୁ ଯାଉଛି।





ୱାଶିଂଟନସ୍ଥିତ କ୍ୟାପିଟଲ ହିଲ୍‌ରେ କଂଗ୍ରେସର ମିଳିତ ଅଧିବେଶନକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ଷ୍ଟେଟ୍ ଅଫ୍ ଦି ୟୁନିୟନ୍ ଆଡ୍ରେସ୍' ପରେ ତାଙ୍କ ଅଭିଭାଷଣ କପିକୁ ଚିରିଦେଉଛନ୍ତି ବାଚସ୍ପତି ନାନ୍ସି ପେଲୋସି।

# କେ. ପରାଶରନ୍ ହେବେ ରାମମନ୍ଦିର ଟ୍ରଷ୍ଟ ମୁଖ୍ୟ

**ନୂଆଦିଲ୍ଲୀ/ଲକ୍ଷ୍ନୌ,୫।୨**

**ଅଯୋଧ୍ୟା ଜିଲାପାଳ ସଂଯୋଜକ**



କେ. ପରାଶରନ୍

ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ବିବାଦ ମାମଲାରେ ହିନ୍ଦୁ ପକ୍ଷର ପ୍ରତିନିଧିତ୍ୱ କରିଥିବା ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ କେ. ପରାଶରନ୍ (୯୨) ରାମ ମନ୍ଦିର ନିର୍ମାଣ ପାଇଁ ଗଠନ ହେବାକୁ ଯାଉଥିବା ଟ୍ରଷ୍ଟର ମୁଖ୍ୟ ହେବେ ବୋଲି ଜଣାପଡିଛି। ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଗଠନ ନେଇ ବୁଧବାର ସକାଳେ କେନ୍ଦ୍ର ସରକାର ବିଜ୍ଞପ୍ତି ଜାରି କରିଛନ୍ତି। ଏହାର କାର୍ଯ୍ୟାଳୟ ଦକ୍ଷିଣ ଦିଲ୍ଲୀର ଗ୍ରେଟର କୈଳାସ-୧ରେ ଥିବା ପରାଶରନଙ୍କ ବାସଭବନରେ ଚାଲିବ। ଗତବର୍ଷ ନଭେମ୍ବର ୯ରେ ସୁପ୍ରିମକୋର୍ଟ ଅଯୋଧ୍ୟା ଜମି ବିବାଦ ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ ବିବାଦୀୟ ସ୍ଥଳରେ ରାମମନ୍ଦିର ନିର୍ମାଣ ଓ ଅନ୍ୟତ୍ର ମସ୍‌ଜିଦ ନିର୍ମାଣ ଲାଗି ସୁନ୍ନୀ ୱାକଫ୍ ବୋର୍ଡକୁ ୫ ଏକର ଜମି ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ହିନ୍ଦୁ ପକ୍ଷର ବିଜୟ ହେବାରେ ପରାଶରନଙ୍କର ବଡ଼ ଅବଦାନ ଥିଲା। ରାୟ ପ୍ରକାଶ ପାଇବା ପରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍ଏସ୍ଏସ୍)ର ଦୁଇ ଶୀର୍ଷ ନେତା ମୋହନ ଭାଗବତ ଓ ସୁରେଶ ଭୟାଜୀ ଜୋଷୀ ପରାଶରନଙ୍କୁ ଧନ୍ୟବାଦ ଜଣାଇବା ପାଇଁ ତାଙ୍କ ଘରକୁ ଯାଇଥିଲେ।

ଟ୍ରଷ୍ଟରେ କେଉଁମାନେ ସଦସ୍ୟ ରହିବେ ଯଦିଓ ସରକାରୀ ଭାବେ ଘୋଷଣା କରାଯାଇନାହିଁ ତେବେ ଏଥିରେ ଦୁଇଜଣ ବରିଷ୍ଠ ସରକାରୀ ଅଧିକାରୀ ରହିବେ। ଅଯୋଧ୍ୟା ଜିଲାପାଳ ଟ୍ରଷ୍ଟର ସଂଯୋଜକ ରହିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡିଛି। ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତିପୀଠ ଶଙ୍କରାଚାର୍ଯ୍ୟ ଖ୍ୟାତନାମା ସନ୍ଥ ସ୍ୱାମୀ ବାସୁଦେବାନନ୍ଦ ସରସ୍ୱତୀ, ମାଙ୍ଗାଲୁରୁ ପୀଜାୱର ମଠର ବିଶ୍ୱ ତୀର୍ଥ, ପୁଣେ ବେଦ ବିଦ୍ୟା ପ୍ରତିଷ୍ଠାନର ସ୍ୱାମୀ ଗୋବିନ୍ଦ ଦେବ ଗିରି ମହାରାଜ, ହରିଦ୍ୱାରର ଯୁଗପୁରୁଷ ସ୍ୱାମୀ ପରମାନନ୍ଦ, ନିର୍ମୋହୀ ଆଖଡା ମହନ୍ତ ସ୍ୱାମୀ ଦିନେନ୍ଦ୍ର ନାଥ, ବିମଳେନ୍ଦ୍ର ମୋହନ ପ୍ରତାପ ମିଶ୍ରା, ଡ. ଅନିଲ ମିଶ୍ରା (ଅଯୋଧ୍ୟା) ଏବଂ ଡ. କମଳେଶ୍ୱର ଚୌପାଲ (ପାଟନା) ସଦସ୍ୟ ରହିବେ ବୋଲି ବିଶ୍ୱ ହିନ୍ଦୁ ପରିଷଦ ସୂତ୍ରରୁ ଜାଣିବାକୁ ମିଳିଛି। ଏହାବ୍ୟତୀତ ୬ ଜଣ ମନୋନୀତ ସଦସ୍ୟ ରହିବେ। ସେମାନଙ୍କୁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଚୟନ କରାଯିବ। ଅଯୋଧ୍ୟା ଆନ୍ଦୋଳନ ସହ ସକ୍ରିୟ ଭାବେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଟ୍ରଷ୍ଟରେ ନିଆଯିବ ବୋଲି ଭିଏଚ୍‌ପିର ଜଣେ ବରିଷ୍ଠ ନେତା କହିଛନ୍ତି।

# କହ୍ନେୟା କୁମାରଙ୍କ କାର୍‌କୁ ଆକ୍ରମଣ

**ନୂଆଦିଲ୍ଲୀ,୫।୨:** ସିପିଆଇ ନେତା କହ୍ନେୟା କୁମାରଙ୍କ ଉପରେ ବିହାରରେ ବୁଧବାର ଟେକାମାଡ଼ ହୋଇଛି। ପାଟନାରୁ ୨୫୦ କି.ମି. ଦୂର ସୁପାଉଲଠାରେ ସେ କାର୍‌ରେ ଯାଉଥିବାବେଳେ କେତେଜଣ ବ୍ୟକ୍ତି ଆକ୍ରମଣ କରିଥିଲେ। ଜେଏନ୍‌ୟୁ ଛାତ୍ର ସଂସଦର ପୂର୍ବତନ ସଭାପତି କହ୍ନେୟା କୁମାର ସୁପାଉଲରୁ ଜନ୍ ଗନ୍ ମନ୍ ଯାତ୍ରରେ ସହର୍ଷ ଅଭିମୁଖେ ସନ୍ଧ୍ୟା ୫ଟାରେ ଯାଉଥିଲେ। ମଲିକଚୌକ ନିକଟରେ ତାଙ୍କ କାର୍‌କେଡ୍‌କୁ କେତେଜଣ ବ୍ୟକ୍ତି ଆକ୍ରମଣ କରିଥିଲେ। କହ୍ନେୟା ଏଥିରୁ ବର୍ତ୍ତିଯାଇଥିବାବେଳେ ତାଙ୍କ ଡ୍ରାଇଭର ଓ ଅନ୍ୟ ଜଣେ ଆହତ ହୋଇଛନ୍ତି। ସିଏଏ ଏବଂ ଏନ୍‌ଆର୍‌ସି ସମର୍ଥକମାନେ ତାଙ୍କ କାର୍‌କେଡ୍‌କୁ ଭାଙ୍ଗିଦେଇ କାଳି ପକାଇଦେଇଛନ୍ତି। ପୋଲିସ ଆକ୍ରମଣକାରୀଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି।





ପଶ୍ଚିମବଙ୍ଗର ନଦୀୟା ଜିଲାରେ ଆୟୋଜିତ ସିଏଏ ବିରୋଧୀ ସଭାରେ ଘଣ୍ଟ ବାଡ଼ଉଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

# ସଜ୍ଜାଦ ଲୋନ୍ ଅଟକମୁକ୍ତ ପରେ ଗୃହବନ୍ଦୀ

**ଶ୍ରୀନଗର,୫।୨**

ଜମ୍ମୁ-କଶ୍ମୀରର ଦୁଇ ପ୍ରମୁଖ ରାଜନେତା ସଜ୍ଜାଦ ଲୋନ୍ ଓ ୱାହିଦ ପାରାଙ୍କୁ ବୁଧବାର ଅଟକମୁକ୍ତ କରାଯିବା ପରେ ତାଙ୍କୁ ପ୍ରଶାସନ ଗୃହବନ୍ଦୀ ରଖିଛି। ଗତବର୍ଷ ଅଗଷ୍ଟରେ ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ସହ ଏହି ନେତାମାନଙ୍କୁ ଅଟକ ରଖାଯାଇଥିଲା। ଠିକ୍ ୬ ମାସ ପରେ ସେମାନଙ୍କୁ ଅଟକରୁ ମୁକ୍ତ କରାଯାଇଛି। ଜମ୍ମୁ-କଶ୍ମୀର ପିପୁଲ୍ସ କନ୍‌ଫରେନ୍ସ ନେତା ଲୋନ୍ ଏବଂ ପିଡିପି ନେତା ୱାହିଦ ଶ୍ରୀନଗରସ୍ଥିତ ବିଧାୟକ



ସଜ୍ଜାଦ ଲୋନ୍

ହଷ୍ଟେଲରୁ ବାହାରିବା ମାତ୍ରେ ସେମାନଙ୍କୁ ଗୃହବନ୍ଦୀ କରାଯାଇଥିଲା। ରାଜ୍ୟର ୩ ପୂର୍ବତନ ମୁଖ୍ୟମନ୍ତ୍ରୀ ନ୍ୟାଶନାଲ କନ୍‌ଫରେନ୍ସ ନେତା ଫାରୁକ୍ ଅବଦୁଲ୍ଲା, ତାଙ୍କ ପୁଅ ଓମାର ଅବ୍‌ଦୁଲ୍ଲା ଏବଂ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫ୍ତି ଏବେ ମଧ୍ୟ ଅଟକ ରହିଛନ୍ତି। ସେମାନେ କେବେ ମୁକ୍ତ ହେବେ ସେନେଇ କେନ୍ଦ୍ର ସରକାର କୌଣସି ନିର୍ଦ୍ଦିଷ୍ଟ ତାରିଖ ଦେଇନାହାନ୍ତି। ଉପଯୁକ୍ତ ସମୟରେ ସେମାନଙ୍କୁ ମୁକ୍ତ କରାଯିବ ବୋଲି ସରକାର କହିଆସୁଛନ୍ତି। ମଙ୍ଗଳବାର ଜମ୍ମୁ-କଶ୍ମୀର ପ୍ରଶାସନ ଦୁଇଜଣ ନେତା ପୂର୍ବତନ ପିଡିପି ବିଧାୟକ ଐଜାଜ୍ ଅହମଦ ମୀର୍ ଏବଂ ଶକିଲ ଅହମଦ କଲନ୍ଦରଙ୍କୁ ମୁକ୍ତ କରିଥିଲେ। ଶକିଲ ହେଉଛନ୍ତି ଫେଡେରେଶନ ଚାମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ୍, କଶ୍ମୀରର ପୂର୍ବତନ ଅଧ୍ୟକ୍ଷ।

ବର୍ତ୍ତମାନ ସୁଦ୍ଧା ଜମ୍ମୁ-କଶ୍ମୀରରେ ୩୮୯ ଜଣଙ୍କୁ ଜନସୁରକ୍ଷା ଆଇନ (ପିଏସ୍ଏ)ରେ ଅଟକ ରଖାଯାଇଥିବା ସରକାର ବୁଧବାର ରାଜ୍ୟ ସଭାରେ କହିଛନ୍ତି। ମୋଟ ୪୪୪ ଜଣଙ୍କ ବିରୋଧରେ ପିଏସ୍ଏରେ ଅଟକ ନିର୍ଦ୍ଦେଶନାମା ଜାରି ହୋଇଥିଲା। ସେଥିରୁ ବର୍ତ୍ତମାନ ସୁଦ୍ଧା ୩୮୯ ଜଣ ଏବେ ଅଟକ ରହିଥିବା ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଜି. କିଷନ ରେଡ୍ଡୀ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଥିଲେ।

# ଏମ୍‌ପି କ୍ୟାବିନେଟରେ ସିଏଏ ବିରୋଧୀ ପ୍ରସ୍ତାବ ଗୃହୀତ

**ଭୋପାଳ, ୫।୨**

ମଧ୍ୟପ୍ରଦେଶ(ଏମ୍‌ପି) କ୍ୟାବିନେଟରେ ସିଏଏ ବିରୋଧୀ ପ୍ରସ୍ତାବ ବୁଧବାର ଗୃହୀତ ହୋଇଛି। ଏଥିସହ କେନ୍ଦ୍ର ସରକାର ଏହି ଆଇନକୁ ସମ୍ପୂର୍ଣ୍ଣ ଭାବେ ରଦ୍ଦକରିବା ଲାଗି ଅନୁରୋଧ କରାଯାଇଛି। ଧର୍ମ ଆଧାରରେ କରାଯାଇଥିବା ଏହି ଆଇନ ବେଆଇନ ଅନୁପ୍ରବେଶକାରୀଙ୍କ ମଧ୍ୟରେ ଭେଦଭାବ ସୃଷ୍ଟି କରୁଛି, ଯାହାକି ଧର୍ମନିରପେକ୍ଷତାବାଦକୁ ବିରୋଧ କରୁଛି। ସମ୍ବିଧାନ କାର୍ଯ୍ୟକାରୀ ହେବାଠାରୁ ପ୍ରଥମ ଥର ଏଭଳି ଧାର୍ମିକ ଭେଦଭାବ ସୃଷ୍ଟି କରୁଥିବା ଆଇନକୁ ସ୍ୱୀକୃତି ଦିଆଯାଇଛି ବୋଲି ଦର୍ଶାଯାଇଛି। ଲୋକଙ୍କ ମନରେ ଏହା ଭିନ୍ନ ଧାରଣା ସୃଷ୍ଟି କରୁଛି। ଏହାକୁ ବିରୋଧ କରି ଦେଶବ୍ୟାପୀ ବିକ୍ଷୋଭ ଜାରି ରହିଛି। ମଧ୍ୟପ୍ରଦେଶରେ ମଧ୍ୟ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ସିଏଏ ବିରୋଧରେ କରାଯାଇଛି। ପ୍ରସ୍ତାବରେ ପୁଣି କୁହାଯାଇଛି ଯେ, ଜାତୀୟ ଜନସଂଖ୍ୟା ପଞ୍ଜିକା(ଏନ୍‌ପିଆର୍)ରେ ଥିବା ନୂଆ ପ୍ରଶ୍ନଗୁଡ଼ିକୁ ମଧ୍ୟ ବାଦ୍ ଦିଆଯାଉ। ଏଠାରେ ସୂଚନାଯୋଗ୍ୟ ଯେ, ମଧ୍ୟପ୍ରଦେଶର ଦୁଇ ଭାଜପା ନେତା ଅଜିତ ବୋରାସି ଓ ମୈହାର ବିଧାୟକ ନାରାୟଣ ତ୍ରିପାଠୀ ସିଏଏକୁ ବିରୋଧ କରୁଛନ୍ତି। ପୂର୍ବରୁ କେରଳ, ପଞ୍ଜାବ, ପଶ୍ଚିମବଙ୍ଗ ଓ ରାଜସ୍ଥାନ ବିଧାନସଭାରେ ସିଏଏ ବିରୋଧୀ ପ୍ରସ୍ତାବ ଗୃହୀତ ହୋଇସାରିଥିବାବେଳେ କଂଗ୍ରେସ ଶାସିତ ଛତିଶଗଡ଼ ଏନେଇ ପ୍ରସ୍ତୁତି ଆରମ୍ଭ କରିଛି। ତେଲଙ୍ଗାନା ସରକାର ରାଜ୍ୟରେ ସିଏଏ କାର୍ଯ୍ୟକାରୀ କରିବେ ନାହିଁ ବୋଲି ଘୋଷଣା କରିସାରିଛନ୍ତି।

## ସିଏଏ ସପକ୍ଷରେ ରଜନୀକାନ୍ତ

ଚେନ୍ନାଇ, ୫।୨(ପି.ଟି.): ସାଉଥ୍ ସୁପରଷ୍ଟାର୍ ରଜନୀକାନ୍ତ ସିଏଏ ଏବଂ ଏନ୍‌ଆର୍‌ସିକୁ ଦୃଢ଼ ସମର୍ଥନ କରିଛନ୍ତି। ସେ କହିଛନ୍ତି, ଏହାଦ୍ୱାରା ମୁସଲ୍‌ମାନଙ୍କ ପ୍ରତି କୌଣସି ବିପଦ ନାହିଁ। ଏନ୍‌ପିଆର୍ ଦେଶ ଲାଗି ଗୁରୁତ୍ୱପୂର୍ଣ୍ଣ। ସିଏଏ ଓ ଏନ୍‌ପିଆର୍ ନେଇ ଲୋକମାନଙ୍କୁ ବିଭ୍ରାନ୍ତ କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ଦେଶ ବିଭାଜନ ପରେ ଯେଉଁ ମୁସଲ୍‌ମାନ୍‌ମାନେ ଭାରତରେ ରହିଆସୁଛନ୍ତି, ସେମାନଙ୍କୁ ଦେଶରୁ ବିଦା କରାଯିବ ବୋଲି ଭୟ ସୃଷ୍ଟି କରାଯାଉଛି। ଭାରତକୁ ଜନ୍ମଭୂମି ଭାବେ ବାଛିନେଇଥିବା ଲୋକଙ୍କୁ ବିଦା କରାଯିବାର କୌଣସି ମସୁଧା ଆଇନରେ ନାହିଁ ବୋଲି ରଜନୀକାନ୍ତ ସ୍ପଷ୍ଟ କରିଛନ୍ତି।

# ଯବାନ ଶହୀଦ, ୨ ଆତଙ୍କବାଦୀ ନିହତ

**ପରମ୍‌ପୋରା ଏନ୍‌କାଉଣ୍ଟର**

**ଶ୍ରୀନଗର, ୫।୨(ପି.ଟି.):** ଜମ୍ମୁ-କଶ୍ମୀରର ଶ୍ରୀନଗରଠାରେ ବୁଧବାର ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ପରମ୍‌ପୋରା ଅନ୍ତର୍ଗତ ଶଲ୍‌ଟେଙ୍ଗ୍ ମୋବାଇଲ ଚେକିଂ ୟୁନିଟରେ ମୁତୟନ ଥିବା ସିଆର୍‌ପିଏଫ୍ ଯବାନଙ୍କ ଉପରେ ୩ ଆତଙ୍କବାଦୀ ଗୁଳିମାଡ଼ କରିବା ପରେ ସେନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଆତଙ୍କବାଦୀଙ୍କ ଗୁଳିରେ ସିଆର୍‌ପିଏଫ୍ ଯବାନ ରମେଶ ରଞ୍ଜନ ଶହୀଦ ହୋଇଛନ୍ତି। ସୁରକ୍ଷାକର୍ମୀଙ୍କ ପ୍ରତି ଆକ୍ରମଣରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଆଉ ଜଣେ ଆହତ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ନିହତ ଆତଙ୍କବାଦୀ ଦ୍ୱୟ ଜିଆ ଉର୍ ରହମନ୍ ଓ ଖତିବ୍ ବୋଲି କଶ୍ମୀର ଜୋନ୍ ଆଇଜିପି ବିଜୟ କୁମାର ପ୍ରକାଶ କରିଛନ୍ତି। ଜିଆ ଉର୍ ଏଲ୍‌ଇଟି ଓ ଖତିବ୍ ହିଜ୍‌ବୁଲ ଆତଙ୍କବାଦୀ ସଙ୍ଗଠନର ସଦସ୍ୟ ଥିଲେ। ଗିରଫ ଆତଙ୍କବାଦୀ ଉମର ଫୟାଜ୍ ଇସ୍‌ଲାମିକ୍ ଷ୍ଟେଟ୍ ଜମ୍ମୁ ଆଣ୍ଡ କଶ୍ମୀର(ଆଇଏସ୍‌ଜେକେ)ର ବୋଲି ସେ କହିଛନ୍ତି। ଏହି ୩ ଆତଙ୍କବାଦୀଙ୍କ ବିରୋଧରେ ଅନେକ ମାମଲା ରହିଛି ଓ ବିଭିନ୍ନ ଆତଙ୍କବାଦୀ କାର୍ଯ୍ୟରେ ଏମାନେ ସମ୍ପୃକ୍ତ ରହିଥିବା କୁମାର ପ୍ରକାଶ କରିଛନ୍ତି। ଅଫ୍‌ଜଲ ଗୁରୁଙ୍କୁ ଫେବୃୟାରୀ ୯ରେ ଫାଶୀ ଦିଆଯାଇଥିବାବେଳେ ୧୪ ପର୍ଯ୍ୟନ୍ତ ସତର୍କ ରହିବାକୁ ସୁରକ୍ଷାକର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

**[ଇତିହାସର ଆଇନାରେ]**

## ଫେବୃୟାରୀ ୬ର ପ୍ରମୁଖ ଘଟଣା

### ମୋତିଲାଲ୍‌ଙ୍କ ପରଲୋକ

୧୯୩୧ ଫେବୃୟାରୀ ୬ରେ ଭାରତର ବରିଷ୍ଠ ଓକିଲ ତଥା ଭାରତୀୟ ଜାତୀୟ କଂଗ୍ରେସର ଅଧ୍ୟକ୍ଷ ମୋତିଲାଲ୍ ନେହେରୁ ପ୍ରାଣ ହରାଇଥିଲେ। ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହର ଲାଲ୍ ନେହେରୁଙ୍କ ସେ ପିତା। ଗାନ୍ଧିଜୀଙ୍କ ସହ ସ୍ୱାଧୀନତା ସଂଗ୍ରାମରେ ସେ ଯୋଗଦେଇ ଅସହଯୋଗ ଆନ୍ଦୋଳନ ବେଳେ ଗିରଫ ହୋଇ ଜେଲ ଯାଇଥିଲେ।

### ତାଇୱାନରେ ଭୂକମ୍ପ

୨୦୧୬ ଫେବୃୟାରୀ ୬ରେ ଦକ୍ଷିଣ ତାଇୱାନରେ ଭୟଙ୍କର ଭୂକମ୍ପ ହେବାରୁ ୧୧୭ ବ୍ୟକ୍ତି ପ୍ରାଣ ହରାଇବା ସହ ୫୫୦ ଜଣ ଆହତ ହୋଇଥିଲେ। ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୬.୬ ଥିଲା। ଅନେକ ବିଲ୍‌ଡିଂ ଭୁଶୁଡ଼ି ପଡ଼ିଥିବାବେଳେ ପ୍ରବଳ କ୍ଷୟକ୍ଷତି ହୋଇଥିଲା।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ହେବା ସହ ଶୀତ ଅନୁଭୂତ ହେବ। ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ଆଂଶିକ ମେଘୁଆ ରହିବା ସହ ସାମାନ୍ୟ ବର୍ଷା ହେବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୨ ଡିଗ୍ରୀ ଏବଂ ସର୍ବନିମ୍ନ ୧୯ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୩.୫ | ୧୫.୨ |
| ଚାନ୍ଦବାଲି | ୨୧.୮ | ୧୬.୧ |
| କଟକ | ୨୧.୮ | ୧୬.୦ |
| ପାରାଦ୍ୱୀପ | ୨୧.୫ | ୧୮.୯ |
| ଭୁବନେଶ୍ୱର | ୨୧.୩ | ୧୯.୦ |
| ଗୋପାଳପୁର | ୨୭.୦ | ୨୨.୧ |
| ପୁରୀ | ୨୪.୬ | ୧୯.୦ |
| ଅନୁଗୋଳ | ୨୨.୭ | ୧୨.୬ |
| ବାରିପଦା | ୨୬.୦ | ୧୬.୫ |
| ଝାରସୁଗୁଡ଼ା | ୨୭.୬ | ୧୬.୬ |
| କେନ୍ଦୁଝର | ୨୪.୬ | ୧୫.୮ |
| ସମ୍ବଲପୁର | ୨୭.୨ | ୧୬.୯ |
| ସୁନ୍ଦରଗଡ଼ | ୨୯.୦ | ୧୩.୦ |
| ହୀରାକୁଦ | ୨୬.୯ | ୧୭.୬ |
| ତାଳଚେର | ୨୫.୩ | ୧୫.୮ |
| ଭବାନୀପାଟଣା | ୨୩.୬ | ୧୮.୦ |
| ବଲାଙ୍ଗୀର | ୨୩.୫ | ୧୭.୬ |
| କୋରାପୁଟ | ୨୭.୬ | ୧୬.୦ |
| ଫୁଲବାଣୀ | ୨୩.୮ | ୧୭.୫ |
| ଟିଟିଲାଗଡ଼ | ୨୮.୪ | ୧୪.୦ |
| ମାଲକାନଗିରି | ୩୩.୦ | -- |
| ସୋନପୁର | ୨୩.୪ | ୧୩.୬ |
| ଦାରିଙ୍ଗିବାଡ଼ି | ୨୧.୫ | ୧୬.୦ |

ଡିଗ୍ରୀ ସେଲ୍‌ସିୟସ୍

# ସରୋଗେଟ୍ ମାଆ ପାଇଁ ନ ରହୁ କଟକଣା

**ନୂଆଦିଲ୍ଲୀ,୫।୨(ଆଇଏଏନ୍ଏସ୍)**

**ସଂସଦୀୟ କମିଟିର ସୁପାରିସ**

**୧୫ଟି ପରିବର୍ତ୍ତନ ପାଇଁ ପ୍ରସ୍ତାବ**

ସରୋଗେଟ୍ ମାଆ ହେବା ପାଇଁ କଟକଣା ରହିବା ଉଚିତ ନୁହେଁ। ଯେକୌଣସି ମହିଳା ଚାହିଁଲେ ସେମାନଙ୍କୁ ଏଥିପାଇଁ ଅନୁମତି ମିଳିବା ଉଚିତ ବୋଲି ରାଜ୍ୟ ସଭା ଚୟନ କମିଟି ସୁପାରିସ୍ କରିଛି। କେବଳ ସମ୍ପର୍କୀୟ ମହିଳା ସରୋଗେଟ ମାଆ ହୋଇପାରିବେ ବୋଲି ବିଲ୍‌ରେ କଟକଣା ରହିଥିଲା। ଏଭଳି କଟକଣାକୁ କମିଟି ନାପସନ୍ଦ କରିଛି। ୩୫ରୁ ୪୫ ବର୍ଷ ବୟସ ମଧ୍ୟରେ ଯେକୌଣସି ସିଙ୍ଗଲ ଭାରତୀୟ ମହିଳା (ଛାଡ଼ପତ୍ର ପାଇଥିବା କିମ୍ବା ବିଧବା) ଏବଂ ଭାରତୀୟ ବଂଶୋଦ୍ଭବଙ୍କୁ ସରୋଗେସୀ ପାଇଁ ଅନୁମତି ଦିଆଯାଉ ବୋଲି ଭାଜପା ନେତା ଭୂପେନ୍ଦ୍ର ଯାଦବଙ୍କ ଅଧ୍ୟକ୍ଷତାରେ ଗଠିତ ସଂସଦୀୟ କମିଟି କହିଛି। ଜଣେ ସରୋଗେସୀ ପାଇଁ ଆଗ୍ରହ ପ୍ରକାଶ କରିବା ନିମନ୍ତେ ରହିଥିବା ୫ ବର୍ଷ ସମୟସୀମାକୁ ହଟାଇଦେବାକୁ କମିଟି ପ୍ରସ୍ତାବ ଦେଇଛି। ଏଥିସହିତ ସରୋଗେଟ ମାଆଙ୍କ କ୍ଷେତ୍ରରେ ବୀମା ସମୟସୀମା ୧୬ ମାସରୁ ୩୬ ମାସକୁ ବଢ଼ାଇବା ପାଇଁ କମିଟି ସୁପାରିସ କରିଛି। ପାର୍ଲାମେଣ୍ଟର ଶୀତ ଅଧିବେଶନରେ ସରକାର ସରୋଗେସୀ ବିଲ୍, ୨୦୧୯ ଆଣିଥିଲେ। ଅଗଷ୍ଟ ୫ରେ ବିଲ୍ ଲୋକ ସଭାରେ ଗୃହୀତ ହୋଇଥିଲା। ତେବେ ଏଥିରେ କେତେକ ସଂଶୋଧନର ଆବଶ୍ୟକତା ରହିଛି ବୋଲି ରାଜ୍ୟ ସଭା ସଦସ୍ୟମାନେ କହିବା ପରେ ଏହାକୁ ସିଲେକ୍ଟ କମିଟିକୁ ପଠାଇବା ପାଇଁ ସରକାର ରାଜି ହୋଇଥିଲେ। ବ୍ୟବସାୟିକ ସରୋଗେସୀ ବନ୍ଦ କରିବା ପାଇଁ ଏଭଳି ବିଲ୍ ଅଣାଯାଇଥିଲା। ସରୋଗେସୀ କ୍ଷେତ୍ରରେ ଚାଲିଥିବା ଅନୈତିକ କାର୍ଯ୍ୟ, ମହିଳାଙ୍କୁ ଶୋଷଣ, ସରୋଗେସୀରୁ ଜନ୍ମିତ ପିଲାଙ୍କୁ ପରିତ୍ୟାଗ କରିବା, ସରୋଗେଟ ମାଆ ଯୋଗାଡ଼ରେ ଦଲାଲଙ୍କ ସମ୍ପୃକ୍ତି ଆଦିକୁ ରୋକିବା ଲାଗି ସରକାର ଏଭଳି ବିଲ୍ ଆଣିଥିଲେ। ବିଲ୍‌ରେ ମୋଟ ୧୫ଟି ପରିବର୍ତ୍ତନ ପାଇଁ ସିଲେକ୍ଟ କମିଟି ସୁପାରିସ କରିଛି।



## ବର୍ଷା ପାଇଁ ଭିତରକନିକା ମହୋତ୍ସବ ୧୪କୁ ଘୁଞ୍ଚିଲା

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକର ନଳିତାପାଟିଆ ଠାରେ ଆସନ୍ତା ୭ରୁ ୯ ତାରିଖ ପର୍ଯ୍ୟନ୍ତ ଭିତରକନିକା ମହୋତ୍ସବ ଅନୁଷ୍ଠିତ ହେବାକୁ ଥିଲା। ଏଥିପାଇଁ ଟେଣ୍ଟ ବନ୍ଧା କାମ ଚାଲିଥିଲା। ଜିଲାର ବିଭିନ୍ନ ସ୍ଥାନରେ ପୋଷ୍ଟର ମଧ ମରାଯାଇଥିଲା। ତେବେ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଏହି ସମୟରେ ବର୍ଷା ହେବା ସମ୍ଭାବନା ଥିବାରୁ ମହୋତ୍ସବକୁ ଆସନ୍ତା ୧୪ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଏ ସମ୍ପର୍କରେ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, ମହୋତ୍ସବ ଆସନ୍ତା ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ।

ରଙ୍ଗ୍ ସାଇଡ୍ ଡ୍ରାଇଭିଂ ରୋକିବାକୁ ଲାଗିବ ଟାୟାର କିଲର




# ଜାତୀୟକରଣ ବ୍ୟାଙ୍କରେ ରହିବ ମହାପ୍ରଭୁଙ୍କ ଟଙ୍କା

**ପୁରୀ ଅଫିସ, ୫।୨**

ଏଣିକି କୌଣସି ଘରୋଇ ବ୍ୟାଙ୍କରେ ଆଉ ରହିବନି ଶ୍ରୀମନ୍ଦିର ପାଣ୍ଠି। ଜାତୀୟକରଣ ବ୍ୟାଙ୍କରେ ରଖାଯିବ ମହାପ୍ରଭୁଙ୍କ ଟଙ୍କା। ଏଥିଲାଗି ଟେଣ୍ଡର ଆହ୍ୱାନ କରାଯିବ। ଯେଉଁ ବ୍ୟାଙ୍କ ଅଧିକ ସୁଧ ଦେବ ସେହି ବ୍ୟାଙ୍କରେ ୫୦ ପ୍ରତିଶତ ଅର୍ଥ ଜମା ରହିବ। ଅନ୍ୟ ଦୁଇଟି ବ୍ୟାଙ୍କରେ ବଳକା ଟଙ୍କାକୁ ବାଣ୍ଟି ରଖାଯିବ। ଫଳରେ ମହାପ୍ରଭୁଙ୍କ ପାଣ୍ଠି ସୁରକ୍ଷିତ ରହିପାରିବ। ବୁଧବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି।

ମହାପ୍ରଭୁଙ୍କ କର୍ପସ ପାଣ୍ଠି ଏବଂ ହୁଣ୍ଡି ଟଙ୍କା ମିଶାଇ ପ୍ରାୟ ୬୦୦ କୋଟି ଟଙ୍କା ଏକ ଘରୋଇ ବ୍ୟାଙ୍କରେ ରଖାଯାଇଛି। ଏକାବେଳେ ଏତେ ଟଙ୍କା ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କରେ କାହିଁକି ଜମା ହେଲା ତାହା ଜଣାପଡ଼ିବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏପରି କି ଗତବର୍ଷ ଡିସେମ୍ବର ୨୦ରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏ ନେଇ ହୋ ହଲ୍ଲା ହୋଇଥିଲା। ପରିଚାଳନା କମିଟି ଅନୁମୋଦନ ବିନା ଏବଂ ଅର୍ଥ ସବ୍‌କମିଟି ସଦସ୍ୟଙ୍କ ଅଜ୍ଞାତରେ କିପରି ମହାପ୍ରଭୁଙ୍କ ଟଙ୍କା ଘରୋଇ ବ୍ୟାଙ୍କରେ ରଖାଗଲା ବୋଲି ସେବାୟତ ସଦସ୍ୟମାନେ ପ୍ରଶ୍ନ କରିଥିଲେ। ପୂର୍ବରୁ ଜାତୀୟକରଣ ବ୍ୟାଙ୍କରେ ଟଙ୍କା ଜମା କରାଯାଉଥିବାବେଳେ ଘରୋଇ ବ୍ୟାଙ୍କରେ ଟଙ୍କା ରଖିବାକୁ କିଏ ଅନୁମୋଦନ ଦେଲା ବୋଲି ପ୍ରଶ୍ନ ଉଠିଥିଲା। ପରିଚାଳନା କମିଟିରେ ଏହି ପ୍ରସଙ୍ଗ ଉଠିବା ପରେ ହରଡ଼ଘଣାରେ ପଡ଼ିଥିଲେ ଘରୋଇ ବ୍ୟାଙ୍କରେ ଟଙ୍କା ରଖିଥିବା ଅଧିକାରୀ। ବୈଠକର ୪ ଦିନ ପରେ ଅର୍ଥାତ୍ ଡିସେମ୍ବର ୨୪ରେ ସାନି ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏପରି କି, ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ ବିରୋଧୀ। ଏହାପରେ ଅର୍ଥ ସବ୍ କମିଟି ବୈଠକ ବସି ଏ ସଂକ୍ରାନ୍ତରେ ବିସ୍ତୃତ ଭାବେ ତର୍ଜମା କରାଯାଇଥିଲା। ଏଥିରେ ମହାପ୍ରଭୁଙ୍କ ପାଣ୍ଠିର ସ୍ୱଚ୍ଛତା ରଖାଯିବା ଲାଗି ନିଷ୍ପତ୍ତି ହୋଇଥିଲା।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର କହିଛନ୍ତି, ମହାପ୍ରଭୁଙ୍କ ଅର୍ଥର ସୁପରିଚାଳନା ପାଇଁ ସ୍ୱତନ୍ତ୍ର ଭାବେ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଇଛି। ପରିଚାଳନା କମିଟି ବୈଠକରେ ଏହି ଗାଇଡ୍‌ଲାଇନକୁ ଅନୁମୋଦନ ଦିଆଯାଇଛି। ଶ୍ରୀମନ୍ଦିରର ଫାଉଣ୍ଡେଶନ ଫଣ୍ଡ (ହୁଣ୍ଡି ଅର୍ଥ)କୁ ଏସ୍‌ବିଆଇରେ ରଖିବା ଲାଗି ରାଜ୍ୟ ସରକାରଙ୍କ ନିୟମ ରହିଛି। ତାହାକୁ ଏସ୍‌ବିଆଇରେ ହିଁ ରଖାଯିବ। ସେହିପରି କର୍ପସ ଫଣ୍ଡ୍ ଏବଂ ଟେମ୍ପୁଲ ଫଣ୍ଡ ପୂର୍ବରୁ ଏକାଠି ରହୁଥିଲା। ଏବେ ଏହାକୁ ଅଲଗା ଅଲଗା ଭାବେ ରଖାଯାଉଛି। ଏହି ଦୁଇଟି ଫଣ୍ଡକୁ କେବଳ ଜାତୀୟକରଣ ବ୍ୟାଙ୍କରେ ହିଁ ରଖାଯିବ। ଏଥିପାଇଁ ଟେଣ୍ଡର ଡକାଯିବ। ୩/୪ଟି ଜାତୀୟକରଣ ବ୍ୟାଙ୍କରେ ମହାପ୍ରଭୁଙ୍କ ଟଙ୍କା ରଖାଯିବା ଲାଗି ବୈଠକରେ ନିଷ୍ପତ୍ତି ହୋଇଛି। ଆସନ୍ତା ଆର୍ଥିକ ବର୍ଷରୁ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

## ଜେଏସ୍‌ଡବ୍ଲ୍ୟୁ ହାତେଇଲା ଗନୁଆ ଖଣି

**ଭୁବନେଶ୍ୱର,୫।୨(ବ୍ୟୁରୋ):** ଦୀର୍ଘ ନିଲାମ ପ୍ରକ୍ରିୟା ପରେ ସଜ୍ଜନ ଜିନ୍ଦଲ ପରିଚାଳିତ ଜେଏସଡବ୍ଲ୍ୟୁ ଷ୍ଟିଲ ସୁନ୍ଦରଗଡ଼ ଜିଲାର ଗନୁଆ ଲୁହାପଥର ଖଣି ହାତେଇବାରେ ସଫଳ ହୋଇଛି। ଏହି କମ୍ପାନୀ ଲୁହାପଥର ବିକ୍ରି ମୂଲ୍ୟର ୧୩୨ ପ୍ରତିଶତ ଦେବାକୁ ଚୁକ୍ତି କରିଛି। ଖଣିର ଲିଜ୍ ଅବଧି ଚଳିତ ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଶେଷ ହେବାକୁଯାଉଛି। ଖଣିରେ ମୋଟ ୧୧୮.୯୨ ନିୟୁତ ଟନ ଲୁହାପଥର ଗଚ୍ଛିତ ଥିବା ଆକଳନ କରାଯାଇଛି। ନିଲାମ ପ୍ରତିଯୋଗିତାରେ କେଜେଏସ ଆଲୁୱାଲିଆ, ରୁଙ୍ଗଟା ମାଇନ୍ସ ଲିମିଟେଡ, ଶ୍ୟାମ ଷ୍ଟିଲ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଏବଂ ଆମଲାଗାମ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡକୁ ହରାଇ ଜେଏସ୍‌ଡବ୍ଲ୍ୟୁ ଉକ୍ତ ଖଣି ଅକ୍ତିଆର କରିବାରେ ସଫଳ ହୋଇଛି। ଏହି ଖଣିକୁ ମିଶାଇ ଜେଏସ୍‌ଡବ୍ଲ୍ୟୁ ଓଡ଼ିଶାରୁ ୩ଟି ଖଣି ପାଇଛି। ଏହା ପୂର୍ବରୁ ଆର୍ସେଲ ମିତ୍ତଲ, ବେଦାନ୍ତ, ଆଦାନୀ ଗ୍ରୁପକୁ ପଛରେ ପକାଇ କମ୍ପାନୀ ୭୯୦ ନିୟୁତ ଟନର ନୂଆଗାଁ ଏବଂ ୧୯୦ ନିୟୁତ ମେଟ୍ରିକ ଟନର ନାରାୟଣପୋଷି ଖଣି ନେବାରେ ସଫଳ ହୋଇଛି। ଏହି ଖଣି ଦ୍ୱାରା ଜେଏସ୍‌ଡବ୍ଲ୍ୟୁ ରାଜ୍ୟରେ ଏବଂ ରାଜ୍ୟ ବାହାରେ ଥିବା ନିଜର ଆବଶ୍ୟକତା ପୂରଣ କରିପାରିବ। ଉକ୍ତ ଖଣିଗୁଡ଼ିକ ପାଇବା ପରେ ଜେଏସ୍‌ଡବ୍ଲ୍ୟୁ ଓଡ଼ିଶାରେ ୧୧୦୦ ନିୟୁତ ମେଟ୍ରିକ ଟନ ଲୁହାପଥର ଗଚ୍ଛିତ କରିବାରେ ସଫଳ ହୋଇପାରିଛି।

# ଥରେଇଲା ବର୍ଷା, କୋହଲା ପବନ

**ଭୁବନେଶ୍ୱର,୫।୨(ବ୍ୟୁରୋ)**

■ ୯ ଯାଏ ବର୍ଷା, କୁହୁଡ଼ି
■ ଉଜୁଡ଼ିବ ରବି ଫସଲ, ପନିପରିବା ଚାଷ


ବର୍ଷାରେ ଭିଜି ଭୁବନେଶ୍ୱରର ୨ ଛାତ୍ରୀ କଲେଜ ଯାଉଛନ୍ତି।

କୋହଲା ପବନ ସାଙ୍ଗକୁ ବର୍ଷା ଦେହ ମୁଣ୍ଡ ଥରାଇ ଦେଇଛି। ଗତ ଦୁଇଦିନ ହେବ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାର ଆକାଶରେ ବାଦଲ ଘୋଡ଼ାଇ ରଖିବା ସହ ତୁହାକୁ ତୁହା ବର୍ଷା ଜନଜୀବନକୁ ପ୍ରଭାବିତ କରିଛି। ଛତିଶଗଡ଼ ଏବଂ ଆଭ୍ୟନ୍ତରୀଣ ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ବୁଧବାର ସକାଳୁ ଆରମ୍ଭ ହୋଇଯାଇଥିଲା ବର୍ଷା। କଟକ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ପୁରୀ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଅନୁଗୋଳ, ବରଗଡ଼, ସମ୍ବଲପୁର, ସୋନପୁର, ବଲାଙ୍ଗୀର ଆଦି ଜିଲାର କେତେକ ସ୍ଥାନରେ ବର୍ଷା ହୋଇଛି। ଏପରି କି କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇଥିବା ସୂଚନା ମିଳିଛି। ଏହି ବର୍ଷା ଯୋଗୁ ବିରି, ମୁଗ ଓ ପନିପରିବା ଫସଲ ବହୁମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଆସନ୍ତା ୯ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ ବୋଲି ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓଡ଼ିଶା ସମେତ କନ୍ଧମାଳ, ରାୟଗଡ଼ା, ଢେଙ୍କାନାଳ, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ ଜିଲାର ଅଧିକାଂଶ ସ୍ଥାନରେ ଏବଂ ରାଜ୍ୟର ଅନ୍ୟାନ୍ୟ ଭାଗର ଅଳ୍ପ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୭ ତାରିଖରେ କନ୍ଧମାଳ , ମୟୂରଭଞ୍ଜ, ଢେଙ୍କାନାଳ, କେନ୍ଦୁଝର, କଳାହାଣ୍ଡି, ନବରଙ୍ଗପୁର ଆଦି ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି କଳାହାଣ୍ଡି, କନ୍ଧମାଳ, କୋରାପୁଟ ଏବଂ ମାଲକାନଗିରି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନ କୁହୁଡ଼ି ହେବ। ୮ ତାରିଖରେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ସ୍ଥାନ ଏବଂ ଉପକୂଳ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋ୍ୱାର୍ନିଂ ଜାରି କରାଯାଇଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ସୋନପୁରରେ ସର୍ବାଧିକ ୨୨.୮ ମିଲିମିଟର ବର୍ଷା ହୋଇଥିବାବେଳେ ତାଳଚେରରେ ୧୩, ଚାନ୍ଦବାଲି ୯, କଟକ ୧୪, ଅନୁଗୋଳ ୧୦, ପୁରୀ ୬, ଭବାନୀପାଟଣା ୪.୪, ବଲାଙ୍ଗୀର ୧୧.୪, ଟିଟିଲାଗଡ଼ ୯, ନୟାଗଡ଼ ୭.୨, ଭୁବନେଶ୍ୱର ୨.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବର୍ଷା ଯୋଗୁ କେତେକ ସ୍ଥାନରେ ଦିନର ତାପମାତ୍ରା ୫ରୁ ୭ଡିଗ୍ରୀ ସେଲସିୟସ ତଳକୁ ଖସିଯାଇଛି। ଦୁଇଦିନ ତଳେ ଦିନର ତାପମାତ୍ରା ୨୨ରୁ ୩୨ ଡିଗ୍ରୀ ସେଲସିୟସ ମଧ୍ୟରେ ରହୁଥିବାବେଳେ ବର୍ଷା ଓ କୋହଲା ପବନ ଯୋଗୁ ହଠାତ କେତେକ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୨୫ ଡିଗ୍ରୀ ତଳକୁ ଖସି ଯାଉଛି। ମାତ୍ର ରାତ୍ରୀର ତାପମାତ୍ରାରେ ସେଭଳି ହ୍ରାସ ହୋଇ ନାହିଁ। ଆସନ୍ତା ୯ ତାରିଖଠାରୁ ବର୍ଷା ଅପସରୀ ଯିବା ସହ ସର୍ବ ନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ତଳକୁ ଖସିବ ବୋଲି ଅନୁମାନ କରାଯାଇଛି।

## ଏପ୍ରିଲ ପହିଲାରୁ ହାଉସ୍ ଲିଷ୍ଟିଂ

**ଭୁବନେଶ୍ୱର,୫।୨(ବ୍ୟୁରୋ):** ୨୦୨୧ ଜନଗଣନା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। କେନ୍ଦ୍ରର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ରାଜ୍ୟର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମିଳିତ ସହଯୋଗରେ ଏହି ପ୍ରକ୍ରିୟା ସମ୍ପାଦନ କରାଯିବ। ଏହି କ୍ରମରେ ଆସନ୍ତା ଏପ୍ରିଲ ପହିଲାରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ହାଉସ ଲିଷ୍ଟିଂ(ତାଲିକାକରଣ) କରାଯିବ। ଗତ ଜାନୁୟାରୀ ୭ରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଜନଗଣନା ଅଧିକାରୀ ୩୧ଟି ତଥ୍ୟ ସମ୍ପର୍କରେ ପଚାରିବେ।




## ଜାତିଭିତ୍ତିକ ଜନଗଣନା ଉପରେ ବିଜେଡିର ଗୁରୁତ୍ୱ

**ଭୁବନେଶ୍ୱର,୫।୨(ବ୍ୟୁରୋ)**

**ରାଜ୍ୟ ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ**

ରାଷ୍ଟ୍ରପତି ରାମନାଥ କୋବିନ୍ଦ ପାର୍ଲାମେଣ୍ଟ ବଜେଟ ଅଧିବେଶନ ପ୍ରାରମ୍ଭରେ ବକ୍ତବ୍ୟ ରଖି ବାବା ସାହେବ ଆମ୍ବେଡ଼କରଙ୍କ ପ୍ରଦର୍ଶିତ ସାମାଜିକ ନ୍ୟାୟ ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ। ରାଷ୍ଟ୍ରପତିଙ୍କର ଏହି ବକ୍ତବ୍ୟକୁ ବିଜେଡି ପକ୍ଷରୁ ରାଜ୍ୟ ସଭାରେ ଧନ୍ୟବାଦ ଦିଆଯାଇଛି। ଉଚ୍ଚ ସଦନରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଚାଲିଥିବାବେଳେ ବିଜେଡି ଏମ୍‌ପି ସସ୍ମିତ ପାତ୍ର ଜାତିଭିତ୍ତିକ ଜନଗଣନା କାର୍ଯ୍ୟକାରୀ କରିବାକୁ ମନ୍ତବ୍ୟ ଦେଇଥିଲେ।

ସସ୍ମିତ କହିଥିଲେ ଯେ, ୨୦୨୧ ଜନଗଣନାରେ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ଏବଂ ସାମାଜିକ, ଆର୍ଥିକ ପଛୁଆ ବର୍ଗ(ଏସ୍‌ଇବିସି) ଗଣନା ପାଇଁ ସ୍ୱତନ୍ତ୍ର ସ୍ଥାନ ରହୁ। ଓଡ଼ିଶା ସରକାର କ୍ୟାବିନେଟ୍‌ରେ ଏ ସମ୍ପର୍କିତ ପ୍ରସ୍ତାବ ଗୃହୀତ ହୋଇସାରିଛି। ସେହିପରି କ୍ଲିନ୍ ଏନର୍ଜି ସେସ୍ ବାବଦକୁ ରାଜ୍ୟ ୨୦,୦୦୦ କୋଟି ଟଙ୍କା କେନ୍ଦ୍ରକୁ ଦେଇଥାଏ। ହେଲେ ପରିବେଶଜନିତ ପ୍ରଦୂଷଣ ଭୋଗିଥାଏ। ତେଣୁ ଏହି ଅର୍ଥରୁ କିଛି ପରିମାଣ ରାଜ୍ୟକୁ ମିଳୁ। କୋଇଲା ରୟାଲଟିର ସଂଶୋଧନ ହୋଇ ନ ଥିବାରୁ ରାଜ୍ୟ ପ୍ରତିବର୍ଷ ୨୦୦୦ କୋଟି ଟଙ୍କାରୁ ଅଧିକ ଅର୍ଥର ରାଜସ୍ୱ ହରାଇଛି। ତେଣୁ କ୍ଲିନ ଏନର୍ଜି ସେସ୍ ଏବଂ କୋଇଲା ରୟାଲଟି ସଂଶୋଧନ କରାଯାଉ ବୋଲି ସସ୍ମିତ କହିଥିଲେ। ସେହିପରି ଓଡ଼ିଶା ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବାରୁ ବହୁ କ୍ଷତି ସହୁଛି। ତେଣୁ ଓଡ଼ିଶାକୁ ସ୍ୱତନ୍ତ୍ର ଧ୍ୟାନକେନ୍ଦ୍ରିକ ରାଜ୍ୟର ମାନ୍ୟତା ଦିଆଯାଉ। ଏହା ଦ୍ୱାରା ବିଭିନ୍ନ ଯୋଜନାରେ ରାଜ୍ୟ ୯୦ ପ୍ରତିଶତ କେନ୍ଦ୍ରୀୟ ଅଂଶଧନ ଅନୁଦାନ ଆକାରରେ ପାଇବ। ଏହା ଦ୍ୱାରା ବିପର୍ଯ୍ୟୟ କ୍ଷତିର ଭରଣା କରାଯାଇପାରିବ ବୋଲି ସସ୍ମିତ ଦାବି କରିଛନ୍ତି। କେନ୍ଦ୍ର ଦ୍ୱାରା ଚୟନ କରାଯାଇଥିବା ୧୭ଟି ଐତିହାସିକ ପର୍ଯ୍ୟଟନସ୍ଥଳୀ ମଧ୍ୟରୁ ରାଜ୍ୟରୁ କାହାରିକୁ ସ୍ଥାନ ଦିଆଯାଇ ନ ଥିଲା। ନିକଟରେ ଚୟନ କରାଯାଇଥିବା ୫ଟି ସ୍ଥଳୀ ମଧ୍ୟରେ ଓଡ଼ିଶାକୁ ବାଦ୍ ଦିଆଯାଇଛି। ତେଣୁ ଏହା ଦ୍ୱାରା କ'ଣ ସବ୍‌କା ସାଥ ସବ୍‌କା ବିକାଶ ସାଧିତ ହୋଇପାରିବ। ଓଡ଼ିଶା ସରକାର ରେଳବାଇ କ୍ଷେତ୍ରରେ ମାଗଣା ଜମି ସହ ୫୦ ପ୍ରତିଶତ ଅର୍ଥ ବ୍ୟୟ କରୁଛନ୍ତି, ହେଲେ ଆଜି ବି ୧୯୮୫ରୁ ଘୋଷିତ ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡ଼ିରହିଛି। ତେଣୁ ରେଳବାଇ କ୍ଷେତ୍ରରେ ରାଜ୍ୟକୁ ଅଧିକ ଅନୁଦାନ ଏବଂ ସହଯୋଗ ମିଳୁ ବୋଲି ସସ୍ମିତ କହିଛନ୍ତି। ସେହିଭଳି ରାଜ୍ୟରେ ଟେଲିକମ୍ ସେବା ଉପରେ ଗୁରୁତ୍ୱ ଦେବା ପାଇଁ ବିଜେଡି ପକ୍ଷରୁ କୁହାଯାଇଛି।



**ଆଜିର ମନ୍ତବ୍ୟ**

ଶାହିନବାଗ ଶୁଟର ଯଦି ଏଏପି ସହ ଜଡ଼ିତ ତେବେ ତାଙ୍କୁ ଦୋହରା ଦଣ୍ଡ ଦିଅ।
–ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ନଭେମ୍ବର ସୁଦ୍ଧା ଦେଶ ମଧ୍ୟକୁ ୩୪.୯୦ ବିଲିୟନ ଡଲାର ଏଫ୍‌ଡିଆଇ ଆସିଛି।
– ଅର୍ଥ ମନ୍ତ୍ରଣାଳୟ


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଶୁଭେଚ୍ଛୁ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜିଠୁ ଓଜେଇଇ ଆବେଦନ

**ଭୁବନେଶ୍ୱର, ୫।୨(ବ୍ୟୁରୋ)**

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)-୨୦୨୦ ପାଇଁ ଗୁରୁବାରଠାରୁ ଅନ୍‌ଲାଇନ୍‌ରେ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ଏହା ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ଚାଲିବ। ଏପ୍ରିଲ ୨୦ରେ ଆଡମିଟ୍ କାର୍ଡ ଉପଲବ୍ଧ ହେବ। ଛାତ୍ରୀଛାତ୍ରମାନେ ojee.nic.in ୱେବସାଇଟ୍‌ରୁ ଆଡମିଟ୍ କାର୍ଡ ଡାଉନ୍‌ଲୋଡ କରିପାରିବେ। ମେ' ପ୍ରଥମ ସପ୍ତାହରେ ପରୀକ୍ଷା ହେବ ବୋଲି ଓଜେଇଇ ଅଧ୍ୟକ୍ଷ ସୁଦୀପ କୁମାର ଚାନ୍ଦ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏଥର ଅନ୍‌ଲାଇନ୍‌ରେ ଓଜେଇଇ ହେବ। ଚଳିତବର୍ଷ ଓଜେଇଇ କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ ବା ସିବିଟି ମାଧ୍ୟମରେ ହେବ। ଗତବର୍ଷ କେବଳ ପିଜି କୋର୍ସରେ ସିବିଟି ପଦ୍ଧତି ଲାଗୁ ହୋଇଥିଲା। ଏଥର ଉଭୟ ପିଜି ଓ ୟୁଜି କୋର୍ସ ପାଇଁ ସିବିଟି ପଦ୍ଧତି ଲାଗୁ ହେବ।

# ଏବେ ଯିବନି 'ସୁନ୍ଦରୀ'

**ଭୁବନେଶ୍ୱର,୫।୨(ବ୍ୟୁରୋ)/ ବନ୍ତଲା(ଡି.ଏନ୍.ଏ)**

ଓଡ଼ିଶାରୁ ଏବେ ଯିବ ନାହିଁ ବାଘୁଣୀ 'ସୁନ୍ଦରୀ'। ସାତକୋଶିଆରେ ଥିବା ସୁନ୍ଦରୀ ବର୍ତ୍ତମାନ ମଧ୍ୟପ୍ରଦେଶର 'କାହ୍ନା' ଅଭୟାରଣ୍ୟକୁ ଯିବନି। କାହ୍ନା ଅଭୟାରଣ୍ୟ ଘୋରେଲାରେ ଏବେ ୨ ବାଘ ଅଛନ୍ତି। ସେଠାରେ ସୁନ୍ଦରୀକୁ ଛାଡ଼ିବାର ଥିଲା। କିନ୍ତୁ ଦୁଇଟି ବାଘ ଥିବାରୁ ସୁନ୍ଦରୀକୁ ଛଡ଼ାଯିବ ନାହିଁ। ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପରେ ସୁନ୍ଦରୀକୁ ଛଡ଼ାଯିବ ବୋଲି ବୁଧବାର ଚିଫ୍ ୱାଇଲ୍ଡ ଲାଇଫ୍ ୱାର୍ଡେନ୍ ଓଡ଼ିଶା ତଥା ପିସିସିଏଫ୍ (ବନ୍ୟପ୍ରାଣୀ) ହରିଶଙ୍କର ଉପାଧ୍ୟାୟ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ବ୍ୟାଘ୍ର ବଂଶ ବୃଦ୍ଧି ପାଇଁ ୨୦୧୮ରେ ରାଜ୍ୟ ସରକାର ମଧ୍ୟପ୍ରଦେଶର ବାନ୍ଧବଗଡ଼ରୁ ସୁନ୍ଦରୀକୁ ଆଣିଥିଲେ। ପରୀକ୍ଷାନିରୀକ୍ଷା ପରେ ସୁନ୍ଦରୀକୁ ସାତକୋଶିଆ ଅଭୟାରଣ୍ୟରେ ଛଡ଼ାଯାଇଥିଲା। ତେବେ ସୁନ୍ଦରୀ ଅଭୟାରଣ୍ୟର କୋର୍ ଏରିଆକୁ ନ ଯାଇ ଜନବସତି ଆଖପାଖରେ ଘୂରି ବୁଲିଲା। ଏହାସହ ଗୃହପାଳିତ ପଶୁ ଓ ମଣିଷ ଶିକାର କରୁଥିବା ଅଭିଯୋଗ ହୋଇଥିଲା। ଏନେଇ ସାତକୋଶିଆ ଅଭୟାରଣ୍ୟ ପାର୍ଶ୍ୱବର୍ତ୍ତୀ ଗାଁଗୁଡ଼ିକରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏଣୁ ବନ ବିଭାଗ ସୁନ୍ଦରୀକୁ କାବୁକରି ସାତକୋଶିଆର ରାଇଗୁଡ଼ାରେ ଥିବା ସ୍ୱତନ୍ତ୍ର ଏନ୍‌କ୍ଲୋଜରରେ ରଖିଥିଲା। ପ୍ରାୟ ଦେଢ଼ ବର୍ଷ ସୁନ୍ଦରୀକୁ ଏନ୍‌କ୍ଲୋଜରରେ ରଖାଯାଇଥିବାବେଳେ ତାକୁ ବାହାରକୁ ଛାଡ଼ିବା ପାଇଁ ବ୍ୟବସ୍ଥା କରାଯାଇ ନ ଥିଲା। ବାଘୁଣୀର



ହିଂସ୍ର ସ୍ୱଭାବ ପରିବର୍ତ୍ତନ ହୋଇଯାଉଛି, ତେଣୁ ତାକୁ ଫେରେଇନେବାକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଥିଲେ। ଓଡ଼ିଶା ବନ ବିଭାଗ ବ୍ୟାଘ୍ର ସ୍ଥାନାନ୍ତର ପ୍ରକଳ୍ପ ପାଇଁ ଦିଆଯାଇଥିବା ଟଙ୍କାକୁ ଅନ୍ୟତ୍ର ଖର୍ଚ୍ଚ କରିଥିବା ମଧ୍ୟ ଏନ୍‌ଟିସିଏ ଉକ୍ତ ଚିଠିରେ ଲେଖିଛନ୍ତି। ଏହାପରେ ରାଜ୍ୟ ସରକାର ସୁନ୍ଦରୀକୁ ଫେରାଇ ଦେବେ ବୋଲି ଯୋଜନା କରୁଥିଲେ।

## ରାମମନ୍ଦିର ଟ୍ରଷ୍ଟ ...

'ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର' ନାମରେ ଏକ ଟ୍ରଷ୍ଟ ଗଠନ କରାଯିବ ବୋଲି ସେ କହିଥିଲେ। ରାମ ଜନ୍ମଭୂମି ମାମଲାରେ ଅଦାଲତଙ୍କ ରାୟ ପ୍ରତି ଆସ୍ଥା ପ୍ରକଟ କରିଥିବା ୧୩୦ କୋଟି ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀ ସାଲ୍ୟୁଟ କରିବା ସହ ଭବ୍ୟ ରାମମନ୍ଦିର ନିର୍ମାଣରେ ସମସ୍ତ ସହାୟତା ଯୋଗାଇଦେବାକୁ ଅନୁରୋଧ କରିଥିଲେ। ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟରେ ଜଣେ ଦଳିତଙ୍କ ସମେତ ୧୫ ଜଣ ଟ୍ରଷ୍ଟି ରହିବେ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ବୁଧବାର ସ୍ପଷ୍ଟ କରିଛନ୍ତି। ଏହି ଟ୍ରଷ୍ଟ ମନ୍ଦିର ଏବଂ ଏଥିପାଇଁ ମିଳିବାକୁ ଥିବା ୬୭ ଏକର ଜମି ଉପରେ ସମସ୍ତ ନିଷ୍ପତ୍ତି ସ୍ୱାଧୀନ ଭାବେ ନେଇପାରିବ। ଦିଲ୍ଲୀର ଗ୍ରେଟର କୈଳାସରେ ଟ୍ରଷ୍ଟ କାର୍ଯ୍ୟାଳୟ ରହିବ। ସେହିପରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅଯୋଧ୍ୟାରେ ମସ୍‌ଜିଦ ନିର୍ମାଣ ପାଇଁ ଉତ୍ତରପ୍ରଦେଶ ସରକାର ସେଠାର ସୁନ୍ନୀ ୱାକଫ୍ ବୋର୍ଡକୁ ୫ ଏକର ଜମି ଯୋଗାଇଦେବାକୁ ନିଷ୍ପତ୍ତି ନେଇଛନ୍ତି। ଲକ୍ଷ୍ନୌ ରାଜପଥର ଧନିପୁର ଗ୍ରାମରେ ଏହି ଜମି ମିଳିବ ଯାହା ଅଯୋଧ୍ୟା ଜିଲା ମହକୁମାଠାରୁ ୧୮ କିଲୋମିଟର ଏବଂ ପ୍ରସ୍ତାବିତ ରାମମନ୍ଦିର ନିର୍ମାଣସ୍ଥଳଠାରୁ ୨୫ କିଲୋମିଟର ଦୂରରେ ବୋଲି ୟୁପି ସରକାରଙ୍କ ମୁଖପାତ୍ର ଶ୍ରୀକାନ୍ତ ଶର୍ମା ଗଣମାଧ୍ୟମକୁ କହିଛନ୍ତି। ବୁଧବାର ସକାଳେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ସରକାର ତିନୋଟି ଜମିର ପ୍ରସ୍ତାବ କେନ୍ଦ୍ର ନିକଟକୁ ପଠାଇଥିବାବେଳେ ସେଥିରୁ ଉପରୋକ୍ତ ସ୍ଥାନରେ ଥିବା ଜମି ପ୍ରଦାନ ପାଇଁ କେନ୍ଦ୍ର ଅନୁମୋଦନ କରିଛି।

# ପ୍ରଥମ ପୃଷ୍ଠାରୁ...

## ଓଡ଼ିଶାକୁ ରେଳ...

ଚଳିତ ବର୍ଷ ବଜେଟରେ ପ୍ରାୟ ସମସ୍ତ ପ୍ରମୁଖ ରେଳ ପ୍ରକଳ୍ପଗୁଡିକର ବ୍ୟୟ ବରାଦ ବଢିଛି। ପ୍ରକଳ୍ପଗୁଡିକର ଆବଶ୍ୟକତା ଅନୁସାରେ ପୁଞ୍ଜି ପ୍ରଦାନ କରାଯାଇଛି। ପ୍ରତ୍ୟେକ ପ୍ରକଳ୍ପ କାର୍ଯ୍ୟକୁ ତଦାରଖ ଏବଂ ସମୀକ୍ଷା କରାଯିବା ପରେ ଏଭଳି ବ୍ୟବସ୍ଥା କରାଯାଇଥିବା ରେଳପଥ ପକ୍ଷରୁ ସୂଚନା ରହିଛି। ଗତ ବର୍ଷ ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳପଥ ଲାଗି ୩୫୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିବା ବେଳେ ଚଳିତ ବର୍ଷ ଏହା ଲାଗି ୫୨୦ କୋଟି ଟଙ୍କା ମଞ୍ଜୁର ହୋଇଛି। ଏଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପଗୁଡିକର କାର୍ଯ୍ୟ ଶୀଘ୍ର ଶେଷ କରିବା ଲାଗି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିବା ସୂଚନା ରହିଛି। ଗତ ବର୍ଷ ଅନୁଗୋଳ-ସୁକିନ୍ଦା ରେଳ ପ୍ରକଳ୍ପ ୨୫୦ କୋଟି ଟଙ୍କା ପାଇଥିବା ବେଳେ ଚଳିତ ବର୍ଷ ଏହି ପ୍ରକଳ୍ପ ଲାଗି ୪୫୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ହରିଦାସପୁର-ପାରାଦୀପ ରେଳ ପ୍ରକଳ୍ପକୁ ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟକ୍ଷମ କରାଇବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟ ପ୍ରାୟ ଶେଷ ହେବାକୁ ଥିବାରୁ ଏହା ଲାଗି ୧୦୦ କୋଟି ଟଙ୍କା ପାଣ୍ଠି ବ୍ୟବସ୍ଥା ହୋଇଛି। ଗତ ବର୍ଷ ଏହି ପ୍ରକଳ୍ପକୁ ୪୦୦ କୋଟି ଟଙ୍କା ପ୍ରଦାନ କରାଯାଇଥିଲା।

ରାଜ୍ୟରେ ରେଳ ଲାଇନ ଦୋହରୀକରଣକୁ ଗୁରୁତ୍ୱ ଦେଇ ରେଳପଥ ପକ୍ଷରୁ ପୁଞ୍ଜି ଯୋଗାଣକୁ ଚଳିତ ଥର ଅଧିକ କରାଯାଇଛି। ବିଶେଷ କରି ସମ୍ବଲପୁର-ତାଳଚେର, ସମ୍ବଲପୁର-ଟିଟିଲାଗଡ, ଟିଟିଲାଗଡ-ରାୟଗଡା, ଟିଟିଲାଗଡ-ରାୟପୁର ଭଳି ପ୍ରମୁଖ ପ୍ରକଳ୍ପ ଏହା ମଧ୍ୟରେ ସାମିଲ ରହିଛି। ଖୋର୍ଦ୍ଧାରୋଡ-ବଲାଙ୍ଗୀର ରେଳ ଲାଇନ ଏବଂ ଲାଞ୍ଜିଗଡ ରୋଡ-ଜୁନାଗଡ ରୋଡ ରେଳ ଲାଇନ ବିଦ୍ୟୁତୀକରଣକୁ ପ୍ରାଥମିକତା ଦିଆଯାଇଛି। ମଞ୍ଚେଶ୍ୱର ଏବଂ ସମ୍ବଲପୁର ନିକଟରେ ଥିବା ରେଳଡବା ମରାମତି ୱାର୍କଶପ ଲାଗି ୨୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଯାତ୍ରୀ ନିରାପତ୍ତାକୁ ଗୁରୁତ୍ୱ ଦେଇ ରୋଡ ଓଭରବ୍ରିଜ (ଆର୍‌ଓବି) ନିର୍ମାଣ ଦ୍ୱାରା ଲେଭଲ କ୍ରସିଂ ଉଚ୍ଛେଦ, ରୋଡ ଅଣ୍ଡରବ୍ରିଜ(ଆର୍‌ୟୁବି) ନିର୍ମାଣକୁ ଗୁରୁତ୍ୱ ଦିଆଯାଇଛି। ଏଥି ଲାଗି ୧୧୬୫ କୋଟି ଟଙ୍କା ବ୍ୟବସ୍ଥା ହୋଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

## ସପ୍ତାହେ ପରେ ଚଳିବନି ...

ଚ୍ୟାଲେଞ୍ଜ କରିବା ପରେ ପଟିଆଲା ହାଉସ୍ କୋର୍ଟ ଏହା ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ସେମାନଙ୍କୁ ତୁରନ୍ତ ଫାଶୀ ଦେବା ପାଇଁ କେନ୍ଦ୍ର ସରକାର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ରବିବାର ଏହା ଉପରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ୪ ଦୋଷୀଙ୍କ ଫାଶୀ ଉପରେ ଖୁବଶୀଘ୍ର ନିଷ୍ପତ୍ତି ନେବା ଲାଗି ନିର୍ଭୟାଙ୍କ ମା'ବାପା ମଙ୍ଗଳବାର ହାଇକୋର୍ଟଙ୍କୁ ଅନୁରୋଧ କରିଥିଲେ। ଜଷ୍ଟିସ୍ ସୁରେଶ କୁମାର କୈତ୍ ବୁଧବାର ଏହାର ରାୟ ଶୁଣାଇଛନ୍ତି। ଜଷ୍ଟିସ୍ କୈତ୍ କହିଛନ୍ତି, ସମସ୍ତ ଦୋଷୀଙ୍କ ନିକଟରେ ଯେତିକି ପ୍ରକାର ଆଇନଗତ ବିକଳ୍ପ ବାକି ରହିଛି, ଦୋଷୀମାନେ ଜାଣିଶୁଣି ଆଇନ ସହ ଖେଳ ଖେଳି ଫାଶୀ ବିଳମ୍ବିତ କରିବାକୁ ନାନା କୌଶଳ ଅବଲମ୍ବନ କରୁଛନ୍ତି। ଏପରି ହେବାକୁ ଆଉ ଦିଆଯିବ ନାହିଁ। ସେମାନେ ସେସବୁକୁ ଆପଣେଇ ୭ ଦିନ ମଧ୍ୟରେ ପ୍ରକ୍ରିୟା ଶେଷ କରନ୍ତୁ, ଯଦ୍ୱାରା ଏହା ପରେ କର୍ତ୍ତୃପକ୍ଷମାନେ ଆଇନାନୁସାରେ ପଦକ୍ଷେପ ନେଇପାରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଅପରପକ୍ଷେ ୨୦୧୯ ଡିସେମ୍ବର ୧୮ରେ ଦିଲ୍ଲୀର କେଜ୍‌ରିୱାଲ ସରକାର ଦୋଷୀଙ୍କ ବିରୋଧରେ ଡେଥ୍ ୱାରେଣ୍ଟ ଜାରି ପାଇଁ ତଳ କୋର୍ଟରେ ଦାବି କରିଥିଲେ, ଯାହାକୁ ନେଇ ହାଇକୋର୍ଟ ଭର୍ତ୍ସନା କରିଛନ୍ତି। ୨୦୧୭ରେ ସୁପ୍ରିମକୋର୍ଟ ଦୋଷୀଙ୍କ ଅପିଲଗୁଡ଼ିକୁ ଖାରଜ କରିବା ପରେ ଅଧିକାରୀମାନେ ଏନେଇ କାହିଁକି ପଦକ୍ଷେପ ନେଲେ ନାହିଁ ବୋଲି ଶୁଣାଣି ବେଳେ ଅଦାଲତ ପ୍ରଶ୍ନ କରିଛନ୍ତି। ସେପଟେ ଏହି ରାୟ ଆସିବାର କିଛି ସମୟ ପରେ ଦିଲ୍ଲୀ ଓ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ପ୍ରକାଶ ଯେ, ୨୦୧୨ ଡିସେମ୍ବର ୧୬ ରାତିରେ ୨୩ ବର୍ଷୀୟା ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଏକ ଚଳନ୍ତା ବସ୍‌ରେ ୬ ଜଣ ଗଣବଳାତ୍କାର କରିଥିଲେ। ପରେ ସେମାନେ ତାଙ୍କୁ ରାସ୍ତା ଉପରେ ଫିଙ୍ଗି ଦେଇଥିଲେ। ପୀଡ଼ିତା ଡିସେମ୍ବର ୨୯ରେ ସିଙ୍ଗାପୁରସ୍ଥିତ ମାଉଣ୍ଟ ଏଲିଜାବେଥ୍ ହସ୍ପିଟାଲରେ ଆଖିବୁଜି ଦେଇଥିଲେ। ବସ୍ ଡ୍ରାଇଭର ରାମ ସିଂ ତିହାର ଜେଲରେ ଆତ୍ମହତ୍ୟା କରିଥିବାବେଳେ ନାବାଳକ ଅଭିଯୁକ୍ତ ଏକ ସୁଧାର ଗୃହରେ ୩ ବର୍ଷ ସଜା କାଟିବା ପରେ ମୁକୁଳିଥିଲେ। ଅବଶିଷ୍ଟ ୪ ଦୋଷୀଙ୍କୁ ଫାଶୀ ଦଣ୍ଡାଦେଶ ହୋଇଥିବାବେଳେ ଏଥିରୁ ବର୍ତ୍ତିଯିବା ପାଇଁ ସେମାନେ ନାନା ଉପାୟ ଆପଣାଇବାରେ ଲାଗିଛନ୍ତି।

## ବଜେଟ ୨୦୨୦-୨୧: ଓଡ଼ିଶାର ପ୍ରମୁଖ ରେଳ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର

| କ୍ର.ସଂ. | ପ୍ରକଳ୍ପର ନାମ | ଅନୁଦାନ (କୋଟିରେ) |
|---|---|---|
| **ନୂଆ ରେଳପଥ** | | |
| ୧ | ଅନୁଗୋଳ-ସୁକିନ୍ଦା ରେଳପଥ (୯୮.୭ କି.ମି.) | ୪୫୦ |
| ୨ | ହରିଦାସପୁର-ପାରାଦୀପ ରେଳପଥ (୮୨ କି.ମି.) | ୧୦୦ |
| ୩ | ଖୋର୍ଦ୍ଧାରୋଡ-ବଲାଙ୍ଗୀର (୨୮୯ କି.ମି.) | ୫୨୦ |
| ୪ | ତାଳଚେର-ବିମଳାଗଡ଼ (୧୫୪ କି.ମି.) | ୧୪୦ |
| ୫ | ଜୟପୁର-ମାଲକାନଗିରି (୧୩୦ କି.ମି.) | ୩୩ |
| ୬ | ଜୟପୁର-ନବରଙ୍ଗପୁର (୩୮କି.ମି.) | ୨୦ |
| ୭ | ଖୋର୍ଦ୍ଧାରୋଡ-ବିଜୟନଗରମ୍ ବାଇପାସ | ୨୦ |
| ୮ | ନୌପଡ଼ା-ଗୁଣୁପୁର ଏକ୍ସଟେନସନ୍ ଥେରୁବାଲି ଯାଏ (୭୯.୪୫ କି.ମି.) | ୦.୦୧ |
| ୯ | ଗୋପାଳପୁର-ସମ୍ବଲପୁର ଭାୟା ଫୁଲବାଣୀ | ୦.୦୧ |
| ୧୦ | ତାଳଚେର-ଅନୁଗୋଳ ନୂଆ ଲାଇନ (ତାଳଚେରରେ ୱାଇ କନେକ୍ସନ ସହିତ (୧୪.୫ କି.ମି.) | ୦.୦୧ |
| **ଦୋହରୀକରଣ** | | |
| ୧ | ସମ୍ବଲପୁର-ତାଳଚେର (୧୭୪.୧୧ କି.ମି.) | ୨୯୨ |
| ୨ | ସମ୍ବଲପୁର-ଟିଟିଲାଗଡ଼ (୧୮୨.୧୧ କି.ମି.) | ୩୮୨ |
| ୩ | ଟିଟିଲାଗଡ଼-ବିଜୟନଗରମ୍ ତୃତୀୟ ଲାଇନ୍ (୨୬୪.୬ କି.ମି.) | ୩୮୦ |
| ୪ | ବାଂଶପାଣି-ଦୈତାରି-ଟମକା-ଯଖପୁରା (୧୮୦କି.ମି.) | ୮୦ |
| ୫ | ବୃନ୍ଦାମାଳ-ଝାରସୁଗୁଡ଼ା-ଫ୍ଲାଏଓଭର ସଂଯୋଗୀକରଣ (୬.୬ କି.ମି.) | ୧୦ |
| ୬ | ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ଲାଇନ (୮୦କି.ମି.) | ୧୦୨ |
| ୭ | ଜରପଡ଼ା-ବୁଢ଼ାପଙ୍କ (ତୃତୀୟ ଓ ଚତୁର୍ଥ ଲାଇନ) | ୧୧୮ |
| ୮ | ବୁଢ଼ାପଙ୍କ-ଶାଳଗାଁ (ତୃତୀୟ ଓ ଚତୁର୍ଥ ଲାଇନ) | ୨୦୫ |
| ୯ | କୋରାପୁଟ-ସିଙ୍ଗାପୁର ରୋଡ | ୨୦୧ |
| ୧୦ | ଜଗଦଲପୁର-କୋରାପୁଟ (୧୧୦ କି.ମି.) | ୧୩୦ |
| ୧୧ | କୋଟାଭାଲ୍‌ସା-କୋରାପୁଟ (୧୮୯ କି.ମି.) | ୧୯୬ |
| ୧୨ | ରାୟପୁର-ଟିଟିଲାଗଡ଼ (୨୦୩ କି.ମି.) | ୧୪୬ |
| ୧୩ | ଖୋର୍ଦ୍ଧାରୋଡ-ବାରଙ୍ଗ (ତୃତୀୟ ଲାଇନ) | ୩୫ |
| ୧୪ | ଝାରସୁଗୁଡ଼ା-ବିଳାସପୁର (ଚତୁର୍ଥ ଲାଇନ - ୨୦୬ କି.ମି.) | ୨୮୦ |
| ୧୫ | ବାଘୁଆପାଳ ଫ୍ଲାଏଓଭର | ୧୦ |
| ୧୬ | ମନୋହରପୁର-ବଣ୍ଡାମୁଣ୍ଡା (ତୃତୀୟ ଲାଇନ) | ୩୫ |
| ୧୭ | ରାଉରକେଲା-ଝାରସୁଗୁଡ଼ା (ତୃତୀୟ ଲାଇନ) | ୧୭୦ |
| ୧୮ | ବଣ୍ଡାମୁଣ୍ଡା-ରାଞ୍ଚି | ୨୦ |
| ୧୯ | ନାରାୟଣଗଡ଼-ଭଦ୍ରକ (ତୃତୀୟ ଲାଇନ) | ୫୦ |
| ୨୦ | ବଣ୍ଡାମୁଣ୍ଡା-ରାଉରକେଲା (ଚତୁର୍ଥ ଲାଇନ) | ୨୩ |
| ୨୧ | ଚମ୍ପା-ଝାରସୁଗୁଡ଼ା (ତୃତୀୟ ଲାଇନ) | ୨୦ |
| **କାରଖାନା ଏବଂ ଅନ୍ୟାନ୍ୟ ପ୍ରମୁଖ କାର୍ଯ୍ୟ** | | |
| ୧ | ଅନୁଗୋଳ ଇଲେକଟ୍ରିକ ଲୋକୋ ଶେଡ୍‌ର ସମ୍ପ୍ରସାରଣ, ଇଞ୍ଜିନ ଧାରଣ କ୍ଷମତା ୧୦୦ରୁ ୧୫୦କୁ ବୃଦ୍ଧି | ୪ |
| ୨ | ମାନେଶ୍ୱର: ମାଲବାହୀ ରେଳର ମରାମତି ସୁବିଧା | ୨୦ |
| ୩ | କଳାହାଣ୍ଡିଠାରେ ଇଲେକ୍ଟ୍ରିକ୍ ଇଞ୍ଜିନ ମରାମତି କାରଖାନା ସ୍ଥାପନ | ୧ |
| **ରେଳପଥ ବୈଦ୍ୟୁତିକୀକରଣ କାର୍ଯ୍ୟ** | | ୧୮୦ |
| **ମୋଟ** | | ୪୩୭୩ |

## ଅକ୍ଷୟଙ୍କୁ ବି ମିଳିଲାନାହିଁ ରାଜକ୍ଷମା

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ଅନ୍ୟତମ ଦୋଷୀ ଅକ୍ଷୟ କୁମାର ସିଂଙ୍କୁ ମଧ୍ୟ ରାଜକ୍ଷମା ମିଳିଲା ନାହିଁ। ତାଙ୍କ ମର୍ସି ପିଟିଶନକୁ ବୁଧବାର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଖାରଜ କରିଦେଇଛନ୍ତି। ଅକ୍ଷୟ ଦୁଇଦିନ ତଳେ ରାଷ୍ଟ୍ରପତିଙ୍କଠାରେ ଏହି ଆବେଦନ କରିଥିଲେ। ତେବେ ରାଷ୍ଟ୍ରପତି ଏହାକୁ ଖାରଜ କରିଦେଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହା ପୂର୍ବରୁ ମୁକେଶ ସିଂ ଓ ବିନୟ କୁମାର ଶର୍ମାଙ୍କ ମର୍ସି ପିଟିଶନକୁ ମଧ୍ୟ କୋବିନ୍ଦ ଖାରଜ କରିସାରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ରାହୁ ଓ ଚନ୍ଦ୍ର ତୃତୀୟସ୍ଥ ହେତୁ କାର୍ଯ୍ୟହାନିରୁ ମନ ଭଲ ରହି ନ ପାରେ। କୌଣସି ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଦୁଶ୍ଚିନ୍ତା କିମ୍ବା ଅତି ନିକଟତର ବନ୍ଧୁଙ୍କ ସମ୍ପର୍କର ହ୍ରାସ ଘଟିପାରେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା କିମ୍ବା ମତାନ୍ତର ଆଶଙ୍କା ଦେଖାଦେବ। ଅଶ୍ୱିନୀ ନକ୍ଷତ୍ରର ଅସୁସ୍ଥତାବଶତଃ କେତେକ ଅତ୍ୟାବଶ୍ୟକ କାମଗୁଡିକ ସ୍ଥଗିତ ରହିଯାଇପାରେ।

**ବୃଷ**

ବୁଧଙ୍କ ସ୍ଥିତିରୁ କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପ୍ରତ୍ୟେକ କ୍ଷେତ୍ରରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ଅନୁତାପ କରିପାରନ୍ତି। ଯାତ୍ରା କିମ୍ବା ସଭାସମିତିରେ ଆଲୋଚନାରେ ଅନ୍ୟମନସ୍କ ଯୋଗୁ କେତେକ ବ୍ୟତିକ୍ରମ ସୃଷ୍ଟିର ସମ୍ଭାବନା ଅଛି। କୃତ୍ତିକା ଅଟକି ରହିଥିବା କାମଟିକୁ ଆରମ୍ଭ କରିବାକୁ ମନ ବଳାଇବେ।

**ମିଥୁନ**

ଆଜି ଆପଣ ବ୍ୟସ୍ତତା ମଧ୍ୟରେ ଆନୁଷ୍ଠାନିକ କାର୍ଯ୍ୟର ପୂର୍ବ ପ୍ରସ୍ତୁତି ନିକଟ ସମ୍ପର୍କୀୟମାନଙ୍କ ସହାୟତାରେ ସମ୍ପନ୍ନ କରିବେ। ଶିଳ୍ପ,ବାଣିଜ୍ୟ ଓ ନିର୍ମାଣ ସକାଶେ ଖୋରାକ ଯୋଗାଇବ। କିନ୍ତୁ ଆରଦ୍ରା ନକ୍ଷତ୍ର ପାଇଁ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ନିଜର ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ।

**କର୍କଟ**

ସ୍ୱାସ୍ଥ୍ୟରେ ଉନ୍ନତି,ଶତ୍ରୁମାନଙ୍କ ଅଧୋଗତି, ବିବାଦର ଅବସାନ, ଋଣ ପରିଶୋଧ ପ୍ରଭୃତିରୁ ଖୁସି ମିଳିବ। ଆକସ୍ମିକ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ। ଯାତ୍ରା ସମୟରେ କିମ୍ବା ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ। ଶିକ୍ଷା,ପରୀକ୍ଷା, ସଭାସମିତି, ଶିଳ୍ପ କ୍ଷେତ୍ରରେ କୌଣସି ଅସୁବିଧା ହେବନାହିଁ।

**ସିଂହ**

ଆପଣଙ୍କ ନୂତନ କାର୍ଯ୍ୟ ସକାଶେ ଆର୍ଥିକ ପ୍ରଗତି ସହାୟକ ହେବାରେ ସାହାଯ୍ୟ କରିବ। କିନ୍ତୁ ଆଜିର ଯାତ୍ରା,ବିବାଦ,ଗୃହାରମ୍ଭ ସକାଶେ ଅନୁକୂଳ ରହିବ ନାହିଁ। ପାରିବାରିକ ଜୀବନରେ ମଧ୍ୟ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ନିଜେ ଜଳି ଅନ୍ୟକୁ ଆଲୋକ ପ୍ରଦାନ କଲାଭଳି ପରୋପକାରରୁ ପ୍ରଶଂସିତ ହେବେ।

**କନ୍ୟା**

ଶୁକ୍ରଙ୍କ ସୁପ୍ରଭାବରୁ ଅର୍ଥଲାଭ ସହ ମନୋରଞ୍ଜନ କାର୍ଯ୍ୟକ୍ରମରେ ଯୋଗଦେଇ ବନ୍ଧୁ ଗହଣରେ ପ୍ରଶଂସିତ ହେବେ। ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିପାରନ୍ତି କିମ୍ବା ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡିବେ। ସ୍ୱାର୍ଥସାଧନ ସକାଶେ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ତୁଳା**

ରାଶ୍ୟାଧିପତିଙ୍କ ଉଚ୍ଚାବସ୍ଥାନ ଯୋଗୁ ଅର୍ଥ ସମ୍ପର୍କିତ ଏବଂ କର୍ମକ୍ଷେତ୍ରରେ ସମସ୍ୟା ସମାଧାନରେ ବ୍ରତୀ ହେବେ। ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବା ସହ ଆକସ୍ମିକ ଭାବରେ ଜଣେ ଯୁବକଠାରୁ ଯଥେଷ୍ଟ ସହାୟତା ପାଇବେ। କିନ୍ତୁ ସକାଳ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହିବା ଭଲ ହେବ। କିନ୍ତୁ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା**

ମଙ୍ଗଳ ଓ ଶୁକ୍ରଙ୍କ ସୁପ୍ରଭାବରେ ପରିସ୍ଥିତି କ୍ରମଶଃ ସୁଧୁରିଯିବ ଏବଂ କର୍ମକ୍ଷେତ୍ରରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ଆଜିର ଖର୍ଚ୍ଚ ପରିମାଣ ଦିଗୁଣା ହେବା ସାଙ୍ଗକୁ ସାଧାରଣ ଘଟଣା ଓ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ସଭାସମିତି, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ**

ବିଭିନ୍ନ ପ୍ରକାରର ସମସ୍ୟା ଲାଗି ରହିଲେ ମଧ୍ୟ ନିୟନ୍ତ୍ରଣାଧୀନ ରହିବ। ପ୍ରତିଟି କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ ଯାହାକି ପରିସ୍ଥିତିକୁ ସରଗରମ କରି ରଖିବ। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ କିନ୍ତୁ କିଛି ଅସୁବିଧା ହେବନାହିଁ।

**ମକର**

ବିବାଦୀୟ ଘଟଣା ମନରେ ସ୍ଥାନ ପାଇବା ହେତୁ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପାରିବାରିକ ତର୍କବିତର୍କ କିମ୍ବା ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବନ୍ଧୁ ସକାଶେ ଦୀର୍ଘ ସମୟର ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ବନ୍ଧୁଙ୍କ ସହ ଆଲୋଚନା, ବ୍ୟବସାୟ, ଆଇନ, ଅଦାଲତ କ୍ଷେତ୍ରରେ ସୁଫଳ ପାଇବେ।

**କୁମ୍ଭ**

ଆଜି ପ୍ରତ୍ୟେକ କାମକୁ ଆତ୍ମୀୟତାର ସହ ସମ୍ପନ୍ନ କରି ପ୍ରଶଂସିତ ହେବେ। ବ୍ୟବସାୟରୁ ଶିଳ୍ପ, ବାଣିଜ୍ୟ ଓ ପରିବହନରୁ ଲାଭବାନ୍ ହେବେ। ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ବୁଝାମଣା ଠିକ୍ ରହିବା ସହ କଳା ସାହିତ୍ୟ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଆନୁଷ୍ଠାନିକ କ୍ଷେତ୍ରରେ ବଦ୍‌ଖର୍ଚ୍ଚ ରୋକିବା ପାଇଁ ଚେଷ୍ଟିତ ହୋଇପାରନ୍ତି।

**ମୀନ**

ଆଜିର କର୍ମକ୍ଷେତ୍ରରେ କିମ୍ବା ସଭାସମିତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ୍ୟ ଲାଭକରି ଖୁସି ହେବେ। ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ ଯାହାକି ସମସ୍ୟା ସୃଷ୍ଟି କରିପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ସାମାଜିକ ସ୍ତରରେ ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବନାହିଁ।

ଆଜି ମାଘ ଶୁକ୍ଲପକ୍ଷର ବରାହଦ୍ୱାଦଶୀ ଗୁରୁବାର, ଫେବୃୟାରୀ ୬ ତାରିଖ, ରାଶିନକ୍ଷତ୍ର-ଆରଦ୍ରା/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର,ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ ୬।୨୪ମି. ଗତେ ଘ୭।୫୪ମି. ମଧ୍ୟେ, ଘ୧୦।୫୩ମି. ଗତେ ଘ୦୧।୦୮ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୪୭ମି. ମଧ୍ୟେ ଘ୧୨।୦୦ମି. ଗତେ, ଘ୧।୨୪ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୨୪ମି. ଗତେ ଘ୨।୪୮ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

**Bhubaneswar Patia KIIT University ନିକଟରେ BDA yellowzone plot 30'road, electricity boundary ଥାଇ sqft.-850/-,1000/- (installment/ outrightରେ) ମିଳୁଅଛି। 9937025614, 9556219281.** D-68480

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1200sqft. 5,50,000. Contact: 8908492594. D-16256

ଭୁବନେଶ୍ୱର ହଂସପାଳଛକଠାରୁ **4k.m** ଦୂରତାରେ **30'** ପିଚୁରୋଡ଼କୁ ଲାଗି ଘରବାରି ପାଚେରି ପ୍ଲଟ ବେଣୁପୁର ପେଟ୍ରୋଲ ପମ୍ପ ପାଖରେ **@ 10,80,000/-, 9437033320.** D-68479

ଭୁବନେଶ୍ୱର **Tamando** ଥାନାଠାରୁ **1k.m** ଦୂରତାରେ **yellowzone plot** ମିଳୁଅଛି। **8594954102.** D-68485

Boundarywall, 30ft. road well demarcated plot near Gudia pokhari, Bilipada, Bhubaneswar. 9937518482, 8908805482. D-68656

Finished Simplex, 2BHK- 33,00,000/, 1BKH- 23,00,000/, near Hanspal, 8908015464, 9853347909. D-68483

ଭୁବନେଶ୍ୱର **Sumhospital**ରୁ **4k.m 100'** ରୋଡ଼କୁ ଲାଗି **Tamando Kendriyavihar**ଠାରେ **yellowzone** ଘରବାରୀ ପ୍ଲଟ **8763886290, 9348767829.** D-68486

**GENERAL SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68452

**healthcare**

Ayurvedic full body massage by ladies, gents therapist. 7008773793 D-60869

Joint pain ଓ full body massage ପାଇଁ home service ଚାହୁଁଛନ୍ତି କି? Contact କରନ୍ତୁ: 8456835401. D-16454

Ayurvedic full body massage ladies/gents smart experts therapist:- 8480939300. D-68772

Refresh your mind and soul with best therapy at Orchid Salon/Spa. 9937287222. D-68775

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68773

Newly open full body massage by ladies, gents therapist. 8018656899 D-60868

Full body herbal massage with refreshment expert therapist. 7381239385, 06742540855. D-68983

Experience full body massage with us (expert). Call: 7377048581, 06742597822. D-68984

Herbal full body massage by smart / expert therapist. Contact: 8338067247. D-68985

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68986

Body massage @ 1099 at mystic Unisex Salon and Spa. 9556978408. D-68988

Rejuvenate and Ayurvedic full body massage by smart therapist. 9114402304. D-68987

Refresh your body with smart and expert therapist. Contact: 8457855286. D-68989

Ayurvedic full body massage ladies and gents. Contact: 9861064981. D-68778

Monalisa Massage Club: All types body massage with hiprofile smart lady rooms service available- 9708545108. D-16557

**AFFIDAVIT**

By virtue of an affidavit before the Executive Magistrate, Puri, I have changed my name Behera Tapankumar Mulibandhu, S/o- Mulibandhu Madhu Behera to Pabitra Behera, on dtd. 05.02.2020. Henceforth I shall be known as Pabitra Behera S/o- Banchhanidhi Behera, Vill- Malleswari, PO- Maluda, PS- Krushnaprasad, Dist.- Puri for all purpose. D-16555



By an affidavit sworn before the Executive Magistrate, Barpali, I Shyam Sundar Agrawala, S/o- Late Ram Swarup Agrawala, R/o- At/ PO-Bandhapali, P.S. - Barpali, Dist. Bargarh declare that I have changed my surname from Agrawala to Goyal. Henceforth I shall be known as Shyam Sundar Goyal for all purposes. D-16558

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱାମୀ ଚିନ୍ମୟାନନ୍ଦ(୭୨) ବୁଧବାର ଜେଲରୁ ମୁକୁଳିଛନ୍ତି। ଆଇନ ଛାତ୍ରୀ ଯୌନ ନିର୍ଯାତନା ମାମଲାରେ ତାଙ୍କୁ ଆଲ୍ଲାହାବାଦ ହାଇକୋର୍ଟ ସୋମବାର ଜାମିନ ପ୍ରଦାନ କରିଥିଲେ। ଆବଶ୍ୟକ କାଗଜପତ୍ର, ବ୍ୟକ୍ତିଗତ ବଣ୍ଡ ଦାଖଲ ପରେ ଖବରଦାତାଙ୍କୁ କିଛି ନ କହି ସେ ସିଧା ଆଶ୍ରମକୁ ଚାଲିଯାଇଥିଲେ। ଏହି ମାମଲାକୁ ନେଇ ସେ ଗିରଫ ହେବା ସହ ଗତ ସେପ୍ଟେମ୍ବର ୩୦ରୁ ଜେଲରେ ଥିଲେ। ଏସ୍ଆଇଟି ମାମଲାର ତଦନ୍ତ କରି ରିପୋର୍ଟ ଦାଖଲ କରିଥିଲା।

# ୧୨ ଘଣ୍ଟା ପଶ୍ଚିମ ଓଡ଼ିଶା ବନ୍ଦ

**ସମ୍ବଲପୁର,୫।୨(ବ୍ୟୁରୋ)**

ପଶ୍ଚିମ ଓଡ଼ିଶା ଓକିଲ ସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଆହ୍ୱାନକ୍ରମେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ବୁଧବାର ପଶ୍ଚିମ ଓଡ଼ିଶାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଆନ୍ଦୋଳନରେ ପଶ୍ଚିମ ଓଡ଼ିଶାର ପ୍ରାୟ ସମସ୍ତ ଜିଲାବାସୀ ସାମିଲ ହୋଇଥିଲେ। ଏପରି କି ପ୍ରତ୍ୟେକ ଜିଲାରେ ଆନ୍ଦୋଳନକୁ ଜନ ସମର୍ଥନ ମିଳିବା ସହ ବନ୍ଦ ଶାନ୍ତିପୂର୍ଣ୍ଣ ରହିଥିଲା। କଳାହାଣ୍ଡି ଜିଲାରେ କୋର୍ଟ ବନ୍ଦ ରହିଥିବା ବେଳେ ଦୋକାନ ବଜାର ଖୋଲା ରହିଥିଲା। ସେହିପରି ସୋନପୁର ଜିଲାରେ ବନ୍ଦର ଆଂଶିକ ପ୍ରଭାବ ପଡିଥିବା ଦେଖିବାକୁ ମିଳିଥିଲା। ଅନ୍ୟ ଜିଲାଗୁଡିକରେ ବନ୍ଦ ପାଳନକୁ ଜନସାଧାରଣ ସମର୍ଥନ କରିଥିଲେ। ସମ୍ବଲପୁର ଜିଲା ଆନ୍ଦୋଳନରେ ବରିଷ୍ଠ ନାଗରିକ, ବିଭିନ୍ନ ଅନୁଷ୍ଠାନର ସଦସ୍ୟ, ରାଜନୈତିକ ଦଳ, ଓକିଲ ସଂଘ ସାମିଲ ହୋଇଥିଲେ। ସକାଳ ୬ଟାରେ ଆନ୍ଦୋଳକାରୀମାନେ କ୍ଷେତରାଜପୁର ରେଳ ଷ୍ଟେଶନରେ ରେଳ ରୋକୋ କରିଥିଲେ। ପ୍ରାୟ ସାଢେ ୧୦ଟା ପର୍ଯ୍ୟନ୍ତ ଆନ୍ଦୋଳନକାରୀମାନେ ରେଳ ଧାରଣା ଉପରେ ଛିଡା ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ପୁରୀ ଇଣ୍ଟରସିଟିକୁ ବାତିଲ କରାଯାଇଥିଲା। ଏପରି କି କେତେକ ଟ୍ରେନ ସମ୍ବଲପୁର ଷ୍ଟେଶନ ନିକଟରେ ଅଟକି ରହିଥିଲେ। ଯଶବନ୍ତପୁର-ହାଟିଆ ଟ୍ରେନ କ୍ଷେତରାଜପୁରରେ ଛିଡାହୋଇ ରହିଥିଲା। ଅନ୍ୟପକ୍ଷେ ଟ୍ରେନରେ ଯାତ୍ରା କରୁଥିବା କେତେଜଣ ଯୁବକ ଟ୍ରେନରୁ ଓହ୍ଲାଇ ଆନ୍ଦୋଳନକାରୀଙ୍କୁ ରେଳ ଧାରଣାରୁ ଉଠି ଯିବାକୁ କହିଥିଲେ। ଏନେଇ ଆନ୍ଦୋଳନକାରୀଙ୍କ ସହ ସେମାନଙ୍କ ପାଟିତୁଣ୍ଡ ହୋଇଥିଲା। ପୂର୍ବାହ୍ନ ପ୍ରାୟ ୧୦ଟା ୧୫ରେ ଆର୍‌ପିଏଫ, ଜିଆର୍‌ପି ଓ ଜିଲା ପୋଲିସ ୨୧ଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରିଥିଲା। ଗିରଫ ବେଳେ ଆନ୍ଦୋଳନକାରୀମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ତୁରନ୍ତ ପ୍ରତିଷ୍ଠା କରିବାକୁ ଦାବି କରିଥିଲେ। ଏପରି କି ବାର୍ କାଉନସିଲ ଅଫ୍ ଇଣ୍ଡିଆ ଓ ରାଜ୍ୟ ବାର୍ କାଉନସିଲ ମିଶି ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଚକ୍ରାନ୍ତ କରାଯାଉଥିବା ଅଭିଯୋଗ କରି ଆନ୍ଦୋଳନକାରୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ପଶ୍ଚିମ ଓଡ଼ିଶାବାସୀ ଏକତ୍ରିତ ହୋଇ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଛନ୍ତି। ଆନ୍ଦୋଳନକାରୀଙ୍କୁ ଗିରଫ କରିବା ଜିଲା ପ୍ରଶାସନର ଭୁଲ୍ ନିଷ୍ପତ୍ତି, ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଉଗ୍ରରୂପ ନେବ, ଏନେଇ ସରକାର ଦାୟୀ ରହିବେ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଥିଲେ। ଆନ୍ଦୋଳନକାରୀଙ୍କୁ ଆର୍‌ପିଏଫ୍ ଥାନାକୁ ଆଣି ପରେ ପୋଲିସ ସେମାନଙ୍କୁ ଛାଡି ଦେଇଥିଲା। ପରବର୍ତ୍ତୀ ସମୟରେ ଟ୍ରେନ ଚଳାଚଳ ସ୍ୱାଭବିକ ହୋଇଥିଲା। ଭୁବନେଶ୍ୱରରୁ ବଲାଙ୍ଗୀର ଆସୁଥିବା ଟ୍ରେନ ସମ୍ବଲପୁରରୁ ପୁଣି ଭୁବନେଶ୍ୱର ଫେରିଯାଇଥିଲା। ଅନ୍ୟପକ୍ଷେ ସମ୍ବଲପୁର ଡିଭିଜନର ୭ଟି ଟ୍ରେନର ସମୟ ସାରଣୀରେ ପରିବର୍ତ୍ତନ ହୋଇଥିଲା। ସେହିପରି ସମ୍ବଲପୁର ପଟୁ ଯାଇଥିବା ଅନ୍ୟ ଡିଭିଜନର ୩ଟି ମଧ ଟ୍ରେନ ବିଳମ୍ବ ହୋଇଥିବା ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଆନ୍ଦୋଳନକାରୀମାନେ ୫୫ ନମ୍ବର ଜାତୀୟ ରାଜପଥର ଅଇଁଠାପାଲି ଛକ, ଧନୁପାଲି ଛକ, ଚୌଧୁରୀଛକ, ମାନେଶ୍ୱର ଛକ, ଯୁଯୁମୁରା, ରେଢାଖୋଲ, କୁଚିଣ୍ଡା, ଜମନକିରା, ରେଙ୍ଗାଲି, ଗୋଶାଳା ପ୍ରମୁଖ ଛକରେ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଏନେଇ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଆମ୍ବୁଲାନ୍ସ, ବିବାହ ଉତ୍ସବରେ ସାମିଲ ଗାଡି ସହ ଅନ୍ୟ ସାମାଜିକ କାମରେ ଯାଇଥିବା ଗାଡି, ଦୁଗ୍ଧ ଯୋଗାଣ ଗାଡି, ଅଗ୍ନିଶମ ବିଭାଗ ଗାଡି ଭଳି ଜରୁରୀସେବା ଗାଡିଗୁଡିକ ବନ୍ଦ ପାଳନରେ କୋହଳ କରାଯାଇଥିଲା।



ବନ୍ଦ ଯୋଗୁ ସମ୍ବଲପୁର ଅଇଁଠାପାଲି ଛକ ଶୂନ୍‌ଶାନ୍।

**ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଜୋରଦାର**

- ବନ୍ଦକୁ ମିଳିଲା ଜନ ସମର୍ଥନ
- ପୁରୀ ଇଣ୍ଟରସିଟି ବାତିଲ, ଅନେକ ଟ୍ରେନ ବିଳମ୍ବ
- ୨୧ ଗିରଫ, ଆନ୍ଦୋଳନ ଜୋରଦାର କରିବାକୁ ଚେତାବନୀ
- ରେଳରୋକୋ, ସାଧାରଣ ଜୀବନଯାତ୍ରା ଅଚଳ

# ଜାଲ୍ ସାର୍ଟିଫିକେଟ ନେଇ ଏତଲା, ଶିକ୍ଷୟିତ୍ରୀ ନିଲମ୍ବିତ

**ଟିକିଟି,୫।୨(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ଜାଲ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଯାଞ୍ଚ ଚାଲିଛି। ଟିକିଟି ବ୍ଲକରେ ଏପରି ଜଣେ ନକଲି ଶିକ୍ଷୟିତ୍ରୀ ଧରାପଡ଼ିଛନ୍ତି। ତାଙ୍କ ବିରୋଧରେ ଥାନାରେ ଏତଲା ଦିଆଯିବା ସହ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ନକଲି ଶିକ୍ଷୟିତ୍ରୀ ଜଣକ ସେ ହେଲେ ଗମାଙ୍ଗ ଜୟନ୍ତୀ। ଜାଲ୍ ସାର୍ଟିଫିକେଟ ଦେଇ ସେ ୨ବର୍ଷ ହେଲା ଚାକିରି କରି ଆସୁଥିଲେ।

ଚାକିରି ଆବେଦନ ବେଳେ ଗମାଙ୍ଗ ବ୍ରହ୍ମପୁର ତହସିଲ ଅଞ୍ଚଳର ସ୍ଥାୟୀ ବାସିନ୍ଦା ବୋଲି ପ୍ରମାଣପତ୍ର ଦେଇଥିଲେ। ୨୦୧୮ ଏପ୍ରିଲ୍ ୩ ତାରିଖରେ ସେ ପତିଗୋବିନ୍ଦପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରେ ଯୋଗ ଦେଇଥିଲେ। ଗତ ଜୁଲାଇ ୧୯ ତାରିଖରୁ ଡେପୁଟେଶନରେ ନୂଆପଡ଼ା ଗ୍ରାମ ଯୁବରାଜପେଣ୍ଠ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଆସିଥିଲେ। ଜିଲାରେ ବହୁ ନକଲି ଶିକ୍ଷକ ଥିବା ଅଭିଯୋଗ ଆସିବାରୁ କିଛିମାସ ହେଲା ସାର୍ଟିଫିକେଟ ଯାଞ୍ଚ ଚାଲିଛି। ଟିକିଟି ବ୍ଲକର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଯାଞ୍ଚ ଚାଲିଥିବା ବେଳେ ଗମାଙ୍ଗ ବ୍ରହ୍ମପୁର ତହସିଲ ଅଞ୍ଚଳର ନୁହଁନ୍ତି ବୋଲି ଜଣାପଡିଥିଲା। ଏଥିସହ ସେ ଦେଇଥିବା ଜାତି ପ୍ରମାଣପତ୍ର ଜାଲ୍ ବୋଲି ସ୍ପଷ୍ଟ ହୋଇଥିଲା। ଏ ନେଇ ସମଗ୍ର ଶିକ୍ଷାର ଜିଲା ପ୍ରକଳ୍ପ ସଂଯୋଜିକା (ଡିପିସି) ବିନିତା ସେନାପତିଙ୍କ ନିର୍ଦ୍ଦେଶକ୍ରମେ ଟିକିଟି ବ୍ଲକର ଭାରପ୍ରାପ୍ତ ଶିକ୍ଷାଧିକାରୀ କୋରେଶୁ ସେଠୀ ମଙ୍ଗଳବାର କେ.ନୂଆଗାଁ ଥାନାରେ ଏତଲା ଦେଇଛନ୍ତି। ଏହାକୁ ଭିତ୍ତିକରି ନଂ. ୩୦/୨୦୨୦ ଦଫା ୪୨୦/୪୬୭, ୪୬୮/ ୪୭୧ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ଥାନାଧିକାରୀ ମାଧବନନ୍ଦ ନାୟକ କହିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ଭାରପ୍ରାପ୍ତ ବିଇଓ ସେଠୀ କହିଛନ୍ତି। ସମ୍ପୃକ୍ତ ଶିକ୍ଷୟିତ୍ରୀ ଛୁଟି ଦରଖାସ୍ତ ନ ଦେଇ ବୁଧବାର ବିଦ୍ୟାଳୟରେ ଅନୁପସ୍ଥିତ ଥିବା ପ୍ରଧାନ ଶିକ୍ଷୟତ୍ରୀ ସୌଭାଗ୍ୟ ମଞ୍ଜରି ସିଂ କହିଛନ୍ତି।






# ଭିଜିଲାନ୍ସ ଜାଲରେ ସୋର ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ

ସୋର,୫।୨(ଡି.ଏନ୍.ଏ.): ବାଲେଶ୍ୱର ଜିଲା ସୋର ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ବାସୁଦେବ ପ୍ରସାଦ ସାହୁ ଲାଞ୍ଚ ନେବା ଅଭିଯୋଗରେ ଗିରଫ ହୋଇଛନ୍ତି। ସହକାରୀ ଯନ୍ତ୍ରୀ ସାହୁ ଜଣେ ଠିକାଦାରଙ୍କଠାରୁ ୨ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଠିକାଦାର ଜଣକ ସୋର-ଚଡ଼କମରା ରାସ୍ତାର ବିଲ୍ କରାଇବା ପାଇଁ ୨ଲକ୍ଷ ଟଙ୍କା ଦେଇଥିଲେ। ପୂର୍ବ ଯୋଜନାନୁସାରେ ବାଲେଶ୍ୱର ଭିଜିଲାନ୍ସ ବିଭାଗ ତରଫରୁ ସନ୍ତୋଷ କୁମାର ସାମନ୍ତରାୟଙ୍କ ନେତୃତ୍ୱରେ ଆଇଆଇସି ସବିତା ବେହେରା, ଦୁଷ୍ମନ୍ତ ନାୟକ ପ୍ରମୁଖଙ୍କୁ ନେଇ ଏକ ଟିମ୍ ସୋର ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରେ ସହକାରୀଯନ୍ତ୍ରୀଙ୍କ ଟେବୁଲ୍ ଉପରୁ ୨ଲକ୍ଷ ଟଙ୍କା ଜବତ କରିଥିବାବେଳେ ତାଙ୍କ ନିଟକରୁ ଆଉ ୪୬,୫୦୦ ଓ ୧୯,୫୦୦ ମୋଟ୍ ୬୫,୦୦୦ ଟଙ୍କା ଜବତ କରାଯାଇଛି। ଅଧିକ ତଦନ୍ତ ପାଇଁ ତାଙ୍କୁ ପଚରାଉଚରା କରାଯାଉଥିବା ଜଣାପଡ଼ିଛି।

# ମନୋଜ ଦାସ ପାଇବେ 'କଳିଙ୍ଗ ସାହିତ୍ୟ ସମ୍ମାନ'

**ଭୁବନେଶ୍ୱର,୫।୨(ବ୍ୟୁରୋ)**

'ମାଇଷ୍ଟିକ୍ କଳିଙ୍ଗ ଫେଷ୍ଟିଭାଲ-୨୦୨୦'ରେ ବିଶିଷ୍ଟ ସାହିତ୍ୟିକ ତଥା କଥାକାର ପ୍ରଫେସର ମନୋଜ ଦାସ ଚଳିତବର୍ଷ ପାଇଁ 'କଳିଙ୍ଗ ସାହିତ୍ୟ ସମ୍ମାନ' ପାଇବେ। ଓଡ଼ିଶା ଡାଏରୀ ଫାଉଣ୍ଡେଶନ ଏବଂ ଓଡ଼ିଶା ଡାଏରୀ ମିଡିଆର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଫେବୃୟାରୀ ୮ ଓ ୯ ଦୁଇଦିନ ଧରି ସ୍ଥାନୀୟ ହୋଟେଲରେ ଆୟୋଜିତ ହେବ। ଏହି ଅବସରରେ ଦାସ ମହୋତ୍ସବର ମୁଖ୍ୟ ବିଷୟବସ୍ତୁ 'ଦିବ୍ୟ ଆନନ୍ଦ: ଜ୍ଞାନ, ଉନ୍ମାଦ ଓ ରୂପାନ୍ତରଣ'(Divine Madness: Knowledge, Ecstasy and Transformation) ଶୀର୍ଷକ ବିଷୟ ଉପରେ ସମ୍ଭାଷଣ ପ୍ରଦାନ କରିବେ। ପଦ୍ମ ପୁରସ୍କାରପ୍ରାପ୍ତ ମନୋଜ ଦାସଙ୍କ ସମ୍ଭାଷଣ ଶୁଣିବା ସମସ୍ତ ପୁସ୍ତକ ତଥା କଳାପ୍ରେମୀଙ୍କ ପାଇଁ ଏକ ଅପୂର୍ବ ସୁଯୋଗ ବୋଲି ମାଇଷ୍ଟିକ୍ କଳିଙ୍ଗ ଫେଷ୍ଟିଭାଲ ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ରଶ୍ମିରଞ୍ଜନ ପରିଡ଼ା କହିଛନ୍ତି। ଏହି ଅବସରରେ ଓଡ଼ିଆ ଭାଷା ଏବଂ ଭାରତୀୟ ଓ ବିଦେଶୀ ଭାଷାରେ କାଳଜୟୀ ସୃଷ୍ଟି ପାଇଁ ଦୁଇଟି ଭିନ୍ନ ଭିନ୍ନ ଅଲୌକିକ କଳିଙ୍ଗ ସାହିତ୍ୟ ସମ୍ମାନ ପ୍ରଦାନ କରାଯିବ। ପୁରସ୍କାର ବାବଦରେ ଏକ ଲକ୍ଷ ଟଙ୍କା, ମାନପତ୍ର ଓ ଖଦି ଉପଢୌକନ ପ୍ରଦାନ କରାଯିବ। ମହୋତ୍ସବରେ ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ଡ. ବିଜୟାନନ୍ଦ ସିଂ, ଅଜିତ ଦାସ, ସୁବାସ ପାଣି, ଯତୀନ ନାୟକ, ପିୟୋଶୀ ବରୁଆ, ଅସିତ୍ ମହାନ୍ତି ପ୍ରମୁଖ ନିଜର ସ୍ୱରଚିତ କବିତା ପାଠ କରିବେ।

ଚଳିତବର୍ଷ ଗ୍ରାମୀଣ ଓଡ଼ିଶାର ହଜିଯାଉଥିବା କିଛି ଲୋକଗୀତ ଏବଂ ବାଦ୍ୟକୁ ଫେଷ୍ଟିଭାଲରେ ପରିବେଷଣ କରାଯିବ। କେନ୍ଦେରା, ଧୁଡୁକି, ଖଞ୍ଜଣି ଆଦି ବଜାଇବା ସହ ଚକୁଳିଆ ପଣ୍ଡା ଏବଂ ପାଲା ଗାୟକଙ୍କ ପରି ଲୋକଗୀତ ପରିବେଷଣ କରୁଥିବା ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଶିଳ୍ପୀ ଏଥିରେ ଅଂଶଗ୍ରହଣ କରିବେ। ଦେଶ ତଥା ଦେଶ ବାହାରୁ ସାହିତ୍ୟିକମାନେ ଯୋଗଦେବେ। ୧୦ରୁ ଊର୍ଦ୍ଧ୍ୱ ପୁସ୍ତକ ଏଠାରେ ଲୋକାର୍ପିତ ହେବ।



# ଇସ୍କନ ମୁଖ୍ୟଙ୍କୁ ଚିଠି ଲେଖିବେ ଗଜପତି

**ପୁରୀ ଅଫିସ, ୫।୨**

ବିଧି ପରମ୍ପରାକୁ ବେଖାତିର କରି ବିଭିନ୍ନ ସ୍ଥାନରେ ଅଦିନରେ ହେଉଛି ରଥଯାତ୍ରା। ଗତ ଗୁରୁବାର ମୁମ୍ବାଇରେ ଇସ୍କନ ପକ୍ଷରୁ ଅସମୟରେ ରଥଯାତ୍ରା କରାଯାଇଥିବାରୁ ଏହାକୁ ନେଇ ପ୍ରତିକ୍ରିୟା ତୀବ୍ର ହେବାରେ ଲାଗିଛି। ଏହା ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ମହାପ୍ରଭୁଙ୍କ ପ୍ରତି ଅପମାନ ବୋଲି କହି ପୁରୀରେ ଏହାକୁ ଘୋର ବିରୋଧ କରାଯାଇଛି। ବାରମ୍ବାର ଇସ୍କନ ଏଭଳି ଆଚରଣ ଦେଖାଇ ବିଧି, ପରମ୍ପରାକୁ ମାନୁ ନ ଥିବାରୁ ଶ୍ରୀମନ୍ଦିର ସେବାୟତ, ଭକ୍ତ, ବୁଦ୍ଧିଜୀବୀ, ଗବେଷକ ତୀବ୍ର ପ୍ରତିବାଦ କରିଛନ୍ତି। ତେଣୁ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ମଧ ଏ ପ୍ରସଙ୍ଗ ଉଠିଛି। ସଦସ୍ୟମାନଙ୍କ ମଧ୍ୟରେ ଏ ନେଇ ଉଦ୍‌ବେଗ ପ୍ରକାଶ ପାଇଥିବାବେଳେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏ ନେଇ ଇସ୍କନ ମୁଖ୍ୟଙ୍କୁ ଚିଠି ଲେଖି ଅବଗତ କରାଇବେ ବୋଲି ନିଷ୍ପତ୍ତି ହୋଇଛି। ଆଗାମୀ ଦିନରେ ଅତିଥିରେ ରଥଯାତ୍ରା ନ କରିବାକୁ ଚିଠିରେ ଦର୍ଶାଯିବ। ସେହିପରି ଏ ଦିଗରେ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଅନୁରୋଧ କରିବ ବୋଲି ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର କହିଛନ୍ତି, ଅଦିନିଆ ରଥଯାତ୍ରାକୁ ନେଇ ପୂର୍ବରୁ ଇସ୍କନର କେତେକ ପ୍ରତିନିଧିଙ୍କ ସହ ଆଲୋଚନା ହୋଇଥିଲା। ଏଥିରେ ଇସ୍କନର ବରିଷ୍ଠ ନେତୃତ୍ୱମାନେ ଯୋଗଦେଇଥିଲେ। ଆସନ୍ତା ଏପ୍ରିଲରେ ମାୟାପୁରରେ ହେବାକୁ ଥିବା ଇସ୍କନ ପରିଚାଳନା ପରିଷଦ ବୈଠକରେ ଏହି ପ୍ରସଙ୍ଗ ଉପସ୍ଥାପନ କରାଯିବ ବୋଲି ସେମାନେ କହିଥିଲେ। ପୂର୍ବରୁ ମଧ ଲୁଧିଆନାରେ ଅଦିନରେ ରଥଯାତ୍ରା ଆୟୋଜନ ଲାଗି ଇସ୍କନ ନିଷ୍ପତ୍ତି ନେଇଥିଲା। ମାତ୍ର ପରେ ଏଥିରୁ ଓହରିଯାଇଥିଲା। କିନ୍ତୁ ନିକଟରେ ମୁମ୍ବାଇରେ ଇସ୍କନ ପକ୍ଷରୁ ରଥଯାତ୍ରା କରାଯାଇଛି। ମହାପ୍ରଭୁଙ୍କର ଯେଉଁ ପରମ୍ପରା ରହିଛି ସେହି ଅନୁସାରେ ରଥଯାତ୍ରା ହେବା କଥା। ବିଶେଷକରି ହିନ୍ଦୁ ଧର୍ମ ଏବଂ ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ଲାଗି ସମସ୍ତେ ଉଦ୍ୟମ କରିବା ଦରକାର। ମୁମ୍ବାଇରେ ରଥଯାତ୍ରା ଅନୁଷ୍ଠିତ ହେବା ନେଇ ଇସ୍କନ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ତଥାପି ଗଜପତି ମହାରାଜା ନିଜେ ଇସ୍କନ ମୁଖ୍ୟଙ୍କୁ ଚିଠି ଲେଖି ଜଣାଇବେ। ଆଗକୁ ଅତିଥିରେ ରଥଯାତ୍ରା ନ କରିବାକୁ ଏଥିରେ ଉଲ୍ଲେଖ କରାଯିବ। ଏଥିସହ ରାଜ୍ୟ ସରକାର ମଧ ସେମାନଙ୍କୁ ଜଣାଇବା ଲାଗି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁରୋଧ କରାଯିବ। ଏପ୍ରିଲରେ ଇସ୍କନ ବୈଠକରେ ସକାରାତ୍ମକ ନିଷ୍ପତ୍ତି ହେବା ନେଇ ଆଶା ରଖିଛୁ ବୋଲି ମୁଖ୍ୟ ପ୍ରଶାସକ ପ୍ରକାଶ କରିଛନ୍ତି।

ସୂଚନାଥାଉ କି, ଅଦିନିଆ ରଥଯାତ୍ରାକୁ ନେଇ ଗତବର୍ଷ ସେପ୍ଟେମ୍ବର ୬ରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ପୁରୀରେ ଯେଉଁଭଳି ବିଧି ଓ ପରମ୍ପରା ଅନୁସାରେ କରାଯାଉଛି ଅଧିକାଂଶ ସ୍ଥାନରେ ବିଧି ମୁତାବକ ହେଉନାହିଁ। ତେଣୁ ରାଜ୍ୟ ସରକାରଙ୍କ ସହଯୋଗରେ ରଥଯାତ୍ରର ବିଧି ବିଶ୍ୱବାସୀଙ୍କୁ ଜଣାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏହାସତ୍ତ୍ୱେ କେତେକ ଅନୁଷ୍ଠାନ ଏହାକୁ ବେଖାତିର କରୁଛନ୍ତି। ଗତବର୍ଷ ନଭେମ୍ବରରେ ଇସ୍କନ ପଞ୍ଜାବ ଲୁଧିଆନାରେ ରଥଯାତ୍ରା କରିବା ଲାଗି ନିଷ୍ପତ୍ତି ନେଇଥିଲା। ସେହିପରି ଉତ୍ତରପ୍ରଦେଶର ଗାଜିଆବାଦସ୍ଥିତ ଶ୍ରୀମଦ୍ ନାରଦୀୟ ଭାଗବତ ନିକୁଞ୍ଜ ଟ୍ରଷ୍ଟ ଗତବର୍ଷ ଡିସେମ୍ବର ୨୯ରେ ରଥଯାତ୍ରା ଆୟୋଜନ ଲାଗି ନିମନ୍ତ୍ରଣପତ୍ର ବାଣ୍ଟି ସାରିଥିଲା। ମାତ୍ର ତୀବ୍ର ବିରୋଧ ଏବଂ ଥାନାରେ ଏତଲା ଦିଆଯିବା ପରେ ଉଭୟେ ସେମାନଙ୍କ ନିଷ୍ପତ୍ତିରୁ ଓହରିଥିଲାବେଳେ ଗତ ଗୁରୁବାର ଇସ୍କନ ପକ୍ଷରୁ ମୁମ୍ବାଇରେ ରଥଯାତ୍ରା କରାଯାଇଥିଲା।



ବୈଠକରେ ଗଜପତି ମହାରାଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ଏବଂ ଅନ୍ୟମାନେ।

**ମୁମ୍ବାଇ ଅଦିନିଆ ରଥଯାତ୍ରା ପ୍ରସଙ୍ଗ**

**ରାଜ୍ୟ ସରକାରଙ୍କୁ ଅନୁରୋଧ କରିବ ଶ୍ରୀମନ୍ଦିର ପ୍ରଶାସନ**


## ODISHA JOINT ENTRANCE EXAMINATION - 2020 ( OJEE – 2020 )

**Ref. No. OJEE / 38** **Date : 05.02.2020**

**Odisha Joint Entrance Examination (OJEE) – 2020 will be conducted in the 1st week of May 2020 for admission to**

**B.Pharm/ MBA / MCA / M.Tech/ M.Tech (Part Time) / M.Arch / M Plan / M.Pharm / Int. MBA and Lateral Entry to B.Tech / B.Pharm / MCA Courses in Government and Private Universities and Colleges of Odisha**

**The Entrance Examination will be conducted in Computer Based Test (CBT) mode for all the courses as mentioned above.**

Candidates can secure their seats for these courses in various colleges as per their choice and their rank secured in the examination.

Interested candidates are advised to fill up the respective Application Forms **online through OJEE websites (www.ojee.nic.in / www.odishajee.com) only.**

**Please read, carefully, the 'Information Brochure' and the 'Instructions to fill On-line Application Form', which are available in the OJEE websites and can be downloaded.**

Also, please visit the OJEE website **www.ojee.nic.in / www.odishajee.com** for all detailed information regarding OJEE-2020, such as eligibility criteria, reservation policy, examination pattern, syllabus etc.

Please note that **Outside State candidates** are not eligible for admission in Government Colleges, but they are eligible for admission in Private Colleges as per Odisha Government rule.

Candidates may install OJEE android App from Google Play Store for latest information and notices.

*(For Admission to B.Tech and MBBS / BAMS / BHMS courses at different Government and Private Colleges of Odisha, candidates have to appear JEE (MAIN) / NEET (UG) conducted by National Testing Agency)*

**TENTATIVE SCHEDULE**

| | | |
|---|---|---|
| Tentative Dates for OJEE (Computer Based Test) | : | 1st Week of May (Exact dates shall be notified later) |
| Fill-up of Online Application through OJEE website begins on | : | 06th February,2020 |
| Last date to fill-up of Online Application form | : | 20th March, 2020 |
| Last date of Print of Confirmation page | : | 25th March, 2020 |
| Downloading admit card | : | 20th April, 2020 onwards |

**Sd/-**
**CHAIRMAN,**
**OJEE, Odisha**

ଏ ପର୍ଯ୍ୟନ୍ତ ତୁମେ ଯାହା ହୋଇଛ- ସେ ସମ୍ବନ୍ଧେ ଚିନ୍ତା କରନାହିଁ। କିନ୍ତୁ ତୁମେ ଯାହା ହେବାକୁ ଚାହଁ(ମାନେ, ଯାହା ତୁମର ହେବା ଉଚିତ।) କେବଳ ସେହି ବିଷୟରେ ଚିନ୍ତା କର। ନିଶ୍ଚିତରୂପେ ତୁମର ଉନ୍ନତି ହେବା
-ଶ୍ରୀମା



# ଚନ୍ଦ୍ର ଓ ରାତ୍ରିଚର ଜୀବ



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଜୀବନ ଉପରେ ଚନ୍ଦ୍ରାଲୋକର ପ୍ରଭାବ ରହିଛି। ଏହା ପ୍ରଜନନ, ଶିକାର, ଯାତାୟାତ, ଯୋଗାଯୋଗ ଓ ପ୍ରାଣିଜଗତର ଅନ୍ୟ କେତେକ କ୍ରିୟାକୁ ପ୍ରଭାବିତ କରେ। ରାତ୍ରିଚର ପ୍ରାଣୀମାନେ ଚନ୍ଦ୍ରାଲୋକରେ ଭଲଭାବେ ଶିକାର କରିପାରନ୍ତି, ଯଦିଓ ଶିକାର କରିବାକୁ ବାହାରକୁ ଆସିବା ଦ୍ୱାରା ନିଜେ ମଧ୍ୟ ଶିକାର ହେବାର ଆଶଙ୍କା ରହିଥାଏ। ଶିକାରଜନିତ ବ୍ୟବହାରଠାରୁ ପକ୍ଷୀଙ୍କ ସଙ୍ଗୀତ, ସବୁକୁ ପ୍ରଭାବିତ କରେ ଚନ୍ଦ୍ରାଲୋକ।

ତାଞ୍ଜାନିଆର ସେରେଙ୍ଗେଟିରେ ରହୁଥିବା ସିଂହ ରାତିରେ ଶିକାର କରନ୍ତି ଏବଂ ଅନ୍ଧାରପକ୍ଷ/ଅମାବାସ୍ୟାରେ ବି ସେମାନେ ସହଜରେ ଶିକାର କରିପାରନ୍ତି। କିନ୍ତୁ ସେମାନେ ଶିକାର କରୁଥିବା ଜୀବଗୁଡିକ ବିଭିନ୍ନ ଚନ୍ଦ୍ରକଳାରେ ବା ଶୁକ୍ଳ ବା କୃଷ୍ଣପକ୍ଷର ବିଭିନ୍ନ ତିଥିରେ କିଭଳି ପ୍ରତିକ୍ରିୟା ପ୍ରକାଶ କରନ୍ତି ? ବିଭିନ୍ନ ଚନ୍ଦ୍ରକଳାରେ ସିଂହ ଶିକାର କରିବାକୁ ଭଲ ପାଉଥିବା ପ୍ରଜାତିର ଜୀବମାନେ କିଭଳି ପ୍ରତିକ୍ରିୟା ପ୍ରକାଶ କରନ୍ତି ତାହା ଜାଣିବା ଲାଗି ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଗୁପ୍ତ କ୍ୟାମେରା ଲଗାଇଥିଲେ। ଚନ୍ଦ୍ରକଳା କ୍ରମଶଃ ହ୍ରାସ ପାଇବା ସମୟରେ ଆଫ୍ରିକୀୟ ବଣୁଆ ମଇଁଷିମାନେ ନିଜର ସୁରକ୍ଷା ପାଇଁ ଦଳବାନ୍ଧି ରହନ୍ତି। ଆଫ୍ରିକୀୟ ଜଙ୍ଗଲୀ ଆଣ୍ଟିଲୋପ୍ ବିଭିନ୍ନ ଚନ୍ଦ୍ରକଳାରେ ରାତିସାରା କ'ଣ କରିବେ ସେଥିଲାଗି ଯୋଜନା କରିବା ଲକ୍ଷ୍ୟକରାଯାଏ। କିନ୍ତୁ ମାସର ଅନ୍ଧାରତମ ପକ୍ଷରେ ସେମାନେ ସୁରକ୍ଷିତ ଜାଗାରେ ରୁହନ୍ତି ଯେଉଁଠିକୁ ସିଂହମାନେ ଯିବାର ସମ୍ଭାବନା ବି ନ ଥାଏ। ଧୀରେ ଧୀରେ ଚନ୍ଦ୍ରାଲୋକ ବଢିଚାଲିଲେ ସେମାନେ ଦୌଡି ନିଜକୁ ସିଂହଠାରୁ ବଞ୍ଚାଇପାରିବା ଭଳି ବିପଦସଙ୍କୁଳ ସ୍ଥାନକୁ ଯିବାକୁ ଉଦ୍ୟମ କରନ୍ତି। ଚନ୍ଦ୍ରର ତିଥିଚକ୍ର ସହ ଜେବ୍ରା ଓ ଟମ୍‌ସନ୍ସ ଗ୍ୟାଜେଲ (ଏକ ପ୍ରକାର ହରିଣ) ସେମାନଙ୍କ କାର୍ଯ୍ୟଧାରାରେ ପରିବର୍ତ୍ତନ କରିଥାଆନ୍ତି।

ରାତ୍ରିଚର ଆଫ୍ରିକୀୟ ଗୋବର ପୋକ ପାଇଁ ଚନ୍ଦ୍ରାଲୋକ ଏକ କମ୍ପାସ ଭଳି କାମ କରେ। ଏହି ପୋକ କିଭଳି ଠିକ୍ ପଥରେ ଗତି କରିପାରିବ ତାହା ଚନ୍ଦ୍ରକଳା ଉପରେ ନିର୍ଭର କରେ। ସଜ ଗୋବର ଦେଖିଲେ ଏହି ପୋକ ସେଥିରୁ ଟେଳାଏ ଗୋବରକୁ ଗୁଳା କରି ଗଡ଼ାଇ ଗଡ଼ାଇ ସମ୍ଭାବିତ ଶତ୍ରୁ ଓ ଅନ୍ୟ ପୋକମାନଙ୍କ ସହ ପ୍ରତିଯୋଗିତାକୁ ଏଡ଼ାଇବା ପାଇଁ ଯେତେ ଶୀଘ୍ର ସମ୍ଭବ ସୁରକ୍ଷିତ ଗାତକୁ ଚାଲିଯିବାକୁ ଲକ୍ଷ୍ୟ ରଖିଥାଏ। ଗୋବରରୁ ସୁରକ୍ଷିତ ଜାଗାକୁ କ୍ଷୁଦ୍ରତମ ରାସ୍ତା ହେଉଛି ସିଧା ରାସ୍ତା। ଚନ୍ଦ୍ରାଲୋକରେ ଏହା ଗୋବରଲଣ୍ଡା ଉପରୁ ଓହ୍ଲାଇ ସିଧା ସୁରକ୍ଷିତ ଗାତକୁ ଯାଇଥାଏ। କିନ୍ତୁ ଚନ୍ଦ୍ରାଲୋକ ନ ଥିଲେ ଏହି ପୋକ କେଉଁଆଡ଼େ ଯିବ ବୋଲି ଦ୍ୱନ୍ଦ୍ୱରେ ପଡ଼ି ଗୋବର ଗୁଳାକୁ ଏଣେତେଣେ ଗଡାଇଥାନ୍ତି, ବହୁ ସମୟରେ ଅପ୍ରତ୍ୟାଶିତ ଭାବେ ତା' ଉପରୁ ଓହ୍ଲାଇ ଆସି ଗୋବରଲଣ୍ଡା ଆଡ଼କୁ ଫେରିବା ଲକ୍ଷ୍ୟ କରାଯାଏ।

ସାମୁଦ୍ରିକ ପରିବେଶବିତ୍‌ମାନେ ଜାଣିପାରିଛନ୍ତି ଯେ, ସମୁଦ୍ରରେ ମାଛ ଯାଆଁଳକୁ ଚନ୍ଦ୍ରାଲୋକ ବଢିବାରେ ସାହାଯ୍ୟ କରେ। ମାଛର ଭିତରପାଖରେ କ୍ୟାଲସିୟମ୍ କାର୍ବୋନେଟରେ ଗଠିତ କାନ ଆକୃତିର ଅଟୋଲିଥ୍ ରହିଛି। ଏହାର ରିଙ୍ଗ୍‌ରୁ ମାଛର ବୟସ ନିର୍ଦ୍ଧାରଣ କରାଯାଇଥାଏ। ନ୍ୟୁଜିଲାଣ୍ଡର ପ୍ରବାଳ ପ୍ରାଚୀରରେ ପହଁରୁଥିବା ୩୦୦ଟି ଟ୍ରିପଲଫିନ୍ (ଏକ ପ୍ରକାର ସାମୁଦ୍ରିକ ମାଛ)ଙ୍କ ଅଟୋଲିଥ୍ ମାପ କରାଯାଇ ତାହାକୁ ଏକ କ୍ୟାଲେଣ୍ଡର ସହ ତୁଳନା କରି ବୈଜ୍ଞାନିକମାନେ ଜାଣିପାରିଛନ୍ତି ଯେ, ଏହି ମାଛ ଅନ୍ଧାର ପକ୍ଷ ତୁଳନାରେ ଚନ୍ଦ୍ରାଲୋକରେ ଶୀଘ୍ର ବଢିଥାନ୍ତି। ଯଦି ରାତିରେ ଚନ୍ଦ୍ର ବାଦଲରେ ଢାଙ୍କି ହୋଇରହିଯାଏ ତେବେ ତାହାକୁ ଅନ୍ଧାର ରାତି ବୋଲି ଗଣାଯାଏ। ମାଛ ଯାଆଁଳ ତା' ଖାଦ୍ୟ ପ୍ଲାଙ୍କଟନ୍ (ପ୍ଲବକ)କୁ ସହଜରେ ଚନ୍ଦ୍ରାଲୋକରେ ପାଇପାରିବାର କାରଣ କ'ଣ ହୋଇପାରେ ? ଉଜ୍ଜ୍ୱଳ ଚନ୍ଦ୍ରାଲୋକରେ ଶତ୍ରୁ ମାଛ ଲାଷ୍ଟିନଫିଶ୍ ବି ନିଜେ ବଡ଼ମାଛର ଶିକାର ନ ହେବା ଲାଗି ମାଛ ଯାଆଁଳକୁ ଶିକାର କରି ନ ଥାଏ। ଏଣୁ ମାଛ ଯାଆଁଳ ଏହି ସମୟରେ ଖାଦ୍ୟ ଅନ୍ୱେଷଣରେ ଲାଗିଯାଆନ୍ତି। କିନ୍ତୁ ଯୁବମାଛ ପ୍ରବାଳ ପ୍ରାଚୀରକୁ ଅନ୍ଧାରପକ୍ଷରେ ଫେରିଥାନ୍ତି। ଏଣୁ ପ୍ରବାଳରେ ଲୁଚିଥିବା ଶତ୍ରୁମାନଙ୍କ ଦ୍ୱାରା ସେମାନେ ସହଜରେ ଧରାପଡ଼ନ୍ତି ନାହିଁ। ତେବେ ପୂର୍ଣ୍ଣମୀ ପକ୍ଷରେ ବାସସ୍ଥଳୀକୁ ନ ଫେରିବା ଲାଗି ଏହି ମାଛମାନେ ସମୁଦ୍ରରେ ସ୍ୱାଭାବିକଠାରୁ ଅଧିକ ଦିନ ରହିଥାନ୍ତି ବୋଲି ବୈଜ୍ଞାନିକମାନେ ଜାଣିପାରିଛନ୍ତି।

ଡୁଡ୍‌ଲବଗ୍ (କଙ୍କି ଭଳି ପତଙ୍ଗ ଆଣ୍ଟିଲିଅନ୍‌ଙ୍କ ଶୂକ) ବାଲିଆ ପରିବେଶରେ ଶିକାର ସ୍ଥାନ ସନ୍ଧାନରେ ଘୂରିବୁଲନ୍ତି। ସେମାନେ ବାଲିରେ କାହାଳୀ ଭଳି ଗାତ କରି ସେଥିରେ ଶିକାର ପଡିବା ଯାଏ ଅପେକ୍ଷାରେ ବସିରୁହନ୍ତି। ପୂର୍ଣ୍ଣମୀ ପକ୍ଷରେ ଡୁଡୁଲବଗ୍ ବଡ ବଡ ଗାତ ଖୋଳିଥାନ୍ତି। ରାତିରେ ଉଜ୍ଜ୍ୱଳ ଚନ୍ଦ୍ରାଲୋକ ଶିକାର କରିବା ଲାଗି ଏକ ସୁଯୋଗ ସୃଷ୍ଟି କରିଥାଏ।

କଙ୍କଡ଼ାବିଛା ପୂର୍ଣ୍ଣମୀ ପକ୍ଷରେ ବିଶେଷ ପ୍ରତିକ୍ରିୟା ଦେଖାଇଥାଆନ୍ତି। ଚନ୍ଦ୍ରାଲୋକରେ ଥିବା ଅତିବାଇଗଣୀ ରଶ୍ମି କଙ୍କଡ଼ାବିଛାରେ ଥିବା ଏକ ପ୍ରକାର ପ୍ରୋଟିନ ସହ ପ୍ରତିକ୍ରିୟା କରିବା ଦ୍ୱାରା କଙ୍କଡ଼ାବିଛା ରାତିରେ ଉଜ୍ଜ୍ୱଳ ଦେଖାଯାଇଥାନ୍ତି। ସେମାନେ ପୂର୍ଣ୍ଣମୀ ପକ୍ଷରେ ଲୁଚିରହନ୍ତି ଏବଂ ଅମାବାସ୍ୟା ପକ୍ଷର ଅନ୍ଧାର ରାତିରେ ଶିକାର କରିଥାନ୍ତି। ପୂର୍ଣ୍ଣମୀ ପକ୍ଷରେ ଅନେକ ରାତ୍ରିଚର ପ୍ରାଣୀ କମ୍ ସକ୍ରିୟ ରହିଥାନ୍ତି। ବୋଡ଼ାସାପ ଶତ୍ରୁଙ୍କ ହାବୁଡ଼ରେ ନ ପଡିବା ଲାଗି ପୂର୍ଣ୍ଣମୀରେ ଗାତରୁ କ୍ୱଚିତ୍ ବାହାରିଥାନ୍ତି। ବ୍ୟାଜର (ଉଭୟ ମାଂସାଶୀ ଓ ତୃଣଭୋଜୀ ସ୍ତନ୍ୟପାୟୀ ପ୍ରାଣୀ ବିଶେଷ)ର ପ୍ରଜନନ କ୍ରିୟା ଉପରେ ଚନ୍ଦ୍ରାଲୋକର ପ୍ରଭାବ ରହିଛି। ସେମାନେ ଯେତେବେଳେ ସଙ୍ଗମ କରିବାକୁ ପ୍ରସ୍ତୁତ ହୁଅନ୍ତି ସେତେବେଳେ ସ୍ଥାନ ଚିହ୍ନିତ କରିବାକୁ ପରିସ୍ରା କରିଥାନ୍ତି। ସେମାନେ ଅମାବାସ୍ୟାରେ ଶତ୍ରୁ ନଜରରୁ ଦୂରେଇ ରହି ଅଧିକ ସମୟ ସୁରକ୍ଷିତ ପ୍ରଜନନ କ୍ରିୟା ପାଇଁ ସମ୍ଭବତଃ ଏହା କରିଥାନ୍ତି। ବ୍ୟାଜର ଶୁକ୍ଳପକ୍ଷରେ ଖୁବ୍ କମ୍ ପରିସ୍ରା କରିଥାଏ। ଶୁକ୍ଳପକ୍ଷରେ କେତେକ ନିର୍ଦ୍ଦିଷ୍ଟ ପ୍ରଜାତିର ପେଚା ସମ୍ଭାବିତ ପ୍ରଜନନ ପାଇଁ ରାବିବା ସହ ଡେଣା ମେଲାଇବାରେ ସକ୍ରିୟତା ପ୍ରକାଶ କରିଥାନ୍ତି। ପେଚା ପର ଉଜ୍ଜ୍ୱଳ ଚନ୍ଦ୍ରାଲୋକରେ ସ୍ପଷ୍ଟ ଦେଖାଯାଉଥିବାରୁ ସେମାନେ ଏହା କରିଥାନ୍ତି। ଅନ୍ୟପକ୍ଷରେ ଚନ୍ଦ୍ରାଲୋକରେ ରାତ୍ରିଚର ସାମୁଦ୍ରିକ ପକ୍ଷୀମାନେ କମ୍ ରାବନ୍ତି ଏବଂ ବାଦଲରେ ଚନ୍ଦ୍ର ଯେତେ ଯେତେ ଢାଙ୍କି ହେଉଥାଏ ସେମାନଙ୍କର ରାବିବା ସେତେ ବଢିଥାଏ। ନର୍ଦର୍ନ ସ-ହ୍ୱେଟ୍ ନାମକ କ୍ଷୁଦ୍ରକାୟ ପେଚା ବଡ଼ ପେଚାମାନଙ୍କ ଶିକାର ନ ହେବା ଲାଗି ଚନ୍ଦ୍ରାଲୋକରେ କମ୍ ସକ୍ରିୟ ରହିଥାନ୍ତି।

ଦିନରେ ସକ୍ରିୟ ପ୍ରାଣୀମାନଙ୍କୁ ମଧ୍ୟ ଚନ୍ଦ୍ରାଲୋକ ପ୍ରଭାବିତ କରେ। ଦକ୍ଷିଣ ଆଫ୍ରିକାର କାଲାହାରି ମରୁଭୂମିରେ ଦେଖାଯାଉଥିବା ହ୍ୱାଇଟ୍ ବ୍ରୋଓ୍ୱେଡ୍ ସ୍ୱାରୋ ଓ୍ୱିଭର (ଧଳା ଆଖିପତା ଥିବା ବାଇଚଢେଇ) ସେମାନଙ୍କ ବାସସ୍ଥଳୀର ସୁରକ୍ଷା ଲାଗି ଏକାଠି ରୁହନ୍ତି ଓ ଏକାଠି ରାବନ୍ତି/ଗାଆନ୍ତି। କିନ୍ତୁ ପ୍ରଜନନ ଋତୁରେ ପୂର୍ଣ୍ଣମୀ ଚନ୍ଦ୍ର ଯେତେବେଳେ ଦୃଶ୍ୟମାନ ହୁଏ ସେମାନେ ଶୀଘ୍ର ଉଠିଯାନ୍ତି ଓ ଅଧିକ ସମୟ ଧରି ରାବନ୍ତି। ଚନ୍ଦ୍ର କ୍ଷୀଣ ହେଲେ ଏହା କମିଯାଏ। ଅନେକ ପ୍ରାଣୀ ମୁଖ୍ୟତଃ ପକ୍ଷୀମାନଙ୍କ ପ୍ରବ୍ରାଜନ ଓ ସ୍ଥାନ ପରିବର୍ତ୍ତନ ଲାଗି ଚନ୍ଦ୍ରର ଆବଶ୍ୟତା ରହିଛି।

ସ୍ୱିଡେନ୍‌ର ଲଣ୍ଡ୍ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡିଛି ଯେ, ବ୍ରାଜକ ପକ୍ଷୀମାନେ ଦୂରଯାତ୍ରାରେ ବାହାରିବାବେଳେ ଚନ୍ଦ୍ରାଲୋକ ଥାଉ କି ନ ଥାଉ ତା'ର ଅନେକ ପ୍ରଭାବ ରହିଛି। ୟୁରୋପୀୟ ନାଇଟ୍‌ଜାରଙ୍କ ସାହାରାର ଦକ୍ଷିଣାଞ୍ଚଳ ଅଭିମୁଖେ ତିନିମାସିଆ ଯାତ୍ରା ଆରମ୍ଭ ସମୟକୁ କିଭଳି ଚନ୍ଦ୍ରର ତିଥିଚକ୍ର ଓ ଚନ୍ଦ୍ରାଲୋକ ପ୍ରଭାବିତ କରେ ବୈଜ୍ଞାନିକମାନେ ତା' ଉପରେ ଅନୁଧ୍ୟାନ କରିଥିଲେ। ଅନ୍ଧାର ରାତି ତୁଳନାରେ ଚନ୍ଦ୍ରାଲୋକିତ ରାତିରେ ଏମାନେ ପୋକଜୋକ ଶିକାର କରିବାରେ ଦୁଇଗୁଣ ଅଧିକ ସକ୍ରିୟତା ପ୍ରକାଶ କରୁଥିବା ଦେଖାଯାଇଥିଲା। ସେମାନେ ଯେଉଁଠି ଥାଆନ୍ତୁ ନା କାହିଁକି ପୂର୍ଣ୍ଣମୀର ୧୦ ଦିନ ପରେ ଦକ୍ଷିଣଆଡ଼କୁ ସେମାନଙ୍କ ଯାତ୍ରା ଆରମ୍ଭ କରିଥାନ୍ତି। ସାମୁଦ୍ରିକ ପକ୍ଷୀ ଷ୍ଟ୍ରେକ୍‌ଡ ଶିୟରଓ୍ୱାଟର ଦୀର୍ଘସମୟ ଉଡନ୍ତି ଏବଂ ବହୁ ସମୟରେ ପୂର୍ଣ୍ଣମୀରେ ପାଣିକୁ ଓହ୍ଲାନ୍ତି ବୋଲି ଜାପାନରେ କରାଯାଇଥିବା ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି। ତେବେ ସ୍ପଷ୍ଟ ଚନ୍ଦ୍ରାଲୋକରେ ଶାର୍କମାନେ ଏହାର ଫାଇଦା ଉଠାଇଥାନ୍ତି। ଏଣୁ ଶାର୍କର ଶିକାର ନ ହେବା ଲାଗି ଏହି ପକ୍ଷୀ ପାଣିରେ ବେଶି ସମୟ ରହି ନ ଥାନ୍ତି।

Email: gandhim@nic.in

## ଜୀବନ ପାତ୍ର ମୋ ଭରିଛ କେତେ ମତେ



ଡ. ଭାଗ୍ୟଲିପି ମଲ୍ଲ

'ଜୀବନ ପାତ୍ର ମୋ ଭରିଛ କେତେ ମତେ, ନ ଦେଲ କିଛି ବୋଲି କହିବି କି ହେ ଆଉ' ଏଇ ମାତ୍ର ଧାଡ଼ିକ ଶୁଣିଦେଲେ, ଶେଷ ପର୍ଯ୍ୟନ୍ତ ନ ଶୁଣି ରହି ହୁଏନି। ଗୀତର ସ୍ରଷ୍ଟା ବୈକୁଣ୍ଠନାଥ ପଟ୍ଟନାୟକ। ଏ ଗୀତକୁ ସ୍ୱର ଦେଇଛନ୍ତି ତାଙ୍କ କନ୍ୟା ସୁନନ୍ଦା ପଟ୍ଟନାୟକ, ଗାଇଛନ୍ତି ବି। ବେଳେବେଳେ ଭାବିବାକୁ ଇଚ୍ଛାହୁଏ, ଗୀତରେ ଏତେ ସମ୍ମୋହନ ସମ୍ଭବ ହେଲା କେମିତି ? ପୂର୍ଣ୍ଣତାକୁ ଅନୁଭବ କରିବା ପାଇଁ ତାଙ୍କ ଆତ୍ମାପକ୍ଷୀ ଡେଣାମେଲି ଦେଉଛି ଆକାଶ ଛାତିରେ। କହୁଛି, ଯେତେ ଦୂରରେ ତୁ ଥା', ମୁଁ ଉଡିଯିବି। ପାଣି, ପବନ, ପର୍ବତ, ସମୁଦ୍ର, ମାୟାମୟ ସଂସାର-କେହି ମୋର ଗତିକୁ ଆଟକ କରିପାରିବେ ନାହିଁ। ତୋର ଡାକ ଥରେ ଯାହା କାନରେ ବାଜିଛି, ସେ କ'ଣ ଥିର ହୋଇ ରହିପାରିବ ? ପୂର୍ଣ୍ଣତମ ସହିତ ମିଳିତ ହେବା ପାଇଁ ବ୍ୟାକୁଳତା। ମୋ ଶୂନ୍ୟତାର ତୁ ତ ଏକମାତ୍ର ପୂର୍ଣ୍ଣତା। ମୋ ମୁକ୍ତ ରୂପ ଓ ଯାତ୍ରାକୁ ଆଉ କିଏ ବା ଆଟକ କରିପାରିବ ?

ବୈକୁଣ୍ଠ ଓ ସୁନନ୍ଦା ଆମକୁ ଏମିତି ସମ୍ମୋହିତ କରିବାର କାରଣ କ'ଣ ବା ହୋଇପାରେ ? କାରଣ, ସେମାନେ ଆମ ଭିତରେ। ସେମାନେ ଆମ ଚାରିପାଖର ସଂସାର ଭିତରେ ଥାଇ, ତଥାପି ଅସୀମ ଆକାଶରେ ଡେଣାମେଲି ଦେଇଥିବା ମୁକ୍ତ ଆତ୍ମାପକ୍ଷୀ।

ପରଂବ୍ରହ୍ମ ଆମକୁ ଜନ୍ମ ଦେଇଛନ୍ତି। ଆମ ଜୀବନ ବଞ୍ଚିବା ପାଇଁ ସକଳ ଆବଶ୍ୟକତା ଖଞ୍ଜିଦେଇଛନ୍ତି। ଗଛ, ଲତା ଦେଇଛନ୍ତି। ଫୁଲରେ ସୁଗନ୍ଧ, ଫଳରେ ଖାଦ୍ୟ। ପାଣି, ପବନ, ଆକାଶ, ମାଟି, ପଶୁ, ପକ୍ଷୀ, ସରୀସୃପ, କୀଟ, ପତଙ୍ଗ- ପ୍ରତ୍ୟେକ ଆମର ଆବଶ୍ୟକତା। ପ୍ରତ୍ୟେକଙ୍କର ବିଚିତ୍ର ରୂପ, ବିଚିତ୍ର ଆଚରଣ, ପ୍ରେମ। ଆମେ କିନ୍ତୁ ଏକଥା ଭୁଲିଯାଉ। କବି ବୈକୁଣ୍ଠନାଥ 'ଜୀବନ'କୁ ଏକ ପାତ୍ର ବୋଲି କହିଛନ୍ତି ଓ ତାକୁ ନାନାମତେ ପୂର୍ଣ୍ଣ କରିଥିବାରୁ ପରମେଶ୍ୱରଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି। ଅବଶ୍ୟ ଜୀବନର ତରୀକୁ ଈଶ୍ୱରଙ୍କ ମହାପାରାବାରରେ ଲକ୍ଷ୍ୟହୀନ ଭାବରେ ଭସେଇ ଦେବାବେଳେ କୂଳର ଜନମାନଙ୍କ ସହ ବିଷୟାବିଷରେ ଛନ୍ଦି ହେବା, ପୁଣି ଅତିକ୍ରମ କରି ଅନନ୍ତରେ ଲୀନ ହୋଇଯିବା କଥା ମଧ୍ୟ କହିଛନ୍ତି।

ଅପ୍ରାପ୍ତିଜନିତ ଅସନ୍ତୋଷକୁ ସହଜରେ ସ୍ୱୀକାର କରି ନ ପାରି ମଣିଷ ଦେବତା ପାଖକୁ ଯାଏ। ଆବଶ୍ୟକତା ପୂରଣ ପାଇଁ ସଂସାର ଯାକର ସମ୍ପଦ ମାଗେ। ଛୋଟରୁ ଆରମ୍ଭ। ପଦାର୍ଥର ସଂଖ୍ୟା, ଆକାର ଓ ପ୍ରକାର ବଢି ଚାଲେ। ଶେଷ ହୁଏନି। ନ ପାଇଲେ, ପାଇବାରେ ଡେରି ହେଲେ, କାନ୍ଦେ। ଲାଞ୍ଛିଦିଏ। ଶେଷକୁ ରାଗରେ ଗାଳିଦିଏ। ଅନ୍ୟମାନଙ୍କୁ ଏତେକଥା ଦେଲ, ମୋତେ କାହିଁକି ଦଉନ ବୋଲି କଳିକରେ, ଅଭିମାନ ବି କରେ। ଜୀବନସାରା ଅନ୍ୟମାନଙ୍କ ଆଡକୁ ଚାହିଁ, ସେ ନିଜକୁ ଚାହିଁବାକୁ ଭୁଲିଯାଇଥାଏ। ଅନ୍ୟମାନଙ୍କ କଥା ଭାବିଭାବି, ନିଜ ଭାବନାର ଶକ୍ତିକୁ ହରେଇ ଦେଇଥାଏ। କ'ଣ ପାଇଁ ଏ ସୁନ୍ଦର ପୃଥିବୀରେ ପୁଣି ମଣିଷ ପରି ଏକ ଚମତ୍କାର ଜୀବନ ବଞ୍ଚିରହି ମଧ୍ୟ ସେ ନିଜକୁ ସନାକ୍ତ କରିପାରେ ନାହିଁ? ବୁଝିପାରେନାହିଁ? କାହିଁକି ଏକ ସୁନ୍ଦରତମ, ସୁଖତମ, ଆନନ୍ଦମୟ, ପ୍ରେମମୟ ପ୍ରାପ୍ତିକୁ ମଣିଷ ଖାରଜ କରିଦେଇ ମିଥ୍ୟା ଓ ପ୍ରହେଳିକା ପଛରେ ଧାଏଁ ? କାହିଁକି ନିଜ ପାଖରେ ଥିବା କସ୍ତୁରୀର ସୁଗନ୍ଧରେ ସେ ବିମୋହିତ ନ ହୋଇ, କୃତ୍ରିମ ବାସ୍ନା ପଛରେ ଗୋଡ଼ାଏ ? କ'ଣ ପାଇଁ ତା'ର ମାନସ-ହଂସ ଉଡିବାକୁ ଇଚ୍ଛା କରୁଥିବା ଦିଗକୁ ସେ ବୁଝି ପାରେନାହିଁ ?

ଚରଣ ବନ୍ଦନା ପାଇଁ ଜୀବନର ବୀଣାରେ ମୂର୍ଚ୍ଛନା ଦେଇଛନ୍ତି ପରମେଶ୍ୱର। ଅନନ୍ତ ସୁଖର ପାରାବାର ଖଞ୍ଜିଛନ୍ତି ପାଖରେ। ପରାଣକୁଞ୍ଜରେ ଶୁଣାଉଛନ୍ତି ବଂଶୀର ନିତ୍ୟରାସ। ତଥାପି ବିଷୟାବିଷରେ ଆକ୍ରାନ୍ତ ମନ ସେଥିପ୍ରତି ଆକୃଷ୍ଟ ହୋଇପାରୁନାହିଁ। ଏହି ଅନନ୍ତ ଆନନ୍ଦପାଇଁ ମଣିଷକୁ ବନସ୍ତରେ ତପସ୍ୟା କରିବାକୁ ପଡିବ ନାହିଁ। ବନ୍ଧୁ, ସୋଦର, ଜ୍ଞାତି, ପରିଜନବେଷ୍ଟିତ ସଂସାର ଭିତରେ ହିଁ ତାକୁ ଏହି ଆନନ୍ଦ ଉତ୍ସର ସନ୍ଧାନ କରିବାକୁ ପଡିବ। ଜୀବନର ଆଲୋକରେ, ବିଜୟ ପଥରେ ନିତ୍ୟ ବୃନ୍ଦାବନ ଦେଖିବାର ଯେଉଁ କାବ୍ୟିକ ଉଚ୍ଛ୍ୱାସ କବି ବୈକୁଣ୍ଠନାଥ ପ୍ରଦର୍ଶିତ କରିଛନ୍ତି, ତାହା ସକଳ ମାନବ ଜାତି ପାଇଁ ମୁକ୍ତି ମଶାଲର ଅନିର୍ବାଣ ଆଲୋକ ଶିଖା ହୋଇ ସେମିତି ପ୍ରଜ୍ୱଳିତ ହୋଇ ରହିଥିବ ଅନନ୍ତକାଳ ଯାଏ। ତାଙ୍କର ଗୋଟିଏ ସନେଟ୍‌ରେ ସେ ଲେଖିଛନ୍ତି: 'ତୁମରି ଆଲୋକେ ବିକାଶୁ ଜୀବନ ଶୁଭ୍ର କମଳସମ/ତୁମ ବିଶ୍ୱାସେ ଦୈନ୍ୟ ଦୁଃଖ ସହିବାରେ ହୁଏ କ୍ଷମ'। ବୈକୁଣ୍ଠନାଥ- ବ୍ୟକ୍ତି ଜୀବନର ଏହି ସତ୍ୟକୁ ଅନୁଭବ କରିଛନ୍ତି। ତାଙ୍କ ଦେହ ଦ୍ୱାରର କବାଟ, ଝରକା ଖୋଲି ଦେଇଛନ୍ତି। ଅନୁଭବ କରିଛନ୍ତି- ଏ ଦେହ ତାଙ୍କର ନୁହେଁ, ପରମର। ଏକ ଅଭାବହୀନ, ପରିପୂର୍ଣ୍ଣ ପାତ୍ର। ଏ ପାତ୍ର ମିଛ ନୁହେଁ, ନିଃସଙ୍ଗ ବି ନୁହେଁ। ପ୍ରତ୍ୟେକ ପଦାର୍ଥ ଓ ଅନୁଭବରେ ସେ ଅଛନ୍ତି। ତାଙ୍କ ଅଶ୍ରୁତସ୍ୱର, ଅଶ୍ରାବ୍ୟ କଥା, ଅରୂପ ରୂପ- ସବୁକିଛି ସ୍ପଷ୍ଟ ହୋଇଯାଇଛି। ଯିଏ ପୂର୍ଣ୍ଣ, ସିଏ ପୁଣି ମାଗିବ କ'ଣ ? ମଣିଷର ମାନସ-ହଂସଟି ବିଚାର ଭ୍ରମରେ ପଡି ଏହି ଚରମ ସତ୍ୟକୁ ବୁଝିପାରେ ନାହିଁ।

ଜୀବନ ଏକ ଯାତ୍ରା, ଯାହାପାଖରୁ ଆସିଥିଲା, ତା'ରି ପାଖକୁ; ଯାହା ଭିତରୁ ଆସିଥିଲା, ତା' ସହିତ ଏକୀଭୂତ ହେବାକୁ। ଜୀବନ ଏକ ପୂର୍ଣ୍ଣ ଶୂନ୍ୟତା। ଜୀବନପାତ୍ର ତେଣୁ ଆଉ ପୂର୍ଣ୍ଣ ହୋଇପାରେନା। ଯେତେ ପୂର୍ଣ୍ଣ କଲେ ବି ସେମିତି ଅଧା ଲାଗେ। ବାପ ଓ ଝିଅ- ଦୁଇଜଣ, ଜଣେ ଶବ୍ଦରେ ଓ ଅନ୍ୟଜଣେ ସ୍ୱରରେ ଏହା ହିଁ କହିଛନ୍ତି। ଏହା ଶବ୍ଦ କି ଗୀତ ନୁହେଁ! ଅନୁଭବ- ତେଣୁ ଏତେ ଅନ୍ତରଙ୍ଗ। ଏବେ ସୁନନ୍ଦା ନୀରବ। ମାତ୍ର ତାଙ୍କ ସ୍ୱର ଯେମିତି କହି ଦେଉଛି, ମୁଁ ଅଛି ଏବଂ ମୁଁ ରହିଥିବି।

(ପ୍ରୟାତ ସୁନନ୍ଦା ପଟ୍ଟନାୟକ ସ୍ମରଣେ)

ମୋ- ୮୯୧୭୩୩୨୫୮୫

## ଏଇ ଭାରତରେ

ଛତିଶଗଡ଼ ରାଜ୍ୟ ଗଠନ ହେବାର ୨୦ ବର୍ଷ ପରେ ୧୦ଟି ଗାଁରେ ପ୍ରଥମ ଥର ପାଇଁ ମତଦାନ ହେବା ଘଟଣା ସାମ୍‌ନାକୁ ଆସିଛି। ଦାନ୍ତେଓ୍ୱାଡା ଜିଲା ମାଓବାଦୀ ପ୍ରଭାବିତ ପୋଟାଲି ଅଞ୍ଚଳର ଏହି ଗାଁଗୁଡିକରେ ପଞ୍ଚାୟତ ନିର୍ବାଚନରେ ଲୋକମାନେ ସେମାନଙ୍କ ମତ ସାବ୍ୟସ୍ତ କରିଛନ୍ତି। କୁଆକୋଣ୍ଡା ବ୍ଲକ୍ ଅଧୀନ ଘଞ୍ଚ ଜଙ୍ଗଲ ମଧ୍ୟରେ ରହିଥିବା ଏହି ଗାଁଗୁଡିକରେ କେବେ ବି ବୁଥ୍ ହୋଇପାରି ନ ଥିଲା। ପୂର୍ବରୁ ଏହି ସବୁ ଗାଁ ପାଖରୁ ୧୦ରୁ ୧୫ କିମି ଦୂର ଅରନପୁର ଓ ସମେଲିରେ ବୁଥ୍ କରାଯାଇଥିଲା। କିନ୍ତୁ ସେଠାରେ କୌଣସି ଗାଁରୁ ଲୋକେ ପହଞ୍ଚି ନ ପାରିବାରୁ ମତଦାନ ଶୂନ ପ୍ରତିଶତ ହୋଇଥିଲା। ଏଥର ଅରବେ, ପୋଟାଲି ଓ ମଡକାମୀରାସ ଗାଁରେ ପ୍ରଥମେ ବୁଥ କରାଯାଇ ଭୋଟ ଗ୍ରହଣ କରାଯାଇଛି। ଏହି ତିନିଟି ଗାଁ ବ୍ୟତୀତ ନୀଳାବାୟା, ବୁରୁଗୁମ, ହିରୋଲି, ରେଓ୍ୱାଲି, ବୈରମ, ନହାଡି ଓ ଜବେଲିରେ ପ୍ରଥମ ଥର ମତଦାନ ହୋଇଛି। ଏହି ସବୁ ଦୁର୍ଗମ ଅଞ୍ଚଳକୁ କେହି ପ୍ରଚାର କରିବାକୁ ପୂର୍ବରୁ ଯାଉ ନ ଥିଲେ କି ବୁଥ୍ କରାଯାଉ ନ ଥିଲା। କିନ୍ତୁ ଏଥର ପଞ୍ଚାୟତ ନିର୍ବାଚନରେ ସେଠାରେ ପ୍ରଚାର ହୋଇଥିଲା ଓ ଲୋକମାନେ ପୋଷ୍ଟର ବ୍ୟାନର୍ ଦେଖିବାକୁ ପାଇଥିଲେ। ପୋଟାଲିରେ ସିଆର୍‌ପିଏଫ୍ କ୍ୟାମ୍ପ୍ ଖୋଲାଯିବା ପରେ ଯୋଗାଯୋଗ ସୁବିଧା ହେବାରୁ ଏହା ସମ୍ଭବ ହୋଇଛି ବୋଲି କୁହାଯାଉଛି। ପୋଟାଲି ଅଞ୍ଚଳ ଏତେ ଦୁର୍ଗମ ଯେ, ଗତ ବିଧାନସଭା ନିର୍ବାଚନରେ ଏଠାରେ ୧ କିମ୍ବା ୨ ପ୍ରତିଶତ ଭୋଟ ପଡିଥିଲା।

## ଚିରନ୍ତନୀ

ମରମେ ଲେଖଇ ବିରହ ଯାହାର ଦୁରୂହ ବ୍ୟଥା
ମିଳନ ଯାହାର ସଜଳ କରଇ କଜଳ ପତା
ସେହି ସେ ମନର ମାନସୀ ଆଶାରେ ଝରଇଁ ବସି
ତା' ଲାଗି ଚିଟାଉ ଲେଖିବାକୁ ମୁଁ ଗୋ ଖୋଜଇଁ କଥା।
ତା' ଲାଗି ଅଙ୍ଗେ ଭସ୍ମ ବହିଲି ଶିରରେ ଜଟା
ଚିର ଗଇରିକ ରଙ୍ଗ ଧରିଲା ପରାଣ ଗୋଟା
ଅନ୍ତର ତଳୁଁ ଝରିପଡ଼େସଦା ବେଦନା-ମସୀ
ଏ ଦେହ ପରାଣ ଘେନି ସେ ନାଗରୀ ଖେଳଇ ହଟା।
(ମାନସୀ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 7 | | D | | 8 | A | 2 | | | | | | | |
| | | | 2 | | 4 | | | | | 6 | | | | 1 |
| E | | 1 | | | | | | | | | 5 | 9 | 8 | 7 |
| | | 8 | 1 | | | | | | | | A | | | C |
| 4 | 9 | D | | | | | 0 | | | | | E | 6 | |
| | 0 | | | | C | | | | | B | 2 | 7 | | 3 |
| | | C | 7 | | B | 5 | 6 | 8 | | 4 | 1 | | | 0 |
| | | | 4 | 8 | | | D | | | C | | | | |
| A | | | | | 0 | E | | | | 3 | | | | |
| 2 | | | | | | | C | | 5 | | | | | |
| | | | | D | | | | 7 | A | | C | | 3 | |
| 7 | D | B | | | | | | | 2 | | | | 0 | |
| | A | | | B | 2 | | | | | | | 8 | | 5 |
| | | 9 | | 3 | 5 | | 4 | | | | B | C | 7 | 2 |
| 8 | | 0 | | | | D | | | | | 3 | | E | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | D | 3 | 7 | A | 9 | E | 1 | 2 | C | 5 | 8 | B | 0 | 6 |
| 0 | 8 | B | 5 | C | 2 | 7 | 9 | 3 | A | E | 6 | 4 | D | 1 |
| A | C | E | B | 8 | 3 | 0 | 4 | 6 | 1 | 9 | D | 2 | 5 | 7 |
| 9 | 1 | 6 | D | 0 | 4 | 8 | 5 | A | 2 | B | 7 | C | E | 3 |
| 2 | 5 | 7 | 1 | 6 | E | D | B | C | 3 | 0 | 4 | 9 | 8 | A |
| 5 | A | 2 | 9 | E | B | C | 0 | 1 | 6 | 4 | 3 | D | 7 | 8 |
| 3 | 6 | 0 | C | D | 7 | 2 | 8 | 4 | 5 | 1 | E | A | 9 | B |
| 1 | 7 | 8 | A | 5 | 0 | 6 | 3 | B | 9 | D | C | E | 4 | 2 |
| B | E | 4 | 2 | 1 | 6 | 9 | 7 | D | 8 | A | 0 | 5 | 3 | C |
| D | 9 | C | 3 | 4 | 8 | A | E | 5 | B | 7 | 2 | 6 | 1 | 0 |
| C | 2 | 1 | 4 | 7 | A | B | D | 0 | E | 3 | 5 | 8 | 6 | 9 |
| E | 0 | 9 | 6 | B | C | 5 | A | 7 | 4 | 8 | 1 | 3 | 2 | D |
| 6 | 4 | 5 | 8 | 3 | D | 1 | C | 9 | 0 | 2 | B | 7 | A | E |
| 7 | 3 | A | E | 2 | 1 | 4 | 6 | 8 | D | C | 9 | 0 | B | 5 |
| 8 | B | D | 0 | 9 | 5 | 3 | 2 | E | 7 | 6 | A | 1 | C | 4 |

ଗତକାଲିର ଉତ୍ତର

## ସ୍ପୋକନ ଇଂଲିଶ ଶିକ୍ଷା : ଏକ ପ୍ରବଞ୍ଚନା



ଡ. ସୁବାସ ଚନ୍ଦ୍ର ପାତ୍ର

ପ୍ରଥମ ଶ୍ରେଣୀରୁ ସ୍ପୋକନ ଇଂଲିଶ ଶିକ୍ଷା ପାଇଁ ଉଦ୍ୟମ, ଗଣମାଧ୍ୟମରେ କୋଳାହଳ ସୃଷ୍ଟି ପାଇଁ ଉଦ୍ଦିଷ୍ଟ। ଏହା ଏକ ଆତ୍ମରକ୍ଷାମୂଳକ ପଦକ୍ଷେପ। ହଜେଇ ଦେଇଥିବା 'ମାଟି' ତଥା ସୁନାମ ଫେରି ପାଇବା ତଥା ସରକାରୀ ସ୍କୁଲକୁ ଅବାନ୍ତରତାରୁ ରକ୍ଷା କରିବା ନିମନ୍ତେ ଏହା ଆଉ ଏକ ବିଫଳତାଭରା ପଦକ୍ଷେପ। କାରଣ ସମସ୍ତେ ଜାଣନ୍ତି ଶିକ୍ଷିତ ଓ ସଚେତନ ଅଭିଭାବକମାନେ ଓଡ଼ିଆ ସ୍କୁଲରୁ ମୁହଁ ଫେରାଇଲେଣି। ସହର ସହିତ ନିପଟ ମଫସଲରେ ଇଂଲିଶ ମିଡିୟମ ସ୍କୁଲ ଛତୁ ଫୁଟିଲା ଭଳି ଗଡ଼ି ଉଠିଲାଣି। କେବଳ ବାଧ୍ୟବାଧକତାରେ ପଡ଼ି କିଛି ଅଭିଭାବକ ଓଡ଼ିଆ ସ୍କୁଲରେ ପିଲାମାନଙ୍କୁ ଆଡ୍‌ମିଶନ କରାଉଛନ୍ତି।

ଏବେ ଦ୍ୱିତୀୟ ଶ୍ରେଣୀରୁ ଇଂଲିଶ ଶିକ୍ଷା ପ୍ରଦାନ କରାଯାଉଛି। ସରକାର ସେଥିରୁ କ'ଣ ସଫଳତା ପାଇଲେ ବା ପାଇଲେ ନାହିଁ ଯେ ଇଂଲିଶ ଶିକ୍ଷାକୁ ପ୍ରଥମ ଶ୍ରେଣୀକୁ ନେବାକୁ ପଡ଼ିଲା? ସେ ପୁଣି ସ୍ପୋକନ ଇଂଲିଶ- ଅର୍ଥାତ୍ ଇଂଲିଶ କଥନ ଶିକ୍ଷା। ମୌଳିକ ଇଂଲିଶ କିପରି ସୁଦୃଢ଼ ହେବ ସେ କଥା ନ ଭାବି ସ୍ପୋକନ ଇଂଲିଶ ଶିକ୍ଷାଦାନ ପାଇଁ ପାଗ ଭିଡ଼ିବାର ଉଦ୍ଦେଶ୍ୟ କ'ଣ? ହଜାର ହଜାର ହାଇସ୍କୁଲରେ ଯେଉଁଠି ଓଡ଼ିଆ ଭାଷାଶିକ୍ଷକ ନାହାନ୍ତି ସେଠି ସ୍ପୋକନ ଇଂଲିଶ ପଢ଼ାଇବ କିଏ? ସମସ୍ତେ ଜାଣନ୍ତି ସ୍ପୋକନ୍ ଇଂଲିଶ ପଢ଼ାଇବା କଷ୍ଟକର। ତା'ଛଡ଼ା ସେଥିରୁ ଆମେ ପାଇବା କ'ଣ? ଆଜିକାଲି କଲେଜରେ ପଢୁଥିବା ଅଧିକାଂଶ ଛାତ୍ରୀଛାତ୍ର ଯେଉଁଠି ଧାଡ଼ିଟିଏ ଶୁଦ୍ଧ ଇଂଲିଶ ଲେଖି ପାରୁନାହାନ୍ତି ସେଠି ନିତାନ୍ତ ଭୁଲ ଇଂଲିଶକୁ ସାହେବୀ କାୟଦାରେ ଉଚ୍ଚାରଣ କରିବାକୁ ଶିଖାଇବାର ଉଦ୍ଦେଶ୍ୟ କ'ଣ? ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଯେ ସରକାର +୩ ସ୍ତରରେ ଇଂଲିଶକୁ ଇଚ୍ଛାଧୀନ କରିଦେଲା ପରେ ଅଧିକାଂଶ ଛାତ୍ରୀଛାତ୍ର ତା'ର ବିକଳ୍ପ ଭାବେ ଓଡ଼ିଆ ବା ହିନ୍ଦୀ ବା ସଂସ୍କୃତ ରଖୁଛନ୍ତି, ଯାହା ଏକ ଆତ୍ମଘୋଷିତ ପରାଜୟ ବା ଦୁର୍ବଳତା। ବରିଷ୍ଠ ଛାତ୍ରୀଛାତ୍ରଙ୍କ ଏହି ଅବସ୍ଥା ସରକାର କ'ଣ ଜାଣିପାରୁନାହାନ୍ତି?

ଭାଷାକୁ ମଣିଷ ଶୁଣିଶୁଣି ଶିଖେ, ଯେମିତି ତା'ର ମାତୃଭାଷା। ଅକ୍ଷର ଶିଖିଲା ପରେ ସେ ଦେଖି ଦେଖି ଶିଖେ ପୂର୍ବଜ୍ଞାନକୁ ଦୃଢ଼ୀଭୂତ କରେଇବା ପାଇଁ ବା ବଢ଼େଇବା ପାଇଁ। ଭାଷାକୁ ଯେତେ ଅଧିକ ଶୁଣାଯିବ ଏବଂ ଅଧିକ କୁହାଯିବ ସେ ଭାଷା ସେତେ ଅଧିକ ଆତ୍ମସ୍ଥ ହେବ। କୌଣସି ଏକ କ୍ଲାସ୍‌ରେ ଦି'ପଦ ସ୍ପୋକନ ଇଂଲିଶ ଶିଖେଇ ଦେଲେ କ'ଣ ହେବ ଯଦି ସେ ଭାଷାଟି ଅନ୍ୟ କ୍ଲାସ୍‌ରେ, ଅନ୍ୟ ବିଷୟରେ ବା ଘରୋଇ କଥୋପକଥନରେ ବ୍ୟବହୃତ ନ ହେବ? ଇଂଲିଶ ଭାଷାରେ ଦୃଢ଼ତା ଆଣିବାକୁ ହେଲେ ଅନ୍ୟ ସବୁ ବିଷୟର ମାଧ୍ୟମକୁ ଇଂଲିଶ କରିବାକୁ ପଡ଼ିବ। ତାହା କ'ଣ ଓଡ଼ିଆ ସ୍କୁଲରେ ସମ୍ଭବ ଅବା ବାଞ୍ଛନୀୟ? ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଯେ ନିକଟରେ ଆନ୍ଧ୍ର ସରକାର ପ୍ରାଦେଶିକ ସ୍କୁଲର ଶିକ୍ଷାଦାନ ମାଧ୍ୟମକୁ ଇଂଲିଶ କରିଛନ୍ତି। ପ୍ରଥମେ ଅଷ୍ଟମରୁ ଦଶମ, ପରବର୍ତ୍ତୀ ସମୟରେ ପ୍ରଥମରୁ ସପ୍ତମ।

ଭାଷାଶିକ୍ଷା ଏକ ନିରନ୍ତର ଓ ଧାରାବାହିକ କ୍ରିୟା। ଶିକ୍ଷିତ ଓଡ଼ିଆ ଲୋକଟିଏ କିଛି ମାସ ବା ବର୍ଷ ନିଜ ମାତୃଭାଷାଠୁ ଦୂରେଇ ଗଲାପରେ ତା' କଥାବାର୍ତ୍ତାରେ କିପରି ଇଂଲିଶ, ହିନ୍ଦୀ ବା ବଙ୍ଗଳା ପଶିଯାଏ ତାହା ସମସ୍ତେ ଜାଣନ୍ତି। ସେ କ୍ଷେତ୍ରରେ ଯେଉଁ ଭାଷା ନିରନ୍ତର ଭାବରେ କଥିତ ହେବନାହିଁ, ନିଜ ଘରେ ବା ଅନୁଷ୍ଠାନରେ, ସେ ଭାଷାରେ କଥନ ଦକ୍ଷତା କିପରି ସମ୍ଭବ? ଇଂଲିଶ ଏକ ବିଦେଶୀ ଭାଷା। ତା'ର ଉଚ୍ଚାରଣ ଶୈଳୀ, ଅନ୍ତଃସ୍ୱର ଓ ତାଳ ଜଣେ ଅଣଇଂରେଜ ଲୋକ ଆୟତ୍ତ କରିବା କଷ୍ଟକର। ସେ ଖୁବ୍ ବେଶିରେ ଶୁଦ୍ଧ ଇଂଲିଶ କହିପାରିବ କିନ୍ତୁ ସାହେବୀ ଇଂଲିଶ ନୁହେଁ। ତା' ଛଡ଼ା ବିଶ୍ୱରେ ଇଂଲଣ୍ଡ, ଅଷ୍ଟ୍ରେଲିଆ, ଆମେରିକା ଭଳି ଇଂଲିଶ ମାତୃଭାଷା କୈନ୍ଦ୍ରିକ ଦେଶକୁ ଛାଡ଼ିଦେଲେ ସବୁ ଦେଶର ଲୋକେ ନିଜ ଶୈଳୀରେ ଇଂଲିଶ କହନ୍ତି। ଏପରି କି ୟୁରୋପର ଜର୍ମାନ, ଫ୍ରାନ୍ସ, ଇଟାଲୀ ଭଳି ଉନ୍ନତ ଦେଶର ନାଗରିକମାନେ ନିଜ ନିଜ ଢଙ୍ଗରେ ଇଂଲିଶ କହନ୍ତି। ଭାରତୀୟମାନେ ମଧ୍ୟ ସେହିପରି, ଯେଉଁଥିପାଇଁ ଭାରତୀୟ ଇଂଲିଶକୁ ହିଙ୍ଗ୍ଲିସ (ହିନ୍ଦୁସ୍ଥାନୀ ଇଂଲିଶ) ବା ଇଣ୍ଡିଙ୍ଗ୍ଲିସ୍ କୁହାଯାଏ। ଆଜିକୁ ଶହେ ବର୍ଷ ତଳେ ପ୍ରଖ୍ୟାତ ବ୍ରିଟିଶ ଲେଖକ ବର୍ଣ୍ଣାଡ୍ ଶ' ଅଣଇଂରେଜମାନେ ଅତି ଶୁଦ୍ଧ ଇଂଲିଶରେ କହିବାକୁ ଚେଷ୍ଟା କରିବା ଉଚିତ ନୁହେଁ ବୋଲି କହିଥିଲେ କାରଣ ତାହା ଛଳନାତ୍ମକ ଲାଗେ, କହୁଥିବା ଲୋକଟି ଜଣେ ପ୍ରତାରକ ଭାବେ ବିବେଚିତ ହୁଏ। ଏପରି କ୍ଷେତ୍ରରେ ସ୍ୱକୀୟ ଭାରତୀୟ ଶୈଳୀରେ ଇଂଲିଶ କହିବାରେ କିଛି ଅସୁବିଧା ନାହିଁ। ପ୍ରଥମ କଥା ଆମ ଲିଖିତ ଇଂଲିଶ ଶୁଦ୍ଧ କି? 'ଆଇ ଗୋଜ୍ ଟୁ ସ୍କୁଲ' ଭଳି ଏକ ଭୁଲ୍ ଇଂଲିଶ ବାକ୍ୟକୁ ସାହେବୀ କାଇଦାରେ ଉଚ୍ଚାରଣ କଲେ କ'ଣ ମିଳିବ? ସରକାର ଯଦି ସୁଧାରିବାକୁ ଚାହୁଁଛନ୍ତି ମୌଳିକ, ଲିଖିତ ଇଂଲିଶର ଦୁରବସ୍ଥାକୁ ସୁଧାରନ୍ତୁ, ତା'ର ଗୁଣାତ୍ମକତା ବଢ଼ାନ୍ତୁ। କଥିତ ଇଂଲିଶ ପଛରେ ପଡ଼ନ୍ତୁ ନାହିଁ। ତାହା କଲେଜସ୍ତରରେ ପିଲା ନିଜ ଉଦ୍ୟମରେ ବିଶେଷ ତାଲିମପ୍ରାପ୍ତ ଅନୁଷ୍ଠାନଠୁ ଆହରଣ କରିପାରିବେ, ଯେଉଁମାନଙ୍କର ସେପରି ସାହେବୀ ଦକ୍ଷତା ଆବଶ୍ୟକ।

ସ୍ପୋକନ ଇଂଲିଶ ଶିକ୍ଷାଦାନ ଓ ଶିକ୍ଷାଗ୍ରହଣ ଏକ ଜଟିଳ ଓ କଷ୍ଟକର ପ୍ରକ୍ରିୟା। ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ତାହା ପଢ଼ାଯାଏ ନାହିଁ। ଶିକ୍ଷାଦାନର ଇଂଲିଶ ମାଧ୍ୟମ ହିଁ ଛାତ୍ରୀଛାତ୍ରଙ୍କୁ ସେ ପାଠ ପଢ଼େଇଦିଏ। ଛାତ୍ରୀଛାତ୍ରମାନେ ଶୁଣିଶୁଣି ସେ ବାବଦରେ ଦକ୍ଷତା ହାସଲ କରି ନିଅନ୍ତି। ଆମର ମାଧ୍ୟମ ଇଂଲିଶ ନୁହେଁ। ଖାଲି ତାକୁ ହିଁ ପଢ଼େଇ ଛାତ୍ରକୁ ଦକ୍ଷ କରାଯିବ। ସେ ବାବଦରେ ପ୍ରାଥମିକ ସ୍ତରରେ ପଢ଼ାଇବା ପାଇଁ କିଛି ପାଠ୍ୟ ପୁସ୍ତକ ଅଛି କି? କିଛି ଦକ୍ଷ ଶିକ୍ଷକ ଅଛନ୍ତି କି? ନା କିଛି ବ୍ୟବସାୟିକ ସଂସ୍ଥାକୁ ଅର୍ଥ ରୋଜଗାର ପାଇଁ ଏହା ଏକ ସୁଯୋଗ, ଯେଉଁମାନେ ରାସ୍ତାଘାଟରେ ଏ ପ୍ରକାର ଦାବି କରି ବୋର୍ଡ଼ ଲଗାଇଛନ୍ତି?

ବହୁଭାଷିକ ହେବା ଆଜି ସମୟର ଆବଶ୍ୟକତା, ଯାହାର ମାପକାଠି ଶୁଦ୍ଧତା। ମୂଳଭାଷାର ଅଧିବାସୀଙ୍କ ପରି କହିବା ଜରୁରୀ ନୁହେଁ କି ଆବଶ୍ୟକ ନୁହେଁ। କେତେଜଣ ଅଣଓଡ଼ିଆ ଓଡ଼ିଆଙ୍କ ପରି ଶବ୍ଦ ଶବ୍ଦ ମଧ୍ୟରେ ବିରତି, ଅନ୍ତଃସ୍ୱର ଓ ତାଳ ରଖି ଏକ ଓଡ଼ିଆ ବାକ୍ୟ ଉଚ୍ଚାରଣ କରିପାରିବେ? ଯୋଗାଯୋଗ ବା 'କମ୍ୟୁନିକେଶନ' ହିଁ ମୂଳକଥା। ଜଣେ ଯଦି ଅନ୍ୟଜଣଙ୍କୁ ବୁଝିପାରିଲା କଥା ସେଇଠି ସରିଲା। ତାହା ମୂଳଭାଷା ପରି ଉଚ୍ଚାରିତ ହେଉଛି କି ନାହିଁ, ତାହା ଜାଣିବା ନିଷ୍ପ୍ରୟୋଜନ। ସରକାର ତେଣୁ ଏହି ହାସ୍ୟାସ୍ପଦ ସିଦ୍ଧାନ୍ତରୁ ବିରତ ରୁହନ୍ତୁ, ବରଂ ଦ୍ୱିତୀୟ ଶ୍ରେଣୀରୁ ଯେଉଁ ଇଂଲିଶ ପଢ଼ାଯାଉଛି ତାହା କିପରି ଗୁଣାତ୍ମକ ହେବ, ପିଲା କିପରି ଇଂଲିଶରେ ଫେଲ ହେବେ ନାହିଁ, ଶୁଦ୍ଧତାର ସହ ଇଂଲିଶ ଲେଖି ଓ ପଢ଼ିପାରିବେ ସେ ବ୍ୟବସ୍ଥା କରନ୍ତୁ। ଘରୋଇ ଇଂଲିଶ ମାଧ୍ୟମ ସ୍କୁଲକୁ ଡରି ଏପ୍ରକାର ଆତ୍ମରକ୍ଷାମୂଳକ ପଦକ୍ଷେପ ନିଅନ୍ତୁ ନାହିଁ, ଯାହା ଶେଷରେ ଆତ୍ମପରାଜୟର କାରଣ ପାଲଟିବ।

ପୂର୍ବତନ କଲେଜ ଅଧ୍ୟକ୍ଷ, ଜେଲ୍‌ରୋଡ୍,
ବାଲେଶ୍ୱର, ମୋ- ୯୪୩୭୩୭୬୨୧୯

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଥମ ଶ୍ରେଣୀରୁ କଥିତ ଇଂଲିଶ ଶିକ୍ଷା କାହିଁକି

ମହାଶୟ,

ଓଡିଶା ସରକାର ପ୍ରଥମ ଶ୍ରେଣୀରୁ କୋମଳମତି ଓଡିଆ ପିଲାଙ୍କୁ କଥିତ ଇଂଲିଶ ଶିକ୍ଷା ପ୍ରଦାନ ଲାଗି ନିଷ୍ପତ୍ତି ନେଇଛନ୍ତି। ଓଡିଆ ପିଲାଙ୍କୁ ଅନ୍ତର୍ଜାତୀୟ ସ୍ତରରେ ପ୍ରତିଯୋଗିତାକ୍ଷମ କରିବାକୁ ପ୍ରଥମରୁ ଇଂଲିଶ ଓ କଥିତ ଇଂଲିଶ ଶିକ୍ଷାର ଆବଶ୍ୟକତା ଅଛି ବୋଲି କୁହାଯାଉଛି। କିନ୍ତୁ ପଢ଼ାଇବ କିଏ ? ଓଡ଼ିଆ ପଢ଼ାଇବାକୁ ଶିକ୍ଷକ ନ ଥିବାବେଳେ କଥିତ ଇଂଲିଶ ପଢ଼ାଇବାକୁ କ'ଣ ଇଂଲଣ୍ଡରୁ ଶିକ୍ଷକ ଆମଦାନି କରିବେ ସରକାର ? ଶିଶୁର କୋମଳ ମସ୍ତିଷ୍କର ଧାରଣ କ୍ଷମତାକୁ ବିଚାର ନ କରି ନିଜ ବିଦେଶୀ ଭାଷା ଶିକ୍ଷାର ବୋଝ ଲଦିଦେବା କେତେଦୂର ଯଥାର୍ଥ ?

ପୁଷ୍ପଲତା ଦାସ, ପ୍ରଶାନ୍ତି ବିହାର, ଭୁବନେଶର

### ବ୍ୟବସ୍ଥାର ଅପାରଗତା

ଆମ ଦେଶର ବିଧିବ୍ୟବସ୍ଥାର ସ୍ଥାଣୁତା ତଥା ବିଳମ୍ବିତ ନ୍ୟାୟ ପ୍ରଦାନରେ ଜନତା ଅତିଷ୍ଠ ହୋଇପଡିଲେଣି। ଦୁର୍ନୀତି ନିବାରଣ ଓ ସ୍ୱଚ୍ଛତା ନାଁରେ ଜନତାଙ୍କ ଧନ ଲୁଟ ହେଉଛି। ସ୍ୱର ଉତ୍ତୋଳନକାରୀଙ୍କୁ ହଇରାଣ କରିବା ସହ ସ୍ଥଳବିଶେଷରେ ମାରି ଦିଆଯାଉଛି। ହାଇଦ୍ରାବାଦ ଗଣବଳାତ୍କାର ଓ ହତ୍ୟା ମାମଲାରେ ଦେଶବାସୀଙ୍କ ସ୍ୱର ଶାଣିତ ହେବାରୁ ହୁଗୁଳା ପୋଲିସ ପ୍ରଶାସନ ନିଜ ଅପାରଗତା ଲୁଚାଇବାକୁ ଯାଇ ୪ ଜଣଙ୍କୁ ହତ୍ୟା କରିଛି। କିନ୍ତୁ ଯେଉଁ ଦିନ ଯୁବତୀ ଅପହୃତ ହେଲା ସେଦିନ ପୋଲିସ ସେଇ ତତ୍ପରତା ଦେଖାଇଥିଲେ ବଞ୍ଚିଯାଇଥାନ୍ତା ବିଚାରୀ। ଏଭଳି ସ୍ପର୍ଶକାତର ଘଟଣାରେ ଦେଶର ନ୍ୟାୟିକ ବ୍ୟବସ୍ଥା ଯଦି ୨୪ ଘଣ୍ଟା ମଧ୍ୟରେ ତ୍ୱରିତ ନ୍ୟାୟ ପ୍ରଦାନ କରିବ, ତେବେ ଲୋକେ ଭାବନ୍ତେ ଏ ଦେଶରେ ନ୍ୟାୟ ଅଛି।

ଅଜୟ କୁମାର ସାମନ୍ତରାୟ, ପାରିନୂଆଗାଁ, ବାଣପୁର, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୬ ଫେବୃୟାରୀ ୧୯୯୫

- ମଣିଷର ଅଙ୍ଗପ୍ରତ୍ୟଙ୍ଗ ବିକ୍ରି ଉପରେ କଟକଣା ଜାରି କରି କେନ୍ଦ୍ର ସରକାର ଏକ ଆଇନ ପ୍ରଣୟନ କରିଛନ୍ତି।
- ନେପାଳର ଟୁମସାଠାରେ ବସ ଦୁର୍ଘଟଣାରେ ୩ ଜଣ ଭାରତୀୟ ସମେତ ୪୩ ଜଣ ଯାତ୍ରୀ ପ୍ରାଣ ହରାଇଛନ୍ତି।

## ଶ୍ୟାମ ଓର୍‌ସ ହାତେଇଲା ଜିଲିଂ ଲୁହାପଥର ଖଣି

ବୁଧବାର ହୋଇଥିବା ଅନ୍‌ଲାଇନ୍ ଖଣି ନିଲାମ ପ୍ରକ୍ରିୟାରେ ଜିଲିଂ ଲଙ୍ଗାଲୋଟା ଲୁହାପଥର ଖଣିକୁ ଝାଡ଼ଖଣ୍ଡର ଶ୍ୟାମ ଓର୍‌ସ କମ୍ପାନୀ ହାତେଇଛି। ଏହି କମ୍ପାନୀ ଲୁହାପଥର ବିକ୍ରି ମୂଲ୍ୟର ୧୩୫ ପ୍ରତିଶତ ଦେବାକୁ ଚୁକ୍ତି କରିଛି। ଏହାର ଲିଜ୍ ଅବଧି ଚଳିତ ବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଶେଷ ହେବାକୁ ଯାଉଛି।

# ସେବା ସମବାୟ ସମିତି ସମ୍ପାଦକ ନିଲମ୍ବିତ

**ଛତ୍ରପୁର/ଧରାକୋଟ,୫।୨(ଡି.ଏନ.ଏ.)**

### କାଳିଆ ଯୋଜନା ଅର୍ଥ ହେରଫେର

- ଡାଟା ଏଣ୍ଟ୍ରି ଅପରେଟରଙ୍କ ବିରୋଧରେ ଏତଲା
- ପର୍ଯ୍ୟବେକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ଗଞ୍ଜାମ ଜିଲା ଧରାକୋଟ ବ୍ଲକ ସିଙ୍ଗିପୁର ସେବା ସମବାୟ ସମିତିରେ କାଳିଆ ଯୋଜନା ଅର୍ଥ ହେରଫେର ହୋଇଥିଲା। କାଳିଆ ଅର୍ଥ ପାଇବାକୁ ଥିବା ହିତାଧିକାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟ ବଦଳରେ ଅନ୍ୟ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର ହୋଇଥିବା ଅଭିଯୋଗ ହୋଇଥିଲା । ଏହା ଉପରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସମ୍ପୃକ୍ତ ସେବା ସମବାୟ ସମିତିର ସମ୍ପାଦକ କୈଳାସ ଚନ୍ଦ୍ର ମୁନିଙ୍କୁ ନିଲମ୍ବନ କରାଯାଇଛି । ଏଥିସହ କାଳିଆ ଟଙ୍କା ଟ୍ରାନ୍ସଫର କରିଥିବା ଠିକା ଡାଟା ଏଣ୍ଟ୍ରି ଅପରେଟର ବାସୁଦେବ ସାହୁଙ୍କ ବିରୋଧରେ ସ୍ଥାନୀୟ ଥାନାରେ ଏତଲା ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଉକ୍ତ ଅଞ୍ଚଳରେ କାର୍ଯ୍ୟରତ ଉଦ୍ୟାନ ଓ କୃଷି ପର୍ଯ୍ୟବେକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

ସିଙ୍ଗିପୁର ପଞ୍ଚାୟତ ଧବଳେଶ୍ୱର ସେବା ସମବାୟ ସମିତିକୁ କାଳିଆ ଯୋଜନାର ପ୍ରଥମ କିସ୍ତି ଟଙ୍କା ଗତ ସାଧାରଣ ନିର୍ବାଚନ ପୂର୍ବରୁ ଆସିଥିଲା। ସେଠାରେ କାର୍ଯ୍ୟରତ ଡାଟା ଏଣ୍ଟ୍ରି ଅପରେଟର ୯୪ ହିତାଧିକାରୀଙ୍କ ଅର୍ଥ ହଡ଼ପ କରି ନିଜ ପରିବାର ସଦସ୍ୟଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଦେଇଥିଲେ। ଦୀର୍ଘଦିନ ପରେ ବି ଏହି ହିତାଧିକାରୀମାନଙ୍କ ଆକାଉଣ୍ଟକୁ ଟଙ୍କା ଆସି ନ ଥିଲା । କାଳିଆ ଯୋଜନା ୱେବସାଇଟରୁ କେତେଜଣ ହିତାଧିକାରୀ ସେମାନଙ୍କ ଟଙ୍କା ଆସିଥିବା ଓ ତାହା ହଡ଼ପ କରାଯାଇଥିବା ଜାଣିବାକୁ ପାଇଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ୨ ଦିନ ତଳେ ଏ ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜିଲାପାଳ ଏହାକୁ ଗୁରୁତର ସହ ନେଇ ଧବଳେଶ୍ୱର ସେବା ସମବାୟ ସମିତି ସମ୍ପାଦକଙ୍କୁ ନିଲମ୍ବନ କରିବା ପାଇଁ ବୁଧବାର ଡିଆର୍‌ସିଏସ୍‌ଙ୍କୁ ଜିଲାପାଳ କୁଲାଙ୍ଗେ ନିର୍ଦ୍ଦେଶ ଦେଇଥିଲେ । ଡିଆର୍‌ସିଏସ୍‌ଙ୍କ ନିର୍ଦ୍ଦେଶକ୍ରମେ ଏଆର୍‌ସିଏସ୍ ସମ୍ପାଦକଙ୍କୁ (ଚିଠି ନଂ.୨୮/୨୦)ରେ ନିଲମ୍ବନ କରିଛନ୍ତି। କାଳିଆ ଯୋଜନା ଟଙ୍କା ଯାଇଥିବା ଉକ୍ତ ବ୍ୟାଙ୍କ ଆକାଉଣ୍ଟରେ ନେଣଦେଣ ଉପରେ ରୋକ ଲଗାଇବାକୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଣିକି ସମସ୍ତ ସୋସାଇଟିର ଡାଟା ଏଣ୍ଟ୍ରି ଅପରେଟରଙ୍କ କାମ ପୁନଃ ଯାଞ୍ଚ ହେବ । ଏଥିସହ ଏହି କାର୍ଯ୍ୟର ଠିକ୍ ଭାବେ ମନିଟରିଂ କରାଯିବ ବୋଲି ଜିଲାପାଳ କହିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବୁଧବାର କୃଷି ଉପନିର୍ଦ୍ଦେଶକ କାଶୀନାଥ ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ଟିମ୍ ଧବଳେଶ୍ୱର ସମବାୟ ସମିତିକୁ ଯାଇ ତଦନ୍ତ କରିଛନ୍ତି। ଏହି ଟିମ୍‌ରେ ସମବାୟ ଓ ଅନ୍ୟ ବିଭାଗର ଅଧିକାରୀ ସାମିଲ ଥିଲେ ।

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ ରାମ ମନ୍ଦିର ପ୍ରତି ନିଜ ପ୍ରତିବଦ୍ଧତା ପ୍ରମାଣିତ କରିଛନ୍ତି

**ଭୁବନେଶ୍ୱର,୫।୨(ବ୍ୟୁରୋ):** ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କେନ୍ଦ୍ର ସରକାର ରାମ ମନ୍ଦିର ନିର୍ମାଣ ଲାଗି 'ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର' ନାମରେ ଏକ ଟ୍ରଷ୍ଟ ଗଠନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକ ସଭାରେ ଏହି ଘୋଷଣା କରି ଭାରତ ବର୍ଷର ଆସ୍ଥା ଏବଂ ଅତୁଟ ଶ୍ରଦ୍ଧାର ପ୍ରତୀକ ରାମ ମନ୍ଦିର ପ୍ରତି ତାଙ୍କର ପ୍ରତିବଦ୍ଧତା ପ୍ରମାଣିତ କରିଛନ୍ତି । ମୋଦି ସରକାର ଏଭଳି ଏକ ଐତିହାସିକ ନିଷ୍ପତି ନେଇଥିବା ପାଇଁ ତାଙ୍କୁ କୋଟିକୋଟି ଅଭିନନ୍ଦନ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ, ଆଜି ଦିନଟି ସମଗ୍ର ଭାରତ ପାଇଁ ଅତ୍ୟନ୍ତ ଉତ୍ସାହ ଓ ଗୌରବର ଦିନ । ଏହି ପରିପ୍ରେକ୍ଷୀରେ ସମଗ୍ର ରାଜ୍ୟବାସୀଙ୍କ ପକ୍ଷରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ଓଡ଼ିଶା ରେଳ ବଜେଟ ନେଇ କେନ୍ଦ୍ରକୁ ଧନ୍ୟବାଦ ଜଣାଇଲା ଭାଜପା

**ଭୁବନେଶ୍ୱର, ୫।୨(ବ୍ୟୁରୋ):** କେନ୍ଦ୍ରୀୟ ରେଳ ବଜେଟ ୨୦୨୦-୨୧ ଆର୍ଥିକବର୍ଷ ପାଇଁ ଓଡିଶାକୁ ୪୩୭୩ କୋଟି ଟଙ୍କାର ଅନୁଦାନ ମିଳିଛି । ଆଗାମୀ ଦିନରେ ନୀତି ଆୟୋଗର ଅନୁମୋଦନ ପରେ ସମ୍ବଲପୁର-ଗୋପାଳପୁର ନୂଆ ରେଳ ଲାଇନ ପାଇଁ ଆହୁରି ଅଧିକ ୨୯୫୭ କୋଟି ଟଙ୍କା ମିଳିବ । କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର କ୍ଷମତାକୁ ଆସିବା ପରେ କ୍ରମାଗତ ଭାବେ ରେଳ ବଜେଟରେ ଓଡିଶାକୁ ବହୁତ ଅଧିକ ଅର୍ଥ ମିଳିଛି । ପୂର୍ବରୁ କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ସମୟରେ ରେଳ ବଜେଟରେ ଓଡିଶାକୁ କେବେ ବି ହଜାରେ କୋଟିରୁ ଅଧିକ ଅର୍ଥ ମିଳି ନ ଥିଲା । ବର୍ତ୍ତମାନ ସୁଦ୍ଧା ଓଡିଶାକୁ ରେକର୍ଡ ପରିମାଣ ୨୯,୧୨୧ କୋଟି ଟଙ୍କାର ଅନୁଦାନ ମିଳିଥିବାରୁ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରଧାନମନ୍ତ୍ରୀ ଏବଂ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସମୀର କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସମୀକ୍ଷା ହୋଇଥିବା ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପାଇଁ ଗତ ବର୍ଷ ୩୫୦କୋଟି ମିଳିଥିବାବେଳେ ଚଳିତ ବଜେଟରେ ୫୨୦ କୋଟି ଅନୁଦାନ ମିଳିଛି । ଅନୁଗୋଳ-ସୁକିନ୍ଦା ରେଳ ପ୍ରକଳ୍ପକୁ ଗତବର୍ଷ ୨୫୦ କୋଟି ମିଳିଥିବାବେଳେ ଏଥର ୪୫୦ କୋଟି ମିଳିଛି। ବହୁପ୍ରତୀକ୍ଷିତ ହରିଦାସପୁର-ପାରାଦୀପ ରେଳପଥ ଆସନ୍ତା ୨୦୨୧ ମାର୍ଚ୍ଚ ସୁଦ୍ଧା ଶେଷହେବ । ଏଥିପାଇଁ ୧୦୦ କୋଟି ଟଙ୍କା ଅନୁଦାନ ମିଳିଛି ।

### ପ୍ରିୟଙ୍କାରାଣୀ ଝିଅଙ୍କ ଚିକିତ୍ସା ଖର୍ଚ୍ଚ ତୁଲାଇବେ ରାଜ୍ୟ ସରକାର

#### ସୂରଜ ଯୋଜନାରେ ସମ୍ମାନିତ ହେବେ ପରିବାର



ଝିଅ ତନ୍‌ଭିଙ୍କ ସହ ପ୍ରିୟଙ୍କାରାଣୀ (ଫାଇଲ ଫଟୋ)

**ଭୁବନେଶ୍ୱର,୫।୨(ବ୍ୟୁରୋ):** ପ୍ରିୟଙ୍କାରାଣୀ ପାତ୍ର ମୃତ୍ୟୁ ପରେ ଆଜି ଅମର ହୋଇଯାଇଛନ୍ତି। ତାଙ୍କର ବୃକ୍କ(କିଡ୍‌ନୀ) ଆଜି ଅନ୍ୟ ଜଣଙ୍କ ଜୀବନ ବଞ୍ଚାଇ ପାରିଛି। ପ୍ରିୟଙ୍କାଙ୍କ ପରିବାରର ଏହି ତ୍ୟାଗକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିପାଇଁ ପରିବାର ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ସେହିପରି ପ୍ରିୟଙ୍କାଙ୍କ ପରିବାରକୁ ସୂରଜ ଯୋଜନା ଅଧୀନରେ ସମ୍ମାନିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତି ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ଏନେଇ ବୁଧବାର ଗଣମାଧ୍ୟମକୁ ଅବଗତ କରାଯାଇଛି। ଏହାଛଡ଼ା ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲରେ ଥିବା ପ୍ରିୟଙ୍କାଙ୍କ ଝିଅ ତନ୍‌ଭିର ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ଘୋଷଣା କରାଯାଇଛି। ସେହିପରି ଏସ୍‌ସିବିରେ ହୋଇଥିବା ସଫଳ ଅସ୍ତ୍ରୋପଚାର ପାଇଁ ମୁଖ୍ୟମନ୍ତ୍ରୀ ପୁନର୍ବାର ସମସ୍ତ ଡାକ୍ତର ଏବଂ ସହଯୋଗୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଓଡ଼ିଶା ଗସ୍ତରେ ଏନଡିସି ଟିମ୍

**ଭୁବନେଶ୍ୱର,୫।୨(ବ୍ୟୁରୋ)**

ରାଜ୍ୟରେ ସାମାଜିକ-ରାଜନୈତିକ ସ୍ଥିତି କ'ଣ ରହିଛି ସେ ସମ୍ବନ୍ଧରେ ଅନୁଧ୍ୟାନ କରିବାକୁ ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ଡିଫେନ୍ସ କଲେଜ(ଏନଡିସି)ର ଏୟାର ମାର୍ଶାଲ ବିଭି ଉପାଧ୍ୟାୟଙ୍କ ନେତୃତ୍ୱରେ ଏକ ୧୪ ଜଣିଆ ଟିମ୍ ୫ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ଟିମ୍ ଲୋକସେବା ଭବନ ଗସ୍ତକରି ମୁଖ୍ୟଶାସନ ସଚିବ ଅସୀତ କୁମାର ତ୍ରିପାଠୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ। ଏହି ଟିମ୍ ଆପତକାଳୀନ ନିୟନ୍ତ୍ରଣ କକ୍ଷ, ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ, ୧୦୮ ଆମ୍ବୁଲାନ୍ସ ରାଜ୍ୟରେ କିପରି ସେବା ଯୋଗାଉଛି ଟିମ୍‌ର ସଦସ୍ୟମାନେ ସେ ସବୁକୁ ଅନୁଧ୍ୟାନ କରିଥିଲେ। ଜନସାଧାରଣଙ୍କୁ ସରକାରୀ ସେବା ଯୋଗାଇବା, ମୋ ସରକାର ଦ୍ୱାରା ନିଆଯାଇଥିବା ପଦକ୍ଷେପ, ଜମି ରେକର୍ଡର ଡିଜିଟାଇଜେଶନ ଓ ଅଟୋମେଶନ ଆଦିକୁ ଟିମ୍ ପ୍ରଶଂସା କରିଥିଲେ। ଏହି ଟିମ୍ ରାଜ୍ୟର ବିଭିନ୍ନ କୋଣ ଅନୁକୋଣ ବୁଲି ଦେଖିବା କେତେକ ଯୋଜନାକୁ ତୃଣମୂଳ ସ୍ତରରୁ ଦେଖୁଛନ୍ତି। ଏଥିସହିତ ଏହି ପ୍ରତିନିଧି ଦଳ ପୋଲିସ ସେବା କେନ୍ଦ୍ର ବୁଲିବା ସହିତ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କୁ ସାକ୍ଷାତ କରିବା କାର୍ଯ୍ୟକ୍ରମ ରହିଛି।

# ଅନୁଗୋଳ ବନମଣ୍ଡଳରେ ୧୩୧ କୁମ୍ଭୀର

**ଅନୁଗୋଳ ସହର, ୫।୨**



ସାତକୋଶିଆ ଗଣ୍ଡରେ ଥିବା ଘଡ଼ିଆଳ।

- ଜାନୁୟାରୀରେ ହୋଇଥିଲା ଗଣନା
- ୨୦୧୯ ତୁଳନାରେ ୧୯ ବୃଦ୍ଧି

ସାତକୋଶିଆ ବନଖଣ୍ଡ, ମହାନଦୀ ବନଖଣ୍ଡ, ଆଠମଲ୍ଲିକ ବନଖଣ୍ଡ, ଆଠଗଡ଼, କଟକ, ଢେଙ୍କାନାଳ, ଅନୁଗୋଳ ବନଖଣ୍ଡ ଓ ଯାଜପୁର ବନଖଣ୍ଡକୁ ନେଇ ଗଠିତ ଅନୁଗୋଳ ବନମଣ୍ଡଳରେ ମୋଟ୍ ୧୩୧ଟି କୁମ୍ଭୀର ଅଛନ୍ତି। ଗତ ଜାନୁୟାରୀ ୯ରୁ ୧୧ ତାରିଖ ଯାଏ ହୋଇଥିବା କୁମ୍ଭୀର ଗଣନାରୁ ଏହା ଜଣାପଡ଼ିଛି। ତେବେ ମୋଟ୍ ୮ଟି ବନଖଣ୍ଡ ମଧ୍ୟରୁ କେବଳ ସାତକୋଶିଆ, ମହାନଦୀ ଓ ଆଠମଲ୍ଲିକ ବନଖଣ୍ଡରେ ଏହି ୧୩୧ଟି କୁମ୍ଭୀର ଥିବା ସ୍ପଷ୍ଟ ହୋଇଛି।

ସାତକୋଶିଆ ମହାନଦୀ ଗଣ୍ଡର ୨୧ କିଲୋମିଟର ମଧ୍ୟରେ ଥିବା କଦଳୀଖୋଲା ୱାଚ ଟାୱାର, ଟିକରପଡ଼ା କୁମ୍ଭୀର ପ୍ରଜନନ ଓ ସଂରକ୍ଷଣ ପୋଲ୍, ଆଠମଲ୍ଲିକ ବନଖଣ୍ଡର ମାନଜୋର ପ୍ରୋଜେକ୍ଟ, ମହାନଦୀ, ଜାମୁଡ଼ୋଲି ଓ ମହାନଦୀ ବନଖଣ୍ଡ ଅଞ୍ଚଳର ବିଭିନ୍ନ ଜାଗାରେ କୁମ୍ଭୀର ଗଣନା କରାଯାଇଥିଲା। ମହାନଦୀର ସାତକୋଶିଆ ଗଣ୍ଡରେ ୮ଟି ଘଡ଼ିଆଳ ଥିବାବେଳେ ୮୫ଟି ମଗର ରହିଛନ୍ତି। ସେହିପରି ସାତକୋଶିଆ ଓ ଆଠମଲ୍ଲିକ ବନଖଣ୍ଡର ବିଭିନ୍ନ ଜଳାଶୟରେ ୨୮ଟି ମଗର ରହିଛନ୍ତି। ଟିକରପଡ଼ା କୁମ୍ଭୀର ପ୍ରଜନନ ଓ ସଂରକ୍ଷଣ କେନ୍ଦ୍ରରେ ୪ଟି ଘଡ଼ିଆଳ ଥିବାବେଳେ ୬ ମଗର ଅଛନ୍ତି। ମୋଟ୍ ଉପରେ ୧୨ଟି ଘଡ଼ିଆଳ ଓ ୧୧୯ ମଗରକୁ ମିଶାଇ ଅନୁଗୋଳ ବନମଣ୍ଡଳରେ ୧୩୧ କୁମ୍ଭୀର ଥିବା କୁହାଯାଇଛି। ଏଠାରେ ୨୦୧୪ରେ ୯୬ଟି ଘଡ଼ିଆଳ ଓ ମଗର ଥିବାବେଳେ ୨୦୧୫ରେ ୧୦୭ଟି, ୨୦୧୬ରେ ୧୧୧, ୨୦୧୭ରେ ୧୦୬, ୨୦୧୮ରେ ୧୦୮ ଓ ୨୦୧୯ରେ ୧୧୨ଟି କୁମ୍ଭୀର ଥିବାବେଳେ ଚଳିତବର୍ଷ ଉକ୍ତ ସଂଖ୍ୟାରେ ୧୯ ବୃଦ୍ଧି ଘଟିଥିବା ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ତଥା ସାତକୋଶିଆ କ୍ଷେତ୍ର ନିର୍ଦ୍ଦେଶକ ପ୍ରଦୀପରାଜ୍ କରାଟେ ପ୍ରକାଶ କରିଛନ୍ତି।

## ୮ ମାସର ଶିଶୁପୁତ୍ରକୁ ଚେଙ୍କ

**ଉମରକୋଟ,୫।୨(ଡି.ଏନ.ଏ):** ରୋଗରେ ଆକ୍ରାନ୍ତ ଶିଶୁଙ୍କୁ ଚେଙ୍କ ନ ଦେଇ ଆବଶ୍ୟକ ଚିକିତ୍ସା କରିବାକୁ ଲୋକମାନଙ୍କୁ ସଚେତନ କରାଯାଉଛି। ତଥାପି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ପରିବାର ଲୋକ ଶିଶୁଙ୍କୁ ଡାକ୍ତରଖାନା ନେବା ପରିବର୍ତ୍ତେ ଦିଶାରୀ ଓ ଗୁଣିଆ ପାଖକୁ ନେଇ ଚେଙ୍କ ଚିକିତ୍ସା କରୁଛନ୍ତି। ଏଭଳି ଚେଙ୍କ ଚିକିତ୍ସା କରାଯାଇ ଏକ ୮ ମାସର ଶିଶୁପୁତ୍ରଙ୍କୁ ଗୁରୁତର ଅବସ୍ଥାରେ ନବରଙ୍ଗପୁର ଜିଲା ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଛତିଶଗଡ ରାଜ୍ୟ ମାଙ୍କଡି ପଞ୍ଚାୟତ ବଡଗାଁର ଶ୍ରୀରାମ ରାଠୋର ଓ ସଂଯୁକ୍ତାଙ୍କ ୮ ମାସର ଶିଶୁପୁତ୍ରକୁ କିଛି ଦିନ ତଳେ ଜ୍ୱର ହୋଇଥିଲା। ଶିଶୁଟିକୁ ଡାକ୍ତରଖାନା ନେବା ପରିବର୍ତ୍ତେ ଜେଜେମା' କଟିଲାବାଈ ଗଣ୍ଡ ଶିଶୁପୁତ୍ର ପେଟରେ ୩ଟି ଚେଙ୍କ ଦେଇଥିଲେ। କିନ୍ତୁ ଶିଶୁପୁତ୍ରର ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାରୁ ଚିକିତ୍ସା ପାଇଁ ମା' ଓ ବାପା ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ପରୀକ୍ଷା କରିବା ପରେ ଶିଶୁପୁତ୍ରଟି ନିମୋନିଆରେ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା।

## ପ୍ରଦତ୍ତ ଅନୁଦାନକୁ ଠିକ୍ ଭାବେ ଖର୍ଚ୍ଚ କରୁନାହିଁ ରେଳ ମନ୍ତ୍ରଣାଳୟ: ପ୍ରସନ୍ନ

**ଭୁବନେଶ୍ୱର,୫।୨(ବ୍ୟୁରୋ)**

କେନ୍ଦ୍ର ସରକାର ବଜେଟରେ ରେଳପଥ ପାଇଁ ଅନୁଦାନ ଦେଉଛନ୍ତି। ସେହିକ୍ରମରେ ଓଡ଼ିଶା ମଧ୍ୟ ଅନୁଦାନ ପାଉଛି। ହେଲେ ରେଳପଥ ଦ୍ୱାରା ଅନୁମୋଦନ କରାଯାଉଥିବା ଅର୍ଥକୁ ମନ୍ତ୍ରଣାଳୟ ଠିକ୍ ଭାବେ ରାଜ୍ୟରେ ଖର୍ଚ୍ଚ କରୁନାହିଁ ବୋଲି ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ଗତ ୧ରେ କେନ୍ଦ୍ର ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ସାଧାରଣ ବଜେଟ ଉପସ୍ଥାପନ କରାଯାଇଥିଲା। କିଛିବର୍ଷ ହେବ ଏଥିରେ ରେଳପଥ ବଜେଟ ମଧ୍ୟ ମିଶି କରି ରହୁଛି। ଏହି ପ୍ରସଙ୍ଗରେ ପ୍ରସନ୍ନ କହିଛନ୍ତି ଯେ, ରେଳପଥ ପାଇଁ ଜମି ଅଧିଗ୍ରହଣ ସୁଚାରୁ ରୂପେ ରାଜ୍ୟ ସରକାର କରୁଛନ୍ତି। ବିଭିନ୍ନ ପ୍ରକଳ୍ପ ପାଇଁ ୫୦ ପ୍ରତିଶତ ଅର୍ଥ ମଧ୍ୟ ପ୍ରଦାନ କରୁଛନ୍ତି। ହେଲେ ଜମି ଦେଲା ପରେ ମଧ୍ୟ ରାଜ୍ୟରେ ଧୀମା ଗତିରେ ରେଳପଥ ପ୍ରକଳ୍ପ କାର୍ଯ୍ୟ ଚାଲୁଛି। ତେଣୁ କେନ୍ଦ୍ର ସରକାର ଏହି ସବୁ ପ୍ରସଙ୍ଗକୁ ଗୁରୁତର ସହ ବିଚାର କରନ୍ତୁ। ରାଜ୍ୟରେ ଚାଲୁଥିବା ସମସ୍ତ ପ୍ରକଳ୍ପ ଯେପରି ଶେଷ ହୋଇ ପାରିବ, ସେଥିପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ପ୍ରସନ୍ନ ଦାବି କରିଛନ୍ତି। ଓଡ଼ିଶାରେ ରେଳପଥ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିୟମିତ ବ୍ୟବଧାନରେ ସୁବ୍ୟବସ୍ଥିତ ପ୍ରସ୍ତାବ ଦେବା ସହ ଅଧିକ ଅନୁଦାନ ପାଇଁ ଦାବି କରିଛନ୍ତି। ହେଲେ ପ୍ରସ୍ତାବ ଅନୁଯାୟୀ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇଥିବା ପ୍ରସନ୍ନ କହିଛନ୍ତି।

# ଡିଜାଇନକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

**ଭୁବନେଶ୍ୱର,୫।୨(ବ୍ୟୁରୋ)**

### ତାରାତାରିଣୀ ପୀଠର ଉନ୍ନତୀକରଣ

- ନିର୍ମାଣ ହେବ ଉପାସନା ଗୃହ
- ସିଂହଦ୍ୱାରର ହେବ ଉନ୍ନତୀକରଣ

ଗଞ୍ଜାମ ଜିଲା ତାରାତାରିଣୀ ପୀଠର ଉନ୍ନତୀକରଣ କରାଯିବ। ଏହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଅନୁମୋଦନ କରିଛନ୍ତି। ସେହିପରି ନିର୍ଦ୍ଧାରିତ ସମୟରେ ଏହାର ସୌନ୍ଦର୍ଯ୍ୟକରଣ ଓ ଭିତ୍ତିଭୂମି କାର୍ଯ୍ୟ ସାରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ମନ୍ଦିରର ପ୍ରବେଶ ଦ୍ୱାର ତଥା ସିଂହଦ୍ୱାରର ଉନ୍ନତୀକରଣ କରାଯିବ। ମନ୍ଦିରକୁ ସୁଗମ ଚଲାପଥ ସହ ପିଇବା ପାଣି ବ୍ୟବସ୍ଥା କରାଯିବ। ଏହା ମଧ୍ୟରେ ପ୍ରସାଦ ସେବନ ମଣ୍ଡପ, ଇଣ୍ଟରପ୍ରିଟେସନ୍ ସେଣ୍ଟର, ମୁଣ୍ଡନ ହଲ୍ ଏବଂ ଶୌଚାଳୟ ମଧ୍ୟ ନିର୍ମାଣ କରାଯିବ। ଉପାସନା ଏବଂ ବିଶ୍ରାମ ଗୃହ, ଫୁଡ୍ କିସ୍‌କୋ, ପିଇବା ପାଣି, ଜୋତା ଷ୍ଟାଣ୍ଡ, ପାଦ ଧୋଇବାକୁ ସ୍ୱତନ୍ତ୍ର ସ୍ଥାନ, ଅପେକ୍ଷାସ୍ଥଳ, ଅବରୋଧ ବିହୀନ ଯୋଗାଯୋଗ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଛି। ୱାଚ୍ ଟାୱାର, ପୋଲିସ୍ ଆଉଟପୋଷ୍ଟ ଏବଂ ପ୍ରାଥମିକ ଚିକିତ୍ସା କେନ୍ଦ୍ର ମଧ୍ୟ ରହିବ। ମୁଖ୍ୟ ମନ୍ଦିର ପଛ ପାଖରେ ଉପାସନା ଗୃହ ରହିବ। ଏହା ଏକ ଅନ୍ୟତମ ଶକ୍ତିପୀଠ, ତେଣୁ ଓଡ଼ିଶାର ପୁରାତନ କାରୁକାର୍ଯ୍ୟ କରାଯାଇ ଏହାର ସର୍ବାଙ୍ଗୀନ ସୌନ୍ଦର୍ଯ୍ୟକରଣ ପାଇଁ ନିଷ୍ପତ୍ତି ହୋଇଛି। ଲୋକସେବା ଭବନରେ ଏହି ଘୋଷଣା କରାଯିବାରୁ ପ୍ରକଳ୍ପ ସମ୍ପର୍କିତ ଉପସ୍ଥାପନା ହୋଇଥିଲା। ଏହାକୁ ସ୍ଥାପତ୍ୟ ସଂସ୍ଥା ନେଷ୍ଟର ଦ୍ୱାରା ପ୍ରସ୍ତୁତ କରାଯାଇଛି। ଡିଜାଇନ୍ ଅନୁଯାୟୀ କାର୍ଯ୍ୟ ସମ୍ପାଦିତ ହେଲେ ପୀଠଟି ପ୍ରମୁଖ ଦର୍ଶନୀୟ ସ୍ଥାନ ହେବ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହ ସିଏମ୍‌ଓର ମୁଖ୍ୟ ପରାମର୍ଶଦାତା ଆର.ବାଲକ୍ରିଷ୍ଣନ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା, ଜଳସମ୍ପଦ ପ୍ରମୁଖ ସଚିବ ସୁରେନ୍ଦ୍ର କୁମାର , ୫-ଟି ସଚିବ ଭି.କେ. ପାଣ୍ଡିଆନ୍ , ପୂର୍ତ୍ତ ସଚିବ କ୍ରିଷ୍ଣନ କୁମାର, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, କିଛିଦିନ ତଳେ ୫-ଟି ସଚିବ ଏହି ପୀଠକୁ ଗସ୍ତ କରିବା ସହ ଏହାର ଉନ୍ନୟନ ନେଇ ସ୍ଥାନୀୟ ଜନସାଧାରଣ, ମନ୍ଦିର କର୍ତ୍ତୃପକ୍ଷ ଏବଂ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିଥିଲେ।

## ପୋଲିସ ଗାଡି ଭଙ୍ଗାରୁଜା ଘଟଣା, ୫ ଗିରଫ

**ହାଟଡିହୀ,୫।୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ତହସିଲ ଅଧିନ ଅମ୍ବୋ-କରଗୋଳା ବୈତରଣୀ ନଦୀ ବାଲି ଘାଟ ବିବାଦ ସମାଧାନ କରିବା ଲାଗି ଗତ ଜାନୁୟାରୀ ୨୮ରେ ଆନନ୍ଦପୁର ଉପଖଣ୍ଡ ଅଧୀନ ବିଭିନ୍ନ ଥାନାର ଅଧିକାରୀ, ପୋଲିସ ଫୋର୍ସ, ତହସିଲଦାର, ଆରଆଇ ବାଲିଘାଟରେ ପହଞ୍ଚିଥିଲେ। ବାଲି ଉଠାଣ ଓ ପରିବହନ ସମୟରେ କେତେକ ଲୋକ ଏହାକୁ ବିରୋଧ କରିଥିଲେ। ସନ୍ଧ୍ୟା ସମୟରେ ପୋଲିସ ଫୋର୍ସର ୩ଟି ଗାଡିକୁ ଢେଲାମାଡ କରି ଭଙ୍ଗାରୁଜା କରିଥିଲେ। ଏହି ଘଟଣାରେ ମଙ୍ଗଳବାର ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଦଲ ଜେନା, ବନମାଳି ଜେନା, ମଥୁରା ଜେନା, କୋଦଣ୍ଡ ଜେନା, ପ୍ରମୋଦ ଜେନା। ଏଥିସହ ପୂର୍ବରୁ ୩୨ ଜଣଙ୍କ ନାମରେ ତହସିଲ ପକ୍ଷରୁ ୧୦୭ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ପରେଶ ମହାନ୍ତି କହିଛନ୍ତି ଯେ, ଆଇନ ଅନୁସାରେ ପଦକ୍ଷେପ ନିଆଯାଉଛି।

# ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଦିଆଯାଇନି

**ଭୁବନେଶ୍ୱର,୫।୨(ବ୍ୟୁରୋ)**

### ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

- କେନ୍ଦ୍ର ଉପରେ ଦୋଷ ଲଦିଲା ବିଜେଡି
- ପଶ୍ଚିମ ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରାଯାଉଛି କହିଲା କଂଗ୍ରେସ

ପଶ୍ଚିମ ଓଡିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଆନ୍ଦୋଳନ ଲାଗି ରହିଛି। ଏହାସହ ଏହି ପ୍ରସଙ୍ଗରେ ପଶ୍ଚିମ ଓଡିଶାରେ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିବା ବେଳେ ଏହାକୁ ନେଇ ରାଜନୈତିକ କାଦୁଅ ଫିଙ୍ଗା ଆରମ୍ଭ ହୋଇଯାଇଛି। ଏଥିପାଇଁ ଭାଜପା ବିଭିନ୍ନ ପ୍ରସଙ୍ଗ ଉଠାଇ ବିଜେଡିକୁ ଟାର୍ଗେଟ କରିଥିବା ବେଳେ ବିଜେଡି ଏହି ଘଟଣାରେ ଭାଜପାକୁ ନିଶାନା କରିଛି। କଂଗ୍ରେସ କିନ୍ତୁ ଏଥିପାଇଁ ବିଜେଡିକୁ ଦୋଷ ଦେଇଛି। ଏଭଳି ସ୍ଥିତିରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ଉପରେ ବିଚାର ଚାଲିଛି, ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୁରେଶ ପୂଜାରୀ କହିଛନ୍ତି ଯେ, ପଶ୍ଚିମ ଓଡିଶାରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ଏକମତ ହେବା ସହ ରାଜ୍ୟ ସରକାର ଏବଂ ହାଇକୋର୍ଟଙ୍କୁ ସେମାନଙ୍କ ମତାମତ ମାଗିଛନ୍ତି। ଓଡିଶା ହାଇକୋର୍ଟଙ୍କୁ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ଦୁଇଥର ଚିଠି ଲେଖିବା ପରେ ମଧ୍ୟ ହାଇକୋର୍ଟରୁ କୌଣସି ଉତ୍ତର ଯାଉନାହିଁ ବୋଲି ବରଗଡ ଏମ୍‌ପି ସୁରେଶ ପୂଜାରୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ସେ ଏ ସମ୍ପର୍କରେ ଆଲୋଚନା ମଧ୍ୟ କରିଛନ୍ତି। ପୂଜାରୀ ଆହୁରି କହିଛନ୍ତି ଯେ, ୭ବର୍ଷ ପରେ ମଧ୍ୟ ହାଇକୋର୍ଟ ଏ ସମ୍ପର୍କରେ ଉତ୍ତର ନ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଚାପର ବଶବର୍ତ୍ତୀ ନ ହୋଇ କେନ୍ଦ୍ର ସରକାରଙ୍କୁ ମତାମତ ପ୍ରଦାନ କରିବା ପାଇଁ ସେ ହାଇକୋର୍ଟଙ୍କୁ ନିବେଦନ କରିଛନ୍ତି। ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ପୂର୍ଣ୍ଣାଙ୍ଗ ପ୍ରସ୍ତାବ ମାଗିଥିଲେ। ହେଲେ ରାଜ୍ୟ ସରକାର କାହିଁକି ଏହାର କୌଣସି ଉତ୍ତର ଦେଇନାହାନ୍ତି। କେଉଁସବୁ ଅଞ୍ଚଳକୁ ନେଇ ହାଇକୋର୍ଟ ବେଞ୍ଚ ହେବ ତାହା ମଧ୍ୟ ପତ୍ରରେ ଉଲ୍ଲେଖ କରିନାହାନ୍ତି। ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ଯେଉଁ ଭିତ୍ତିଭୂମି ଦରକାର ସେ ବାବଦରେ ସରକାରଙ୍କ ସହମତି ପତ୍ର କେନ୍ଦ୍ରକୁ ପଠାଯାଇନାହିଁ। ସ୍ଥାୟୀ କୋର୍ଟ ବେଞ୍ଚ ପ୍ରତିଷ୍ଠା ହେବା ପରେ ଦୈନନ୍ଦିନ ଖର୍ଚ୍ଚ ସଂଘୀୟ ବ୍ୟବସ୍ଥାରେ ରାଜ୍ୟ ସରକାର ବହନ କରିଥାନ୍ତି। ଏହାର ପ୍ରତିଶ୍ରୁତିପତ୍ର ଅଦ୍ୟାବଧି କେନ୍ଦ୍ରକୁ ଦେଇନାହାନ୍ତି ବୋଲି ପୂଜାରୀ ଅଭିଯୋଗ କରିଛନ୍ତି।

ବିଜେଡି ନେତା କିଶୋର ପଟେଲ କହିଛନ୍ତି ଯେ, ଏହି କାର୍ଯ୍ୟ କେଉଁଠି ଅଟକି ରହୁଛି ତାହା ସମସ୍ତଙ୍କୁ ଜଣା। ଏ ଦାୟିତ୍ୱ ଯାହାର ସେମାନେ ଯଦି ଠିକ୍‌ରେ ନିଜ ଦାୟିତ୍ୱ ନ ତୁଲାଇବେ ତେବେ ରାଜ୍ୟ ସରକାର କ'ଣ କରିବେ। ଏଥିପାଇଁ କେନ୍ଦ୍ରର ସହମତି ଓ ସହଯୋଗର ଆବଶ୍ୟକତା ରହିଛି। ସେମାନେ ଯଦି ଚାହିଁବେ ପଶ୍ଚିମ ଓଡ଼ିଶାର ଯେଉଁଠାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହେବ ଆମର କିଛି ଅସୁବିଧା ନାହିଁ ବୋଲି ସେ କହିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ପଶ୍ଚିମ ଓଡିଶାବାସୀଙ୍କୁ ବିଭ୍ରାନ୍ତ କରାଯାଉଛି। ନିୟମାନୁଯାୟୀ ପୂର୍ଣ୍ଣ ପ୍ରସ୍ତାବ ରାଜ୍ୟ ସରକାର ଦେଇ ନ ଥିଲେ। ଉପର ଠାଉରିଆ ଭାବେ ଲୋକଙ୍କୁ ଭୁଡାଇବାକୁ ପ୍ରସ୍ତାବ ଦିଆଯାଇଥିଲା। କେନ୍ଦ୍ର ସରକାର ପୁନର୍ବାର ଏ ବାବଦରେ ପତ୍ର ଲେଖିବା ପରେ ମଧ୍ୟ ରାଜ୍ୟ ସରକାର ପଦକ୍ଷେପ ନେଲେ ନାହିଁ ବୋଲି ସେ କହିଛନ୍ତି।


**ପୂର୍ବ ତଟ ରେଳପଥ**

**ମାର୍ଚ୍ଚ-2020 ପାଇଁ ଡିପୋ ଏବଂ ମଣ୍ଡଳ ଗୁଡ଼ିକ ନିମନ୍ତେ ସ୍କ୍ରାପ୍ ବିକ୍ରୀ ଇ-ନିଲାମ କାର୍ଯ୍ୟସୂଚୀ**

**ଇ-ନିଲାମର ଅନୁସୂଚୀ**

| ମାସ | ମୁଖ୍ୟାଳୟ/ମଣ୍ଡଳ | ତାରିଖ |
|---|---|---|
| ମାର୍ଚ୍ଚ 2020 | ମଞ୍ଚେଶ୍ୱର ଡିପୋ | 04.03.2020 (ବୁଧବାର), 11.03.2020 (ବୁଧବାର), 19.03.2020 (ଗୁରୁବାର), 24.03.2020 (ମଙ୍ଗଳବାର) ଏବଂ 30.03.2020 (ସୋମବାର) |
| | ଖୋର୍ଦ୍ଧା ରୋଡ୍ ମଣ୍ଡଳ | 09.03.2020 (ସୋମବାର), 13.03.2020 (ଶୁକ୍ରବାର), 20.03.2020 (ଶୁକ୍ରବାର), 25.03.2020 (ବୁଧବାର) ଏବଂ 31.03.2020 (ମଙ୍ଗଳବାର) |
| | ୱାଲ୍‌ଟିୟର ମଣ୍ଡଳ | 06.03.2020 (ଶୁକ୍ରବାର), 12.03.2020 (ଗୁରୁବାର), 17.03.2020 (ମଙ୍ଗଳବାର), 24.03.2020 (ମଙ୍ଗଳବାର) ଏବଂ 31.03.2020 (ମଙ୍ଗଳବାର) |
| | ସମ୍ବଲପୁର ମଣ୍ଡଳ | 04.03.2020 (ବୁଧବାର), 11.03.2020 (ବୁଧବାର), 18.03.2020 (ବୁଧବାର), 23.03.2020 (ସୋମବାର) ଏବଂ 30.03.2020 (ସୋମବାର) |

ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସମ୍ପୂର୍ଣ୍ଣ ବିବରଣୀ ନିଲାମ କ୍ୟାଟ୍‌ଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ନିଲାମ ସମ୍ପର୍କିତ ସଞ୍ଚାଳନ ଅଧିକାରୀଙ୍କ ପାଖରେ କିମ୍ବା ନିଲାମ ତାରିଖର 07(ସାତ) ଦିନ ପୂର୍ବରୁ ଆମର ୱେବ୍‌ସାଇଟ୍: https://www.ireps.gov.in ରେ ଉପଲବ୍ଧ ହେବ ।

PR-693/K/19-20 ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

CASH n GOLD
ISO 9001:2015 Certified Company
HIGHEST PAYOUT FOR YOUR GOLD
SELL YOUR GOLD & SETTLE YOUR GOLD LOAN at 100% market value.
CASH against GOLD
- ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ୧୦୦% ଉଚିତ୍ ମୂଲ୍ୟରେ ।
- ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ।

Plot No.: 622-A, Saheed Nagar, Near Khimji Jewellery, Bhubaneswar - 751007
Call: 7504335566 | 0674-2955566

**ପୂର୍ବ ତଟ ରେଳପଥ**

**ଇଂଜିନିୟରିଂ କାର୍ଯ୍ୟ**

ଟେଣ୍ଡର ବିଜ୍ଞପ୍ତି ସଂ. 13/ET/SBP/ENGG/2019-20, ତା: 30.01.2020

1) ଇ-ଟେଣ୍ଡର ବିଜ୍ଞପ୍ତି ସଂ.43-eT-SDENE-SBP-19
କାର୍ଯ୍ୟର ନାମ : ସମ୍ପୂର୍ଣ୍ଣ ପ୍ଲାଟଫର୍ମ ଲମ୍ବକୁ କଭର କରିବା ନିମନ୍ତେ ବଲାଙ୍ଗୀର (ପ୍ଲାଟଫର୍ମ ନଂ.1, ପ୍ଲାଟଫର୍ମ ନଂ.2 ଏବଂ 3) ଠାରେ ଅତିରିକ୍ତ ପ୍ଲାଟଫର୍ମ ସେଲ୍ଟରଗୁଡ଼ିକର ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹4,98,41,006.34, EMD (ଟଙ୍କାରେ): ₹ 3,99,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 10,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ)ମାସ ।

2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 13-eT-BRIDGE-SBP-19
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଝାରସୁଗୁଡ଼ା-ବରଗଡ଼ ସେକ୍ସନରେ ପ୍ଲେଟ ଗର୍ଡ଼ର ବ୍ରିଜ: ବ୍ରିଜ ନଂ.76, 26, 44A, 53, 53A, 58, 62, 67 (ସ୍ପାନ୍ 1 ରୁ 5), 69, 92, 116, 137 ଏବଂ 160 ରେ ସାଇଡ୍ ପାଥୱେର ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹1,76,95,606.07, EMD (ଟଙ୍କାରେ): ₹ 2,38,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ)ମାସ ।

3) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 14-eT-BRIDGE-SBP-19
କାର୍ଯ୍ୟର ନାମ : ସିନିୟର ସେକ୍ସନ ଇଂଜିନିୟର/ବ୍ରିଜ/ସମ୍ବଲପୁର ପରିସୀମା ଅଧୀନସ୍ଥ ବ୍ରିଜ୍ ନଂ.7UP, 438, 406 ଏବଂ 26 ରେ ଗ୍ୟାଙ୍ଗ୍ ପାଥ(Gang path)ର ପୁନଃସ୍ଥାପନ ସହିତ ଫଟା ରେଲ୍ ବିୟରର (Rail bearer) ଟପ୍ ଫ୍ଲେଞ୍ଜ ଆଙ୍ଗେଲ ଏବଂ ବ୍ରିଜ୍ ନଂ.293 DN, 331 DN ଏବଂ 406 ର ଅନ୍ୟ ଫଟା ମେମ୍ବରଗୁଡ଼ିକର ପୁନଃସ୍ଥାପନ, ବ୍ରିଜ୍ ନଂ.7 UP & DN, 293 UP & DN ଏବଂ ବ୍ରିଜ୍ ନଂ.406 ର କ୍ରସ୍ ଗର୍ଡ଼ରଗୁଡ଼ିକରେ କରୋଜନ ଗାର୍ଡ ଲଗାଇବା ତଥା ଅନ୍ୟ ସମ୍ପର୍କିତ କାର୍ଯ୍ୟ, ବ୍ରିଜ୍ ନଂ.247 DN, 239 DN, 195 SL ଏବଂ ବ୍ରିଜ୍ ନଂ.363 DN, 347 ର ବେଡ୍ ବ୍ଲକ୍ (Bed block)ର ଢିଲା ରିଭେଟ୍ (Loose Rivets)ଗୁଡ଼ିକର ମରାମତି, ସେକେଣ୍ଡ୍ ହ୍ୟାଣ୍ଡ ରିଲିଜ୍ଡ ରିଭେଟେଡ୍ ଗର୍ଡ଼ର (ରେଙ୍ଗାଲି ଷ୍ଟେସନଠାରେ ଉପଲବ୍ଧ 1X12.2m, PG, Drg. No.RDSO/BA-11073) ସହିତ କ୍ଷତିଗ୍ରସ୍ତ ୱେଲ୍ଡେଡ୍ ଗର୍ଡ଼ରଗୁଡ଼ିକର ସ୍ଥାନାନ୍ତରଣ ଦ୍ୱାରା ସମ୍ବଲପୁର ଷ୍ଟେସନଠାରେ ବ୍ରିଜ୍ ନଂ.67(L-1, 1X12.20m) ର ମରାମତି ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹67,51,259.75, EMD (ଟଙ୍କାରେ): ₹ 1,35,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ)ମାସ ।

4) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 37-eT-DENW-SBP-19
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଟିଟିଲାଗଡ଼ ଷ୍ଟେସନଠାରେ ଅତିରିକ୍ତ ପ୍ଲାଟଫର୍ମ ସେଲ୍ଟର (2bay, 06 ସଂଖ୍ୟକ)ଗୁଡ଼ିକର ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹2,37,73,242.30, EMD (ଟଙ୍କାରେ): ₹ 2,68,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 10,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ ।

5) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 38-eT-DENW-SBP-19
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ପଏଣ୍ଟ/କ୍ରସିଙ୍ଗ୍‌ଗୁଡ଼ିକର ବିଫଳତା ଅବସରରେ ପଏଣ୍ଟ ଏବଂ ସିଗ୍‌ନାଲର ମ୍ୟାନିଙ୍ଗ୍ ସୁବିଧା ନିମନ୍ତେ ଆରଙ୍ଗ ମହାନଦୀ ଏବଂ ବେଲସୋଣ୍ଡା ଠାରେ କ୍ରଂକ୍ରିଟ ପାଥୱେ ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹1,62,44,818.85, EMD (ଟଙ୍କାରେ): ₹ 2,31,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.26.02.2020 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ), ସମ୍ବଲପୁର

PR-695/K/19-20



ଟିକିଏ ଟିକିଏ ଭଦ୍ରାମୀ ଜୀବନକୁ ମଧୁମୟ କରିଦିଏ।

- ସେକ୍ସପିୟର



## ସଂକ୍ଷେପରେ

### ୧୫ ଲକ୍ଷ ଠକେଇ: ମହିଳା ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୫।୨(ବ୍ୟୁରେ):** ଇଲେକ୍ଟ୍ରି ସାମଗ୍ରୀ ଡିଷ୍ଟ୍ରିବ୍ୟୁଟର କରାଇଦେବା ଆଳରେ ୧୫ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୁକ୍ତ ମହିଳାଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ସେ ହେଲେ ଡୁମଡୁମା ପ୍ଲଟ ନଂ. ଏଲଆଇଭି ୧୭୫ରେ ରହୁଥିବା ଶବନମ ସିରିନ(୩୫)। ପୋଲିସ ସୂଚନା ମୁତାବକ, ଏୟାରଫିଲ୍ଡ ଥାନା ଅଞ୍ଚଳରେ ରହୁଥିବା ଜିତେନ୍ଦ୍ର ପ୍ରସାଦ ମିଶ୍ରଙ୍କୁ ଅଭିଯୁକ୍ତ ଶବନମ ଡିଷ୍ଟ୍ରିବ୍ୟୁଟର କରାଇ ଦେବା ନେଇ ୨୦୧୯ ମାର୍ଚ୍ଚ ୨୬ରେ ୧୫ ଲକ୍ଷ ଟଙ୍କାର ଚେକ ନେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଉଚିତ ସାମଗ୍ରୀ ନ ଦେଇ ଦିନ ଗଡାଇ ଚାଲିବା ସହ ଧରାଛୁଆଁ ଦେଇ ନ ଥିଲେ। ଏ ନେଇ ଜିତେନ୍ଦ୍ର ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୯୨/୨୦ରେ ଏକ ମାମଲା ରୁଜୁକରି ବୁଧବାର ଖଣ୍ଡଗିରି ଅଞ୍ଚଳରୁ ଶବନମଙ୍କୁ ଗିରଫ କରିଥିଲା।

### ସ୍ୱାଧୀନତା ସଂଗ୍ରାମୀ ଗିରିଧାରୀଙ୍କ ପରଲୋକ

**ଜଟଣୀ,୫।୨(ଡି.ଏନ.ଏ.):** ଖୋର୍ଦ୍ଧା ଅଣ୍ଡା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଗିରିଧାରୀ ଭୁଜବଳଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୧୦୪ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟଜନିତ ରୋଗରେ ସେ ଦୀର୍ଘଦିନ ହେବ ପୀଡିତ ଥିଲେ । ସ୍ୱାଧୀନତା ସଂଗ୍ରାମୀ ସହିତ ସ୍ନେହୀ, ନିଃସ୍ୱାର୍ଥପର ଓ ପରୋପକାରୀ ବ୍ୟକ୍ତି ଭାବେ ସେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ୪ ପୁଅ ପ୍ରମୋଦ, ପ୍ରଫୁଲ୍ଲ, ପ୍ରଶାନ୍ତ, ପ୍ରତାପ, ଝିଅ ପ୍ରଭାତୀ, ପ୍ରତିଭା ଓ ପରିବାର ଲୋକେ ଉପସ୍ଥିତ ରହିଥିଲେ।

### କପିଳେଶ୍ୱର ଦେବ ମନ୍ଦିର ନିର୍ବାହୀ ଅଧିକାରୀ ହେଲେ ଦେବବ୍ରତ ସାହୁ

**ପୁରୁଣା ଭୁବନେଶ୍ୱର,୫। ୨ (ଡି.ଏନ.ଏ.)-** ଶ୍ରୀକପିଳେଶ୍ୱର ଦେବ ମନ୍ଦିର ଟ୍ରଷ୍ଟ ବୋର୍ଡର ନିର୍ବାହୀ ଅଧିକାରୀ ଭାବେ ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ ମଙ୍ଗଳବାର ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ୨ ମାସ ତଳେ ଶ୍ରୀକପିଳେଶ୍ୱର ଦେବ ମନ୍ଦିରର ସୁପରିଚାଳନା ନିମନ୍ତେ ଦେବୋତ୍ତର ବିଭାଗ ଏକ ଟ୍ରଷ୍ଟ ବୋର୍ଡ ଗଠନ କରିଥିଲେ। ଏଥିରେ ଜିଲାପାଳ ସଭାପତି ଥିଲା ବେଳେ ଜୋନ-୨ର ଏସିପି ଏବଂ ଅନ୍ୟ ପ୍ରମୁଖ ବ୍ୟକ୍ତି ବିଶେଷ ସଦସ୍ୟ ରହିଛନ୍ତି।

# ରଙ୍ଗ୍ ସାଇଡ୍‌ରେ ଗଲେ ଚକ କଣା କରିଦେବ 'ଟାୟାର କିଲର'

**ଭୁବନେଶ୍ୱର,୫।୨(ବ୍ୟୁରେ)**



- ରାସ୍ତାରେ ଲାଗିବ 'ସ୍ପାଇକ ବ୍ୟାରିୟର'
- ଦ୍ୱୈତନଗରୀର ୩୨ ବିପଦପୂର୍ଣ୍ଣ ସ୍ଥାନ ଚିହ୍ନଟ
- ମାର୍ଚ୍ଚ ୧ରୁ କାର୍ଯ୍ୟକାରୀ କରାଯିବ

ନୂଆ ନୂଆ ଆଇନ ଲାଗୁ କରାଯିବା ସହ ଅଧିକ ଜରିମାନା ସତ୍ତ୍ୱେ ଲୋକେ ସୁଧୁରୁନାହାନ୍ତି। ବିଶେଷକରି ରଙ୍ଗ୍ ସାଇଡ୍‌ରେ ଗାଡ଼ି ଚାଳନା ଯୋଗୁ ଅଧିକାଂଶ ଦୁର୍ଘଟଣା ଘଟୁଛି। ଏଣିକି ଅମାନିଆ ଗାଡ଼ି ଚାଳକଙ୍କୁ ସାବାଡ଼୍ କରିବାକୁ କମିଶନରେଟ ପୋଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛି। ରଙ୍ଗ୍ ସାଇଡ୍‌ରେ ଗାଡି ଚଲାଇଲେ ଗାଡ଼ି ଚକାରେ କଣା ହୋଇଯିବ। ଏଥିପାଇଁ ଦେଶ ବିଦେଶରେ ବ୍ୟବହୃତ 'ସ୍ପାଇକ ବ୍ୟାରିୟର' ବା ଟାୟାର କିଲର' ବ୍ୟବସ୍ଥାକୁ ଆପଣାଇବାକୁ ନିଷ୍ପତ୍ତି ହୋଇଛି ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ସଂକ୍ରାନ୍ତରେ ସୂଚନା ଦେଇ କମିଶନର ଷଡ଼ଙ୍ଗୀ କହିଲେ, ଭୁଲ୍ ଦିଗରେ ଗାଡି ଚାଳନା କରି ପ୍ରତିଦିନ ଲୋକେ ଜରିମାନା ଗଣୁଛନ୍ତି। ଏହା ଅତ୍ୟନ୍ତ ବିପଦପୂର୍ଣ୍ଣ ଯାତ୍ରା ହୋଇଥିଲେ ମଧ୍ୟ ଏଥିପ୍ରତି ସଚେତନ ହେଉନାହାନ୍ତି। ଏଥିଯୋଗୁ ଅନେକ ଦୁର୍ଘଟଣା ଘଟି ମୂଲ୍ୟବାନ ଧନଜୀବନ ନଷ୍ଟ ହେଉଛି। ତେଣୁ ମାର୍ଚ୍ଚ ୧ରୁ ପରୀକ୍ଷାମୂଳକ ଭାବେ ସ୍ପାଇକ୍ ବ୍ୟାରିୟରକୁ କଟକ ଓ ଭୁବନେଶ୍ୱରରେ ବିଭିନ୍ନ ରାସ୍ତାରେ କାର୍ଯ୍ୟକାରୀ କରାଯିବ। ତେଣୁ ଜନସାଧାରଣ ଯଥାସମ୍ଭବ ନିୟମକୁ ପାଳନ କରନ୍ତୁ ବୋଲି କମିଶନର ସୂଚନା ଦେଇଛନ୍ତି।

ତାଙ୍କ ସୂଚନା ମୁତାବକ, ଟୁଇନ ସିଟିରେ ୨୪୨ ସ୍ଥାନରେ ବିପରୀତ ଦିଗରେ ଲୋକେ ଗାଡି ଚାଳନା କରୁଥିବା ଦେଖିବାକୁ ମିଳୁଥିବାବେଳେ ୩୨ଟି ଅତ୍ୟନ୍ତ ବିପଦପୂର୍ଣ୍ଣ ସ୍ଥାନକୁ ଚିହ୍ନଟ କରାଯାଇଛି। ଯେଉଁଠାରେ ପ୍ରତିଦିନ ଏଥିପାଇଁ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଦୁର୍ଘଟଣା ଓ ଟ୍ରାଫିକ ନିୟନ୍ତ୍ରଣ ନେଇ ପୁଣେ, ହାଇଦ୍ରାବାଦ, ମୁମ୍ବାଇ, ଦିଲ୍ଲୀ ତଥା ବିଦେଶରେ ଏହାକୁ ବ୍ୟବହାର କରାଯାଉଛି। ରାସ୍ତାର ଉଚିତ ବ୍ୟବହାର କରୁଥିବା ଚାଳକମାନେ ଏହାଦ୍ୱାରା କୌଣସି ପ୍ରକାର କ୍ଷତିଗ୍ରସ୍ତ ହେବେ ନାହିଁ। ଏହା ରାସ୍ତା ଉପରେ ସାମାନ୍ୟ ହମ୍ପସ ଆକୃତିର ରହିବ। ଉଚିତ ଦିଗରେ ଗାଡି ଚାଳନା କରି ଯିବାବେଳେ ଏହା ଭିତରେ ଥିବା ଷ୍ଟିଲ୍ କଣ୍ଟାଗୁଡିକ ଭିତରେ ଦବି ରହିବ। ଯଦି କୌଣସି ବ୍ୟକ୍ତି ବିପରୀତ ଦିଗରେ ବା ରଙ୍ଗ୍ ସାଇଡ୍‌ର ଗାଡି ଚାଳନା କରି ଏହି ସ୍ପାଇକ ବ୍ୟାରିୟରକୁ ପାର ହୁଅନ୍ତି ସେଥିରେ ଲାଗିଥିବା ଷ୍ଟିଲ କଣ୍ଟାଗୁଡିକ ଉପରକୁ ଉଠିଯିବା ସହ ଟାୟାର ଶତପ୍ରତିଶତ କଣା ହୋଇଯିବ। ଏହାଦ୍ୱାରା ଟାୟାର ପଙ୍କ୍‌ଚର ହୋଇ ଯାତ୍ରା ଠପ ହୋଇଯିବ। ଚାଳକଙ୍କୁ ଜରିମାନା ସହ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ। ବମିଖାଲ ଓଭରବ୍ରିଜ, ରସୁଲଗଡ ଓ କଳ୍ପନା ସମେତ ଅନ୍ୟ କିଛି ବିପଦପୂର୍ଣ୍ଣ ସ୍ଥାନରେ ଏହାକୁ ପ୍ରଥମେ ପରୀକ୍ଷାମୂଳକ ଭାବେ ଲଗାଯିବ ବୋଲି କମିଶନର ଷଡଙ୍ଗୀ ସୂଚନା ମିଳିଛି।

## ଆଜି ରେଭେନ୍‌ଶା ସମାବର୍ତ୍ତନ ଉତ୍ସବ

**କଟକ ଅଫିସ, ୫।୨**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ଉତ୍ସବ ଗୁରୁବାର ଅନୁଷ୍ଠିତ ହେବ। ଉତ୍ସବରେ ମୋଟ ୬୧ଜଣଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ । ଏଥି ସହ ୩ ଜଣ ବ୍ୟକ୍ତିତ୍ୱଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ଦିଆଯିବ। ସେମାନେ ହେଲେ ବଲିଉଡର ବିଶିଷ୍ଟ ଗୀତିକାର ପଦ୍ମବିଭୂଷଣ ଗୁଲ୍‌ଜର, ପ୍ରଖ୍ୟାତ ବୈଜ୍ଞାନିକ ଡ. ମଞ୍ଜୁ ଶର୍ମା ଏବଂ ଡ. ସୁଜାତା ଦାସ । ମାତ୍ର ଏହି ଉତ୍ସବରେ ଗୁଲଜର କିମ୍ବା ମଞ୍ଜୁ ଶର୍ମା ଯୋଗଦେବେ ନାହିଁ। ବ୍ୟକ୍ତିଗତ କାରଣରୁ ସେମାନେ ଅନୁପସ୍ଥିତ ରହୁଥିବା ବିଶ୍ୱବିଦ୍ୟାଳୟ ତରଫରୁ କୁହାଯାଇଛି। ଆଗାମୀ ଦିନରେ ହେବାକୁ ଥିବା ପୃଥକ କାର୍ଯ୍ୟକ୍ରମରେ ସେମାନେ ଯୋଗଦେବେ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ମୁଖ୍ୟ ଅତିଥି, ଡ. ଚନ୍ଦ୍ରିମା ସାହା ଏବଂ ଡ. ସୁଜାତା ଦାସ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଜାଭିୟର ୟୁନିଭର୍ସିଟିରେ ଆନ୍ତର୍ଜାତିକ କେନ୍ଦ୍ର ଉଦ୍‌ଘାଟିତ




ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅଧିକାରୀମାନେ।

**ଜଟଣୀ,୫।୨(ଡି.ଏନ.ଏ.)**

ଜଟଣୀ ନିକଟବର୍ତ୍ତୀ ଜାଭିୟର ୟୁନିଭର୍ସିଟିରେ ନୂତନ ଭାବେ ସରକାର ଏବଂ ଜନସଂକ୍ରାନ୍ତୀୟ ବିଦ୍ୟାଳୟ ଓ ଆନ୍ତର୍ଜାତିକ କେନ୍ଦ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ କହିଥିଲେ, ବିକାଶ ଓ ସାମଗ୍ରିକ ପ୍ରଗତି ଏକ ରାଷ୍ଟ୍ର ନିର୍ମାଣ ନିମନ୍ତେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ପ୍ରଶାସନିକ ସ୍ୱଚ୍ଛତା ରହିଲେ, ପ୍ରଗତି ତ୍ୱରାନ୍ୱିତ ହୋଇଥାଏ। ୫-ଟି ମନ୍ତ୍ର ଆମ ସରକାରୀ ପ୍ରକ୍ରିୟାରେ କାର୍ଯ୍ୟ କରୁଛି। ଶାସନ ବ୍ୟବସ୍ଥାରେ ସାଧାରଣ ଲୋକଙ୍କର ଭାଗୀଦାରି ବୃଦ୍ଧି କରିବାରେ ଏହି ମନ୍ତ୍ର ଏକ ସଫଳ ପ୍ରୟାସ। ଆନ୍ତର୍ଜାତିକ ସ୍ତରରେ ରାଜ୍ୟର ପରିଚୟ ସୃଷ୍ଟି କରିବାରେ ମୋ ସରକାର ସଫଳ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସ୍କୁଲ ଅଫ୍ ଗଭର୍ଣ୍ଣମେଣ୍ଟ ଓ ପବ୍ଲିକ୍ ଆଫାୟାର୍ସ ତଥା ଇଣ୍ଟରନ୍ୟାଶନାଲ ସେଣ୍ଟର ଏ ଦିଗରେ ନିଜର ଉତ୍ତରଦାୟିତ୍ୱ ନିଭାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ, ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ, ପିପିଲି ବିଧାୟକ ପ୍ରଦୀପ ମହାରଥୀ, ଆଇଏଏସ୍ ଆର୍. ବାଲକ୍ରିଷ୍ଣନ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଜାଭିୟର ୟୁନିଭର୍ସିଟି ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ଚେୟାରମ୍ୟାନ ଫାଦର ଜର୍ଜ ଫର୍ଣ୍ଣାଡେସ୍ ଏସ୍.ଜେ, ୟୁନିଭର୍ସିଟିର କୁଳପତି ପ୍ରଫେସର ଡ. ଆଣ୍ଟୋନୀ ଆର୍ ଉଭାରୀ ଏସ୍.ଜେ, ରେଜିଷ୍ଟ୍ରାର ପ୍ରଫେସର ଫାଦର ଇ.ଏ.ଅଗଷ୍ଟିନ ଏସ୍.ଜେ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏଥିରେ ୟୁନିଭରସିଟିର ବିଦ୍ୟାର୍ଥୀ, ଫାକଲଟି, କର୍ମଚାରୀ ଓ ବହୁ ନିମନ୍ତ୍ରିତ ଅତିଥି ଉପସ୍ଥିତ ଥିଲେ।

# ପୃଥକ୍ ସଂଗ୍ରହ ହେବ ଓଦା, ଶୁଖିଲା ବର୍ଜ୍ୟ

**ଭୁବନେଶ୍ୱର, ୫।୨ (ବ୍ୟୁରୋ)**



- ନାଗରିକଙ୍କ ସହଯୋଗ ଲୋଡ଼ିଲା ବିଏମ୍‌ସି
- କାର୍ଯ୍ୟକାରୀ ହେବ ୨ ୱାର୍ଡର ଏମ୍‌ସିସି
- ବର୍ଜ୍ୟ ପରିଚାଳନା ପାଇଁ ୯ କ୍ଲଷ୍ଟରରେ ଭାଗ ହୋଇଛି ୨ ୱାର୍ଡ
- ଘର ଘର ବୁଲି ବର୍ଜ୍ୟ ପୃଥକୀକରଣ ବାବଦରେ ବୁଝାଇବେ ଏସ୍‌ଏଚ୍‌ଜି ମହିଳା

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସଭାଗୃହରେ ବର୍ଜ୍ୟ ସଂଗ୍ରହ ଜନିତ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁକୁ ପ୍ରତ୍ୟେକ ପରିବାରରୁ ପୃଥକ୍ ଭାବେ ସଂଗ୍ରହ କରିବାକୁ ଚାଲୁ ରହିଥିବା ଚେଷ୍ଟା ଅତିଶୀଘ୍ର ଲାଗୁ କରାଯିବ ବୋଲି ସୂଚନା ଦିଆଯାଇଛି। ଆଡିଶନାଲ କମିଶନର ସୁରଥ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୯ ସଙ୍ଗଠନରୁ ୪୦ ଏସ୍‌ଏଚ୍‌ଜି ସଦସ୍ୟା, ୫ ସ୍ୱେଚ୍ଛାସେବୀ ସଙ୍ଗଠନ, ୱାର୍ଡ ଅଫିସର ଏବଂ ସାନିଟାରି ଇନ୍ସପେକ୍ଟର ଯୋଗ ଦେଇଥିଲେ।

ଭୁବନେଶ୍ୱରରେ ୪୩ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ଏବଂ ୧୦ ମ୍ୟାଟେରିଆଲ୍ ରିକଭରି ଫ୍ୟାସିଲିଟି ସେଣ୍ଟର (ଏମ୍‌ଆର୍‌ଏଫ୍) କାମ ଆଗେଇ ଚାଲିଛି। ୧୨ ନଂ. ଏବଂ ୧୭ ନଂ ୱାର୍ଡରେ ପ୍ରଥମ କରି ଏହି କାର୍ଯ୍ୟ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି। ଚୟନ ହୋଇଥିବା ଏସ୍‌ଏଚ୍‌ଜି ମହିଳାମାନେ କିଭଳି ଘରକୁ ଘର ବୁଲି ବର୍ଜ୍ୟର ପୃଥକୀକରଣ ବାବଦରେ ଲୋକଙ୍କୁ ବୁଝାଇବେ ସେ ବାବଦରେ କୁହାଯାଇଥିଲା। ତେବେ ରାଜ୍ୟର ଅନ୍ୟ ପୌରସଂସ୍ଥାଙ୍କଠାରୁ ବିଏମ୍‌ସି ସର୍ବାଧିକ ଏମ୍‌ସିସି କରିବାକୁ ଯାଉଥିବାବେଳେ ସାଧାରଣ ଲୋକଙ୍କ ସହଯୋଗ ଲୋଡ଼ିଛି ବିଏମ୍‌ସି।

ଆସନ୍ତା ସପ୍ତାହରେ ବିଏମ୍‌ସିର ୧୨ ନଂ. ଏବଂ ୧୭ ନଂ ୱାର୍ଡ଼ରୁ ପୃଥକ୍ ଭାବେ ବର୍ଜ୍ୟ ସଂଗ୍ରହ ପାଇଁ ବିଏମ୍‌ସି କର୍ତ୍ତୃପକ୍ଷ ନକ୍ସା ପ୍ରସ୍ତୁତି କରିଛନ୍ତି। ପ୍ରାରମ୍ଭରୁ ଏକ ସୁସ୍ଥ ବାତାବରଣ ମଧ୍ୟରେ ଏହା ଆରମ୍ଭ କରାଯିବ ବୋଲି ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ କୁମାର ସାହୁ କହିଛନ୍ତି। ଉକ୍ତ ଦୁଇ ୱାର୍ଡକୁ ସମୁଦାୟ ୯ କ୍ଲଷ୍ଟର୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ କ୍ଲଷ୍ଟର୍ ପାଇଁ ସ୍ୱେଚ୍ଛାସେବୀ ରହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ନିୟମିତ ଭାବେ ପୃଥକ୍ କରି ବର୍ଜ୍ୟ ରଖିବାରେ ଆଗେଇ ଆସୁଥିବା ପରିବାରଙ୍କୁ ସ୍ୱଚ୍ଛ ଗୃହର ଆଖ୍ୟା ଦିଆଯିବ ବୋଲି ଜୋନାଲ୍ ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟି କହିଛନ୍ତି।

# ଅଞ୍ଜଳି ଦିଦିଙ୍କ ପରେ ମଙ୍ଗଧରିଥିବା ଦମ୍ପତି ଗିରଫ

**ଭୁବନେଶ୍ୱର, ୫।୨(ବ୍ୟୁରୋ)**

**ବାଂଲା ସେକ୍ସ ର‍୍ୟାକେଟ**
- ପିପିଲିରେ ଚଢ଼ାଉ, କାର୍‌ରୁ ରୂପଜୀବୀ ଉଦ୍ଧାର
- ପୂର୍ବରୁ ଧରାପଡ଼ିଥିବା ୬ ରୂପଜୀବୀଙ୍କ ବୟାନ ରେକର୍ଡ

ବାଂଲାଦେଶୀ ସେକ୍ସ ର‍୍ୟାକେଟର ମାଷ୍ଟରମାଇଣ୍ଡ ଅଞ୍ଜଳି ଦିଦି ଓ ସ୍ୱାମୀ ଇବ୍ରାହିମ୍ ଗିରଫ ପରେ ଚେର ଖୋଜି ବାହାର କରୁଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ଅଞ୍ଜଳି ଏବେ ଜେଲ୍‌ରେ ରହିଥିବାବେଳେ ର‍୍ୟାକେଟର ମଙ୍ଗ ଧରିଥିବା ଏକ ଦମ୍ପତିଙ୍କୁ ବୁଧବାର ଗିରଫ କରାଯାଇଛି। ସେମାନେ ହେଲେ ବ୍ରହ୍ମପୁର ଅଞ୍ଚଳର ପଞ୍ଚାନନ ପାଢୀ ଓ ତାଙ୍କ ସ୍ତ୍ରୀ ପ୍ରୀତି । ସେମାନଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ସେମାନେ ର‍୍ୟାକେଟରେ ନିୟୋଜିତ କରିଥିବା ଜଣେ ରୂପଜୀବୀଙ୍କୁ ଏସ୍‌ଟିଏଫ୍ ପିପିଲି ଅଞ୍ଚଳରୁ ଏକ କାର୍‌ରୁ ଉଦ୍ଧାର କରିଛି। ଏଥିସହ ପୂର୍ବରୁ ଶର୍ଟ ଷ୍ଟେ' ହୋମରେ ଥିବା ୬ ରୂପଜୀବୀଙ୍କର କୋର୍ଟରେ ବୟାନ ରେକର୍ଡ କରାଯାଇଛି।

ସୂଚନା ମୁତାବକ, ବୁଧବାର ଗିରଫ ପଞ୍ଚାନନ ଓ ପ୍ରୀତି ବହୁ ପୂର୍ବରୁ ଅଞ୍ଜଳି ଦିଦିଙ୍କୁ ସହଯୋଗ କରି ଆସୁଥିଲେ। ବିଶେଷକରି ସେମାନେ ଗ୍ରାହକ ଯୋଗାଡ଼ ଦାୟିତ୍ୱରେ ଥିଲେ। ଅଞ୍ଜଳି ଓ ସ୍ୱାମୀ ଇବ୍ରାହିମଙ୍କୁ ଜେରାବେଳେ ଏମାନଙ୍କ ସମ୍ପର୍କରେ ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିଲା। ତେବେ ସେମାନେ ଅଞ୍ଜଳିଙ୍କୁ ଜେଲ ଗେଟ୍‌ରେ ସାକ୍ଷାତ କରୁଥିବା ଜଣାପଡିଥିଲା। ଭେଟିବା ବାହାନାରେ ସେକ୍ସ ର‍୍ୟାକେଟ ନେଇ ଯୋଜନା କରୁଥିବା ସ୍ପଷ୍ଟ ହେବା ପରେ ଉଭୟଙ୍କୁ ଧରିବାକୁ ଏସ୍‌ଟିଏଫ୍ ଟିମ୍ ୭ଦିନ ହେବ ଜାଲ ବିଛାଇଥିଲା। ବୁଧବାର ଅନ୍‌ଲାଇନରେ ଡିଲ ପରେ ଜଣେ ରୂପଜୀବୀଙ୍କୁ ଏକ କାରରେ ନେଇ ଜଣେ ଗ୍ରାହକଙ୍କ ପାଖକୁ ହୋମ୍ ଡେଲିଭରି ପାଇଁ ଯାଉଥିବାବେଳେ ଏସ୍‌ଟିଏଫ୍ ଟିମ୍ ପିପିଲି ଅଞ୍ଚଳରେ ଚଢ଼ାଉ କରି ଧରିଥିଲା। ତେବେ ଉକ୍ତ କାର୍‌ରେ ଥିବା ରୂପଜୀବୀ ଜଣକ କୋଲକାତାର ନା ବାଂଲାଦେଶର ନାଗରିକ ତାହା ସ୍ପଷ୍ଟ ହୋଇନାହିଁ। ଏହା ଉପରେ ଅଧିକ ଖୋଳତାଡ଼ ଆରମ୍ଭ କରିବା ସହ ଉକ୍ତ ରୂପଜୀବୀଙ୍କୁ ଶର୍ଟ ଷ୍ଟେ ହୋମ୍‌କୁ ପଠାଇ ଦିଆଯାଇଥିବା ଏସ୍‌ଟିଏଫ୍ ସୂତ୍ରରୁ ଜଣାପଡିଛି।

# 'ଛାତ୍ରୀଛାତ୍ରମାନେ ସବୁ ଦିଗରେ ପ୍ରସ୍ତୁତ ହୁଅନ୍ତୁ'

**ଭୁବନେଶ୍ୱର, ୫।୨(ବ୍ୟୁରୋ)**



ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଯୋଗ ଦେଇଥିବା ଅତିଥି।

ଭିଏସ୍‌ଏସ୍ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ ଯୋଗଦେଇ ଛାତ୍ରୀଛାତ୍ରମାନେ କଠିନ ପରିଶ୍ରମ, ଅଧ୍ୟବସାୟ, ସମୟାନୁବର୍ତ୍ତିତା ସହ ସବୁ ଦିଗରେ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷୟତ୍ରୀ ଅନୁପମା ନନ୍ଦ ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ ସମସ୍ତେ ସରକାରଙ୍କ ଶିକ୍ଷାନୀତିକୁ ପାଳନ କଲେ ବିଦ୍ୟାଳୟ କୃତିତ୍ୱ ହାସଲ କରିବ ବୋଲି କହିଥିଲେ। ବିଦ୍ୟାଳୟ ପରିଚାଳନା ବିକାଶ କମିଟି ସଭ୍ୟ କୈଳାସ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଅନୁଷ୍ଠାନର ଉତ୍ତୋରତର ଉନ୍ନତି ପାଇଁ ପ୍ରଶାସନିକ ସହାୟତା ଓ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବରିଷ୍ଠ ଶିକ୍ଷକ କୃଷ୍ଣଚନ୍ଦ୍ର ଦେବତା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସସ୍ମିତା ରାଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସୌମ୍ୟରଞ୍ଜନ ଦାସ କ୍ରୀଡ଼ା ଚମ୍ପିୟାନ ହୋଇଥିବାବେଳେ ଚଳିତବର୍ଷ ଶ୍ରେଷ୍ଠ ଛାତ୍ରୀ ଭାବେ ରଶ୍ମିରେଖା ବେହେରା ଓ ଇତିଶ୍ରୀ ଦାସ ହୋଇଥିଲେ। ବରିଷ୍ଠ ଶିକ୍ଷକ ସମୀର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ୫ ମାସରେ ଦେଢ଼କୋଟିର ନିଶାଦ୍ରବ୍ୟ ଜବତ

**ଭୁବନେଶ୍ୱର,୫।୨(ବ୍ୟୁରେ)**

**କମିଶନରେଟ ପୋଲିସର ସ୍ପେଶାଲ ଡ୍ରାଇଭ୍**
- ପୁଣି ୧୫୦ ଗ୍ରାମ ବ୍ରାଉନସୁଗାର ଜବତ, ୨ ବେପାରୀ ଗିରଫ
- ସୂଚନା ଦେଲେ ପୁରସ୍କାର ମିଳିବ : ପୋଲିସ କମିଶନର
- ସୂଚନାଦାତାଙ୍କ ନାମ ଗୋପନ ରଖାଯିବ

ରାଜଧାନୀ ଭୁବନେଶ୍ୱର ପାଲଟିଛି ନିଶା ବେପାରର କେନ୍ଦ୍ରସ୍ଥଳ। ରାଜ୍ୟରେ ନିଶା କାରବାର ରୋକିବାରେ କ୍ରାଇମବ୍ରାଞ୍ଚର ତତ୍ପରତା ପରେ କମିଶନରେଟ ପୋଲିସ ସ୍ପେଶାଲ ଡ୍ରାଇଭ୍ ଚଳାଇଛି। ମଙ୍ଗଳବାର ରାତିରେ ଖଣ୍ଡଗିରି ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଚଢ଼ାଉ କରି କାର୍ ୧୫୦ ଗ୍ରାମ ବ୍ରାଉନସୁଗାର ଓ ଚାଲାଣରେ ବ୍ୟବହୃତ ଏକ କାର୍ ଜବତ କରିବା ସହ ସମ୍ପୃକ୍ତ ୨ଜଣ ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ହାଉସିଂବୋର୍ଡ କଲୋନୀ ଅଞ୍ଚଳର କାଳୀ ପ୍ରସାଦ ରାଉଳ ଓ ଜଟଣୀ ଥାନା ଅଞ୍ଚଳର ବିଜୟ ପାଣିଗ୍ରାହୀ। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ଗତ ୫ ମାସ ଭିତରେ ନିଶା କାରବାରରେ ସମ୍ପୃକ୍ତ ୧୫୦ ଜଣଙ୍କୁ ଗିରଫ କରାଯିବା ସହ ପ୍ରାୟ ଦେଢକୋଟିରୁ ଊର୍ଦ୍ଧ୍ୱ ଟଙ୍କାର ନିଶା ସାମଗ୍ରୀ ଜବତ କରାଯାଇଛି। ତେଣୁ ସଚେତନ ନାଗରିକମାନେ ନିଜ ଅଞ୍ଚଳରେ ଚାଲିଥିବା ନିଶା କାରବାର ସମ୍ପର୍କରେ ପୋଲିସ ସହ ତଥ୍ୟ ବିନିମୟ କରନ୍ତୁ। ସେମାନଙ୍କ ନାମକୁ ଗୋପନ ରଖାଯିବା ସହ ପୁରସ୍କୃତ କରାଯିବ ବୋଲି କମିଶନର ଷଡ଼ଙ୍ଗୀ କହିଛନ୍ତି।

ସୂଚନା ମୁତାବକ, ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱରକୁ ବିପୁଳ ନିଶାଦ୍ରବ୍ୟ ଚାଲାଣ ହେଉଥିବା ନେଇ କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ନିକଟରେ ଖବର ପହଞ୍ଚିଥିଲା। ତୁରନ୍ତ ଖଣ୍ଡଗିରି ଥାନା ପୋଲିସ ସହଯୋଗରେ ଜାଲ ବିଛାଇଥିଲା। ଅଭିଯୁକ୍ତମାନେ ବରମୁଣ୍ଡା ବିଜୁ ପଟ୍ଟନାୟକ ଖେଳ ପଡିଆ ନିକଟରେ ପହଞ୍ଚିବା ପରେ ମିଳିତ ଟିମ୍ କାରକୁ ଚାରିପଟୁ ଘେରିଯାଇଥିଲେ। ପୋଲିସ ୨ ଅଭିଯୁକ୍ତଙ୍କୁ ଯାଞ୍ଚ କରିବା ପରେ ୧୫୦ ଗ୍ରାମ ବ୍ରାଉନସୁଗାର ମିଳିଥିଲା। ଏଥିସହ ସେମାନଙ୍କ ନିକଟରୁ ୪୦୦ଟଙ୍କା, ୩ ମୋବାଇଲ ଏବଂ ଓଡି-୦୨-ଏସି-୬୪୯୭ ନମ୍ବର ଥିବା କାରକୁ ମଧ୍ୟ ଜବତ କରିଥିଲା। ଖଣ୍ଡଗିରି ଥାନା ପୋଲିସ ୮୯/୨୦ରେ ଏକ ମାମଲା ରୁଜୁ କରି ୨ ଅଭିଯୁକ୍ତଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

# ଜବରଦଖଲକୁ ବିରୋଧ, ରାସ୍ତାକୁ ଓହ୍ଲାଇବେ ୫୦୦ ପରିବାର

**ଭୁବନେଶ୍ୱର, ୫।୨ (ବ୍ୟୁରୋ)**

**ପାଇକନଗରରେ ଜଳାଶୟ ପୋତିବା ଘଟଣା**



ଖବରଦାତା ସମ୍ମିଳନୀରେ ଆସୋସିଏଶନ କର୍ମକର୍ତ୍ତା।

ପାଇକନଗରରେ ଚାଲିଥିବା ଜମି ବିବାଦ ଘଟଣାର ସମାଧାନ ଏ ପର୍ଯ୍ୟନ୍ତ ହୋଇପାରୁନାହିଁ। ୫୦୦ରୁ ଊର୍ଦ୍ଧ୍ୱ ପରିବାର ଉକ୍ତ ସରକାରୀ ଜମି ଉପରେ ନିର୍ଭର କରୁଛନ୍ତି। ହେଲେ ବିଲ୍‌ଡର ଉକ୍ତ ଜମିରେ ନିଜର କନଷ୍ଟ୍ରକଶନ କାର୍ଯ୍ୟ ଜାରି ରଖିଛନ୍ତି। ବୁଧବାର ପୂର୍ବ ବିଲ୍‌ଡର କାର୍ଯ୍ୟ ଆରମ୍ଭ କରିଥିବା ବେଳେ ପାଇକନଗର ୱେଲଫେୟାର ଆସୋସିଶନ ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ଏକ ଖବରଦାତା ସମ୍ମିଳନୀରେ ତୀବ୍ର ଅସନ୍ତୋଷ ଜାହିର କରାଯାଇଛି। ପୋଲିସ ପ୍ରଶାସନ ବିଲଡରଙ୍କ ସହ ମିଶି ଜବରଦଖଲ ହେବାକୁ ପ୍ରଶ୍ରୟ ଦେଉଛି ବୋଲି କହିବା ସହ ଯଦି ଏ ନେଇ ତୁରନ୍ତ ସମାଧାନ ନ ହୁଏ ତେବେ ପାଇକନଗରରେ ରହୁଥିବା ୫୦୦ ପରିବାର ରାସ୍ତାକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି।

ପାଇକନଗର ୱେଲଫେୟାର ଆସୋସିଏଶନ୍‌ର ସମ୍ପାଦକ ସମୀର ନାୟକ କହିଛନ୍ତି, ପାଇକନଗର ମୌଜାର ପ୍ଲଟ ନଂ. ୨୨୬, ୨୨୭, ୨୨୮, ୨୨୯, ୨୩୦, ୨୩୨, ୨୩୩ ପୂର୍ବରୁ ଜଳାଶୟ ଥିଲା। ଏବେ ମଧ୍ୟ ସରକାରୀ ନକ୍ସାରେ ସେଠାରେ ଜଳାଶୟ ଓ ୪.୫ ଫୁଟର ଡ୍ରେନ ଯାଉଛି। ହେଲେ ବିଲ୍‌ଡର ସୁଧାଂଶୁ ଶେଖର ପାଳ ଉକ୍ତ ଜଳାଶୟକୁ ପୋତି ସେଠାରେ ଜବରଦଖଲ କରିଛନ୍ତି। ଏ ନେଇ ବିଧାନସଭାରେ ପ୍ରଶ୍ନୋତ୍ତର ହେବା ପରେ ସେଠାରୁ ୨୦୦୯ରେ ବିଏମ୍‌ସି, ବିଡିଏ ପ୍ରଶାସନ ଦ୍ୱାରା ଉଚ୍ଛେଦ କାର୍ଯ୍ୟ କରାଗଲା। ତା'ପରେ ସେ ସେଠାରେ ଥିବା ୨୨୭, ୨୨୮ ପ୍ଲଟକୁ ନିଜର ସ୍ଥିତିବାନ ଜମି ବୋଲି ଦର୍ଶାଇବା ସହ ଉକ୍ତ ଜମିକୁ ଲାଗି ରହିଥିବା ଅନ୍ୟ ପ୍ଲଟଗୁଡିକୁ ମଧ୍ୟ ନିଜର ବତାଉଛନ୍ତି। ଉକ୍ତ ସରକାରୀ ଜମି ଉପରେ ସ୍ଥାନୀୟ ବାସିନ୍ଦା ନିର୍ଭରଯୋଗ୍ୟ ଥିବା ବେଳେ ବିଲ୍‌ଡର ପାଳ ସେଠାରେ ଜବରଦଖଲ କରୁଛନ୍ତି ବୋଲି ସେ କହିଛନ୍ତି।

ପୂର୍ବରୁ ବିଲ୍‌ଡଙ୍କର ସହ ବହୁବାର ଜମିକୁ ନେଇ ବିବାଦ ଲାଗି ରହୁଥିଲା, ହେଲେ ୨୦୨୦ ଜାନୁୟାରୀ ୧୭ରେ ନୟାପଲ୍ଲୀ ଥାନାରେ ଉଭୟପକ୍ଷ ବସି ଆଲୋଚନା କରିଥିଲେ। ୩ଦିନ ମଧ୍ୟରେ ଜମି ମାପଚୁପ ହେବ ଓ ଉଭୟପକ୍ଷଙ୍କ ଅମିନ ସେଠାରେ ଉପସ୍ଥିତ ରହି ମାପଚୁପ୍ କରିବା ସହ ମାପାଚୁପ ହେବାର ଗୋଟିଏ ଦିନ ପୂର୍ବରୁ ଉଭୟପକ୍ଷକୁ ଏ ନେଇ ସୂଚନା ଦିଆଯିବ ବୋଲି ନିଷ୍କର୍ଷ ପ୍ରକାଶ ପାଇଥିଲା। ହେଲେ ବୁଧବାର ସକାଳ ୯ ଟାରେ ନୟପଲ୍ଲୀ ଥାନାର ଜଣେ ଏସ୍‌ଆଇ ଫୋନ ଯୋଗେ ଯୋଗାଯୋଗ କରି ଏବେ ହିଁ ମାପଚୁପ ହେବ ବୋଲି କହିଥିଲେ। ତେବେ ପୂର୍ବ ନିଷ୍ପତ୍ତିକୁ ଖାତିର ନ କରି ପୋଲିସ୍ ବିଲଡରଙ୍କ ସହ ମିଶି ମଧ୍ୟାହ୍ନରେ ମାପଚୁପ କରିଥିଲେ। ଯାହାକୁ ଆସୋସିଏଶନ ପକ୍ଷରୁ ସହଯୋଗ କରାଯାଇ ନ ଥିଲା। ଏହି ମାପଚୁପ ସମ୍ପୂର୍ଣ୍ଣ ବେଆଇନ ବୋଲି କହିବା ସହ ଆସୋସିଏଶନ୍ ପକ୍ଷରୁ ଆଉଥରେ ସେଠାରେ ମାପଚୁପ୍ କରିବାକୁ ଦାବି କରାଯାଇଛି।

**ମୋର ୬ଟି ସ୍ଥିତିବାନ ଜମି ଅଛି**

"ସେଠାରେ ମୋର ୬ଟି ସ୍ଥିତିବାନ ଜମି ଅଛି। ଯାହାର ସମସ୍ତ କାଗଜପତ୍ର ମୋ ପାଖରେ ଅଛି। କୋର୍ଟ ମଧ୍ୟ ମୋତେ ସେଠାରେ ନିର୍ମାଣ କାର୍ଯ୍ୟ କରିବାକୁ ଅର୍ଡର ଦେଇଛନ୍ତି। ହେଲେ ସେଠାକର କେତେଜଣ ଲୋକ ବଳପୂର୍ବକ ମୋତେ କାର୍ଯ୍ୟ କରିବାକୁ ଦେଉନାହାନ୍ତି। ବୁଧବାର ହୋଇଥିବା ମାପଚୁପ ମଧ୍ୟ ଆଇନ ଅନୁଯାୟୀ ହୋଇଛି ବୋଲି ସେ କହିଛନ୍ତି।

– ସୁଧାଂଶୁ ଶେଖର ପାଳ, ବିଲ୍‌ଡର

**ଜମି ସ୍ଥିତିବାନ କି ଜଳାଶୟ ସେଇଟା ଦେଖିବା ଆମର କାମ ନୁହେଁ**

"ଜମି ସ୍ଥିତିବାନ କି ଜଳାଶୟ ସେଇଟା ଦେଖିବା ଆମର କାମ ନୁହେଁ। ବିଲ୍‌ଡରଙ୍କ ପାଖରେ ତାଙ୍କର ଜମି ଅଛି ବୋଲି ସେ କାଗଜପତ୍ର ଆମକୁ ଦେଖାଇଥିଲେ। ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ସମସ୍ୟାର ସମାଧାନ କରିବାକୁ ଆମେ ଚେଷ୍ଟା କରିଥିଲୁ। ଉଭୟପକ୍ଷଙ୍କର ସହମତି ଭିତ୍ତିରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ସରକାରୀ ଅମୀନ ଆସି ବୁଧବାର ମାପଚୁପ କରିଛନ୍ତି ବୋଲି ସେ କହିଛନ୍ତି।

– ଅରୁଣ ସ୍ୱାଇଁ, ନୟାପଲ୍ଲୀ ଥାନା ଅଧିକାରୀ



ଆମେ ଯାହା ତା'ଠାରୁ ଅଧିକ ବୋଲି ଅନ୍ୟମାନଙ୍କୁ ଜଣାଇବା ପାଇଁ ଯଦି ବ୍ୟାକୁଳତା ପ୍ରକାଶ ନ କରୁ, ଜୀବନରେ ଆମେ ବହୁ ସମ୍ମାନର ଅଧିକାରୀ ହେବା।
- ସକ୍ରେଟିସ୍



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସେଣ୍ଟ୍ରାଲ ଏକାଡେମୀ ସ୍କୁଲର ୧୪ତମ ବାର୍ଷିକ ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ପତ୍ରିକା 'କଥା'ର ୩୩ତମ ବାର୍ଷିକ ଉତ୍ସବ ଓ ନବପ୍ରତିଭା ପୁରସ୍କାର ସମାରୋହ, ସ୍ୱସ୍ତି ପ୍ରିମିୟମ, ଅପରାହ୍ନ ୫ଟା।
- ଓଡ଼ିଶା ଆର୍ଟ୍ସ ଏବଂ କଲଚର ଫାଉଣ୍ଡେଶନ ପକ୍ଷରୁ ଫେସନ ଶୋ, ହୋଟେଲ ହିନ୍ଦୁସ୍ତାନ ଇଣ୍ଟରନ୍ୟାଶନାଲ, ସନ୍ଧ୍ୟା ୬ଟା
- ଶତାବ୍ଦୀର କଳାକାର ପକ୍ଷରୁ ୨୨ତମ କଳିଙ୍ଗ ନାଟ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୪୫।

**କଟକ**
- ଭାଗବତ ସେବା ସମିତି ଆନୁକୂଲ୍ୟରେ 'ଭାଗବତ ରସାମୃତ' ଗ୍ରନ୍ଥ ସଙ୍କଳନ (ଚତୁର୍ଥ ଭାଗ)ର ଲୋକାର୍ପଣ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା ୩୦।
- ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ଉତ୍ସବ, ସେଭେନ୍ ପିଲାର ଅଫ୍ ୱିଜ୍‌ଡମ୍, ବିଶ୍ୱବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୧ଟା ୩୦।

**ବାଲିଅନ୍ତା**
- ବିଶ୍ୱଶାନ୍ତି ରୁଦ୍ରମହାଯଜ୍ଞର ଷୋଡ଼ଶ ଉପଚାର ଓ ସପ୍ତସତୀ ଚଣ୍ଡିରେ ଆହୁତି, ବେଣୁପୁର, ନୀଳକଣ୍ଠେଶ୍ୱର ମନ୍ଦିର, ସକାଳ ୮ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ଡାମରା ଗ୍ରାମସ୍ଥିତ ମା' ମଙ୍ଗଳାଙ୍କ ପୀଠ, ସକାଳ ୯ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ପ୍ରବଚନ, ଭିଙ୍ଗାରପୁର, ଦୁର୍ଗାମଣ୍ଡପ ପ୍ରାଙ୍ଗଣ, ରାତ୍ର ୭ଟା ୩୦।

# ସଷ୍ଟେନେବଲ୍ ଫ୍ୟାଶନ, ଓଡ଼ିଶା ହସ୍ତତନ୍ତ

**ଭୁବନେଶ୍ୱର,୫।୨(ବ୍ୟୁରୋ)**

ଗ୍ଲୋବାଲ ୱାର୍ମିଂ ଏବେ ସମଗ୍ର ବିଶ୍ୱ ପାଇଁ ବିପଦ ସୃଷ୍ଟି କରିଥିବାବେଳେ ପ୍ଲାଷ୍ଟିକ୍ ପ୍ରଦୂଷଣ ସମସ୍ତ ରାଷ୍ଟ୍ର ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏବେଠାରୁ ମଣିଷ ସଚେତନ ନ ହେଲେ ପରିସ୍ଥିତି ଆହୁରି ଭୟଙ୍କର ହେବାସହ ଆଗାମୀ ପିଢ଼ି ତିଷ୍ଠି ରହିବା କଷ୍ଟକର ହେବ ବୋଲି କୁହାଯାଉଛି। ତେବେ କେବଳ ପ୍ଲାଷ୍ଟିକ୍ ନୁହେଁ, ବିଶ୍ୱର ସର୍ବାଧିକ ପ୍ରଦୂଷିତ ଇଣ୍ଡଷ୍ଟ୍ରି ମଧ୍ୟରେ ଆଗରେ ରହିଛି ଫ୍ୟାଶନ ଇଣ୍ଡଷ୍ଟ୍ରି। ଶସ୍ତା ଓ ମେଶିନ୍‌ରେ ପ୍ରସ୍ତୁତ ବସ୍ତ୍ର ପରିବେଶ ପାଇଁ ସବୁଠାରୁ ହାନିକାରକ ହୋଇଥିବାବେଳେ ସମଗ୍ର ବିଶ୍ୱର ବିଶେଷଜ୍ଞ ଏନେଇ ଚିନ୍ତାପ୍ରକାଶ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ବିଶ୍ୱର ଅଧିକାଂଶ ଉନ୍ନତ ରାଷ୍ଟ୍ର ଏବେ ସଷ୍ଟେନେବଲ୍ ତଥା ଦୀର୍ଘକାଳୀନ ଫ୍ୟାଶନ ଆଡ଼କୁ ମୁହାଁଇଛନ୍ତି। ପୁନଃ ବ୍ୟବହାର କରିହେଉଥିବା ତଥା ନବୀକରଣ ଯୋଗ୍ୟ ସାମଗ୍ରୀକୁ ଫ୍ୟାଶନ ଏବଂ ଲାଇଫଷ୍ଟାଇଲ୍ ଇଣ୍ଡଷ୍ଟ୍ରିରେ ବ୍ୟବହାର କରିବା ସହ ହସ୍ତତନ୍ତ ଯୁଗକୁ ପୁଣିଥରେ ଫେରାଇ ଆଣିବାକୁ ଉଦ୍ୟମ ହେଉଛି। ଏଭଳିସ୍ଥଳେ ଓଡ଼ିଶା ବେଶ୍ ଆଗରେ ରହିଥିବାବେଳେ ଓଡ଼ିଶାର ଯୁବ ଡିଜାଇନର୍ ଏବଂ ଫ୍ୟାଶନ ଇନ୍‌ଫ୍ଲୁଏନ୍ସର୍‌ମାନେ ସଷ୍ଟେନେବଲ୍ ଫ୍ୟାଶନକୁ ଗୁରୁତ୍ୱର ସହ ନେଇଛନ୍ତି। ଫଳରେ ଓଡ଼ିଶା ହ୍ୟାଣ୍ଡଲୁମ୍ ବର୍ତ୍ତମାନ ସମୟରେ ପୁଣିଥରେ ଲୋକପ୍ରିୟତା ଆଡ଼କୁ ମୁହାଁଇଛି।

ଓଡ଼ିଶାର ସଷ୍ଟେନେବଲ୍ ଫ୍ୟାଶନ କୁଇନ୍‌ଭାବେ ପରିଚିତ ବେନୋରିଟା ଦାସଙ୍କଠାରୁ ଆରମ୍ଭ କରି ରିମ୍ଲି ମହାନ୍ତି, ପ୍ରିତମ ପଣ୍ଡା, ପଙ୍କଜା ସେଠୀ, ଶ୍ୱେତା ପାରେଖ୍, ଜ୍ୟୋତ୍ସ୍ନା ଦାସ, ସୁଜିତ ମେହେରଙ୍କ ଭଳି ଏକାଧିକ ଯୁବ ଡିଜାଇନର୍ ଅନ୍ତର୍ଜାତୀୟସ୍ତରରେ ଓଡ଼ିଶା ହସ୍ତତନ୍ତକୁ ପହଞ୍ଚାଇଛନ୍ତି। ସଷ୍ଟେନେବଲ୍ ଫ୍ୟାଶନକୁ ଲୋକଲୋଚନକୁ ଆଣିବା ସହ ଓଡ଼ିଶାର ହସ୍ତତନ୍ତକୁ ଆଉପାଦେ ଆଗକୁ ନେବାରେ ଏମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ସାମାଜିକ, ବ୍ୟବସାୟିକ ଏବଂ ପରିବେଶ ଉପଯୋଗୀ ଦୃଷ୍ଟିକୋଣରୁ ପାରମ୍ପରିକ ସହ ଆଧୁନିକତାର ଫ୍ୟୁଜନ୍‌ରେ ନୂତନ ଡିଜାଇନ୍‌ର ବସ୍ତ୍ର ପ୍ରସ୍ତୁତ କରି ଏମାନେ ଏକ ନୂଆ ଯୁଗର ଆରମ୍ଭ କରିଛନ୍ତି। ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ ହାତତିଆରି ଏବଂ ସବୁଜ ସାମଗ୍ରୀ ଧୀରେ ଧୀରେ ପୁଣିଥରେ ଲୋକପ୍ରିୟ ହେଉଥିବାବେଳେ ଓଡ଼ିଶା ମଧ୍ୟ ଏହି ଢାଞ୍ଚାକୁ ଆପଣାଇଛି। କେବଳ ଡିଜାଇନର୍ ନୁହେଁ, ରାଜ୍ୟର ଯୁବପିଢ଼ି ମଧ୍ୟ ଧୀରେ ଧୀରେ ହସ୍ତତନ୍ତ ଏବଂ ଖଦି ପୋଷାକ ପିନ୍ଧିବାକୁ ପସନ୍ଦ କରୁଛନ୍ତି। ଦେଶର ଅନ୍ୟ ରାଜ୍ୟଗୁଡ଼ିକରେ ହସ୍ତତନ୍ତର ସେଭଳି ଲୋକପ୍ରିୟତା ରହି ନ ଥିବାବେଳେ ଓଡ଼ିଶା କିନ୍ତୁ ଏ କ୍ଷେତ୍ରରେ ବେଶ୍ ଆଗରେ ରହିଛି। ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତକୁ ଆଧୁନିକ ଡିଜାଇନ୍ ଓ ନୂତନ ରଙ୍ଗରେ ପ୍ରସ୍ତୁତ କରାଯିବା ପରେ ତାହାର ଚାହିଦା ବଜାରରେ ବଢ଼ୁଛି। ବିଶେଷକରି ଗତ ୩ରୁ ୪ବର୍ଷ ମଧ୍ୟରେ ହସ୍ତତନ୍ତର ଚାହିଦା ବହୁ ପରିମାଣରେ ବୃଦ୍ଧି ପାଇଛି। ସମ୍ବଲପୁରୀ, ଇକତ୍, ପସାପାଲି, ଟସର ସିଲ୍କ ଭଳି ହସ୍ତତନ୍ତର ଚାହିଦା ବିଶ୍ୱ ବଜାରରେ ବଢ଼ିଥିବାବେଳେ ଇବେ, ଆମାଜନ୍, କ୍ରାଫ୍ଟଲୀ ଭଳି ୱେବ୍‌ସାଇଟ୍‌ରେ ଏହା ବହୁଳ ଭାବେ ବିକ୍ରି ହେଉଛି।



ପଙ୍କଜା ସେଠୀଙ୍କ ଡିଜାଇନ ବସ୍ତ୍ରରେ ମଡେଲମାନେ।



ରିମ୍ଲି ମହାନ୍ତି ଓ ତାଙ୍କ ଡିଜାଇନ ଶାଢ଼ିରେ ମଡେଲ।

## ଦେଶ ବାହାରେ ଓଡ଼ିଶା ହ୍ୟାଣ୍ଡଲୁମ୍

ଦୀର୍ଘକାଳୀନ ବା 'ସଷ୍ଟେନେବୁଲ ଫ୍ୟାଶନ' ଥିମ୍‌କୁ ନେଇ ଆୟୋଜିତ ହୋଇଥିବା ଲାକ୍‌ମୀ ଫ୍ୟାଶନ ୱିକ୍-୨୦୧୮ରେ ଓଡ଼ିଶା ଜନ୍ମିତ ଫ୍ୟାଶନ ଡିଜାଇନର୍ ପଙ୍କଜା ସେଠୀ ଓଡ଼ିଶାର ପାରମ୍ପରିକ ଜନଜାତି ପୋଷାକ ପ୍ରଦର୍ଶିତ କରି ଚର୍ଚ୍ଚାକୁ ଆସିଥିଲେ। ସେହିଭଳି ପ୍ୟାରିସ, ଲଣ୍ଡନ, ଦୁବାଇ ଭଳି ପ୍ରମୁଖ ସହରରେ ପ୍ରିତମ ପଣ୍ଡା, ପଙ୍କଜା ସେଠୀ ଓ ଶ୍ୱେତା ପାରେଖଙ୍କ ଭଳି ଡିଜାଇନର୍‌ମାନଙ୍କ ଦ୍ୱାରା ପାରମ୍ପରିକ ହସ୍ତତନ୍ତରେ ପ୍ରସ୍ତୁତ ସଷ୍ଟେନେବଲ୍ ଫ୍ୟାଶନ ବିଶେଷଭାବେ ଆଦୃତ ହେଉଛି। ନିକଟରେ ଭୁବନେଶ୍ୱରରେ ଅନୁଷ୍ଠିତ ଏକ ଫ୍ୟାଶନ ଶୋ'ରେ 'ବିଭାବରୀ', 'ଉତ୍କଳ ଅମ୍ରିତା', 'ସୁଚିନନ୍ଦା ବୁଟିକ୍', 'ମ୍ରିଗୀକା' ଏବଂ 'ସାଥୀ' ଭଳି ରାଜ୍ୟର ନିଜସ୍ୱ ହ୍ୟାଣ୍ଡଲୁମ୍ ବ୍ରାଣ୍ଡ ଦ୍ୱାରା ପ୍ରସ୍ତୁତ 'ଇକୋଫ୍ରେଣ୍ଡଲି ସଷ୍ଟେନେବୁଲ୍ ଫ୍ୟାଶନ' ବେଶ୍ ଆଦୃତ ହୋଇଥିଲା। ପଟ୍ଟଚିତ୍ର ଶାଢ଼ି ଓ ହ୍ୟାଣ୍ଡ୍ ପେଣ୍ଟେଡ୍ ଶାଢ଼ି ନୂଆ ଫ୍ୟାଶନ ଟ୍ରେଣ୍ଡ୍‌ରେ ସାମିଲ ହୋଇଥିବାବେଳେ ଇକ୍କତରେ ପ୍ରସ୍ତୁତ କୁର୍ତ୍ତା, ଡ୍ରେସ୍, ଟ୍ରାଉଜର୍, ବ୍ଲେଜର୍, ଓଭରକୋଟ୍, ୱେଷ୍ଟକୋଟ୍, ଅନାରକଲି, ଲେହେଙ୍ଗା ଏବଂ ହାତତିଆରି ବ୍ରାଇଡାଲ ଫ୍ୟାଶନର ମଧ୍ୟ ଚାହିଦା ରହୁଛି। ସେହିଭଳି ବୟନିକାର ଡିଜାଇନର ଷ୍ଟୋର୍ ରାଜ୍ୟର ଯୁବପିଢ଼ିଙ୍କ ମଧ୍ୟରେ ସଷ୍ଟେନେବଲ୍ ଫ୍ୟାଶନକୁ ଆଉପାଦେ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। କଟନ ଉତ୍ପାଦନକାରୀ ରାଜ୍ୟଭାବେ ଓଡ଼ିଶା ଜାତୀୟସ୍ତରରେ ପ୍ରସିଦ୍ଧିଲାଭ କରିଥିବାବେଳେ ଆଗାମୀ ଦିନରେ ଫ୍ୟାଶନ ଇଣ୍ଡଷ୍ଟ୍ରିରେ ମଧ୍ୟ ଏହା ନିଜର ସ୍ଥାନକୁ ଦୃଢ଼ କରିବ ବୋଲି କୁହାଯାଉଛି।



ଶ୍ୱେତା ପାରେଖଙ୍କ ପଟ୍ଟଚିତ୍ର ଡିଜାଇନ୍ ଡ୍ରେସ୍‌ରେ ପ୍ରାଚୀ ଦେଶାଇ।

## ୯ରେ ଷ୍ଟାର୍ ଫିଲ୍ମ ଆୱାର୍ଡ

**ଭୁବନେଶ୍ୱର,୫।୨(ବ୍ୟୁରୋ):** ଷ୍ଟାର୍ ପରିବାର ପକ୍ଷରୁ ଆସନ୍ତା ୯ ତାରିଖରେ ଷ୍ଟାର୍ ଫିଲ୍ମ ଆୱାର୍ଡ ସ୍ଥାନୀୟ ଉତ୍କଳ ମଣ୍ଡପଠାରେ ଅନୁଷ୍ଠିତ ହେବ। ଚଳିତବର୍ଷ ପ୍ରଥମଥର ପାଇଁ ରାଜ୍ୟର ସଂସ୍କୃତି, ସାହିତ୍ୟ, ଚଳଚ୍ଚିତ୍ର ଓ ସାମାଜିକକର୍ମ କ୍ଷେତ୍ରରେ ଅବଦାନ ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଷ୍ଟାର୍ ଅଫ୍ ଦି ଇୟର୍ ସମ୍ମାନ ପ୍ରଦାନ କରାଯିବ। ଏହାବ୍ୟତୀତ ଚଳଚ୍ଚିତ୍ରଜଗତର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୪ ପ୍ରତିଭାଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯିବ। ହାସ୍ୟ ଅଭିନେତା ଜୟୀରାମ ସାମଲ, ନିର୍ଦ୍ଦେଶକ ରମେଶ ମହାନ୍ତି, ସଙ୍ଗୀତ ନିର୍ଦ୍ଦେଶକ ମହମ୍ମଦ ମୁସିର ଏବଂ ଚଳଚ୍ଚିତ୍ର ସମୀକ୍ଷକ ଦିଲ୍ଲୀପ ହାଲିଙ୍କୁ ଏନେଇ ସମ୍ମାନିତ କରାଯିବ। ଏହାସହ ଚଳଚ୍ଚିତ୍ର କ୍ଷେତ୍ରରେ ଉତ୍କୃଷ୍ଟ ଅବଦାନ ଲାଗି ୪୫ ବିଭାଗରେ ପୁରସ୍କାର ପ୍ରଦାନ କରାଯିବ। ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ସଦସ୍ୟ ତଥା ପ୍ରଯୋଜକ ଶ୍ରୀଧର ମାର୍ଥା, ରମେଶ ବାରିକ, ଲୁଟୁ ମହାନ୍ତି, ରବୀନ୍ଦ୍ର ପଣ୍ଡା, ଅତିଶ ରାଉତ, ଲୋକନାଥ ଦାଶ ପ୍ରମୁଖ ଏହି ସୂଚନା ଦେଇଥିଲେ।

# କର୍କଟ ପୀଡ଼ିତଙ୍କ ପାଣ୍ଠି ସଂଗ୍ରହ ପାଇଁ ନିଆରା ପ୍ରୟାସ

**ଭୁବନେଶ୍ୱର, ୫।୨ (ବ୍ୟୁରୋ)**

କର୍କଟ ପୀଡିତଙ୍କ ପାଣ୍ଠି ସଂଗ୍ରହ ପାଇଁ ରେଡ୍ ସ୍ୱସ୍ତିକ ସୋସାଇଟି ଓଡ଼ିଶା ଶଖା, ସମ୍ପଲି କେୟାର କ୍ଲିନିକ୍ ଓ ଲାୟନ ମିନତୀ ବେହେରା କ୍ୟାନ୍‌ସର ଫାଉଣ୍ଡେଶନର ମିଳିତ ଉଦ୍ୟମରେ ସୂଚନା ଭବନରେ ଏକ ନିଆରା ସଙ୍ଗୀତ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ସାଜ୍ ଓ ଆୱାଜ୍ ତରଫରୁ ସଙ୍ଗୀତଜ୍ଞ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ୍‌ଙ୍କ ଲୋକପ୍ରିୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ସ୍ୱସ୍ତିକ ସୋସାଇଟି ଓଡ଼ିଶା ଶାଖା ସଭାପତି ବିଜୟ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଓ ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସ ନାୟକ, ଅଭିନେତ୍ରୀ ଭୂମିକା ଦାସ, ହାସ୍ୟ କଳାକାର ସ୍ମୃତିରଞ୍ଜନ (ନଟିଆ) ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୋଲିସ ଗୃହ ନିଗମର ନିର୍ଦ୍ଦେଶକ ଡ. ଲଳିତ ଦାସ, ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଙ୍ଗୀତା ଗୋସାଇଁ, ଗ୍ୟାଷ୍ଟ୍ରୋଲୋଜିଷ୍ଟ ଡା. ମନୋଜ କୁମାର ସାହୁ, ଅନ୍‌କୋଲୋଜିଷ୍ଟ ଡା. ଘନଶ୍ୟାମ ବିଶ୍ୱାସ, ଚାର୍ଟାର୍ଡ଼ ଆକାଉଣ୍ଟାଣ୍ଟ ଏସ୍.ସି. ଭଦ୍ରା, ମେଟ୍ରୋଗ୍ରୁପ୍‌ର ମ୍ୟାନେଜିଂ ପାର୍ଟନର ଇଂ. ପୀୟୂଷ ମହାନ୍ତି, କଣ୍ଠଶିଳ୍ପୀ ଅନିନ୍ଦିତା ଦାସ, ଆୟକର ବିଭାଗର ପୂର୍ବତନ ସଚିବ ଶରତ ଦାସ, ସିମ୍ପଲି କେୟାର କ୍ଲିନିକର କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ନିମାଇଁ ଚରଣ ପରିଡା, ଉପଦେଷ୍ଟା ଡା. ସ୍ୱରଜିତ୍ ପଟ୍ଟନାୟକ, ଲାୟନ ମିନତୀ ବେହେରା କ୍ୟାନ୍‌ସର ଫାଉଣ୍ଡେଶନ ସମ୍ପାଦିକା ସୁଚିସ୍ମିତା ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ରେଡ୍ ସ୍ୱସ୍ତିକ୍ ସୋସାଇଟି କୋଷାଧ୍ୟକ୍ଷ ଓ ସମ୍ପାଦକ ଦେବାଶିଷ ପଟ୍ଟନାୟକ ପରିଚାଳନା କରିଥିଲେ। ରେଡ୍ ସ୍ୱସ୍ତିକ୍ ସୋସାଇଟି ୧୮ ବର୍ଷ ଧରି କ୍ୟାନ୍‌ସର ପୀଡ଼ିତ ଓ ଦିବ୍ୟାଙ୍ଗ ବହୁବିଧ କଲ୍ୟାଣ ନିମନ୍ତେ କାର୍ଯ୍ୟ କରିଆସୁଛି ଓ ଆଗାମୀ ଦିନରେ ଏହି ପ୍ରୟାସ ଜାରି ରହିବ ବୋଲି ସଭାପତି ଆଚାର୍ଯ୍ୟ କହିଥିଲେ।




ଅତିଥିମାନଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ।

## ୧୦୦ ଯାତ୍ରା କଳାକାର ପାଇବେ ଚନ୍ଦନ ପୁରସ୍କାର

**ଭୁବନେଶ୍ୱର, ୫।୨(ବ୍ୟୁରୋ)**

ଓଡ଼ିଶାର ସର୍ବ ପୁରାତନ ମନୋରଞ୍ଜନର ମାଧ୍ୟମଗୁଡ଼ିକ ମଧ୍ୟରୁ ଯାତ୍ରା ଅନ୍ୟତମ। ହେଲେ ଯାତ୍ରା କଳାକାରମାନେ ଯେଉଁ ସମ୍ମାନ ପାଇବା କଥା ତାହା ପାଇପାରୁ ନାହାନ୍ତି। ତେଣୁ ଅପେରାଜଗତର କଳାକାରଙ୍କ ସମ୍ମାନକୁ ସ୍ୱୀକୃତି ଜଣାଇବା ପାଇଁ 'ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ୍ ଆର୍ମି' ଓ 'ଓଡ଼ିଶା ବୀର ମହାସଂଘ' ସହଯୋଗରେ ଆସନ୍ତା ୭ରୁ ୧୪ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ପ୍ରତ୍ୟହ ଅପରାହ୍ନ ୩ଟାରୁ ସନ୍ଧ୍ୟା ୭ ପର୍ଯ୍ୟନ୍ତ ସୂଚନା ଭବନ ପରିସରସ୍ଥ ଗୀତଗୋବିନ୍ଦ ସଦନରେ ହେବାକୁ ଥିବା ସମ୍ମାନ ପ୍ରଦାନ ସମାରୋହରେ ୧୦୦ ଯାତ୍ରା କଳାକାରଙ୍କୁ ଚନ୍ଦନ ପୁରସ୍କାର ପ୍ରଦାନ କରାଯିବ। ଏହାସହ ନୃତ୍ୟ, ସଙ୍ଗୀତ, ସଂଳାପ, ଅଭିନୟ ଆଦି ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ବିଭିନ୍ନ ଦିବସରେ ନାଟକ, ସିନେମା, ସାହିତ୍ୟଜଗତର ପ୍ରତିଭାମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କଳାକାରମାନଙ୍କ ଫଟୋକୁ ନେଇ 'ଚିହ୍ନନ୍ତୁ ଆପଣଙ୍କ କଳାକାରମାନଙ୍କୁ' ନାମକ ଏକ ଫଟୋଚିତ୍ର ପ୍ରଦର୍ଶନୀ କରାଯିବ। ସେହିପରି କଳାକାରଙ୍କ ଜୀବନକୁ ନେଇ 'ନାଟ୍ୟ ପ୍ରତିଭା ପରିଚିତି' ନାମକ ଏକ ପୁସ୍ତକ ପ୍ରକାଶନ କରାଯିବ ବୋଲି ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ ଆର୍ମି କମାଣ୍ଡର ଇନ୍ ଚିଫ୍ ଡ. ଦିଲୀପ ଶ୍ରୀଚନ୍ଦନ କହିଛନ୍ତି। ବୁଧବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ ଏହି ସୂଚନା ପ୍ରଦାନ କରିଛନ୍ତି। ବୀର ମହାସଂଘ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ନାଟ୍ୟ ଅଭିନେତା ବୈକୁଣ୍ଠ ପାରେଖ, ରବୀନ୍ଦ୍ର କୁମାର ଶତପଥୀ, ଧୀରେନ୍ଦ୍ର କୁମାର ମିଶ୍ର, ସାମାଜିକ କର୍ମୀ ନମ୍ରତା ଚଢ଼ା, ଅରୁନ୍ଧତୀ ସୁନ୍ଦରାୟ, ଶର୍ମିଷ୍ଠା ରାଉତ, ଅବନି ଜେନା, ଆଶିଷ ବରିସଲ, ଇଂ ଅଜୟ ସ୍ୱାଇଁ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

## ଇସ୍କନ ବିରୋଧରେ ଭାଜପାର ଏତଲା

**ପୁରୀ ଅଫିସ, ୫।୨:** ବିନା ନୀତି ନିୟମରେ ଇସ୍କନ ପକ୍ଷରୁ ବାରମ୍ବାର ଅଦିନିଆ ରଥଯାତ୍ରା ଆୟୋଜନ କରାଯିବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜଗନ୍ନାଥ ସେନା, ଶ୍ରୀଜଗନ୍ନାଥ ଭକ୍ତ ପରିଷଦ ପରେ ବୁଧବାର ଭାଜପା ପକ୍ଷରୁ ଇସ୍କନ ବିରୋଧରେ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ଭାଜପା ପୁରୀ ଜିଲା ସମ୍ପାଦିକା ମମତା ପତି ଏହି ଏତଲା ଦେଇଛନ୍ତି। ଏତଲାରେ ଦର୍ଶାଯାଇଛି ଯେ, ଇସ୍କନର ଅଦିନିଆ ରଥଯାତ୍ରା ଆୟୋଜନ ଦ୍ୱାରା ଭକ୍ତ, ସେବାୟତଙ୍କ ଧାର୍ମିକ ଭାବନାକୁ ଆଘାତ ଦେଉଛି। ତେଣୁ ଇସ୍କନ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ପତି ଦାବି କରିଛନ୍ତି।

# କଳା, କଳାକାରଙ୍କ କଥା କହିବେ ବୋସ୍ କ୍ରିଷ୍ଣାଚାରୀ

**ଭୁବନେଶ୍ୱର,୫।୨(ବ୍ୟୁରୋ)**

ଜେ.ଡି. ସେଣ୍ଟର ଅଫ୍ ଆର୍ଟ(ଜେଡିସିଏ)ର ଫିଲ୍ମ ଫୋରମ୍ ଆନୁକୂଲ୍ୟରେ ଫେବୃୟାରୀ ୭ରୁ ୯ ଯାଏ ଆୟୋଜିତ ହେବ କଳା ଓ କଳାକାର ଆଧାରିତ ତ୍ରୟୋଦଶ ଅନ୍ତର୍ଜାତୀୟ ପ୍ରାମାଣିକ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବ। ଏଥର ଏହି ଉତ୍ସବ କିଛି ନିଆରା ବ୍ୟକ୍ତିତ୍ୱଙ୍କ କଥାକୁ ଅତି ନିକଟରୁ ଶୁଣିବାର ସୁଯୋଗ ଦେବ। ଫେବୃୟାରୀ ୭ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଖଣ୍ଡଗିରିସ୍ଥିତ ଜେଡିସିଏ ସାଇଟ୍‌ରେ ଉତ୍ସବ ଆନୁଷ୍ଠାନିକଭାବେ ଉଦ୍‌ଘାଟନ ହେବା ପରେ ୮ ଓ ୯ ତାରିଖରେ ଇଡ୍‌କଲ ଅଡିଟୋରିୟମ୍‌ରେ ଚଳଚ୍ଚିତ୍ର ପ୍ରଦର୍ଶନ ସହ ବିଭିନ୍ନ କର୍ମଶାଳାର ଆୟୋଜନ କରାଯିବ। କେବଳ ଏତିକି ନୁହେଁ, ପ୍ରତିଥର ଭଳି ଚଳିତଥର ମଧ୍ୟ ରାଜ୍ୟ ଏବଂ ଦେଶ ବାହାରର ବିଶିଷ୍ଟ ବ୍ୟକ୍ତିତ୍ୱମାନେ ଭିନ୍ନ ଭିନ୍ନ ବିଷୟବସ୍ତୁ ଉପରେ ବକ୍ତବ୍ୟ ଉପସ୍ଥାପନ କରିବେ। ଏମାନଙ୍କ ମଧ୍ୟରେ ବୋସ୍ କ୍ରିଷ୍ଣାଚାରୀଙ୍କଠାରୁ ଆରମ୍ଭକରି ଅଦ୍ୱୈତ ଗଡ଼ନାୟକ, ନନ୍ଦିତା ଦାସଙ୍କ ଭଳି ପ୍ରମୁଖ ବକ୍ତାମାନେ ରହିଛନ୍ତି।

ଚଳଚ୍ଚିତ୍ର ଉତ୍ସବରେ ଚଳିତବର୍ଷ ଭାରତୀୟ ଚିତ୍ରକଳା ଦୁନିଆର ମହାନ୍ ବ୍ୟକ୍ତିତ୍ୱମାନଙ୍କ ସହ ସାକ୍ଷାତ କରିବାର ସୁଯୋଗ ମିଳିବ। ଦେଶର ଜଣେ ଲୋକପ୍ରିୟ ଚିତ୍ରଶିଳ୍ପୀଭାବେ ଖ୍ୟାତିଅର୍ଜନ କରିଥିବା ବୋସ୍ କ୍ରିଷ୍ଣାଚାରୀ ଫେବୃୟାରୀ ୮ ଅପରାହ୍ନ ୩ଟାରେ ଇଡ୍‌କଲ ପ୍ରେକ୍ଷାଳୟରେ ଭାରତୀୟ ଦ୍ୱିବର୍ଷୀୟ କଳା ଉତ୍ସବ ସମ୍ପର୍କରେ ଉଦ୍‌ବୋଧନ ଦେବେ। ଜଣେ ସ୍ୱାଧୀନ କ୍ୟୁରେଟର ଭାବେ ପରିଚିତ ବୋସ୍‌ଙ୍କର ବିଭିନ୍ନ କଳାକୃତି ମଧ୍ୟରେ ଚିତ୍ରାଙ୍କନ, ପେଣ୍ଟିଂ, ସ୍ଥାପତ୍ୟ, ଡିଜାଇନ୍, ସ୍ଥାପନା ଏବଂ ସ୍ଥାପତ୍ୟ କଳା ଆଦି ରହିଛି। ସେ ଭାରତର ପ୍ରଥମ ଦ୍ୱିବର୍ଷୀୟ ପ୍ରସିଦ୍ଧ କୋଚି-ମୁଜିରିସ୍ କଳା ଉତ୍ସବର ସ୍ରଷ୍ଟା ହୋଇଥିବା ବେଳେ ବର୍ତ୍ତମାନ ଏହାର ନିର୍ଦ୍ଦେଶକ ଓ ସଭାପତିଭାବେ କାର୍ଯ୍ୟ କରୁଛନ୍ତି। ନିକଟ ଅତୀତରେ ତାଙ୍କର ଏକକ ଚିତ୍ରକଳା ପ୍ରଦର୍ଶନୀ 'ଦର୍ପଣ ଅନ୍ଧାରରେ ଭଲ ଦେଖିପାରେ' କଲିକତାର ଇମାମୀ କଳାକେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ ଚିତ୍ରକଳା ଜଗତରେ ଜଣେ ଭିନ୍ନ ଓ ନିଆରା ଚିତ୍ରଶିଳ୍ପୀଭାବେ ପରିଚିତ ଏହି ଶିଳ୍ପୀଙ୍କୁ ଭୁବନେଶ୍ୱରବାସୀ ନିକଟରୁ ଦେଖିବାର ସୁଯୋଗ ପାଇବେ।



ବୋସ୍ କ୍ରିଷ୍ଣାଚାରୀ

**ଜେଡିସିଏ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବ**

- ୮, ୯ ଫେବୃୟାରୀ ୨୦୨୦- ଜାତୀୟ ଚଳଚ୍ଚିତ୍ର ନିର୍ମାତା ପୁରସ୍କାରପ୍ରାପ୍ତ ନନ୍ଦନ ସାକ୍‌ସେନା ଓ କବିତା ବେହଲ୍‌ଙ୍କ ଦ୍ୱାରା ୪-କେ ଡିଜିଟାଲ ଚଳଚ୍ଚିତ୍ର ନିର୍ମାଣ କର୍ମଶାଳା।
- ୮ ଫେବୃୟାରୀ ୨୦୨୦- ଆନ୍ତର୍ଜାତିକ ସୁପ୍ରସିଦ୍ଧ କଳାକାର ତଥା କୋଚି-ବାଇନିଆଲର ପ୍ରତିଷ୍ଠାତା ବୋସ୍ କ୍ରିଷ୍ଣାଚାରୀଙ୍କ ଦ୍ୱାରା ବକ୍ତବ୍ୟ।
- ୮ ଫେବୃୟାରୀ ୨୦୨୦- ଚିତ୍ରଶିଳ୍ପୀ ତଥା ଜାତୀୟ ମଡର୍ନ ଆର୍ଟ ଗ୍ୟାଲେରି, ନୂଆଦିଲ୍ଲୀର ମହାନିର୍ଦ୍ଦେଶକ ଆଦିତ୍ୟ ଗଡ଼ନାୟକଙ୍କ ଦ୍ୱାରା ଦିବଂଗତ ଓଡ଼ିଆ ଚିତ୍ରଶିଳ୍ପୀ ଉପେନ୍ଦ୍ର ମହାରଥୀଙ୍କ କଳାକୃତି ସମ୍ପର୍କରେ ଆଲୋଚନା।
- ୯ ଫେବୃୟାରୀ ୨୦୨୦- ପ୍ରସିଦ୍ଧ ଚଳଚ୍ଚିତ୍ର ଅଭିନେତ୍ରୀ ତଥା ନିର୍ଦ୍ଦେଶିକା ନନ୍ଦିତା ଦାସଙ୍କ ଦ୍ୱାରା ଐତିହାସିକ ଚଳଚ୍ଚିତ୍ର ନିର୍ମାଣ ବିଷୟରେ ଉପସ୍ଥାପନା।



ନନ୍ଦନ ସାକ୍‌ସେନା

## 'ମଣ୍ଟୋ'ର ଅଭିଜ୍ଞତା ବର୍ଣ୍ଣନା କରିବେ ନନ୍ଦିତା



ଉତ୍ସବର ଶେଷ ଦିବସ ଅର୍ଥାତ୍ ଫେବୃୟାରୀ ୯ରେ ଅଭିନେତ୍ରୀ ତଥା ଖ୍ୟାତନାମା ଚଳଚ୍ଚିତ୍ର ନିର୍ମାତା ନନ୍ଦିତା ଦାସ ବକ୍ତବ୍ୟ ଦେବେ। ଏହି ଅବସରରେ ସେ ସୁପ୍ରସିଦ୍ଧ କ୍ଷୁଦ୍ରଗଳ୍ପ ଲେଖକ ସାଦତ୍ ହସନ୍ ମଣ୍ଟୋଙ୍କ ସମସାମୟିକ ଉଦ୍ଦୀପନା ଏବଂ ସମସ୍ୟା ବିଷୟରେ ଆଲୋଚନା କରିବେ। ୧୦ଟି ଭାଷାରେ ୪୦ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ଅଭିନୟ କରିଥିବା ନନ୍ଦିତା ୨୦୦୮ରେ ପ୍ରଥମଥର ପାଇଁ 'ଫିରାକ୍' ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିଲେ। ୨୦୧୮ରେ ତାଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ମଣ୍ଟୋ' କାନ୍‌ସ ଚଳଚ୍ଚିତ୍ର ଉତ୍ସବରେ ପ୍ରଦର୍ଶିତ ହେବା ସହ ପରବର୍ତ୍ତୀ ସମୟରେ ବିଶ୍ୱର ବିଭିନ୍ନ ଚଳଚ୍ଚିତ୍ର ଉତ୍ସବରେ ପ୍ରଦର୍ଶିତ ହୋଇ ପ୍ରଶଂସିତ ହୋଇଥିଲା। ଅନ୍ୟପକ୍ଷରେ ବିଶିଷ୍ଟ ସ୍ଥପତି ତଥା ନୂଆଦିଲ୍ଲୀସ୍ଥିତ ଜାତୀୟ ମଡର୍ନ ଆର୍ଟ ଗ୍ୟାଲେରିର ନିର୍ଦ୍ଦେଶକ ଅଦ୍ୱୈତ ଗଡ଼ନାୟକ ୨୩୭ତମ 'ମିଟ୍ ଦ ଆର୍ଟିଷ୍ଟ' କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିଭାବେ ଯୋଗଦେଇ ଫେବୃୟାରୀ ୮ ଅପରାହ୍ନରେ ଇଡ୍‌କଲ ପ୍ରେକ୍ଷାଳୟରେ ଦିବଂଗତ ଉପେନ୍ଦ୍ର ମହାରଥୀଙ୍କ ଚିତ୍ରକଳା ଓ ପ୍ରଦର୍ଶନୀ ଉପରେ ବକ୍ତବ୍ୟ ରଖିବେ। ଗଡ଼ନାୟକ ଦିବଂଗତ ଓଡ଼ିଆ ଚିତ୍ରଶିଳ୍ପୀ ଉପେନ୍ଦ୍ର ମହାରଥୀଙ୍କ କଳାକୃତିକୁ ନେଇ 'ଶାଶ୍ୱତ ମହାରଥୀ' ନାମକ ଚିତ୍ର ପ୍ରଦର୍ଶନୀ ଆୟୋଜନ କରି ଚର୍ଚ୍ଚାକୁ ଆସିଥିଲେ। କେବଳ ଏତିକି ନୁହେଁ, ନୂଆଦିଲ୍ଲୀରେ ସ୍ଥାପିତ ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହର ବ୍ଲାକ୍ ମାର୍ବଲ ପ୍ରତିକୃତି, ଲୋଦୀ ଗାର୍ଡେନରେ ଇଣ୍ଟେରେକ୍ଟିଭ୍ କଳା, ଗାନ୍ଧୀ ମ୍ୟୁଜିୟମ୍‌ର 'ହୃଦୟ କୁଞ୍ଜ' ଆଦି ତାଙ୍କର ଅନନ୍ୟ କୃତି ମଧ୍ୟରୁ ଅନ୍ୟତମ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୬ ଫେବୃୟାରୀ,୨୦୨୦



ବିଶ୍ୱବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ପିନେଲୋପି ଗୋଲ୍ଡବର୍ଗ ବୁଧବାର ନିଜର ଇସ୍ତଫା ନେଇ ଘୋଷଣା କରିଛନ୍ତି। ଏଭଳି ନିଷ୍ପତ୍ତିକୁ କଷ୍ଟସାଧ୍ୟ ବୋଲି କହି ମାର୍ଚ୍ଚ ୧ ପରେ ୟାଲ୍ ବିଶ୍ୱବିଦ୍ୟାଳୟରେ ପାଠ ପଢ଼ାଇବା ଲାଗି ସେ ଆସିବେ ବୋଲି ପ୍ରକାଶ କରିଛନ୍ତି। ଏହି ପଦବୀରେ ଅନ୍ୟ କାହାକୁ ନିଯୁକ୍ତି ଦେବା ପୂର୍ବରୁ ଗବେଷଣା ନିର୍ଦ୍ଦେଶକ ଆର୍ଟ କ୍ରାୟ ମୁଖ୍ୟ ଅର୍ଥନୀତିଜ୍ଞ ଦାୟିତ୍ୱ ତୁଲାଇବେ ବୋଲି ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ଡେଭିଡ୍ ମଲ୍‌ପାସ୍ ନିର୍ଦ୍ଦେଶ ଦେଇଛନ୍ତି।



## ସଂକ୍ଷେପରେ

### ୨ ସିଏପିଏଫ୍ ଦାବି କଲା ଓଡ଼ିଶା

ଭୁବନେଶ୍ୱର,୫।୨(ବ୍ୟୁରୋ)- ରାଜ୍ୟରେ ମାଓବାଦୀ ପ୍ରବଣ ଅଞ୍ଚଳଗୁଡ଼ିକରେ ସୁରକ୍ଷା ଦୃଷ୍ଟିରୁ ଅଧିକ କେନ୍ଦ୍ରୀୟ ଫୋର୍ସର ଆବଶ୍ୟକତା ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ଓଡ଼ିଶାରେ ୨ଟି ସେଣ୍ଟ୍ରାଲ ଆର୍ମଡ ପୋଲିସ ଫୋର୍ସ(ସିଏପିଏଫ୍) ବାଟାଲିୟନ ସ୍ଥାପନା ପାଇଁ ବିଜେଡି ରାଜ୍ୟ ସଭା ଏମ୍‌ପି ପ୍ରଶାନ୍ତ ନନ୍ଦ ଦାବି କରିଛନ୍ତି। ଉଚ୍ଚ ସଦନରେ ବୁଧବାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉତ୍ଥାପନ କରି ନନ୍ଦ ଏହି ଦାବି କରିଛନ୍ତି। ୨ଟି ସିଏପିଏଫ୍ ବାଟାଲିୟନ୍ ହେବା ଦ୍ୱାରା ଓଡ଼ିଶା-ଛତିଶଗଡ଼ ସୀମାବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ବୃଦ୍ଧି ପାଇପାରିବ। ସେହିପରି ଏହି ମାଓବାଦର ମୁକାବିଲା ପାଇଁ ଓଡ଼ିଶା-ଛତିଶଗଡ଼ ମିଳିତଭାବେ କାର୍ଯ୍ୟ କରିବା ଉପରେ ପ୍ରଶାନ୍ତ ଗୁରୁତ୍ୱ ଦେଇଛନ୍ତି।

### ଲୁଟେରା ଗିରଫ, ୩ ବାଇକ ଉଦ୍ଧାର

ଘଣ୍ଟାପଡା, ୫।୨(ଡି.ଏନ.ଏ.): କନ୍ଧମାଳ ପୋଲିସ ଜଣେ ବାଇକ୍ ଲୁଟେରାଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ବଲାଙ୍ଗୀର ଜିଲା ବେଲପଡା ଥାନା ଡଙ୍ଗରତଲ ଗ୍ରାମର ମଧୁସୁଦନ କୁମୁରା (୩୧)। ତାଙ୍କଠାରୁ ୩ଟି ବାଇକ ଜବତ କରି ତାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା କନ୍ଧମାଳ ଆଇଆଇସି ଅଶ୍ୱିନୀ କୁମାର ଭିତ୍ରିଆ ପ୍ରକାଶ କରିଛନ୍ତି।

# ମହାପ୍ରଭୁଙ୍କ ଜମି ପାଇଁ ଗଢ଼ା ହେବ ନୂଆ କମିଟି

ପୁରୀ ଅଫିସ, ୫।୨

**ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ**

- ଶ୍ରୀମନ୍ଦିର ନାମରେ ରେକର୍ଡ ହେଲା ସୁରକ୍ଷା ଜୋନ୍ ଜମି
- ନାଗାର୍ଜୁନ ବେଶ ନିମନ୍ତେ ଖୁବ୍‌ଶୀଘ୍ର ପ୍ରସ୍ତୁତି ବୈଠକ
- ୨ ସବ୍ କମିଟି ସହିତ ଅନ୍ୟ ଦୁଇଟି ମିଶିଲା

କେବଳ ଓଡ଼ିଶା ନୁହେଁ, ରାଜ୍ୟ ବାହାରେ ମଧ୍ୟ ରହିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତି। ଅନେକ ଜମିର ହିସାବ ଏପର୍ଯ୍ୟନ୍ତ ଶ୍ରୀମନ୍ଦିର ପ୍ରଶାସନ ପାଖରେ ନାହିଁ। ତେଣୁ ଏହିସବୁ ଜମି ଚିହ୍ନଟ କରି ଏହାର ସମ୍ପୂର୍ଣ୍ଣ ହିସାବ ରଖାଯିବ। ମହାପ୍ରଭୁଙ୍କ ଜମିବାଡ଼ିର ସୁରକ୍ଷା ପାଇଁ ସରକାରୀ ସ୍ତରରେ ଏକ କମିଟି ଗଠନ କରାଯିବା ଲାଗି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ବୁଧବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟି ବୈଠକ ବସିଥିଲା। ଏଥିରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର କହିଛନ୍ତି, ସର୍ବୋଚ୍ଚ ନ୍ୟାୟାଳୟ ଯେଉଁ ଆଦେଶ ଦେଇଛନ୍ତି ତାହାକୁ ପାଳନ କରିବା ଲାଗି ସମସ୍ତ ସଦସ୍ୟ ସହମତି ପ୍ରକାଶ କରିଛନ୍ତି। ଏଥିପାଇଁ ଯାହା କିଛି ଆବଶ୍ୟକ ରହିଛି ତାହା ଖୁବ୍‌ଶୀଘ୍ର ପୂରଣ କରାଯିବ। ଶ୍ରୀମନ୍ଦିରରେ ସଂସ୍କାର ଆଣିବା ଲାଗି ଯେଉଁ ପ୍ରକ୍ରିୟା ଆରମ୍ଭ ହୋଇଛି ତାହା ଆଗକୁ ଜାରି ରହିବ। କ’ଣ ପଦକ୍ଷେପ ନେଇଛୁ ତାର ପ୍ରଥମ ରିପୋର୍ଟ ସୁପ୍ରିମ୍‌କୋର୍ଟରେ ଦାଖଲ କରାଯାଇଛି। ଆସନ୍ତା ମାର୍ଚ୍ଚରେ ଦ୍ୱିତୀୟ ରିପୋର୍ଟ ଦାଖଲ କରାଯିବ। ମହାପ୍ରଭୁଙ୍କ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ସମ୍ପର୍କରେ ସମୀକ୍ଷା କରାଯାଇଛି। ଠାକୁରଙ୍କର ଯେଉଁ ଖଣି ରହିଛି ସେଥିରୁ ଆୟ ବଢ଼ିଛି। ଖଣିକୁ ନେଇ ଓଏମ୍‌ସି ସହିତ ବୁଝାମଣା ହୋଇଛି। ଏହାଦ୍ୱାରା ଖଣିରୁ ହେଉଥିବା ଚୋରିକୁ ରୋକାଯାଇପାରିବ। ଆଗାମୀ ଦିନରେ ଖଣିରୁ ଆହୁରି ଅଧିକ ଲାଭ ଆସିପାରିବ ବୋଲି ଆଶା ରଖାଯାଇଛି। ମହାପ୍ରଭୁଙ୍କ ଜମିଜମା ନିମନ୍ତେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିବା ଲାଗି ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବ। ଏହି କମିଟି ମାସକୁ ଥରେ ସମୀକ୍ଷା କରିବ। ଯେଉଁସବୁ ଜିଲାରେ ମହାପ୍ରଭୁଙ୍କ ଜମି ରହିଛି ସମ୍ପୃକ୍ତ ଜିଲାପାଳଙ୍କ ସହିତ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଗାଯୋଗ ରଖାଯିବ। ଏ ନେଇ ଖୁବଶୀଘ୍ର ଶ୍ରୀମନ୍ଦିର ପ୍ରଶାସନ ରାଜ୍ୟ ସରକାରଙ୍କ ପାଖକୁ ଚିଠି ଲେଖିବ। ମହାପ୍ରଭୁଙ୍କ ଜମିଜମାର ସୁରକ୍ଷା ପାଇଁ ରାଜ୍ୟ ସରକାର ନିଶ୍ଚିତ ଏଥିରେ ସହଯୋଗ କରିବେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି।

ଆସନ୍ତା ନଭେମ୍ବର ୨୭ରେ ନାଗାର୍ଜୁନ ବେଶ। ତେଣୁ ଏବେଠାରୁ ପ୍ରସ୍ତୁତି ପର୍ବ ଆରମ୍ଭ ହେବ। ଚଳିତ ମାସରେ ପ୍ରଥମ ପ୍ରସ୍ତୁତି ବୈଠକ ବସିବ। ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ, ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ସହ ସମନ୍ୱୟ ରଖି କାମ କରାଯିବା ଲାଗି ଆଲୋଚନା ହୋଇଛି। ସେହିପରି ଶ୍ରୀମନ୍ଦିର ସୁରକ୍ଷା ଜୋନ ମଧ୍ୟରେ ଯେଉଁ ଘରୋଇ ଜମି ଅଧିଗ୍ରହଣ ହୋଇଛି ତାହା ଶ୍ରୀମନ୍ଦିର ନାଁରେ କରାଯାଇଛି। ପୂର୍ବରୁ ଏହା ରାଜସ୍ୱ ବିଭାଗ ନାଁରେ ଥିଲା। ଜଗନ୍ନାଥ ବଲ୍ଲଭ ମଠ ମଧ୍ୟ ମହାପ୍ରଭୁଙ୍କ ନାଁରେ କରାଯାଇଥିବାରୁ କମିଟି ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲା। ବୈଠକରେ ଶ୍ରୀମନ୍ଦିରକୁ ବାହାର ଅଙ୍ଗାର ନିଆଯିବା ପ୍ରସଙ୍ଗ ବି ଉଠିଥିଲା। ମନ୍ଦିର ଭିତରକୁ ବାହାର ଅଙ୍ଗାର ଯେପରି ନ ଯିବ ତାହା ଉପରେ ନଜର ରଖାଯାଇଛି। ରୋଷଘରର ବି କିଛି ସମସ୍ୟା ରହିଛି। ଏ ନେଇ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ସମ୍ପୃକ୍ତ ବ୍ୟକ୍ତି ଏଏସ୍ଆଇ ଏବଂ ସବୁ ନିଯୋଗ ସହ କଥା ହୋଇ ମନ୍ଦିର ଭିତରେ କ’ଣ କ’ଣ ବିକାଶମୂଳକ କାମର ଆବଶ୍ୟକତା ରହିଛି ତାହାର ତାଲିକା କରୁଛନ୍ତି। ମାର୍ଚ୍ଚ ୫ ତାରିଖ ପୂର୍ବରୁ ସେ ମନ୍ଦିର ପ୍ରଶାସନ ପାଖରେ ଏହାକୁ ଦାଖଲ କରିବେ। ପ୍ରଶାସନ ପକ୍ଷରୁ ଏଏସ୍ଆଇକୁ ଏହା ପ୍ରଦାନ କରାଯିବ। ଏଥିପାଇଁ ଯଦି କିଛି ଅର୍ଥର ଅସୁବିଧା ରହିବ ତେବେ ମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଏଏସ୍ଆଇକୁ ଅର୍ଥ ଯୋଗାଇ ଦିଆଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

ଏହାବ୍ୟତୀତ ବୈଠକରେ ବଜେଟ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି। ବଜେଟ୍ ପ୍ରସ୍ତୁତ କରି ଫେବୃୟାରୀ ପ୍ରଥମ ସପ୍ତାହ ସୁଦ୍ଧା ଅର୍ଥ ସବ୍ କମିଟିରେ ଅନୁମୋଦନ କରିବା ଲାଗି ନିଷ୍ପତ୍ତି ହୋଇଛି। ସେହିପରି ଅର୍ଥ ସବ୍‌କମିଟି ସହିତ ସଂସ୍ଥା ସବ୍ କମିଟି ଏବଂ ଜମି ସବ୍ କମିଟି ସହିତ ପ୍ରକଳ୍ପ ସବ୍‌କମିଟିକୁ ମିଶାଇ ଦିଆଯାଇଛି। ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ିଙ୍କୁ ଜମି ସବ୍ କମିଟି ଏବଂ ମାଧବ ପୂଜାପଣ୍ଡାଙ୍କୁ ଅର୍ଥ ସବ୍‌କମିଟିର ସଦସ୍ୟ ଭାବେ ସାମିଲ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ପରିଚାଳନା କମିଟି ସଦସ୍ୟ ବାବା ସଚ୍ଚିଦାନନ୍ଦ ଦାସ, ତଲ୍ଲୁଚ୍ଛ ନୀଳକଣ୍ଠ ମହାପାତ୍ର, ରାମଚନ୍ଦ୍ର ଦାସ ମହାପାତ୍ର, ମାଧବ ମହାପାତ୍ର, ଅନନ୍ତ ତିଆଡି, ମାଧବ ଚନ୍ଦ୍ର ପୂଜାପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ରାଜ୍ୟ, ସଂସ୍ଥା ସହ ଆଲୋଚନା କରାଯିବ: କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୫।୨(ବ୍ୟୁରୋ)

କେନ୍ଦ୍ରୀୟ ସରକାରୀ ଉଦ୍ୟୋଗ ଗୁଡିକ(ସିପିଏସ୍‌ଇ)ରେ ପ୍ରକଳ୍ପ ପରେ ଖାଲି ପଡୁଥିବା ସ୍ଥାନ ବ୍ୟବହାର ନେଇ ରାଜ୍ୟ ଏବଂ ସଂସ୍ଥା ସହ ଆଲୋଚନା କରାଯିବ। କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଏବଂ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଜେଡି ଏମ୍‌ପି ସସ୍ମିତ ପାତ୍ରଙ୍କ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଏହା କହିଛନ୍ତି। ସସ୍ମିତ କହିଥିଲେ ଯେ, ସିପିଏସ୍‌ଇଗୁଡ଼ିକରେ ଜମି ଖାଲି ପଡୁଥିଲେ। ଏହାକୁ ବ୍ୟବହାର କରିବା ପାଇଁ କୌଣସି ଘରୋଇ ସଂସ୍ଥା ଆଗ୍ରହ ପ୍ରକାଶ କଲେ(ଏକାକୀ ଅଥବା ଘରୋଇ-ସରକାରୀ ଭାଗୀଦାରି)ରେ ସୁଯୋଗ ଦିଆଯିବ କି। ପ୍ରଶ୍ନକାଳର ମୂଳ ପ୍ରଶ୍ନ-୩୫ର ଅତିରିକ୍ତ ପ୍ରଶ୍ନ ଭାବେ ଏହାକୁ ପଚରାଯାଇଥିଲା।

**ସିପିଏସ୍‌ଇ ଜମିକୁ ଘରୋଇ ବ୍ୟବହାର ପ୍ରସଙ୍ଗ**

# ବରଗଡ଼ ପୁରାତନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅର୍ବାନ ସିଏଚସି ଘୋଷଣା

ଭୁବନେଶ୍ୱର, ୫।୨(ବ୍ୟୁରୋ)

**ଲୋକଙ୍କ ଅସନ୍ତୋଷ ଦେଖି ନୂଆ ନିଷ୍ପତ୍ତି**

- ନୂଆ ଚିକିତ୍ସାଳୟ ଯିବାକୁ ମାଗଣା ଆମ୍ବୁଲାନ୍ସ ସାଙ୍ଗକୁ ବସ୍ ସେବା
- ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଜେଡି, ଭାଜପା ନେତା
- ପୁରୁଣାରେ ରହିବ ୩୦ ଶଯ୍ୟା ବିଶିଷ୍ଟ ସୁବିଧା

ବରଗଡବାସୀଙ୍କ ଦାବିକୁ ରାଜ୍ୟ ସରକାର ଗୁରୁତ୍ୱର ସହ ବିଚାରକୁ ନେଇ ଶେଷରେ ପୁରାତନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ଜିଲାବାସୀଙ୍କ ୩ଦିନର ଆନ୍ଦୋଳନ ଏବଂ ବରଗଡରେ ସୃଷ୍ଟି ହୋଇଥିବା ଅଶାନ୍ତ ପରିବେଶ ପରେ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ୩୦ ଶଯ୍ୟା ବିଶିଷ୍ଟ ଅର୍ବାନ ସିଏଚସି(କମ୍ୟୁନିଟି ହେଲ୍‌ଥ ସେଣ୍ଟର) କରିବାକୁ ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଏନେଇ ଘୋଷଣା କରିଛନ୍ତି। ଏହାସହ ରୋଗୀମାନେ ଯେପରି ସୁବିଧାରେ ନୂଆ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିପାରିବେ ସେଥିପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ରୋଗୀଙ୍କୁ ନୂଆ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବା ପାଇଁ ପୁରୁଣା ଡାକ୍ତରଖାନାରୁ ମାଗଣାରେ ଆମ୍ବୁଲାନ୍ସ ଏବଂ ବସ୍ ସେବା ଯୋଗାଇ ଦେବାର ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅର୍ବାନ ସିଏଚସିରେ ଲୋକଙ୍କୁ ଜରୁରିକାଳୀନ ଚିକିତ୍ସା ସେବା ଏବଂ ଓପିଡି ସେବା ମଧ୍ୟ ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଜନସାଧାରଣଙ୍କ ସମସ୍ୟା ପ୍ରତି ସରକାର ସହାନୁଭୂତିମୂଳକ ଦୃଷ୍ଟିଭଙ୍ଗୀ ପୋଷଣ କରି ଆସୁଥିବା ବେଳେ ସରକାରଙ୍କ ପଦକ୍ଷେପରେ ସହଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ବରଗଡ ଜିଲାବାସୀଙ୍କୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଗତ ମାସ ୨୧ ତାରିଖରେ ମୁଖ୍ୟମନ୍ତ୍ରୀ ଟୁକୁର୍ଲା(ଖେଦାପାଲି)ଠାରେ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ ଉଦ୍‌ଘାଟନ କରିଥିଲେ। ଏହାପରେ ପୁରାତନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ବନ୍ଦ କରି ଦିଆଯାଇଥିଲା। ସହରଠାରୁ ୮କିମି ଦୂରରେ ଜିଲା ମୁଖ୍ୟ ଚିକିତ୍ସାଳୟ କରାଯିବା ଯୋଗୁ ଲୋକଙ୍କୁ ଯିବା ଆସିବାରେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଲା। ଏହାସହ ନୂତନ ଚିକିତ୍ସାଳୟ ଯିବା ପାଇଁ ସହରରୁ ସେଭଳି ଗମନାଗମନର ସୁବିଧା ନାହିଁ। ଯେଉଁଥିଲାଗି ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ ଉଦ୍‌ଘାଟନ ହେବା ପୂର୍ବରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ମାତ୍ର ଗତ ୩ ଦିନ ତଳେ ଏହି ଅସନ୍ତୋଷ ଉଗ୍ରରୂପ ନେଇଥିଲା। ସ୍ୱତଃସ୍ଫୂର୍ତ୍ତ ଭାବେ ସ୍ଥାନୀୟ ଲୋକମାନେ ଦୋକାନ, ବଜାର ବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇଥିଲେ। ପରିସ୍ଥିତିକୁ ଦେଖି ଶାସକ ଦଳ ନେତାମାନେ ମଧ୍ୟ ଲୋକଙ୍କ ପାଖରେ ପହଞ୍ଚି ବୁଝାବୁଝି କରିଥିଲେ। ଏହାସହ ବରଗଡ ଏମ୍‌ପି ସୁରେଶ ପୂଜାରୀ ଏହି ସମସ୍ୟାର ସମାଧାନ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ପୁରାତନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସିଟି ହସ୍ପିଟାଲ ଭାବେ ଘୋଷଣା କରିବାକୁ ଦାବି କରିଥିଲେ। ଜିଲା ପରିସ୍ଥିତି ଦେଖି ବୁଧବାର ମନ୍ତ୍ରୀ ସୁଶାନ୍ତ ସିଂ, ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଏବଂ ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଜଣାଇ ଏହାର ସମାଧାନ ପାଇଁ ଅନୁରୋଧ କରିଥିଲେ। ଅନ୍ୟପଟେ ଏମ୍‌ପି ସୁରେଶ ପୂଜାରୀ ମଧ୍ୟ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇବା ପରେ ସରକାର ନୂଆ ଘୋଷଣା କରିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପଣ୍ଡିତ ହୋଇଣ ନ ଯାଏ ସଭା,**
**ରୂପ ନ ଥାଇଣ ସଜାଏ ଗଭା;**
**ଦନାଇ କହେ, ଏ ବ୍ୟର୍ଥ ଶୋଭା ।**

ଯେଉଁ ସଭାରେ ଜ୍ଞାନୀ, ଗୁଣୀ ପଣ୍ଡିତ ଜନ ଉପସ୍ଥିତ ରହିଥାନ୍ତି, ସେହି ସଭାର ମହତ୍ତ୍ୱ ଓ ଗୁରୁତ୍ୱ ବହୁ ପରିମାଣରେ ବଢ଼ିଯାଇଥାଏ। ବିଦ୍ୱାନ ପଣ୍ଡିତଙ୍କ ଯୋଗଦାନ ସଭାର ଶୋଭାକୁ ଦ୍ୱିଗୁଣିତ କରିଦିଏ। ପରନ୍ତୁ ପଣ୍ଡିତ ହୋଇ ସଭା ନ ଗଲେ ପାଣ୍ଡିତ୍ୟ ମୂଲ୍ୟହୀନ ହୋଇଯାଏ। ଗଭାର ସାଜସଜ୍ଜା ନାରୀର ସୌନ୍ଦର୍ଯ୍ୟକୁ ବଢ଼ାଇ ଦେଇଥାଏ। ତେବେ ରୂପହୀନା ନାରୀ ନିଜକୁ ଯେତେ ସଜାଇଲେ ସୁଦ୍ଧା ତାହାର ଶୋଭା ସେତେ ମନଲୋଭା ହୋଇପାରି ନ ଥାଏ। ପ୍ରକାରାନ୍ତରେ ଏସବୁ ବ୍ୟର୍ଥ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପୋଡ଼ ପୋତ ପକା**
**ଏ ତିନି କଥା ଏକା ।**

ଶବକୁ ପୋଡ଼ିବା, ପୋତିବା ତଥା ପାଣିରେ ପକାଇବା ଏସବୁ ଏକା କଥା। ପନ୍ଥା ଭିନ୍ନ ହେଲେ ବି ଉଦ୍ଦେଶ୍ୟ ସମାନ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.



## ଜିଲା ଚିଠି
## ଗଞ୍ଜାମ

### ଘରୋଇକରଣ ପ୍ରୀତି

ଦକ୍ଷିଣ ଓଡ଼ିଶାର ବୃହତ୍ତମ ସହର ବ୍ରହ୍ମପୁର ପୌରସଂସ୍ଥାକୁ ୧୫୨ ବର୍ଷ ପୂରିଛି। ୧୦ ବର୍ଷ ତଳୁ ସରକାରଙ୍କ ପକ୍ଷରୁ ମହାନଗର ନିଗମ ମାନ୍ୟତା ମିଳିଛି। ତେଣୁ ବିଭିନ୍ନ ଉନ୍ନୟନ ଯୋଜନା ପାଇଁ ବିପୁଳ ପରିମାଣର ଅନୁଦାନ ଆସୁଛି। ଅନେକ ଜାତୀୟକରଣ ବ୍ୟାଙ୍କ ଶାଖା ଓ ରାଜ୍ୟର ପୁରାତନ ସମବାୟ କେନ୍ଦ୍ର ବ୍ୟାଙ୍କ, ସମବାୟ ଅର୍ବାନ ବ୍ୟାଙ୍କ ଥିବା ସତ୍ତ୍ୱେ ନିଗମର ଶହ ଶହ କୋଟି ଟଙ୍କା ୩ ଘରୋଇ ବ୍ୟାଙ୍କରେ କାରବାର ହେଉଛି। ନିଗମ କାର୍ଯ୍ୟାଳୟ ପରିସରରେ ଦୁଇ ଘରୋଇ ବ୍ୟାଙ୍କ ଶାଖା ମଧ୍ୟ ଖୋଲିଛି। ସେହିପରି ମହାନଗରର ୪୦ ୱାର୍ଡ ମଧ୍ୟରୁ ୩୭ ୱାର୍ଡର ସଫେଇ ଓ ପରିମଳ କାର୍ଯ୍ୟ ଘରୋଇକରଣ କରାଯାଇଛି। ଏ ବାବଦରେ ମାସିକ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ସମ୍ପୃକ୍ତ ଠିକା ସଂସ୍ଥାକୁ ପୈଠ କରାଯାଉଛି। ଘରୋଇକରଣ ସତ୍ତ୍ୱେ ବିଭିନ୍ନ ସାହିବସ୍ତିରେ କୁଢ଼ କୁଢ଼ ଆବର୍ଜନା ନିୟମିତ ଉଠାଯାଉ ନ ଥିବାରୁ ବିପର୍ଯ୍ୟସ୍ତ ପରିମଳକୁ ପ୍ରମାଣିତ କରୁଛି। ସହରବାସୀଙ୍କୁ ସୁବିଧାରେ ପରିବହନ ସେବା ଯୋଗାଇଦେବା ପାଇଁ ସରକାର ପ୍ରାୟ ୪୦ ସିଟି ବସ୍ ଯୋଗାଇଛନ୍ତି। ପରିଚାଳନା ଦାୟିତ୍ୱ ନିଗମ ଓ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)କୁ ନ୍ୟସ୍ତ କରିଛନ୍ତି। ସେଥିନିମନ୍ତେ ଗଞ୍ଜାମ ଅର୍ବାନ ଟ୍ରାନ୍ସପୋର୍ଟ ସର୍ଭିସ ଲିଃ ନାଁରେ ଏକ ସଂସ୍ଥା ଗଠନ କରାଯାଇଛି। ଜିଲାପାଳଙ୍କୁ ଏହାର ମୁଖିଆ କରାଯାଇଥିବା ବେଳେ ବିଡିଏ କର୍ତ୍ତୃପକ୍ଷ ଏବଂ ନିଗମ କମିଶନର ଓ ଅନ୍ୟମାନେ ଅଛନ୍ତି। ୨୦୧୩ରୁ ଆରମ୍ଭ ହୋଇଥିବା ସିଟି ବସ୍ ସେବା କିଛିଦିନ ପରିବହନ ନିଗମ (ଓଏସ୍ଆରଟିସି)କୁ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସବୁ ବସ୍ ଘରୋଇ ସଂସ୍ଥାକୁ ହସ୍ତାନ୍ତର କରାଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ଅଧିକାଂଶ ବସ୍ ଅବସ୍ଥା ଶୋଚନୀୟ ହୋଇଛି। ପ୍ରତି ବସ୍ ପିଛା ଦୈନିକ ମାତ୍ର ଶହେ ଟଙ୍କା ଲେଖାଏ ସେହି ଘରୋଇ ମାଲିକ ପୈଠ କରିବାର ଚୁକ୍ତିନାମା କରାଯାଇଛି। ସେହିପରି ପାଖାପାଖି ୧୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ହଳଦିଆପଦର ଆଧୁନିକ ବସ୍ ଟର୍ମିନାଲ ଉଦ୍‌ଘାଟନର ୪ ବର୍ଷ ବିତିଛି । ସେଠାକୁ ଘରୋଇ ବସ୍‌ଗୁଡ଼ିକ ଯିବା ପାଇଁ ମଙ୍ଗୁ ନ ଥିବାରୁ ଟର୍ମିନାଲ ଫାଙ୍କା ପଡ଼ିଛି। ଟର୍ମିନାଲ କାର୍ଯ୍ୟକ୍ଷମ ଉଦ୍ୟମ କରି ନିଗମ କମିଶନର ତଥା ବିଡିଏ ଉପାଧ୍ୟକ୍ଷ ବିଫଳ ହୋଇଛନ୍ତି। ବହୁ ବିଳମ୍ବରେ ମହୁଡ଼ାରେ ସଲିଡ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ହେବା ପରେ ଘରୋଇକରଣ କରାଯିବାର ପ୍ରସ୍ତାବ ରହିଛି। ଦୁଇ ପର୍ଯ୍ୟାୟରେ ୧୮ କୋଟି ଟଙ୍କା ବ୍ୟୟରେ ରାମଲିଙ୍ଗମ ପୋଖରୀ ଆଧୁନିକୀକରଣ ତଥା ସୌନ୍ଦର୍ଯ୍ୟକରଣ ଯୋଜନା ୩ ବର୍ଷ ତଳୁ ଆରମ୍ଭ ହୋଇଛି। ସମ୍ପୂର୍ଣ୍ଣ ହେବା ପରେ ପରିଚାଳନା ଘରୋଇକରଣ କରାଯିବାର ଆପାତତଃ ନିଷ୍ପତ୍ତି ନିଆଯାଇଛି। ଦୁଇ ତିନିଥର ଶିଳାନ୍ୟାସ ପରେ ବିଡିଏ ପକ୍ଷରୁ ମହାନଗର ଉପକଣ୍ଠ ଆମ୍ବପୁଆରେ ରାଜ୍ୟର ପ୍ରଥମ ରକ ଗାର୍ଡେନ (ପଥର ଉଦ୍ୟାନ) ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସମ୍ପୂର୍ଣ୍ଣ ହେବା ପରେ ତାହା ମଧ୍ୟ ଘରୋଇକରଣ କରାଯିବାର ସୁରାକ୍ ମିଳିଛି। ଅର୍ଦ୍ଧଶତାବ୍ଦୀର ପୌର ଅତିଥି ଭବନ ଓ ୩୦ ବର୍ଷର ଖଲ୍ଲିକୋଟ କଲେଜ ପାଖ ମ୍ୟୁନିସିପାଲ କଲ୍ୟାଣ ମଣ୍ଡପକୁ ଗତ ମାସରେ ଘରୋଇ ସଂସ୍ଥାକୁ ଲିଜ ସୂତ୍ରରେ ହସ୍ତାନ୍ତର କରାଯାଇଛି। ଏମିତି ଘରୋଇକରଣ ପ୍ରୀତି ବଢ଼ି ଚାଲିଥିବା ସଚେତନ ନାଗରିକଙ୍କ ମଧ୍ୟରେ ଆଲୋଚ୍ୟ ବିଷୟ ହୋଇଛି।

– ନରସିଂହ ସାହୁ

### ୫ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ: ୩ ଗିରଫ

ଜଳେଶ୍ୱର,୫।୨(ସ୍ୱ.ପ୍ର)

ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରୁ ପୁଣି ୫ ଲକ୍ଷ ଟଙ୍କା ମୂଲ୍ୟର ବ୍ରାଉନ୍‌ସୁଗାର ଜବତ ହୋଇଛି। ଏଥିସହ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଜଳେଶ୍ୱର ପୋଲିସ୍ ସକ୍ଷମ ହୋଇଛି। ପ୍ରକାଶ ଯେ, ରାଜ୍ୟର ଉତ୍ତର ପ୍ରବେଶ ଦ୍ୱାର କୁହାଯାଉଥିବା ଜଳେଶ୍ୱର ବ୍ରାଉନ୍‌ସୁଗାରର ପେଣ୍ଠସ୍ଥଳୀ ପାଲଟିଥିବାବେଳେ ବିଭିନ୍ନ ସମୟରେ ଏସ୍‌ଟିଏଫ୍ ଓ ପୋଲିସ୍‌କୁ ବହୁ ସଫଳତା ମିଳିଛି । ପଶ୍ଚିମବଙ୍ଗରୁ ବ୍ରାଉନ୍‌ସୁଗାର ଓଡ଼ିଶାକୁ ପ୍ରବେଶ କରିବା ପରେ ଜଳେଶ୍ୱରର ଏକ ନିର୍ଦ୍ଦିଷ୍ଟ ଇଲାକାରେ ଜମାହୋଇଥାଏ। ପରେ ତାହା ଓଡ଼ିଶାର ବିଭିନ୍ନ ସ୍ଥାନକୁ ଚାଲାଣ ହୋଇଥାଏ। ବୁଧବାର ସକାଳେ ମହମ୍ମଦନଗରପାଟଣା ଛକ ଠାରେ ଜଳେଶ୍ୱର ପୋଲିସ୍ ଚଢ଼ାଉ କରି ରାଜପୁର ଅଞ୍ଚଳର ସେକ୍ ସାରୁଖ, ଝଡ଼େଶ୍ୱରପୁରର ସାଲଖୁ ବିଦ୍ଧାଣୀ, ଭଦ୍ରକ ରୁରାଲ ଥାନା କେନ୍ଦୁଆପଦା ଗ୍ରାମର ଅଭିଜିତ୍ ସାହୁଙ୍କ ଠାରୁ ୫୦ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିବା ସହ ସେମାନଙ୍କୁ ଗିରଫ କରିଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୫ଲକ୍ଷ ଟଙ୍କା ହେବ। ତେବେ ବିଶେଷ ସୂତ୍ରରୁ ଖବରପାଇ ଜଳେଶ୍ୱର ଏସ୍‌ଡିପିଓ ଅଙ୍କିତା କୁମ୍ଭାରଙ୍କ ନିର୍ଦ୍ଦେଶରେ ଆଇଆଇସି ଧନେଶ୍ୱର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଏମାନଙ୍କୁ ଧରିଥିଲେ। ଏମାନଙ୍କ ନିକଟରୁ ଏକ ମୋଟର ସାଇକେଲ ଓ ୨ଟି ମୋବାଇଲ୍ ମଧ୍ୟ ଜବତ କରାଯାଇଛି। ଏଥିନେଇ ଥାନାରେ ଏକ ମାମଲା(ନଂ. ୫୩/୨୦) ରୁଜୁ କରାଯାଇ ତଦନ୍ତ ଚାଲୁ ରହିଛି।

CLASSIFIED DISPLAY

ALL EDITION - B/W (Everyday)
for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି । ସୁଧ 2%, ବିଶେଷ ରିହାତି ଅଛି । ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହରଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ଖର୍ଚ୍ଚ ରଣରୁ କଟିବ
ALL INDIA FINANCE
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ |40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
094682-97482
ADDRESS: T-51, GAUTAMPURI, DELHI

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ |50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଳେଶ, ପତି ପତ୍ନୀ ମଧ୍ୟରେ ଝଗଡା,ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା,ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱର
9773820765

BUSINESS

BUSINESS
Regd କମ୍ପାନୀ ଦ୍ୱାରା ନିଜର ଖାଲିଥିବା ଜମି, ଛାତ, ପ୍ଲଟ ଓ ଘର ଆଦି ସମସ୍ତ ସ୍ଥାନରେ ଡିଜିଟାଲ ଟାୱର ବସାଇ ଅଗ୍ରୀମ 55,000,00/-, ଭଡା 40,000/- ଟଙ୍କା ପାଆନ୍ତୁ ।
Plot No 37 UA, Bungalow Rd, Kamla Nagar, New Delhi,
7664091295

## ୨୦୦ ଫୁଟ ଉଚ୍ଚ ବିଦ୍ୟୁତ୍ ଟାୱାରରେ ଚଢ଼ି ସେଲ୍‌ଫି

ଉତ୍ତରପ୍ରଦେଶ ବାରାଣସୀରେ ଜଣେ ବିଦେଶୀ ପର୍ଯ୍ୟଟକ ୨୦୦ ଫୁଟ ଉଚ୍ଚ ବିଦ୍ୟୁତ୍ ଟାୱାରରେ ଚଢ଼ି ସେଲ୍‌ଫି ନେବା ପରେ ପାରାଚ୍ୟୁଟ୍‌ରେ ତଳକୁ ଡେଇଁଛନ୍ତି। ଏବେ ଏହାର ଭିଡ଼ିଓ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ସ୍ଥାନୀୟ ରାମନଗର ଅଞ୍ଚଳର ୱାଜିଦ୍‌ପୁରରେ ଏଭଳି ଘଟଣା ଘଟିଛି। ତେବେ କିଛି ସମୟ ପରେ ପର୍ଯ୍ୟଟକଦ୍ୱୟ ସେଠାରୁ ଚାଲିଯାଇଥିଲେ। ଏହି ଖବର ଜଣାପଡ଼ିବା ପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ତେବେ ଦୁହେଁ ଇଟାଲୀର ବାସିନ୍ଦା ଓ ସ୍ତ୍ରୀ-ସ୍ୱାମୀ ବୋଲି ବୋଲି ଜଣାପଡ଼ିଛି।

# ଜନସଂଖ୍ୟା ବଢ଼ାଇବାକୁ 'ବେବି ବୋନସ'



## ଗ୍ରୀସର ଅସ୍ତିତ୍ୱ ବଞ୍ଚାଇବା ପାଇଁ ଯୋଜନା

**ଏଥେନ୍ସ:** ୭୫୦କୋଟି ଟପିଲାଣି ପୃଥିବୀର ଜନସଂଖ୍ୟା। ଏହାକୁ ରୋକିବା ଲାଗି କ୍ରମାଗତ ଭାବେ ଉଦ୍ୟମ କରି ଆସୁଛନ୍ତି ବିକଶିତ ଏବଂ ବିକାଶଶୀଳ ଦେଶ। ହେଲେ ଗ୍ରୀସ୍‌ରେ ଏହାର ବିପରୀତ ଦୃଶ୍ୟ ସାମ୍ନାକୁ ଆସିଛି। ଐତିହ୍ୟ, ପରମ୍ପରାକୁ ନେଇ ସମୃଦ୍ଧ ଏହି ଦେଶ କ୍ରମାଗତ ଭାବେ ହ୍ରାସ ପାଉଥିବା ଜନସଂଖ୍ୟାକୁ ନେଇ ଚିନ୍ତାରେ ପଡ଼ିଛି। ଏଥିରୁ ମୁକୁଳିବାକୁ ସେଠାକାର ସରକାର ଆରମ୍ଭ କରିଛନ୍ତି 'ବେବି ବୋନସ' ଯୋଜନା। ଏଥିଲାଗି ଗ୍ରୀସ୍ ସରକାର ୧୪୦୦ କୋଟି ଟଙ୍କାର ବଜେଟ କରିଛନ୍ତି। ଜଣେ ପ୍ରସୂତିଙ୍କୁ ଥରେ ପ୍ରସବ ପାଇଁ ୧.୫୮ ଲକ୍ଷ ଟଙ୍କା ବୋନସ ଦିଆଯାଉଛି। ମାରିଆ ପରଦଲାକିସ୍ ପ୍ରଥମ ହିତାଧିକାରୀ ଭାବେ ଏହାର ଲାଭ ଉଠାଇଛନ୍ତି।

ଯୁକ୍ତରାଷ୍ଟ୍ର ଆମେରିକା ପକ୍ଷରୁ ପ୍ରକାଶିତ ଏକ ତଥ୍ୟ ଅନୁଯାୟୀ, ଗ୍ରୀସ୍‌ର ମୋଟ ଜନସଂଖ୍ୟା ୧.୦୭ କୋଟି। ଯଦି ଆଗାମୀ ଦିନରେ ଜନ୍ମ ହାର ଆଶାନୁରୂପକ ଭାବେ ନ ବଢ଼େ ତେବେ ୩୦ବର୍ଷରେ ଜନସଂଖ୍ୟା ଏକତୃତୀୟାଂଶ କମିଯିବ। ଏବେକାର ଜନସଂଖ୍ୟା ହାରକୁ ଅନୁଧ୍ୟାନ କଲେ ୨୦୫୦ ବେଳକୁ ଗ୍ରୀସ୍‌ର ୩୬% ନାଗରିକଙ୍କ ବୟସ ୬୫ ପାର୍ କରିସାରିଥିବ, ଯାହା ୧୯୭୦ରେ ମାତ୍ର ୭% ଥିଲା। ବିଶେଷ କରି ଗତ ଦଶନ୍ଧିରେ ଏହି ସମସ୍ୟା ଚରମ ସୀମାରେ ପହଞ୍ଚିଛି। ଏହାର ପ୍ରମୁଖ କାରଣ ଦେଶାନ୍ତରୀ। ୨୦୧୦-୧୫ରେ ଗ୍ରୀସ୍‌ରେ ୨୮% ବେରୋଜଗାରି ବଢ଼ିଛି। ପେଟପାଟଣା ଚିନ୍ତାରେ ପାଖାପାଖି ୫ ଲକ୍ଷ ଲୋକ ଦେଶ ଛାଡ଼ି ପଳାଇଛନ୍ତି। ସେମାନେ ୟୁରୋପୀୟ ରାଷ୍ଟ୍ର ସମେତ ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆରେ ବସତି ସ୍ଥାପନ କରିସାରିଲେଣି। କେବଳ ଗ୍ରୀସ୍ ନୁହେଁ; ସ୍ପେନ, ଇଟାଲୀ, ଫିନ୍‌ଲ୍ୟାଣ୍ଡ, ସାଇପ୍ରସ୍ ଭଳି କ୍ଷୁଦ୍ର ଦେଶ ମଧ୍ୟ ଜନସଂଖ୍ୟା ହ୍ରାସ ପାଇଁ ଚିନ୍ତାର ପଡ଼ିଛନ୍ତି। ଗ୍ରୀସ୍‌ର ଅସ୍ତିତ୍ୱ ବଞ୍ଚାଇବାକୁ ଏପରି ଯୋଜନା କରାଯାଇଛି। ଆର୍ଥିକ ଅଭିବୃଦ୍ଧି ଲାଗି ଏହା ଅତ୍ୟନ୍ତ ଜରୁରୀ। ଜନସଂଖ୍ୟା ବଢ଼ାଇବା ପାଇଁ ଯୁବପିଢ଼ିଙ୍କୁ ଉଦ୍ୟମ କରିବାକୁ ପଡ଼ିବ। ଯଦି ଏପରି ଯୋଜନା ଫଳପ୍ରଦ ନ ହୁଏ, ତେବେ ଏହି ସମସ୍ୟା ଆହୁରି ଜଟିଳ ହୋଇପଡ଼ିବ ବୋଲି କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ପୂର୍ବତନ ଏକାଡେମିକ୍ ଡୋମନ ମାଇକେଲ୍ ହାଇଡୋ କହିଛନ୍ତି।

# ମା'ଙ୍କ ଫିଲ୍ମ ରିମେକ୍ ପାଇଁ ଝିଅଙ୍କୁ ଅଫର୍



ସାରା ଅଲି ଖାନ

**ମୁମ୍ବାଇ:** ବଲିଉଡ୍‌ରେ ରିମେକ୍ ଫିଲ୍ମ କିଛି ନୂଆ କଥା ନୁହେଁ। ତେବେ ମଜାଦାର କଥା ହେଲା ଯେଉଁ ରିମେକ୍‌ରେ ଝିଅ ହିରୋଇନ୍ ଭୂମିକାରେ ନଜରକୁ ଆସିବେ. ତା'ର ମୂଳ ଫିଲ୍ମରେ ମା' ହିରୋଇନ୍ ଭୂମିକାରେ ଅଭିନୟ କରି ଫିଲ୍ମଟି ହିଟ୍ କରିଥିଲେ। ଆପଣ ଟିକେ କନ୍‌ଫ୍ୟୁଜ୍ ହୋଇଗଲେ କି? ପ୍ରକୃତରେ ଆମେ କହୁଛୁ ସୈଫ୍ ଅଲି ଖାନ ଓ ଅମୃତା ସିଂଙ୍କ ଝିଅ ସାରା ଅଲି ଖାନ୍‌ଙ୍କ କଥା। ସାରାଙ୍କୁ ଅମ୍ରିତାଙ୍କ ଏକ ହିଟ୍ ଫିଲ୍ମର ରିମେକ୍ ପାଇଁ ଅଫର୍ ମିଳିଛି।

ସାରା ଫିଲ୍ମ 'କେଦାରନାଥ'ରୁ ବଲିଉଡ୍ ଡେବ୍ୟୁ କରିଥିଲେ। ଏହାପରେ ତାଙ୍କ ଅଭିନୀତ ଫିଲ୍ମ 'ସିମ୍ବା' ମଧ୍ୟ ବକ୍ସ ଅଫିସ୍‌ରେ ବେଶ୍ ସଫଳ ରହିଥିଲା। ଏବେ ସେ ଇମ୍‌ତିଆଜ୍ ଅଲିଙ୍କ ଫିଲ୍ମ 'ଲଭ୍ ଆଜ୍ କଲ୍'ରେ ନଜରକୁ ଆସିବେ। ଫିଲ୍ମରେ ସାରାଙ୍କ ଅପୋଜିଟ୍‌ରେ କାର୍ତ୍ତିକ ଆର୍ୟନଙ୍କୁ ଦେଖିବାକୁ ମିଳିବ। ଆସନ୍ତା ୧୪ ତାରିଖରେ ଫିଲ୍ମଟି ରିଲିଜ୍ ହେବାକୁ ଯାଉଛି। ଏହାବ୍ୟତୀତ ତାଙ୍କ ହାତରେ 'କୁଲି ନଂ ୧' ଫିଲ୍ମ ମଧ୍ୟ ରହିଛି। ଏଥିରେ ବରୁଣ ଧାୱନଙ୍କ ଅପୋଜିଟ୍‌ରେ ସାରା ନଜରକୁ ଆସିବେ। ତେବେ ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ସାରାଙ୍କ ହାତରେ ଏବେ ଆଉ ଏକ ବଡ଼ ଭୂମିକା ରହିଛି। ତାଙ୍କୁ ମା'ଅମ୍ରିତା ସିଂଙ୍କ ହିଟ୍ ଫିଲ୍ମ 'ଚମେଲୀ କି ସାଦି'ର ରିମେକ୍ ପାଇଁ ଅଫର୍ ଦିଆଯାଇଛି।

ସାରା ଫିଲ୍ମ ବାବଦରେ କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ଏହା ପଛର କାରଣ ହେଲା, ମା'ଙ୍କ ଅଭିନୀତ ଏହି ଭୂମିକାକୁ ନ୍ୟାୟ ଦେଇପାରିବେ କି ନାହିଁ ଏହାକୁ ନେଇ ସେ ଦ୍ୱନ୍ଦ୍ୱରେ ଅଛନ୍ତି। ଏଥିପାଇଁ ସେ କୌଣସି ନିଷ୍ପତ୍ତି ନେଇପାରୁ ନ ଥିବା ଜଣାପଡ଼ିଛି। ଯଦି ସାରା ଏହି ଫିଲ୍ମ ପାଇଁ ରାଜି ହୋଇ ଯାଆନ୍ତି, ତେବେ ଅମୃତାଙ୍କ ଭୂମିକାରେ ତାଙ୍କ ଝିଅ ସାରାଙ୍କୁ ଦେଖିବା ସିନେପ୍ରେମୀଙ୍କ ପାଇଁ ଉତ୍ସାହଜନକ ରହିବ। ଫିଲ୍ମ 'ଚମେଲୀ କି ସାଦି' ୧୯୮୬ରେ ରିଲିଜ୍ ହୋଇଥିଲା। ଅମୃତା ସିଂ ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିବାବେଳେ ତାଙ୍କ ଅପୋଜିଟ୍‌ରେ ଅନିଲ କପୁରଙ୍କୁ ଦେଖିବାକୁ ମିଳିଥିଲା। ଅମୃତା-ଅନିଲ ଅର୍ଥାତ୍ ଚମେଲୀ-ଚରଣଦାସଙ୍କ ପ୍ରେମ କାହାଣୀ ତଥା ସଂଘର୍ଷ ଉପରେ ଫିଲ୍ମର କାହାଣୀ ଆଧାରିତ ଥିଲା।

# ଭାସମାନ ହୋଟେଲ

## ଗୋଟିଏ ରାତିକୁ ୭୫ ହଜାର ଟଙ୍କା

**ଷ୍ଟକ୍‌ହୋମ୍:** ସ୍ୱିଡେନ୍‌ର ଉତ୍ତର ଭାଗ ଲ୍ୟାପଲାଣ୍ଡରେ ଲ୍ୟୁଲ ନଦୀରେ ତିଆରି ହୋଇଛି ଭାସମାନ ହୋଟେଲ 'ଦ ଆର୍କେଟିକ୍ ବାଥ୍'। ଯାହା ଲୋକଙ୍କ ପାଇଁ ମଙ୍ଗଳବାରଠାରୁ ଖୋଲାଯାଇଛି। ଏଠାକୁ ଯିବାପାଇଁ ହେଲେ ବୋଟ୍ ଏବଂ ଲୁହାରେ ତିଆରି ହୋଇଥିବା ରାସ୍ତା ଏକମାତ୍ର ମାଧ୍ୟମ। ଗ୍ରାହକମାନେ ଚାହିଁଲେ ଲ୍ୟୁଲିଆ ଏୟାରପୋର୍ଟରୁ କାର୍, ହେଲିକପ୍ଟର ନେଇ ଏଠାରେ ପହଞ୍ଚି ପାରିବେ। ହୋଟେଲରେ ୧୨ଟି କୋଠରି ରହିଛି। ୨୦୧୮ରେ ଏହି ହୋଟେଲର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାକୁ ଆର୍କିଟେକ୍ଟ ବର୍ଟିଲ୍ ହେରୋଷ୍ଟ୍ରମ୍ ଏବଂ ଜୋହାନ୍ କପି ଡିଜାଇନ୍ କରିଥିଲେ। ଏହି ହୋଟଲରେ ରହିବା ପାଇଁ ଏବେଠାରୁ ବୁକିଂ ଆରମ୍ଭ ହୋଇଗଲାଣି। ଏଠାରେ ଗୋଟିଏ ରାତି ରହିବାକୁ ହେଲେ ଗ୍ରାହକଙ୍କୁ ୮୧୫ ପାଉଣ୍ଡ ଅର୍ଥାତ ଭାରତୀୟ ମୁଦ୍ରାରେ ୭୫ ହଜାର ଟଙ୍କା ଦେବାକୁ ପଡ଼ିଥାଏ। ହୋଟେଲଟି ଗ୍ରୀଷ୍ମଋତୁରେ ପାଣିରେ ଭାସୁଥିବା ବେଳେ ଶୀତଋତୁରେ ବରଫରେ ଭୂମିସହ ଲାଗିଯାଇଥାଏ। ଏଠାରେ ଗ୍ରାହକଙ୍କ ନିମନ୍ତେ ଅନେକ ସୁବିଧା ସୁଯୋଗ ଯଥା ନ୍ୟୁଟ୍ରିସନ୍, ବ୍ୟାୟାମ, ଯୋଗ ଆଦି ଉପଲବ୍ଧ।





**ପୌଡ଼ି:** 'ଆମେ ନିଜେ କିଛି କରିବୁ' ଏଭଳି ବିଚାର କରୁଥିବା ଯୁବକମାନଙ୍କୁ ଧୀରେନ୍ଦ୍ର ସିଂ ରାଓତଙ୍କ ଠାରୁ କିଛି ଶିଖିବାକୁ ପଡିବ। ୩୧ ବର୍ଷ ଧରି ଦିଲ୍ଲୀ ଓ ନୋଏଡାରେ ଜୀବିକା ପାଇଁ ସଂଗ୍ରାମ କରିବା ପରେ ନିଜ ଗାଁକୁ ଫେରି ପାହାଡିଆ ଜମିରେ ସୋଲାର୍ ପ୍ଲାଣ୍ଟ ବସାଇଛନ୍ତି। ଏହା ମାଧ୍ୟମରେ ସେ ନିଜ ଗାଁ ଓ ଆଖପାଖ ଅଞ୍ଚଳରେ ରୋଜଗାରର ନୂଆ ଆଶା ସୃଷ୍ଟି କରିଛନ୍ତି। ଉତ୍ତରାଖଣ୍ଡ ପୌଡି ଗଡୱାଲର ଓଙ୍ଗା ଗାଁ ନିବାସୀ ୫୩ ବର୍ଷୀୟ ଧୀରେନ୍ଦ୍ର ସିଂ ପରିବାର ପ୍ରତିପୋଷଣ କରିବା ପାଇଁ ୧୬ ବର୍ଷ ବୟସରେ ନୋଏଡା ଚାଲିଯାଇଥିଲେ। ସେଠାର ଗାଁକୁ ୨୦୧୧ରେ ଫେରି ୫୦୦ କିଲୋୱାଟର ସୋଲାରପ୍ଲାଣ୍ଟ ବସାଇଛନ୍ତି। ଏଥିରୁ ୭ ଲକ୍ଷ ୟୁନିଟ ବିଦ୍ୟୁତ୍ ଉତ୍ପାଦିତ ହେଉଛି। ଏହାକୁ ସେ ଉତ୍ତରାଖଣ୍ଡ ପାୱାର କର୍ପୋରେଶନ ଲିମିଟେଡ(ୟୁପିସିଏଲ୍)କୁ ବିକ୍ରି କରୁଛନ୍ତି। ଏଥିରୁ ସେ ପ୍ରତିମାସରେ ପାଉଛନ୍ତି ୪ ଲକ୍ଷ ଟଙ୍କା । ଏହି ପ୍ଲାଣ୍ଟ ପ୍ରତିଷ୍ଠା କରିବା ଲାଗି ବ୍ୟାଙ୍କରୁ ୨.୮୦ କୋଟି ଋଣ ନେଇଛନ୍ତି ଓ ଏବେ ବିଦ୍ୟୁତ ବିକ୍ରି କରି ତାହା ପରିଶୋଧ କରୁଛନ୍ତି। ଏହି ପ୍ଲାଣ୍ଟରେ ଗାଁ ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ସେଠାରେ ବି ସେ ଫୁଲ ଓ ଫଳ ବଗିଚା କରି ଲୋକଙ୍କୁ ରୋଜଗାର ଯୋଗାଉଛନ୍ତି। ଏସବୁ କାର୍ଯ୍ୟରେ ତାଙ୍କ ସ୍ତ୍ରୀ ସହଯୋଗ କରୁଛନ୍ତି। ଏତିକିରେ ଧୀରେନ୍ଦ୍ରଙ୍କ ଅଭିଯାନ ସରିନି, ସେ ବିଭିନ୍ନ ପ୍ରାକୃତିକ ଉତ୍ସରୁ ବହିଯାଉଥିବା ଜଳକୁ ଏକ ବଡ଼ ଟାଙ୍କିରେ ସଂରକ୍ଷଣ କରି ଚାଷ କାମରେ ଲଗାଉଛନ୍ତି। ଏହାବାଦ ଧୀରେନ୍ଦ୍ର ଏକ ରିସର୍ଟ ଖୋଲି ତା' ମାଧ୍ୟମରେ ନିଯୁକ୍ତି ସୃଷ୍ଟି କରିବାର ଯୋଜନା ମଧ୍ୟ କରିଛନ୍ତି।

# ସୋଲାର ପ୍ଲାଣ୍ଟରୁ ମାସକୁ ଆୟ ୪ ଲକ୍ଷ ଟଙ୍କା

# ମାଡାମ ତୁସାଡରେ ପ୍ରଥମ ସାଉଥ୍ ଅଭିନେତ୍ରୀ

**ମୁମ୍ବାଇ:** ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିର ପପୁଲାର ଅଭିନେତ୍ରୀ ତଥା ସିଂଘମ ଫ୍ରେମ୍ କାଜଲ ଅଗ୍ରୱାଲ ନିଜ ଅଭିନୟ ଯାଦୁରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଛନ୍ତି। ପ୍ରଶଂସକ ତାଙ୍କୁ ବେଶ୍ ପସନ୍ଦ କରିଥିବା ବେଳେ କେତେକ ସୁପରହିଟ୍ ଫିଲ୍ମ ଦେଇ ସେ ଦେଶରେ ବେଶ୍ ନାଁ ମଧ୍ୟ କମାଇଛନ୍ତି। ହେଲେ କାଜଲ କେବଳ ଦେଶ ନୁହେଁ ବରଂ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ମଧ୍ୟ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସିଙ୍ଗାପୁରରେ ଥିବା ମାଡାମ ତୁସାଡ ମ୍ୟୁଜିୟମ୍‌ରେ କାଜଲ ଅଗ୍ରୱାଲଙ୍କ ଏକ ମହମ ପ୍ରତିମୂର୍ତ୍ତି ତିଆରି କରାଯାଇଛି, ଯାହାର ଉଦ୍‌ଘାଟନ ସେ ନିଜେ କରିଛନ୍ତି। ତାଙ୍କ ପ୍ରତିମୂର୍ତ୍ତିର ଉଦ୍‌ଘାଟନ ପାଇଁ କାଜଲ ପରିବାରଙ୍କ ସହ ସିଙ୍ଗାପୁରରେ ପହଞ୍ଚିଥିଲେ। ତେବେ କାଜଲଙ୍କ ପ୍ରତିମୂର୍ତ୍ତି ସହ ଜଡିତ କେତେକ ଫଟୋ ଓ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଫଟୋରେ କାଜଲ ନିଜ ପ୍ରତିମୂର୍ତ୍ତି ସହ ଠିଆ ହୋଇଥିବା ଦେଖିବାକୁ ମିଳିଛି। ଗୋଟିଏ ପଟେ କାଜଲ ପର୍ପଲ କଲର ଡ୍ରେସ୍ ପିନ୍ଧିଥିବା ବେଳେ ଅନ୍ୟପଟେ ତାଙ୍କ ପ୍ରତିମୂର୍ତ୍ତି ସିଲ୍‌ଭର କଲର୍‌ରେ ନଜର ଆସିଛି। ଏହା ଦେଖିବାକୁ ବେଶ୍ ସୁନ୍ଦର ହୋଇଥିବା ବେଳେ ସମସ୍ତଙ୍କୁ ଆକର୍ଷିତ କରୁଛି। ସୂଚନା ମୁତାବକ କାଜଲ ପ୍ରଥମ ସାଉଥ୍ ଅଭିନେତ୍ରୀ ଯାହାଙ୍କର ପ୍ରତିମୂର୍ତ୍ତି ମାଡାମ ତୁସାଡରେ ସ୍ଥାନ ପାଇଛି। ସେହିପରି ବାହୁବଳୀ ପ୍ରଭାସ ମଧ୍ୟ ପ୍ରଥମ ସାଉଥ୍ ସୁପରଷ୍ଟାର ଯାହାଙ୍କର ପ୍ରତିମୂର୍ତ୍ତି ସେଠାରେ ସ୍ଥାନିତ ହୋଇଛି।




କାଜଲ ଅଗ୍ରୱାଲ

# ପାଦରେ ଅମିତାଭ୍‌ଙ୍କ ପେଣ୍ଟିଂ ଆଙ୍କିଲେ ଦିବ୍ୟାଙ୍ଗ

## କେବିସି ସିଜନ୍-୧୨ରେ ହେବେ ଅତିଥି



ମୁମ୍ବାଇ: ମଧ୍ୟପ୍ରଦେଶ ଇନ୍ଦୋରର ଜଣେ ଦିବ୍ୟାଙ୍ଗ ବିଗ୍ ବି ଭାବେ ପରିଚିତ ଅମିତାଭ ବଚ୍ଚନଙ୍କ ପେଣ୍ଟିଂ ପାଦରେ ଆଙ୍କିଛନ୍ତି। ଖବର ବିଗ୍ ବି'ଙ୍କ ପାଖରେ ପହଞ୍ଚିବା ପରେ ସେ ଦିବ୍ୟାଙ୍ଗ ଆୟୁଷ କୁଣ୍ଡଲଙ୍କୁ ନିଜ ଘରକୁ ଡକାଇ ତାଙ୍କ ସହିତ ଅଧଘଣ୍ଟାଏ କାଳ ବିତାଇଛନ୍ତି। ଆୟୁଷଙ୍କ ପେଣ୍ଟିଂକୁ ୫୦ ହଜାର ଟଙ୍କାରେ ବିଗ୍ ବି କିଣିଛନ୍ତି। କୌନ୍ ବନେଗା କରୋଡ଼ପତି(କେବିସି) ହଟ୍ ସିଟ୍‌ରେ ବସିବା ପାଇଁ ଆୟୁଷ ଇଚ୍ଛାପ୍ରକାଶ କରିବାରୁ ଏନେଇ ବିଗ୍ ବି ନିଜର ସହମତି ପ୍ରକାଶ କରିଛନ୍ତି। କେବିସିର ସିଜନ୍-୧୨ରେ ଆୟୁଷ ଅତିଥି ହେବେ ବୋଲି ବିଗ୍ ବି କହିଛନ୍ତି। ଆୟୁଷଙ୍କ ଟୁଇଟ୍‌ରେ ନିଜ ଫଟୋ ଦେଖି ବିଗ୍ ବି ତାଙ୍କ ପିତା ପୀୟୁଷ କୁଣ୍ଡଲ ଏବଂ ମାତାଙ୍କୁ ମଧ୍ୟ ମୁମ୍ବାଇସ୍ଥିତ ଘରକୁ ନିଜ ଖର୍ଚ୍ଚରେ ଡକାଇଥିଲେ। ଫେବୃୟାରୀ ୩ରେ ସେ ଆୟୁଷଙ୍କ ସହିତ ସାକ୍ଷାତ୍ କରିଥିଲେ।



ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ୍ୟ ଅନ୍ୟମାନେ ବିଶ୍ୱାସ କରିବେ ନାହିଁ।
- ଆରିଷ୍ଟଟଲ୍



## ସଂକ୍ଷେପରେ

### ଦକ୍ଷିଣକାଳୀ ମନ୍ଦିରରୁ ଚୋରି



ସାକ୍ଷୀଗୋପାଳ, ୫।୨ (ସ୍ୱ.ପ୍ର./ଡି.ଏନ୍.ଏ.): ପୁରୀ ଜିଲା ସତ୍ୟବାଦୀ ଥାନା ବୀରଗୋବିନ୍ଦପୁର ଗ୍ରାମର ମା' ଦକ୍ଷିଣକାଳୀ ମନ୍ଦିରରୁ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ସୁନା, ରୁପା ଅଳଙ୍କାର ସହ ହୁଣ୍ଡିବାକ୍ସ ଲୁଟି ନେଇଛନ୍ତି। ଗ୍ରାମକୋଠ ସମ୍ପାଦକ ଶ୍ରୀନିବାସ ମିଶ୍ରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୩୭/୨୦)ରୁଜୁ କରିଛି। ଖବରପାଇ ପୁରୀ ଅତିରିକ୍ତ ଏସ୍ପି ପ୍ରତାପ କୁମାର ସ୍ୱାଇଁ ଓ ସତ୍ୟବାଦୀ ଥାନା ଆଇଆଇସି ଶକୁନ୍ତଳା ପତି ଫରେନସିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସୂଚନା ଅନୁଯାୟୀ, ବୁଧବାର ଭୋରରୁ ଗ୍ରାମର କେତେଜଣ ମହିଳା ପୋଖରୀକୁ ଯିବା ବେଳେ ମା'ଙ୍କ ପାଟଶାଢ଼ୀ ମନ୍ଦିର ନିକଟରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ମନ୍ଦିର ଗ୍ରୀଲ ଖୋଲାଥିବା ଦେଖି ଚୋରି ହୋଇଥିବା ସନ୍ଦେହରେ ଗ୍ରାମବାସୀଙ୍କୁ ଜଣାଇଥିଲେ। ମନ୍ଦିରରୁ ଚୋରି ହୋଇଥିବା ନେଇ ଗ୍ରାମବାସୀ ସତ୍ୟବାଦୀ ଥାନାକୁ ଜଣାଇଥିଲେ। ମନ୍ଦିର ପୂର୍ବପାର୍ଶ୍ୱ ଲୁହା ଗ୍ରୀଲର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଭିତରେ ପଶି ମା' ପିନ୍ଧିଥିବା ଦୁଇଟି ସୁନା ମଙ୍ଗଳସୂତ୍ର, ଦୁଇଟି ରୁପା ମୁକୁଟ, ମୁଣ୍ଡମାଳ ଓ ଗୋଟିଏ ଛତା ଆନୁମାନିକ ୧୦ ଲକ୍ଷ ଟଙ୍କାର ଅଳଙ୍କାର ସହ ହୁଣ୍ଡି ବାକ୍ସରେ ଥିବା ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଗ୍ରାମକୋଠ ସମ୍ପାଦକ ମିଶ୍ର ଥାନାରେ ଅଭିଯୋଗ କରିଥିଲେ। ସତ୍ୟବାଦୀ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ତଦନ୍ତ ଜାରି ରଖିଛି।

### କଲ୍ୟାଣ ପାଣ୍ଠି ବୃଦ୍ଧି କରାଯାଇଥିବାରୁ ଏଓଏଲ୍‌ଏର କୃତଜ୍ଞତା

ଭୁବନେଶ୍ୱର, ୫।୨(ବ୍ୟୁରୋ): ଆଇନଜୀବୀ କଲ୍ୟାଣ ପାଣ୍ଠିକୁ ରାଜ୍ୟ ସରକାର ୩ କୋଟିରୁ ୫ କୋଟିକୁ ବୃଦ୍ଧି କରିଛନ୍ତି। ଏନେଇ ନିଖିଳ ଓଡିଶା ଆଇଜୀବୀ ସଂଘ (ଏଓଏଲଏ) ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କୁ କୃତଜ୍ଞତା ଜଣାଇଛି। ଆଗାମୀ ଦିନରେ ଏହା ଆଇନଜୀବୀ ଓ ଛାତ୍ରୀଛାତ୍ରଙ୍କ ସାମୂହିକ ବିକାଶରେ ବିଶାଳ ପରିବର୍ତ୍ତନ ଆଣିବ ବୋଲି ସଂଘ ସଭାପତି ସଭାପତି ଜ୍ଞାନ ରଞ୍ଜନ ମହାନ୍ତି ଜଣାଇଛନ୍ତି।

# ଶ୍ରୀଲିଙ୍ଗରାଜ କ୍ଷେତ୍ର ପ୍ରତି ଚରମ ଅବହେଳା

## ପରିମଳ, ଟ୍ରାଫିକ୍, ଓ ପାର୍କିଂ ବିପର୍ଯ୍ୟସ୍ତ



ପୁରୁଣା ଭୁବନେଶ୍ୱର, ୫।୨ (ଡି.ଏନ.ଏ.)

ଶ୍ରୀଲିଙ୍ଗରାଜ କ୍ଷେତ୍ରର ବିକାଶ ଓ ସୌନ୍ଦର୍ଯ୍ୟକରଣ ନେଇ ବିଭିନ୍ନ ସ୍ଥାନରେ ଉଚ୍ଛେଦ ଯୋଗୁ ମନ୍ଦିର ସମ୍ମୁଖ ରାସ୍ତା ବନ୍ଦ କରାଯାଇଛି। ଏହି କାରଣରୁ ବିଏମ୍‌ସି ଡାକ୍ତରଖାନା ଓ ରକ୍ତଭଣ୍ଡାର ଉପରେ ନିର୍ଭର କରି ଆସୁଥିବା ଆଖପାଖ ଅଞ୍ଚଳର ବାସିନ୍ଦା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମନ୍ଦିର ଉତ୍ତର ଦ୍ୱାରା ନିକଟ ରଥଖଲା, ତଳବଜାର ଅଞ୍ଚଳରେ ଉଠା ଦୋକାନୀ ଓ ପରିବା ହାଟ ଯୋଗୁ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଯେଉଁଠାରେ ଯିଏ ପାରିଲା ନିଜ ପସରା ମେଲାଇ ବ୍ୟବସାୟ କରୁଛନ୍ତି। ସାଧାରଣ ରୋଗୀଟିଏ ବିଏମସି ଡାକ୍ତରଖାନା ଯିବାକୁ ହେଲେ ବାଧ ହୋଇ ୧ କିମି ଅଧିକ ବୁଲିବାକୁ ପଡୁଛି। ସେହିପରି ରାସ୍ତା ଉପରେ ଅବୈଧ ପାର୍କିଂ ଓ ବିବାହ, ବ୍ରତଘର ଅବସରରେ ବାଜା, ବାଣ ସହ ରୋଶଣି ଯୋଗୁ ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଟ୍ରାଫିକ୍ ସମସ୍ୟା ବଢ଼ି ଚାଲିଛି। ଏଭଳି ଅବହେଳା ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

### ଅସ୍ୱାସ୍ଥ୍ୟକର ପରିବେଶରେ ପର୍ଯ୍ୟଟକ

ପୂର୍ବରୁ ପର୍ଯ୍ୟଟକ ଶ୍ରଦ୍ଧାଳୁ ଓ ସେବାୟତଙ୍କ ସୁବିଧାକୁ ନଜରରେ ରଖି ସରକାରୀ ଓ ବେସରକାରୀ ସ୍ତରରେ ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖ ଭାଗରେ ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ସହ ଶୌଚାଳୟ ରହିଥିଲା। ସେହିପରି ଦକ୍ଷିଣ ଦ୍ୱାର ନିକଟରେ ଶୌଚାଳୟ ଓ ଭଜନ ମଣ୍ଡପ ନିକଟରେ ଏକ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲା। ମାତ୍ର ବିକାଶ କରିବାକୁ ଯାଇ ତରବରିଆ ଭାବେ ଉଚ୍ଛେଦ ଆଳରେ କୌଣସି ବିକଳ୍ପ ବ୍ୟବସ୍ଥା ନ କରି ଦୁଇଗୋଟି ଶୌଚାଳୟ ଓ ପାନୀୟ ଜଳ ପ୍ରକଳ୍ପ ଭାଙ୍ଗି ଦିଆଯାଇଛି। ହେଲେ ଦେବୀପାଦହରା ନିକଟରେ ଗୋଟିଏ ପୁରାତନ ମନ୍ଦିରକୁ ଲାଗି ରହିଥିବା ଶୌଚାଳୟଟିକୁ ଉଚ୍ଛେଦ କରାଯାଇନାହିଁ। ଏହା ବଦଳରେ ବିକଳ୍ପ ବ୍ୟବସ୍ଥା କରିବାକୁ ଯାଇ ମନ୍ଦିରଠାରୁ ପାଖାପାଖି ଅଧ କିମି ଦୂରରେ ଗୋଟିଏ ଭ୍ରାମ୍ୟମାଣ ଶୌଚାଳୟ ବ୍ୟବସ୍ଥା କରାଯାଇଛି। ଏଠାରେ ଦାୟିତ୍ୱରେ ଥିବା କର୍ମଚାରୀ ସଂଯୋଗ ଥିବା ପାଇପ୍ ଖସାଇ ଖୋଲା ଛାଡ଼ି ଦେଇଛନ୍ତି। ପାଣିର ଉପଯୁକ୍ତ ବ୍ୟବସ୍ଥା ନ ଥିବାରୁ ଲୋକେ ଏକାମ୍ରେଶ୍ୱର, ଦେବୀପାଦହରା ଓ ଭଜନ ମଣ୍ଡପ ଉଚ୍ଛେଦ ସ୍ଥଳ ସମେତ ଦକ୍ଷିଣ ଦ୍ୱାରା ହାଟ ଅଞ୍ଚଳକୁ ମୁକ୍ତ ଶୌଚାଳୟରେ ପରିଣତ କରିସାରିଲେଣି। ମନ୍ଦିର ବାହାରେ ପାଦ ପ୍ରକ୍ଷାଳନ ନେଇ କୌଣସି ବ୍ୟବସ୍ଥା ନ ରହିବା କାରଣରୁ ପର୍ଯ୍ୟଟକ ମଳ, ମୂତ୍ର ପାଦରେ ମାଡ଼ି ମନ୍ଦିର ମଧ୍ୟକୁ ପ୍ରବେଶ କରୁଛନ୍ତି।

### ବେଆଇନ ପାର୍କିଂ ଯୋଗୁ ଲୋକେ ହନ୍ତସନ୍ତ

ବିକାଶ, ସୌନ୍ଦର୍ଯ୍ୟକରଣ ବଦଳରେ ଅବ୍ୟବସ୍ଥା ଓ ପୂତିଗନ୍ଧମୟ, ଅସ୍ୱାସ୍ଥ୍ୟକର ପରିବେଶ ମିଳିବ ଏହା ବୋଧହୁଏ ପୁରୁଣା ଭୁବନେଶ୍ୱରବାସୀଙ୍କୁ ଜଣା ନ ଥିଲା। ପାର୍କିଂ ସୁବିଧାକୁ ପ୍ରାଥମିକତା ଦେବା ବଦଳରେ ଉଚ୍ଛେଦ ସ୍ଥଳଗୁଡିକରେ ଟାଇଲ ବିଛାଇ କୁଣ୍ଡରେ ବଡ ବଡ ଗଛ ରଖାଯାଇଛି। ଫଳରେ ଏହି ସ୍ଥାନଗୁଡିକ ଅବ୍ୟବହୃତ ଭାବେ ରଖାଯିବାରୁ ପାର୍କିଂ ପାଇଁ ସ୍ଥାନ ଅଭାବ ଦେଖାଦେଇଛି। ଏଣେ ନୂତନ ମାର୍କେଟ କମ୍ପ୍ଲେକ୍ସ ଅଞ୍ଚଳରେ ପାର୍କିଂ ବ୍ୟବସ୍ଥା ରହିଥିବାରୁ ଯାତ୍ରୀବାହୀ ବସଗୁଡିକ ଏହାକୁ ବସ ଟର୍ମିନାଲ ପରି ବ୍ୟବହାର କରୁଛନ୍ତି। ଏଥିଯୋଗୁ ଦିନବେଳା ୪ ଚକିଆ ଯାନବାହନ ବିଭିନ୍ନ ସ୍ଥାନରେ ବେଆଇନଭାବେ ରାସ୍ତା ଉପରେ ପାର୍କିଂ କରୁଛନ୍ତି। ବିଏମସି ପକ୍ଷରୁ ପାର୍କିଂ ଫି ଆଦାୟ କରିବା ଦାୟିତ୍ୱରେ ଥିବା କର୍ମଚାରୀ ଗାଡିଗୁଡିକରୁ ପାର୍କିଂ ସ୍ଥଳ ବ୍ୟତୀତ ଅନ୍ୟତ୍ର ରଖିବା ନେଇ ବାରଣ କରିବା ପରିବର୍ତ୍ତେ ଟିକେଟ୍ କାଟିବାରୁ ଏପରି ଅବ୍ୟବସ୍ଥା ଦେଖାଦେଉଛି।

### ପୁରୀ ଭଳି ପାର୍କିଂ ବ୍ୟବସ୍ଥା କରିବାକୁ ଦାବି

ପୁରୀଠାରେ ଟ୍ରାଫିକ ସମସ୍ୟାର ସମାଧାନ କରିବାକୁ ପ୍ରଶାସନ ପକ୍ଷରୁ ଯାତ୍ରୀବାହୀ ବସଗୁଡ଼ିକୁ ମାଳତିପାଟପୁରଠାରେ ରଖାଯାଉଛି। ସେହି ନୀତି ଅନୁଯାୟୀ, ଏକାମ୍ର କ୍ଷେତ୍ରରେ ଶ୍ରୀଲିଙ୍ଗରାଜଙ୍କ ଅନେକ ଜମି ଅବୈଧ ଦଖଲରୁ ମୁକ୍ତ କରାଯାଇ ବିକଳ୍ପ ବ୍ୟବସ୍ଥା ଆପଣେଇବାକୁ ଦାବି ହେଉଛି। ସାମନ୍ତରାପୁରଠାରେ ଶ୍ରୀଲିଙ୍ଗରାଜଙ୍କ ପାଖାପାଖି ୨୦ ଏକରରୁ ଊର୍ଦ୍ଧ୍ୱ ସମ୍ପତ୍ତି ଯାହାକି ସ୍ୱତ୍ୱ ଅନୁଯାୟୀ ସର୍ବସାଧାରଣ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ରହିଛି। ବିଭିନ୍ନ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦଖଲରେ ରହିଥିବା ଏହି ସମ୍ପତ୍ତି ଉଦ୍ଧାର କରାଯାଇ ମାଳତିପାଟପୁର ପରି ବ୍ୟବସ୍ଥା ଓ ଗ୍ୟାରେଜ ଛକଠାରୁ ରାସ୍ତା ପ୍ରଶସ୍ତୀକରଣ କରାଗଲେ ଅଧିକାଂଶ ସମସ୍ୟାର ସମାଧାନ ହୋଇପାରନ୍ତା। ଏଣୁ ବୁଦ୍ଧିଜୀବୀଙ୍କ ମତରେ ଏକାମ୍ର କ୍ଷେତ୍ରକୁ ଶ୍ରୀହୀନ ନ କରି ଦୂରଦୃଷ୍ଟି ସହ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରାଯିବା ଦରକାର।

# ଆର୍‌ଆଇ ଅଫିସ ଖାଲି ଯୋଗୁ ଲୋକେ ହନ୍ତସନ୍ତ

ପୁରୁଣା ଭୁବନେଶ୍ୱର,୫। ୨ (ଡି.ଏନ.ଏ.)

ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରୁ ଉଚ୍ଛେଦ ଓ ଜମି ଅଧିଗ୍ରହଣ ନେଇ ମାପଚୁପ ଚାଲିଛି। ଅନ୍ୟ ଅଧିକାରୀଙ୍କ ସହ ରାଜସ୍ୱ ନିରୀକ୍ଷକ ପ୍ରତ୍ୟକ୍ଷ ଭାବେ ଏଠାରେ ଉପସ୍ଥିତ ରହୁ ଥିବାରୁ ସାଧାରଣ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜମି ବାଡି କାଗଜପତ୍ରଠାରୁ ଆରମ୍ଭ କରି ଅନ୍ୟ ଛୋଟ ମୋଟ ଜରୁରୀ ଆୟ, ଜାତି, ଉତ୍ତରାଧିକାରୀ ପ୍ରମାଣ ପତ୍ର ଆଦି ପାଇବା ନେଇ ସମସ୍ୟା ଉପୁଜୁଛି। ଦୀର୍ଘଦିନ ହେବ ଉପରିସ୍ଥ ଅଧିକାରୀଙ୍କ ସହାୟତା କରିବାକୁ ଯାଇ ଅଧିକାଂଶ ସମୟ କର୍ମଚାରୀଙ୍କ ଦେଖାରେଖାରେ ପୁରା ଅଫିସ୍ ଖାଲି ରହୁଛି। ଏଣୁ ଆଖପାଖ ମୌଜାର ସାଧାରଣ ବାସିନ୍ଦାଙ୍କ ସୁବିଧା ନେଇ ବିକଳ୍ପ ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରୁ ଦାବି କରାଯାଉଛି।



କଳିଙ୍ଗ ନାଟ୍ୟ ମହୋତ୍ସବର ବୁଧବାର ସନ୍ଧ୍ୟାରେ ପରିବେଷିତ ନାଟକ 'ଅହଲ୍ୟାର ବାହାଘର'ର ଏକ ଦୃଶ୍ୟ।

# ମଞ୍ଚସ୍ଥ ହେଲା ନାଟକ 'ଅହଲ୍ୟାର ବାହାଘର'

## କଳିଙ୍ଗ ନାଟ୍ୟ ମହୋତ୍ସବର ୩ୟ ସନ୍ଧ୍ୟା

ଭୁବନେଶ୍ୱର,୫।୨(ବ୍ୟୁରୋ)

ନାଟ୍ୟାନୁଷ୍ଠାନ ଶତାବ୍ଦୀର କଳାକାର ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ୨୨ତମ କଳିଙ୍ଗ ନାଟ୍ୟ ମହୋତ୍ସବର ବୁଧବାର ଥିଲା ତୃତୀୟ ସନ୍ଧ୍ୟା। ଏହି ଅବସରରେ ନାଟ୍ୟାନୁଷ୍ଠାନ ଇଣ୍ଟରଫେସ୍ ପକ୍ଷରୁ ଓଡ଼ିଆ ନାଟକ 'ଅହଲ୍ୟାର ବାହାଘର' ମଞ୍ଚସ୍ଥ ହୋଇଥିଲା। ନାଟକର ନିର୍ଦ୍ଦେଶନା ଦେଇଥିଲେ ଡ. ଗୌରାଙ୍ଗ ରାଉତ। କାହାଣୀ ମୁତାବକ, ଅନାଥ ଅହଲ୍ୟା ଏକ ଜମିଦାର ପରିବାରରେ ପିଲାବେଳୁ ଘରୋଇ ସହାୟିକା ଭାବେ କାର୍ଯ୍ୟ କରୁଛି। ସକାଳୁ ରାତି ପର୍ଯ୍ୟନ୍ତ ଘରର ସମସ୍ତ ଦୈନନ୍ଦିନ କାର୍ଯ୍ୟ ସେ କରୁଥିଲା। ହେଲେ ତା' ମନରେ ବି ଥିଲା ଅସୁମାରୀ ସ୍ୱପ୍ନ, ଯାହାକୁ ଏହି ନାଟକରେ ମୁଖ୍ୟ ବିଷୟବସ୍ତୁ ଭାବେ ବର୍ଣ୍ଣନା କରାଯାଇଥିଲା। ନାଟକର ଶେଷ ଦୃଶ୍ୟ କାହାଣୀର ସୂକ୍ଷ୍ମ ସାରମର୍ମ ବହନ କରୁଥିବାବେଳେ ଅହଲ୍ୟା ମନର ଭାବନା, ଆଶା ଓ ଆକାଂକ୍ଷା ଇତ୍ୟାଦି ଏଥିରେ ଦର୍ଶାଯାଇଥିଲା। ନାଟକର ଉପସ୍ଥାପନା ଶୈଳୀ ସମସାମୟିକ ନାଟ୍ୟଚେତନାକୁ ନେଇ ଅତ୍ୟନ୍ତ ସରଳ, ବାସ୍ତବଧର୍ମୀ ହୋଇଥିଲା। ସନ୍ଧ୍ୟାରେ ଅତିଥିଭାବେ ପ୍ରାକ୍ତନ ପ୍ରଶାସକ ସୁଦର୍ଶନ ନାୟକ, ନାଟ୍ୟାନୁଷ୍ଠାନ ସମ୍ପାଦକ ଧୀର ମଲ୍ଲିକ, ସଭାପତି ଡ. ଗୌରହରି ଦାସ ଓ ରବିନାରାୟଣ ସେନାପତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଖବରଦାତା ସସ୍ମିତା ସାହୁ, ବସନ୍ତ ପରିଡ଼ା ଓ ସତ୍ୟରଞ୍ଜନ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା।

# ୩ ଦିନରେ ୧୦ ମଣ୍ଡପ ସିଲ୍, ୭୦ ହଜାର ଜରିମାନା

## ବିବାହ କାର୍ଯ୍ୟକ୍ରମ ଯୋଗୁ ପୁଣି ଅଟକିଲା ସିଲ୍ ପ୍ରକ୍ରିୟା

ଭୁବନେଶ୍ୱର, ୫।୨ (ବ୍ୟୁରୋ)

ବିନା ବିଲ୍ଡିଂ ପ୍ଲାନ୍ ଅନୁମୋଦନରେ କୋଠା ନିର୍ମାଣ, ବିନା ଟ୍ରେଡ୍ ଲାଇସେନ୍ସରେ ବ୍ୟବସାୟ, ହୋଲ୍ଡିଂ ଟିକସ ଫାଙ୍କି, ପାର୍କିଂ ସୁବିଧା ନ ଥିବା କଲ୍ୟାଣ ମଣ୍ଡପ ଓ ବିବାହ ମଣ୍ଡପକୁ ବିଏମ୍‌ସି ପକ୍ଷରୁ ସିଲ୍ ପ୍ରକ୍ରିୟା ଜାରି ରହିଛି। ବିଏମ୍‌ସି, ବିଡିଏ ଓ କମିଶନରେଟ ପୋଲିସ୍‌ର ମିଳିତ ଟିମ୍ ପକ୍ଷରୁ ସୋମବାର, ମଙ୍ଗଳବାର ଦୁଇ ଦିନରେ ୯ ମଣ୍ଡପ ସିଲ୍ କରାଯାଇଥିବାବେଳେ ବୁଧବାର କେବଳ ଗୋଟିଏ ବରମୁଣ୍ଡାରେ ଥିବା କନକ ବଙ୍କେଟ ହଲ ମଣ୍ଡପକୁ ସିଲ କରାଯାଇଛି। ତେବେ ୩ ମଣ୍ଡପ ଯଥା ପାଣ୍ଡରାର ରାଜାରାଣୀ ମଣ୍ଡପ, ଜିଜିପି କଲୋନୀର ମା' ତାରିଣୀ ମଣ୍ଡପ ଓ ମଞ୍ଜୁଳା ମଣ୍ଡପରେ ବିବାହ ଚାଲିଥିବାରୁ ସେଗୁଡିକୁ ସିଲ୍ କରାଯାଇ ପାରି ନ ଥିଲା। ଉକ୍ତ ମଣ୍ଡପଗୁଡିକ ଉପରେ ୭୦ ହଜାର ଟଙ୍କା ଜରିମାନା କରାଯାଇଛି। ଗୁରୁବାର ସିଲ୍ କରାଯିବ ବୋଲି ବିଏମ୍‌ସି ସୂଚନା ଦେଇଛି।

# ଉର୍ଦ୍ଦୁ-ଓଡ଼ିଆ, ଓଡ଼ିଆ-ଉର୍ଦ୍ଦୁ ଅନୁବାଦ ଉପରେ ଗୁରୁତ୍ୱ

## ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୫।୨(ବ୍ୟୁରୋ)

ଓଡ଼ିଆ ସାହିତ୍ୟକୁ ଉର୍ଦ୍ଦୁ ଭାଷାରେ ଏବଂ ଉର୍ଦ୍ଦୁ ସାହିତ୍ୟକୁ ଓଡ଼ିଆ ଭାଷାରେ ଅନୁବାଦ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ। ବୁଧବାର ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପାଣିଗ୍ରାହୀ ଏହା କହିଥିଲେ। ସେ କହିଥିଲେ ଯେ, ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ରାଜ୍ୟରେ ଉର୍ଦ୍ଦୁ ସାହିତ୍ୟର ପ୍ରଚାର ପ୍ରସାର ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଉର୍ଦ୍ଦୁ ସାହିତ୍ୟକୁ ପ୍ରୋତ୍ସାହନ ଦେବାକୁ ଏକାଡେମୀ ଛାତ୍ରବୃତ୍ତି ପ୍ରଦାନ କରି ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି ପାଣିଗ୍ରାହୀ କହିଛନ୍ତି।

ଏକାଡେମୀ ସଚିବ ଡ. ସୟଦ୍ ମୁଶିର ଆଲମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଡ. ମହମ୍ମଦ ଆୟୁବ ଏବଂ ଅବଦୁଲ ମତିନ ଜ୍ୟାମି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଯୁକ୍ତ୨, ଯୁକ୍ତ୩ ଏବଂ ସ୍ନାତକ ଶିକ୍ଷା ପାଇଁ ୪୬ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଯୁକ୍ତ୨ ପ୍ରଥମ ବର୍ଷର ୨୦ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ କରାଯିବା ସହ ଏକକାଳୀନ ୫ ହଜାର ଟଙ୍କା ଦିଆଯାଇଥିଲା। ସେହିଭଳି ଯୁକ୍ତ୩ର ୧୫ ଜଣଙ୍କୁ ବୃତ୍ତି ପ୍ରଦାନ କରାଯାଇଥିବା ବେଳେ ପ୍ରତ୍ୟେକଙ୍କୁ ଏକକାଳୀନ ୬ ହଜାର ଟଙ୍କା ଏବଂ ସ୍ନାତକ ପାଇଁ ୧୧ ଜଣଙ୍କୁ ୭ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ଡ. ମହମ୍ମଦ ଆୟୁବଙ୍କ ଓଡ଼ିଆ ସାହିତ୍ୟରେ ମୁସଲମାନମାନଙ୍କ ସାରସ୍ୱତ ସାଧନାର ଉର୍ଦ୍ଦୁ ଅନୁବାଦ ପୁସ୍ତକ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ତ୍ରିଭାଷୀ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୧ ଉର୍ଦ୍ଦୁ କବି, ୭ ଓଡ଼ିଆ କବି ଏବଂ ୩ ହିନ୍ଦୀ କବି ଯୋଗଦେଇ କବିତା ପାଠ କରିଥିଲେ।



ଅତିଥିମାନେ ଓଡ଼ିଆ ସାହିତ୍ୟରେ ମୁସଲମାନମାନଙ୍କ ସାରସ୍ୱତ ସାଧନାର ଉର୍ଦ୍ଦୁ ଅନୁବାଦ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଇଣ୍ଡିଆ ଗେଟ୍‌ରେ ପରିବେଶ ପାଇଁ ସଚେତନ କଲେ କପିଳ

## ସାଇକେଲରେ ନିମାପଡ଼ାରୁ ଦିଲ୍ଲୀ



କପିଳ ପ୍ରଧାନ

- ଏଥର ୨୫ ଦିନରେ ୨୫ଶହ କି.ମି. ଯାତ୍ରା
- ଗତବର୍ଷ ମଧ ସାଇକେଲରେ ଯାଇଥିଲେ

ଭୁବନେଶ୍ୱର, ୫।୨ (ବ୍ୟୁରୋ)

ପେଟ୍ରୋଲ, ଡିଜେଲ ଚାଳିତ ଗାଡ଼ିମୋଟରର ବ୍ୟାପକ ବ୍ୟବହାର ଯୋଗୁ ପରିବେଶ ପ୍ରଦୂଷଣ ବଢ଼ି ଚାଲିଛି। ବିଶେଷକରି ନୂଆଦିଲ୍ଲୀର ବାୟୁମଣ୍ଡଳରେ ଅମ୍ଳଜାନର ମାତ୍ରା ହ୍ରାସ ପାଇବା ସହ ଓଜୋନସ୍ତର ବଢ଼ିବାରେ ଲାଗିଛି। ପ୍ରଦୂଷଣ ବଳୟର ଅନ୍ଧକାରରେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି ଦିଲ୍ଲୀବାସୀ। ଏହାର ପ୍ରଭାବ ମଧ୍ୟ ଦେଶ ତଥା ବିଶ୍ୱ ପରିବେଶ ଉପରେ ପଡୁଛି। ଏହି ପରିସ୍ଥିତି ଓଡ଼ିଆ ପୁଅ କପିଳ ପ୍ରଧାନଙ୍କୁ ବ୍ୟଥିତ କରିଛି। ଗାଡ଼ି ଛାଡ଼ି ସାଇକେଲ ଚଲାନ୍ତୁ, ଗଛ ଲଗାଇ ପ୍ରଦୂଷଣରୁ ମୁକ୍ତି ପାଆନ୍ତୁ ଓ ସୁସ୍ଥ ପରିବେଶ ସୁସ୍ଥ ଜୀବନ ବିତାଇବା ପାଇଁ ଓଡ଼ିଶାରୁ ଦିଲ୍ଲୀ ପର୍ଯ୍ୟନ୍ତ ସଚେତନତା ବାର୍ତ୍ତା ଦେଇଛନ୍ତି କପିଳ। ସେ ସାଇକେଲରେ ୨୫ ଦିନ ଧରି ୬ ରାଜ୍ୟର ୨୫ଶହ କିମି ଅତିକ୍ରମ କରି ଦିଲ୍ଲୀରେ ପହଞ୍ଚିବା ପରେ ୫ଦିନ ଧରି ଇଣ୍ଡିଆ ଗେଟ୍‌ରେ ଲୋକଙ୍କୁ ସଚେତନ କରି ଫେରିଛନ୍ତି। ଗାଡ଼ି ଛାଡ଼ି ସାଇକେଲ ଚଲାନ୍ତୁ, ଗଛ ଲଗାଇ ପ୍ରଦୂଷଣରୁ ମୁକ୍ତି ପାଆନ୍ତୁ, ସୁସ୍ଥ ପରିବେଶ ସୁସ୍ଥ ଜୀବନ ବିତାଇବାକୁ ଲୋକଙ୍କୁ ବୁଝାଉଛନ୍ତି କପିଳ।

### ସାଇକେଲ ଟ୍ରାକ୍ କରିବାକୁ ଦାବି କଲେ

କପିଳ ଦିଲ୍ଲୀରେ ସାଇକେଲ ଟ୍ରାକ୍ କରିବାକୁ ଦାବି ଉଠାଇଛନ୍ତି। ସେ କହିଛନ୍ତି, ଦିଲ୍ଲୀ ରାସ୍ତାରେ ସାଇକେଲ ଟ୍ରାକ୍ ଦେଖିବାକୁ ମିଳୁନି। ଦିଲ୍ଲୀ ସରକାର ବହୁ ଲୋକାଭିମୁଖୀ ଯୋଜନା ହାତକୁ ନେଉଥିଲେ ମଧ୍ୟ ସବୁ ରାସ୍ତାକୁ ଲାଗି ସାଇକେଲ ଟ୍ରାକ୍ ଓ ଫୁଟ୍‌ପାଥ (ପାଦଚଲା ରାସ୍ତା) କରିବା ପାଇଁ ସେ ଗୁରୁତ୍ୱ ଦେଇଛନ୍ତି। ଏନେଇ କପିଳ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ଓ ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କୁ ଭେଟି ଆଲୋଚନା କରିଛନ୍ତି। ଉଭୟ ଏମ୍‌ପି ଆଗାମୀ ଦିନରେ କପିଳଙ୍କ ଦାବିକୁ ସଂସଦରେ ଉପସ୍ଥାପନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି।

### ଭିନ୍ନ ଚିନ୍ତାଧାରା, ନିଆରା ପ୍ରୟାସ

କପିଳଙ୍କ ଘର ପୁରୀ ଜିଲା ନିମାପଡ଼ାର ନିନିଗାଁରେ। ସେ ଜାନୁଆରୀ ୨ରୁ ଯାତ୍ରା ଆରମ୍ଭ କରି ଜାନୁୟାରୀ ୨୭ରେ ଇଣ୍ଡିଆ ଗେଟ୍ ନିକଟରେ ଶେଷ କରିଥିଲେ। ସେ କୁହନ୍ତି, ଦିନକୁ ପ୍ରାୟ ୧୧ ଘଣ୍ଟା ସାଇକେଲ ଚଲାଇ ୧୦୦ କି.ମି. ରାସ୍ତା ଅତିକ୍ରମ କରୁଥିଲେ। ଯିବା ବାଟରେ ଲୋକଙ୍କୁ ସଚେତନ କରିଥିଲେ। ପାଖାପାଖି ୧୦୮ ଥାନାରେ ପହଞ୍ଚି ଅଭିଯାନ ସମ୍ପର୍କରେ ଅବଗତ କରିଥିଲେ। ସମସ୍ତ ଥାନା ଅଧିକାରୀଙ୍କ ସାହାଯ୍ୟ ଓ ନିଜର ଦୃଢ଼ ମନୋବଳ ପାଇଁ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିଛନ୍ତି ବୋଲି ସେ କହିଛନ୍ତି। ତେବେ ତାଙ୍କର ଏଭଳି ଭିନ୍ନ ଚିନ୍ତାଧାରା ଓ ନିଆରା ପ୍ରୟାସକୁ ନିଜ ଗାଁଠାରୁ ଆରମ୍ଭ କରି ଦିଲ୍ଲୀ ପର୍ଯ୍ୟନ୍ତ ଲୋକେ ପ୍ରଶଂସା କରିଛନ୍ତି। ଏହା ପୂର୍ବରୁ କପିଳ ୨୦୧୮ରେ ମଧ୍ୟ ସାଇକେଲରେ ଦିଲ୍ଲୀ ଗସ୍ତ କରିଥିଲେ। ଗତଥର ସେ ଓଡ଼ିଶାରୁ ଝାଡଖଣ୍ଡ ପରେ ବିହାର ଓ ଉତ୍ତର ପ୍ରଦେଶ ହୋଇ ୧୪ଦିନରେ ଦିଲ୍ଲୀରେ ପହଞ୍ଚିଥିଲେ। ଚଳିତଥର ସେ ଓଡ଼ିଶାରୁ ଛତିଶଗଡ଼, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଭୋପାଳ, ଉତ୍ତର ପ୍ରଦେଶ ଓ ହରିଆଣା ଦେଇ ୨୫ଦିନରେ ଦିଲ୍ଲୀରେ ପହଞ୍ଚିଥିଲେ ବୋଲି ସେ ପ୍ରକାଶ କରିଛନ୍ତି।

# ଫିଟ୍‌ନେସ୍ ପାଇଁ ସିରିୟସ୍




**ଫିଟ୍‌ନେସ୍**

ବାବୁସାନ ମହାନ୍ତି। ଓଡ଼ିଆ ସିନେ ଜଗତର ଜଣେ ଆଗଧାଡ଼ିର ଅଭିନେତା। କେବଳ ଜଣେ ଅଭିନେତା ନୁହେଁ ଜଣେ ଭଲ ଗାୟକ ମଧ୍ୟ। ନିଜର ଅଭିନୀତ ଅନେକ ଚଳଚ୍ଚିତ୍ରରେ ସେ କଣ୍ଠଦାନ କରିଛନ୍ତି, ଯାହା ସବୁ ଶ୍ରୋତାଙ୍କ ହୃଦୟକୁ ଛୁଇଁଛି। ତାଙ୍କ ଅଭିନୟ ଯେତିକି ଦମ୍‌ଦାର ତାଙ୍କ ଗାୟନ ମଧ୍ୟ ସେତିକି ସୁମଧୁର। ହର ପଟ୍ଟନାୟକଙ୍କ ନିର୍ଦ୍ଦେଶିତ 'ରୋମିଓ ଦି ଲଭର ବଏ' ଫିଲ୍ମରୁ ତାଙ୍କର ଓଡ଼ିଆ ଚଳଚ୍ଚିତ୍ରର ଯାତ୍ରା ଆରମ୍ଭ ହୋଇଥିଲା।

ଏଯାବତ୍ ବାବୁସାନ ୩୫ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିଥିବାବେଳେ ୩୦ରୁ ଊର୍ଦ୍ଧ୍ୱ ଗୀତରେ କଣ୍ଠଦାନ କରିଛନ୍ତି। ପୂର୍ବରୁ ନିଜ ଫିଟ୍‌ନେସ୍ ପ୍ରତି ଗୁରୁତ୍ୱ ଦେଉ ନ ଥିବା ବାବୁସାନ ଏବେ ପୂରା ବଦଳିଯାଇଛନ୍ତି। ହଟ୍ ଲୁକ୍‌ରେ କିପରି ଦର୍ଶକଙ୍କ ମନ ଜିଣିବେ ସେଥିପାଇଁ ସେ ଗତ ଦେଢ଼ ବର୍ଷ ହେବ ନିଜକୁ ପ୍ରସ୍ତୁତ କରୁଛନ୍ତି। ପ୍ରତିଦିନ ଜିମ୍ ଯିବା ସହିତ ଯୋଗ ମଧ୍ୟ କରୁଛନ୍ତି। ଜିମ୍ ଯିବା ପରେ ତାଙ୍କର ବହୁ ପରିବର୍ତ୍ତନ ହୋଇଛି ବୋଲି ବାବୁସାନ କୁହନ୍ତି। ସେ କହିଛନ୍ତି ଯେ, ପୂର୍ବରୁ ବହୁତ ଅଳସୁଆ ହୋଇଯାଇଥିଲି। ନିଜକୁ ଠକି ଦେଉଥିଲି। କିନ୍ତୁ ଏବେ ସିରିୟସ ହୋଇଯାଇଛି। ଜିମ୍ ଯିବା ପରେ ଏକ ଅଲଗା ପ୍ରକାରର ଦୁନିଆରେ ଥିଲା ଭଳି ଲାଗୁଛି। ଫିଟନେସ ଲାଗି ୱର୍କଆଉଟ୍ କରିବା ଜରୁରୀ ବୋଲି ଭାବି ଜିମ୍‌କୁ ଆସିଲି। ଜିମ୍‌ରେ ବିଭିନ୍ନ ପ୍ରକାର ଏକ୍ସରସାଇଜ୍ କରିବା ଦ୍ୱାରା ପଜିଟିଭ୍ ଆଟିଚ୍ୟୁଡ୍ ହୋଇଯାଇଛି। ଅଯଥା କଥାରୁ ଦୂରେଇ ରହୁଛି। ତେଣୁ ମୁଁ ଭାବୁଛି କେବଳ ଜଣେ ଷ୍ଟାର ନୁହେଁ, ଫିଟ୍ ରହିବା ଉପରେ ସମସ୍ତେ ଗୁରୁତ୍ୱ ଦେବା ଦରକାର। ଫିଟନେସ୍ ମଣିଷକୁ ଶାନ୍ତ ଓ ସକାରାତ୍ମକ ବ୍ୟକ୍ତିତ୍ୱ ଭାବେ ଗଢ଼ିତୋଳେ ବୋଲି କୁହନ୍ତି ବାବୁସାନ।

## ନିଜ କଥା

**ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ରା**



ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ରା। ୨୦୧୪ ବ୍ୟାଚ୍ ଓଡ଼ିଶା କ୍ୟାଡରର ଆଇପିଏସ୍ ଅଫିସର। ଉତ୍ତରପ୍ରଦେଶର ଆମେଠିର ଜଙ୍ଗଲଟୋକ୍ରୀ ଗ୍ରାମର ସୌମ୍ୟା ଭାରତୀୟ ପୋଲିସ ପ୍ରଶାସନିକ ସେବାର ଜଣେ ସୁଦକ୍ଷା ପ୍ରଶାସିକା। ସୁନ୍ଦରଗଡ଼ ପୋଲିସ ଜିଲାର ଏସ୍‌ପି ଭାବେ ଦାୟିତ୍ୱ ନିର୍ବାହ କରୁଥିବା ସୌମ୍ୟା ଏଥର ନିଜକଥା ସ୍ତମ୍ଭରେ ...।

# ପଖାଳ ଖାଇବା ଅଭ୍ୟାସରେ ପଡ଼ିଯାଇଥିଲି

**କେଉଁଠି ଆରମ୍ଭ ହୋଇଥିଲା ଆପଣଙ୍କ ପାଠପଢ଼ା?**

ଲକ୍ଷ୍ନୌ ଲରୋଟୋ କନ୍‌ଭେଣ୍ଟ ସ୍କୁଲରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ପରେ ଦିଲ୍ଲୀର ଲେଡିଶ୍ରୀରାମ କଲେଜରେ ସୋସିଓଲୋଜି ଅନର୍ସରେ ଗ୍ରାଜୁଏଶନ ଓ ପୋଷ୍ଟ ଗ୍ରାଜୁଏଶନ କରିଛି। ଜେଆର୍‌ଏଫ୍ ଓ ନେଟ୍ କ୍ୱାଲିଫାଏ କରିବା ପରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନ ସିମ୍ବୋସିସ ଲ କଲେଜରେ ଅଧ୍ୟାପନା କରି ୟୁପିଏସ୍‌ସି ପରୀକ୍ଷା ଦେଇଥିଲି। ୨୦୧୪ ଡିସେମ୍ବର ୨୨ରେ ୟୁପିଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ପ୍ରଥମେ ୟୁପି କ୍ୟାଡର ଓ ପରବର୍ତ୍ତୀ ସମୟରେ ଓଡ଼ିଶା କ୍ୟାଡରରେ ଯୋଗ ଦେଇଥିଲି।

**ପୋଲିସ ସେବାରେ ଯୋଗଦେବା ପାଇଁ କାହିଁକି ଇଚ୍ଛା ପ୍ରକାଶ କଲେ ?**

ଆଜିର ସମୟରେ ଜଣେ ଝିଅ ପୋଲିସ ସେବାରେ ଯୋଗଦେବା ସମାଜକୁ ନାରୀ ସଶକ୍ତୀକରଣର ବାର୍ତ୍ତା ଦେଇଥାଏ। ଯେତେବେଳେ ଜଣେ ବିପଦର ସମ୍ମୁଖୀନ ହୁଏ ସେ ନିଶ୍ଚିତ ଭାବେ ପୋଲିସ ଉପରେ ଆସ୍ଥା ପ୍ରକଟ କରେ। ତେଣୁ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ସାମାଜିକ ଦାୟିତ୍ୱବୋଧ ନିର୍ବାହ କରିବାର ପର୍ଯ୍ୟାପ୍ତ ସୁଯୋଗ ପୋଲିସ ସେବାରେ ରହିଛି। ସେହି ଦକ୍ଷତାକୁ ସଫଳ କରିବା ପାଇଁ ମୁଁ ପୋଲିସ ସେବାକୁ ଆପଣେଇ ନେଇଛି।

**ଆପଣ କେଉଁ କ୍ଷେତ୍ରରେ ରୁଚି ରଖନ୍ତି?**

ପଢିବା ଓ ସଙ୍ଗୀତ ଶୁଣିବା ପ୍ରତି ମୋର ରୁଚି ରହିଛି। ବିଶେଷ ଭାବେ ଗଳ୍ପ ,ଉପନ୍ୟାସ ପଢିବାକୁ ଭଲପାଏ। ସ୍କୁଲ ଛାତ୍ରୀଜୀବନରୁ ଥିଏଟର ପ୍ରତି ମୋର ଦୁର୍ବଳତା ରହିଛି। ଦିଲ୍ଲୀରେ ପଢୁଥିବା ବେଳେ ଆମର ଏକ ଥିଏଟର ଗ୍ରୁପ ଥିଲା। ବିଶେଷକରି ନାରୀ ନିର୍ଯାତନା ବିରୋଧରେ ସ୍ୱର ଉତ୍ତୋଳନ ସକାଶେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସାମାଜିକ ସଚେତନତା ସୃଷ୍ଟି କରିଥିଲୁ।

**ପ୍ରଥମେ ଚାକିରି ଜୀବନ କେଉଁଠାରୁ ଆରମ୍ଭ କରିଥିଲେ?**

ହାଇଦ୍ରାବାଦଠାରେ ପ୍ରଶିକ୍ଷଣ ଗ୍ରହଣ ପରେ ଓଡ଼ିଶାର କେଉଁଝର ଜିଲାରେ ୬ମାସ ପ୍ରୋବେସନରେ କାର୍ଯ୍ୟକରିବା ପରେ କିଛିଦିନ ପାଇଁ କୋରାପୁଟକୁ ଟ୍ରେନିଂରେ ଯାଇଥିଲି। ଏହାପରେ ରାଉରକେଲା ପାନପୋଷ ଏସ୍‌ଡିପିଓ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲି। ୨୦୧୮ ମାର୍ଚ୍ଚ ୨୬ରେ ସୁନ୍ଦରଗଡ଼ ଏସ୍‌ପି ଭାବେ କାର୍ଯ୍ୟରେ ଯୋଗ ଦେଇଥିଲି।

**ଓଡ଼ିଶା କେମିତି ଲାଗୁଛି ?**

ଓଡ଼ିଶାର ପ୍ରକୃତି ପରିବେଶ,କଳା ସଂସ୍କୃତି ମୋତେ ଆକର୍ଷିତ କରିଛି। ଓଡ଼ିଶାର ହସ୍ତଶିଳ୍ପ, ହସ୍ତତନ୍ତକୁ ମୁଁ ଖୁବ୍ ଭଲପାଏ। ମୋ ପାଖରେ ଓଡ଼ିଶା ହସ୍ତକଳାର ବହୁ ସାମଗ୍ରୀ ରହିଛି। ସୁନ୍ଦରଗଡ଼ର ଶାନ୍ତ ସରଳ ଅଧିବାସୀଙ୍କ ସହଯୋଗ ମତେ ମିଳିପାରିଛି।

**କ'ଣ ଖାଇବାକୁ ଭଲଲଗେ ?**

ଏମିତିରେ ତ ମୁଁ ଶୁଦ୍ଧ ଶାକାହାରୀ। ଭାତ, ଡାଲି, ତରକାରି ଆଦି ସବୁପ୍ରକାର ସାଧାରଣ ଖାଦ୍ୟ ଖାଇଥାଏ। କେଉଁଝରରେ ଥିବା ବେଳେ ପଖାଳ ଖାଇବା ଅଭ୍ୟାସରେ ପଡିଯାଇଥିଲା। ସୁନ୍ଦରଗଡ଼ରେ ଚକୁଳି ପିଠା ମୋର ବେଶ୍ ପସନ୍ଦ।

**କାହାକୁ ଆଦର୍ଶ ବୋଲି ଭାବନ୍ତି ?**

ବିଶେଷ ଭାବେ ମୋ ଦାଦିମା (ଜେଜେମା) ଓ ମାଆଙ୍କ ଆଦର୍ଶରେ ମୁଁ ଅନୁପ୍ରାଣିତ। ସେମାନଙ୍କ ସହନଶୀଳତା ଓ ଉତ୍ତମ ବ୍ୟବହାର ମୋ ଜୀବନରେ ଗୁରୁତ୍ୱ ଦେଇ ଆଗକୁ ବଢିଚାଲିଛି। ମୋ ବାପା ଆକାଉଣ୍ଟସ ଅଡିଟର ଥିଲେ। ଆମେ ଦୁଇ ଭାଇ ଭଉଣୀ। ୨୦୧୫ରେ ଆମ ଟ୍ରେନିଂ ବ୍ୟାଚର ପଞ୍ଜାବ କ୍ୟାଡର ଆଇପିଏସ୍ ଅଫିସର ଦୀପକ ପାରିକ୍‌ଙ୍କ ସହିତ ମୋର ବିବାହ ହୋଇଥିଲା। ସେ ବର୍ତ୍ତମାନ ପଞ୍ଜାବ ଲୁଧିଆନାର ଡିସିପି ଭାବେ କାର୍ଯ୍ୟରତ। ଆମର ଉଭୟଙ୍କ କାର୍ଯ୍ୟ ପ୍ରତି ପରସ୍ପରର ସମ୍ମାନ ରହିଛି।

**ଆଜିର ଯୁବ ସମାଜକୁ କି ବାର୍ତ୍ତା ଦେବେ ?**

ଯୁବପିଢ଼ି ନିଜ ମଧ୍ୟରେ ଦୃଢ଼ ଆତ୍ମବିଶ୍ୱାସ ରଖି ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେବା ଆବଶ୍ୟକ।

– ଜୟନାରାୟଣ ମେଣ୍ଡୁଲୀ

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ପାର୍ଥସାରଥି



ଲକି



ସରିତା



ସତ୍ୟଜିତ



ଦେବାଶିଷ




ରଞ୍ଜନ



ଅଭୟ



ଦିଲୀପ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

# ଆ-ଲା କ୍ୟୁବ୍

**॥ ଖାଦ୍ୟ ରୁଚି ॥**

ଗ୍ରାହକମାନଙ୍କୁ ସମ୍ପୂର୍ଣ୍ଣ ନିରାମିଷ ସୁସ୍ୱାଦୁ ବ୍ୟଞ୍ଜନ ପରଷିବା ଲକ୍ଷ୍ୟ ନେଇ ସମ୍ବଲପୁର ଏସ୍‌ଆର୍‌ଆଇଟି କଲୋନୀଠାରେ ଅତ୍ୟାଧୁନିକ କେଏଫ୍‌ଜି ରେସ୍ତୋରାଁ ଶୁଭାରମ୍ଭ ହୋଇଛି। ଏଠାରେ ମୁଖ୍ୟତଃ ଅଥେଣ୍ଟିକ୍ ସାଉଥ ଇଣ୍ଡିଆନ, ଇଣ୍ଡିଆନ, କଣ୍ଟିନେଣ୍ଟାଲ, ତନ୍ଦୁରି, ଚାଇନିଜ୍, ଏକ୍ସକ୍ଲୁସିଭ୍ ଚାଟ୍, ଫେସିନେଟେଡ୍ ମକ୍‌ଟେଲ୍ ପ୍ରଭୃତି ବ୍ରେକଫାଷ୍ଟରୁ ଆରମ୍ଭ କରି ଡିନର୍ ପର୍ଯ୍ୟନ୍ତ ସମସ୍ତ ପ୍ରକାର ଖାଦ୍ୟ ପ୍ରସ୍ତୁତ ହେଉଛି। କିନ୍ତୁ ଏହି ରେସ୍ତୋରାଁର ଆ-ଲା କ୍ୟୁବ୍ ଡିଶ୍ ପୂରା ନିଆରା। ଗୋଟିଏ ପ୍ଲେଟର ମୂଲ୍ୟ ୨୦୦ ଟଙ୍କା। ୨ଜଣ ଗ୍ରାହକ ଆ-ଲା କ୍ୟୁବ୍‌କୁ ଷ୍ଟାର୍ଟର୍‌ରେ ଖାଇପାରିବେ ବୋଲି କହନ୍ତି ମୁଖ୍ୟ ସେଫ୍ ଫିରୋଜ ଖାନ୍।



### ଆବଶ୍ୟକ ସାମଗ୍ରୀ

ବ୍ରେଡ୍- ୨ ପିସ୍
ପାଲଙ୍ଗ- ୩୦୦ ଗ୍ରାମ
ବ୍ରେଡ୍ କ୍ରମ୍ବ- ୨୦୦ ଗ୍ରାମ
ଆଳୁ – ୧୦୦ ଗ୍ରାମ
ଅରିଗାନୋ- ୩ ଗ୍ରାମ
ଚିଲି ଫ୍ଲେକ୍ସ- ୩ ଗ୍ରାମ
ଗ୍ରିନ ମଟର୍- ୧୦ ଗ୍ରାମ
ରେଡ ସସ୍ – ୧୦ ଗ୍ରାମ
ହ୍ୱାଇଟ୍ ସସ୍- ୧୦ ଗ୍ରାମ
ତେଲ- ୧୦୦ ଗ୍ରାମ
ଲୁଣ- ସ୍ୱାଦ ଅନୁସାରେ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ସ୍ୱଚ୍ଛ ପାତ୍ରରେ ପାଣି ରଖାଯାଏ। ପାଣିରେ ବ୍ରେଡ୍‌କୁ ଭିଜାଯାଏ। ଏହାପରେ ବ୍ରେଡ, ଆଳୁ, ବ୍ରେଡକ୍ରମ୍ବକୁ ମିଶାଯାଇ ଦୁଇଭାଗରେ ବିଭକ୍ତ କରି ଗୋଲାକାର କରାଯାଏ। ଅଳ୍ପ ଆଞ୍ଚ ଉପରେ ଫ୍ରାଏପେନ୍ ରଖାଯାଇ ୧୦୦ ଗ୍ରାମ ତେଲ ଦିଆଯାଇଥାଏ। ତେଲ ଗରମ ହେବା ପରେ ଗୋଲାକାର ହୋଇ ପ୍ରସ୍ତୁତ ହୋଇଥିବା ବ୍ରେଡ୍, ଆଳୁ, ବ୍ରେଡକ୍ରମ୍ବକୁ କୋଟ କରି ଡିପ୍ ଫ୍ରାଏ କରାଯାଏ। ଡିପ୍ ଫ୍ରାଏ ପରେ ପାଳଙ୍ଗ ସସ୍ ଦିଆଯାଏ। ପାଳଙ୍ଗ ସସ୍ ଉପରେ ରେଡ ଓ ହ୍ୱାଇଟ୍ ସସ୍ ଦିଆଯାଇଥାଏ। ୨୦ ମିନିଟ ପରେ ଆ-ଲା କ୍ୟୁବ୍ ପ୍ରସ୍ତୁତ ହୋଇଥାଏ। ସୁସଜ୍ଜିତ ପ୍ଲେଟରେ ଆ-ଲା କ୍ୟୁବ୍ ରଖାଯାଇ ଗାର୍ନିସ୍ କରି ଗ୍ରାହକମାନଙ୍କୁ ପରଷା ଯାଇଥାଏ। ଏହି ଆ-ଲା କ୍ୟୁବ୍ ସଂପୂର୍ଣ୍ଣ ନିରାମିଷ। କିନ୍ତୁ ଗ୍ରାହକମାନେ ହଠାତ୍ ଦେଖିଲେ ଏହାକୁ ଆମିଷ ଭାବିଥାନ୍ତି। ଯଦ୍ୱାରା ଏହା ନିରାମିଷ ଗ୍ରାହକମାନଙ୍କ ହୃଦୟକୁ ଛୁଇଁ ପାରିଛି।



ରିପୋର୍ଟ: ବି. ଶଙ୍କର    ସେଫ: ଫିରୋଜ ଖାନ୍

**ବରିଷ୍ଠ ନାଗରିକଙ୍କ ଯତ୍ନ ନେବ ଏନ୍‌ଜିଓ**

ଘରେ ଏକୁଟିଆ ରହୁଥିବା ବରିଷ୍ଠ ନାଗରିକମାନଙ୍କ ଯତ୍ନ ନେବା ପାଇଁ ଏନ୍‌ଜିଓମାନଙ୍କୁ ନିୟୋଜିତ କରାଯିବ। ସରକାର ଏଭଳି ଏକ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଥିବା ବୁଧବାର ପାର୍ଲାମେଣ୍ଟରେ କହିଛନ୍ତି। ଡେ କେୟାର ସେଣ୍ଟର ଖୋଲିବା ଲାଗି ସରକାର ଆଇନ ଆଣିବାକୁ ଯାଉଛନ୍ତି ବୋଲି ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରୀ ଥାୱର ଚାନ୍ଦ ଗେହଲଟ କହିଛନ୍ତି।

# ପାର୍ଲାମେଣ୍ଟରେ ସିଏଏ ଝଡ଼

ନୂଆଦିଲ୍ଲୀ,୫।୨(ପି.ଟି.)

କେନ୍ଦ୍ର ସରକାରଙ୍କ ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ନେଇ ବୁଧବାର ପାର୍ଲାମେଣ୍ଟର ଉଭୟ ଗୃହରେ ଝଡ଼ ସୃଷ୍ଟି ହୋଇଛି। ଲୋକ ସଭାରେ ପ୍ରଶ୍ନକାଳରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ସିଏଏକୁ ନେଇ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେହିପରି ରାଜ୍ୟ ସଭାରେ ମଧ୍ୟ ବିରୋଧୀ ଦଳ ନେତାମାନେ ଦେଶର ସମ୍ବିଧାନ ବିପଦରେ ଅଛି ବୋଲି କହିବା ସହ ସିଏଏ ବିରୋଧୀ ବିକ୍ଷୋଭକୁ ସମର୍ଥନ କରିଛନ୍ତି।

ଲୋକ ସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ନେଇ ଧନ୍ୟବାଦ ପ୍ରସ୍ତାବ ଆଗତ ବେଳେ ବିତର୍କରେ ଭାଗନେଇ କଂଗ୍ରେସ ନେତା ଅଧୀର ରଞ୍ଜନ କହିଛନ୍ତି, ସିଏଏ ଏବଂ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଏକ ଷଡ଼ଯନ୍ତ୍ର, ଯାହାକୁ ଲୋକେ ଭଣ୍ଡୁର କରିଦେଇଛନ୍ତି। ଆମ ଲୋକମାନେ ତୁମଠାରୁ ସମ୍ବିଧାନକୁ ବଞ୍ଚାଇବା ପାଇଁ ପଦାକୁ ବାହାରୁଛନ୍ତି। ସବୁ ବର୍ଗର ଲୋକ ଏକାଠି ହୋଇ ଏହା ବିରୋଧରେ ଆନ୍ଦୋଳନ ଚଳାଇଛନ୍ତି। ଭାଜପା ପଛଘୁଞ୍ଚା ଦେଇଥିବାରୁ ଏହା ଗଣତନ୍ତ୍ରର ବିଜୟ। ସରକାର ଭାରତକୁ ଦୁର୍ବଳ କରିପାରିବେ ନାହିଁ। ଆମେ ସମସ୍ତେ ଏକାଠି ହୋଇ ଏହି ଦେଶକୁ ଗଢ଼ିଛୁ। ବହୁଳବାଦ ହେଉଛି ଦେଶର ହୃତ୍‌ସ୍ପନ୍ଦନ। ଏହାକୁ ଆମେ ସୁରକ୍ଷା ଦେବା ଉଚିତ ବୋଲି ଅଧୀର କହିଥିଲେ। ସେହିପରି ରାଜ୍ୟ ସଭାରେ ମଧ୍ୟ ଏହି ପ୍ରସଙ୍ଗ ଉଠିଥିଲା। ଭାଜପା ଦେଶର ସାମାଜିକ ସମୀକରଣକୁ ଧ୍ୱଂସ କରିବା ପାଇଁ ଉଦ୍ୟମ କରୁଥିବାରୁ ସମ୍ବିଧାନ ପ୍ରତି ବିପଦ ସୃଷ୍ଟି ହୋଇଛି ବୋଲି ବିରୋଧୀ ଅଭିଯୋଗ ଆଣିଥିଲେ। ଅଗଷ୍ଟ ୫ରେ କେନ୍ଦ୍ର ସରକାର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିବା ପରଠୁ ଏନ୍‌ସି ନେତା ଫାରୁକ୍ ଅବ୍‌ଦୁଲ୍ଲାଙ୍କୁ ଗୃହବନ୍ଦୀ କରି ରଖାଯାଇଛି। ଏହା ପଛରେ ସରକାରଙ୍କ କି ଉଦ୍ଦେଶ୍ୟ ଅଛି ବୋଲି ଏନ୍‌ସିପି, ଡିଏମ୍‌କେ, ଟିଡିପି ଏବଂ ଆର୍‌ଜେଡି ସଦସ୍ୟମାନେ ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ଜମ୍ମୁ-କଶ୍ମୀରର ରାଜ୍ୟ ମାନ୍ୟତା ପ୍ରତ୍ୟାହାର ଓ ନୂଆ ନାଗରିକତ୍ୱ ଆଇନ ଆଣିବା ପଦକ୍ଷେପ ଦେଶ ଓ ଗଣତନ୍ତ୍ରକୁ ମଜଭୁତ କରିଛି ବୋଲି ଭାଜପା ପକ୍ଷରୁ ଜବାବ ଦିଆଯାଇଥିଲା। ଏହାସହ ଶାହିନବାଗ ବିକ୍ଷୋଭକୁ ବିରୋଧୀ ଦଳଗୁଡ଼ିକ ସମର୍ଥନ କରୁଥିବାରୁ ଭାଜପା ଏହାର ଦୃଢ଼ନିନ୍ଦା କରିଥିଲା। ସବ୍‌କା ସାଥ୍, ସବ୍‌କା ବିକାଶରେ ବିଶ୍ୱାସୀ ଭାଜପା ସରକାର ଦେଶର ସାମାଜିକ ସହବସ୍ଥାନକୁ ସୁନିଶ୍ଚିତ କରୁଛି ବୋଲି ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ମୁଖ୍‌ତାର ଅବ୍ବାସ ନକ୍‌ଭୀ କହିଥିଲେ।


ଅଧୀର ରଞ୍ଜନ ଚୌଧୁରୀ

**ଫାରୁକ୍ ଅବ୍‌ଦୁଲ୍ଲାଙ୍କ ମୁକ୍ତି ଦାବି କଲେ ବିରୋଧୀ**

## ଯବାନଙ୍କୁ ମିଳୁ ଭଲ ପୋଷାକ, ଉପକରଣ: କଂଗ୍ରେସ

ନୂଆଦିଲ୍ଲୀ,୫।୨(ପି.ଟି.)

ସିଆଚେନରେ ମୁତୟନ ଯବାନମାନଙ୍କୁ ଭଲ ଖାଦ୍ୟ, ପୋଷାକ, ବୁଟ୍ ଓ ଅନ୍ୟ ଉପକରଣ ମିଳୁନାହିଁ ବୋଲି ସିଏଜି ରିପୋର୍ଟ ପ୍ରକାଶ ପାଇବା ପରେ ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ କଂଗ୍ରେସ ଟାର୍ଗେଟ କରିଛି। ଯବାନମାନଙ୍କୁ କିପରି ଉତ୍ତମ ପୋଷାକ ଓ ଉପକରଣ ମିଳିବ ତାହା ସରକାର ସୁନିଶ୍ଚିତ କରନ୍ତୁ ବୋଲି ଲୋକ ସଭାରେ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଲୋକ ସଭାରେ ପ୍ରଶ୍ନକାଳରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କହିଥିଲେ, ସିଆଚେନ ଭଳି ଅତ୍ୟୁଚ୍ଚ ସ୍ଥାନରେ ପ୍ରତିକୂଳ ପରିବେଶରେ ମୁତୟନ ହୋଇ ଦେଶକୁ ସୁରକ୍ଷା ଦେଉଥିବା ଯବାନମାନଙ୍କ ସୁବିଧା ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ। ତେଣୁ ସରକାର ଏଥିପ୍ରତି ସଜାଗ ରୁହନ୍ତୁ। ପ୍ରକାଶ ଯେ, ସୋମବାର ପାର୍ଲାମେଣ୍ଟରେ ଉପସ୍ଥାପିତ ସିଏଜି ରିପୋର୍ଟକୁ ନେଇ ଝଡ଼ ସୃଷ୍ଟି ହୋଇଛି। ସ୍ଥଳସେନା ମୁଖ୍ୟ ଜେନେରାଲ ମନୋଜ ମୁକୁନ୍ଦ ନରୱାଣେ ଏହାକୁ ୨୦୧୫-୧୬ ଆଧାରରେ ପ୍ରସ୍ତୁତ ରିପୋର୍ଟ କହି ଖଣ୍ଡନ କରିଛନ୍ତି।

## ସୋସିଆଲ ମିଡିଆ-ଆଧାର ଲିଙ୍କ୍ ପାଇଁ ପ୍ରସ୍ତାବ ନାହିଁ

ନୂଆଦିଲ୍ଲୀ,୫।୨(ପି.ଟି.)

ସୋସିଆଲ ମିଡିଆ ୟୁଜର୍ସଙ୍କ ଆକାଉଣ୍ଟଗୁଡ଼ିକୁ ଆଧାର ସହ ସଂଯୋଗ କରିବା ପାଇଁ ସରକାରଙ୍କ କୌଣସି ପ୍ରସ୍ତାବ ନାହିଁ। କିନ୍ତୁ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମଗୁଡ଼ିକରେ ଫେକ୍ ନ୍ୟୁଜ୍ ଓ ପର୍ନୋଗ୍ରାଫିକୁ ରୋକିବା ଲାଗି ପଦକ୍ଷେପ ନିଆଯାଉଛି ବୋଲି ବୁଧବାର ଲୋକ ସଭାରେ କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି।

ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ରବିଶଙ୍କର ପ୍ରସାଦ ନିମ୍ନ ସଦନରେ ପ୍ରଶ୍ନକାଳରେ କହିଛନ୍ତି, ପର୍ନୋଗ୍ରାଫି, ବିଶେଷକରି ଶିଶୁଙ୍କୁ ନେଇ ଚାଲିଥିବା ଅଶ୍ଲୀଳ ଚିତ୍ର ଏକ ଗମ୍ଭୀର ମାମଲା। ରିଭେଞ୍ଜ ପର୍ନ ମଧ୍ୟ ଦେଶରେ ବଢ଼ିବାରେ ଲାଗିଛି। ଏହା ଉପରେ ସମ୍ପୂର୍ଣ୍ଣ ଭାବେ ଅଙ୍କୁଶ ଲଗାଇବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଏଥିସହ ମିଥ୍ୟା ଖବର ଓ ଦେଶବିରୋଧୀ ବିଷୟ ଥିବା ପୋଷ୍ଟଗୁଡ଼ିକର ପ୍ରସାରକୁ ରୋକିବା ଲାଗି ସରକାର ଅନେକ ପଦକ୍ଷେପ ନେଇସାରିଲେଣି ବୋଲି ଏକ ପ୍ରଶ୍ନର ଲିଖିତ ଉତ୍ତରରେ ରବିଶଙ୍କର ସୂଚନା ଦେଇଛନ୍ତି।

## ୫ ଆଇଆଇଆଇଟିକୁ ଆଇଏନ୍‌ଆଇ ମାନ୍ୟତା

**ନୂଆଦିଲ୍ଲୀ,୫।୨(ପି.ଟି.):** ଦେଶର ୫ଟି ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ସ ଅଫ ଇନ୍‌ଫର୍ମେଶନ ଟେକ୍‌ନୋଲୋଜି (ଆଇଆଇଆଇଟି)କୁ ମିଳିବ ଇନ୍‌ଷ୍ଟିଚ୍ୟୁଶନ୍ ଅଫ୍ ନ୍ୟାଶନାଲ ଇମ୍ପୋର୍ଟାନ୍ସ (ଆଇଏନ୍‌ଆଇ) ମାନ୍ୟତା। ବୁଧବାର କେନ୍ଦ୍ର କ୍ୟାବିନେଟ ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ସୁରଟ, ଭୋପାଳ, ଭାଗଲପୁର, ଅଗରତାଲା ଓ ରାଇଚୁର୍‌ରେ ଥିବା ଆଇଆଇଆଇଟି ଏହି ମାନ୍ୟତା ପାଇବାକୁ ଯାଉଛନ୍ତି। ଆଇଆଇଆଇଟି ଆଇନ (ସଂଶୋଧନ) ବିଲ୍, ୨୦୨୦କୁ କ୍ୟାବିନେଟ ଅନୁମୋଦନ କରିଛି।

## ୩ ଖଣ୍ଡ ହେଲା ବିମାନ

ଇସ୍ତାନବୁଲ,୫।୨

୧୭୭ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବିମାନ ଇସ୍ତାନବୁଲ୍ ବିମାନବନ୍ଦରରେ ଅବତରଣ ବେଳେ ରନ୍‌ୱେରେ ଖସିପଡ଼ି ୩ ଖଣ୍ଡ ହେବା ସହ ନିଆଁ ଲାଗିଯାଇଥିଲା। ଏହି ଦୁର୍ଘଟଣାରେ ୫୨ ଯାତ୍ରୀ ଆହତ ହୋଇଥିବା ଜଣାପଡିଛି। ପାଗ ଖରାପ ଯୋଗୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଯାତ୍ରୀମାନେ ପଛ ଡେଣା ଦେଇ ବାହାରି ଆସିଥିଲେ। ବିମାନଟି ଆଜମିର୍‌ର ଆଏଗାନ ସହରରୁ ଇସ୍ତାନବୁଲ୍‌ର ସାବିହା ଗୋକେନ୍ ବିମାନବନ୍ଦରକୁ ଆସିଥିଲା।



## ଆମେରିକା ଦୂତାବାସରେ ଶିଶୁଙ୍କୁ ବଳାତ୍କାର

ନୂଆଦିଲ୍ଲୀ,୫।୨(ଆଇଏଏନ୍‌ଏସ୍)

ନୂଆଦିଲ୍ଲୀସ୍ଥିତ ଆମେରିକା ଦୂତାବାସ କମ୍ପ୍ଲେକ୍ସରେ ୫ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଥିବା ପୋଲିସ କହିଛି। ଏହି ଘଟଣାରେ ସମ୍ପୃକ୍ତ ଜଣେ ୨୫ ବର୍ଷୀୟ ଯୁବକଙ୍କୁ ଗିରଫ କରାଯାଇଛି। ଶନିବାର ସକାଳେ ଏହି ଘଟଣା ଘଟିଥିଲା ବୋଲି ଏସିପି ପ୍ରଜ୍ଞା କହିଛନ୍ତି। ଶିଶୁଟିର ମାଆ ଚାଣକ୍ୟପୁରୀ ଥାନାରେ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଥିଲା। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମହିଳାଙ୍କ ସ୍ୱାମୀ ଦୂତାବାସର ଜଣେ କର୍ମଚାରୀ। ଶିଶୁଟି ପରିବାର ସହ ଦୂତାବାସ ପରିସରରେ ରହୁଥିଲେ ବୋଲି ଜଣାପଡିଛି।

## ସଙ୍କଟରେ ଧର୍ମନିରପେକ୍ଷତା, ନାଗରିକତ୍ୱ

ନୂଆଦିଲ୍ଲୀ,୫।୨(ପି.ଟି.)

ଦେଶରେ ଧର୍ମନିରପେକ୍ଷତା ଓ ନାଗରିକତ୍ୱ ଏବେ ସଙ୍କଟରେ ରହିଛି। କେହି ଧର୍ମନିରପେକ୍ଷତା କଥା କହିଲେ, ତାଙ୍କୁ ଦେଶବିରୋଧୀ ଆଖ୍ୟା ଦିଆଯାଉଛି। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ବୁଧବାର ଏଭଳି ଭାଷାରେ ଟାର୍ଗେଟ କରିଛନ୍ତି ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍।

'ଭିଜନ୍ ଫର୍ ଏ ନେଶନ୍: ପାଥ୍‌ସ ଆଣ୍ଡ ପରସ୍ପେକ୍ଟିଭ୍‌ସ' ଶୀର୍ଷକ ପୁସ୍ତକ ଉନ୍ମୋଚନ ସମାରୋହରେ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚିଦାମ୍ବରମ୍ କହିଛନ୍ତି, ଆଜିକାଲି ଏଭଳି ହୋଇଗଲାଣି ଯେ ଯଦି କେହି ଧର୍ମନିରପେକ୍ଷତା କଥା କହୁଛନ୍ତି, ତାଙ୍କର ଦେଶଭକ୍ତିକୁ ନେଇ ପ୍ରଶ୍ନ ଉଠାଯାଉଛି। ଏପରି କି କେତେଜଣ ଲୋକ ତାଙ୍କର ନାଗରିକତ୍ୱକୁ ନେଇ ମଧ୍ୟ ପ୍ରଶ୍ନ କରୁଛନ୍ତି। ଏହା ବିପଦର ଏକ ବିନ୍ଦୁ। ସେହିପରି ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁର କହିଛନ୍ତି, ଦେଶର ଏକ ସମାନ୍ତରାଳ ନିଦର୍ଶନର ଆବଶ୍ୟକତା ରହିଛି। ଚିନ୍ତାଧାରାଗୁଡ଼ିକର ପୁନଃ ଉଚ୍ଚାରଣ କରି ଲୋକଙ୍କ ପାଖରେ ପହଞ୍ଚିବା ଅପରିହାର୍ଯ୍ୟ ହୋଇଗଲାଣି। ସମୃଦ୍ଧ ଭାରତ ଫାଉଣ୍ଡେଶନ ପକ୍ଷରୁ ପ୍ରକାଶିତ ଏହି ପୁସ୍ତକକୁ ଚିଦାମ୍ବରମ୍‌ଙ୍କ ସହ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ, ପୂର୍ବତନ ଉପରାଷ୍ଟ୍ରପତି ହମିଦ୍ ଅନ୍‌ସାରୀ ଉନ୍ମୋଚନ କରିଛନ୍ତି।



## କରୋନା ମୃତ୍ୟୁସଂଖ୍ୟା ୫୦୦ ଛୁଇଁଲା

**ବେଜିଂ,୫।୨:** ଚାଇନାରେ କରୋନା ଭୂତାଣୁ ସଂକ୍ରମଣ ଜନିତ ମୃତ୍ୟୁସଂଖ୍ୟା ବୁଧବାର ୫୦୦ ନିକଟବର୍ତ୍ତୀ ହୋଇଛି। ଏହି ରୋଗ ଏବେ ପାଖାପାଖି ୨୫ ଦେଶକୁ ବ୍ୟାପିଲାଣି। ବିଶ୍ୱବ୍ୟାପୀ ୨୪,୫୦୦ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଉହାନ ସହରରେ କରୋନା ସଂକ୍ରମଣ ସ୍ଥିତି ଏବେ ବି ସାଂଘାତିକ ରହିଛି।

କରୋନା ଚିକିତ୍ସା ପାଇଁ ଔଷଧ ବାହାରିଥିବା ଏକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିବାବେଳେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି।

### ସମୀକ୍ଷା କଲେ କ୍ୟାବିନେଟ ସଚିବ

**ନୂଆଦିଲ୍ଲୀ,୫।୨(ପି.ଟି.):** କରୋନା ଭୂତାଣୁ ସଂକ୍ରମଣ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ବୁଧବାର କେନ୍ଦ୍ର କ୍ୟାବିନେଟ ସଚିବ ରାଜୀବ ଗୌବା ସମୀକ୍ଷା ବୈଠକ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ସରକାରଙ୍କ ପକ୍ଷରୁ ସାନି କଟକଣା ଜାରି କରାଯାଇ ଚାଇନାକୁ ଗସ୍ତ ନ କରିବାପାଇଁ ପରାମର୍ଶ ଦିଆଯାଇଛି। ଚାଇନାରୁ ଆସିବାକୁ ଥିବା ଆଗ୍ରହୀ ବ୍ୟକ୍ତି ଭାରତୀୟ ଭିଜା ପାଇଁ ସାନି ଆବେଦନ କରିବାକୁ କୁହାଯାଇଛି। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ, ବହିର୍ବ୍ୟାପାର ସଚିବ, ବେସାମରିକ ବିମାନ ଚଳାଚଳ, ଫାର୍ମା ସଚିବଙ୍କ ସମେତ ସ୍ୱାସ୍ଥ୍ୟ ଗବେଷଣା ବିଭାଗ ସଦସ୍ୟ ସଚିବ, ସ୍ୱରାଷ୍ଟ୍ର, ବାଣିଜ୍ୟ ଓ ପ୍ରତିରକ୍ଷା ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

**ODISHA TOURISM DEVELOPMENT CORPORATION LIMITED**

**Expression of Interest-cum-RFP for appointment of Operator for Tourist Bus service at Bolangir and Kalahandi**

No.CAD-920 :- O.T.D.C. Ltd. is proposing to operate Tourist Bus Service from Ex-Bolangir and Ex-Kalahandi, covering important tourist destinations of the concerned Districts. OTDC shall provide 1 No. 26 seater AC Coach for this purposes at each District H.Q to be operated by the selected tour operators for sightseeing purposes as per detail given in the RFP.

Sealed offers are invited from tour operators / passenger bus operator / travel agents to operate such sightseeing service covering specified tourist destinations on a predetermined time & route. The selected operators shall be required to operate and maintain the buses on behalf of OTDC. The RFP can be downloaded from our website **www.panthanivas.com**. The bid shall be received in the office of Managing Director, OTDC Ltd. till 5.00 P.M. dated 25.02.2020.

Sd./-
MANAGING DIRECTOR
OIPR-37002/11/0025/1920

**ରାଜ୍ୟ ଖବର**

## ରେଳ ବଜେଟ: ପ୍ରାପ୍ୟ ଅନୁଯାୟୀ ଅନୁଦାନ ପାଉନି ରାଜ୍ୟ

ଭୁବନେଶ୍ୱର,୫।୨(ବ୍ୟୁରୋ)

୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ରେଳପଥ ପକ୍ଷରୁ ବିଭିନ୍ନ ରେଳ ଜୋନ୍‌କୁ ଅନୁଦାନ ପ୍ରଦାନ କରାଯାଇଛି। ହେଲେ ଏହି ଅନୁଦାନ ପୂର୍ବତଟ ରେଳପଥ ତଥା ଓଡ଼ିଶା ପକ୍ଷରୁ ପ୍ରଦାନ କରାଯାଉଥିବା ରାଜସ୍ୱ ତୁଳନାରେ ନଗଣ୍ୟ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ମଙ୍ଗଳବାର କହିଛନ୍ତି। ଶ୍ରୀକାନ୍ତ କହିଛନ୍ତି ଯେ, ଚଳିତ ବଜେଟରେ ନୂଆ ରେଲଲାଇନ ତ ଦୂରର କଥା, ୨୩ ବର୍ଷ ତଳୁ ଆରମ୍ଭ କରାଯାଇଥିବା ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ପାଇଁ ଆବଶ୍ୟକ ଅର୍ଥ ଦିଆଯାଇ ନାହିଁ। ଇଷ୍ଟକୋଷ୍ଟ ରେଳଜୋନଠାରୁ ପ୍ରତିବର୍ଷ ୨୦,୦୦୦ କୋଟି ଟଙ୍କାରୁ ଅଧିକ ରାଜସ୍ୱ ଆଦାୟ କରାଯାଉଛି। ହେଲେ ଏହାର ୫୦ ପ୍ରତିଶତ ଅନୁଦାନ ଏହି ରେଳପଥ ଜୋନ୍ ପାଉ ନାହିଁ ବୋଲି ଶ୍ରୀକାନ୍ତ କହିଛନ୍ତି। ସେହିପରି ଓଡ଼ିଶାରୁ ଯାଉଥିବା ରାଜସ୍ୱରେ ଅନ୍ୟ ରାଜ୍ୟରେ ନୂଆ ପ୍ରକଳ୍ପ କରାଯିବ। କାହିଁକି ଓଡ଼ିଶାରେ ନୂତନ ଆଧୁନିକ ରେଲକୋଚ୍ ଫ୍ୟାକ୍ଟରି ହେବ ନାହିଁ। ରେଳପଥ ଅନ୍ୟ ରାଜ୍ୟରେ ମେଡିକାଲ କଲେଜ ଓ ବିଶାଳ ସ୍ପୋର୍ଟସ୍ କମ୍ପଲେକ୍ସ କରୁଛି। ତେବେ ରାୟଗଡ଼ା ଓ କେନ୍ଦୁଝରର ଭଳି ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା କରୁନାହିଁ କାହିଁକି ବୋଲି ଶ୍ରୀକାନ୍ତ ପ୍ରଶ୍ନ କରିଛନ୍ତି। ଅନୁରୂପଭାବେ ସମାଜବାଦୀ ପାର୍ଟି, ଓଡ଼ିଶା ମୁଖ୍ୟ ରବି ବେହେରା ମଧ୍ୟ ବଜେଟ ଅନୁଦାନ ହ୍ରାସ ପାଇଁ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ରବି କହିଛନ୍ତି ଯେ, ପୂର୍ବାପେକ୍ଷା ଅନୁଦାନ ହ୍ରାସ ପାଇଛି। ପଡ଼ୋଶୀ ରାଜ୍ୟ ଅପେକ୍ଷା ଓଡ଼ିଶାରେ ରେଳପଥର ଉପସ୍ଥିତି ବହୁତ କମ୍ ରହିଛି। ତେଣୁ ରେଳପଥ କ୍ଷେତ୍ରରେ ଅଧିକ ଅନୁଦାନ ଏବଂ ପ୍ରାଧାନ୍ୟ ପାଇଁ ରାଜ୍ୟର ଏମ୍‌ପିମାନେ ସଂସଦରେ ସ୍ୱର ଉଠାନ୍ତୁ।

## ୯ମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପରଜଙ୍ଗ, ୫।୨(ଡି.ଏନ୍.ଏ.)

- ମା' ଆଣିଲେ ହତ୍ୟା ଅଭିଯୋଗ
- ପୁଅକୁ ଘରୁ ଘୋଷାଡ଼ି ନେଇ ମାରିଦେଲେ
- ସାଇଣ୍ଟିଫିକ୍ ଟିମ୍‌ର ତନାଘନା, ୩ ଅଟକ

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଆଖୁଆପାଳ ପଞ୍ଚାୟତ ଅଧୀନ ୩ନଂ. କଲୋନୀ ଦଳିତ ବସ୍ତି ନିକଟରେ ଥିବା ଏକ କରଡ଼ା ଗଛରୁ ମଙ୍ଗଳବାର ରାତିରେ ଜଣେ ୯ମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ମକୁ ନାଏକ। ତେବେ ମୃତ ଛାତ୍ରଙ୍କ ମା' ଅବନ୍ତୀ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ଗ୍ରାମର କେତେଜଣ ସାଙ୍ଗଙ୍କ ସହ ପୁଅର ଝଗଡ଼ା ହୋଇଥିଲା। ସେମାନଙ୍କ ସମ୍ପର୍କୀୟ ହିଁ ମକୁଙ୍କୁ ହତ୍ୟା କରିଥିବା ଅବନ୍ତୀ ଏତଲାରେ ଦର୍ଶାଇଛନ୍ତି। ଏପରି ସଙ୍ଗିନ ଅଭିଯୋଗ ଆସିବା ପରେ ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ତଦନ୍ତ କରିଛି ପୋଲିସ।

ଅଭିଯୋଗ ଅନୁଯାୟୀ, କିଛିଦିନ ତଳେ ମକୁଙ୍କ ସହିତ କେତେଜଣ ସାଙ୍ଗଙ୍କ ଗଣ୍ଡଗୋଳ ହୋଇଥିଲା। ମଙ୍ଗଳବାର ଅପରାହ୍ନରେ ଅବନ୍ତୀ ଇଟାଭାଟିକୁ କାମ କରିବାକୁ ଯାଇଥିବାବେଳେ ବିନୋଦ ଗୋଛାୟତ, ତପୁ ନାଏକ, ଦିଲୀପ ନାଏକ ଆସି ମକୁଙ୍କୁ ମାରପିଟ୍ କରିବା ସହ ଘୋଷାଡ଼ି ନେଇଯାଇଥିଲେ। ରାତି ୮ଟାରେ ମକୁଙ୍କୁ କରଡ଼ା ଗଛରେ ଝୁଲନ୍ତା ଅବସ୍ଥାରେ ଠାବ କରାଯାଇଥିଲା। ଏ ସଂକ୍ରାନ୍ତରେ ଥାନାରେ ନଂ. ୨୨/୨୦୨୦, ଦଫା ୩୦୨, ୩୪ରେ ଏକ ମାମଲା ରୁଜୁ କରାଯାଇଛି। ୩ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଥିବା ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ସୂଚନା ଦେଇଛନ୍ତି।

**ସୂଚନା**

**ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (IDCO)**
**ଇଡ୍‌କୋ ଟାୱାର, ଜନପଥ, ଭୁବନେଶ୍ୱର-୭୫୧୦୨୨**
**No.HO/P&A-LA-E- ୨୨୫୬ Dated- ୦୧।୦୨।୨୦୨୦**

**No.CAD-916:-** ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (IDCO), ଭୁବନେଶ୍ୱର ନିମ୍ନ ତଫସିଲରେ ଦର୍ଶିତ ରୟତି ସ୍ୱତ୍ୱ ଜମିକୁ, ବୁଢ଼ାବଳଙ୍ଗ ନଦୀଠାରୁ ସୋମନାଥପୁର ଶିଳ୍ପାଞ୍ଚଳକୁ ଜଳ ଯୋଗାଣ ଉଦ୍ଦେଶ୍ୟରେ ଓଡ଼ିଶା ରାଜ୍ୟ, ବାଲେଶ୍ୱର ଜିଲ୍ଲାର ରେମୁଣା ତହସିଲ ଅନ୍ତର୍ଗତ ଗମ୍ଭାରିଆ ମୌଜାରେ ମୋଟ ଏ ୦.୦୯୦କର ରୟତି ଜମି ଆବଶ୍ୟକ ହେଉଅଛି। ତେଣୁ ଉକ୍ତ ଜମିଗୁଡ଼ିକ ସିଧାସଳଖ ଭାବେ ଭାରତୀୟ ନିବନ୍ଧନ ଆଇନ ୧୯୨୮ (Indian Registration Act, 1928) ଅନୁଯାୟୀ କ୍ରୟ କରାଯିବ। ଏଥିନିମନ୍ତେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗ ପତ୍ର ସଂଖ୍ୟା ୧୦୮୪ ତା. ୧୬।୦୨।୨୦୧୬ରିଖ ଓ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶନାମା ପତ୍ର ସଂଖ୍ୟା ୨୮୪୬ ତା. ୨୬।୦୧।୨୦୧୬ରିଖ ପ୍ରକାରେ ବାଲେଶ୍ୱର ଜିଲ୍ଲାପାଳଙ୍କ ସଭାପତିତ୍ୱରେ ତା. ୨୨।୧୦।୨୦୧୮ରିଖ ଏକ ସଭା (DLC Meeting) କରାଯାଇ ନୂତନ ଭୂ ଅର୍ଜନ ଆଇନ ଅନୁଯାୟୀ (RFCTLAR&R Act-2013) ଉକ୍ତ ଜମିର ମୂଲ୍ୟ ନିର୍ଦ୍ଧାରଣ କରାଯାଇଅଛି।

ଏହି ଜମିର ମାଲିକାନା/ ଉତ୍ତରାଧିକାରୀ ସମ୍ପର୍କିତ ବାବଦରେ ଆପତ୍ତି ଦରଖାସ୍ତ (ଆବଶ୍ୟକୀୟ କାଗଜାତ ସହିତ) ନିମ୍ନ ସ୍ୱାକ୍ଷରକାରୀ ଅଧିକାରୀଙ୍କ ନିକଟରେ, ଏହି ସର୍ବସାଧାରଣ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଦରଖାସ୍ତ ଦାଏର କରିପାରିବେ, ଯାହା ବିଚାରକୁ ନିଆଯିବ। ପ୍ରୋକ୍ତ ୧୫ ଦିନ ଅବଧି ପରେ କୌଣସି ଆପତ୍ତି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ।

**ସ୍ୱା./- ମୁଖ୍ୟ ମହା ପ୍ରବନ୍ଧକ, ଭୂମି, ଇଡ୍‌କୋ**
OIPR- 14003/11/0055/1920

## ଜାତୀୟସ୍ତରରେ ବ୍ରହ୍ମପୁରର ତବଲା ବାଦକ ଦୀପ୍ତ ପୁରସ୍କୃତ

ବ୍ରହ୍ମପୁର ଅଫିସ,୫।୨

ବୟସ ମାତ୍ର ୧୪ ବର୍ଷ । କିନ୍ତୁ ଏହି ବୟସରେ ତାଙ୍କର ତବଲା ବାଦନ ଆଗରେ ସମସ୍ତେ ସ୍ତବ୍ଧ ହୋଇଯାଇଛନ୍ତି । ନିଜର ପ୍ରତିଭା ପ୍ରଦର୍ଶନ କରି ସେ ଜାତୀୟସ୍ତରରେ ପୁରସ୍କୃତ ହୋଇ ଓଡ଼ିଶା ପାଇଁ ଗୌରବ ଅଣିଛନ୍ତି । ସେ ହେଲେ ବ୍ରହ୍ମପୁର ଆମ୍ବପୁଆ ଅର୍ଚ୍ଚନା ବିହାରର ଦୀପ୍ତ ସୁନ୍ଦର ପାତ୍ର । ସ୍ଥାନୀୟ ରାମହରିନଗର ଶିଶୁ ମନ୍ଦିରରେ ନବମ ଶ୍ରେଣୀରେ ପଢୁଥିବା ଦୀପ୍ତ ଚଳିତ ବର୍ଷ ସ୍କୁଲ ପକ୍ଷରୁ ଏନ୍‌ସିସିରେ ଭାଗନେଇ ଦିଲ୍ଲୀସ୍ଥିତ ରିପବ୍ଲିକ ଡେ କ୍ୟାମ୍ପରେ ଭାଗ ନେବାପାଇଁ ମନୋନୀତ ହୋଇଥିଲେ। ଓଡ଼ିଶାର ୩୦ଜଣିଆ ଦଳ ମଧ୍ୟରେ ଗଞ୍ଜାମ ଜିଲାରୁ ଏକମାତ୍ର କୁନି ତବଲା ବାଦକ ଭାବେ ଭାଗନେଇ ଭୁବନେଶ୍ୱର ପଳାଶପଲ୍ଲୀସ୍ଥିତ ଏୟାର ସ୍କ୍ୱାଡ୍ରନରେ ତାଲିମ ନେଇଥିଲେ । ଗତ ସାଧାରଣତନ୍ତ୍ର ଦିବସ ଅବସରରେ ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଶା ଦଳ ପକ୍ଷରୁ ଭାଗନେଇ ଜୁନିୟର ବିଭାଗରେ ସାରା ଭାରତରେ ପ୍ରଥମସ୍ଥାନ ଅଧିକାର କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ତିନି ସେନା ମୁଖ୍ୟ, ପ୍ରତିରକ୍ଷା ମନ୍ତ୍ରୀଙ୍କ ସମ୍ମୁଖରେ ଚମତ୍କାର ତବଲା ବାଦନ କରି ଦୀପ୍ତ ଲାଇନ୍ ଏରିଆ ବିଟ୍‌ଫ୍ରି, ରିପବ୍ଲିକ୍ ଡେ କ୍ୟାମ୍ପ, ପ୍ରଧାନମନ୍ତ୍ରୀଙ୍କ ସମ୍ମୁଖ ରାଲିରେ ଶ୍ରେଷ୍ଠ ଜୁନିୟର ଡିଭିଜନରେ ପ୍ରଥମ ହେବା ସହ ଶ୍ରେଷ୍ଠ କଳାକାର ଭାବେ ୪ ମେଡାଲ ଓ ସିଲ୍ ହାସଲ କରିଛନ୍ତି। ମଙ୍ଗଳବାର ଦୀପ୍ତ ବ୍ରହ୍ମପୁରରେ ପହଞ୍ଚିବା ପରେ ତାଙ୍କୁ ଅନେକେ ଶୁଭେଚ୍ଛା ଜଣାଇଥିଲେ।


ପୁରସ୍କୃତ ହୋଇଥିବା ଦୀପ୍ତ ସୁନ୍ଦର ପାତ୍ର।

**OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, JANPATH, BHUBANESWAR-751022**

**Tender Call Notice No. IDCO:H.O./P&C/EST/E-1493/03/2020/ 2207, Dt: 01.02.2020**

**No.CAD-917: NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the Work :- Construction of SFRC pre tensioned & pre cast compound wall around 107.50 Ac. Land of Industrial Estate, Bamini in the district of Nawarangpur.
2. Estimated cost :- Rs. 109.68 Lakhs (Approx.)
3. Period of completion :- 04 (Four) Calendar Months.
4. Other details :-

| Procurement Officer | Bid/ Tender reference No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Tender/ Bid reference No. PC/ EST/ E-58/ 2019-20 | 12.02.2020 at 16.00 Hrs. | 27.02.2020 up to 17.00 Hrs. |

Further details can be seen from the e-Procurement Portal **www.tendersodisha.gov.in** and Corrigendum if any will not be published in newspapers and can only be seen in the e-procurement portal **www.tenderodisha.gov.in** and **www.idco.in**.

**Sd./- Chief General Manager (P&C) I/C, IDCO, Bhubaneswar**
**OIPR- 14003/11/0056/1920**

# ଦିନ ଗଣୁଛନ୍ତି ତାପସୀ

ତାପସୀ ପାନ୍ନୁ ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। ସେପଟେ ଦିନ ଯେତିକି ପାଖେଇ ଆସୁଛି ତାଙ୍କର ଉତ୍କଣ୍ଠା ସେତିକି ବଢ଼ି ବଢ଼ି ଚାଲିଛି। ହେଲେ କ'ଣ ପାଇଁ ସେ ଦିନ ଗଣୁଛନ୍ତି ଜାଣିବେନି ? କଥା କ'ଣ କି ତାଙ୍କ ଅଭିନୀତ ହିନ୍ଦୀ ସିନେମା 'ଥାପ୍ପଡ' ଚଳିତ ମାସ ୨୮ରେ ରିଲିଜ ହେବାକୁ ଯାଉଛି। ଏହି ଫିଲ୍ମରେ ସେ ଏକ ଭିନ୍ନ ଚରିତ୍ରରେ ଅଭିନୟ କରିଛନ୍ତି ଏବଂ ତାହାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ। 'ଯେତେବେଳେ ଏହି ଫିଲ୍ମର ନିର୍ଦ୍ଦେଶକ ଅନୁଭବ ସିହ୍ନା ମୋତେ ଏହାର କାହାଣୀ ଏବଂ ଏଥିରେ ମୋ ଚରିତ୍ର ବିଷୟରେ ସୂଚନା ଦେଲେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ଦର୍ଶକ ଏହି ଫିଲ୍ମଟିକୁ ନିଶ୍ଚୟ ପସନ୍ଦ କରିବେ ବୋଲି ମୋର ଆଶା ରହିଛି ବୋଲି କହନ୍ତି ତାପସୀ। ତାପସୀଙ୍କ ବ୍ୟତୀତ ଏହି ଫିଲ୍ମରେ ପାଭିଲ ଗୁଲାଟି, ରତ୍ନା ପାଠକ ଶାହା,ତନଭି ଆଜମୀ, ଦିୟା ମିର୍ଜା ପ୍ରମୁଖ କଳାକାର ଅଭିନୟ କରିଛନ୍ତି।



# ସାବାସ ଆମୀର

ଆମୀର ଖାନ୍‌ଙ୍କ ନାୟକ ଭାବରେ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'କୟାମତ୍ ସେ କୟମତ୍ ତକ୍'ରୁ। ନାୟକ ଭାବେ କେବଳ ସେ ନୁହନ୍ତି ନାୟିକା ଭାବରେ ଜୁହି ଚାୱଲାଙ୍କୁ ମଧ୍ୟ ଏଥିରେ ବ୍ରେକ୍ ମିଳିଥିଲା। ଫିଲ୍ମଟି ମଧ୍ୟ ସୁପରହିଟ୍ ହୋଇଥିଲା। ଇତି ମଧ୍ୟରେ ଆମୀର ନିଜକୁ ଜଣେ ଅଭିନେତା ଭାବରେ କେତେ ଲୋକପ୍ରିୟ କରାଇପାରିଛନ୍ତି ତାହା କହିବା ବାହୁଲ୍ୟ। ବଲିଉଡ୍‌ରେ ସେ ସୃଷ୍ଟି କରିଥିବା ରେକର୍ଡ ମଧ୍ୟରୁ ଦୁଇଟିକୁ ନେଇ ସେ ଅଧିକ ଚର୍ଚ୍ଚିତ ରହିଥିଲେ। ତାଙ୍କ ଅଭିନୀତ 'ଗଜନୀ' ୧୦୦କୋଟି କ୍ଲବରେ ସାମିଲ ହୋଇଥିଲା। ଏପରି ସଫଳତା ହାସଲ କରିବାରେ ଏହା ଥିଲା ପ୍ରଥମ ହିନ୍ଦୀ ସିନେମା। ଅନ୍ୟପକ୍ଷରେ ୨୦୦ କୋଟି କ୍ଲବରେ ସାମିଲ ହୋଇଥିବା ପ୍ରଥମ ହିନ୍ଦୀ ସିନେମା 'ଥ୍ରୀ ଇଡିୟଟସ'ରେ ମଧ୍ୟ ଆମୀର ଅଭିନୟ କରିଥିଲେ।



# ଆମ ସିନେମାର ଥକା କଥା....

ଓଡ଼ିଶାରେ ମନୋରମ ପ୍ରାକୃତିକ ସମ୍ପଦର ଫାଇଦା ଉଠାଇବା ଦିଗରେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ତା'ର ୱେବ୍‌ସାଇଟ୍‌ରେ କିଛିଟା ଜିଲାର ପ୍ରାକୃତିକ ଦୃଶ୍ୟରେ ଫଟୋଚିତ୍ର ସାଧାରଣରେ ପ୍ରଯୋଜକ-ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ ପାଇଁ ପ୍ରେରଣ କରାଯାଇଛି। ଏପରି ସ୍ଥାନରେ ବଲିଉଡ଼ର ଚଳଚ୍ଚିତ୍ର ଶୁଟିଂ ହୋଇପାରିବ। ଓଡ଼ିଶାରେ ଅନେକ ସ୍ଥାନ ପ୍ରଭୃତି ପ୍ରାକୃତିକ ସୌନ୍ଦର୍ଯ୍ୟର ଉପହାର ଦେଇଥିବାବେଳେ ମଧ୍ୟ ପର୍ଯ୍ୟଟକମାନଙ୍କ ଉଦ୍ଦେଶ୍ୟରେ ଆମେ କୌଣସି ସୁବିଧା କରୁନାହୁଁ। ପ୍ରକୃତପକ୍ଷେ ବିଭିନ୍ନ ପର୍ଯ୍ୟଟନ ସ୍ଥାନରେ ଶୁଟିଂ ପରିବେଶ ଥିଲେ ମଧ୍ୟ କାହାର ପ୍ରାରମ୍ଭିକ ଭିତ୍ତିଭୂମି ନାହିଁ। ଓଡ଼ିଶାରେ ଚଳଚ୍ଚିତ୍ର ଉନ୍ନୟନ ନିଗମ ଯଦି ପରିବେଶ ପାଇଁ ବିଶେଷ ଗୁରୁତ୍ୱ ଦେଉଛନ୍ତି ତେବେ ପର୍ଯ୍ୟଟନ ବିଭାଗ ସହ ପରିମାପରେ ପ୍ରଥମେ ଭିତ୍ତିଭୂମିର ପ୍ରକଳ୍ପକୁ ତ୍ୱରାନ୍ୱିତ ଦିଗରେ ଗୁରୁତ୍ୱ ଦେବା କଥା। ଓଡ଼ିଆ ସିନେମା ପରିଣତ ବୟସରେ ପରିପକ୍ୱତା ପରିବର୍ତ୍ତେ ଯେପରି ଆର୍ଥିକ ଦିଗରେ ବ୍ୟାପକ କ୍ଷତି ଘଟୁଛି, ସେହିପରି ପର୍ଯ୍ୟଟନର ଦ୍ୱାହି ଦେଇ'ଅଚଳ' ଚଳଚ୍ଚିତ୍ର ଉନ୍ନୟନ ନୀତି 'ସଚଳ' ହେବା ପାଇଁ ଅଣ୍ଟା ଭିଡୁଛି, ଏଥିରେ କେତେ ଉଦ୍ୟମ ଅଛି ତାହା



ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଓଡ଼ିଆ ସିନେମାର ବ୍ୟବସାୟିକ ସ୍ଥିତି ଦୁର୍ବଳ ହେବା ସହ ପ୍ରେକ୍ଷାଳୟ ସଂଖ୍ୟା କମି କମି ୭୦/୮୦ଟା ମଧ୍ୟରେ ସୀମିତ ହେଲାଣି। ଓଡ଼ିଆ ସିନେମାର ଅଚଳ ଅବସ୍ଥାକୁ ସୁଧାରିବା ପାଇଁ ଚଳଚ୍ଚିତ୍ର ଉନ୍ନୟନ ନିଗମ ଗୁରୁତର ସହ ବିଚାର କରିବା ଆବଶ୍ୟକ। ସେହିପରି ଶିଳ୍ପ ବିଭାଗ ଅଧୀନରେ ଥିବା ଚଳଚ୍ଚିତ୍ର ଉନ୍ନୟନ ନିଗମକୁ ସଚଳ କରିବାକୁ ଆର୍ଥିକ ଅସୁବିଧା ପ୍ରଥମେ ଦୂର ହେବା ସହ ଗଠନମୂଳକ ଓ ଯୋଜନାବଦ୍ଧ କାର୍ଯ୍ୟ ଦିଗରେ ଅଗ୍ରସର ହେବା ଜରୁରୀ। ନ ହେଲେ ବାର୍ଦ୍ଧକ୍ୟ ଅବସ୍ଥାରେ ଓଡ଼ିଆ ସିନେମା ଜରାନିବାସରେ ଆଶ୍ରୟ ନେବା ସାର ହେବ। ବେଳୁ ସାବଧାନ, ସମୟ ଅପଚୟ ନ କରି ପରସ୍ପର ଦୋଷାରୋପ କରିବା ଅପେକ୍ଷା ସକ୍ରିୟ ଭାବେ କାର୍ଯ୍ୟ ଅପରିହାର୍ଯ୍ୟ। ଓଡ଼ିଆ ସିନେମା ସଚଳ ହେବା ଦିଗରେ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଶିଳ୍ପ ବିଭାଗ ଏହାକୁ ଗୁରୁତ୍ୱ ନ ଦେବା ଫଳରେ ଏହା କେବଳ ଲୋକମୁଖର ଗମନାଗମନ ନିଗମ ପାଲଟି ଯାଇଛି। ଆମ ସିନେମା ଥକା ଆଉ କେତେ ଗପିବା !

**-ଦିଲ୍ଲୀପ ହାଲି,** ସମ୍ପାଦକ, ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ,ଭୁବନେଶ୍ୱର

# ଦୋଛକିରେ କିଆରା

କିଆରା ଆଡଓ୍ୱାନୀ ଦୋଛକିରେ ପଡ଼ିଯାଇଛନ୍ତି। କଥାଟି ଏମିତି ହୋଇଛି ଯେ ଏଣୁ ମାରିଲେ ଗୋହତ୍ୟା ତେଣୁ ମାରିଲେ ବ୍ରହ୍ମହତ୍ୟା। କଥା କ'ଣ କି ନିକଟରେ ଏକ ଅନଟାଇଟଲଡ ହିନ୍ଦୀ ସିନେମାରେ ଅଭିନୟ କରିବାକୁ ତାଙ୍କୁ ଅଫର ମିଳିଥିଲା। କିନ୍ତୁ ଏଥିରେ କେତୋଟି ବୋଲ୍ଡ ସିନ୍ ତାଙ୍କୁ ଅଡୁଆରେ ପକାଇଛି। ଗୋଟିଏ ପଟେ ଫିଲ୍ମର କାହାଣୀ ଏବଂ ନିଜ ଭୂମିକା ତାଙ୍କୁ ପ୍ରଭାବିତ କରିଛି। ହେଲେ ଏଥିରେ ଏପରି କେତୋଟି କ୍ଲୋଜ ଶଟ୍ ରହିଛି, ଯାହାକୁ ନେଇ ଚିନ୍ତାରେ ପଡ଼ିଯାଇଛନ୍ତି କିଆରା। ସେଥିପାଇଁ ଏ ବିଷୟରେ ଶେଷ ନିଷ୍ପତ୍ତି ନେବାକୁ ସେ ଦୁଇ ସପ୍ତାହ ସମୟ ନେଇଛନ୍ତି। ଅନ୍ୟପକ୍ଷରେ ଏହି ଫିଲ୍ମ ପାଇଁ କିଆରାଙ୍କ ପାରିଶ୍ରମିକକୁ ଦୁଇ ଗୁଣା କରିବାକୁ ପ୍ରଯୋଜକ ରାଜି ଥିବା ଶୁଣିବାକୁ ମିଳୁଛି।



ଏମିତି ବି ହୋଇଥିଲା

# କୁକୁର ଗୋଡ଼ାଇବା କଥା ଭୁଲି ପାରୁନି

ଦୀପକଙ୍କ ଓଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ଓଡ଼ିଆ ସିନେମା 'ମନ ମୋର ପ୍ରଜାପତି'ରୁ। ଏହାର ଶୁଟିଂ ସମୟରେ ଏପରି ଏକ ଘଟଣା ଘଟିଥିଲା ଯାହାକୁ ଭୁଲି ପାରୁନାହାନ୍ତି ଏହି ଅଭିନେତା..



ଦୀପକ

ହଁ, କୁକୁର କଥା ମନେପଡ଼ିଲା ବେଳକୁ ଯେତିକି ଡର ଲାଗୁଛି ସେତିକି ହସ ମାଡୁଛି। ମୋର ପ୍ରଥମ ଓଡ଼ିଆ ସିନେମା ଥିଲା 'ମନ ମୋର ପ୍ରଜାପତି'। ଏଥିରେ ମୋତେ ଏକ କୁକୁର ଗୋଡ଼ାଇବା ସିନ୍ ରହିଛି। କଥା କ'ଣ କି ଚଳଚ୍ଚିତ୍ରର କାହାଣୀ ଅନୁସାରେ ମୋ ପ୍ରେମିକାଙ୍କ ଘରେ ଏକ ପୋଷା କୁକୁର ଥାଏ। ଥରେ ତା' ଘରକୁ ଗଲାବେଳେ କୁକୁରଟି ମୋତେ ଗୋଡ଼ାଇଲା। ମୁଁ ଜାଣୁଛି ଯେ ଏହା ଫିଲ୍ମ ଶୁଟିଂ ହେଉଛି, ତଥାପି ମନରେ ଭୟ ଆସୁଥିଲା-କାଳେ କୁକୁର ମୋତେ କାମୁଡ଼ିଦେବ ? ସାହସର ସହ ଶଟ୍ ଦେଇଥିଲି। ଠାକୁରଙ୍କ ଆଶୀର୍ବାଦକୁ ଶଟ୍‌ଟି ଏକାଥରେ ଓକେ ହୋଇଥିଲା। ଲକ୍ଷ୍ମୀପୂଜା ପ୍ରଡକ୍ସନ ବ୍ୟାନରରେ ଏହି ଫିଲ୍ମର ପ୍ରଯୋଜନା କରିଥିଲେ ଅନାମ ଚରଣ ସାହୁ। ଏଥିରେ ଦୀପକଙ୍କ ସହ ସ୍କ୍ରିନ ଶେୟାର କରିଥିଲେ ବଙ୍ଗୀୟ ଅଭିନେତ୍ରୀ କୋଏଲ ବାନାର୍ଜୀ।

# ଆଙ୍କରିଂ ଯାହାର ନିଶା



ମାନସୀ

ସତେ ଯେମିତି ଆଙ୍କରିଂ ତାଙ୍କ ନିଶା ପାଲଟି ଯାଇଛି। ଜଣେ ଓଡ଼ିଆ ଝିଅ ଭାବରେ ସେ କେବଳ ଜାତୀୟ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା ସାଉଁଟିବାରେ ଲାଗିଛନ୍ତି। ସେ ହେଲେ ମାନସୀ ମିଶ୍ର। ବମ୍ବେରେ ଜନ୍ମିତା ଏହି ଆଙ୍କରଙ୍କ ମଧ୍ୟ ଅଭିନୟ ପ୍ରତି ରୁଚି ରହିଛି। ୨୦୧୦ରୁ ଆରମ୍ଭ ହୁଏ ତାଙ୍କର ଆଙ୍କରିଂ କ୍ୟାରିୟର। ଏ କ୍ଷେତ୍ରରେ ତାଙ୍କର ବଡ ଭଉଣୀ ତଥା ଅଭିନେତ୍ରୀ ମେଘନା ମିଶ୍ରଙ୍କର ପ୍ରେରଣା ତାଙ୍କୁ ଏତେ ବାଟ ଆଗେଇବାରେ ଯଥେଷ୍ଟ ସହାୟକ ହୋଇଛି ବୋଲି କହନ୍ତି ସେ। ନିକଟରେ ଗୁଆହାଟୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ, ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଭାରତ-ୱେଷ୍ଟଇଣ୍ଡିଜ ମଧ୍ୟରେ ଦିନିକିଆରେ ଆଙ୍କରିଂ କରି ସେ ବେଶ୍ ପ୍ରଶଂସିତ ହୋଇଥିଲେ। ଅପରପକ୍ଷରେ ହକି ଇଣ୍ଡିଆ ଲିଗ୍ ଏବଂ ଜାତୀୟ ସ୍ତରରେ ଅନୁଷ୍ଠିତ ବିଭିନ୍ନ ସଙ୍ଗୀତଭିତ୍ତିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଚାଳିକା ଦାୟିତ୍ୱ ବେଶ୍ ସୁଚାରୁ ଭାବରେ ତୁଲାଇଛନ୍ତି ସେ। ତେବେ ବଡ ପରଦାରେ ଦର୍ଶକଙ୍କ ସାମନାକୁ ଆସିବାକୁ ଆଶା ରଖିଥିବା ମାନସୀଙ୍କ ଏହି ଆଶା ପୂରଣ ହେଉଛି ତାହା ଦେଖିବାକୁ ବାକି ରହିଲା।

$ Dollar 71.24 | Sensex 353.28 41,142.66 | Nifty 109.50 12,089.15 | Gold ₹396 40,871.00 | Silver ₹179 46,881.00

ଆଗାମୀ ୫ ବର୍ଷରେ ୫ ବିଲିୟନ ଡଲାରର ପ୍ରତିରକ୍ଷା ସାମଗ୍ରୀ ରପ୍ତାନି ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



ମଧ୍ୟବିତ୍ତ ଲୋକମାନେ ଠିକ୍ ଆୟକର ବିକଳ୍ପ ଚୟନ କରିବା ନେଇ କୌଣସି ଅସୁବିଧା ହେବ ନାହିଁ।
– ରାଜୀବ କୁମାର, ନୀତି ଆୟୋଗ ଉପାଧ୍ୟକ୍ଷ



# ସେଣ୍ଟ୍ରାଲ କିଆରେ ନୂଆ 'କାର୍ନିଭାଲ'




ଭୁବନେଶ୍ୱର,୫–୨

କିଆ ମୋଟର୍ସ ପକ୍ଷରୁ ନୂଆ କିଆ 'କାର୍ନିଭାଲ' ମଡେଲକୁ ସ୍ଥାନୀୟ ପାହାଲସ୍ଥିତ ସେଣ୍ଟ୍ରାଲ କିଆ ଶୋ'ରୁମରେ ବଜାର ପ୍ରବେଶ କରାଯାଇଛି। ଓଡ଼ିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ସେଣ୍ଟ୍ରାଲ କିଆର ଅଧ୍ୟକ୍ଷ ବୀରେନ୍ଦ୍ର ଧାୱନ, ଏମ୍‌ଡି ବିଶାଲ ଧାୱନ, ଡାଇରେକ୍ଟର ସିନୁ ଧାୱନ, କିଆ ମୋଟର୍ସ ଏଏସ୍‌ଏମ୍ ଅରିନ୍ଦମ ଦତ୍ତା ନୂଆ ଯାନଟିକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଗ୍ରାହକଙ୍କ ଲାଗି ଏକ ଟେଷ୍ଟ ଡ୍ରାଇଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୧ ହଜାର ବର୍ଗଫୁଟ ପରିମିତ ସ୍ଥାନରେ ଷ୍ଟେଟ ଅଫ୍ ଅଫ ଆର୍ଟ ଡିଲରଶିପ ଦ୍ୱାରା କିଆ ଓଡିଶାରେ ସେବା ଯୋଗାଇ ଦେଉଛି। ସେଲସ୍ ସର୍ଭିସ, ସ୍ପେୟାର ନେଟ୍‌ୱର୍କ ସହ ଗ୍ରାହକଙ୍କୁ ସ୍ୱତନ୍ତ୍ର କାର ଓନରଶିପ ଅଭିଜ୍ଞତା ଯୋଗାଣ ଦିଗରେ କମ୍ପାନୀ କାର୍ଯ୍ୟ କରୁଥିବା କହିଛି। ସାରା ଦେଶରେ ଥିବା ୧୬୦ ସହରର ୨୬୫ ଟଚ୍ ପଏଣ୍ଟରେ ଏହି ମଡେଲଟିକୁ ଗ୍ରାହକ ଲାଭ କରିପାରିବେ।

ନୂଆ ଯାନ ବଜାର ପ୍ରବେଶ ସମ୍ପର୍କରେ କମ୍ପାନୀର ବିକ୍ରି ଓ ମାର୍କେଟିଂ ଉପସଭାପତି ତଥା ମୁଖ୍ୟ ମନୋହର ଭଟ୍ଟ କହିଛନ୍ତି ଯେ, ସେଣ୍ଟ୍ରାଲ କିଆ ଶୋ'ରୁମ ସହ ଯୋଡିହୋଇ ଅତ୍ୟନ୍ତ ଖୁସି। ଭାରତୀୟ ଗ୍ରାହକମାନେ କିଆ ବ୍ରାଣ୍ଡକୁ ବହୁତ ଭଲ ପାଇବା ଦେଇଛନ୍ତି। ସେଣ୍ଟ୍ରାଲ କିଆ ସହ ଯୋଡିହୋଇ ଓଡିଶା ବଜାରରେ ଗ୍ରାହକଙ୍କ ନିକଟତର ହେବା ଦିଗରେ ସହାୟକ ହେବ। ନୂଆ କାର୍ନିଭାଲ ମଡେଲ ଦେଶର ପୂର୍ବଭାଗ ବଜାର ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାରେ ସହାୟକ ହେବ। ଏହି ମଡେଲ ଗ୍ରାହକଙ୍କୁ ଉଭୟ ଲକଜ୍ୟୁରି ଏବଂ ପରଫରମାନ୍ସ ଦେବାକୁ ସକ୍ଷମ ହେବ। ଗ୍ରାହକଙ୍କ ସୁବିଧା ଭଳି ନେଟ୍‌ୱର୍କ ବିକଶିତ କରିବାରେ କମ୍ପାନୀ ଯୋଗଦାନ ରଖିଛି। ଏହି ଧାରାରେ ବିକାଶ ହେବା ନେଇ ଆଶାବାଦୀ।

ଡିଲର ପାର୍ଟନର ତଥା ସେଣ୍ଟ୍ରାଲ କିଆ ଏମ୍‌ଡି ବିଶାଲ ଧାୱନ କହିଛନ୍ତି, କିଆ ମୋଟର୍ସ ସହ ଯୋଡି ହେବା ଅତ୍ୟନ୍ତ ଖୁସିକଥା। ଓଡିଶାରେ ବିଶ୍ୱସ୍ତରୀୟ ପ୍ରଡକ୍ଟ ଏବଂ ଉଦ୍ଭାବନ ଆଣିବା ଦିଗରେ ଏହି ସହଭାଗିତା କାର୍ଯ୍ୟ କରିବ। ଗ୍ରାହକଙ୍କୁ ସର୍ବୋତ୍ତମ ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ ଯୋଗାଣ ନେଇ କାର୍ଯ୍ୟକ୍ରମ ଜାରି ରହିବ। ନୂଆ କାର୍ନିଭାଲ ମଡେଲ ଦ୍ୱାରା ଗ୍ରାହକ ଏକ ପ୍ରାଚୁର୍ଯ୍ୟପୂର୍ଣ୍ଣ ଅଭିଜ୍ଞତା ଲାଭ କରିବାକୁ ସକ୍ଷମ ହୋଇପାରିବେ।

## ପ୍ରମୁଖ ବୈଶିଷ୍ଟ୍ୟ...

ନୂଆ କାର୍ନିଭାଲ ଡିଜେଲ ୨.୨ ଲିଟର ଭିଜିଟି, ବିଏସ୍–୬ ଅନୁପାଳନ ଇଞ୍ଜିନ, ୮ ସ୍ପିଡ ସ୍ପୋର୍ଟସମାଟିକ ଟ୍ରାନ୍ସମିଶନ, ୩ ଜେନେରେଶନ ଟ୍ରିମ ସହ ଆସୁଛି। ସେହିଭଳି କ୍ଲାସ ଲିଡିଂ ଫିଚର ଭିଆଇପି ସିଟ୍, ୧୦.୧ ଡୁଆଲ ଟଚ୍ ସ୍କ୍ରିନ ରିୟର ସିଟ ଏଣ୍ଟରଟେନମେଣ୍ଟ ସିଷ୍ଟମ, ୱାନଟଚ୍ ପାୱାର ସ୍ଲାଇଡିଂ ଡୋର, ସ୍ମାର୍ଟ ପାୱାର ଟେଲ୍‌ଗେଟ, ଡୁଆଲ ପ୍ୟାନେଲ ଇଲେକ୍ଟ୍ରିକ ସନରୁଫ, ଆଡଭାନ୍ସ ୟୁଭିଓ, କନେକଟେଡ କାର୍ ଟେକ୍ନୋଲୋଜି ଭଳି ଅନ୍ୟ ଅତ୍ୟାଧୁନିକ ବୈଶିଷ୍ଟ୍ୟ ସହ ଆସୁଛି।

# ବଜାରରେ ନୂଆ 'ଇକୋସ୍ପୋର୍ଟ'

ଭୁବନେଶ୍ୱର,୫–୨



ପ୍ରମୁଖ ଯାନ ନିର୍ମାତା ଫୋର୍ଡ ପକ୍ଷରୁ ନୂଆ ବିଏସ୍–୬ ମାନକ ଯୁକ୍ତ ଇକୋସ୍ପୋର୍ଟ ପ୍ରତାପନଗରୀସ୍ଥିତ ଓଡିଶା ଫୋର୍ଡ ଶୋ'ରୁମରେ ବୁଧବାର ଉନ୍ମୋଚିତ ହୋଇଯାଇଛି। ଓଡ଼ିଶା ଫୋର୍ଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମିଥୁନ ନାମ୍ବିଆର, ଓଲିଉଡ ଅଭିନେତା ଶୁଭାଶିଷ ଶର୍ମା, ଜେନେରାଲ ମ୍ୟାନେଜର ଚନ୍ଦ୍ରକାନ୍ତ ଫୌଦାର ଏବଂ ବିକ୍ରି ପ୍ରବନ୍ଧକ ସମୀର କୁମାର କବି ଉପସ୍ଥିତ ରହି ଯାନଟିକୁ ବଜାର ପ୍ରବେଶ କରାଯାଇଥିଲେ। ଏହି ଏସ୍‌ୟୁଭିକୁ ୪ ମିଟର ମଧ୍ୟରେ ପ୍ରସ୍ତୁତ କରାଯାଇଛି। ନିର୍ଗମନ ନିୟମ ଅନୁପାଳନକୁ ଧ୍ୟାନରେ ରଖି ଏହା ବଜାରକୁ ଆସିଥିବା ନାମ୍ବିଆର କହିଛନ୍ତି। ପୂର୍ବର ବିଏସ୍–୪ ମଡେଲ ତୁଳନାରେ ନୂଆ ଇକୋସ୍ପୋର୍ଟର ମୂଲ୍ୟ ପ୍ରାୟ ୧୩ ହଜାର ଟଙ୍କା ଅଧିକ ରହିବ। ଯାନଟିର ଏକ୍ସ ଶୋ'ରୁମ ମୂଲ୍ୟ ପେଟ୍ରୋଲ ଭାରିଆଣ୍ଟ ଲାଗି ୮.୦୪ ଲକ୍ଷ ଏବଂ ଡିଜେଲ ଭାରିଆଣ୍ଟର ମୂଲ୍ୟ ୮.୫୪ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ସେହିଭଳି ଟିଟାନିୟମ ଏମ୍‌ଟି ଡିଜେଲ ମଡେଲଟିର ବଜାର ଦର ୯.୯୯ ଲକ୍ଷ ପୂର୍ବଭଳି ସମାନ ରହିଛି। ୨୦୨୦ର ଫୋର୍ଡ ଇକୋସ୍ପୋର୍ଟରେ ସମାନ ପାୱାରଟ୍ରେନସ ରହିଥିବା ବେଳେ ନୂଆ ମାନକ ଯୁକ୍ତ ଇଞ୍ଜିନ ଯୋଡା ଯାଇଛି। ପେଟ୍ରୋଲ ଭାରିଆଣ୍ଟ ମଡେଲଟି ୧.୫ ଲିଟରଯୁକ୍ତ, ୩ ସିଲିଣ୍ଡର, ଟିଆଇ ଭିସିଟି ମୋଟର ରହିଛି। ଏହାବାଦ ଡିଜେଲ ଇଞ୍ଜିନ ୧.୫ ଲିଟର କ୍ଷମତା ବିଶିଷ୍ଟ ହୋଇଥିବା ବେଳେ ୪ ସିଲିଣ୍ଡର, ଟିଡିସିଆଇ ମୋଟର ଏଥିରେ ସ୍ଥାନିତ କରାଯାଇଛି। ଯାନଟିର ଫିଚର, ଲୁକ୍ସ ଏବଂ କମ୍ଫର୍ଟ ସମାନ ରହିଛି। ଗ୍ରାହକଙ୍କ ନିରାପତ୍ତାକୁ ଏଥିରେ ପ୍ରାଥମିକତା ଦିଆଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏବିଏସ୍, ଇବିଡି, ଡୁଆଲ ଫ୍ରଣ୍ଟ ଏୟାର ବ୍ୟାଗ, ଡ୍ରାଇଭର କୋଡ୍ରାଇଭର ସିଟ୍ ବେଲ୍ଟ ରିମାଇଣ୍ଡର, କ୍ରାଶ ଅନଲକ, ସ୍ପିଡ୍ ସେନସିଂ ଅଟୋଡୋର ଲକ୍, ରିୟର ପାର୍କିଂ ସେନସର, ହାଇସ୍ପିଡ ଆଲର୍ଟ ସିଷ୍ଟମ ରହିଥିବା ଶୋ'ରୁମ ପକ୍ଷରୁ ସୂଚନା ରହିଛି।

# ସାମ୍‌ସଙ୍ଗ ଆଣିଲା ନୂଆ ଗାଲାକ୍ସି ଏ୫୧

ନୂଆଦିଲ୍ଲୀ,୫–୨



ସାମସଙ୍ଗ ପକ୍ଷରୁ ନୂଆ ଗାଲାକ୍ସି ଏ୫୧ ସ୍ମାର୍ଟଫୋନ ବଜାରକୁ ଆସିଛି। ଗାଲାକ୍ସି ଏ ଲାଇନ ଅପ୍‌ରେ ଏହି ପ୍ରଡକ୍ଟକୁ କମ୍ପାନୀ ଯୋଡିଛି। ଫୋନ୍‌ଟିରେ ଗ୍ରାହକ ପରିବର୍ଦ୍ଧିତ ଫିଚର ଲାଭ କରିବାକୁ ସକ୍ଷମ ହେବେ। ସ୍ମାର୍ଟର କ୍ୱାର୍ଡ କ୍ୟାମେରା, ଇନଫିନିଟି ଓ ଡିସ୍ପଲେ, ଅତୁଳନୀୟ ଭିଜୁଆଲ ଅଭିଜ୍ଞତା ଏବଂ ଉନ୍ନତ ବ୍ୟାଟେରୀ ବ୍ୟାକ୍ ଅପ୍ ଗ୍ରାହକମାନେ ଲାଭ କରିପାରିବେ। ଏଥିରେ ୪୮ ଏମ୍‌ପି ମେନ୍ କ୍ୟାମେରା, ୧୨ ଏମ୍‌ପି ଅଲ୍ଟ୍ରା ୱାଇଡ୍ ଲେନ୍ସ, ନାଇଟ ମୋଡ କ୍ୟାପାବିଲିଟି, ଏଆର୍ ଡୁଡୁଲ, ସାମସଙ୍ଗ ପେ, ୪ ହଜାର ଏମ୍‌ଏଏଚ୍ ବ୍ୟାଟେରି ରହିଛି। ଗ୍ରାହକଙ୍କୁ ଅଭିନବ ଉତ୍ପାଦ ଯୋଗାଣ ଧାରା ଅନ୍ତର୍ଗତ ଏହି ମଡେଲ ପ୍ରଦାନ କରିଥିବା କମ୍ପାନୀର ମୋବାଇଲ ବାଣିଜ୍ୟ ନିର୍ଦ୍ଦେଶକ ଆଦିତ୍ୟ ବବର କହିଛନ୍ତି।

# ଟ୍ରାଇବରର ସଫଳତା ଅବ୍ୟାହତ ରଖିଛି ରେନୋ




ନୂଆଦିଲ୍ଲୀ,୫–୨

ପ୍ରମୁଖ ଯାନ ନିର୍ମାତା ରେନୋ ଇଣ୍ଡିଆ ଏହାର ପ୍ରମୁଖ ଲୋକପ୍ରିୟ ମଡେଲ ଟ୍ରାଇବରର ସଫଳତା ଧାରା ଅବ୍ୟାହତ ରଖିଛି। ଅଟୋଏକ୍ସପୋ ୨୦୨୦ ଅବସରରେ କମ୍ପାନୀ ଟ୍ରାଇବର ଇଜିଆର୍ ଏଏମ୍‌ଟିକୁ ଉନ୍ମୋଚନ କରିଛି। କମ୍ପାନୀର ଆଫ୍ରିକା–ମିଡିଲ ଇଷ୍ଟ–ଇଣ୍ଡିଆ–ପାସିଫିକ ରିଜିଅନର ଅଧ୍ୟକ୍ଷ ଫାବ୍ରିସ କାମ୍ବୋଭିଲ, କଣ୍ଟ୍ରି ସିଇଓ ଭେଙ୍କଟରାମ ମାମିଲାପିଲେ ଏହାକୁ ଉନ୍ମୋଚନ କରିଛନ୍ତି। ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ଏହାକୁ ବଜାରକୁ ଛଡାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଭାରତୀୟ ବଜାରକୁ ଧ୍ୟାନରେ ରଖି ମଡେଲଟିକୁ ଡିଜାଇନ କରାଯାଇଛି। ୪ ମିଟର ମଧ୍ୟରେ ଏଥିରେ ଅନେକ ଡିଜାଇନ୍ ବୈଶିଷ୍ଟ୍ୟ ରହିଛି। ୪ ମିଟରରୁ କମ୍ ଲମ୍ବ ମଧ୍ୟରେ ସୁପର ସ୍ପେଶିୟସ, ଅଲ୍ଟ୍ରା ମଡ୍ୟୁଲାର, ମୂଲ୍ୟ ଉପଯୋଗୀ, ଇନ୍ଧନ ଦକ୍ଷତା ଏବଂ ଆକର୍ଷଣୀୟ ଇଣ୍ଟେରିୟର ସହ ଏହା ଆସିଛି। ଇଜି ଆର୍ ଏଏମ୍‌ଟି ବିକଳ୍ପ ସହ ରେନୋ ଆହୁରି ଫ୍ଲେକ୍ସିବୁଲ, ଆକର୍ଷଣୀୟ ଏବଂ ମୂଲ୍ୟ ଉପଯୋଗୀ ହୋଇପାରିବ। ଟ୍ରାଫିକ ବ୍ୟବସ୍ଥାରେ ସହଜ ନାଭିଗେଟ, ଆରାମଦାୟକ ଗ୍ରାହକ ଅନୁଭୂତି, ଉତ୍କୃଷ୍ଟ ଇନ୍ଧନ ଦକ୍ଷତା ପ୍ରଦାନ ଦିଗରେ ମଡେଲଟି ସହାୟକ ହୋଇପାରିବ ବୋଲି କମ୍ପାନୀ କହିଛି।


**ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ପଞ୍ଚାୟତ ସମିତି, ବୈପାରୀଗୁଡ଼ା**

ବିଜ୍ଞାପନ ନଂ. ୪୨୯ **ବ୍ଲକସ୍ତରୀୟ ଜନଶୁଣାଣି** ତାରିଖ: ୦୩।୦୨।୨୦୨୦

ବୈପାରୀଗୁଡ଼ା ବ୍ଲକ୍‌ର ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କୁ ଜଣାଇ ଦିଆଯାଉଛି କି, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGA) ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ୨୦୧୯–୨୦ ଆର୍ଥିକ ବର୍ଷରେ ୧ ଅପ୍ରେଲ ୨୦୧୯ ମାସଠାରୁ ୩୦ ସେପ୍ଟେମ୍ବର ୨୦୧୯ ମାସ ପର୍ଯ୍ୟନ୍ତ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡ଼ିକର ବ୍ଲକସ୍ତରୀୟ ଜନଶୁଣାଣି ପାଇଁ ଓସାଟ୍ (OSSAT) ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ପ୍ରକାରେ ତା୧୧।୦୨।୨୦୨୦ରିଖ ମଙ୍ଗଳବାର ଦିନ ୧୦.୦୦ ଘଟିକା ସମୟରେ ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ, ଅଣକୁଶଳୀ ଶ୍ରମିକ, ସାମାଜିକ ସହାୟତା କାର୍ଯ୍ୟକ୍ରମର ହିତାଧିକାରୀ, ବେସରକାରୀ ସଂଗଠନ, ବିଭିନ୍ନ ସରକାରୀ ବିଭାଗ, ବ୍ଲକସ୍ତରୀୟ ପଞ୍ଚାୟତିରାଜର ପ୍ରତିନିଧିମାନେ ଅଂଶଗ୍ରହଣ କରି ବହୁ ମୂଲ୍ୟବାନ ମତାମତ ଓ ଆପତ୍ତି ଅଭିଯୋଗ ଉପସ୍ଥାପନ କରିବା ହେବେ।

*ସ୍ୱା./– ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବୈପାରୀଗୁଡ଼ା*

**COLLECTORATE, GANJAM, CHATRAPUR**
**(SOCIAL SECURITY SECTION)**
**Phone Number: 06811263970, E-Mail: dswoganjam@nic.in / adswodwganjam@gmail.com**

Letter No. 439 Dt. 05.02.2020

**TENDER NOTIFICATION**

Sealed tenders are invited from the intending Registered Firms Supplying agencies for supply of essential articles/ commodities to Leprosy persons of the district. The sealed tenders are to be submitted on or before 17.02.2020 by 5.30 PM as per the prescribed terms and conditions. For further details please visit to Ganjam District website **www.ganjam.nic.in**.

**Sd./- District Social Security Officer, Ganjam**

**ତହସିଲଦାରଙ୍କ କାର୍ଯ୍ୟାଳୟ, ଚନ୍ଦ୍ରପୁର, ଜିଲ୍ଲା–ରାୟଗଡ**

**ଦୀର୍ଘମିଆଦୀ ଲିଜ୍ ନିମନ୍ତେ ଇସ୍ତାହାର**

ବିଜ୍ଞପ୍ତି ସଂଖ୍ୟା_୧୩୦_/୨୦୨୦ ତାରିଖ: ୨୧।୦୧।୨୦୨୦

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚନ୍ଦ୍ରପୁର ତହସିଲ ଅନ୍ତର୍ଗତ ଡାଙ୍ଗସୋରଡା ବାଲିଘାଟ ତଥା ବାଲି ସୈରାତ ଉତ୍ସ ଦୀର୍ଘମିଆଦୀ ଲିଜ୍ ସୂତ୍ରେ ଓଡ଼ିଶା ଲଘୁ ଖଣିଜ ରିହାତି (ସଂଶୋଧିତ) ଆଇନ ୨୦୧୬ (OMMC (Amendment) Rules–2016) ମୁତାବକ ପାଞ୍ଚ ବର୍ଷ ନିମନ୍ତେ ତଥା ୨୦୨୦–୨୧ ବର୍ଷଠାରୁ ୨୦୨୪–୨୫ ବର୍ଷ ପର୍ଯ୍ୟନ୍ତ ଲିଜ୍ ସୂତ୍ରେ ଦିଆଯିବ। ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା, ବିଜ୍ଞାପନ, ସର୍ତ୍ତାବଳୀ, ତହସିଲୱାରି ସୈରାତ ଉତ୍ସର ନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି **www.rayagada.nic.in**ରେ ଉପଲବ୍ଧ କରାଯାଇଅଛି। ଇଚ୍ଛୁକ ବ୍ୟକ୍ତିବିଶେଷ ବିଜ୍ଞାପନରେ ଦର୍ଶାଯାଇଥିବା Form–M ପୂରଣ କରି ତହସିଲଦାର, ଚନ୍ଦ୍ରପୁରଙ୍କ କାର୍ଯ୍ୟାଳୟକୁ ରେଜିଷ୍ଟ୍ରି ଡାକଯୋଗେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ।

**ସ୍ୱା./- ତହସିଲଦାର, ଚନ୍ଦ୍ରପୁର**

**ଡାକ ବିଭାଗ (ସିଭିଲ ୱିଙ୍ଗ୍)**

**ଇ–ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ୩ୟ ମହଲା, ପୋଷ୍ଟାଲ ଷ୍ଟୋର୍ ଡିପୋ ବିଲ୍‌ଡିଂ, ସତ୍ୟନଗର, ଭୁବନେଶ୍ୱର–୭୫୧୦୦୭ ଯୋଗ୍ୟ ଠିକାଦାରମାନଙ୍କଠାରୁ "ସମ୍ବଲପୁରଠାରେ ଏନ୍‌ଏସ୍‌ଏଚ୍, ସିଆର୍‌ସି ଏବଂ ଆର୍‌ଏମ୍‌ଏସ୍‌କୁ କାର୍ଯ୍ୟକ୍ଷମ କରିବା ପାଇଁ ପାର୍ସଲ ହବ୍ ବିଲ୍‌ଡିଂର ୧ମ ମହଲା ନିର୍ମାଣ" କାର୍ଯ୍ୟ ନିମନ୍ତେ ଅନ୍‌ଲାଇନ୍ ଶତକଡ଼ା ଦର ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ଅଟକଳ ମୂଲ୍ୟ: ଟ.୩୮,୭୯,୧୦୩.୦୦, ଇଏମ୍‌ଡି: ଟ.୭୭,୫୮୨/–, ଟେଣ୍ଡର ଦେୟ: ଶୂନ୍ୟ, ଇ–ଟେଣ୍ଡର ପ୍ରକ୍ରିୟାକରଣ ଦେୟ ଟ.୪,୫୭୭/– (ପ୍ରଯୁଜ୍ୟ ଟିକସ ସମେତ) ବିଡର୍‌ଙ୍କ ଦ୍ୱାରା ବହନ କରାଯିବ ଯାହା ଆଇଟିଆଇ ଲିଃ, ନୂଆଦିଲ୍ଲୀଙ୍କ ସପକ୍ଷରେ ଇ–ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ପୈଠଯୋଗ୍ୟ। ବିଡ୍ ଦାଖଲର ଶେଷ ସମୟ ଓ ତାରିଖ: ତା୧୭।୦୨।୨୦୨୦ରିଖ ୧୫.୦୦ ଘଟିକା। ସମାପ୍ତି ଅବଧି ୧୮୦ (ଏକଶହ ଅଶୀ) ଦିନ।

ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizarde.comରୁ ହାସଲ କରାଯାଇପାରିବ।

ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ୱର

**DISTRICT PROJECT OFFICE**
**SAMAGRA SIKSHYA, SUNDARGARH**
Notice No. 208 Pdg/ Date: 04.02.2020

**CORRIGENDUM**

Necessary corrigendum has been published in the district website i.e. www.sundergarh.nic.in & www.opepa.in in pursuance of this office Advertisement No. 174 (Pdg), dated 29.01.2020. The last date for submission of tender will be on 16.02.2020 instead of 17.02.2020. The details may be downloaded from the district website www.sundergarh.nic.in & www.opepa.in.

***Sd./- DPC, RTE-SS, Sundargarh***

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : www.oshb.org

ପତ୍ର ସଂଖ୍ୟା- 24 **ବିଜ୍ଞାପନ** ତା.31.01.20

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ରୁଚିକା ମାର୍କେଟ, ବରମୁଣ୍ଡା, ଭୁବନେଶ୍ୱର ହାଉସିଂ ପ୍ରକଳ୍ପରେ ଦୋକାନ ଗୃହ ନଂ- ସି–୫୦ (C-50) କୁ ଶ୍ରୀ ଲକ୍ଷ୍ମୀଧର ଯେନା, ପି–ବୃନ୍ଦାବନ ଯେନା, ସା–ପୋଖରୀଗାଁ, ପୋ–ବୋଗେଇସାହି, ଥା–ଗୋବିନ୍ଦପୁର, ଜି–କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଲକ୍ଷ୍ମୀଧର ଯେନା ଉକ୍ତ ଦୋକାନ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ମନୋଜ କୁମାର ସାହୁ, ପି–ସତ୍ୟନାରାୟଣ ସାହୁ, ଏଲ୍.ଆଇ.ଜି.–୭୩୪, ଝୁମୁଝୁମା, ଦ୍ୱିତୀୟ ପର୍ଯ୍ୟାୟ, ହାଉସିଂବୋର୍ଡ କଲୋନୀ, ପୋ–ଝୁମୁଝୁମା, ଥା–ଖଣ୍ଡଗିରି, ଜି–ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଦୋକାନ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା- ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପୁରୀ**

**ବିଜ୍ଞାପନ**

ସଂଖ୍ୟା: ୯୦୮ ତାରିଖ: ୩୧।୦୧।୨୦୨୦

ଏତଦ୍ୱାରା ସାଧାରଣ ନିର୍ବାଚନ – ୨୦୧୯ର ପୁରୀ ଜିଲ୍ଲାରେ ନିୟୋଜିତ ହୋଇଥିବା ସମସ୍ତ ଗାଡ଼ିର ମାଲିକ/ଡ୍ରାଇଭରମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେଉଁମାନେ ସେମାନଙ୍କ ଗାଡ଼ି ଭଡ଼ା ବାବଦକୁ ପ୍ରାପ୍ୟ ଅଦ୍ୟାବଧି ଗ୍ରହଣ କରି ନାହାନ୍ତି ସେମାନେ ଉକ୍ତ ବିଜ୍ଞପ୍ତି ପ୍ରକାଶନର ୧୦ଦିନ ମଧ୍ୟରେ ଉପ–ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପୁରୀରେ ନିଜାରତ ବିଭାଗରେ ଆବଶ୍ୟକୀୟ କାଗଜାତ ଦାଖଲ କରି ଗାଡ଼ି ଭଡ଼ା ବାବଦକୁ ପ୍ରାପ୍ୟ ଗ୍ରହଣ କରିପାରିବେ। ନିର୍ଦ୍ଧାରିତ ସମୟ ସୀମା ପରେ ସେମାନଙ୍କ ପ୍ରାପ୍ୟ ସରକାରଙ୍କ ତହବିଲକୁ ଫେରସ୍ତ ହୋଇଯିବ ଏବଂ ଏ ସମ୍ବନ୍ଧୀୟ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ ଯୋଗ୍ୟ ହେବ ନାହିଁ।

ସ୍ୱା./– ଉପଜିଲ୍ଲାପାଳ–ତଥା–ନିର୍ବାଚନ
ପଞ୍ଜୀକରଣ ଅଧିକାରୀ, ପୁରୀ

ପତ୍ର ସଂଖ୍ୟା: ୨୦୦ **ପୌରପରିଷଦ, ମାଲକାନଗିରି** ତା:୦୪।୦୨।୨୦୨୦

**ସ୍ୱଚ୍ଛ ସର୍ବେକ୍ଷଣ–୨୦୨୦** **ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା**

ମାଲକାନଗିରି ଜିଲ୍ଲା ଗଣପର୍ବ ମାଲ୍ୟବନ୍ତ ମହୋତ୍ସବ ଉପଲକ୍ଷେ ମାଲକାନଗିରି ଜିଲ୍ଲା ଓ ପୌର ପରିଷଦବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହ ନିମ୍ନ ନିୟମ ପାଳନ କରିବା ପାଇଁ ଅନୁରୋଧ।

(୧) ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟ ପ୍ରତିଷ୍ଠାନ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ୍ ପୃଥକ୍ ଭାବେ (ଓଦା ଓ ଶୁଖିଲା) ସଂଗୃହୀତ କରି ରଖିବେ ଏବଂ ତତ୍ ପରଦିନ ପୂର୍ବାହ୍ନରେ ପରିଷଦରେ ଆବର୍ଜନା ବାହନରେ ପକାଇବେ। (୨) ଅଯଥା ନିଜ ଆବର୍ଜନା ନିଜ ଦୋକାନ ସାମ୍ନାରେ ଥିବା ନର୍ଦ୍ଦମାରେ/ରାସ୍ତାରେ ପକାଇବେ ନାହିଁ। (୩) ସେହିଭଳି ସହରର ସମସ୍ତ ନାଗରିକ ମଧ୍ୟ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟବସ୍ତୁ ପୃଥକ୍ ପୃଥକ୍ ଭାବେ (ଓଦା ଓ ଶୁଖିଲା) ରଖି ନିର୍ଦ୍ଦିଷ୍ଟ ଆବର୍ଜନା ବାହନରେ ପକାଇବେ ଅଥବା ନିକଟସ୍ଥ ଆବର୍ଜନା କୁଣ୍ଡରେ ପକାଇବେ। (୪) କୌଣସି ନାଗରିକ ନିର୍ମାଣ ସାମଗ୍ରୀ ନର୍ଦ୍ଦମା କିମ୍ବା ରାସ୍ତାରେ ପକାଇ ଅବରୋଧ କରିବେ ନାହିଁ। (୫) କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା: ଗାଈ, ମହିଷୀ, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ। (୬) କୌଣସି ନାଗରିକ ଯଦି ଆବର୍ଜନା ଓ ନିର୍ମାଣ ସାମଗ୍ରୀ ପକାଇ ରାସ୍ତା ତଥା ନର୍ଦ୍ଦମା ଅବରୋଧ କରନ୍ତି, ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ପରିଷଦ ବାଧ୍ୟ ହେବେ। (୭) ଗୃହ ନିର୍ମାଣ (Building Plan Approval) କରିବା ନିମନ୍ତେ କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପରିଷଦ, ମାଲକାନଗିରିଙ୍କ ଅନୁମତି ନିତାନ୍ତ ଜରୁରୀ ଅଟେ। ଅନ୍ୟଥା ତାହା ଆଇନ ଅନୁଯାୟୀ ସ୍ୱୀକୃତି ହେବ ନାହିଁ। (୮) ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade License) ପୌର ପରିଷଦ ମାଲକାନଗିରିଙ୍କଠାରୁ ଗ୍ରହଣ କରିବା ନିତାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟ ସ୍ଥଳୀରେ ଲଗାଇ ରଖିବେ। (୯) ଦୁଇଚକିଆ ଓ ଚାରିଚକିଆ ଯାନ ରାଜରାସ୍ତା ଉପରେ ରଖି ଅବରୋଧ କରନ୍ତୁ ନାହିଁ। (୧୦) ସହରକୁ ସୁସ୍ଥ ଏବଂ ନିର୍ମଳ ରଖିବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ, ତେଣୁ ନିଜ ନିଜର କର୍ତ୍ତବ୍ୟ ପାଳନ କରି ପରିଷଦଙ୍କୁ ସହଯୋଗ ପ୍ରଦାନ କରନ୍ତୁ। (୧୧) ପରିଷଦର ଟିକସ ଆଦି ଠିକ୍ ସମୟରେ ପୈଠ କରନ୍ତୁ। (୧୨) ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୂରେଇ ରୁହନ୍ତୁ।

**ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା।**

ପାହାଡ଼ ପର୍ବତ ସବୁଜ ଘେରି
ସହର ଅଟଇ ମାଲକାନଗିରି ॥

ଆମେ ସମସ୍ତେ ଶପଥ ନେବା
ପଲିଥିନକୁ ଆମେ ଦୂରେଇ ଦେବା ॥

ପରିଷ୍କାର ପ୍ରତି ଯତ୍ନ ନିଅ
ଡାକ୍ତରଠାରୁ ଦୂରେଇ ରୁହ ॥

ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପରିଷଦ, ମାଲକାନଗିରି

**Government of Odisha**
**Housing and Urban Development Department**
**No.HUD-OE-MISC-05/2019 2720 /HUD, Dated.03.02.2020**

**TENDER CALL NOTICE**

C-485

1. Sealed tenders are invited on plain paper/ Letter pad by the undersigned from the local authorized Dealers/ Suppliers and Registered Firms having valid their own office/ shop at Bhubaneswar only, with valid GST registration No. and Income Tax ' clearance up to last assessment year/ copy of the last return filed and valid PAN for supply of Cartridges for Official use in Housing and Urban Development Department.

The Tender in all respect should reach before the undersigned on or before **10.02.2020** by **2.00 P.M** and the received Tenders will be opened on the same day at 4.00 P.M. in the presence of the bidders or their authorized representatives, if they so desire. In case this day is declared a Holiday for any reason, the quotations will be received and opened on the next working day at the scheduled time. The quantity described in the list is flexible. The prospective bidder may participate in cartridges (Section-I) only.

They are to deposit the tender in the office establishment section registered firms / Suppliers are requested to receive the list from Office Establishment Section, Housing and Urban Development Department at Office hour. The Tender will remain valid for one year from the date acceptance or decision of purchase committee will be final. The incomplete tender received after the scheduled date and time shall be rejected.

The undersigned reserves the right to reject any or all the Tenders received with assigning any reason thereof.

**Sd./- Under Secretary to Government**
**OIPR-13001/11/0023/1920**

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**Tel Irrigation Division, Sonepur**
**E-mail: eetelirrdivn@gmail.com**

No.A-656

**E-procurement Notice No - EE, TID, SNP -06/2019-20**

The **Executive Engineer, Tel Irrigation Division, Sonepur** on behalf of Governor of Odisha invites online **Percentage rate** tenders in single cover system to be received in **online mode** only for the works as detailed below.

| | | |
|---|---|---|
| 1 | Name of the work | Flood Protection Embankment Works |
| 2 | No of Works | 12 Nos |
| 3 | Class of Contractor | 'C', 'B'& 'A' Class (Odisha PWD or relevant class of other licensing Authority.) |
| 4 | Bid Identification No. | **EE, TID, SNP-06/2019-20** |
| 5 | Estimated Cost | Varies from Rs 27.13 to Rs 49.98 Lakhs |
| 6 | Period of Completion | As per mentioned in NIT |
| 7 | Date & time of availability of bid documents in the Portal. | **From 07.02.2020 (10.00 AM) to 24.02.2020 ( 05.30 PM)** |
| 8 | Last date/time for receipt of bids in the Portal | **In portal -24.02.2020 from 10.00 A.M up to 05.30 P.M.** |
| 9 | Date of Opening of Bid | **On Date 25.02.2020 (11.30 AM onwards in the Office of the undersigned)** |
| 10 | Name of the Officer inviting Bid | **Executive Engineer, Tel Irrigation Division, Sonepur (Dist.-Subarnapur)** |

Further details can be seen from the e-Procurement portal https://tendersodisha.gov.in.

**Sd/-**
**Executive Engineer**
**Tel Irrigation Division,**
**Sonepur**
OIPR-32362/11/0003/1920

OCPL Odisha Coal and Power Limited

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha
Ph No: 0674-2300654 /2300664

**NOTICE INVITING TENDER**

**NIT No: OCPL/SER-108/2020Date: 06/02/2020**

Sealed bids in prescribed format are invited from agencies/firms/companies forthe following work:

| Sl. No. | Name of the work | Cost of Tender Paper | BID Security | Issue of Tender Document | Last date of Sale/Download of Tender Document | Last date of Submission/ Opening of bid |
|---|---|---|---|---|---|---|
| 01 | Appointment of an agency for execution of recruitment process at Odisha Coal and Power Limited. | Rs.1180/- (Rupees One Thousand One Hundred and Eighty Only) inclusive of GST @ 18%. | Rs.30,000/- (Rupees Thirty Thousand Only). | 06/02/2020 | 17/02/2020 | 3:00 PM on 25/02/2020<br>3:30 PM on 25/02/2020 |

For further details, bidders may visit our website, i.e www.ocpl.org.in. Any clarification mayplease be addressed to the undersigned at the above address or by email to: a.kanungo@ocpl.org.in.

**Sd/-**
**Addl. General Manager (Commercial & Contracts)**

## ସଂକ୍ଷେପରେ

### କରୋନା ଲାଗି ଚିନ୍ତିତ ଟୋକିଓ ଅଲିମ୍ପିକ୍ସ ମୁଖ୍ୟ

ଟୋକିଓ,୫।୨- ପୂରା ବିଶ୍ୱରେ ଏବେ କରୋନା ଭାଇରାସର ଆତଙ୍କ ଖେଳିଛି। ଏହି ଭାଇରସ ଚାଇନାରେ ୪୦୦ରୁ ଅଧିକ ଜୀବନ ନେଇସାରିଲାଣି। ଟୋକିଓ ଅଲିମ୍ପିକ୍ସ ଆୟୋଜକମାନେ ଏ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଅଲିମ୍ପିକ୍ସକୁ ଆଉ ମାତ୍ର ୬ ମାସ ସମୟ ରହିଛି। ମୁଖ୍ୟ କାର୍ଯ୍ୟକାରୀ ଅଫିସର ତୋଶିରୋ ମୁଟୋ ଅନ୍ତର୍ଜାତୀୟ ପାରାଅଲିମ୍ପିକ୍ କମିଟିରେ କହିଛନ୍ତି, ମୁଁ ବହୁତ ଚିନ୍ତିତ। ଭାଇରସ ସଂକ୍ରାମକ ରୋଗ ଅଲିମ୍ପିକ୍ସକୁ ପ୍ରଭାବିତ କରିପାରେ। ଏହି ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର ହୋଇଯିବ ବୋଲି ମୁଁ ଆଶା କରୁଛି। ଆଥ୍‌ଲେଟ ଗ୍ରାମର ମେୟର ସାବୁରୋ କାୱାବୁଚି ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି। ଆଥ୍‌ଲେଟ ଗ୍ରାମରେ ୧୧ ହଜାର ଅଲିମ୍ପିଆନ ରହିବେ। ତେବେ ଅଲିମ୍ପିକ୍ସ ବାତିଲ ହେବା ନେଇ କୌଣସି ଯୋଜନା ନାହିଁ ବୋଲି ଆୟୋଜକମାନେ ଦାବି କରିଛନ୍ତି। କାରଣ ଏପର୍ଯ୍ୟନ୍ତ କରୋନା ଭାଇରସ ଯୋଗୁ ଜାପାନରେ କୌଣସି ମୃତାହତ ହୋଇନାହାନ୍ତି। କିନ୍ତୁ କିଛି ଅଲିମ୍ପିକ୍ କ୍ୱାଲିଫାଇଂ ଇଭେଣ୍ଟ ବାତିଲ କିମ୍ବା ସ୍ଥାନାନ୍ତର ହୋଇସାରିଛି।

### ଏସିଆନ ଚାମ୍ପିୟନଶିପ୍‌ରେ ଖେଳିବେ ଚାଇନିଜ୍ କୁସ୍ତିଯୋଦ୍ଧା

ନୂଆଦିଲ୍ଲୀ,୫।୨(ପି.ଟି.)- ଭାରତରେ ହେବାକୁ ଯାଉଥିବା ଏସିଆନ ରେସଲିଂ ଚାମ୍ପିୟନଶିପରେ ଚାଇନିଜ ଆଥ୍‌ଲେଟଙ୍କୁ ଅଂଶଗ୍ରହଣ କରିବାକୁ ସୁଯୋଗ ଦିଆଯିବ। ମାରାତ୍ମକ କରୋନା ଭାଇରସର ଆଶଙ୍କା ସତ୍ତ୍ୱେ କେନ୍ଦ୍ର ସରକାର ଆଶ୍ୱାସନା ଦେଇଛନ୍ତି ବୋଲି ବୁଧବାର ଭାରତୀୟ କୁସ୍ତିଯୋଦ୍ଧା ମହାସଂଘ (ଡବ୍ଲୁଏଫ୍‌ଆଇ) ପକ୍ଷରୁ କୁହାଯାଇଛି। ଭାଇରସ ବ୍ୟାପିବାର ଆଶଙ୍କା ଥିବାରୁ କେନ୍ଦ୍ର ସରକାର ଚାଇନିଜ ଯାତ୍ରୀଙ୍କ ପାଇଁ ଇ-ଭିଜା ସୁବିଧା ବାତିଲ କରିଦେଇଛନ୍ତି। ଚଳିତ ମାସ ୧୮ରୁ ୨୩ ତାରିଖ ପର୍ଯ୍ୟନ୍ତ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଆଶ୍ୱାସନା ଦିଆଯିବା ପରେ ୪୦ ଜଣିଆ ଚାଇନିଜ ଦଳ ଇଭେଣ୍ଟରେ ଅଂଶଗ୍ରହଣ କରିବ ବୋଲି ଡବ୍ଲୁଏଫ୍‌ଆଇ ଆଶା ପ୍ରକଟ କରିଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ପାକିସ୍ତାନ ଆଥ୍‌ଲେଟଙ୍କ ଭିଜାକୁ ମଞ୍ଜୁରୀ ଦେବା ପାଇଁ ଅନୁରୋଧ କରିଥିଲେ ଡବ୍ଲୁଏଫ୍‌ଆଇ ସଭାପତି ବ୍ରିଜ ଭୂଷଣ ଶରନ ସିଂ। ମୁଁ ବୈଦେଶିକ ମନ୍ତ୍ରୀଙ୍କୁ ଭେଟିଛି। ଦୁଇ ଦେଶର ଖେଳାଳିମାନେ ଅଂଶଗ୍ରହଣ କରିବାରେ କିଛି ଅସୁବିଧା ହେବ ନାହିଁ ବୋଲି ଆଶା ପ୍ରକଟ କରିଛନ୍ତି ବ୍ରିଜଭୂଷଣ।

### ଅଭିଷେକ ସିଏବିର ସର୍ବକନିଷ୍ଠ ସଭାପତି

କୋଲକାତା, ୫।୨ (ପି.ଟି.): ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ପୂର୍ବତନ ସଭାପତି ସ୍ୱର୍ଗତ ଜଗମୋହନ ଡାଲମିୟାଙ୍କ ପୁଅ ଅଭିଷେକ ସିଏବିର ନୂଆ ସଭାପତି ହୋଇଛନ୍ତି। କ୍ରିକେଟ୍ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ଅଷ୍ଟାଦଶ ସଭାପତି ଭାବେ ସେ ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏଥିସହ ୩୮ ବର୍ଷୀୟ ଅଭିଷେକ ସର୍ବକନିଷ୍ଠ ସଭାପତି ଭାବେ ସିଏବିର ଦାୟିତ୍ୱ ଗ୍ରହଣ କରିଛନ୍ତି। ଅଭିଷେକ ଏଥିପୂର୍ବରୁ ସିଏବିର ଯୁଗ୍ମ ସମ୍ପାଦକ ଭାବେ କାର୍ଯ୍ୟ ତୁଲାଇ ସାରିଛନ୍ତି। ସେହିଭଳି ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କ ଭାଇ ତଥା ପୂର୍ବତନ ବେଙ୍ଗଲ କ୍ରିକେଟର୍ ସ୍ନେହାଶିଷ ଗାଙ୍ଗୁଲି ମଧ୍ୟ ନିଦ୍ୱର୍ନ୍ଦ୍ୱରେ ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ବିସିସିଆଇର ସଭାପତି ଭାବେ ସୌରଭ ଦାୟିତ୍ୱ ଗ୍ରହଣ କରିବା ପରେ ସିଏବି ସଭାପତି ପଦ ଖାଲି ପଡ଼ିଥିଲା। ତେବେ ଲୋଧା କମିଟି ଦ୍ୱାରା ଆଗତ 'କୁଲିଂ ଅଫ୍ ପିରିୟଡ' ଆଧାରରେ ଅଭିଷେକଙ୍କ କାର୍ଯ୍ୟକାଳ ଅବଧି ମାତ୍ର ୨୨ ମାସ ରହିବ। ଅର୍ଥାତ ୬ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ସେ ଏହି ପଦରେ ରହିପାରିବେ।



" ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଆମେ ୩ ଗୋଲ କରିଥିବାରୁ ଖୁସି ଅନୁଭବ କରୁଛି। କେଉଁଥିରେ ସୁଧାର ଆବଶ୍ୟକ ଏହି ଟୁର୍‌ରୁ ଶିଖିବାକୁ ମିଳିଲା।

–ଜୋର୍ଡ ମାରିଜନେ, ଭାରତୀୟ ମହିଳା ହକି କୋଚ୍



" ୩୪୮ ରନ ଭଲ ସ୍କୋର ବୋଲି ଭାବିଥିଲି। କିନ୍ତୁ ନ୍ୟୁଜିଲାଣ୍ଡ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କଲେ। ଲଥାମଙ୍କ ଇନିଂସ ହାତରୁ ମ୍ୟାଚ୍ ଛଡ଼ାଇନେଲା।

–ବିରାଟ କୋହଲି, ଭାରତୀୟ ଅଧିନାୟକ

# ନ୍ୟୁଜିଲାଣ୍ଡ ଗସ୍ତରେ ଭାରତର ପ୍ରଥମ ପରାଜୟ



ପ୍ଲେୟର ଅଫ୍ ଦି ମ୍ୟାଚ୍ ରସ ଟେଲର।

**ହାମିଲଟନ, ୫।୨(ପି.ଟି.)**

ଟି୨୦ ସିରିଜ୍‌ରେ ୫-୦ରେ ବିଜୟୀ ହୋଇ କ୍ଲିନ୍ ସୁଇପ୍ କରିଥିବା ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଦିନିକିଆ ସିରିଜରେ କିନ୍ତୁ ପରାଜୟରୁ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ବୁଧବାର ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଅଭିଜ୍ଞ ରସ୍ ଟେଲରଙ୍କ ଅପରାଜିତ ଶତକ ସହାୟତାରେ ଭ୍ରମଣକାରୀ ଭାରତକୁ ୧୧ଟି ବଲ୍ ବାକି ରଖି ୪ ଉଇକେଟରେ ପରାସ୍ତ କରିଛି। ଟସ୍ ଜିତି ନ୍ୟୁଜିଲାଣ୍ଡ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ଭାରତ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରି ନିର୍ଦ୍ଧାରିତ ୫୦ ଓଭରରେ ୪ ଉଇକେଟ ହରାଇ ୩୪୭ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୪୮.୧ ଓଭରରେ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ୮୪ଟି ବଲ୍ ଖେଳି ୧୦ ଚୌକା ଓ ୪ ଛକା ସହ ୧୦୯ ରନର ଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଟେଲର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏଥିସହିତ ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜରେ ନ୍ୟୁଜିଲାଣ୍ଡ ୧-୦ରେ ଅଗ୍ରଣୀ ହାସଲ କରିଛି। ଶନିବାର ଅକ୍‌ଲାଣ୍ଡରେ ଦ୍ୱିତୀୟ ଦିନିକିଆ ମ୍ୟାଚ ଖେଳାଯିବ।

୩୪୮ ରନ କଷ୍ଟସାଧ୍ୟ ଟାର୍ଗେଟର ପିଛା କରି ନ୍ୟୁଜିଲାଣ୍ଡ ଅତି ସହଜରେ ବିଜୟୀ ହୋଇଥିଲା। ଦୁଇ ଓପନର ମାର୍ଟିନ ଗୁପ୍ଟିଲ ଓ ହେନେରୀ ନିକୋଲ୍ସ ପ୍ରଥମ ଉଇକେଟରେ ୮୫ ରନ କରି ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ଟେଲରଙ୍କ ଶତକକୁ ବାଦ୍ ଦେଲେ ନିକୋଲ୍ସ ୮୨ ବଲରୁ ୧୧ ଚୌକା ସହ ୭୮ ରନ କରି ରନ୍‌ଆଉଟ ହୋଇଥିଲେ। ସେହିପରି ଅଧିନାୟକ ତଥା ଉଇକେଟକିପର ଟମ୍ ଲଥାମ ୬୯ (୪୮ ବଲ, ୮ ଚୌକା, ୨ ଛକା) ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେହିପରି ଫର୍ମରେ ନ ଥିବା ଅଭିଜ୍ଞ ଓପନର ମାର୍ଟିନ ଗୁପ୍ଟିଲ ୩୨ ରନ ସଂଗ୍ରହ କରିଥିଲେ। ମିଚେଲ ସାଣ୍ଟନର ୧୨ ରନ କରି ଅପରାଜିତ ରହିଥିଲେ। ଚତୁର୍ଥ ଉଇକେଟରେ ଟେଲର ଓ ଲଥାମ ୮୦ ବଲରୁ ୧୩୮ ରନ କରି ଦଳର ବିଜୟ ପଥକୁ ସହଜ କରିଥିଲେ। ଭାରତୀୟ ବୋଲରଙ୍କ ପ୍ରଭାବହୀନ ବୋଲିଂର ଫାଇଦା ଉଠାଇଥିଲେ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ। ଦଳ ତରଫରୁ କୁଲଦୀପ ଯାଦବ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ ମଧ୍ୟ ୨, ମହମ୍ମଦ ସାମି ଓ ଶାର୍ଦ୍ଦୂଳ ଠାକୁର ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

**ଆୟାରଙ୍କ ଶତକ ନିଷ୍ଫଳ**

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ତରଫରୁ ଶ୍ରେୟାସ ଆୟାର ୧୦୭ଟି ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ୧ ଛକା ସହ ସର୍ବାଧିକ ୧୦୩ ରନର ଶତକୀୟ ପାଳି ଖେଳିଥିଲେ ମଧ୍ୟ ଶେଷରେ ତାହା ନିଷ୍ଫଳ ସାବ୍ୟସ୍ତ ହୋଇଥିଲା। ସେହିପରି ଇନ୍‌ଫର୍ମ ଲୋକେଶ ରାହୁଲ ୬୪ଟି ବଲର ସମ୍ମୁଖୀନ ହୋଇ ୩ ଚୌକା ଓ ୬ ଛକା ସହିତ ୮୮ ରନ କରି ଶେଷପର୍ଯ୍ୟନ୍ତ ଅପରାଜିତ ରହି ଦଳକୁ ବଡ଼ ସ୍କୋର ପ୍ରଦାନ କରିଥିଲେ। କେଦାର ଯାଦବ ୧୫ ବଲରୁ ୩ ଚୌକା ଓ ୧ ଛକା ସହ ଅପରାଜିତ ୨୬ ରନ ସଂଗ୍ରହ କରିଥିଲେ। ପଦାର୍ପଣ କରିଥିବା ଦୁଇ ଓପନର ପୃଥ୍ୱୀ ଶ ଓ ମୟଙ୍କ ଅଗ୍ରୱାଲ ୪୮ ବଲରୁ ୫୦ ରନ କରି ଭଲ ଆରମ୍ଭ କରିଥିଲେ ମଧ୍ୟ ବେଶି ସମୟ ତିଷ୍ଠିପାରି ନ ଥିଲେ। ପୃଥ୍ୱୀ ୨୦ ଓ ମୟଙ୍କ ୩୨ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ କୋହଲି ୬ ଚୌକା ସହ ୫୧ ରନର ଶତକୀୟ ପାଳି ଖେଳି ଇଶ୍ ସୋଧୀଙ୍କ ବଲରେ ଚକ୍‌ମା ଖାଇ ବୋଲ୍ଡ ହୋଇଥିଲେ। ଚତୁର୍ଥ ଉଇକେଟରେ ରାହୁଲ ଓ ଆୟାର ୧୦୧ ବଲରୁ ୧୩୬ ଓ ଏହାପୂର୍ବରୁ ତୃତୀୟ ଉଇକେଟରେ କୋହଲି ଓ ଆୟାର ଗୁରୁତ୍ୱପୂର୍ଣ୍ଣ ୧୦୨ ରନ ସଂଗ୍ରହ କରିଥିଲେ। ସେହିପରି ପଞ୍ଚମ ଉଇକେଟରେ କେଦାର ଓ ରାହୁଲ ୨୭ ବଲରୁ ଦ୍ରୁତ ତଥା ଅପରାଜିତ ୫୫ ରନ କରି ଦଳର ସ୍କୋରକୁ ସାଢେ ତିନିଶ ନିକଟରେ ପହଞ୍ଚାଇଥିଲେ।



### ନ୍ୟୁଜିଲାଣ୍ଡର ସଫଳ ରନ ଚେଜ୍

| ରନ | ବିପକ୍ଷ | ସ୍ଥାନ | ବର୍ଷ |
|---|---|---|---|
| ୩୪୮ | ବନାମ ଭାରତ | ହାମିଲଟନ | ୨୦୨୦* |
| ୩୪୭ | ବନାମ ଅଷ୍ଟ୍ରେଲିଆ | ହାମିଲଟନ | ୨୦୦୭ |
| ୩୩୭ | ବନାମ ଅଷ୍ଟ୍ରେଲିଅ | ଅକ୍‌ଲାଣ୍ଡ | ୨୦୦୭ |
| ୩୩୬ | ବନାମ ଇଂଲଣ୍ଡ | ଡୁନେଡିନ୍ | ୨୦୧୮ |

### ୪ ବର୍ଷରେ ପ୍ରଥମ ବ୍ୟାଟ୍ସମ୍ୟାନ ଶ୍ରେୟାସ

ଶ୍ରେୟାସ ଆୟାର ବୁଧବାର ଅନ୍ତର୍ଜାତୀୟ କ୍ୟାରିୟରରେ ପ୍ରଥମ ଶତକ ହାସଲ କରିଛନ୍ତି। ୪ ବର୍ଷ ପରେ ପ୍ରଥମ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ସେ ୪ ନମ୍ବର କ୍ରମରେ ବ୍ୟାଟିଂ କରି ବିଦେଶରେ ଶତକ ହାସଲ କରିଛନ୍ତି। ଆୟାର ୧୦୭ ବଲର ସମ୍ମୁଖୀନ ହୋଇ ୧୦୩ ରନ୍ କରିଥିଲେ। ତାଙ୍କ ପୂର୍ବରୁ ମନୀଷ ପାଣ୍ଡେ ସମାନ ବ୍ୟାଟିଂ ପୋଜିଶନରେ ବିଦେଶୀ ମାଟିରେ ଶତକ ହାସଲ କରିଥିଲେ। ୨୦୧୬, ଜାନୁୟାରୀ ୨୩ ତାରିଖରେ ପାଣ୍ଡେ ସିଡ୍‌ନୀଠାରେ ଅଷ୍ଟ୍ରେଲିଆ ବିପକ୍ଷରେ ୧୦୪ ରନ୍‌ର ଅପରାଜିତ ଇନିଂସ ଖେଳିଥିଲେ। ତେବେ ଗତ ୫ ବର୍ଷ ମଧ୍ୟରେ ଆୟାର ଚତୁର୍ଥ ବ୍ୟାଟ୍ସମ୍ୟାନ ଭାବେ ୪ ନମ୍ବର କ୍ରମରେ ଶତକ ହାସଲ କରିଛନ୍ତି। ଏହି ତାଲିକାରେ ପୂର୍ବତନ ଅଲରାଉଣ୍ଡର ଯୁବରାଜ ସିଂ (୧୫୦) ଓ ଅମ୍ବାତି ରାୟୁଡୁ (୧୦୦) ରହିଛନ୍ତି। ଉଲ୍ଲେଖଯୋଗ୍ୟ, ଆୟାର କ୍ୟାରିୟରର ୧୬ତମ ଦିନିକିଆ ମ୍ୟାଚ୍‌ରେ ୩ ସଂଖ୍ୟା ବିଶିଷ୍ଟ ସ୍କୋର ହାସଲ କରିଛନ୍ତି। ଏଥିପୂର୍ବରୁ ୮୮ ତାଙ୍କର ଶ୍ରେଷ୍ଠ ଇନିଂସ ଥିଲା। ଏହାବାଦ୍ ୬ ଅର୍ଦ୍ଧଶତକ ମଧ୍ୟ ତାଙ୍କ ଛୋଟିଆ କ୍ୟାରିୟରରେ ରହିଛି।

### ଭାରତ ବିପକ୍ଷରେ ସର୍ବାଧିକ ରନ୍ ଚେଜ୍

| ରନ | ବିପକ୍ଷ | ସ୍ଥାନ | ବର୍ଷ |
|---|---|---|---|
| ୩୫୯ | ଅଷ୍ଟ୍ରେଲିଆ | ମୋହାଲି | ୨୦୧୯ |
| ୩୪୮ | ନ୍ୟୁଜିଲାଣ୍ଡ | ହାମିଲଟନ | ୨୦୨୦* |
| ୩୨୨ | ପାକିସ୍ତାନ | ମୋହାଲି | ୨୦୦୭ |
| ୩୨୨ | ଶ୍ରୀଲଙ୍କା | ଦି ଓଭାଲ | ୨୦୧୭ |

### ଭାରତ ଦ୍ୱାରା ଦିଆଯାଇଥିବା ସର୍ବାଧିକ ୱାଇଡ୍

| | | | |
|---|---|---|---|
| ୩୧ | ବନାମ କେନିଆ | ବ୍ରିଷ୍ଟଲ | ୨୦୧୯ |
| ୨୮ | ବନାମ ଇଂଲଣ୍ଡ | ଦି ଓଭାଲ | ୨୦୦୪ |
| ୨୬ | ବନାମ ଅଷ୍ଟ୍ରେଲିଆ | ମୁମ୍ବାଇ | ୨୦୦୭ |
| ୨୫ | ବନାମ ୱେଷ୍ଟଇଣ୍ଡିଜ | ଚେନ୍ନାଇ | ୨୦୦୭ |
| ୨୪ | ବନାମ ନ୍ୟୁଜିଲାଣ୍ଡ | ହାମିଲଟନ | ୨୦୨୦* |

### ନମ୍ବର ୪ରେ ଉଭୟ ଦଳ ବ୍ୟାଟ୍ସମ୍ୟାନଙ୍କ ଶତକ

| | |
|---|---|
| ଏବି ଡିଭିଲର୍ସ (୧୦୭) ଓ ତାଟେଣ୍ଡା ଟାଇବୁ (୧୦୭) | ୨୦୦୭ |
| ଯୁବରାଜ ସିଂ (୧୫୦) ଓ ଇଅନ ମୋର୍ଗାନ (୧୦୨) | ୨୦୧୭ |
| ଶ୍ରେୟାସ ଆୟାର (୧୦୩) ଓ ରସ ଟେଲର (୧୦୯*) | ୨୦୨୦ |

### ପ୍ରଥମ ଦିନିକିଆ ସ୍କୋର ବୋର୍ଡ

**ଭାରତ ଇନିଂସ**

ପୃଥ୍ୱୀ-କ-ଲଥାମ-ବୋ-ଗ୍ରାଣ୍ଡହୋମ-୨୦
ମୟଙ୍କ-କ-ବ୍ଲୁଣ୍ଡେଲ-ବୋ-ସୌଦୀ-୩୨
କୋହଲି-ବୋ-ସୋଧି-୫୧
ଆୟାର-କ-ସାଣ୍ଟନର-ବୋ-ସୌଦୀ-୧୦୩
ରାହୁଲ-ନଟଆଉଟ-୮୮
କେଦାର-ନଟଆଉଟ-୨୬
ଅତିରିକ୍ତ-୨୭
ମୋଟ(୪ ଉଇକେଟ, ୫୦ ଓଭର) ୩୪୭।
ଉଇକେଟ ପତନ: ୧/୫୦, ୨/୫୪, ୩/୧୫୬, ୪/୨୯୨।

ବୋଲିଂ(ନ୍ୟୁଜିଲାଣ୍ଡ)
ଟିମ୍ ସୌଦୀ ୧୦-୧-୮୫-୨
ହାମିଶ ବେନେଟ ୧୦-୦-୭୭-୦
ଗ୍ରାଣ୍ଡହୋମ ୮-୦-୪୧-୧
ଜେମ୍ସ ନିଶାମ ୮-୦-୫୨-୦
ମିଚେଲ ସାଣ୍ଟନର ୧୦-୦-୫୮-୦
ଇଶ୍ ସୋଧି ୪-୦-୨୭-୧

**ନ୍ୟୁଜିଲାଣ୍ଡ ଇନିଂସ**

ଗୁପଟିଲ-କ-କେଦାର-ବୋ-ଶାର୍ଦ୍ଦୂଳ-୩୨
ନିକୋଲସ-ରନଆଉଟ-୭୮
ବ୍ଲୁଣ୍ଡେଲ-ଷ୍ଟ-ରାହୁଲ-ବୋ-କୁଲଦୀପ-୯
ଟେଲର-ନଟଆଉଟ-୧୦୯
ଲଥାମ-କ-ଶାମି-ବୋ-କୁଲଦୀପ-୬୯
ନିଶାମ-କ-କେଦାର-ବୋ-ଶାମି-୯
ଗ୍ରାଣ୍ଡହୋମ-ରନଆଉଟ-୧
ସାଣ୍ଟନର-ନଟଆଉଟ-୧୨
ଅତିରିକ୍ତ-୨୯
ମୋଟ(୪୮.୧ ଓଭର, ୬ ଉଇକେଟ) ୩୪୮
ଉଇକେଟ ପତନ: ୧/୮୫, ୨/୧୦୯, ୩/୧୭୧, ୪/୩୦୯, ୫/୩୨୮, ୬/୩୩୧।

ବୋଲିଂ(ଭାରତ)
ଯଶପ୍ରୀତ ବୁମ୍‌ରା ୧୦-୧-୫୩-୦
ମହମ୍ମଦ ଶାମି ୯.୧-୦-୬୩-୧
ଶାର୍ଦ୍ଦୂଳ ଠାକୁର ୯-୦-୮୦-୧
ରବୀନ୍ଦ୍ର ଜାଡେଜା ୧୦-୦-୬୪-୦
କୁଲଦୀପ ଯାଦବ ୧୦-୦-୮୪-୨

## କୋହଲିଙ୍କ ବ୍ରାଣ୍ଡ୍ ଭାଲ୍ୟୁ ସବୁଠୁ ଅଧିକ

**ନୂଆଦିଲ୍ଲୀ,୫।୨**

ଭାରତୀୟ ଅଧିନାୟକ ବିରାଟ କୋହଲି କେବଳ କ୍ରିକେଟ ଫିଲ୍ଡ ଯୋଗୁ ଚର୍ଚ୍ଚାରେ ରୁହନ୍ତି ତା ନୁହେଁ, ବରଂ ଫିଲ୍ଡ ବାହାରେ ମଧ୍ୟ। ତାଙ୍କ ବ୍ରାଣ୍ଡ ଭ୍ୟାଲୁ ଏବେ ଦେଶରେ ସର୍ବାଧିକ। କୋହଲିଙ୍କ ବ୍ରାଣ୍ଡ ଭାଲ୍ୟୁରେ ଗତବର୍ଷ ଅପେକ୍ଷା ୩୯ ପ୍ରତିଶତ ବୃଦ୍ଧି ପାଇଛି। ଫଳରେ ତାଙ୍କ ବ୍ରାଣ୍ଡ ଭାଲ୍ୟୁ ୨୩୭.୫ ନିୟୁତ ଡଲାରରେ ପହଞ୍ଚିଛି। ଏହା ଭାରତୀୟ ମୁଦ୍ରାରେ ୧୬୯୦ କୋଟି ଟଙ୍କାରୁ ଅଧିକ। ଏହା ଗ୍ଲୋବାଲ ଆଡଭାଇଜରି ଫାର୍ମ ଡଫ୍ ଆଣ୍ଡ ଫିଲେପ୍ସ ପକ୍ଷରୁ କୁହାଯାଇଛି। ବ୍ରାଣ୍ଡ ଭ୍ୟାଲୁ ସେଲିବ୍ରିଟିଙ୍କ ବିଜ୍ଞାପନ ଚୁକ୍ତିରୁ ଜଣାପଡ଼େ। କୋହଲି କ୍ରମାଗତ ତୃତୀୟ ଥର ପାଇଁ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ତାଙ୍କ ପଛକୁ ଅକ୍ଷୟ କୁମାର, ଦୀପିକା ପାଦୁକୋନ, ରଣବୀର ସିଂ ଓ ଶାହାରୁଖ ଖାଁଙ୍କ ଭଳି ବଲିଉଡ ଷ୍ଟାର ରହିଛନ୍ତି। ୨୦୧୯ ବର୍ଷ କୋହଲିଙ୍କ ପାଇଁ ଚମତ୍କାର ଥିଲା। ସେ ସମସ୍ତ ଫର୍ମାଟକୁ ମିଶାଇଲେ ସର୍ବାଧିକ ରନ୍ କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ କୋହଲି କ୍ରମାଗତ ଚତୁର୍ଥ ଥର ପାଇଁ ଗୋଟିଏ ବର୍ଷରେ ସର୍ବାଧିକ ରନ୍ କରିଥିଲେ। ତାଙ୍କ ନେତୃତ୍ୱରେ ଦଳ ଆଇସିସି ଦିନିକିଆ ବିଶ୍ୱକପ୍ ସେମିଫାଇନାଲରୁ ବିଦାୟ ନେଇଥିଲା। ଏହି ତାଲିକାରେ ୪୧.୨ ନିୟୁତ ବ୍ରାଣ୍ଡ ଭ୍ୟାଲୁ ସହ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ (୯ମ ସ୍ଥାନ) ରହିଛନ୍ତି। ତାଙ୍କ ପଛକୁ ସଚିନ ତେନ୍ଦୁଲକର (୧୫ତମ) ଓ ରୋହିତ ଶର୍ମା (୨୦ତମ) ଅଛନ୍ତି।

## ଏକାଥରକେ ପଦାର୍ପଣ କରିଥିବା ଦୁଇ ଭାରତୀୟ ଓପନର



ମୟଙ୍କ ଅଗ୍ରୱାଲ ଓ ପୃଥ୍ୱୀ ଶ।

**ହାମିଲଟନ,୫।୨**

ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ଟିମ୍ ଇଣ୍ଡିଆ ପାଇଁ ଦୁଇ ପଦାର୍ପଣକାରୀ ଖେଳାଳି ପୃଥ୍ୱୀ ଶ' ଓ ମୟଙ୍କ ଅଗ୍ରୱାଲ ଓପନିଂ କରିଥିଲେ। ତେବେ ଦୁଇ ବ୍ୟାଟ୍ସମ୍ୟାନ ପ୍ରଥମ ମ୍ୟାଚ୍‌ରେ ସେତେଟା ସଫଳ ହୋଇନାହାନ୍ତି। ଦୁହେଁ ପ୍ରଥମ ଉଇକେଟ ପାଇଁ ୫୦ ରନ୍ ଯୋଡ଼ିଥିଲେ। ପୃଥ୍ୱୀ ୨୦ ଓ ମୟଙ୍କ ୩୨ ରନ୍ କରିଥିଲେ। ଦୁଇ ପଦାର୍ପଣକାରୀ ବ୍ୟାଟ୍ସମ୍ୟାନ ଭାରତ ଲାଗି ଓପନ କରିବାର ଏହା ତୃତୀୟ ଘଟଣା। ଏଥିପୂର୍ବରୁ ଲୋକେଶ ରାହୁଲ ଓ କରୁନ ନାୟର ୨୦୧୬ରେ ହରାରେଠାରେ ଜିମ୍ବାୱେ ବିପକ୍ଷରେ ଇନିଂସ ଆରମ୍ଭ କରିଥିଲେ। ପାର୍ଥସାରଥି ଶର୍ମା ଓ ଦିଲୀପ ଭେଙ୍ଗସରକର ପ୍ରଥମ ଥର ପାଇଁ ପଦାର୍ପଣ ମ୍ୟାଚ୍‌ରେ ଓପନିଂ କରିଥିଲେ। ଏହି ଘଟଣା ୧୯୭୬ରେ ଖ୍ରୀଷ୍ଟଚର୍ଚ୍ଚଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ଘଟିଥିଲା।

## ବିଜୟ ସହ ଅଭିଯାନ ଶେଷ କଲା ଭାରତ

**ଅକ୍‌ଲାଣ୍ଡ, ୫।୨**

ଭାରତୀୟ ମହିଳା ହକି ଦଳ ବିଜୟ ସହ ଏହାର ନ୍ୟୁଜିଲାଣ୍ଡ ଟୁର୍ ଶେଷ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚରେ ଭ୍ରମଣକାରୀ ଦଳ ନ୍ୟୁଜିଲାଣ୍ଡକୁ ୩-୦ ଗୋଲରେ ପରାସ୍ତ କରିଛି। ଭାରତ ପକ୍ଷରୁ ନଭନୀତ କୌର ୨ଟି ଓ ଶର୍ମିଳା ଗୋଟିଏ ଗୋଲ ସ୍କୋର କରିଛନ୍ତି। ଏହି ଟୁର୍‌ର ପ୍ରଥମ ମ୍ୟାଚରେ ଭାରତୀୟ ଦଳ ନ୍ୟୁଜିଲାଣ୍ଡର ଯୁବ ଦଳକୁ ୪-୦ ଗୋଲରେ ପରାସ୍ତ କରିଥିଲା। ମାତ୍ର ପରବର୍ତ୍ତୀ ୨ଟି ମ୍ୟାଚରେ ନ୍ୟୁଜିଲାଣ୍ଡ ଜାତୀୟ ଦଳଠାରୁ ଯଥାକ୍ରମେ ୧-୨, ଓ ୦-୧ ଗୋଲରେ ପରାଜିତ ହୋଇଥିଲା। ୪ର୍ଥ ମ୍ୟାଚରେ ଅଧିନାୟିକା ରାଣୀଙ୍କ ଗୋଲ ବଳରେ ଭାରତ ୧-୦ ଗୋଲରେ ଗ୍ରେଟ୍ ବ୍ରିଟେନକୁ ହରାଇଥିବାବେଳେ ଶେଷ ମ୍ୟାଚରେ ନ୍ୟୁଜିଲାଣ୍ଡ ଜାତୀୟ ଦଳକୁ ହରାଇ ମନୋବଳ ଦୃଢ଼ କରିଛି।

ପୂରା ସିରିଜରେ ଭାରତୀୟ ଦଳ ଚାପକୁ ଭଲଭାବେ ହାତେଇବା ସହ ଶୃଙ୍ଖଳିତ ପ୍ରଦର୍ଶନ କରିଥିଲା। ମ୍ୟାଚଟି ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ ଭାରତୀୟ ଦଳ ପ୍ରଭାବୀ ପ୍ରଦର୍ଶନ କରିଥିଲା। ୪୫ତମ ମିନିଟରେ ନଭନୀତ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ନ୍ୟୁଜିଲାଣ୍ଡ ଗୋଲ ପରିଶୋଧ ଚକ୍କରରେ ଥିବାବେଳେ ୫୪ତମ ମିନିଟରେ ଶର୍ମିଳା ଏହାକୁ ୨-୦ରେ ପରିଣତ କରିଥିଲେ। ମ୍ୟାଚ ଶେଷହେବାର ୨ ମିନିଟ ପୂର୍ବରୁ ଅର୍ଥାତ୍ ୫୮ତମ ମିନିଟରେ ନଭନୀତ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ଭାରତର ବିଜୟକୁ ଏକପ୍ରକାର ନିଶ୍ଚିତ କରିଦେଇଥିଲେ। ଶେଷ ୨ ମିନିଟରେ ନ୍ୟୁଜିଲାଣ୍ଡ ଆକ୍ରମଣାତ୍ମକ ଖେଳିଥିଲେ ହେଁ ଭାରତୀୟ ଡିଫେନ୍ସ ବିଭାଗ ସଫଳତାର ସହ ତାହାକୁ ପ୍ରତିହତ କରିଥିଲା। "ଭାରତୀୟ ଦଳ ସଫଳତାର ସହ ନ୍ୟୁଜିଲାଣ୍ଡ ଟୁର୍ ଶେଷ କରିଥିବାରୁ ମୁଁ ବହୁତ ଖୁସୀ। ବିଶେଷକରି ଶେଷ ମ୍ୟାଚରେ ୩ ଗୋଲ ମୋତେ ଆନନ୍ଦିତ କରିଛି। କେଉଁ ବିଭାଗରେ ଆମର ଦୁର୍ବଳତା ଅଛି ତାହା ଏହି ସିରିଜରୁ ଜଣାପଡ଼ିଛି। ଆମେ ତାକୁ ଧ୍ୟାନରେ ରଖି ଅଭ୍ୟାସ କରିବୁ" ବୋଲି କୋଚ୍ ଜୋର୍ଡ ମାରିଜନେ ପ୍ରକାଶ କରିଛନ୍ତି। ଭାରତୀୟ ଦଳ ଶୁକ୍ରବାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବ।



ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

### ମହିଳା ହକି ଦଳର ନ୍ୟୁଜିଲାଣ୍ଡ ଟୁର୍

- ନଭନୀତଙ୍କ ଡବଲ, ଶର୍ମିଳାଙ୍କ ୧ ଗୋଲ
- ନ୍ୟୁଜିଲାଣ୍ଡ ୦-୩ ଗୋଲରେ ପରାସ୍ତ



"ଜାତୀୟ ସ୍ପୋର୍ଟ୍ସ ଫେଡେରେଶନ ପାଇଁ ଅର୍ଥର କୌଣସି ଅଭାବ ରହିବ ନାହିଁ। ଯଦି ସେମାନେ ଅଧିକ ଅର୍ଥରାଶି ଆବଶ୍ୟକ କରନ୍ତି ତେବେ ପ୍ରଦାନ କରାଯିବ।"
-କିରନ ରିଜିଜୁ, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ



"ବଡ଼ ପାର୍ଟନରଶିପ୍ ଗଢ଼ିବା ଏବଂ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ବିଚଳିତ ନ ହେବା ଆମକୁ ଏହି ହାଇସ୍କୋରିଂ ମ୍ୟାଚ୍ ଜିତାଇବାରେ ସହାୟକ ହେଲା।"
-ଟମ୍ ଲଥାମ, କାମଚଳା ନ୍ୟୁଜିଲାଣ୍ଡ ଅଧିନାୟକ

## ସଂକ୍ଷେପରେ

### ହାର୍ଟ ଅପରେଶନ କରିବେ ଲିମ୍ୟାନ



ସିଡ୍ନୀ, ୫।୨ (ଏଏଫ୍‌ପି)- ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟର୍ ତଥା କୋଚ୍ ଡାରେନ ଲିମ୍ୟାନ ହାର୍ଟ ବାଇପାସ ଅପରେଶନ କରିବେ। ବୁଧବାର ସେ ଛାତିରେ କଷ୍ଟ ଅନୁଭବ କରିବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅଷ୍ଟ୍ରେଲିଆର ଏହି ଲୋକପ୍ରିୟ କ୍ରିକେଟର୍‌ଙ୍କ ବୁଧବାର ୫୦ତମ ଜନ୍ମଦିବସ ଥିଲା। ଏହି ଅବସରରେ ସେ ଗୋଲ୍ଡକୋଷ୍ଟରେ ଉପସ୍ଥିତ ରହି ପୁଅର କ୍ରିକେଟ୍ ମ୍ୟାଚ୍ ଉପଭୋଗ କରୁଥିଲେ। ତେବେ ଏହି ସମୟରେ ତାଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇଥିଲା। ହସ୍ପିଟାଲରେ ଲିମ୍ୟାନଙ୍କୁ ବିଶ୍ରାମ ନେବାକୁ ଡାକ୍ତର ପରାମର୍ଶ ଦେଇଥିବାବେଳେ ଆସନ୍ତା ଶନିବାର ତାଙ୍କର ହାର୍ଟ ଅପରେସନ ହେବ ବୋଲି କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ପକ୍ଷରୁ କୁହାଯାଇଛି। ଲେହମ୍ୟାନ ଅଷ୍ଟ୍ରେଲିଆ ପକ୍ଷରୁ ୧୧୭ ଦିନିକିଆ, ୨୭ ଟେଷ୍ଟ ଓ ୧୭ ଟି୨୦ ମ୍ୟାଚ୍ ଖେଳିଥିଲେ। କ୍ରିକେଟ୍‌ରୁ ଅବସର ପରେ ସେ ଜାତୀୟ ଦଳର ପ୍ରଶିକ୍ଷଣ ଦାୟିତ୍ୱ ତୁଲାଇଥିଲେ। କିନ୍ତୁ ବହୁଚର୍ଚ୍ଚିତ ବିବାଦୀୟ ବଲ୍ ଟ୍ୟାମ୍ପରିଂ ମାମଲା ପରେ ସେ ନିଜ ପଦରୁ ଇସ୍ତଫା ଦେଇଥିଲେ।

### ମନ୍ଥର ବୋଲିଂ: ଭାରତ ଦଣ୍ଡିତ

ହାମିଲଟନ,୫।୨(ପି.ଟି.)- ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ମନ୍ଥର ବୋଲିଂ କାରଣରୁ ଭାରତୀୟ କ୍ରିକେଟରମାନେ ଅର୍ଥଦଣ୍ଡର ସମ୍ମୁଖୀନ ହୋଇଛନ୍ତି। ଖେଳାଳିମାନଙ୍କ ମ୍ୟାଚ୍ ପାଉଣାର ୮୦ ପ୍ରତିଶତ ଜରିବାନ ଆକାରରେ ଦେବାକୁ କୁହାଯାଇଛି। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଏଲିଟ୍ ପ୍ୟାନେଲ ମ୍ୟାଚ୍ ରେଫରି କ୍ରିସ୍ ବ୍ରୋଡ ଏହି ଜରିମାନା ଧାର୍ଯ୍ୟ କରିଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ଭାରତ ୪ ଓଭର କମ୍ ବୋଲିଂ କରିବାରୁ ଏପରି ନିଷ୍ପତ୍ତି ନିଆଯାଇଛି ବୋଲି ବ୍ରଡ କହିଛନ୍ତି। ଗୋଟିଏ ଓଭର କମ୍ ବୋଲିଂ ପାଇଁ ମ୍ୟାଚ୍ ପାଉଣାର ୨୦ ପ୍ରତିଶତ ଜରିମାନା ଧାର୍ଯ୍ୟ କରାଯାଇଥାଏ। ତେଣୁ ୪ ଓଭର ବୋଲିଂ କମ୍ ହୋଇଥିବାରୁ ୮୦ ପ୍ରତିଶତ ଜରିମାନା ଧାର୍ଯ୍ୟ କରାଯାଇଛି ବୋଲି ଆଇସିସି ତରଫରୁ ସ୍ପଷ୍ଟ କରାଯାଇଛି। ଅଧିନାୟକ କୋହଲି ଜରିମାନାକୁ ମାନିନେଇଥିବାରୁ କୌଣସି ଶୁଣାଣିର ଆବଶ୍ୟକତା ନାହିଁ ବୋଲି କୁହାଯାଇଛି।

# ରାଜେଶଙ୍କ ଶତକ ସତ୍ତ୍ୱେ ଓଡ଼ିଶା ୨୯୩

## ଗାଏକ୍ୱାଡଙ୍କ ଶତକ: ଦୃଢ଼ ସ୍ଥିତିରେ ମହାରାଷ୍ଟ୍ର

**ରଣଜୀ ଟ୍ରଫି**

କଟକ ଅଫିସ,୫।୨

ମହାରାଷ୍ଟ୍ରର ନାଗୋଥାନେ ସ୍ଥିତ ରିଲାଏନ୍ସ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା-ମହାରାଷ୍ଟ୍ର ରଣଜୀ ଟ୍ରଫି କ୍ରିକେଟ ମ୍ୟାଚର ଦ୍ୱିତୀୟ ଦିବସ ଖେଳ ବୁଧବାର ଶେଷ ହୋଇଛି। ଉଇକେଟକିପର ରାଜେଶ ଧୂପର(୧୧୦ ରନ) ପ୍ରଥମଶ୍ରେଣୀ କ୍ରିକେଟରେ ପ୍ରଥମ ଶତକ ହାସଲ କରିଥିଲେ ହେଁ ଓଡ଼ିଶା ପ୍ରଥମ ଇନିଂସ ୨୯୩ ରନରେ ସୀମିତ ରହିଛି। ମହାରାଷ୍ଟ୍ର ଦ୍ୱିତୀୟ ଦିବସ ଖେଳର ଷ୍ଟମ୍ପ ଅପସାରଣ ସୁଦ୍ଧା ଋତୁରାଜ ଗାଏକ୍ୱାଡଙ୍କ ଶତକ ସହାୟତାରେ ୨ ଉଇକେଟ ହରାଇ ୨୧୯ରନ କରିଛି। ଫଳରେ ଘରୋଇ ଦଳ ୮ ଉଇକେଟ ସୁରକ୍ଷିତ ରଖି ୭୪ରନ ପଛରେ ରହିଛି। ଭ୍ରମଣକାରୀ ଓଡ଼ିଶା ଗୁରୁବାର ମହାରାଷ୍ଟ୍ରକୁ ଅଳ୍ପ ରନ୍ ବ୍ୟବଧାନରେ ଅଲଆଉଟ୍ କରିବାକୁ ଚେଷ୍ଟା କରିବ ବୋଲି ଅଧିନାୟକ ଶୁଭ୍ରାଂଶୁ ଶେଖର ସେନାପତି କହିଛନ୍ତି।

ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ମଙ୍ଗଳବାର ଖେଳ ଶେଷ ସୁଦ୍ଧା ୫ ଉଇକେଟ ହରାଇ ୨୨୦ରନ କରିଥିଲା। ଓପନର ଶାନ୍ତନୁ ମିଶ୍ର ୮୪ରନ ଓ ଉଇକେଟ କିପର ରାଜେଶ ୬୭ରନରେ ଅପରାଜିତ ଥିଲେ। ଶାନ୍ତନୁ ବ୍ୟକ୍ତିଗତ ସ୍କୋରରେ କୌଣସି ରନ୍ ଯୋଡ଼ିବା ପୂର୍ବରୁ ଅଶୟ ପାଲକାରଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ପରେ ଦେବବ୍ରତ ପ୍ରଧାନ ଖାତା ଖୋଲିବା ପୂର୍ବରୁ ମୁକେଶ ଚୌଧୁରୀଙ୍କ ଶିକାର ହୋଇଥିଲେ। ୨୨୬ ରନରେ ଓଡ଼ିଶା ୭ମ ଉଇକେଟ ହରାଇଥିଲା। ୮ମ ଉଇକେଟରେ ରାଜେଶ ଓ ସୂର୍ଯ୍ୟକାନ୍ତ ପ୍ରଧାନ ୩୩ ରନ ସଂଗ୍ରହ କରିବା ସହ ଦଳୀୟ ସ୍କୋରକୁ ୨୫୦ ଅତିକ୍ରମ କରାଇଥିଲେ। ୧୩ବଲରୁ ୫ଟି ଚୌକା ଓ ଗୋଟିଏ ଛକା ବଳରେ ୨୮ରନ କରି ସୂର୍ଯ୍ୟକାନ୍ତ ଅଶୟ ପାଲକାରଙ୍କ ପରବର୍ତ୍ତୀ ଶିକାର ହୋଇଥିଲେ। ହେଲେ ଉଇକେଟ କିପର ରାଜେଶ ଧୂପର ପ୍ରଥମଦିନ ଭଳି ବୁଧବାର ମଧ୍ୟ ବଡ଼ଶଟ୍ ମାଧ୍ୟମରେ ରନ୍ ସଂଗ୍ରହ ଜାରି ରଖିଥିଲେ। ମହାରାଷ୍ଟ୍ର ବୋଲରଙ୍କୁ ଆକ୍ରମଣାତ୍ମକ ଶୈଳୀରେ ସମ୍ମୁଖୀନ କରୁଥିଲେ ରାଜେଶ। ୧୩୯ ବଲରୁ ସେ ଶତକ ପୂରଣ କରିଥିବାବେଳେ ଅନ୍ତିମ ପର୍ଯ୍ୟନ୍ତ ୧୧୦ରନରେ ଅପରାଜିତ ଥିଲେ। ଏହା ମଧ୍ୟରେ ୬ଟି ଚୌକା ଓ ୭ଟି ଛକା ସାମିଲ ଥିଲା। ନିମ୍ନକ୍ରମର ବ୍ୟାଟ୍ସମ୍ୟାନ ରାଜେଶ ମହାନ୍ତି ୦ ଓ ପପୁ ରାୟ ୧ରନରେ ଆଉଟ ହୋଇଥିଲେ। ଅଶୟ ପାଲକାର ସର୍ବାଧିକ ୪ଟି ଉଇକେଟ ଅକ୍ତିଆର କରିଥିବା ବେଳେ ମୁକେଶ ଚୌଧୁରୀ ଓ ସତ୍ୟଜିତ ବଚଭଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା। ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ମହାରାଷ୍ଟ୍ର ୩୮ରନରେ ଦୁଇ ଓପନରଙ୍କୁ ହରାଇଥିଲା। ସ୍ୱପ୍ନିଲ ଗୁଗାଲେଙ୍କୁ ୭ରନରେ ରାଜେଶ ମହାନ୍ତି କ୍ୟାଚ୍ ଆଉଟ କରିଥିବା ବେଳେ ଅନ୍ୟତମ ଓପନର ଜୟ ପାଣ୍ଡେ ୧୭ରନରେ ସୂର୍ଯ୍ୟକାନ୍ତଙ୍କ ଶିକାର ହୋଇଥିଲେ। ୩ୟ ଉଇକେଟରେ ୧୮୧ରନ୍ ଭାଗୀଦାର ସୃଷ୍ଟି ହେବା ଯୋଗୁ ଓଡ଼ିଶା ଶିବିରରେ ନିରାଶ ଖେଳିଛି। ଋତୁରାଜ ଗାଏକ୍ୱାଡ ୧୧୦ ଓ ଅଧିନାୟକ ଅଙ୍କିତ ବାୱନେ ୮୦ରନରେ ଅପରାଜିତ ଅଛନ୍ତି।



ରାଜେଶ ଧୂପର

**ସଂକ୍ଷିପ୍ତ ସ୍କୋର**

- ଓଡ଼ିଶା ପ୍ରଥମ ଇନିଂସ: ୨୯୩/ଅଲଆଉଟ (ରାଜେଶ ଧୂପର-୧୧୦, ଶାନ୍ତନୁ ମିଶ୍ର-୮୪, ଅନୁରାଗ ଷଡ଼ଙ୍ଗୀ-୪୧, ସୂର୍ଯ୍ୟକାନ୍ତ ପ୍ରଧାନ-୨୮, ଅଶୟ ପାଲକର-୪/୮୧, ମୁକେଶ ଚୌଧାରୀ-୨/୭୯, ସତ୍ୟଜିତ ବଚଭ-୨/୭୦, ମନୋଜ ଇଙ୍ଗାଲେ-୧/୩୧)।
- ମହାରାଷ୍ଟ୍ର ପ୍ରଥମ ଇନିଂସ: ୨୧୯/୨(ଋତୁରାଜ ଗାଏକ୍ୱାଡ-୧୧୦*, ଅଙ୍କିତ ବାୱନେ-୮୦*, ରାଜେଶ ମହାନ୍ତି-୧/୧୫, ସୂର୍ଯ୍ୟକାନ୍ତ ପ୍ରଧାନ-୧/୪୨)।

### ରାଜେଶଙ୍କ ପ୍ରଥମ ଶତକ

୧୪ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିବା ପରେ ଉଇକେଟ କିପର ରାଜେଶ ଧୂପର କ୍ୟାରିୟରର ପ୍ରଥମ ଶତକ ହାସଲ କରିଛନ୍ତି। ଧୂଆଁଧାର ବ୍ୟାଟ୍ସମ୍ୟାନ ଭାବେ ପରିଚିତ ରାଜେଶ ମହାରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ନିଜ ବ୍ୟାଟିଂ ଶୈଳୀର ଛାପ ଛାଡ଼ିଛନ୍ତି। ଗତ ସିଜନରେ ଡ୍ରିମସ ଗ୍ରାଉଣ୍ଡରେ ତାମିଲନାଡୁ ବିପକ୍ଷରେ କରିଥିବା ୯୭ରନ ତାଙ୍କର ସର୍ବାଧିକ ସ୍କୋର ଥିଲା। ରାଜେଶଙ୍କ ଘର କଟକରେ।

## ଗାଙ୍ଗୁଲି ଡାଲମିଆ ବକ୍ତୃତା ପ୍ରଦାନ କରିବେ

କୋଲକାତା,୫।୨(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ଜଗମୋହନ ଡାଲମିଆ ଆନୁଆଲ କନ୍‌କ୍ଲେଭରେ ବକ୍ତୃତା ପ୍ରଦାନ କରିବେ। ଏ ନେଇ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ଅଧ୍ୟକ୍ଷ ଅଭିଷେକ ଡାଲମିଆ ଘୋଷଣା କରିନ୍ତି। ଆଗାମୀ ମାର୍ଚ୍ଚରେ ଖେଳାଯିବାକୁ ଥିବା ଭାରତ- ଦକ୍ଷିଣ ଆଫ୍ରିକା ପ୍ରଥମ ଦିନିକିଆ ମ୍ୟାଚ୍‌ର ଅବ୍ୟବହିତ ପୂର୍ବରୁ ୧୮ ତାରିଖରେ ଐତିହାସିକ ଇଡେନ ଗାର୍ଡେନ୍ସରେ ଏହି କନ୍‌କ୍ଲେଭର ଆୟୋଜନ ହେବ। ଗାଙ୍ଗୁଲି ଏ ନେଇ ସମ୍ମତି ପ୍ରକାଶ କରିଛନ୍ତି ବୋଲି ଅଭିଷେକ କହିଛନ୍ତି। ଗତଥର ୨୦୧୮ରେ ପୂର୍ବତନ ଦକ୍ଷିଣ ଆଫ୍ରିକା ଅଧିନାୟକ ଗ୍ରେମ୍ ସ୍ମିଥ୍ ବକ୍ତୃତା ପ୍ରଦାନ କରିଥିଲେ। ଏହି ଅବସରରେ କିମ୍ବଦନ୍ତୀ କ୍ରିକେଟର ବ୍ରାଏନ ଲାରା ଉପସ୍ଥିତ ଥିଲେ। ଉଲ୍ଲେଖଥାଉ କି, ପୂର୍ବତନ ବିସିସିଆଇ ସଭାପତି ତଥା ବରିଷ୍ଠ କ୍ରିକେଟ ପ୍ରଶାସକ ଜଗମୋହନ ଡାଲମିଆଙ୍କ ସ୍ମୃତିରେ ଏହା ଆୟୋଜିତ ହୋଇଆସୁଛି। ପ୍ରଥମ ସଂସ୍କରଣରେ କପିଳ ଦେବ ବକ୍ତୃତା ପ୍ରଦାନ କରିଥିଲେ। ସେତେବେଳେ ଶ୍ରୀଲଙ୍କା କ୍ରିକେଟ ଅଧ୍ୟକ୍ଷ ଥିଲଙ୍ଗା ସୁମାଥିପାଲା ଓ ପୂର୍ବତନ ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ୍ ଉପସ୍ଥିତ ଥିଲେ।

# ପାର୍ବତୀଙ୍କୁ ସ୍ୱର୍ଣ୍ଣ ପଦକ

**ନ୍ୟାଶନାଲ ମାଷ୍ଟର୍ସ ଗେମ୍ସ**

ଭୁବନେଶ୍ୱର, ୫।୨(କ୍ରୀଡ଼ା ପ୍ରତିନିଧି)

ବରୋଦାରେ ନ୍ୟାଶନାଲ ମାଷ୍ଟର୍ସ ଗେମ୍ସର ୩ୟ ସଂସ୍କରଣ ବୁଧବାର ଆରମ୍ଭ ହୋଇଛି। ପ୍ରଥମ ଦିବସରେ ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି ତାରକା ଆଥଲେଟ୍ ପାର୍ବତୀ ସେଠୀ। ମହିଳା ଶଟ୍‌ପୁଟ୍ ଥ୍ରୋରେ ୧୧.୫୫ ମିଟର କ୍ଲିୟର କରି ପାର୍ବତୀ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ପୂର୍ବରୁ ଅନେକ ଜାତୀୟ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଦକ୍ଷତା ଦେଖାଇ ସାରିଥିବା ପାର୍ବତୀ ବରୋଦା ପ୍ରତିଯୋଗିତାରେ ମଧ୍ୟ କମାଲ ଦେଖାଇଛନ୍ତି। ଶୁକ୍ରବାର ସେ ନିଜର ଅନ୍ୟତମ ପ୍ରିୟ ଇଭେଣ୍ଟ ଡିସ୍କସ୍ ଥ୍ରୋରେ ଅଂଶଗ୍ରହଣ କରିବେ। ସ୍ୱର୍ଣ୍ଣିମ ସଫଳତା ପାଇଁ ପାର୍ବତୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



ପାର୍ବତୀ ସେଠୀ



ଭାରତ ବିପକ୍ଷରେ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ ମ୍ୟାଚ୍ ଖେଳିବା ଲାଗି ବୁଧବାର ରାତିରେ ଭୁବନେଶ୍ୱରରେ ପହଞ୍ଚିଥିବା ବେଲ୍‌ଜିୟମ ଦଳ। (ଫଟୋ: ବିକାଶ ନାୟକ)

# ବେଲଜିୟମ ପହଞ୍ଚିଲା, ୮ରୁ ମ୍ୟାଚ

FIH PRO LEAGUE

ଭୁବନେଶ୍ୱର, ୫।୨(କ୍ରୀଡ଼ା ପ୍ରତିନିଧି)

ଏଫଆଇଏଚ୍ ହକି ପ୍ରୋ ଲିଗ୍ ମ୍ୟାଚ ଖେଳିବା ପାଇଁ ବିଶ୍ୱ ଚାମ୍ପିୟନ ତଥା ବିଶ୍ୱର ନମ୍ବର ୱାନ ଦଳ ବେଲଜିୟମ ବୁଧବାର ଭୁବନେଶ୍ୱରରେ ପହଞ୍ଚିଛି। ଚଳିତ ମାସ ୮ ଓ ୯ ତାରିଖରେ ଭାରତ ଓ ବେଲଜିୟମ ମଧ୍ୟରେ କଳିଙ୍ଗ ଷ୍ଟାଡିୟମରେ ମ୍ୟାଚ ଅନୁଷ୍ଠିତ ହେବ। ଚଳିତ ଲିଗ୍‌ରେ ଭାରତ ଏହାର ପ୍ରଥମ ୨ଟି ମ୍ୟାଚରେ ନେଦରଲାଣ୍ଡ୍‌କୁ ହରାଇଥିବାବେଳେ ବେଲଜିୟମ ୪ଟି ମ୍ୟାଚରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। କଳିଙ୍ଗ ଷ୍ଟାଡିୟମ ସହିତ ବେଲଜିୟମର ସ୍ମୃତି ମଧୁର ଅନୁଭୂତି ରହିଛି। କାରଣ ଏଠାରେ ୨୦୧୮ରେ ଦଳ ବିଶ୍ୱ ଚାମ୍ପିୟନ ମୁକୁଟ ପିନ୍ଧିଥିଲା। ଅନ୍ୟପକ୍ଷରେ କଳିଙ୍ଗରେ ବେଲଜିୟମ ବିପକ୍ଷରେ ଭାରତର ଟ୍ରାକ୍ ରେକର୍ଡ ଭଲ ରହିଛି। କାରଣ ବିଶ୍ୱକପର ଲିଗ୍ ପର୍ଯ୍ୟାୟରେ ଏହି ଦଳ ବିପକ୍ଷରେ ଭାରତ ୨-୨ ଗୋଲରେ ମ୍ୟାଚ ଡ୍ର ରଖିଥିଲା। ସେହିପରି ୨୦୧୭ରେ ଅନୁଷ୍ଠିତ ପୁରୁଷ ହକି ୱାର୍ଲ୍ଡ ଲିଗ୍ ଫାଇନାଲର କ୍ୱାର୍ଟର ଫାଇନାଲରେ ନିର୍ଦ୍ଧାରିତ ସମୟରେ ମ୍ୟାଚ ୩-୩ ସ୍ଥିତିରେ ରହିବାପରେ ଶୁଟ୍ ଆଉଟରେ ଭାରତ ୩-୨ ଗୋଲରେ ବିଜୟୀ ହୋଇଥିଲା।

"ଅଲିମ୍ପିକ୍ସ ପୂର୍ବରୁ ଭାରତ ବିପକ୍ଷ ହାଇଭୋଲଟେଜ ୨ ମ୍ୟାଚ ଖେଳିବା ପାଇଁ କଳିଙ୍ଗ ଷ୍ଟାଡିୟମ ଫେରିଥିବାରୁ ଆମେ ବହୁତ ଖୁସି। ପ୍ରୋ ଲିଗ୍‌ରେ ଭାଗ ନେଉଥିବା ସବୁ ଦଳ ପାଇଁ ମ୍ୟାଚ ଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତ ଏକ ଶକ୍ତିଶାଳୀ ଦଳ। ମାତ୍ର ଆମେ ଗତ ୪ଟି ଯାକ ମ୍ୟାଚ ଜିତିଥିବାରୁ ଦୃଢ଼ ମନୋବଳ ନେଇ ଏଠାକୁ ଆସିଛୁ। ଭାରତ ବିପକ୍ଷ ୨ଟି ଯାକ ମ୍ୟାଚ ଜିତିବା ଆମର ଲକ୍ଷ୍ୟ ରହିବ" ବୋଲି ବେଲଜିୟମ ଅଧିନାୟକ ବ୍ରେଲ୍ସ ଥୋମାସ ପ୍ରକାଶ କରିଛନ୍ତି। କଳିଙ୍ଗ ଷ୍ଟାଡିୟମ ସହିତ ଆମର ଭଲ ସ୍ମୃତି ଯୋଡ଼ି ହୋଇ ରହିଛି। ପ୍ରୋ ଲିଗ୍‌ରେ ଭାରତ ମଧ୍ୟ ଭଲ ଖେଳୁଛି। ପ୍ରଥମ ମ୍ୟାଚରେ ନେଦରଲାଣ୍ଡ୍‌କୁ ପରାସ୍ତ କରିଛି। ତେଣୁ ଆଗାମୀ ୨ଟି ଯାକ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବା ଆଶା ରହିଛି ବୋଲି ୩୪୧ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ଏହି ଅଧିନାୟକ ପ୍ରକାଶ କରିଛନ୍ତି। ଏହି ଟୁର୍ ପାଇଁ ଆମେ ଗତ ୬ ମାସଧରି କଠିନ ପରିଶ୍ରମ କରି ଆସୁଛୁ। ଟୋକିଓ ଅଲିମ୍ପିକ୍ସରେ ପୋଡିୟମ ଫିନିଶ୍ ବେଲଜିୟମର ଲକ୍ଷ୍ୟ। ତେଣୁ ଏଠାରେ ଏକ ଭିନ୍ନ ବେଲଜିୟମ ଦଳକୁ ଦେଖିବାକୁ ମିଳିବ। କଳିଙ୍ଗ ଷ୍ଟାଡିୟମ ଆମର ଘରୋଇ ଗ୍ରାଉଣ୍ଡ ନୁହେଁ, ମାତ୍ର ଏଠାରେ ଆମର ରେକର୍ଡ ବହୁତ ଭଲ। କଳିଙ୍ଗରେ ଖେଳିଥିବା ୧୦ଟି ମ୍ୟାଚରୁ ଆମେ ୮ଟିରେ ବିଜୟୀ ହୋଇଛୁ। ବିଶ୍ୱର ନମ୍ବରୱାନ ଦଳର କୋଚ୍‌ଥିବାରୁ ମୁଁ ଗର୍ବିତ ବୋଲି କୋଚ୍ ଶେନ ମ୍ୟାକଲିଓଡ ପ୍ରକାଶ କରିଛନ୍ତି।

### ପନ୍ତ ଜେଏସ୍‌ଡବ୍ଲ୍ୟୁର ବ୍ରାଣ୍ଡ୍ ଆମ୍ବାସାଡର

ନୂଆଦିଲ୍ଲୀ, ୫।୨(ପି.ଟି.)- ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ବ୍ରାଣ୍ଡ୍ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। ବୁଧବାର ଏ ନେଇ ଜେଏସ୍‌ଡବ୍ଲ୍ୟୁ ତରଫରୁ ଘୋଷଣା କରାଯାଇଛି। ଇଣ୍ଡିଆନ ପ୍ରିମିୟର ଲଗ୍ (ଆଇପିଏଲ୍)ରେ ପନ୍ତ ଦିଲ୍ଲୀ କ୍ୟାପିଟାଲ୍ସ ତରଫରୁ ପ୍ରତିନିଧିତ୍ୱ କରୁଛନ୍ତି। ଜେଏସ୍‌ଡବ୍ଲ୍ୟୁ ମଧ୍ୟ ଦିଲ୍ଲୀର ଅନ୍ୟତମ ମାଲିକ ହିସାବରେ ଦାୟିତ୍ୱରେ ରହିଛି। ପନ୍ତ ଏହି ଷ୍ଟିଲ୍ କମ୍ପାନୀ ସହ ଏକ ୩ ବର୍ଷିୟା ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି। ଜେଏସ୍‌ଡବ୍ଲ୍ୟୁ ସହ ଜଡିତ ହୋଇଥିବାରୁ ପନ୍ତ ଖୁସି ଜାହିର କରିଛନ୍ତି। ଅନ୍ୟପଟେ ପନ୍ତଙ୍କୁ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରିଥିବାରୁ ଜେଏସ୍‌ଡବ୍ଲ୍ୟୁ ଆଗକୁ ଫାଇଦାରେ ରହିବ। ଏ ନେଇ ଜେଏସ୍‌ଡବ୍ଲ୍ୟୁ ତରଫରୁ ପାର୍ଥ ଜିନ୍ଦର ସନ୍ତୋଷ ପ୍ରକଟ କରିଛନ୍ତି।

# ସଫଳ ଆୟୋଜନ ଉପରେ କ୍ରୀଡ଼ାମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୫।୨(କ୍ରୀଡ଼ା ପ୍ରତିନିଧି)

ଚଳିତ ମାସ ୨୨ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଓଡ଼ିଶାରେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଅନୁଷ୍ଠିତ ହେବ। ଏହାର ସଫଳ ଆୟୋଜନ ଉପରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଗୁରୁତ୍ୱାରୋପ କରିଛନ୍ତି। ଏଥିପାଇଁ ବୁଧବାର କ୍ରୀଡ଼ାମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ମେଗା ଇଭେଣ୍ଟର ଆୟୋଜନ ଲାଗି କ'ଣ ସବୁ ବ୍ୟବସ୍ଥା ଗ୍ରହଣ କରାଯାଇଛି, ସେ ସଂପର୍କରେ କ୍ରୀଡ଼ାମନ୍ତ୍ରୀ ତଦାରଖ କରିଥିଲେ। ଖେଳାଳିମାନେ ଆସିବାଠାରୁ ଆରମ୍ଭ କରି ଯିବା ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥାର ସୁପରିଚାଳନା ନେଇ ସେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଉଦ୍‌ଘାଟନ ଏବଂ ଉଦ୍‌ଯାପନ ଉତ୍ସବର ସଫଳ ଆୟୋଜନ, କଳିଙ୍ଗ ଷ୍ଟାଡିୟମ୍, କିଟ୍, କଟକ ସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍ ଆଦି ବିଭିନ୍ନ ସ୍ଥାନରେ ହେବାକୁ ଥିବା ଖେଳର ଆୟୋଜନ ଲାଗି କ'ଣ ପ୍ରସ୍ତୁତି ହୋଇଛି ସେ ବିଷୟରେ କ୍ରୀଡ଼ାମନ୍ତ୍ରୀ ବରିଷ୍ଠ ଅଧିକାରୀମାନଙ୍କଠାରୁ ଅବଗତ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା ୧୭୭ଟି ବିଶ୍ୱବିଦ୍ୟାଳୟ ନାମ ପଞ୍ଜୀକୃତ କରିଥିବାବେଳେ ୩୦୦୦ ପାଖାପାଖି ଖେଳାଳି ଓ ଅଫିସିଆଲ୍ ଏଥିରେ ଅଂଶଗ୍ରହଣ କରିବାର ଆଶା ରହିଛି। ଖେଳାଳି ଓ ଅଫିସିଆଲ୍‌ମାନଙ୍କ ପାଇଁ କିଟ୍‌ରେ ରହିବାର ବ୍ୟବସ୍ଥା କରାଯାଇଛି । ଏଥିରେ ହେବାକୁ ଥିବା ୧୭ଟି ଇଭେଣ୍ଟ ମଧ୍ୟରୁ ୨ଟି କଟକରେ ଖେଳାଯିବାକୁ ଥିବାବେଳେ ଅନ୍ୟ ଇଭେଣ୍ଟଗୁଡ଼ିକ କଳିଙ୍ଗ ଷ୍ଟାଡିୟମ୍, କିଟ୍, ସାଇ ଇଣ୍ଟରନ୍ୟାସନାଲ୍ ଏବଂ ବାରଙ୍ଗରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଚଳିତ ମାସ ୨୧ ତାରିଖରେ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହେବ। ଏହି ମେଗା ଇଭେଣ୍ଟର ସଫଳ ଆୟୋଜନ ସହ ଏଠାକୁ ଆସୁଥିବା ପ୍ରତ୍ୟେକ ଖେଳାଳି ଓ ଅଫିସିଆଲ୍ ଏକ ଭଲ ଅନୁଭବ ନେଇ ଯିବେ ତାହାକୁ ଦୃଷ୍ଟିରେ ରଖି ସମସ୍ତ କାର୍ଯ୍ୟକୁ ସଫଳତାର ସହ ଆୟୋଜନ ଲାଗି କ୍ରୀଡ଼ା ବିଭାଗ, ସାଇ, କିଟ ଏବଂ ଖେଳ ଅୟୋଜନକାରୀ ସଂସ୍ଥା ସଜାଗ ରହିବାକୁ ମନ୍ତ୍ରୀ କହିଥିଲେ । ଓଡ଼ିଶାରେ କ୍ରୀଡ଼ାକୁ ଶିଖରରେ ପହଞ୍ଚାଇବାର ଯେଉଁ ଲକ୍ଷ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଖିଛନ୍ତି, ତାହାର ସଫଳ ରୂପାୟନ ସହ ରାଜ୍ୟର ଗରିମାକୁ ବିଶ୍ୱସ୍ତରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ କ୍ରୀଡ଼ା ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ମନ୍ତ୍ରୀ ବେହେରା ଆହ୍ୱାନ ଦେଇଥିଲେ ।



ସମୀକ୍ଷା ବୈଠକରେ କ୍ରୀଡାମନ୍ତ୍ରୀଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ।

**ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ**

- କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଉଦ୍‌ଘାଟନୀ ଉତ୍ସବ
- କଳିଙ୍ଗ ଷ୍ଟାଡିୟମ୍, କଟକ, କିଟ୍, ସାଇ ଇଣ୍ଟରନ୍ୟାଶନାଲ୍,ବାରଙ୍ଗରେ ହେବ ଇଭେଣ୍ଟ
- ୧୭୭ଟି ବିଶ୍ୱବିଦ୍ୟାଳୟ ନାମ ପଞ୍ଜୀକୃତ
- ୧୭ ଇଭେଣ୍ଟରେ ପ୍ରତିଯୋଗିତା
- ୩୦୦୦ ଆଥଲେଟ୍, ଅଫିସିଆଲଙ୍କ ସମାଗମ ହେବ

## ହାଇ ପରଫରମାନ୍ସ ସେଣ୍ଟର ଭିତ୍ତିଭୂମିର ତଦାରଖ

ଇଲେକ୍‌ଟ୍ରୋନିକ୍ସ, ଆଇଟି, କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ବୁଧବାର କଳିଙ୍ଗ ଷ୍ଟାଡିୟମ୍‌କୁ ଅଚାନକ ଗସ୍ତ କରି ଷ୍ଟାଡିୟମ୍‌ର ଭିତ୍ତିଭୂମି ଏବଂ ଏଠାରେ ଥିବା ହାଇ ପରଫରମାନ୍ସ ସେଣ୍ଟରଗୁଡ଼ିକର ଭିତ୍ତିଭୂମି ତଦାରଖ କରିଛନ୍ତି । ଷ୍ଟାଡିୟମ୍ ପରିସରରେ ଥିବା ଫୁଟବଲ ପଡ଼ିଆ, ଗଗନ ନାରଙ୍ଗ ୨୫ ମିଟର ସୁଟିଂ ରେଞ୍ଜ, ରିଲାଏନ୍ସ ଆଥ୍‌ଲେଟିକ୍ ହାଇ ପରଫରମାନ୍ସ ସେଣ୍ଟର, ଅଭିନବ ବିନ୍ଦ୍ରା ଟାର୍ଗେଟିଂ ପରଫରମାନ୍ସ ସେଣ୍ଟର ବୁଲି ଦେଖିଥିଲେ। ଏଥି ସହିତ ଅଭିନବ ବିନ୍ଦ୍ରା ସେଣ୍ଟରର ଖେଳାଳିମାନଙ୍କ ଆହତଜନିତ ସମସ୍ୟାକୁ କିପରି କ୍ରାୟୋଜେନିକ୍ ଥେରାପି ମାଧ୍ୟମରେ ତୁରନ୍ତ ଠିକ୍ କରାଯାଇ ପାରୁଛି ତାହା ଦେଖିଥିଲେ। ଏହିସବୁ ବ୍ୟବସ୍ଥା ଖେଳାଳିମାନେ ଦକ୍ଷତା ବୃଦ୍ଧିରେ ସାହାଯ୍ୟ କରିବା ସହ ଆନ୍ତର୍ଜାତିକ ମାନର ଖେଳାଳି ସୃଷ୍ଟି କରିବାରେ ଅଧିକ ସହାୟକ ହେବ ବୋଲି ଦାୟିତ୍ୱରେ ଥିବା ଅଧିକାରୀମାନେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ଉପଶାସନ ସଚିବ ରଞ୍ଜିତ ପରିଡ଼ା ଏବଂ ଉପଶାସନ ସଚିବ ତଥା କଳିଙ୍ଗ ଷ୍ଟାଡିୟମ୍‌ର ପ୍ରଶାସକ ମଧୁସୂଦନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



ହାଇ ପରଫରମାନ୍ସ ସେଣ୍ଟରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୬/୨୦୨୦ Bhubaneswar, Thursday, February 6/2020




# ୯ ଦିନରେ ଏନ୍‌ବିଡବ୍ଲ୍ୟୁରେ ବନ୍ଧାହେଲେ ୫୧୨୧

**କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ଅଭିଯାନ**

କଟକ ଅଫିସ, ୫।୨

ପୋଲିସ ଡିଜି ଅଭୟଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ ଜାମିନବିହୀନ ଗିରଫ ପରୱାନା(ଏନ୍‌ବିଡବ୍ଲ୍ୟୁ)ଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ଗତ ୨୭ ତାରିଖରୁ ଚଳିତ ମାସ ୪ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଥିଲା। ଏଥିରେ ମୋଟ ୫୧୨୧ ଏନ୍‌ବିଡବ୍ଲ୍ୟୁକୁ ସଫଳତାର ସହ କାର୍ଯ୍ୟକାରୀ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେହିଭଳି ନ୍ୟାୟିକ ଉପାୟରେ ୪୩୩୩ ଏନ୍‌ବିଡବ୍ଲ୍ୟୁର ସମାଧାନ ହୋଇଛି ବୋଲି କ୍ରାଇମବ୍ରାଞ୍ଚର ଅତିରିକ୍ତ ଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି।

ବୁଧବାର ଅପରାହ୍ଣରେ ପୋଲିସ ମୁଖ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସମ୍ପର୍କରେ ସୂଚନା ଦେଇ ପ୍ରିୟଦର୍ଶୀ କହିଛନ୍ତି, ରାଜ୍ୟରେ ମୋଟ ଏନ୍‌ବିଡବ୍ଲ୍ୟୁ ସଂଖ୍ୟା ଥିଲା ୩୯,୨୫୪। ଅଭିଯାନ ସମୟରେ ୧୬୮୫ ନୂଆ ପରୱାନା ଗ୍ରହଣ କରାଯାଇଥିଲା। ତେବେ ସ୍ୱତନ୍ତ୍ର ଅଭିଯାନ ଫଳରେ କାର୍ଯ୍ୟକାରିତା ଓ ସମାଧାନ ପରେ ଏବେ ଏନ୍‌ବିଡବ୍ଲ୍ୟୁ ସଂଖ୍ୟା ୩୧,୪୮୫କୁ ଖସି ଆସିଛି। କୋର୍ଟରେ ମାମଲାଗୁଡ଼ିକର ବିଚାର ସମୟରେ ପରୱାନାର କାର୍ଯ୍ୟକାରିତା ଖୁବ୍ ସହାୟକ ହୋଇଥାଏ ବୋଲି ସେ କହିଛନ୍ତି।

ତାଙ୍କ ସୂଚନାନୁସାରେ, ୨୦୧୯ରେ ସମୁଦାୟ ୧୬,୪୯୯ଟି ଏନ୍‌ବିଡବ୍ଲ୍ୟୁ କାର୍ଯ୍ୟକାରୀ କରାଯାଇଥିବାବେଳେ ୯ ଦିନିଆ ସ୍ୱତନ୍ତ୍ର ଅଭିଯାନରେ ୫୧୨୧ ପରୱାନା କାର୍ଯ୍ୟକାରୀ କରାଯାଇଛି। ଏତେ ସ୍ୱଳ୍ପ ସମୟ ଭିତରେ ଭଲ ପ୍ରଦର୍ଶନ କରିଥିବା ଗଞ୍ଜାମ, କୋରାପୁଟ, ଖୋର୍ଦ୍ଧା ଜିଲାର ଏସ୍‌ପି ଓ କେନ୍ଦ୍ରାଞ୍ଚଳ ଡିଆଇଜିଙ୍କୁ ଡିଜିପି ପ୍ରଶଂସା କରିଛନ୍ତି। ଗଞ୍ଜାମ ଜିଲା ପୋଲିସ ସବୁଠୁ ଅଧିକ ୭୩୩ ଏନ୍‌ବିଡବ୍ଲ୍ୟୁ କାର୍ଯ୍ୟକରୀ କରିଥିବାବେଳେ କୋରାପୁଟ ପୋଲିସ ଜିଲା ୪୧୭ ଓ ଖୋର୍ଦ୍ଧା ୩୫୫ ଏବଂ କେନ୍ଦ୍ରାପଡ଼ା, କଟକ, କେନ୍ଦୁଝର, ଯାଜପୁର ଓ ମୟୂରଭଞ୍ଜ ଜିଲା ୨୦୦ରୁ ଅଧିକ ଏନ୍‌ବିଡବ୍ଲ୍ୟୁ କାର୍ଯ୍ୟକାରୀ କରିଥିବା ସୂଚନା ଦିଆଯାଇଛି।




# ନିଯୁକ୍ତି ବ୍ୟବସ୍ଥାରେ ସ୍ୱଚ୍ଛତା ପ୍ରୟାସ

## ଓପିଏସ୍‌ସି ଆରମ୍ଭ କଲା ୱେବ୍‌ପୋର୍ଟାଲ

- ଚାକିରି ଆଶାୟୀଙ୍କୁ ମିଳିବ ସ୍ୱତନ୍ତ୍ର ନମ୍ବର
- ଅନ୍‌ଲାଇନ୍‌ରେ ଦେଖିହେବ ଉତ୍ତର ଖାତା

କଟକ ଅଫିସ୍, ୫।୨

ସରକାରୀ ପଦ ପଦବୀ ଲାଗି ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ଦିଗରେ ପଦକ୍ଷେପ ନେଇଛି ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)। ବୁଧବାର ଓପିଏସ୍‌ସି ପକ୍ଷରୁ ଅତ୍ୟାଧୁନିକ ୱେବ୍‌ପୋର୍ଟାଲ ବା କମ୍ପ୍ରେହେନ୍‌ସିଭ୍ ସିଲେକ୍ସନ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ (ସିଏସ୍‌ଏମ୍‌ଏସ୍) ଆରମ୍ଭ ହୋଇଛି। ଅଧ୍ୟକ୍ଷ ବ୍ରିଗେଡିୟର୍ ଲକ୍ଷ୍ମୀଚରଣ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ନିଯୁକ୍ତି ବିଜ୍ଞପ୍ତିଠାରୁ ପରୀକ୍ଷା ଓ ଫଳ ପ୍ରକାଶ ପର୍ଯ୍ୟନ୍ତ ଏଣିକି ଏସବୁ କାର୍ଯ୍ୟ ଖୁବ୍ କମ୍ ସମୟ ମଧ୍ୟରେ ଶେଷ ହେବ। ଫଳରେ ଚାକିରି ଆଶାୟୀଙ୍କୁ ପୂର୍ବଭଳି ଅନେକ ମାସ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ନାହିଁ ବୋଲି ଅଧ୍ୟକ୍ଷ ପଟ୍ଟନାୟକ କହିଛନ୍ତି। ରାଜ୍ୟ ସରକାରଙ୍କ ୫-ଟି ଅଭିଯାନର ଫଳସ୍ୱରୂପ ଏଭଳି ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି। ପୋର୍ଟାଲ୍ ପ୍ରସ୍ତୁତ କରିବାରେ ଏନ୍‌ଆଇସି ସହଯୋଗ କରିଛି।

ଆୟୋଜିତ ଖବରଦାତା ସମ୍ମିଳନୀରେ ଅଧ୍ୟକ୍ଷ ପଟ୍ଟନାୟକ କହିଲେ, ନିଯୁକ୍ତି ପ୍ରକ୍ରିୟାକୁ ସୀମିତ ସମୟ ଭିତରେ ସାରିବା ସହ ସ୍ୱଚ୍ଛତା ଆଣିବା ଲକ୍ଷ୍ୟ ନେଇ ଏହି ୱେବ୍‌ସାଇଟ୍ (www.opsc.gov.in) ଲଞ୍ଚ୍ କରାଯାଇଛି। ଯେକୌଣସି ବିଭାଗରେ ନିଯୁକ୍ତି ପାଇଁ ପ୍ରଥମେ ସରକାରଙ୍କ ତରଫରୁ ଏକ ଚିଠି ଆସୁଥିଲା। ସେହି ଚିଠିରେ ଉକ୍ତ ପଦବୀ ସମ୍ପର୍କରେ ତଥ୍ୟ ସହ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ସମ୍ପର୍କରେ ବିବରଣୀ ରହୁଥିଲା। ଯଦି କମିଶନ୍‌କୁ କିଛି ଅଧିକ ତଥ୍ୟ ଆବଶ୍ୟକ ପଡୁଥିଲା, ପୁଣି ଥରେ ସରକାରଙ୍କ ପାଖକୁ ଚିଠି ଲେଖିବାକୁ ପଡୁଥିଲା। ପରେ ପରୀକ୍ଷା ଓ ଫଳ ପ୍ରକାଶ ପାଉଥିଲା। ଏସବୁ କାର୍ଯ୍ୟ ମାନୁଆଲି କରାଯାଉଥିବାରୁ ପ୍ରାୟ ୯ମାସରୁ ଗୋଟିଏ ବର୍ଷ ସମୟ ଲାଗୁଥିଲା। ଏଣିକି ଅନ୍‌ଲାଇନ୍‌ରେ ଉଭୟ ପକ୍ଷ ତଥ୍ୟ ଦିଆନିଆ କରିବେ। ଅନ୍ୟପଟେ ଏହାଦ୍ୱାରା ପରୀକ୍ଷାର୍ଥୀ ମଧ୍ୟ ଉପକୃତ ହେବେ। ପୂର୍ବରୁ ସେମାନେ ଚାକିରି ପାଇଁ ଆବେଦନ କରିବା ସମୟରେ ବାରମ୍ବାର ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ତଥ୍ୟ ଦେଉଥିଲେ। ଏବେ ଗୋଟିଏ ଥର ପ୍ରାର୍ଥୀଙ୍କ ନାମ ୱେବ୍‌ପୋର୍ଟାଲରେ ପଞ୍ଜୀକୃତ ହେବା କ୍ଷଣି ତାଙ୍କୁ ଏକ ସ୍ୱତନ୍ତ୍ର ନମ୍ବର ବା ପର୍ମାନେଣ୍ଟ ପବ୍ଲିକ ସର୍ଭିସ୍ ଆକାଉଣ୍ଟ ନମ୍ବର (ପିପିଏସ୍‌ଏଏନ୍) ମିଳିଯିବ। ଏଥିରେ ପ୍ରାର୍ଥୀଙ୍କ




ସମସ୍ତ ପ୍ରକାର ତଥ୍ୟ ଯଥା ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ସମ୍ପର୍କିତ ତଥ୍ୟ ରହିବ। ଫଳରେ ଆଗାମୀ ଦିନରେ ସେ ଯଦି ଅନ୍ୟ ପଦବୀ ପାଇଁ ଆବେଦନ କରିବେ, ତେବେ ଆଉ ନିଜ ସମ୍ପର୍କିତ କୌଣସି ତଥ୍ୟ ଦେବାକୁ ପଡ଼ିବନି। କେବଳ ପିପିଏସ୍‌ଏଏନ୍ ନମ୍ବର ଦେଇଦେଲେ ଯଥେଷ୍ଟ। ସେହିଭଳି ପରୀକ୍ଷାର ଫଳାଫଳ ଶୀଘ୍ର ପ୍ରକାଶ ପାଇପାରିବ। ପ୍ରାର୍ଥୀ ଚାହିଁଲେ ଉତ୍ତରଖାତା ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ। ୱେବ୍‌ସାଇଟ୍‌ରେ ଆପତ୍ତି ଅଭିଯୋଗ ଗ୍ରହଣ, ଆବେଦନକାରୀଙ୍କ ତଥ୍ୟ ଯାଞ୍ଚ, ନିଯୁକ୍ତି ପରିଚାଳନା, ଅନ୍‌ଲାଇନ୍ ପ୍ରଶ୍ନବ୍ୟାଙ୍କ୍, ପରୀକ୍ଷା କେନ୍ଦ୍ର ତଥ୍ୟ, ଅନ୍‌ଲାଇନ୍ ଡକ୍ୟୁମେଣ୍ଟ ଭେରିଫିକେଶନ୍ ଆଦି ବ୍ୟବସ୍ଥା ରହିଛି। ଆଗାମୀ ଦିନରେ ମୋବାଇଲ୍ ଆପ୍ଲିକେଶନ୍ ମଧ୍ୟ ଲଞ୍ଚ୍ କରାଯିବ ବୋଲି ଅଧ୍ୟକ୍ଷ ପଟ୍ଟନାୟକ କହିଛନ୍ତି। କାର୍ଯ୍ୟକ୍ରମରେ ବରିଷ୍ଠ ପରାମର୍ଶଦାତା ଅବସରପ୍ରାପ୍ତ କର୍ଣ୍ଣେଲ୍ ଶ୍ରୀପ୍ରକାଶ ପାଣି, ଏନ୍‌ଆଇସି ଭୁବନେଶ୍ୱରର ବରିଷ୍ଠ ବୈଷୟିକ ନିର୍ଦ୍ଦେଶକ ଅନୁରାଗ ପ୍ରସାଦ, ପ୍ରତିଭା ସିଂଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଉପସଚିବ ମୈତ୍ରୀ ଭଟ୍ଟାଚାର୍ଯ୍ୟ ଅତିଥିଙ୍କୁ ସ୍ୱାଗତ କରିଥିଲେ। ସଚିବ କୁମୁଦ ରଞ୍ଜନ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଅଧ୍ୟକ୍ଷଙ୍କ ସ୍ୱତନ୍ତ୍ର କାର୍ଯ୍ୟ ଅଧିକାରୀ ସୁଶାନ୍ତ କୁମାର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଟିକିଏ ଟିକିଏ ଭଦ୍ରାମି ଜୀବନକୁ ମଧୁମୟ କରିଦିଏ।
- ସେକ୍ସପିୟର



# ରଙ୍ଗ୍ ସାଇଡ୍‌ରେ ଗଲେ ଟକ କଣା କରିଦେବ 'ଟାୟାର କିଲର'

ଭୁବନେଶ୍ୱର,୫।୨(ବ୍ୟୁରୋ)



ନୂଆ ନୂଆ ଆଇନ ଲାଗୁ କରାଯିବା ସହ ଅଧିକ ଜରିମାନା ସତ୍ତ୍ୱେ ଲୋକେ ସୁଧୁରୁନାହାନ୍ତି। ବିଶେଷକରି ରଙ୍ଗ୍ ସାଇଡ୍‌ରେ ଗାଡ଼ି ଚାଳନା ଯୋଗୁ ଅଧିକାଂଶ ଦୁର୍ଘଟଣା ଘଟୁଛି। ଏଣିକି ଅମାନିଆ ଗାଡ଼ି ଚାଳକଙ୍କୁ ସାବାଡ୍ କରିବାକୁ କମିଶନରେଟ ପୋଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛି। ରଙ୍ଗ୍ ସାଇଡ୍‌ରେ ଗାଡି ଚଲାଇଲେ ଗାଡ଼ି ଚକାରେ କଣା ହୋଇଯିବ। ଏଥିପାଇଁ ଦେଶ ବିଦେଶରେ ବ୍ୟବହୃତ 'ସ୍ପାଇକ ବ୍ୟାରିୟର' ବା ଟାୟାର କିଲର' ବ୍ୟବସ୍ଥାକୁ ଆପଣାଇବାକୁ ନିଷ୍ପତ୍ତି ହୋଇଛି ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ସଂକ୍ରାନ୍ତରେ ସୂଚନା ଦେଇ କମିଶନର ଷଡ଼ଙ୍ଗୀ କହିଲେ, ଭୁଲ୍ ଦିଗରେ ଗାଡି ଚାଳନା କରି ପ୍ରତିଦିନ ଲୋକେ ଜରିମାନା ଗଣୁଛନ୍ତି। ଏହା ଅତ୍ୟନ୍ତ ବିପଦପୂର୍ଣ୍ଣ ଯାତ୍ରା ହୋଇଥିଲେ ମଧ୍ୟ ଏଥିପ୍ରତି ସଚେତନ ହେଉନାହାନ୍ତି। ଏଥିଯୋଗୁ ଅନେକ ଦୁର୍ଘଟଣା ଘଟି ମୂଲ୍ୟବାନ ଧନଜୀବନ ନଷ୍ଟ ହେଉଛି। ତେଣୁ ମାର୍ଚ୍ଚ ୧ରୁ ପରୀକ୍ଷାମୂଳକ ଭାବେ ସ୍ପାଇକ୍ ବ୍ୟାରିୟରକୁ କଟକ ଓ ଭୁବନେଶ୍ୱରରେ ବିଭିନ୍ନ ରାସ୍ତାରେ କାର୍ଯ୍ୟକାରୀ କରାଯିବ। ତେଣୁ ଜନସାଧାରଣ ଯଥାସମ୍ଭବ ନିୟମକୁ ପାଳନ କରନ୍ତୁ ବୋଲି କମିଶନର ସୂଚନା ଦେଇଛନ୍ତି।

ତାଙ୍କ ସୂଚନା ମୁତାବକ, ଟୁଇନ ସିଟିର ୨୪୨ ସ୍ଥାନରେ ବିପରୀତ ଦିଗରେ

- ■ରାସ୍ତାରେ ଲାଗିବ 'ସ୍ପାଇକ ବ୍ୟାରିୟର'
- ■ଦ୍ୱୈତନଗରୀର ୩୨ ବିପଦପୂର୍ଣ୍ଣ ସ୍ଥାନ ଚିହ୍ନଟ
- ■ମାର୍ଚ୍ଚ ୧ରୁ କାର୍ଯ୍ୟକାରୀ କରାଯିବ

ଲୋକେ ଗାଡି ଚାଳନା କରୁଥିବା ଦେଖିବାକୁ ମିଳୁଥିବାବେଳେ ୩୨ଟି ଅତ୍ୟନ୍ତ ବିପଦପୂର୍ଣ୍ଣ ସ୍ଥାନକୁ ଚିହ୍ନଟ କରାଯାଇଛି। ଯେଉଁଠାରେ ପ୍ରତିଦିନ ଏଥିପାଇଁ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଦୁର୍ଘଟଣା ଓ ଟ୍ରାଫିକ ନିୟନ୍ତ୍ରଣ ନେଇ ପୁଣେ, ହାଇଦ୍ରାବାଦ, ମୁମ୍ବାଇ, ଦିଲ୍ଲୀ ତଥା ବିଦେଶରେ ଏହାକୁ ବ୍ୟବହାର କରାଯାଉଛି। ରାସ୍ତାର ଉଚିତ ବ୍ୟବହାର କରୁଥିବା ଚାଳକମାନେ ଏହାଦ୍ୱାରା କୌଣସି ପ୍ରକାର କ୍ଷତିଗ୍ରସ୍ତ ହେବେ ନାହିଁ। ଏହା ରାସ୍ତା ଉପରେ ସାମାନ୍ୟ ହମ୍ପସ ଆକୃତିର ରହିବ। ଉଚିତ ଦିଗରେ ଗାଡି ଚାଳନା କରି ଯିବାବେଳେ ଏହା ଭିତରେ ଥିବା ଷ୍ଟିଲ୍ କଣ୍ଟାଗୁଡିକ ଭିତରେ ଦବି ରହିବ। ଯଦି କୌଣସି ବ୍ୟକ୍ତି ବିପରୀତ ଦିଗରେ ବା ରଙ୍ଗ୍ ସାଇଡ୍‌ର ଗାଡି ଚାଳନା କରି ଏହି ସ୍ପାଇକ ବ୍ୟାରିୟରକୁ ପାର ହୁଅନ୍ତି ସେଥିରେ ଲାଗିଥିବା ଷ୍ଟିଲ କଣ୍ଟାଗୁଡିକ ଉପରକୁ ଉଠିଯିବା ସହ ଟାୟାର ଶତପ୍ରତିଶତ କଣା ହୋଇଯିବ। ଏହାଦ୍ୱାରା ଟାୟାର ପଙ୍କଚର ହୋଇ ଯାତ୍ରା ଠପ ହୋଇଯିବ। ଚାଳକଙ୍କୁ ଜରିମାନା ସହ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ। ବମିଖାଲ ଓଭରବ୍ରିଜ, ରସୁଲଗଡ ଓ କଳ୍ପନା ସମେତ ଅନ୍ୟ କିଛି ବିପଦପୂର୍ଣ୍ଣ ସ୍ଥାନରେ ଏହାକୁ ପ୍ରଥମେ ପରୀକ୍ଷାମୂଳକ ଭାବେ ଲଗାଯିବ ବୋଲି କମିଶନର ଷଡଙ୍ଗୀ ସୂଚନା ମିଳିଛି।

## ଅର୍ଥନୀତି ବିଭାଗର ଆଲୋଚନାଚକ୍ର

କଟକ ଅଫିସ, ୫।୨

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ପକ୍ଷରୁ ବୁଧବାର ଏମ୍‌ଫିଲ୍ ପାଠ୍ୟକ୍ରମ ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ରାଜଶ୍ରୀ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ 'ପରିବର୍ତ୍ତନଶୀଳ ଅର୍ଥନୀତି ଓ ଶିକ୍ଷାର ଉତ୍କର୍ଷ' ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ବନ୍ଦନା ପାଠକ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ପ୍ରାଚୀତନୟା ମହାନ୍ତି, ମୋନାଲିସା ମହାନ୍ତିଙ୍କ ସମେତ ବିଭାଗର ବହୁ ଛାତ୍ରୀ ଉପସ୍ଥିତ ଥିଲେ। ଅଧ୍ୟାପିକା ମମତାରାଣୀ ସାହୁ ଅତିଥି ପରିଚୟ ଓ କାଦମ୍ବିନୀ ଦାସ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଆମ୍ବେଦକର ଉନ୍ନୟନ ପରିଷଦର ସତ୍ୟାଗ୍ରହ

**କଟକ ସଦର,୫।୨(ଡି.ଏନ୍.ଏ.):** ୧୦ଦଫା ଦାବି ନେଇ ଆମ୍ବେଦକର ଉନ୍ନୟନ ପରିଷଦ ପକ୍ଷରୁ ବେଣ୍ଟକାରସ୍ଥିତ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ଗତ ୩୦ତାରିଖ ଠାରୁ ସତ୍ୟାଗ୍ରହ ଆରମ୍ଭ ହୋଇଛି। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ଦାବିକୁ ନେଇ ପରିଷଦ ସଭାପତି ଅଜୟ କୁମାର ପତି, ସମ୍ପାଦକ ପ୍ରାଣକୃଷ୍ଣ ଭୋଇ, ପ୍ରଭାତ ଖଟୁଆ, କାଳନ୍ଦୀ ସେନାପତି ପ୍ରମୁଖ ସତ୍ୟାଗ୍ରହରେ ବସିଛନ୍ତି। ପ୍ରାୟ ଏକ ସପ୍ତାହ ବିତିଯାଇଥିଲେ ମଧ କୌଣସି ସରକାରୀ ଅଧିକାରୀ ସତ୍ୟାଗ୍ରହ ସ୍ଥଳକୁ ଆସି ନ ଥିବା ଜଣାପଡିଛି। ଏ ନେଇ ୪୨ମୌଜାବାସୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ସାମୂହିକ ସମସ୍ୟା ପୂରଣ ଦିଗରେ ସରକାରଙ୍କ ଟାଳଟୁଳ ନୀତିକୁ ବରଦାସ୍ତ କରାଯିବ ନାହିଁ ବୋଲି ପରିଷଦ ପକ୍ଷରୁ କୁହାଯାଇଛି।

### ଦକ୍ଷିଣକାଳୀ ମନ୍ଦିରରୁ ଚୋରି

**ସାକ୍ଷୀଗୋପାଳ,୫।୨(ସ୍ୱ.ପ୍ର./ଡି.ଏନ୍.ଏ.):** ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ବୀରଗୋବିନ୍ଦପୁର ଗ୍ରାମର ମା' ଦକ୍ଷିଣକାଳୀ ମନ୍ଦିରରୁ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ସୁନା, ରୁପା ଅଳଙ୍କାର ସହ ହୁଣ୍ଡିବାକ୍ସ ଚୋରିକରି ନେଇଛନ୍ତି। ଗ୍ରାମ କୋଠ ସମ୍ପାଦକ ଶ୍ରୀନିବାସ ମିଶ୍ରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୩୭/୨୦)ରୁଜୁ କରିଛି। ଖବରପାଇ ପୁରୀ ଅତିରିକ୍ତ ଏସ୍‌ପି ପ୍ରତାପ କୁମାର ସ୍ୱାଇଁ ଓ ସତ୍ୟବାଦୀ ଥାନା ଆଇଆଇସି ଶକୁନ୍ତଳା ପତି ଫୋରେନସିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ବୁଧବାର ଭୋରରୁ ଗ୍ରାମର କେତେଜଣ ମହିଳା ପୋଖରୀକୁ ଯିବା ବେଳେ ମା'ଙ୍କ ପାଟଶାଢ଼ି ମନ୍ଦିର ନିକଟରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ମନ୍ଦିର ଗ୍ରୀଲ ଖୋଲାଥିବା ଦେଖି ଚୋରି ହୋଇଥିବା ସନ୍ଦେହରେ ଗ୍ରାମବାସୀଙ୍କୁ ଜଣାଇଥିଲେ। ମନ୍ଦିରରୁ ଚୋରି ହୋଇଥିବା ନେଇ ଗ୍ରାମବାସୀ ସତ୍ୟବାଦୀ ଥାନାକୁ ଜଣାଇଥିଲେ। ମନ୍ଦିର ପୂର୍ବପାର୍ଶ୍ୱ ଲୁହା ଗ୍ରୀଲର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଭିତରେ ପଶି ମା' ପିନ୍ଧିଥିବା ଦୁଇଟି ସୁନା ମଙ୍ଗଳସୂତ୍ର, ଦୁଇଟି ରୁପା ମୁକୁଟ, ମୁଣ୍ଡମାଳ ଓ ଗୋଟିଏ ଛତୀ ଆନୁମାନିକ ୧୦ ଲକ୍ଷ ଟଙ୍କାର ଅଳଙ୍କାର ସହ ହୁଣ୍ଡି ବାକ୍ସରେ ଥିବା ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଗ୍ରାମ କୋଠ ସମ୍ପାଦକ ମିଶ୍ର ଥାନାରେ ଅଭିଯୋଗ କରିଥିଲେ। ସତ୍ୟବାଦୀ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ତଦନ୍ତ ଜାରି ରଖିଛି।

### ଉତ୍କଳ ଗୌରବ ମଧୁସୂଦନଙ୍କ ଶ୍ରାଦ୍ଧ ଦିବସ

**ଖୁଣ୍ଟୁଣୀ,୫।୨(ଡି.ଏନ୍.ଏ.):** ଆଠଗଡ଼ ବ୍ଲକ ଅନ୍ତର୍ଗତ ମାଧପୁର କନ୍ୟାଶ୍ରମ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୮୬ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ଭକ୍ତାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବବେ ସ୍ତମ୍ଭକାର ଡ. ନାରାୟଣ ପଣ୍ଡା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଉଦୟ ଲାବଣ୍ୟ, ଲଲାଟେନ୍ଦୁ ସେନାପତି, ଆଲୋକ ବଳିୟାରସିଂ, ଶିକ୍ଷୟିତ୍ରୀ ଶୋଭାଙ୍ଗିନୀ ଲେଙ୍କା, ଅଳକା ମଲ୍ଲିକ, ଜ୍ୟୋତିର୍ମୟୀ ରାଉତ, ଖବରଦାତା ଅର୍ଦ୍ଧେନ୍ଦୁ ମହାନ୍ତି, ସନ୍ତୋଷ ବାରିକ, ବିଜୟ ନାୟକ ପ୍ରମୁଖ ଯୋଗଦେଇ ମଧୁସୂଦନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ଶ୍ୱେତପଦ୍ମା ମହାନ୍ତି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।





କଟକ ଶ୍ରୀରାମଚନ୍ଦ୍ର ଭବନରେ ବୁଧବାର ଅତିଥିମାନେ ଅମୃତର ସନ୍ଧାନେ ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

## ଅମୃତର ସନ୍ଧାନେ ପୁସ୍ତକ ଉନ୍ମୋଚିତ

କଟକ ଅଫିସ, ୫।୨

ଜନସାଧାରଣଙ୍କ ମଧ୍ୟରେ ଧର୍ମ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ 'ଅମୃତର ସନ୍ଧାନେ' ପୁସ୍ତକ ବୁଧବାର ଶ୍ରୀରାମଚନ୍ଦ୍ର ଭବନଠାରେ ଉନ୍ମୋଚିତ ହୋଇଯାଇଛି। ସାହିତ୍ୟିକ ଡ. ପ୍ରଫୁଲ୍ଲ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଆୟୁର୍ବେଦ ଡାକ୍ତର ଦୀନବନ୍ଧୁ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ ଯେ, କୃଷ୍ଣଙ୍କର ଲୀଳା ଅନନ୍ତ ଯୁଗରୁ ଚାଲିଛି ଓ ଚାଲିଥିବ। ମୁଖ୍ୟବକ୍ତା ଭାବେ ଡ. ବାବାଜୀ ଚରଣ ପଟ୍ଟନାୟକ ଯୋଗଦେଇ କୃଷ୍ଣ ସେବାରେ ଜାତି ନାହିଁ, କୃଷ୍ଣ ସେବାରେ ହୁଅ ବାଇ ବୋଲି ମତ ପୋଷଣ କରିଥିଲେ । ଅନ୍ୟତମ ଅତିଥି ଭାବେ ସହଦେବ ପାତ୍ର, 'ଅମୃତର ସନ୍ଧାନେ' ପୁସ୍ତକର ଲେଖକ ଭବାନୀ ଶଙ୍କର ମହାନ୍ତି, ଉତ୍କଳ ସାହିତ୍ୟ ସମାଜର ସମ୍ପାଦିକା ମିନାକ୍ଷୀ ଦେବୀ, ନର୍ମଦା ମହାନ୍ତି, ଆଇନଜୀବୀ ଆନନ୍ଦ ଚନ୍ଦ୍ର ସ୍ୱାଇଁ, ସାହିତ୍ୟିକ ଅଜିତ କୁମାର ମହାପାତ୍ର, ନରସିଂହ ମହାପାତ୍ର, ଆଇନଜୀବୀ ସୁରଜିତ ନାଥ, ବିଶ୍ୱମିତ୍ରା ମିଶ୍ର ପ୍ରମୁଖ ପୁସ୍ତକ ସମ୍ପର୍କରେ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିକୋଣରୁ ଆଲୋକପାତ କରିଥିଲେ ।

## ୬୧ଙ୍କୁ ଦିଆଯିବ ସ୍ୱର୍ଣ୍ଣପଦକ

କଟକ ଅଫିସ, ୫।୨

- ■ଆଜି ରେଭେନ୍ସା ସମାବର୍ତ୍ତନ ଉତ୍ସବ
- ■ଆସିବେନି ଗୁଲ୍‌ଜର, ମଞ୍ଜୁ ଶର୍ମା

ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ଉତ୍ସବ ଗୁରୁବାର ଅନୁଷ୍ଠିତ ହେବ। ଉତ୍ସବକୁ ନେଇ ବିଶ୍ୱବିଦ୍ୟାଳୟ ତରଫରୁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଯାଇଛି। ବୁଧବାର ସେଭେନ୍ ପିଲାର ଅଫ ୱିଜଡମ୍‌ସ୍ଥିତ ଅଡିଟୋରିୟମରେ ଉତ୍ସବର ଅଭ୍ୟାସ କରାଯାଇଥିଲା ବୋଲି କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ସୂଚନା ଦେଇଛନ୍ତି। ଚଳିତ ବର୍ଷ ସମାବର୍ତ୍ତନ ଉତ୍ସବରେ ମୋଟ ୬୧ଜଣଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ । ଏଥି ସହ ୩ ଜଣ ବ୍ୟକ୍ତିତ୍ୱଙ୍କୁ ସମ୍ମାନସୂଚକ ଡକ୍ଟରେଟ ଉପାଧି ଦିଆଯିବ। ସେମାନେ ହେଲେ ବଲିଉଡର ବିଶିଷ୍ଟ ଗୀତିକାର ପଦ୍ମବିଭୂଷଣ ଗୁଲ୍‌ଜର, ପ୍ରଖ୍ୟାତ ବୈଜ୍ଞାନିକ ଡ. ମଞ୍ଜୁ ଶର୍ମା ଏବଂ ଡ. ସୁଜାତା ଦାସ । ମାତ୍ର ଏହି ଉତ୍ସବରେ ଗୁଲଜର କିମ୍ବା ମଞ୍ଜୁ ଶର୍ମା ଯୋଗଦେବେ ନାହିଁ। ବ୍ୟକ୍ତିଗତ କାରଣରୁ ସେମାନେ ଅନୁପସ୍ଥିତ ରହୁଥିବା ବିଶ୍ୱବିଦ୍ୟାଳୟ ତରଫରୁ କୁହାଯାଇଛି। ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା ପୃଥକ କାର୍ଯ୍ୟକ୍ରମରେ ସେମାନେ ଯୋଗଦେବେ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି, ଡ. ଚନ୍ଦ୍ରିମା ସାହା ଏବଂ ଡ. ସୁଜାତା ଦାସ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ବନ୍ଧୁକ ଦେଖାଇ ମହିଳାଙ୍କଠାରୁ ଟଙ୍କା, ସୁନାଚେନ ଲୁଟ୍

କଣ୍ଟାପଡ଼ା,୫।୨(ଡି.ଏନ୍.ଏ.)

ବାଗଲପୁର-ସାଇଲୋ ଝାରପଡା ରାସ୍ତାର ପାଟସୁନ୍ଦରପୁର ତେଲିଯୋଡି ଡଙ୍ଗାତୁଠ ପୋଲ ନିକଟରେ ଦୁଇ ଜଣ ଦୁର୍ବୃତ୍ତ ବୁଧବାର ଜଣେ ମହିଳାଙ୍କଠାରୁ ଚେନ ଓ ଟଙ୍କା ଲୁଟି ନେଇଥିବା ଗୋବିନ୍ଦପୁର ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୩/୨୦)ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବାଲିପଡ଼ା ଗ୍ରାମର ନାରାୟଣ ସ୍ୱାଇଁ ଓ ତାଙ୍କ ଭଉଣୀ ସୁଜାତା ସ୍ୱାଇଁ ବୁଧବାର ଅପରାହ୍ନରେ ବାଗଲପୁରରୁ ଏକ ବାଇକ୍‌ରେ ଘରକୁ ଫେରୁଥିଲେ। ଦୁଇ ଜଣ ଦୁର୍ବୃତ୍ତ ସେମାନଙ୍କୁ ପିଛାକରି ଡଙ୍ଗାତୁଠ ପୋଲ ନିକଟରେ ଅଟକାଇଥିଲେ। ଜଣେ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ମହିଳାଙ୍କଠାରୁ ଟଙ୍କା ଥିବା ମନିପର୍ସ ଓ ବେକରୁ ଚେନ ଛଡ଼ାଇ ନେଇ ଉଭୟ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ପରିଚୟ ମିଳିପାରି ନ ଥିବା ଜଣାପଡିଛି।

## ଧାନମଣ୍ଡିରେ ଉତ୍ତେଜନା

କଟକ ସଦର,୫।୨(ଡି.ଏନ୍.ଏ.)

କଟକ ସଦର ବ୍ଲକର କନ୍ଦରପୁର ଓ ଅରିଲୋ ମଣ୍ଡିରେ ବୁଧବାର ଚାଷୀମାନେ ଧାନ ବିକ୍ରି ପାଇଁ ଅପେକ୍ଷା କରିଥିଲେ। ବର୍ଷା ହେବାରୁ ମିଲରଙ୍କ ଏଜେଣ୍ଟ ଧାନ ନେବା ପାଇଁ ଆସି ନ ଥିଲେ। ଫଳରେ ଉଭୟ ସ୍ଥାନରେ ଉତ୍ତେଜନା ଦେଖାଦେଇଥିଲା। ଧାନ ଦେଇପାରି ନ ଥିବା ଚାଷୀଙ୍କ ପାଇଁ ଅନ୍ୟ ଏକ ତାରିଖ ଧାର୍ଯ୍ୟ ପାଇଁ ଦାବି ହେଉଛି। ହଠାତ୍ ବର୍ଷା ହେଲେ ମଣ୍ଡିରେ ଧାନକୁ ସୁରକ୍ଷିତ ସ୍ଥାନରେ ରଖିବା ସମ୍ଭବ ହେଉ ନ ଥିବା ଚାଷୀମାନେ କହିଛନ୍ତି।

## ୧୮ ବିଦ୍ୟାଳୟକୁ ଗାରିମା ପୁରସ୍କାର

ଚୌଦ୍ୱାର,୫।୨(ଡି.ଏନ୍.ଏ.)

ଶିକ୍ଷା ବିଭାଗ ପକ୍ଷରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକର ୧୮ଟି ବିଦ୍ୟାଳୟକୁ ଗାରିମା ପୁରସ୍କାର ପ୍ରଦାନ କରାଯାଇଛି। ଉନ୍ନତ ଶିକ୍ଷାଦାନ ବ୍ୟବସ୍ଥା ଓ ଉତ୍ତମ ପରିବେଶ ପାଇଁ ହାଇସ୍କୁଲ ସ୍ତରରେ କଖଡ଼ି ନୋଡାଲ ହାଇସ୍କୁଲ, ଓଟିଏମ୍ ହାଇସ୍କୁଲ ଓ ଦୌଲତାବାଦ ନିଗମାନନ୍ଦ ହାଇସ୍କୁଲ, ଉଚ୍ଚ ପ୍ରାଥମିକ ସ୍ତରରେ ନେଳିଆ, ବନ୍ଦାଳ, ଦେବୀ ନଗର, ଗାନ୍ଧିଜୀ, ମହିସାଲଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ପ୍ରାଥମିକ ସ୍ତରରେ ବମ୍ଫୁରୀ, ଭୈରିପୁର, ଦିଆଣିପାଟଣା, କନ୍ହେଇପୁର, କେଦାରେଶ୍ୱର, ନଖରା, ପୁରୋହିତପୁର, ସର୍ଦ୍ଧୋଳା, ରାମଗଡ଼, ତନ୍ତିରା ଆଦି ପ୍ରାଥମିକ ବିଦ୍ୟାଳୟକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କଟକ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ କଟକ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ବିଦ୍ୟାଳୟଗୁଡ଼ିକୁ ସିଲଭର ପଦକ ଓ ମାନପତ୍ର ପ୍ରଦାନ କରିଥିଲେ। ପୁରସ୍କୃତ ବିଦ୍ୟାଳୟଗୁଡ଼ିକୁ ଶିକ୍ଷାବିଭାଗ ପକ୍ଷରୁ ୧୦ହଜାର ଟଙ୍କା କରି ପୁରସ୍କାର ଅନୁଦାନ ପ୍ରଦାନ କରାଯିବ ବୋଲି ବିଇଓ ଚନ୍ଦ୍ରଶେଖର ଦାସ କହିଛନ୍ତି।



କଟକ ଓଡ଼ିଆ ବଜାରସ୍ଥିତ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟକୁ ବୁଧବାର ପରିଦର୍ଶନ କରିବାକୁ ଆସିଥିବା ମସ୍କୋର ଏଲମିନା ତବନାତା ଓ ସେରକା ସୁତଲାନା ।

## ମାର୍ଚ୍ଚ ୨୦ରେ ଜିଲା ପରିଷଦ ନିର୍ବାଚନ

କଟକ ସଦର,୫।୨(ଡି.ଏନ୍.ଏ.)

କଟକ ଜିଲା ୭ନଂ. ଜୋନର ମଧ୍ୟବର୍ତ୍ତିକାଳୀନ ଜିଲାପରିଷଦ ନିର୍ବାଚନ ଲାଗି ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ପକ୍ଷରୁ ବୁଧବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ତଫସିଲ ଭୁକ୍ତ ଜାତି ପ୍ରାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ ଉକ୍ତ ଆସନ ପାଇଁ ମାର୍ଚ୍ଚ ୨୦ରେ ନିର୍ବାଚନ କରାଯିବ। ଫେବୃୟାରୀ ୧୯, ୨୦ ଓ ୨୪ତାରିଖରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ପ୍ରାର୍ଥୀମାନେ କଟକ ସଦର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିପାରିବେ। ଫେବୃୟାରୀ ୨୫ରେ ଯାଞ୍ଚ ଓ ୨୮ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯାଇପାରିବ। ମାର୍ଚ୍ଚ ୨୧ରେ କଟକ ସଦର ବ୍ଲକରେ ଭୋଟ୍ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ଏହି ଜିଲା ପରିଷଦ ଜୋନରେ ବାରଦା, ଧରିଣା, ଯଶପଡ଼ା, ଅରିଲୋ, କିଶୋରନଗର, ସୋମପୁର, ବୋଧପୁର ଓ ପ୍ରହରାଜପୁର ପଞ୍ଚାୟତ ରହିଛି। ଜିଲାପରିଷଦ ସଭ୍ୟ ଗୋବିନ୍ଦ ସାମଲଙ୍କ ବିୟୋଗ ପରେ ଏହି ପଦବୀ ଖାଲି ପଡ଼ିଛି।

## ପ୍ୟାରୀମୋହନ ସାମନ୍ତରାୟ ଥିଲେ ଦକ୍ଷ ପ୍ରଶାସକ

କଟକ ଅଫିସ୍, ୫।୨

ଉତ୍କଳ ବିକାଶ ପରିଷଦ ପକ୍ଷରୁ ବୁଧବାର ମଧୁପାଟଣାସ୍ଥିତ ପ୍ରମିଳା ମଣ୍ଡପରେ ପ୍ୟାରୀମୋହନ ସାମନ୍ତରାୟଙ୍କ ୧୦୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ବସନ୍ତ ଚରଣ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ଅଭୟ ଚରଣ ବେହେରା ଯୋଗଦେଇ କହିଥିଲେ ଯେ, ପ୍ୟାରୀମୋହନ ସାମନ୍ତରାୟ କଟକ ଜିଲାପାଳ ଥିବାବେଳେ ଅନେକ ଜନକଲ୍ୟାଣ ପଦକ୍ଷେପ ନେଇଥିଲେ। ସେ ଜଣେ ଦକ୍ଷ ପ୍ରଶାସକ ସହିତ ଭଲ ମଣିଷ ଥିଲେ। ମୁଖ୍ୟବକ୍ତା ଭାବେ ଖବରଦାତା ବିଶ୍ୱନାଥ ସାମଲ ଯୋଗଦେଇ ପ୍ୟାରୀମୋହନଙ୍କ ଜୀବନୀ ଓ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଯୁଗଳ କିଶୋର ନାୟକ ଯୋଗଦେଇଥିଲେ। ପରିଷଦର ମହାସଚିବ ଡ. ହରେକୃଷ୍ଣ ସ୍ୱାଇଁ ସ୍ୱାଗତ ଭାଷଣ ଓ କାର୍ଯ୍ୟକାରୀ ସଭାପତି ଶିକ୍ଷାବିତ କୈଳାସ ଚନ୍ଦ୍ର ବରାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ରବୀନ୍ଦ୍ର କୁମାର ମହାପାତ୍ର, ମନୋରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ୟାମସୁନ୍ଦର ସାମଲ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ରେଭେନ୍ସାରେ ଦୁଇଦିନିଆ କର୍ମଶାଳା ଉଦ୍‌ଯାପିତ

କଟକ ଅଫିସ, ୫।୨



ରେଭେନ୍ସା ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ଆନୁକୂଲ୍ୟରେ ଚାଲିଥିବା ଦୁଇଦିନିଆ କର୍ମଶାଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। 'କାପାସିଟି ବିଲ୍ଡିଂ ଅନ ସାଉଥ ଏସିଆନ ଆର୍ଚିଭାଲ ରିସୋର୍ସେସ ଆଣ୍ଡ ଓଡିଶା ଷ୍ଟଡିଜ' ଶୀର୍ଷକ ଏହି କର୍ମଶାଳା ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଇଶାନ କୁମାର ପାତ୍ର ପୌରୋହିତ୍ୟ କରିଥିଲେ। ପ୍ରଥମ ଦିବସରେ ଶିକାଗୋ ବିଶ୍ୱବିଦ୍ୟାଳୟ, ପ୍ରିନ୍ସଟନ ବିଶ୍ୱବିଦ୍ୟାଳୟ ଏବଂ ଇଲିନୋଇସ ବିଶ୍ୱବିଦ୍ୟାଳୟର ଲାଇବ୍ରେରିଆନମାନେ ଯୋଗଦେଇଥିଲେ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଆଇ. ରାମବ୍ରହ୍ମମ ଯୋଗଦେଇ କେନ୍ଦ୍ର ସରକାରଙ୍କ ନୂତନ ଶିକ୍ଷାନୀତି ଏବଂ ଦକ୍ଷିଣ ଏସିଆ ଅଭିଲେଖାଗାର ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଦ୍ୱିତୀୟ ଦିବସରେ ପ୍ରଫେସର ଯତୀନ କୁମାର ନାୟକ ଏବଂ ଡ. ଲଲାଟେନ୍ଦୁ ଦାସ ମହାପାତ୍ର ଯୋଗଦେଇଥିଲେ। ଏଥିରେ ଇତିହାସ ବିଭାଗର ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ପୌରୋହିତ୍ୟ କରିଥିଲେ। କୁଳସଚିବ ଅଶୋକ କୁମାର ଦାଶ, ବିଭାଗର ମୁଖ୍ୟ ପ୍ରଫେସର ସୁବ୍ରତ କୁମାର ଆଚାର୍ଯ୍ୟ, ପ୍ରଫେସର ଲକ୍ଷ୍ମୀକାନ୍ତ ମିଶ୍ର, ଡ. ଉମାକାନ୍ତ ମିଶ୍ର, ଡ. ପ୍ରିୟଦର୍ଶୀ କର ପ୍ରମୁଖ ଯୋଗଦେଇଥିଲେ।

## ଜଳାଶୟର ରକ୍ଷଣାବେକ୍ଷଣ କରିବ ସିଏମ୍‌ସି

କଟକ ଅଫିସ୍, ୫।୨

କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜଳାଶୟ କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଜଳାଶୟର କିସମ ପରିବର୍ତ୍ତନ ନିମନ୍ତେ ପ୍ରସ୍ତାବିତ ହୋଇଥିବା ୧୫ଟି ମାମଲାର ଅନୁଧ୍ୟାନ କରାଯାଇଥିଲା। କଟକ ସହରରେ ଯେହେତୁ ଜଳାଶୟଗୁଡିକ ଜଳସ୍ତରକୁ ସୁରକ୍ଷା ରଖିବାରେ ଓ ଭୂତଳ ଜଳ ରିଚାର୍ଜ କରିବାର ଏକ ମାଧ୍ୟମ, ତେଣୁ ଏହାର ସୁରକ୍ଷା ଓ ପରିଚାଳନା ଆବଶ୍ୟକ। ଏହାର ସଂରକ୍ଷଣ, ପୁନରୁଦ୍ଧାର ଓ ରକ୍ଷଣାବେକ୍ଷଣକୁ ଗୁରୁତ୍ୱ ଦେବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ଅନୁଯାୟୀ ସମସ୍ତ ଜଳାଶୟଗୁଡିକର ରକ୍ଷଣାବେକ୍ଷଣ ପାଇଁ କଟକ ମହାନଗର ନିଗମକୁ ନିର୍ଦ୍ଦେଶ ଦିଆଯାଇଛି। ଯେ କୌଣସି ପ୍ରକାରର କିସମ ପରିବର୍ତ୍ତନ ସମ୍ବନ୍ଧୀୟ ମାମଲାକୁ ବ୍ୟକ୍ତିଗତ ଭାବେ ସରଜମିନ ତଦନ୍ତ କରି ରିପୋର୍ଟ ଦେବା ପାଇଁ କଟକ ସଦର ତହସିଲଦାରଙ୍କୁ କୁହାଯାଇଛି। କଟକ ସଦର ତହସିଲଦାରଙ୍କ ପାଖରେ ଥିବା ପୂର୍ଣ୍ଣରୂପି ମାମଲାଗୁଡ଼ିକୁ ଜିଲାପାଳଙ୍କ ଜରିଆରେ କମିଟିରେ ଉପସ୍ଥାପନ କରିବା ପାଇ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ଜିଲାପାଳ ତଥା କଟକ ଉନ୍ନୟନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ଭବାନୀ ଶଙ୍କର ଚୟନୀ, ରାଜସ୍ୱ ଆୟୁକ୍ତଙ୍କ ସଚିବ ଧନଞ୍ଜୟ ହେମ୍ବ୍ରମ, ମହାନଗର ନିଗମ କମିଶନର ଅନନ୍ୟା ଦାସଙ୍କ ସମେତ ସଭ୍ୟ, ରାଜ୍ୟ ପ୍ରଦୂଷଣ ବୋର୍ଡ, ଅତିରିକ୍ତ ଜିଲାପାଳ, କଟକ ସଦର ତହସିଲଦାର, କମିଟି ସଭ୍ୟ ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ଏସ.ଏମ ପଟ୍ଟନାୟକ ଓ ଅବସରପ୍ରାପ୍ତ ଆଇଏଏସ୍ ପଦ୍ମନାଭ ସାମଲ ଉପସ୍ଥିତ ଥିଲେ ।



ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ ଅନ୍ୟମାନେ ବିଶ୍ୱାସ କରିବେ ନାହିଁ।
- ଆରିଷ୍ଟଟଲ୍



## ସଂକ୍ଷେପରେ

### କର୍କଟ ରୋଗ ସମ୍ପର୍କିତ ସଚେତନତା

**ବାଙ୍କୀ,୫ା୨(ସ୍ୱ.ପ୍ର./ବି.ପ୍ର.):** ବାଙ୍କୀ ଉପଖଣ୍ଡ ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବିଶ୍ୱକର୍କଟ ରୋଗ ଦିବସ ବୁଧବାର ପାଳିତ ହୋଇଯାଇଛି। ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧକ୍ଷ ବିଶ୍ୱଜିତ୍ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପଣ୍ଡା ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟ ସୁପରଭାଇଜର ଓ ଉପସ୍ଥିତ ଜନସାଧାରଣଙ୍କ ମଧରେ କର୍କଟ ରୋଗ କାରଣ ଓ ଏହାର ନିରକରଣ ସମ୍ପର୍କରେ ବୁଝାଇଥିଲେ। ଶରୀରରେ କୌଣସି କ୍ଷତ, ଆବୁ, ଅସ୍ୱାଭାବିକ ଅଙ୍ଗବୃଦ୍ଧି, ଭୋକ ନ ହେବା, ଦୁର୍ବଳ ଅନୁଭବ କରିବା ଆଦି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ । କର୍କଟ ରୋଗର ଠିକ୍ ଭାବେ ଉପଚାର କରାଇଲେ ରୋଗୀ ଆସ୍ୱସ୍ଥ ଲାଭ କରିଥାଏ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧରେ ଏହି କାର୍ଯ୍ୟକ୍ରମରେ ପରିଚାଳିକା ଅନ୍ନପୂର୍ଣ୍ଣା ମହାପାତ୍ର ଓ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ଶାନ୍ତିଲତା ଦେଈ ଉପସ୍ଥିତ ଥିଲେ।

### ଝିଅମାନେ ବୋଝ ନୁହନ୍ତି

**ବାଙ୍କୀ, ୫ା୨(ସ୍ୱ.ପ୍ର):** ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ପ୍ରାଙ୍ଗଣରେ କନ୍ୟା ସୁରକ୍ଷା, କନ୍ୟା ଭ୍ରୁଣହତ୍ୟା, ଲିଙ୍ଗନିରୂପଣ ପରୀକ୍ଷା ସମ୍ପର୍କରେ ବୁଧବାର ସଚେତନତା କରାଯାଇ ପ୍ରଚାରପତ୍ର ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ଧୂଳେଶ୍ୱର ପ୍ରଧାନ ଉଦ୍‌ଘାଟନ କରି କନ୍ୟା ସନ୍ତାନର ଯତ୍ନ ନେଇ ଭବିଷ୍ୟତ ସୁରକ୍ଷିତ କରନ୍ତୁ ବୋଲି କହିଥିଲେ। ଝିଅମାନେ ବୋଝ ନୁହଁନ୍ତି। ଆଜିର ନାରୀ ପୁଅମାନଙ୍କ ଅପେକ୍ଷା ମା ବାପାଙ୍କ ଅଧିକ ରକ୍ଷାବେକ୍ଷଣ କରୁଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧରେ ସ୍ୱାସ୍ଥ୍ୟ ମିତ୍ର, ସୁରକ୍ଷା କର୍ମୀମାନେ ଉପସ୍ଥିତ ରହି ରୋଗୀ ଓ ଜନସାଧାରଣଙ୍କ ମଧରେ ସଚେତନ କରିବା ସହ ପ୍ରଚାର ପତ୍ର ବଣ୍ଟନ କରିଥିଲେ। ଶ୍ରୀକାନ୍ତ ଜେନା, ଦୀପୁ ଗୋତ୍ରୀ, ମୋନାଲିସା ବେହେରା, ସୁଧାଂଶୁ ମହାପାତ୍ର ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ୧୦୮ ହନୁମାନ ଚାଲିଶା, ସୁନ୍ଦରାକାଣ୍ଡ ପାଠ

**ବାଙ୍କୀ,୫ା୨(ସ୍ୱ.ପ୍ର):** ବାଙ୍କୀ ବଜାର ନୃସିଂହ ଛକସ୍ଥିତ ନୃସିଂହ ହନୁମାନ ମନ୍ଦିର ପ୍ରାଙ୍ଗଣରେ ବୁଧବାର ୧୦୮ହନୁମାନ ଚାଲିଶା ଓ ସୁନ୍ଦରାକାଣ୍ଡ ପାଠ କରାଯାଇଛି। ଏଥିରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ହନୁମାନ ଚାଲିଶା ଓ ସୁନ୍ଦରକାଣ୍ଡ ପାଠ ଶୁଣିଥିଲେ। ଏହି ଅବସରେ ବୈଦିକ ରୀତିରେ ଯଜ୍ଞ କାର୍ଯ୍ୟ କରାଯାଇ ଶ୍ରୀରାମ ମନ୍ତ୍ର, ହନୁମାନ ମନ୍ତ୍ର, ନୃସିଂହ ମନ୍ତ୍ର ଉଚ୍ଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂଜକ ସରୋଜ ମିଶ୍ର, ମନୋଜ ମିଶ୍ର ପୂଜା କାର୍ଯ୍ୟ କରିଥିବା ବେଳେ ସରୋଜ ସାହୁ, ପ୍ରମୋଦ ମହାପାତ୍ର, ତ୍ରିନାଥ ବେହେରା, ସୂର୍ଯ୍ୟମଣୀ ଦାଶ, ଦୀପକ ପୃଷ୍ଟିଙ୍କ ସମେତ କର୍ମକର୍ତ୍ତା ଓ ପୂଜା କମିଟି ସଦସ୍ୟ ସହଯୋଗ କରିଥିଲେ।

# ହରିନାମରେ କମ୍ପିଲା ପଦ୍ମବନ ପୀଠ

## ଅଚ୍ୟୁତାନନ୍ଦଙ୍କ ସ୍ୱନକ୍ଷତ୍ର ଦିବସ

**ନେମାଳ,୫ା୨(ଡି.ଏନ୍.ଏ.)**

ପବିତ୍ର ମାଘ ଶୁକ୍ଳ ଏକାଦଶୀରେ ମାଳିକା ରଚୟିତା ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କର ପବିତ୍ର ସ୍ୱନକ୍ଷତ୍ର ଦିବସ ନେମାଳସ୍ଥିତ ପଦ୍ମବନପୀଠରେ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ନେମାଳ ପଦ୍ମବନ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି । ଏନେଇ ମହାପୁରୁଷଙ୍କ ଅଷ୍ଟପ୍ରହର ମଣ୍ଡପରେ ସୁବେଦୀ ପଣ୍ଡିତମାନଙ୍କ ଦ୍ୱାରା ଅଷ୍ଟପ୍ରହର ଶୁଭାଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରାତଃ ସମୟରେ ଚିତ୍ରୋତ୍ପଳା ନଦୀରୁ ଜଳ ଅଣାଯାଇ ଅଷ୍ଟପ୍ରହରୀ ମଣ୍ଡପରେ ସ୍ଥାପନ କରାଯାଇଥିଲା । ମଣ୍ଡପରେ ସ୍ଥାପିତ ହୋଇଥିବା ରାଧାକୃଷ୍ଣ, ଚୈତନ୍ୟ ମହାପ୍ରଭୁ, ରାଧାରମଣ, ରାଧାବଲ୍ଲଭଙ୍କ ନିକଟରେ ଅଷ୍ଟପ୍ରହର ନୈବେଦ୍ୟ ଅର୍ପଣ କରାଯାଇ ମଙ୍ଗଳଆଳତି ହୋଇଥିଲା । ଏହାପରେ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମକୀର୍ତ୍ତନ ଆରମ୍ଭ ହୋଇଥିଲା । ରାଜ୍ୟର ବିଭିନ୍ନ ସ୍ଥାନରୁ ଶତାଧିକ ସଂକୀର୍ତ୍ତନ ମଣ୍ଡଳୀ ପୀଠରେ ଉପସ୍ଥିତ ହୋଇ ହରିନାମ ସଂକୀର୍ତ୍ତନ କରିଥିଲେ । ଶ୍ରୀଶ୍ରୀ ଗୋପୀନାଥ ଜୀଉ, ମହାପୁରୁଷ ଅଚ୍ୟୁତାନନ୍ଦ ଟ୍ରଷ୍ଟ ଏବଂ ଅଷ୍ଟପ୍ରହରୀ ପରିଚାଳନା କମିଟିର ମିଳିତ ସହଯୋଗରେ ଏହି ହରିନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିଲାଗି ସମଗ୍ର ପୀଠକୁ ରଙ୍ଗୀନ ଆଲୋକମାଳା ଓ ଫୁଲରେ ସୁସଜ୍ଜିତ କରାଯାଇଥିଲା । ପ୍ରତ୍ୟୁଷରୁ ପାରମ୍ପରିକ ରୀତିନୀତି ଅନୁଯାୟୀ, ଅଚ୍ୟୁତାନନ୍ଦଙ୍କ ମହାସ୍ନାନ, ଚନ୍ଦନ ତୁଳସୀ ଲାଗି, ନୂତନ ବସ୍ତ୍ର ପରିଧାନ, ରୁପା ମୁକୁଟ ପରିଧାନ, ମଙ୍ଗଳଆଳତି, ପହିଲି ଭୋଗ, ରୀତିନୀତି ଓ ନୈବେଦ୍ୟ ସମ୍ପନ୍ନ ହେବା ପରେ ଭକ୍ତଙ୍କ ପାଇଁ ପହଡ ଖୋଲାଯାଇଥିଲା ।



ଫୁଲରେ ସଜାଯାଇଥିବା ନାମମଣ୍ଡପ।



ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ

### ପ୍ରସାଦ ବ୍ୟବସ୍ଥା

ଶ୍ରୀଶ୍ରୀ ଗୋପୀନାଥ ଜୀଉଙ୍କ ନିକଟରେ ଅନ୍ନପ୍ରସାଦ ଲାଗି କରାଯାଇ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା । ଅନ୍ନ ପ୍ରସାଦ ରୋଷେଇ ପାଇଁ ୪୦ ଫୁଟ ଉଚ୍ଚର ଚୁଲା ପ୍ରସ୍ତୁତ କରାଯାଇଥିଲା। ୧୦୦ରୁ ଊର୍ଦ୍ଧ୍ୱ ରୋଷେୟା ପ୍ରସାଦ ପ୍ରସ୍ତୁତିରେ ଲାଗିଥିଲେ। ସଂଧ୍ୟାରେ ଆଳତି ପରେ ମାନସିକ ଭକ୍ତଧାରୀ ବେଢ଼ା ପରିକ୍ରମା କରିଥିଲେ। ଅନୁଷ୍ଠାନ ପକ୍ଷରୁ ଆତସବାଜି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପରେ ମହାପ୍ରଭୁଙ୍କର ଖେଚୁଡ଼ି ଭୋଗ କରାଯାଇ ସର୍ବସାଧାରଣରେ ବଣ୍ଟନ କରାଯାଇଥିଲା।

### ଶାନ୍ତିଶୃଙ୍ଖଳା ରକ୍ଷା

ଏହି ଅବସରରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପୋଲିସ ପ୍ରଶାସନ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ, ଅଚ୍ୟୁତାନନ୍ଦ ବିଦ୍ୟାପୀଠ, ଲାଲବାହାଦୁର ବିଦ୍ୟାପୀଠ ଓରିକଣ୍ଡା, ଜୟନ୍ତ ବିଦ୍ୟାପୀଠ ନଗସପୁରର ସ୍କାଉଟ୍ ଓ ଗାଇଡର ଛାତ୍ରୀଛାତ୍ର ଏଥିରେ ସହଯୋଗ କରିଥିଲେ । ଏହାକୁ ତହସିଲଦାର ଜିତେନ୍ଦ୍ର ପାତ୍ର, ବିଡିଓ କର୍ଣ୍ଣଦେବ ସମାଦ୍ଦାର, ପଣ୍ଡିତ ଶତ୍ରୁଘ୍ନ ଦାସ, ପ୍ରସନ୍ନ ବେଉରିଆ, ଅଜୟ କୁମାର ପୃଷ୍ଟି, ହରେକୃଷ୍ଣ ପୂଝାରୀ ଓ ଅମୂଲ୍ୟ କୁମାର ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ । ଅକ୍ଷୟ କୁମାର ସାହୁ, ଦେବେନ୍ଦ୍ର ନାଥ ସାହୁ, ଆଲୋକ କୁମାର ଦତ୍ତ ଓ କ୍ଷମାନିଧି ପୂଝାରୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।



# ଭାଲୁ ମୃତଦେହ ଉଦ୍ଧାର

**ଆଠଗଡ, ୫ା୨(ସ୍ୱ.ପ୍ର.):** ଆଠଗଡ଼ ଥାନା ଅନ୍ତର୍ଗତ ରାଧାବଲ୍ଲଭପୁର ଓ ରାଧାକେଶବପୁର ମଧ ଭାଗରେ ଥିବା ରେଙ୍ଗାଲି ଦକ୍ଷିଣ କେନାଲ ସନ୍ନିକଟ ବିଲରୁ ବୁଧବାର ଏକ ଭାଲୁର ମୃତଦେହ ଉଦ୍ଧାର ହୋଇଛି। ମୃତ୍ୟୁର କାରଣ ଜଣାପଡ଼ିନାହିଁ। ସନ୍ଧ୍ୟାରେ ବନାଞ୍ଚଳ ଅଧିକାରୀ ଆଇସା ଅଖତାର ନିଶା, ବନପାଳ ଲମ୍ବୋଦର ନାୟକ ଓ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଭାଲୁର ମୃତଦେହ ଉଦ୍ଧାର କରିଛନ୍ତି। ଗୁରୁବାର ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ରାଧାବଲ୍ଲଭପୁରର ଜଣେ ଗୋପାଳକ ଅପରାହ୍ନରେ ଗୋଠଧରି ଫେରୁଥିବାବେଳେ ବିଲରେ କୌଣସି ଏକ ଜୀବର ମୃତଦେହ ଦେଖି ଗ୍ରାମରେ ଖବର ଦେଇଥିଲେ। ଗ୍ରାମବାସୀମାନେ ସେଠାରେ ପହଞ୍ଚି ଭାଲୁର ମୃତଦେହ ଚିହ୍ନଟ କରିଥିଲେ।

# ଠିକାଦାରି ସଂସ୍ଥାର କର୍ମଚାରୀ ନିଖୋଜ

**ଆଠଗଡ଼, ୫ା୨ (ସ୍ୱ.ପ୍ର.):** ଆଠଗଡ ଅଞ୍ଚଳରେ ଚାଲିଥିବା ରେଙ୍ଗାଲି ରାଇଟ କେନାଲ କାର୍ଯ୍ୟରେ ନିୟୋଜିତ ଜଣେ ଠିକା ସଂସ୍ଥାର କର୍ମଚାରୀ ଗତ ୨ଦିନ ହେବ ନିଖୋଜ ହୋଇଯାଇଛନ୍ତି। ଏନେଇ ପରିବାର ସଦସ୍ୟ ବୁଧବାର ଆଠଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ସେ ହେଲେ ଭଦ୍ରକ ଜିଲା ଧାମନଗର ଥାନା ଅନ୍ତର୍ଗତ ଶୋଧଗ୍ରାମର ନିତ୍ୟାନନ୍ଦ ସାହୁଙ୍କ ପୁଅ ସୌମେନ୍ଦ୍ର (୨୪)। ସେ ଏକ ଠିକାଦାରି ସଂସ୍ଥାରେ ସୁପରଭାଇଜର ଭାବେ କାର୍ଯ୍ୟ କରନ୍ତି। ସମ୍ପୃକ୍ତ ସଂସ୍ଥା ଏବେ ଆଠଗଡ଼ ଅଞ୍ଚଳରେ ନିର୍ମାଣ ଚାଲିଥିବା ରେଙ୍ଗାଲି ଦକ୍ଷିଣ କେନାଲ ନିର୍ମାଣ କାର୍ଯ୍ୟ କରୁଛି। ସୌମେନ୍ଦ୍ର ଜଗତସିଂହପୁର ଜିଲାର ଜଣେ ବ୍ୟକ୍ତିଙ୍କ ସହ ଆଠଗଡ଼ ଚାନ୍ଦବାଲି ଛକ ନିକଟ ଆକ୍ସିସ ବ୍ୟାଙ୍କ ପାଖରେ ଘର ଭଡ଼ା ନେଇ ରହୁଥିଲେ। ସୋମବାର ରାତିରେ କାର୍ଯ୍ୟ ସାରି ସେ ଘରେ ଆସି ରହିଥିଲେ। ମାତ୍ର ମଙ୍ଗଳବାର ସକାଳୁ ତାଙ୍କ ଫୋନ ବନ୍ଦ ଥିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ମାତ୍ର କୌଣସି ପତ୍ତା ନ ମିଳିବାରୁ ସୌମେନ୍ଦ୍ରଙ୍କ ବାପା ନିତ୍ୟାନନ୍ଦ ଆଠଗଡ଼ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ଥାନାରେ ମାମଲା (ନଂ.୧୦/୨୦)ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ପୋଲିସ ତାଙ୍କ ସାଙ୍ଗରେ ରହୁଥିବା ବ୍ୟକ୍ତିଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛନ୍ତି।

# ମା'ମଙ୍ଗଳା ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ନରାଜ, ୫ା୨ (ଡି.ଏନ୍.ଏ.):** ବାରଙ୍ଗ ବ୍ଲକ ଅନ୍ତର୍ଗତ ରତାଗଡ ଗ୍ରାମରେ ମା'ମଙ୍ଗଳା ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ରବିବାରଠାରୁ ଆରମ୍ଭ ହୋଇଥିବା ପ୍ରତିଷ୍ଠା ଉତ୍ସବରେ ଅଧିବାସ କର୍ମ, କଳସ ଯାତ୍ରା, ମଣ୍ଡକାପୂଜା ଆଦି କରାଯାଇଥିଲା। କାର୍ଯ୍ୟକ୍ରମରେ ପଣ୍ଡିତ ସୁଭାସ ପତି, ମନୋରଞ୍ଜନ ପତି, ସୁଜିତ ପଣ୍ଡା, ସନାତନ ପଣ୍ଡା, ଅକ୍ଷୟ ପଣ୍ଡା, ସୂର୍ଯ୍ୟକାନ୍ତ ପଣ୍ଡା ଓ ଅଞ୍ଜନ ମିଶ୍ର ପ୍ରମୁଖ ମନ୍ତ୍ର ପାଠ କରିଥିଲେ। କର୍ତ୍ତା ଭାବେ ରବି ନାୟକ ଓ ବିଣା ନାୟକ ଯୋଗଦେଇଥିଲେ।

# ଅଧ୍ୟବସାୟ ବଳରେ ପାରଦର୍ଶିତା ଲାଭ କରିହେବ





ପୁରସ୍କାର ବିତରଣୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ଲଳିତଗିରି, ୫ା୨ (ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ପଲ୍ଲୀସାହିସ୍ଥିତ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟସରକାରଙ୍କ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ମହାପାତ୍ର ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କଟକ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା ଯୋଗଦେଇ ଶୃଙ୍ଖଳା, ଅଧ୍ୟବସାୟ ଓ କର୍ତ୍ତବ୍ୟନିଷ୍ଠା ଦ୍ୱାରା ଜଣେ ଛାତ୍ରୀ ସବୁକ୍ଷେତ୍ରରେ ପାରଦର୍ଶିତା ଲାଭ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ପଞ୍ଚାୟତ ସମିତି ଅଧକ୍ଷ ଶରତ ନାୟକ,ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ପଞ୍ଚାୟତ ସମିତି ଅଧକ୍ଷ ସରୋଜବନ୍ଧୁ ଦାସ, ଜିଲାପରିଷଦ ସଭ୍ୟ ହୃଷୀକେଶ ସ୍ୱାଇଁ, ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ବେହେରା,ଜିଲା ବିଜ୍ଞାନ ପରିଦର୍ଶକ ଅକ୍ଷୟ କୁମାର ଷଡ଼ଙ୍ଗୀ ଓ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ହରମୋହନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ସନ୍ତୋଷ କୁମାର ନନ୍ଦ ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଗୋବିନ୍ଦ ପୁଷ୍ଟି, ଜୟପ୍ରଦା ଭୋଳ, ମଧୁସ୍ମିତା ସାହୁ, ଦମୟନ୍ତୀ ମହନ୍ତ, ଓ ଅରୁଣ କୁମାର ରାଉତ ପ୍ରମୁଖ ସଭା ପରିଚାଳନା କରିଥିଲେ। ଶିକ୍ଷକ ରମାକାନ୍ତ ରାଉତ ଧନ୍ୟବାଦ୍ୟ ଦେଇଥିଲେ।



ବାଙ୍କୀ ବ୍ଲକ ବିଲିପଡା ପଞ୍ଚାୟତସ୍ଥିତ ଶ୍ରୀ ଶ୍ରୀ ଭାଗବତ ଗୋସ୍ୱାମୀ(ଚକ୍ରପାଣି) ଦେବଙ୍କ ତ୍ରୟୋଦଶ ବାର୍ଷିକ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ରାମଲୀଳାରେ କଳାକାରଙ୍କ ଦ୍ୱାରା ରାମପର୍ଶୁରାମ ଭେଟ ନାଟକ ପରିବେଷଣ କରାଯାଉଛି।

# ପଣ୍ଡିତ କୁଳମଣି ପାଠିଶର୍ମାଙ୍କ ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ

**ନେମାଳ, ୫ା୨ (ଡି.ଏନ୍.ଏ.):** ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ଗବେଷକ ପଣ୍ଡିତ କୁଳମଣି ପାଠିଶର୍ମାଙ୍କ ଚତୁର୍ଦ୍ଦଶତମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଜନ୍ମପୀଠ ତିଲକଣାଠାରେ ଆୟୋଜିତ ଏହି ଉତ୍ସବରେ ସାମାଜିକ କର୍ମୀ ପ୍ରତାପ ମହାନ୍ତି ସଭାପତିତ୍ୱରେ କରିଥିଲେ। ମୁଖ୍ୟଅତିଥି ଭାବେ ଆଧାତ୍ମିକ ସାଧକ ପ୍ରତାପ ଚନ୍ଦ୍ର ସିଂ, ଅନ୍ୟତମ ଅତିଥି ପ୍ରଶାନ୍ତ କୁମାର ଦାସ, ଆଇନଜୀବୀ ନାରାୟଣ ଦ୍ୱିବେଦୀ ଯୋଗଦେଇ ପଣ୍ଡିତ ପାଠିଶର୍ମାଙ୍କ ଆତ୍ମଜୀବନୀ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧରେ ସାମାଜିକ କର୍ମୀ ଅଶୋକ କୁମାର ସାହୁ, ପ୍ରଦୀପ୍ତ ସାହୁ, ନିରଞ୍ଜନ ମଲ୍ଲିକ, ଶରତ ଚନ୍ଦ୍ର ମଲ୍ଲିକ, ପବିତ୍ର କୁମାର ସାହୁ, ଯଶୋବନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପଣ୍ଡିତ ନବକିଶୋର ଦାସଙ୍କ ତତ୍ତ୍ୱାବଧାନରେ ନନ୍ଦକିଶୋର ଦାସ, ଭୃଗୁରାମ ପଣ୍ଡା, ନାରାୟଣ ମହାପାତ୍ର, ରଘୁନାଥ ନନ୍ଦ ପ୍ରମୁଖ ସମୂହ ଗୀତା ପାଠ କରିଥିଲେ। ଶେଷରେ କେଦାରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାଗବତ ମହାମଣ୍ଡଳ ପକ୍ଷରୁ ନାମଯଜ୍ଞ

**ଆଠଗଡ, ୫ା୨(ସ୍ୱ.ପ୍ର.):** ବାଙ୍କୀ ଥାନା ମାଳବିହାରପୁର ଶ୍ରୀରାମ ମନ୍ଦିରରେ ଭାଗବତ ମହାମଣ୍ଡଳ ପକ୍ଷରୁ ୨ ଦିନ ବ୍ୟାପୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠଗଡ଼, ତିଗିରିଆ, ବଡ଼ମ୍ବା, ନରସିଂହପୁର, ବାଙ୍କୀ ଓ ଢେଙ୍କାନାଳ ଆଦି ଅଞ୍ଚଳରୁ ବହୁ ଭାଗବତ ପ୍ରେମୀ ଯୋଗଦେଇ ଥିଲେ। ଏହି ପରିପ୍ରେକ୍ଷୀରେ ସଂକୀର୍ତ୍ତନ ମଣ୍ଡଳୀମାନଙ୍କ ଦ୍ୱାରା ସଂକୀର୍ତ୍ତନ କରାଯାଇଥିଲା। ପ୍ରଫୁଲ୍ଲ କୁମାର ବ୍ରହ୍ମ ଏହାକୁ ପରିଚାଳନା କରିଥିବା ବେଳେ ହରିହର ଖଟୁଆ, ତାପସ ମହାରଣା, ଅଶୋକ ଖଟୁଆ ଓ ସନ୍ତୋଷ ଖଟୁଆ ପ୍ରମୁଖ ସହଯୋଗ କରିଥିଲେ।

# ଅଧାପନ୍ତରିଆ ଅବସ୍ଥାରେ ଶବଦାହ ଗୃହ

**ସାଲେପୁର,୫ା୨(ଡି.ଏନ୍.ଏ.):** ସାଲେପୁର ବ୍ଲକ ଛାଣିପୁର ପଞ୍ଚାୟତ ଅନ୍ତର୍ଗତ କରମୁଆଁ ଗ୍ରାମରେ ଦୀର୍ଘଦିନ ଧରି ଶବଦାହ ଗୃହ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ରହିଛି। ଏନେଇ ଅଞ୍ଚଳବାସୀ ମୃତଦେହ ଦାହ ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିଯୋଗୁ ସ୍ଥାନୀୟ ଲୋକଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମର ୧ ଓ ୨ନମ୍ବର ୱାର୍ଡର ଜନସାଧାରଣଙ୍କ ସୁବିଧା ନିମନ୍ତେ ସରକାରଙ୍କ ପକ୍ଷରୁ ଏହି ଗୃହ ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲା। କିନ୍ତୁ ଜନୈକ ଠିକାଦାର ଏହି ଶବଦାହ ଗୃହର ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଭାବେ ଛାଡି ଚାଲିଯାଇଛି। ଅପରପକ୍ଷରେ ଠିକାଦାର ଗୃହ ନିର୍ମାଣ ବାବଦ ବିଲ୍ ଉଠାଇ ନେଇଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କଟକ ଜିଲାପାଳ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ସାଲେପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଦେବରାଜ ସେଠୀ କହିଛନ୍ତି, ଏବିଷୟରେ ମୁଁ ଅବଗତ ନ ଥିଲେ ବି ପଞ୍ଚାୟତ ଅର୍ଥରେ ଗୃହ ନିର୍ମାଣ କରାଯାଇଛି ବୋଲି ଶୁଣିଛି। ତଦନ୍ତ ପରେ ଏନେଇ ଆଗାମୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ଅଧା ନିର୍ମାଣ ହୋଇଥିବା ଶବଦାହ ଗୃହ।

# ଧାନମଣ୍ଡିରେ ଟୋକନ ପ୍ରଦାନରେ ଅନିୟମିତତା

**ଲଳିତଗିରି,୫ା୨(ସ୍ୱ.ପ୍ର.)**

- ପଞ୍ଜୀକୃତ ଚାଷୀଙ୍କୁ କ୍ରମିକ ସଂଖ୍ୟାନୁସାରେ ମିଳୁନାହିଁ ଟୋକନ
- ଡିସେମ୍ବର ୩୧ରେ ମିଳିଲା ଟୋକନ,ଜାନୁୟାରୀ ୭ରେ ଖୋଲିଲା ମଣ୍ଡି
- ପୁନର୍ବାର ଟୋକନ ନେବା ପାଇଁ କୁହାଯାଇଥିଲା

ମାହାଙ୍ଗା ପ୍ରାଥମିକ ସମବାୟ ସମିତି ଅଧୀନ ଧାନମଣ୍ଡିରେ ଟୋକନ ପ୍ରଦାନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। କ୍ରମିକ ସଂଖ୍ୟାନୁସାରେ ପଞ୍ଜୀକୃତ ଚାଷୀଙ୍କୁ ଟୋକନ ମିଳୁନାହିଁ । ଏହି ତାଲିକାରେ ପଞ୍ଜୀକୃତ ଚାଷୀଙ୍କ ନାମ ତଳଉପର କରାଯାଇଛି ବୋଲି ନୀଳାଦ୍ରି ବିହାରୀ ମିଶ୍ର, ବସନ୍ତ କୁମାର ସ୍ୱାଇଁ ଓ ପ୍ରତାପ ମିଶ୍ର ଅଭିଯୋଗ କରିଛନ୍ତି। ଏଥିଯୋଗୁ ସେମାନେ ବାରମ୍ବାର ମଣ୍ଡିକୁ ଦୌଡ଼ି ହତାଶ ହେଉଛନ୍ତି ବୋଲି କହିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଧାନ ବିକ୍ରୟ ପାଇଁ ସମିତିରେ କ୍ରମାନ୍ୱୟରେ ଚାଷୀଙ୍କ ନାମ ପଞ୍ଜୀକରଣ ହୋଇଥିଲା। ମାତ୍ର ସମିତି ସମ୍ପାଦକ ନିଜ ଇଚ୍ଛା ଅନୁସାରେ ଏହି ତାଲିକା ପ୍ରସ୍ତୁତ କରି ଜିଲା ଯୋଗାଣ ବିଭାଗ ଅଧିକାରୀଙ୍କ ନିକଟକୁ ପଠାଇଛନ୍ତି। ନାମ ପଞ୍ଜୀକରଣ ଖାତାରେ ନୀଳାଦ୍ରିଙ୍କ ନାମ ୧ନଂରେ ଥିବାବେଳେ ତାଲିକାରେ ନଂ.୩୨୮ ରହିଛି। ସେହିପରି ୨ନଂରେ ଥିବା ବସନ୍ତଙ୍କ ନାମ ନଂ.୩୨୩, ୩ନଂରେ ଥିବା ପ୍ରତାପଙ୍କ ନାମ ନଂ.୨୭୫ରେ ରହିଛି। ଏଭଳି ଅନେକ ଚାଷୀଙ୍କ ନାମ ଉଦ୍ଦେଶ୍ୟମୂଳକ ଭାବେ ତାଲିକାରେ ଓଲଟପାଲଟ କରାଯାଇ ଜିଲା ଯୋଗାଣ ବିଭାଗକୁ ପଠାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେହିପରି ଗତ ଡିସେମ୍ବର ୩୧ ତାରିଖରେ ଧାନ ବିକ୍ରୟ ପାଇଁ ଚାଷୀଙ୍କୁ ଟୋକନ ଦିଆଯାଇଥିଲେ ମଧ ଜାନୁୟାରୀ ୭ରେ ମଣ୍ଡି ଖୋଲିଥିଲା। ମଣ୍ଡି ଖୋଲିବା ପରେ ଟୋକନ ପାଇଥିବା ଚାଷୀ ଧାନନେଇ ମଣ୍ଡିକୁ ଆସିଥିଲେ ମଧ ସେମାନଙ୍କୁ ପୁନର୍ବାର ଟୋକନ ନେବା ପାଇଁ କୁହାଯାଇଥିଲା। ଫଳରେ ଚାଷୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅପରପକ୍ଷେ ସମିତି ପକ୍ଷରୁ ଧାର୍ଯ୍ୟ ତାରିଖରେ ଟୋକନ ନେଇ ନ ଥିବା କିଛି ଚାଷୀ ସେମାନଙ୍କ ଧାନ ବିକ୍ରି କରିଛନ୍ତି। ଫଳରେ ପୂର୍ବରୁ ଟୋକନ ପାଇଥିବା ଚାଷୀଙ୍କୁ ନିରାଶ ହେବାକୁ ପଡ଼ିଛି । ସମିତି ପକ୍ଷରୁ ୩୨୮ ଜଣ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଥିଲା ବେଳେ ଇତିମଧରେ ପାଞ୍ଚ ପାଳି ଧାନ ବିକ୍ରୟ ଶେଷ ହୋଇଛି। ମାତ୍ର ପ୍ରଥମେ ପଞ୍ଜୀକରଣ କରିଥିବା ବହୁ ଚାଷୀଙ୍କୁ ଟୋକନ ମିଳି ନ ଥିବାରୁ ଅଦ୍ୟାବଧି ଧାନ ବିକ୍ରି କରିପାରି ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ମାହାଙ୍ଗା ପ୍ରାଥମିକ ସମବାୟ ସମିତି ସମ୍ପାଦକ ଶରତ ଜେନା କହିଛନ୍ତି, ଆମେ ଚାଷୀଙ୍କ ନାମ ତାଲିକା ସବୁ ପଠାଇଦେଇଛୁ। ଯାହାସବୁ ହେଉଛି ଉପରୁ ହେଉଛି, ଏସମ୍ପର୍କରେ ଆମେ କିଛି ଜାଣି ନାହୁଁ। ଜଣେ ଜଣେ ଚାଷୀଙ୍କ ପାଖକୁ ୩ ରୁ ୪ଥର ଲେଖାଏ ମେସେଜ ଆସୁଥିଲା ବେଳେ କାହା ପାଖକୁ ଆଦୌ ଆସୁନାହିଁ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ତୁରନ୍ତ ପଞ୍ଜୀକୃତ ଚାଷୀଙ୍କୁ ଟୋକନ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।



ମଣ୍ଡିରେ ବିକ୍ରି ପାଇଁ ଗଦାହୋଇଥିବା ଧାନ।



ଟିକିଏ ଟିକିଏ ଭଦ୍ରାମୀ ଜୀବନକୁ ମଧୁମୟ କରିଦିଏ।
- ସେକ୍ସପିୟର



## ସଂକ୍ଷେପରେ

### ୧୫ ଲକ୍ଷ ଠକେଇରେ ସମ୍ପୃକ୍ତ ମହିଳା ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୫।୨(ବ୍ୟୁରୋ):** ଇଲେକ୍ଟ୍ରିକ୍ ଷ୍ଟେଶନାରି ସାମଗ୍ରୀ ସମେତ ଡିଷ୍ଟ୍ରିବ୍ୟୁଟର କରାଇଦେବା ଆଳରେ ୧୫ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୁକ୍ତ ମହିଳାଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଡୁମଡୁମା ପ୍ଲଟ ନଂ. ଏଲଆଇଜି ୧୭୫ରେ ରହୁଥିବା ଶବନମ ସିରିନ(୩୫)। ପୋଲିସ ସୂଚନା ମୁତାବକ, ଏୟାରଫିଲ୍ଡ ଥାନା ଅଞ୍ଚଳରେ ରହୁଥିବା ଜିତେନ୍ଦ୍ର ପ୍ରସାଦ ମିଶ୍ରଙ୍କୁ ଅଭିଯୁକ୍ତ ଶବନମ ଇଲେକ୍ଟ୍ରିକ୍ ଷ୍ଟେଶନାରି ସାମଗ୍ରୀ ସମେତ ଡିଷ୍ଟ୍ରିବ୍ୟୁଟର କରାଇ ଦେବା ନେଇ ୨୦୧୯ ମାର୍ଚ୍ଚ ୨୬ରେ ୧୫ ଲକ୍ଷ ଟଙ୍କାର ଚେକ ନେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଉଚିତ ସାମଗ୍ରୀ ନ ଦେଇ ଦିନ ଗଡାଇ ଚାଲିବା ସହ ଧରାଛୁଆଁ ଦେଇ ନ ଥିଲେ। ଏ ନେଇ ଜିତେନ୍ଦ୍ର ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୯୨/୨୦ରେ ଏକ ମାମଲା ରୁଜୁକରି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ବୁଧବାର ଖଣ୍ଡଗିରି ଅଞ୍ଚଳରୁ ଗିରଫ କରାଯାଇଥିଲା।

### ଅମୃତର ସନ୍ଧାନେ ପୁସ୍ତକ ଉନ୍ମୋଚିତ

**କଟକ ଅଫିସ, ୫।୨:** ଜନସାଧାରଣଙ୍କ ମଧ୍ୟରେ ଧର୍ମ ସଚେତନତା ସୃଷ୍ଟି ଲକ୍ଷ୍ୟ ନେଇ 'ଅମୃତର ସନ୍ଧାନେ' ପୁସ୍ତକ ବୁଧବାର ଶ୍ରୀରାମଚନ୍ଦ୍ର ଭବନଠାରେ ଉନ୍ମୋଚିତ ହୋଇଯାଇଛି। ସାହିତ୍ୟିକ ଡ. ପ୍ରଫୁଲ୍ଲ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଆୟୁର୍ବେଦ ଡାକ୍ତର ଦୀନବନ୍ଧୁ ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ ଯେ, କୃଷ୍ଣଙ୍କର ଲୀଳା ଅନନ୍ତ ଯୁଗରୁ ଚାଲିଛି ଓ ଚାଲିଥିବ। ମୁଖ୍ୟବକ୍ତା ଭାବେ ଡ. ବାବାଜୀ ଚରଣ ପଟ୍ଟନାୟକ ଯୋଗଦେଇ କୃଷ୍ଣ ସେବାରେ ଜାତି ନାହିଁ, କୃଷ୍ଣ ସେବାରେ ଛୁଅ ବାଇ ବୋଲି ମତ ପୋଷଣ କରିଥିଲେ। ଅନ୍ୟତମ ଅତିଥି ଭାବେ ସହଦେବ ପାତ୍ର, 'ଅମୃତର ସନ୍ଧାନେ' ପୁସ୍ତକର ଲେଖକ ଭବାନୀ ଶଙ୍କର ମହାନ୍ତି, ଉତ୍କଳ ସାହିତ୍ୟ ସମାଜର ସମ୍ପାଦିକା ମିନାକ୍ଷୀ ଦେବୀ, ନର୍ମଦା ମହାନ୍ତି, ଆଇନଜୀବୀ ଆନନ୍ଦ ଚନ୍ଦ୍ର ସ୍ୱାଇଁ, ସାହିତ୍ୟିକ ଅଜିତ କୁମାର ମହାପାତ୍ର, ନରସିଂହ ମହାପାତ୍ର, ଆଇନଜୀବୀ ସୁରଜିତ ନାଥ, ବିଶ୍ୱମିତ୍ରା ମିଶ୍ର ପ୍ରମୁଖ ପୁସ୍ତକ ସମ୍ପର୍କରେ ଆଙ୍ଗିକ ଓ ଆତ୍ମିକ ଦୃଷ୍ଟିକୋଣରୁ ଆଲୋକପାତ କରିଥିଲେ।

### ସ୍ୱାଧୀନତା ସଂଗ୍ରାମୀ ଗିରିଧାରୀଙ୍କ ପରଲୋକ

**ଜଟଣୀ,୫।୨(ଡି.ଏନ.ଏ.):** ଖୋର୍ଦ୍ଧା ଅଣ୍ଡା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଗିରିଧାରୀ ଭୁଜବଳଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୧୦୪ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟଜନିତ ରୋଗରେ ସେ ଦୀର୍ଘଦିନ ହେବ ପୀଡିତ ଥିଲେ। ସ୍ୱାଧୀନତା ସଂଗ୍ରାମୀ ସହିତ ସ୍ନେହୀ, ନିଃସ୍ୱାର୍ଥପର ଓ ପରୋପକାରୀ ବ୍ୟକ୍ତି ଭାବେ ସେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ୪ ପୁଅ ପ୍ରମୋଦ, ପ୍ରଫୁଲ୍ଲ, ପ୍ରଶାନ୍ତ, ପ୍ରତାପ, ଝିଅ ପ୍ରଭାତୀ, ପ୍ରତିଭା ଓ ପରିବାର ଲୋକେ ଉପସ୍ଥିତ ରହିଥିଲେ।

# ରଙ୍ଗ୍ ସାଇଡ୍‌ରେ ଗଲେ ଚକ କଣା କରିଦେବ 'ଟାୟାର କିଲର'

**ଭୁବନେଶ୍ୱର,୫।୨(ବ୍ୟୁରୋ)**



ନୂଆ ନୂଆ ଆଇନ ଲାଗୁ କରାଯିବା ସହ ଅଧିକ ଜରିମାନା ସତ୍ତ୍ୱେ ଲୋକେ ସୁଧୁରୁନାହାନ୍ତି। ବିଶେଷକରି ରଙ୍ଗ୍ ସାଇଡ୍‌ରେ ଗାଡ଼ି ଚାଳନା ଯୋଗୁ ଅଧିକାଂଶ ଦୁର୍ଘଟଣା ଘଟୁଛି। ଏଣିକି ଅମାନିଆ ଗାଡ଼ି ଚାଳକଙ୍କୁ ସାବାଡ୍ କରିବାକୁ କମିଶନରେଟ ପୋଲିସ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛି। ରଙ୍ଗ୍ ସାଇଡ୍‌ରେ ଗାଡି ଚଲାଇଲେ ଗାଡ଼ି ଚକାରେ କଣା ହୋଇଯିବ। ଏଥିପାଇଁ ଦେଶ ବିଦେଶରେ ବ୍ୟବହୃତ 'ସ୍ପାଇକ ବ୍ୟାରିୟର' ବା ଟାୟାର କିଲର' ବ୍ୟବସ୍ଥାକୁ ଆପଣାଇବାକୁ ନିଷ୍ପତ୍ତି ହୋଇଛି ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି।

ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ସଂକ୍ରାନ୍ତରେ ସୂଚନା ଦେଇ କମିଶନର ଷଡ଼ଙ୍ଗୀ କହିଲେ, ଭୁଲ୍ ଦିଗରେ ଗାଡି ଚାଳନା କରି ପ୍ରତିଦିନ ଲୋକେ ଜରିମାନା ଗଣୁଛନ୍ତି। ଏହା ଅତ୍ୟନ୍ତ ବିପଦପୂର୍ଣ୍ଣ ଯାତ୍ରା ହୋଇଥିଲେ ମଧ୍ୟ ଏଥିପ୍ରତି ସଚେତନ ହେଉନାହାନ୍ତି। ଏଥିଯୋଗୁ ଅନେକ ଦୁର୍ଘଟଣା ଘଟି ମୂଲ୍ୟବାନ ଧନଜୀବନ ନଷ୍ଟ ହେଉଛି। ତେଣୁ ମାର୍ଚ୍ଚ ୧ରୁ ପରୀକ୍ଷାମୂଳକ ଭାବେ ସ୍ପାଇକ୍ ବ୍ୟାରିୟରକୁ କଟକ ଓ ଭୁବନେଶ୍ୱରରେ ବିଭିନ୍ନ ରାସ୍ତାରେ କାର୍ଯ୍ୟକାରୀ କରାଯିବ। ତେଣୁ ଜନସାଧାରଣ ଯଥାସମ୍ଭବ ନିୟମକୁ ପାଳନ କରନ୍ତୁ ବୋଲି କମିଶନର ସୂଚନା ଦେଇଛନ୍ତି।

- ରାସ୍ତାରେ ଲାଗିବ 'ସ୍ପାଇକ ବ୍ୟାରିୟର'
- ଦ୍ୱୈତନଗରୀର ୩୨ ବିପଦପୂର୍ଣ୍ଣ ସ୍ଥାନ ଚିହ୍ନଟ
- ମାର୍ଚ୍ଚ ୧ରୁ କାର୍ଯ୍ୟକାରୀ କରାଯିବ

ତାଙ୍କ ସୂଚନା ମୁତାବକ, ଟୁଇନ ସିଟିରେ ୨୪୨ ସ୍ଥାନରେ ବିପରୀତ ଦିଗରେ ଲୋକେ ଗାଡି ଚାଳନା କରୁଥିବା ଦେଖିବାକୁ ମିଳୁଥିବାବେଳେ ୩୨ଟି ଅତ୍ୟନ୍ତ ବିପଦପୂର୍ଣ୍ଣ ସ୍ଥାନକୁ ଚିହ୍ନଟ କରାଯାଇଛି। ଯେଉଁଠାରେ ପ୍ରତିଦିନ ଏଥିପାଇଁ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଦୁର୍ଘଟଣା ଓ ଟ୍ରାଫିକ ନିୟନ୍ତ୍ରଣ ନେଇ ପୁଣେ, ହାଇଦ୍ରାବାଦ, ମୁମ୍ବାଇ, ଦିଲ୍ଲୀ ତଥା ବିଦେଶରେ ଏହାକୁ ବ୍ୟବହାର କରାଯାଉଛି। ରାସ୍ତାର ଉଚିତ ବ୍ୟବହାର କରୁଥିବା ଚାଳକମାନେ ଏହାଦ୍ୱାରା କୌଣସି ପ୍ରକାର କ୍ଷତିଗ୍ରସ୍ତ ହେବେ ନାହିଁ। ଏହା ରାସ୍ତା ଉପରେ ସାମାନ୍ୟ ହମ୍ପସ ଆକୃତିର ରହିବ। ଉଚିତ ଦିଗରେ ଗାଡି ଚାଳନା କରି ଯିବାବେଳେ ଏହା ଭିତରେ ଥିବା ଷ୍ଟିଲ୍ କଣ୍ଟାଗୁଡିକ ଭିତରେ ଦବି ରହିବ। ଯଦି କୌଣସି ବ୍ୟକ୍ତି ବିପରୀତ ଦିଗରେ ବା ରଙ୍ଗ୍ ସାଇଡ୍‌ର ଗାଡି ଚାଳନା କରି ଏହି ସ୍ପାଇକ ବ୍ୟାରିୟରକୁ ପାର ହୁଅନ୍ତି ସେଥିରେ ଲାଗିଥିବା ଷ୍ଟିଲ କଣ୍ଟାଗୁଡିକ ଉପରକୁ ଉଠିଯିବା ସହ ଟାୟାର ଶତପ୍ରତିଶତ କଣା ହୋଇଯିବ। ଏହାଦ୍ୱାରା ଟାୟାର ପଙ୍କ୍‌ଚର ହୋଇ ଯାତ୍ରା ଠପ ହୋଇଯିବ। ଚାଳକଙ୍କୁ ଜରିମାନା ସହ ସମସ୍ୟାର ସମ୍ମୁଖୀନ ହେବାକୁ ପଡିବ। ବମିଖାଲ ଓଭରବ୍ରିଜ, ରସୁଲଗଡ ଓ କଳ୍ପନା ସମେତ ଅନ୍ୟ କିଛି ବିପଦପୂର୍ଣ୍ଣ ସ୍ଥାନରେ ଏହାକୁ ପ୍ରଥମେ ପରୀକ୍ଷାମୂଳକ ଭାବେ ଲଗାଯିବ ବୋଲି କମିଶନର ଷଡଙ୍ଗୀ ସୂଚନା ମିଳିଛି।

### ୧୪ରୁ କୁଷ୍ଠରୋଗ ଚିହ୍ନଟ ଅଭିଯାନ

**ଜଟଣୀ,୫।୨(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲାରେ ଫେବୃୟାରୀ ୧୪ରୁ ୨୯ ତାରିଖ ପର୍ଯ୍ୟନ୍ତ ୧୬ ଦିନ ଧରି କୁଷ୍ଠରୋଗ ଚିହ୍ନଟ ଅଭିଯାନ ଆରମ୍ଭ ହେବ। ଜିଲାପାଳ ସିତାଂଶୁ କୁମାର ରାଉତଙ୍କ ଅଧକ୍ଷତାରେ କୁଷ୍ଠରୋଗ ଚିହ୍ନଟୀକରଣ ପାଇଁ ସମନ୍ୱୟ କମିଟି ବୈଠକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏହି ରୋଗ ଚିହ୍ନଟୀକରଣ କାର୍ଯ୍ୟକ୍ରମରେ ଆଶା ଓ ଅଙ୍ଗନୱାଡି କର୍ମୀ ଘରକୁ ଘର ବୁଲି ରୋଗର ରହିଥିବା ବିଭିନ୍ନ ଲକ୍ଷଣ ଦେଖି ସନ୍ଦେହ ହେଲେ ସ୍ୱାସ୍ଥ୍ୟକର୍ମୀଙ୍କୁ ଅବଗତ କରାଇବେ। ପରେ ଡାକ୍ତର ତାଙ୍କୁ ପରୀକ୍ଷା କରି ରୋଗ ଚିହ୍ନଟ କରିବେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲାରେ ୧୨୦୬ ଜଣ ଆଶା ଓ ଅଙ୍ଗନୱାଡି କର୍ମୀ ସାମିଲ ହେବେ। ବୈଠକରେ ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଶ୍ୱରଞ୍ଜନ ପତି ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

# ଜଳାଶୟର ରକ୍ଷଣାବେକ୍ଷଣ କରିବ ସିଏମ୍‌ସି

**କଟକ ଅଫିସ, ୫।୨**

କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜଳାଶୟ କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଜଳାଶୟର କିସମ ପରିବର୍ତ୍ତନ ନିମନ୍ତେ ପ୍ରସ୍ତାବିତ ହୋଇଥିବା ୧୫ଟି ମାମଲାର ଅନୁଧ୍ୟାନ କରାଯାଇଥିଲା। କଟକ ସହରରେ ଯେହେତୁ ଜଳାଶୟଗୁଡିକ ଜଳସ୍ତରକୁ ସୁରକ୍ଷା ରଖିବାରେ ଓ ଭୂତଳ ଜଳ ରିଚାର୍ଜ କରିବାର ଏକ ମାଧ୍ୟମ, ତେଣୁ ଏହାର ସୁରକ୍ଷା ଓ ପରିଚାଳନା ଆବଶ୍ୟକ। ଏହାର ସଂରକ୍ଷଣ, ପୁନଃରୁଦ୍ଧାର ଓ ରକ୍ଷଣାବେକ୍ଷଣକୁ ଗୁରୁତ୍ୱ ଦେବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ଅନୁଯାୟୀ ସମସ୍ତ ଜଳାଶୟଗୁଡିକର ରକ୍ଷଣାବେକ୍ଷଣ ପାଇଁ କଟକ ମହାନଗର ନିଗମକୁ ନିର୍ଦ୍ଦେଶ ଦିଆଯାଇଛି। ଯେ କୌଣସି ପ୍ରକାରର କିସମ ପରିବର୍ତ୍ତନ ସମ୍ବନ୍ଧୀୟ ମାମଲାକୁ ବ୍ୟକ୍ତିଗତ ଭାବେ ସରଜମିନ ତଦନ୍ତ କରି ରିପୋର୍ଟ ଦେବା ପାଇଁ କଟକ ସଦର ତହସିଲଦାରଙ୍କୁ କୁହାଯାଇଛି। କଟକ ସଦର ତହସିଲଦାରଙ୍କ ପାଖରେ ଥିବା ପୂର୍ବରୂପି ମାମଲାଗୁଡ଼ିକୁ ଜିଲାପାଳଙ୍କ ଜରିଆରେ କମିଟିରେ ଉପସ୍ଥାପନ କରିବା ପାଇ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ବୈଠକରେ ଜିଲାପାଳ ତଥା କଟକ ଉନ୍ନୟନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ଭବାନୀ ଶଙ୍କର ଚୟନୀ, ରାଜସ୍ୱ ଆୟୁକ୍ତଙ୍କ ସଚିବ ଧନଞ୍ଜୟ ହେମ୍ବ୍ରମ, ମହାନଗର ନିଗମ କମିଶନର ଅନନ୍ୟା ଦାସଙ୍କ ସମେତ ସଭ୍ୟ, ରାଜ୍ୟ ପ୍ରଦୂଷଣ ବୋର୍ଡ, ଅତିରିକ୍ତ ଜିଲାପାଳ, କଟକ ସଦର ତହସିଲଦାର, କମିଟି ସଭ୍ୟ ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ଏସ.ଏମ ପଟ୍ଟନାୟକ ଓ ଅବସରପ୍ରାପ୍ତ ଆଇଏଏସ୍ ପଦ୍ମନାଭ ସାମଲ ଉପସ୍ଥିତ ଥିଲେ।

# ଜାଭିୟର ୟୁନିଭର୍ସିଟିରେ ଆନ୍ତର୍ଜାତିକ କେନ୍ଦ୍ର ଉଦ୍‌ଘାଟିତ




ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅଧିକାରୀମାନେ।

**ଜଟଣୀ,୫।୨(ଡି.ଏନ.ଏ.)**

ଜଟଣୀ ନିକଟବର୍ତ୍ତୀ ଜାଭିୟର ୟୁନିଭର୍ସିଟିରେ ନୂତନ ଭାବେ ସରକାର ଏବଂ ଜନସଂକ୍ରାନ୍ତୀୟ ବିଦ୍ୟାଳୟ ଓ ଆନ୍ତର୍ଜାତିକ କେନ୍ଦ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ କହିଥିଲେ, ବିକାଶ ଓ ସାମଗ୍ରିକ ପ୍ରଗତି ଏକ ରାଷ୍ଟ୍ର ନିର୍ମାଣ ନିମନ୍ତେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ପ୍ରଶାସନିକ ସ୍ୱଚ୍ଛତା ରହିଲେ, ପ୍ରଗତି ତ୍ୱରାନ୍ୱିତ ହୋଇଥାଏ। ୫–ଟି ମନ୍ତ୍ର ଆମ ସରକାରୀ ପ୍ରକ୍ରିୟାରେ କାର୍ଯ୍ୟ କରୁଛି। ଶାସନ ବ୍ୟବସ୍ଥାରେ ସାଧାରଣ ଲୋକଙ୍କର ଭାଗୀଦାରି ବୃଦ୍ଧି କରିବାରେ ଏହି ମନ୍ତ୍ର ଏକ ସଫଳ ପ୍ରୟାସ। ଆନ୍ତର୍ଜାତିକ ସ୍ତରରେ ରାଜ୍ୟର ପରିଚୟ ସୃଷ୍ଟି କରିବାରେ ମୋ ସରକାର ସଫଳ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସ୍କୁଲ ଅଫ୍ ଗଭର୍ନମେଣ୍ଟ ଓ ପବ୍ଲିକ୍ ଆଫାୟାର୍ସ ତଥା ଇଣ୍ଟରନ୍ୟାଶନାଲ ସେଣ୍ଟର ଏ ଦିଗରେ ନିଜର ଉତ୍ତରଦାୟିତ୍ୱ ନିଭାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ, ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ, ପିପିଲି ବିଧାୟକ ପ୍ରଦୀପ ମହାରଥୀ, ଆଇଏଏସ୍ ଆର୍. ବାଲକ୍ରିଷ୍ଣନ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଜାଭିୟର ୟୁନିଭର୍ସିଟି ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ଚେୟାରମ୍ୟାନ ଫାଦର ଜର୍ଜ ଫର୍ଣ୍ଣାଡେସ୍ ଏସ୍.ଜେ, ୟୁନିଭର୍ସିଟିର କୁଳପତି ପ୍ରଫେସର ଡ. ଆଣ୍ଟୋନୀ ଆର୍ ଉଭାରୀ ଏସ୍.ଜେ, ରେଜିଷ୍ଟ୍ରାର ପ୍ରଫେସର ଫାଦର ଇ.ଏ.ଅଗଷ୍ଟିନ ଏସ୍.ଜେ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏଥିରେ ୟୁନିଭରସିଟିର ବିଦ୍ୟାର୍ଥୀ, ଫାକଲଟି, କର୍ମଚାରୀ ଓ ବହୁ ନିମନ୍ତ୍ରିତ ଅତିଥି ଉପସ୍ଥିତ ଥିଲେ।

# ପୃଥକ୍ ସଂଗ୍ରହ ହେବ ଓଦା, ଶୁଖିଲା ବର୍ଜ୍ୟ




ବୈଠକରେ ଉପସ୍ଥିତ ବିଏମ୍‌ସି ଆଡିଶନାଲ କମିଶନର ସୁରଥ ଚନ୍ଦ୍ର ମଲ୍ଲିକ ଓ ଅନ୍ୟମାନେ।

**ଭୁବନେଶ୍ୱର, ୫।୨ (ବ୍ୟୁରୋ)**

- ନାଗରିକଙ୍କ ସହଯୋଗ ଲୋଡ଼ିଲା ବିଏମ୍‌ସି
- କାର୍ଯ୍ୟକାରୀ ହେବ ୨ ୱାର୍ଡର ଏମ୍‌ସିସି
- ବର୍ଜ୍ୟ ପରିଚାଳନା ପାଇଁ ୯ କ୍ଲଷ୍ଟରରେ ଭାଗ ହୋଇଛି ୨ ୱାର୍ଡ
- ଘର ଘର ବୁଲି ବର୍ଜ୍ୟ ପୃଥକୀକରଣ ବାବଦରେ ବୁଝାଇବେ ଏସ୍‌ଏଚ୍‌ଜି ମହିଳା

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସଭାଗୃହରେ ପୃଥକ୍ ଭାବେ ବର୍ଜ୍ୟ ସଂଗ୍ରହ ଜନିତ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁକୁ ପ୍ରତ୍ୟେକ ପରିବାରରୁ ପୃଥକ୍ ଭାବେ ସଂଗ୍ରହ କରିବାକୁ ଚାଲୁ ରହିଥିବା ଚେଷ୍ଟା ଅତିଶୀଘ୍ର ଲାଗୁ କରାଯିବ ବୋଲି ମତପ୍ରକାଶ ପାଇଛି। ଆଡିଶନାଲ କମିଶନର ସୁରଥ ଚନ୍ଦ୍ର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୯ ସଙ୍ଗଠନରୁ ୪୦ ଏସ୍‌ଏଚ୍‌ଜି ସଦସ୍ୟା, ୫ ସ୍ୱେଚ୍ଛାସେବୀ ସଙ୍ଗଠନ, ୱାର୍ଡ ଅଫିସର ଏବଂ ସାନିଟାରି ଇନ୍ସପେକ୍ଟର ଯୋଗ ଦେଇଥିଲେ। ରାଜଧାନୀରେ ଆଗାମୀ ୭ ଦିନ ମଧ୍ୟରେ କିପରି ପୃଥକ୍ ଭାବେ ବର୍ଜ୍ୟ ସଂଗ୍ରହ ଏବଂ ଏଥିପାଇଁ ଆବଶ୍ୟକ ସଚେତନତା ଆରମ୍ଭ ହେବ ତାହାର ପ୍ରସ୍ତୁତି ବାବଦରେ ଆଲୋଚନା କରାଯାଇଥିଲା।

ଭୁବନେଶ୍ୱରରେ ଯୋଜନାବଦ୍ଧ ଭାବେ ୪୩ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ଏବଂ ୧୦ ମ୍ୟାଟେରିଆଲ୍ ରିକଭରି ଫ୍ୟାସିଲିଟି ସେଣ୍ଟର (ଏମ୍‌ଆର୍‌ଏଫ୍) ଆଗେଇ ଚାଲିଛି। ୧୨ ନଂ. ଏବଂ ୧୭ ନଂ ୱାର୍ଡରେ ପ୍ରଥମ କରି ଏହି କାର୍ଯ୍ୟ ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଛି। ଚୟନ ହୋଇଥିବା ଏସ୍‌ଏଚ୍‌ଜି ମହିଳାମାନେ କିଭଳି ଘରକୁ ଘର ବୁଲି ବର୍ଜ୍ୟର ପୃଥକୀକରଣ ବାବଦରେ ଲୋକଙ୍କୁ ବୁଝାଇବେ ସେ ବାବଦରେ କୁହାଯାଇଥିଲା। ପୂର୍ବରୁ ଦିଆଯାଇଥିବା ତାଲିମ ଅନୁଯାୟୀ, ସେମାନେ କିପରି ସଂଗୃହୀତ ବର୍ଜ୍ୟକୁ ଆଣି ଏମ୍‌ସିସିରେ ପହଞ୍ଚାଇବେ ଏବଂ ଏଥିପାଇଁ ସେମାନଙ୍କର କ୍ଷେତ୍ର ପରିଚାଳନା କିପରି ରହିବ ତାହା ବିଶଦ ଭାବେ ଆଲୋଚନା ହୋଇଥିଲା। ତେବେ ରାଜ୍ୟର ଅନ୍ୟ ପୌରସଂସ୍ଥାଙ୍କଠାରୁ ବିଏମ୍‌ସି ସର୍ବାଧିକ ଏମ୍‌ସିସି କରିବାକୁ ଯାଉଥିବା ବେଳେ କାର୍ଯ୍ୟକୁ ସବୁ ଦିଗରୁ ସହଯୋଗ ଆବଶ୍ୟକ। ତେଣୁ ନାଗରିକଙ୍କୁ ଏ ଦିଗରେ ପ୍ରସ୍ତୁତ କରିବାକୁ ୩ ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗର ହାତ ବଢାଇଥିବା ବେଳେ ବିଏମ୍‌ସି ମଧ୍ୟ ଲୋକଙ୍କ ସହଯୋଗ କାମନା କରୁଛି ବୋଲି ବୈଠକରେ ମତପ୍ରକାଶ ପାଇଛି। ଏଥିର ଜୋନାଲ୍ ଡେପୁଟି କମିଶନର ସାଉଥ୍ ୱେଷ୍ଟ ଜୋନ୍ ରବି ନାରାୟଣ ଜେଠୀ, ଡେପୁଟି କମିଶନର ୱେଲ୍‌ଫେୟାର୍ ସଂଘମିତ୍ରା ବେହେରା, ସିଟି ହେଲ୍‌ଥ ଅଫିସର ଡ଼ାକ୍ତର ବସନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱଚ୍ଛତା ଓ ସୁସ୍ଥତାର ବିଭିନ୍ନ ଦିଗ ଏବଂ ଏଥିରେ ନିୟୋଜିତଏସ୍‌ଏଚ୍‌ଜିଙ୍କ ଦାୟିତ୍ୱ ବାବଦରେ ଆଲୋଚନା କରିଥିଲେ।

ଆସନ୍ତା ସପ୍ତାହରେ ବିଏମ୍‌ସିର ୧୨ ନଂ. ଏବଂ ୧୭ ନଂ ୱାର୍ଡ଼ରୁ ପୃଥକ୍ ଭାବେ ବର୍ଜ୍ୟ ସଂଗ୍ରହ ପାଇଁ ବିଏମ୍‌ସି କର୍ତ୍ତୃପକ୍ଷ ନକ୍ସା ପ୍ରସ୍ତୁତି କରିଛନ୍ତି। ପ୍ରାରମ୍ଭରୁ ଏକ ସୁସ୍ଥ ବାତାବରଣ ମଧ୍ୟରେ ଏହା ଆରମ୍ଭ କରାଯିବ ବୋଲି ଡେପୁଟି କମିଶନର (ପରିମଳ) ଶୁଭେନ୍ଦୁ କୁମାର ସାହୁ କହିଛନ୍ତି। ଉକ୍ତ ଦୁଇ ୱାର୍ଡକୁ ସମୁଦାୟ ୯ କ୍ଲଷ୍ଟର୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ କ୍ଲଷ୍ଟର୍ ପାଇଁ ସ୍ୱେଚ୍ଛାସେବୀ ରହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ନିୟମିତ ଭାବେ ପୃଥକ୍ କରି ବର୍ଜ୍ୟ ରଖିବାରେ ଆଗେଇ ଆସୁଥିବା ପରିବାରଙ୍କୁ ସ୍ୱଚ୍ଛ ଗୃହର ଆଖ୍ୟା ଦିଆଯିବ ବୋଲି ଜୋନାଲ୍ ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟି କହିଛନ୍ତି।

### କାଉଁରୀପାଟଣା ସାହି ବାରିତଳ ରାସ୍ତାରେ ବର୍ଜ୍ୟଜଳ

**ବୋଲଗଡ଼,୫।୨(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ବଡକୁମାରୀ ପଞ୍ଚାୟତ କାଉଁରୀପାଟଣା ସାହିର ବାରିତଳ ରାସ୍ତାରେ ବର୍ଜ୍ୟଜଳ ଜମିରହି ନର୍ଦ୍ଦମାର ଭ୍ରମ ସୃଷ୍ଟି କରୁଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶ ଯେ, ଉକ୍ତ ରାସ୍ତାଟି ରାଜସୁନାଖଳା ଗଣେଶ ବଜାରଠାରୁ ବାହାରି ସାହିର ମଧ୍ୟ ଭାଗରେ ସଂଯୋଗ ହୋଇଛି। ବଜାର ଅଞ୍ଚଳରୁ ସ୍ଥାନୀୟ ଲୋକେ ଏହି ରାସ୍ତା ଦେଇ କାଉଁରୀ ପାଟଣା ସାହିକୁ ଯା'ଆସ କରନ୍ତି। ବିଶେଷ କରି ରାସ୍ତା ପାର୍ଶ୍ୱରେ ରହୁଥିବା ପରିବାର ଲୋକେ ଏହା ଉପରେ ନିର୍ଭରଶୀଳ। ରାସ୍ତାଟି ସମୟକ୍ରମେ ଖାଲୁଆ ହୋଇଯାଇଛି। ପୁଣି ବର୍ଜ୍ୟଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ନାହିଁ। ଫଳରେ ରାସ୍ତା ପାର୍ଶ୍ୱରେ ଥିବା ନଳକୂପ ଜଳ ଖାଲୁଆ ଅଞ୍ଚଳରେ ଜମିରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏଥିରେ ଅଳିଆ ଆବର୍ଜନା ପଡି ଦୁର୍ଗନ୍ଧ ହେଉଥିବାବେଳେ ମଶା ମାଛିଙ୍କ ବଂଶ ବୃଦ୍ଧି ପାଉଛି। ଅନ୍ୟପକ୍ଷରେ ବର୍ଜ୍ୟଜଳରେ ଅଳିଆ ଆବର୍ଜନା ସାଙ୍ଗକୁ ଅନ୍ୟାନ୍ୟ ପଦାର୍ଥ ପଡି କର୍ଦ୍ଦମାକ୍ତ ପାଲଟିଛି। ଏଥିଯୋଗୁ ଆଖପାଖ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ପୁନରୁଦ୍ଧାର ସହ ଏହା ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା କରାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



କାଉଁରୀପାଟଣା ସାହି ବାରିତଳ ରାସ୍ତାରେ ଜମିରହିଛି ବର୍ଜ୍ୟଜଳ।

# ଜବରଦଖଲକୁ ବିରୋଧ, ରାସ୍ତାକୁ ଓହ୍ଲାଇବେ ୫୦୦ ପରିବାର

**ଭୁବନେଶ୍ୱର, ୫।୨ (ବ୍ୟୁରୋ)**

## ଜଳାଶୟ ପୋତି ଜମି ଜବରଦଖଲ ଘଟଣା



ଖବରଦାତା ସମ୍ମିଳନୀରେ ଆସୋସିଏଶନ କର୍ମକର୍ତ୍ତା।

ପାଇକନଗରରେ ଚାଲିଥିବା ଜମି ବିବାଦ ଘଟଣାର ସମାଧାନ ଏ ପର୍ଯ୍ୟନ୍ତ ହୋଇପାରୁନାହିଁ। ୫୦୦ରୁ ଊର୍ଦ୍ଧ୍ୱ ପରିବାର ଉକ୍ତ ସରକାରୀ ଜମି ଉପରେ ନିର୍ଭର କରୁଛନ୍ତି। ହେଲେ ବିଲ୍‌ଡର ଉକ୍ତ ଜମିରେ ନିଜର କନଷ୍ଟ୍ରକଶନ କାର୍ଯ୍ୟ ଜାରି ରଖିଛନ୍ତି। ବୁଧବାର ପୂର୍ବ ବିଲ୍‌ଡର କାର୍ଯ୍ୟ ଆରମ୍ଭ କରିଥିବା ବେଳେ ପାଇକନଗର ୱେଲଫେୟାର ଆସୋସିଶନ ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ଏକ ଖବରଦାତା ସମ୍ମିଳନୀରେ ତୀବ୍ର ଅସନ୍ତୋଷ ଜାହିର କରାଯାଇଛି। ପୋଲିସ ପ୍ରଶାସନ ବିଲଡରଙ୍କ ସହ ମିଶି ଜବରଦଖଲ ହେବାକୁ ପ୍ରଶ୍ରୟ ଦେଉଛି ବୋଲି କହିବା ସହ ଯଦି ଏ ନେଇ ତୁରନ୍ତ ସମାଧାନ ନ ହୁଏ ତେବେ ପାଇକନଗରରେ ରହୁଥିବା ୫୦୦ ପରିବାର ରାସ୍ତାକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି।

ପାଇକନଗର ୱେଲଫେୟାର ଆସୋସିଏଶନ୍‌ର ସମ୍ପାଦକ ସମୀର ନାୟକ କହିଛନ୍ତି, ପାଇକନଗର ମୌଜାର ପ୍ଲଟ ନଂ. ୨୨୬, ୨୨୭, ୨୨୮, ୨୨୯, ୨୩୦, ୨୩୨, ୨୩୩ ପୂର୍ବରୁ ଜଳାଶୟ ଥିଲା। ଏବେ ମଧ୍ୟ ସରକାରୀ ନକ୍ସାରେ ସେଠାରେ ଜଳାଶୟ ଓ ୪.୫ ଫୁଟର ଡ୍ରେନ ଯାଉଛି। ହେଲେ ବିଲ୍‌ଡର ସୁଧାଂଶୁ ଶେଖର ପାଳ ଉକ୍ତ ଜଳାଶୟକୁ ପୋତି ସେଠାରେ ଜବରଦଖଲ କରିଛନ୍ତି। ଏ ନେଇ ବିଧାନସଭାରେ ପ୍ରଶ୍ନୋତ୍ତର ହେବା ପରେ ସେଠାରୁ ୨୦୦୯ରେ ବିଏମ୍‌ସି, ବିଡିଏ ପ୍ରଶାସନ ଦ୍ୱାରା ଉଚ୍ଛେଦ କାର୍ଯ୍ୟ କରାଗଲା। ତା'ପରେ ସେ ସେଠାରେ ଥିବା ୨୨୭, ୨୨୮ ପ୍ଲଟକୁ ନିଜର ସ୍ଥିତିବାନ ଜମି ବୋଲି ଦର୍ଶାଇବା ସହ ଉକ୍ତ ଜମିକୁ ଲାଗି ରହିଥିବା ଅନ୍ୟ ପ୍ଲଟଗୁଡିକୁ ମଧ୍ୟ ନିଜର ବତାଉଛନ୍ତି। ଉକ୍ତ ସରକାରୀ ଜମି ଉପରେ ସ୍ଥାନୀୟ ବାସିନ୍ଦା ନିର୍ଭରଯୋଗ୍ୟ ଥିବା ବେଳେ ବିଲ୍‌ଡର ପାଳ ସେଠାରେ ଜବରଦଖଲ କରୁଛନ୍ତି ବୋଲି ସେ କହିଛନ୍ତି।

ପୂର୍ବରୁ ବିଲ୍‌ଡଙ୍କର ସହ ବହୁବାର ଜମିକୁ ନେଇ ବିବାଦ ଲାଗି ରହୁଥିଲା, ହେଲେ ୨୦୨୦ ଜାନୁୟାରୀ ୧୭ରେ ନୟାପଲ୍ଲୀ ଥାନାରେ ଉଭୟପକ୍ଷ ବସି ଆଲୋଚନା କରିଥିଲେ। ୩ଦିନ ମଧ୍ୟରେ ଜମି ମାପଚୁପ ହେବ ଓ ଉଭୟପକ୍ଷଙ୍କ ଅମିନ ସେଠାରେ ଉପସ୍ଥିତ ରହି ମାପଚୁପ୍ କରିବା ସହ ମାପାଚୁପ ହେବାର ଗୋଟିଏ ଦିନ ପୂର୍ବରୁ ଉଭୟପକ୍ଷକୁ ଏ ନେଇ ସୂଚନା ଦିଆଯିବ ବୋଲି ନିଷ୍କର୍ଷ ପ୍ରକାଶ ପାଇଥିଲା। ହେଲେ ବୁଧବାର ସକାଳ ୯ ଟାରେ ନୟପଲ୍ଲୀ ଥାନାର ଜଣେ ଏସ୍‌ଆଇ ଫୋନ ଯୋଗେ ଯୋଗାଯୋଗ କରି ଏବେ ହିଁ ମାପଚୁପ ହେବ ବୋଲି କହିଥିଲେ। ତେବେ ପୂର୍ବ ନିଷ୍ପତ୍ତିକୁ ଖାତିର ନ କରି ପୋଲିସ୍ ବିଲଡରଙ୍କ ସହ ମିଶି ମଧ୍ୟାହ୍ନରେ ମାପଚୁପ କରିଥିଲେ। ଯାହାକୁ ଆସୋସିଏଶନ ପକ୍ଷରୁ ସହଯୋଗ କରାଯାଇ ନ ଥିଲା। ଏହି ମାପଚୁପ ସମ୍ପୂର୍ଣ୍ଣ ବେଆଇନ ବୋଲି କହିବା ସହ ଆସୋସିଏଶନ୍ ପକ୍ଷରୁ ଆଉଥରେ ସେଠାରେ ମାପଚୁପ୍ କରିବାକୁ ଦାବି କରାଯାଇଛି।

### ମୋର ୬ଟି ସ୍ଥିତିବାନ ଜମି ଅଛି

"ସେଠାରେ ମୋର ୬ଟି ସ୍ଥିତିବାନ ଜମି ଅଛି। ଯାହାର ସମସ୍ତ କାଗଜପତ୍ର ମୋ ପାଖରେ ଅଛି। କୋର୍ଟ ମଧ୍ୟ ମୋତେ ସେଠାରେ ନିର୍ମାଣ କାର୍ଯ୍ୟ କରିବାକୁ ଅର୍ଡର ଦେଇଛନ୍ତି। ହେଲେ ସେଠାକର କେତେଜଣ ଲୋକ ବଳପୂର୍ବକ ମୋତେ କାର୍ଯ୍ୟ କରିବାକୁ ଦେଉନାହାନ୍ତି। ବୁଧବାର ହୋଇଥିବା ମାପଚୁପ ମଧ୍ୟ ଆଇନ ଅନୁଯାୟୀ ହୋଇଛି ବୋଲି ସେ କହିଛନ୍ତି।

– ସୁଧାଂଶୁ ଶେଖର ପାଳ, ବିଲ୍‌ଡର

### ଜମି ସ୍ଥିତିବାନ କି ଜଳାଶୟ ସେଇଟା ଦେଖିବା ଆମର କାମ ନୁହେଁ

"ଜମି ସ୍ଥିତିବାନ କି ଜଳାଶୟ ସେଇଟା ଦେଖିବା ଆମର କାମ ନୁହେଁ। ବିଲ୍‌ଡରଙ୍କ ପାଖରେ ତାଙ୍କର ଜମି ଅଛି ବୋଲି ସେ କାଗଜପତ୍ର ଆମକୁ ଦେଖାଇଥିଲେ। ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ସମସ୍ୟାର ସମାଧାନ କରିବାକୁ ଆମେ ଚେଷ୍ଟା କରିଥିଲୁ। ଉଭୟପକ୍ଷଙ୍କର ସହମତି ଭିତ୍ତିରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ସରକାରୀ ଅମୀନ ଆସି ବୁଧବାର ମାପଚୁପ କରିଛନ୍ତି ବୋଲି ସେ କହିଛନ୍ତି।

– ଅରୁଣ ସ୍ୱାଇଁ, ନୟାପଲ୍ଲୀ ଥାନା ଅଧିକାରୀ



ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ ମଧ ଅନ୍ୟମାନେ ବିଶ୍ୱାସ କରିବେ ନାହିଁ।
-ଆରିଷ୍ଟଟଲ୍

## ସଂକ୍ଷେପରେ

### ଅଦିନିଆ ବର୍ଷା ଫସଲ ନଷ୍ଟ ଆଶଙ୍କାରେ ଚାଷୀ

ନିରାକାରପୁର,୫।୨(ଡି.ଏନ.ଏ.)- ଖୋର୍ଦ୍ଧା ଜିଲା ନିରାକାରପୁର ସମେତ ଏହାର ଆଖ ପାଖ ଅଞ୍ଚଳରେ ବୁଧବାର ଅଦିନିଆ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଏଥିଯୋଗୁ ଆମ୍ବ,କାଜୁ ଓ ରବିଫସଲ ପ୍ରଭାବିତ ହେବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏନେଇ ଟାଙ୍ଗୀ ବ୍ଲକ୍ କୃଷି ପରିଦର୍ଶିକା ଡମଣେଇ ଦେଇଙ୍କୁ ପଚାରିବାରୁ ସେ କହିଥିଲେ ଆମେ ଫସଲରେ ପାଣି ଛିଞ୍ଚିବାକୁ ପରାମର୍ଶ ଦେଉଥିଲୁ, ଯାହେଉ ଠିକ୍ ସମୟରେ ବର୍ଷା ହୋଇଛି ଏଥିଯୋଗୁ ଆମ୍ବ,କାଜୁ ଓ ରବିଫସଲ ଭଲ ହେବ। ଚାଷୀ ଭୟଭୀତ ହେବାର କିଛି ନାହିଁ ବୋଲି ସେ ସୂଚନା ଦେଇଛନ୍ତି ।

### ତ୍ରିନାଥ ମନ୍ଦିର ବାର୍ଷିକୋତ୍ସବ

ବୋଲଗଡ,୫।୨(ଡି.ଏନ.ଏ.): ବୋଲଗଡ଼ ଥାନା ପରିସରରେ ଥିବା ତ୍ରିନାଥ ମନ୍ଦିରର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ ଠାକୁରଙ୍କ ପୂଜାର୍ଚ୍ଚନା ପରେ ମନ୍ଦିରରେ ହୋମକାର୍ଯ୍ୟ କରାଯାଇଥିଲା। ଉତ୍ସବରେ ଖୋର୍ଦ୍ଧା ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ, ଆଡିଶନାଲ ଏସ୍‌ପି ମାୟାଧର ସେଠୀ, ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର, ଥାନା ଆଇଆଇସି ସେଖ୍ ଆକବର ଅଲ୍ଲୀଙ୍କ ସମେତ କେତେକ ପଞ୍ଚାୟତର ଲୋକପ୍ରତିନିଧି ଯୋଗଦେଇଥିଲେ। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ଦୃଢୀଭୂତ ହୋଇପାରୁଛି। ସେହିପରି ଶାନ୍ତିଶୃଙ୍ଖଳା ପାଇଁ ଆମ ପୋଲିସ କାର୍ଯ୍ୟକ୍ରମର ଲକ୍ଷ୍ୟ ସଫଳ କରିବାରେ ଏହା ସହାୟକ ହୋଇପାରିବ ବୋଲି ଆଇଆଇସି ଅଲ୍ଲୀ କହିଛନ୍ତି।

### ଚଢାଉ ବେଳେ ପୋଲିସକୁ ଆକ୍ରମଣ: ଦମ୍ପତି ଗିରଫ

ଡେଲାଙ୍ଗ, ୫।୨(ଡି.ଏନ୍.ଏ) ଡେଲାଙ୍ଗ ଥାନା ଅଧୀନ ବେଲେଶ୍ୱରପାଟଣା ଗ୍ରାମରେ ଚୋରା ମଦ ବିକ୍ରି ଓ ପୋଲିସକୁ ଆକ୍ରମଣ କରିବା ଅଭିଯୋଗରେ ଦମ୍ପତିଙ୍କୁ ଗିରଫ କରାଯାଇଛି। ପ୍ରକାଶ ଯେ, ବେଲେଶ୍ୱର ପାଟଣା ଗ୍ରାମରେ ବେଆଇନ ମଦ କାରବାର ଅଭିଯୋଗ ନେଇ ମଙ୍ଗଳବାର ବିଳମ୍ବିତ ରାତ୍ରରେ ପୋଲିସ ଚଢାଉ କରିଥିଲା। ଅଭିଯୁକ୍ତ ସଠିଆ ପାତ୍ରଙ୍କଠାରୁ ୭୫ବୋତଲ ଦେଶୀ ମଦ ଜବତ ହୋଇଥିଲା। ଏସ୍‌ଆଇ ଲାଇକା ମହାରଣା ସଠିଆଙ୍କୁ ଗିରଫ କରିଥିଲେ। ଏହି ସମୟରେ ସଠିଆଙ୍କ ସ୍ତ୍ରୀ ଲଳିତା ପାତ୍ର ଏସ୍‌ଆଇ ମହାରଣାଙ୍କୁ ଦୁର୍ବ୍ୟବହାର କରିବା ସହିତ ଅନ୍ୟ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ପୋଲିସ ଉଭୟଙ୍କୁ କାବୁ କରି ଥାନାକୁ ଆଣିଥିଲା। ଏ ନେଇ କେସ୍ ନଂ. ୧୯/୨୦ ହୋଇଛି। ସଠିଆ ଓ ଲଳିତାଙ୍କୁ ଗିରଫ କରାଯାଇ ବୁଧବାର କୋର୍ଟଚାଲାଣ କରାଯାଇଛି।

# ବିପର୍ଯ୍ୟସ୍ତ ଅବସ୍ଥାରେ ବହୁମୁଖୀ ସମବାୟ ସମିତି

## ପୁନରୁଦ୍ଧାର ପାଇଁ ନାହିଁ କାହାର ଚିନ୍ତା

ଜଟଣୀ,୫।୨(ଡି.ଏନ.ଏ.): ଖାଉଟିଙ୍କୁ ଉଚିତ୍ ଓ ସୁଲଭ ମୂଲ୍ୟରେ ବିଭିନ୍ନ ସାମଗ୍ରୀ ବିକ୍ରୟ କରିବା ଲକ୍ଷ୍ୟ ରଖି ୧୯୫୮ ମସିହାରେ ଜଟଣୀରେ ଆରମ୍ଭ ହୋଇଥିଲା ଆଞ୍ଚଳିକ ସମବାୟ ବାଣିଜ୍ୟିକ ସମିତି(ଆର୍‌ସିଏମ୍‌ଏସ୍)। ହେଲେ ଏହି ବାଣିଜ୍ୟିକ ସମିତି ଦୀର୍ଘବର୍ଷ ହେବ ଶ୍ରୀହୀନ ଓ ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ିଛି। ଦିନ ଥିଲା ଏହି ସଂସ୍ଥାରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୧୦୦ରୁ ଅଧିକ ବ୍ୟକ୍ତି କର୍ମ ସଂସ୍ଥାନ ସହ ରୋଜଗାର କରି ପାରୁଥିଲେ। ବର୍ତ୍ତମାନ ନାମକୁ ମାତ୍ର ଏହାର କାର୍ଯ୍ୟାଳୟ ଖୋଲା ହେଉଛି। ସମିତିର କୋଟି କୋଟି ଟଙ୍କାର ସମ୍ପତ୍ତି ଏଠାରେ ଦୟନୀୟ ଅବସ୍ଥାରେ ପଡ଼ିରହିଛି। ଏହାର ଥିବା ଅନେକ ବଡ ଗୋଦାମ ଓ ଅନ୍ୟ ଗୃହଗୁଡିକ ଶାଗ, ମାଛ ମୂଲ୍ୟରେ ଭଡା ସୂତ୍ରରେ ଲାଗିଛି। ସେଥିରୁ ସ୍ୱଳ୍ପ ଟଙ୍କା ଆୟ ହେଉଛି।

ଏହି ସମିତିର ମୁଖ୍ୟ କାର୍ଯ୍ୟାଳୟ ଜଟଣୀରେ ରହିଥିବା ବେଳେ ଏହା ଅଧୀନରେ ଖୋର୍ଦ୍ଧା, ବେଗୁନିଆ, ବୋଲଗଡ଼, ବାଲିପାଟଣା ଓ ଭୁବନେଶ୍ୱର ଶାଖାମାନ କାର୍ଯ୍ୟ କରୁଥିଲା। ପରେ ଭୁବନେଶ୍ୱର ଏଥିରୁ ଅଲଗା ହୋଇ ସ୍ୱତନ୍ତ୍ର ବାଣିଜ୍ୟ ସମିତି ଭାବେ କାର୍ଯ୍ୟ କରୁଅଛି। ଜଟଣୀରେ ଆରମ୍ଭ ହୋଇଥିବା ଏହି ସମିତି ମାଧ୍ୟମରେ ଚାଷୀଙ୍କ ଦ୍ୱାରା ଉତ୍ପାଦିତ ବିରି, ମୁଗ, ହରଡ଼ ଭଳି ଶସ୍ୟ ଜାତ ଦ୍ରବ୍ୟ ସହ ସାର, ଜାଳେଣି କୋଇଲା, କାଠ, ପିନ୍ଧାବସ୍ତ୍ରଠାରୁ ଆରମ୍ଭ କରି ଲୁଙ୍ଗି, ଗାମୁଛା, ଧୋତି ଆଦି ସୁଲଭ ଦରରେ ବିକ୍ରୟ ହେଉଥିବା ସାମଗ୍ରୀକୁ ଗ୍ରାହକ କ୍ରୟ କରୁଥିଲେ। ଏହି ସାମଗ୍ରୀ ବିକ୍ରୟ ତଥା ଗଚ୍ଛିତ କରି ରଖିବାକୁ ଅନେକ ଗୋଦାମ ଗୃହ ଓ ସରଞ୍ଜାମ ରହିଛି। କୋଟି କୋଟି ଟଙ୍କାର ଏହି ଗୋଦାମ ଓ ସରଞ୍ଜାମ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି । କେତେକ ଗୋଦାମ ଓ ଗୃହକୁ ଦୀର୍ଘବର୍ଷ ହେବ କେତେଜଣ ବ୍ୟକ୍ତି ସ୍ୱଳ୍ପ ଟଙ୍କାରେ ଭଡ଼ାସୂତ୍ରରେ ନେଇ ସେମାନଙ୍କ ବ୍ୟବସାୟ ଚଳାଇଛନ୍ତି। ଏହି ସମିତିର ଲକ୍ଷାଧିକ ଟଙ୍କାର ଦୁଇଟି ଧାନ କଳ ରହିଛି। ଚାଷୀଙ୍କଠାରୁ ସଂଗୃହୀତ ଧାନ ଏଠାରେ ପେଷା ଯାଇ ସେତେବେଳେ ଖାଦ୍ୟ ନିଗମକୁ ସମିତି ଚାଉଳ ବିକ୍ରୟ କରୁଥିଲା। ବ୍ୟବହୃତ ନ ହୋଇ ଏହା ଏବେ ଅଚଳ ଅବସ୍ଥାରେ ରହିଛି। ଏହି ଆର୍‌ସିଏମ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଜନତା ଷ୍ଟୋର ନାମରେ କଞ୍ଜୁମର ଷ୍ଟୋର ଚାଲୁଥିଲା । ଖାଉଟି ସାମଗ୍ରୀ ସୁଲଭ ଦରରେ ଏହି ଷ୍ଟୋର ମାଧ୍ୟମରେ ବିକ୍ରୟ କରାଯାଉଥିଲା। କାଳକ୍ରମେ ଏହି ଷ୍ଟୋରଗୁଡିକ ବନ୍ଦ ହୋଇଗଲା। ସମିତିର ସମ୍ବିଧାନ ଅନୁଯାୟୀ ରାଜ୍ୟ ଓ ଜାତୀୟ ସ୍ତରର କମ୍ପାନୀ ସହ ସହ ବନ୍ଧିତରେ ବ୍ୟବସାୟ ଚାଲିଥିଲା। ସେଲ୍, କୋଲ୍ ଇଣ୍ଡିଆ, ଓସିଏଲ୍ ସିମେଣ୍ଟ, ପିପିଏଲ୍, ଇଫ୍‌କୋ ସାର, ଉତ୍କଳ ଆଜବେଷ୍ଟସ୍ ଆଦି ଅନେକ କମ୍ପାନୀର ବିଭିନ୍ନ ସାମଗ୍ରୀ ବିକ୍ରୟ କରାଯାଉଥିଲା। ଏପରିକି କଣ୍ଟ୍ରୋଲ ଡିଲର ସିପ୍ ଆଣି ଖାଉଟିଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରାଯାଉଥିଲା। ଏହା ବହୁମୁଖୀ ସମବାୟ ସମିତି ଭାବେ ପରିଚିତ ଥିଲା। ହେଲେ ଏପରି ଏକ ବୃହତ୍ ସଂସ୍ଥା ଧୀରେ ଧୀରେ ତାର ମୁଖ୍ୟ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇ ରୁଗ୍ଣ ଅବସ୍ଥାକୁ ପଳାଇ ଆସିଛି। ସଂସ୍ଥାର ଏପରି ପରିସ୍ଥିତି ହେବା ପଛରେ ତତ୍କାଳୀନ କେତେଜଣ ଦୁର୍ନୀତିଗ୍ରସ୍ତ କର୍ମଚାରୀ ଓ ସମୟକୁ ତାଳ ଦେଇ ପ୍ରତିଯୋଗିତାମୂଳକ ଯୁଗରେ କାର୍ଯ୍ୟ ଚଳାଇବା ଭଳି ଠିକ୍ ନୀତି ନିର୍ଦ୍ଧାରଣର ଅଭାବ ଅନ୍ୟତମ ପ୍ରମୁଖ କାରଣ ବୋଲି ଅନେକେ କହୁଛନ୍ତି । ଏହି ସମିତି ଅଧୀନରେ ୫୦ରୁ ଅଧିକ ପ୍ରାଥମିକ ସମବାୟ ସମିତି ବିଭିନ୍ନ ଅଞ୍ଚଳରେ ରହିଛି। ଏମାନଙ୍କ ମଧ୍ୟରୁ ୧୫ ଜଣ ଶୀର୍ଷ କମିଟିକୁ ମନୋନୀତ ହୋଇ ଏହାର ପରିଚାଳନା କମିଟି ଗଠନ କରାଯାଇଥାଏ। ଜଟଣୀରୁ ଭୁବନେଶ୍ୱର ଅଲଗା ହେବା ପରେ ଭଲରେ ଚାଲୁଛି। ଅଥଚ ଏଠାରେ ତା'ର ବ୍ୟତିକ୍ରମ ଦେଖାଦେଇଛି। ଏ ନେଇ ସମିତିର ସଭାପତି କୈଳାସ ମହାପାତ୍ର କୁହନ୍ତି– ଏହାର ପୁନରୁଦ୍ଧାର ପାଇଁ ଉଦ୍ୟମ କରାଯାଉଛି। ରାଷ୍ଟ୍ରୀୟ କୃଷକ ବିକାଶ ଯୋଜନା ମାଧ୍ୟମରେ ଗୋଦାମଗୁଡ଼ିକର ନବୀକରଣ ପ୍ରସ୍ତାବ ଦିଆଯାଇଛି। ବାତ୍ୟା ଫନୀରେ ଦେଢ଼ କୋଟି ଟଙ୍କାର କ୍ଷତି ହୋଇଛି। ଏ ନେଇ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଅବଗତ କରାଯାଇଛି। ଜମି ସମବାୟ ବିଭାଗ ନାମରେ ରେକର୍ଡ କରିବାକୁ ଆବେଦନ କରାଯାଇଛି। ଏହାର ପ୍ରକ୍ରିୟା ଆରମ୍ଭ ହୋଇଗଲାଣି। ଏହା ସମ୍ପୂର୍ଣ୍ଣ ହେବା ପରେ ଏଠାରେ ମାର୍କେଟ କମ୍ପ୍ଲେକ୍ସ, ଧାନ ସଂଗ୍ରହ, ଗ୍ୟାସ ଏଜେନ୍ସି କରାଯିବା ନେଇ ବିଭିନ୍ନ ଯୋଜନା ରହିଛି ବୋଲି ସେ କହିଛନ୍ତି। ଏହାଛଡ଼ା ଭଡ଼ା ବୃଦ୍ଧି କରାଯାଇ କେତେକ ଗୃହକୁ ଭଡ଼ା ସୂତ୍ରରେ ଲଗାଯାଇଛି। ଫଳସ୍ୱରୂପ ସମିତିର ଆୟ ବୃଦ୍ଧି ପାଇଛି। ଅନ୍ୟ ଯେଉଁମାନେ କମ୍ ରେଟ୍‌ରେ ଭଡ଼ା ନେଇଛନ୍ତି ସେମାନଙ୍କୁ ବାହାର କରିବା ପାଇଁ ନୋଟିସ୍ କରାଯିବା ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି ।



ବହୁମୁଖୀ ସମବାୟ ସମିତିର ଥିବା ଗୋଦାମ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ।

### ଦୁର୍ଘଟଣାରେ ଆହତ ଅଧ୍ୟାପକଙ୍କ ମୃତ୍ୟୁ

କଣାସ, ୫।୨(ସ୍ୱ.ପ୍ର.): ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଭୁବନେଶ୍ୱରସ୍ଥ ଏକ ହସ୍‌ପିଟାଲରେ ଚିକିତ୍ସାଧୀନ ଥିବା କଣାସ ବ୍ଲକ ଦୟାବିହାର ଜୁନିୟର ମହାବିଦ୍ୟାଳୟର ଶିକ୍ଷା ଅଧ୍ୟାପକ ଡ. ଗୋଲଖ ବିହାରୀ ସାହୁ(୫୨)ଙ୍କର ମଙ୍ଗଳବାର ପରଲୋକ ଘଟିଛି। ତାଙ୍କ ମୃତଦେହ କଲେଜରେ ପହଞ୍ଚିବା ପରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ମହାବିଦ୍ୟାଳୟ ପ୍ରତିଷ୍ଠାତା ସୁବାସ ଚନ୍ଦ୍ର ଗଜେନ୍ଦ୍ର, ନୀଳାଚଳ ସେବା ପ୍ରତିଷ୍ଠାନ ସହସମ୍ପାଦକ ବିଜୟ କୁମାର ବଡଜେନା, ଜୁନିୟର କଲେଜ ଅଧ୍ୟକ୍ଷ ସୁବାସ ପ୍ରଧାନ, ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ବିଶ୍ୱାଳ, ଛାତ୍ରୀଛାତ୍ର ଏବଂ ଶିକ୍ଷାବିତ୍ ଶେଷ ଦର୍ଶନ କରିଥିଲେ। ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ସଂସ୍କାର କରାଯାଇଥିଲା। ନୟାଗଡ ଜିଲା ଭାପୁର ବ୍ଲକର ଆଳିପଡା ଗ୍ରାମରେ ଅଧ୍ୟାପକ ସାହୁଙ୍କ ଘର। ସେ ଗତ ରବିବାର ଗ୍ରାମ ନିକଟସ୍ଥ ବଜାରରୁ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ।

### ବିରି, ମୁଗ ଫସଲରେ ପୋକ: ଚିନ୍ତାରେ ଚାଷୀ

କଣାସ, ୫।୨(ସ୍ୱ.ପ୍ର.): କଣାସ ବ୍ଲକରେ ବର୍ତ୍ତମାନ ବିରି ଓ ମୁଗ ଫସଲରେ ପୋକ ଲାଗୁଥିବାରୁ ଚାଷୀମାନେ ଶସ୍ୟ ଅମଳ ନେଇ ଚିନ୍ତାରେ ପଡ଼ିଛନ୍ତି। ଗତ ୩ ଦିନ ହେଲା ମେଘୁଆ ପାଗ ଲାଗିରହିବାରୁ ପୋକଙ୍କ ଉପଦ୍ରବ ବୃଦ୍ଧିପାଇଛି। କିପରି ପୋକ ଦାଉରୁ ଫସଲ ରକ୍ଷା କରିବେ ଓ ଭଲ ଫସଲ ଅମଳ ହେବ ସେନେଇ ସେମାନଙ୍କ ମନରେ ଚିନ୍ତା ଛାଇଯାଇଛି। ତୁରନ୍ତ କୃଷି ଓ ଉଦ୍ୟାନବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବାକୁ ଦାବି ହେଉଛି।

## ଖୋର୍ଦ୍ଧା, ଚିଲିକା ନିର୍ବାଚନମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି ସମୀକ୍ଷା ବୈଠକ

ଜଟଣୀ,୫।୨(ଡି.ଏନ.ଏ.): ଖୋର୍ଦ୍ଧା ଓ ଚିଲିକା ନିର୍ବାଚନମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି ସମୀକ୍ଷା ବୈଠକ ବୁଧବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଓ ଚିଲିକା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ ଜଗଦ୍ଦେବ ଉପସ୍ଥିତ ରହି ନିର୍ବାଚନମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଅତିରିକ୍ତ ଜିଲାପାଳ ମନୋରଞ୍ଜନ ମଲ୍ଲିକ ଉପସ୍ଥିତ ରହି କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ଖୋର୍ଦ୍ଧା, ଟାଙ୍ଗୀ, ବାଣପୁର ଓ ଚିଲିକା ବ୍ଲକ ସମେତ ଖୋର୍ଦ୍ଧା ମ୍ୟୁନିସିପାଲିଟି, ବାଣପୁର, ବାଲୁଗାଁ ଏନ୍‌ଏସିର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ବିଶେଷକରି ପାନୀୟ ଜଳଯୋଗାଣ, ରାସ୍ତା ଉନ୍ନତୀକରଣ, ପର୍ଯ୍ୟଟନସ୍ଥଳ, କ୍ରୀଡ଼ାର ବିକାଶ ସହ ବିଭିନ୍ନ ଜନକଲ୍ୟାଣ ମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଖୋର୍ଦ୍ଧା ଓ ଚିଲିକା ନିର୍ବାଚନମଣ୍ଡଳୀରେ ମେଗା ପାଇପ୍ ୱାଟର ଯୋଜନା ଦ୍ୱାରା ଗ୍ରାମାଞ୍ଚଳରେ ପାନୀୟ ଜଳଯୋଗାଣ କରାଯିବା, ଭୁଷଣ୍ଡପୁରରେ ୧୭ କୋଟି ୫୬ ଲକ୍ଷ ଟଙ୍କା ବ୍ୟୟରେ ଚାଲିଥିବା ପାନୀୟ ଜଳଯୋଗାଣ ପ୍ରକଳ୍ପ ଅଗ୍ରଗତି ଆଦି ଆଲୋଚନାରେ ସ୍ଥାନ ପାଇଥିଲା। ରାସ୍ତା ମରାମତି ଓ ଉନ୍ନତୀକରଣ ପାଇଁ ଆବଶ୍ୟକ ଅର୍ଥ ମଞ୍ଜୁର ନେଇ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥିଲା। ଖୋର୍ଦ୍ଧା ମ୍ୟୁନିସିପାଲିଟିରେ କଲ୍ୟାଣ ମଣ୍ଡପ ଓ ପାର୍କନିର୍ମାଣ କରାଯିବା ସହ ବରୁଣେଇରେ ଶିଶୁ ଉଦ୍ୟାନର ଉନ୍ନତୀକରଣ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା। ଏହାଛଡ଼ା ଟାଉନ୍‌ହଲ ଓ ଅଡିଟୋରିୟମ କରାଯିବା ନେଇ ଖୋର୍ଦ୍ଧା ବିଧାୟକ ମିତ୍ର କହିଥିଲେ। ୧୨ କୋଟି ଟଙ୍କା ବ୍ୟୟରେ ସ୍ପୋର୍ଟସ କମ୍ପ୍ଲେକ୍ସ, ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରାଯିବ ବୋଲି ସେ କହିଥିଲେ। ସେହିପରି କୁହୁଡ଼ିରେ ଜିମ୍ ସେଣ୍ଟର ଓ ମିନି ଷ୍ଟାଡିୟମ କରାଯିବ। ବାଣପୁରଠାରେ ନୂତନ ଡାକ୍ତରଖାନା ଗୃହ ପାଇଁ ମଞ୍ଜୁର ୮ କୋଟି ଟଙ୍କା ନେଇ ଚିଲିକା ବିଧାୟକ ଜଗଦ୍ଦେବ କହିଥିଲେ। ଏହି ନିର୍ବାଚନମଣ୍ଡଳୀରେ ପର୍ଯ୍ୟଟନସ୍ଥଳର ବିକାଶ, ଦାମିଆ ବରବରାଠାରେ ଇକୋ ଟ୍ୟୁରିଜମ୍ ସେଣ୍ଟର ହେବା ନେଇ ନିଷ୍ପତ୍ତି ହୋଇଥିଲା। ଗ୍ରାମ୍ୟ ବିଦ୍ୟୁତକରଣ, ନୂତନ ଟ୍ରାନ୍ସଫର୍ମର ସ୍ଥାପନ ନେଇ ଆଲୋଚନା ହୋଇଥିଲା। ସେହିପରି ଏହି ନିର୍ବାଚନମଣ୍ଡଳୀର କୃଷି, ପଶୁ ସମ୍ପଦ, ଜଳସେଚନ, ନୂତନ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ, ପାକ୍ସ ନୂଆ ଘର କରିବା ନେଇ ଚିଲିକା ବିଧାୟକ ଜଗଦ୍ଦେବ କହିଥିଲେ। ଏଥିରେ ଖୋର୍ଦ୍ଧା ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳେଇ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଓ ଅନ୍ୟମାନେ ।

### ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି

ବୋଲଗଡ଼,୫।୨(ଡି.ଏନ.ଏ.) ବୋଲଗଡ଼ ବ୍ଲକ ସାଗରଗାଁ ପଞ୍ଚାୟତ ପାଟବନ୍ଧର ଶ୍ରୀ ଶ୍ରୀ ପଶ୍ଚିମେଶ୍ୱରଦେବଙ୍କ ପୀଠରେ ଅନୁଷ୍ଠିତ ହେଉଥିବା ଆଞ୍ଚଳିକ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ଅପରାହ୍ନରେ ପୂର୍ଣ୍ଣାହୁତି ସହ ଶେଷ ହୋଇଛି। ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସହଯୋଗରେ ଆୟୋଜକଙ୍କ ଦ୍ୱାରା ଏହା ୪ଦିନ ଧରି ଚାଲିଥିଲା। ପୂର୍ଣ୍ଣାହୁତି ଦେଖିବା ପାଇଁ ବହୁସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବିଭିନ୍ନ ଦିବସରେ ନିମନ୍ତ୍ରିତ ଅତିଥିମାନେ ଯୋଗଦେଇଥିଲା ବେଳେ ପୂର୍ଣ୍ଣାହୁତି ଦିବସରେ ଭାଜପା ନେତା ରିଷଭ ନନ୍ଦ ଉପସ୍ଥିତ ଥିଲେ।

### ଫୁଟବଲ: ଅହମ୍ମଦିଆ କ୍ଲବ ସେମିରେ

ଜଟଣୀ,୫।୨(ଡି.ଏନ.ଏ) ଖୋର୍ଦ୍ଧା ଗୁରୁଜଙ୍ଗ ଖେଳପଡ଼ିଆରେ ଚାଲିଥିବା କପ୍ ୨୦-୨୦ ଫୁଟବଲ ଟୁର୍ଣ୍ଣାମେଣ୍ଟର ବୁଧବାର ମ୍ୟାଚ୍‌ରେ ନୂଆପଡ଼ା ଦଳକୁ ୪-୦ ଗୋଲ୍‌ରେ ପରାସ୍ତ କରି କେରଙ୍ଗର ଅହମ୍ମଦିଆ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଅବିନାଶ ପଟ୍ଟନାୟକ ରେଫ୍‌ରି ରହିଥିବା ବେଳେ ଅଶୋକ ସ୍ୱାଇଁ, ପ୍ରଫୁଲ୍ଲ କୁମାର ବେହେରା, ଆସିଷ୍ଟାଣ୍ଟ ରେଫ୍‌ରି ଭାବେ ମ୍ୟାଚ ପରିଚାଳନା କରିଥିଲେ।

### ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




ଓଡିଶା କ୍ଷେତ ମଜଦୁର ୟୁନିୟନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

ଜଟଣୀ,୫।୨(ଡି.ଏନ.ଏ.): ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା କ୍ଷେତ ମଜଦୁର ୟୁନିୟନ ପକ୍ଷରୁ ବୁଧବାର ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଗୃହ ଓ ଭୂମିହୀନଙ୍କୁ ଘରଡିହ ସହ ପଟ୍ଟା ଯୋଗାଣ, ଜଟଣୀ ତହସିଲ ଅନ୍ତର୍ଗତ ଘର ନ ଥିବା ପରିବାର ଆବେଦନ କଲେ ସୁଫଳ ମିଳୁ ନ ଥିବା, ଜିଲାର ଆଦିବାସୀମାନଙ୍କୁ ଜାତି ପ୍ରମାଣପତ୍ର ମିଳୁ ନ ଥିବାରୁ ସରକାରୀ ସୁବିଧାରୁ ବଞ୍ଚିତ ହେଉଥିବାରୁ ତୁରନ୍ତ ଏହା ପ୍ରଦାନ କରିବା, ବାତ୍ୟା ଫନୀରେ କ୍ଷତିଗ୍ରସ୍ତଙ୍କୁ ସହାୟତା ଦାବିରେ ଏହି ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ କରାଯାଇଥିଲା। ସାରଙ୍ଗଧର ବେହେରା, ଅନନ୍ତ ମଙ୍ଗରାଜ, କାଳୁ ମାଝି, ଲକ୍ଷ୍ମୀଧର ପରିଡ଼ାଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କରାଯାଇଥିଲା।

### ଷ୍ଟେଶନ ଚଟାଣରେ ଅସହାୟ ବ୍ୟକ୍ତି

ନିରାକାରପୁର,୫।୨(ଡି.ଏନ.ଏ.)– ବୁଧବାର ଅଦିନିଆ ବର୍ଷା ସାଙ୍ଗକୁ କୋହଲା ପାଗ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଅତି ଜରୁରୀ ନଥିବାବେଳେ କେହି ଘରୁ ବାହାରକୁ ଯିବାକୁ ଚାହୁଁନାହାନ୍ତି। ଏପରିସ୍ଥିତିରେ ଜଣେ ଅସହାୟ ବ୍ୟକ୍ତି ବର୍ଷା ପାଣିରେ ଷ୍ଟେଶନ ପ୍ଲାଟଫର୍ମ ଚଟାଣ ଉପରେ ପଡି ରହିଥିବା ଦେଖିବାକୁ ମିଳିଛି । ଖୋର୍ଦ୍ଧା ରେଳ ଡିଭିଜନ ଅଧୀନରେ ଥିବା ନିରାକାରପୁର ଷ୍ଟେଶନ ପରିସର ୨/୩ ନମ୍ବର ପ୍ଲାଟଫର୍ମ ମଝିରେ ଚଟାଣ ଉପରେ ସମ୍ପୃକ୍ତ ବ୍ୟକ୍ତି ପଡିରହିଥିଲେ । ଏହି ଦୃଶ୍ୟ ଉକ୍ତ ଷ୍ଟେଶନ ପରିଚାଳକ ଓ ରେଳବାଇ ସୁରକ୍ଷା ବଳ(ଜି ଆର ପି) ଫାଣ୍ଡି ସାମ୍ନାରେ ହୋଇଥିଲେ ମଧ କେହି ଏ ସମ୍ପର୍କରେ କିଛି ଜାଣିବାକୁ ଚାହିଁ ନଥିଲେ। ଦୀର୍ଘ ସମୟ ପରେ କିଛି ଯାତ୍ରୀ ପହଞ୍ଚି ତାଙ୍କୁ ଉଠାଇ ଛାଡିଥିଲେ।

## ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ

### ମାଟିରେ ମିଶିଲା ୮ କ୍ୟାବିନ୍, ଥାଇଥାନ କରିବାକୁ ଦାବି

ବେଗୁନିଆ,୫। ୨ (ଡି.ଏନ.ଏ.) ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ପକ୍ଷରୁ ବୁଧବାର ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏଥିରେ ସଦର ମହକୁମାରେ ଥିବା ଜାଗିରିବାଡ ଓ ବେଗୁନିଆ ମୌଜାର ସରକାରୀ ସ୍ଥାନକୁ ଅବରୋଧ କରିଥିବା ୮ କ୍ୟାବିନ୍‌କୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି। ତେବେ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା ଦୋକାନୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏପରି କି ସେମାନଙ୍କୁ ଅନ୍ୟ କୌଣସି ଜାଗାରେ ଥଇଥାନ ପାଇଁ ଦାବି ହେଉଛି। ନଚେତ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି।

ଏହି ବ୍ଲକ ଛକରେ ମିନି ଷ୍ଟାଡିୟମ ପାଚେରି ଚତୁଃପାର୍ଶ୍ୱରେ ଥିବା ଜାଗିରିବାଡ ମୌଜାର ଖାତା ନଂ. ୪୯୦, ପ୍ଲଟ ନଂ. ୪୭୬ ଏବଂ କିସମ ଗୋଚର ଜମିରେ କେତେଜଣ ବ୍ୟକ୍ତି କ୍ୟାବିନ୍ ପକାଇ ଜବରଦଖଲ କରିଥିଲେ। ସେମାନଙ୍କୁ ହଟାଇବା ପାଇଁ ଅଭିଯୋଗ ହୋଇଥିଲା। ଏ ନେଇ ତହସିଲ ପକ୍ଷରୁ ନଂ. ୧୨୧/୨୦।୧।୨୦ରେ ସର୍ବସାଧାରଣ ନୋଟିସ କରାଯାଇଥିଲା। ୭ଦିନ ମଧ୍ୟରେ ଅବରୋଧରୁ ନ ହଟିଲେ ବିଧି ମୁତାବକ ତହସିଲ ପକ୍ଷରୁ ଉଚ୍ଛେଦ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଥିଲା। ହେଲେ ୭ ଦିନରୁ ଅଧିକ ସମୟ ଅତିକ୍ରାନ୍ତ କରିଯାଇଥିଲେ ମଧ ଉଚ୍ଛେଦ କରାଯାଇ ନ ଥିଲା। ଏ ନେଇ ବୁଧବାର 'ଧରିତ୍ରୀ'ରେ ଗରିବ ହଟିଲେ, ବଡ଼ବଡ଼ିଆଙ୍କୁ ମାଫ୍ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ତରବରିଆ ଭାବେ ତହସିଲଦାର, ଅତିରିକ୍ତ ତହସିଲଦାର, ବେଗୁନିଆ ଓ ବାଘମାରୀ ପୋଲିସ, ଖୋର୍ଦ୍ଧା ଏସଡିପିଓ ଏକ ପ୍ଲାଟୁନ ଫୋର୍ସ ସହ ଜେସିବି ଲଗାଇ କ୍ୟାବିନ୍ ଉଚ୍ଛେଦ କରିଥିଲେ।



ପ୍ରଶାସନ ପକ୍ଷରୁ ଜବରଦଖଲରେ ଥିବା କ୍ୟାବିନ ଉଚ୍ଛେଦ କରାଯାଇଛି ।

## ଡେପୁଟେଶନରେ ବିଶେଷଜ୍ଞ, ସିଏମ୍‌ଓ ପଦବୀ ଖାଲି

### ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର



- ବେଗୁନିଆରେ ପୁଣି ଉନ୍ନତ ସ୍ୱାସ୍ଥ୍ୟସେବା ବିଗିଡ଼ିଲା
- ଜନ ଅସନ୍ତୋଷ, ଲୋକ ପ୍ରତିନିଧିଙ୍କ ନାହିଁ ତତ୍ପରତା

ବେଗୁନିଆ,୫। ୨ (ଡି.ଏନ.ଏ.) ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଦୀର୍ଘଦିନ ହେବ ଲାଗି ରହିଥିଲା। ଏଭଳି ସ୍ଥିତିରେ ୨ ଜଣ ଡାକ୍ତରଙ୍କୁ ଡେପୁଟେଶନରେ ପଠାଯାଇଥିବା ନେଇ ସୋମବାର ଖୋର୍ଦ୍ଧା ସିଡିଏମଓ କାର୍ଯ୍ୟାଳୟ ଚିଠି ନଂ. ୧୪୬୨ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ମୁଖ୍ୟ ଚିକିତ୍ସାଧିକାରୀ (ସିଏମ୍‌ଓ) ଡା. ଅନିତା ଲେଙ୍କାଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଡେପୁଟେଶନରେ ସ୍ଥାନାନ୍ତର କରାଯାଇଛି। ସେହିପରି ବ୍ଲକର ପରିଛଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନ୍ୟୁ)ର ଡାକ୍ତର ଜ୍ୟୋତିରଞ୍ଜନ ସାହୁଙ୍କୁ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ଏଥିଯୋଗୁ ପୁଣି ବୁଧବାରଠାରୁ ବ୍ଲକ ଅଞ୍ଚଳରେ ସରକାରୀ ଉନ୍ନତ ସ୍ୱାସ୍ଥ୍ୟସେବା ଠପ୍ ହୋଇଯାଇଛି। ଅନ୍ୟପକ୍ଷରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୫ ଜଣ ବିଭାଗୀୟ ଡାକ୍ତରଙ୍କ ପଦବୀ ଖାଲି ପଡିଥିବାରୁ ଜଣେ ମହିଳା ବିଶେଷଜ୍ଞ ସମସ୍ତ ଦାୟିତ୍ୱ ସମ୍ଭାଳୁ ଥିଲେ। ତାଙ୍କୁ ଡେପୁଟେଶନରେ ନେଇଯିବା ପରେ ବିଶେଷଜ୍ଞ ପଦବୀ ବ୍ଲକରେ ଶୂନ୍ୟ ହୋଇପଡିଛି। ସେହିପରି ଅନ୍ୟ କୌଣସି ବିଭାଗର ଡାକ୍ତର ଏଠାରେ ନ ଥିବାରୁ ଡାକ୍ତର ସାହୁ ସମସ୍ତ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇବା ସହ ବ୍ଲକରେ ଥିବା ୧୧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ୨୧ଟି ଉପସ୍ୱାସ୍ଥ୍ୟକେନ୍ଦ୍ର ଓ ୧୬୬ଟି ଗାଁ କଲ୍ୟାଣ ସମିତିକୁ ପରିଚାଳନା କରିବେ। ଏଥିସହ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା ମଧ ପରିଚାଳନା କରିବେ। ଏପରିସ୍ଥଳେ ବେଗୁନିଆ ବ୍ଲକବାସୀ ସେମାନଙ୍କ ମୌଳିକ ଅଧିକାର ଉନ୍ନତ ସ୍ୱାସ୍ଥ୍ୟ ସେବା କିପରି ପାଇପାରିବେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୂର୍ବରୁ ସର୍ଜରି, ମେଡିସିନ୍ ପଦବୀ ସହ ଅନ୍ୟ କର୍ମଚାରୀ ଏବଂ ଭିତ୍ତିଭୂମିର ଅଭାବ ଯୋଗୁ ନାନା ସମସ୍ୟା ଲାଗି ରହିଛି। ପାଥୋଲାବ ନାହିଁ, ସାପ ଓ କୁକୁର କାମୁଡା ଇଞ୍ଜେକଶନ ମିଳୁ ନ ଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। ଏବେ ଏହି ସମସ୍ୟା ଆହୁରି ବଢିବାରେ ଲାଗିଛି। ଅନ୍ୟପକ୍ଷରେ ପରିଚାଳନାଗତ ତ୍ରୁଟି ଯୋଗୁ ବିଭିନ୍ନ ସ୍ୱାସ୍ଥ୍ୟ ସଚେତନତା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଛି। ତେବେ ସରକାର ବେଗୁନିଆ ବ୍ଲକରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପରିବର୍ତ୍ତେ ସମସ୍ୟାକୁ ଦ୍ୱିଗୁଣିତ କରୁଛନ୍ତି।

ବେଗୁନିଆଠାରେ ବ୍ଲକ, ତହସିଲ, ସମେତ ଥାନା, ରେଳ ଷ୍ଟେଶନ, ସାପ୍ତାହିକ ପରିବା ହାଟ, ଦୋକାନ ବଜାର ଆଦି ରହିଛି। ଏହା ମଧ ଦେଇ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥ ଯାଇଛି। ପ୍ରତିଦିନ କେଉଁଠି ନ କେଉଁଠି ଦୁର୍ଘଟଣା ଘଟୁଛି। ଏହି ଦୃଷ୍ଟିରୁ ବେଗୁନିଆ ବ୍ଲକ ମୁଖ୍ୟାଳୟର ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନେକ ଗୁରୁତ୍ୱ ବହନ କରୁଛି। ମାତ୍ର ଏବେ ବ୍ଲକରେ ସମସ୍ତ ବ୍ୟତିକ୍ରମ ଦେଖାଦେଇଛି। ଏପରିକି ୫-ଟିକୁ ଡାକ୍ତରମାନେ ଖାତିର ନ କରି ପାଳିରେ ଆସୁଛନ୍ତି। ଏଭଳି ଗୁରୁତର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ମଧ କୌଣସି ଲୋକ ପ୍ରତିନିଧିମାନଙ୍କର ତତ୍ପରତା ନ ଥିବା ଭଳି ମନେ ହେଉଛି। ଏ ସମ୍ପର୍କରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ କୁହନ୍ତି, ଡାକ୍ତର ଅଭାବ ଯୋଗୁ ବେଗୁନିଆ ବ୍ଲକବାସୀ ଉନ୍ନତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ଜାଣିବା ପରେ ରାଜ୍ୟ ସରକାର, ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଇଛି। ତୁରନ୍ତ ଗୁରୁତ୍ୱପୂର୍ଣ୍ଣ ବିଭାଗ ଓ ପଦବୀରେ ଡାକ୍ତର ନିଯୁକ୍ତି ପାଇଁ ଦାବି ଜଣାଇଛି। ୨ ଦିନ ତଳର ସମସ୍ୟା ସମ୍ପର୍କରେ ଏବେ ଅବଗତ ହୋଇଛି। ସମସ୍ୟାର ସମାଧାନ କ୍ଷେତ୍ରରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ପ୍ରକ୍ରିୟା ଜାରି ରଖିଛି।



ଟିକିଏ ଟିକିଏ ଭଦ୍ରାମି ଜୀବନକୁ ମଧୁମୟ କରିଦିଏ।
-ସେକ୍ସପିୟର



## ସଂକ୍ଷେପରେ

### ଚଢ଼ାଉ ବେଳେ ପୋଲିସଙ୍କୁ ଆକ୍ରମଣ: ଦମ୍ପତି ଗିରଫ

**ଡେଲାଙ୍ଗ, ୫।୨(ଡି.ଏନ୍.ଏ):** ଡେଲାଙ୍ଗ ଥାନା ଅଧୀନ ବେଲେଶ୍ୱରପାଟଣା ଗ୍ରାମରେ ଚୋରା ମଦ ବିକ୍ରି ଓ ପୋଲିସଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଦମ୍ପତିଙ୍କୁ ଗିରଫ କରାଯାଇଛି। ପ୍ରକାଶ ଯେ, ବେଲେଶ୍ୱର ପାଟଣା ଗ୍ରାମରେ ବେଆଇନ ମଦ କାରବାର ଅଭିଯୋଗ ନେଇ ମଙ୍ଗଳବାର ବିଳମ୍ବିତ ରାତ୍ରରେ ପୋଲିସ ଚଢ଼ାଉ କରିଥିଲା। ଅଭିଯୁକ୍ତ ସଠିଆ ପାତ୍ରଙ୍କଠାରୁ ୭୫ବୋତଲ ଦେଶୀ ମଦ ଜବତ ହୋଇଥିଲା। ଏସ୍ଆଇ ଲାଇକା ମହାରଣା ସଠିଆଙ୍କୁ ଗିରଫ କରିଥିଲେ। ଏହି ସମୟରେ ସଠିଆଙ୍କ ସ୍ତ୍ରୀ ଲଳିତା ପାତ୍ର ଏସ୍ଆଇ ମହାରଣାଙ୍କୁ ଦୁର୍ବ୍ୟବହାର କରିବା ସହିତ ଅନ୍ୟ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ପୋଲିସ ଉଭୟଙ୍କୁ କାବୁ କରି ଥାନାକୁ ଆଣିଥିଲା। ଏ ନେଇ କେସ୍ ନଂ. ୧୯/୨୦ ହୋଇଛି। ସଠିଆ ଓ ଲଳିତାଙ୍କୁ ଗିରଫ କରାଯାଇ ବୁଧବାର କୋର୍ଟଚାଲାଣ କରାଯାଇଛି।

### ୭ ଜୁଆଡ଼ି ଗିରଫ, ୫ ମୋବାଇଲ ଫୋନ୍ ଜବତ

**ପୁରୀ ଅଫିସ, ୫।୨:** ଟାଉନ ଥାନା ପୋଲିସ ବୁଧବାର ୭ଜଣ ଜୁଆଡିଙ୍କୁ ଗିରଫ କରିଛି। ସେମାନେ ହେଲେ ରତିକାନ୍ତ ସାହୁ, ମୁନା ମଲିକ, ଘନଶ୍ୟାମ ବେହେରା, ରଘୁନାଥ ଆଚାର୍ଯ୍ୟ,ଶଚିକାନ୍ତ ରଥ, ଅଭିମନ୍ୟୁ ଶତପଥୀ ଏବଂ ପୂର୍ଣ୍ଣଚନ୍ଦ୍ର ବେହେରା। ଗିରଫ ଅଭିଯୁକ୍ତମାନଙ୍କଠାରୁ ପୋଲିସ ନଗଦ ୧୬ଶହ ଟଙ୍କା ଏବଂ ୫ଟି ମୋବାଇଲ ଫୋନ ଜବତ କରିଛି। ଏ ନେଇ ଥାନାରେ ଆଇପିସି ଦଫା ୪୨୦,୨୯୪, ୩୪ରେ କେସ୍ ନଂ. ୨୨/୨୦୨୦ ରୁଜୁ ହୋଇଛି। ପ୍ରକାଶ ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ମାର୍କେଟ ଛକ ପଛପଟେ ଜୁଆ ଆଡ୍ଡା ଚାଲିଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା। ଅଭିଯୁକ୍ତମାନେ ଦୌଡି ପଳାଉଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରିନେଇଥିଲା।

### ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ

ପୁରୀ ଅଫିସ/ବ୍ରହ୍ମଗିରି, ୫।୨ (ଡି.ଏନ୍.ଏ.): ଚନ୍ଦନପୁର ଥାନା ଅଧୀନ ଓଲ ଗ୍ରାମରେ ବିରାଜିତ ଶ୍ରୀ ଶ୍ରୀ ଇନ୍ଦ୍ରେଶ୍ୱର ଦେବଙ୍କ ପୀଠରେ ସପ୍ତଦଶତମ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିବସରେ କଳସ ଶୋଭାଯାତ୍ରା କରାଯାଇଥିଲା। ୧୦ଜଣ ଯାଜ୍ଞିକ ବ୍ରାହ୍ମଣଙ୍କ ସହିତ ଶତାଧିକ ମାନସିକଧାରୀ ଓ ଶ୍ରଦ୍ଧାଳୁ କୀର୍ତ୍ତନ, ଖୋଳ ଆଦି ବାଦ୍ୟ ସହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇଥିଲେ ବୋଲି ମହାଯଜ୍ଞ ପରିଚାଳନା କମିଟିର ମାନଗୋବିନ୍ଦ ପ୍ରଧାନ କହିଛନ୍ତି।

ସେହିପରି ବ୍ରହ୍ମଗିରି ଥାନା ପ୍ରାଙ୍ଗଣରେ ଅଧିଷ୍ଠିତ ସତ୍ୟମହାବୀର ଦେବଙ୍କ ପୀଠରେ ତିନିଦିନ ଧରି ଚାଲିଥିବା ରାମଚରିତ ମାନସ ଅଖଣ୍ଡ ପାରାୟଣ ଓ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ଉଦ୍ଯାପିତ ହୋଇଯାଇଛି। ବ୍ରହ୍ମଗିରି ଶ୍ରୀରାମ ଦୟା ପରିଷଦ ପକ୍ଷରୁ ସୋମବାରଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇ ପ୍ରତ୍ୟେକ ଦିନ ସୁନାମଧନ୍ୟ ପ୍ରବକ୍ତାଙ୍କ ଦ୍ୱାରା ରାମ ଚରିତ ମାନସ ପାରାୟଣ ପାଠ କରାଯାଇଥିଲା। ବୁଧବାର ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ସହ ବଳଭୋଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ରାତି ୩ଟାରେ ଉଠିବ ମହାଦୀପ

■ଶ୍ରୀଲୋକନାଥଙ୍କ ପୀଠରେ ଜାଗରଯାତ୍ରା ପ୍ରସ୍ତୁତି ବୈଠକ
■ପଙ୍କୋଦ୍ଧାର ଏକାଦଶୀ ପାଇଁ ୨୦୦୦, ଜାଗର ପାଇଁ ୪୦୦୦ ଦର୍ଶନ ଟିକେଟ

**ପୁରୀ ଅଫିସ, ୫।୨**

ଆସନ୍ତା ୧୯ ତାରିଖ ପଙ୍କୋଦ୍ଧାର ଏକାଦଶୀ ଏବଂ ୨୧ ତାରିଖ ଜାଗର ଯାତ୍ରାକୁ ସୁରୁଖୁରୁରେ ପାଳନ ଲାଗି ବୁଧବାର ଶ୍ରୀଲୋକନାଥ ମନ୍ଦିର କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ଭବତାରଣ ସାହୁ ଅଧ୍ୟକ୍ଷତା କରିଥିଲେ।

ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ପଙ୍କୋଦ୍ଧାର ଏକାଦଶୀ ପାଇଁ ପୂର୍ବରାତି ୨ଟାରେ ମନ୍ଦିର ପହୁଡ଼ ଫିଟାଯିବ। ରାତ୍ର ୩ଟା ସୁଦ୍ଧା ମଙ୍ଗଳ ଆଳତି ଏବଂ ଅବକାଶ ନୀତି ଶେଷ ହେବ। ଭୋର ୪ଟାରୁ ସକାଳ ୬ଟା ମଧ୍ୟରେ ସକାଳ ଧୂପ ଏବଂ ସକାଳ ୮ଟା ମଧ୍ୟରେ ମଧ୍ୟାହ୍ନ ଧୂପ ସରିବ। ସକାଳ ୮ଟାରୁ ପୂର୍ବାହ୍ନ ୧୧ ପର୍ଯ୍ୟନ୍ତ ପଙ୍କୋଦ୍ଧାର ଓ ମହାସ୍ନାନ ନୀତି ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୧ଟାରୁ ପଙ୍କୋଦ୍ଧାର ଏକାଦଶୀ ଦର୍ଶନ ଆରମ୍ଭ ହୋଇ ରାତ୍ରି ୧୦ଟା ପର୍ଯ୍ୟନ୍ତ ଚାଲିବ। ଏହାପରେ ଠାକୁରଙ୍କ ସନ୍ଧ୍ୟା ଧୂପ ଏବଂ ଅନ୍ୟାନ୍ୟ ନୀତି ହେବ। ସେହିପରି ଜାଗର ଯାତ୍ରା ପାଇଁ ୨୦ ତାରିଖ ରାତି ସାଢେ ୧୨ଟାରେ ଦ୍ୱାର ଫିଟି ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯିବ। ରାତ୍ର ୨ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହେବ। ଭକ୍ତଙ୍କ ଦର୍ଶନ ୨୧ତାରିଖ ରାତି ୧୨ଟା ପର୍ଯ୍ୟନ୍ତ ଚାଲିବ। ଏହାପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇ ରାତ୍ର ୩ଟାରେ ମହାଦୀପ ଉଠିବା ଲାଗି ସ୍ଥିର କରାଯାଇଛି।

ଚଳିତବର୍ଷ ପଙ୍କୋଦ୍ଧାର ଏକାଦଶୀ ପାଇଁ ୨୦୦୦ ଏବଂ ଜାଗର ଯାତ୍ରା ପାଇଁ ୪୦୦୦ ଦର୍ଶନ ଟିକେଟ କରାଯିବ। ଖଣ୍ଡିଏ ଟିକେଟ୍‌ର ଦାମ୍ ୧୦୦ ଟଙ୍କା ରହିବ। ଦର୍ଶନ ଟିକେଟଧାରୀ ଏବଂ ଅନ୍ୟ ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ଠାକୁରଙ୍କୁ ଦର୍ଶନ କରିପାରିବେ ତାହା ଉପରେ ବିଶେଷ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ଠାକୁରଙ୍କ ନୀତିକାନ୍ତି ଯେପରି ଧାର୍ଯ୍ୟ ସମୟରେ କରାଯିବ ତାହା ଉପରେ ଗୁରୁତ୍ୱ ଦେବାକୁ ଉପଜିଲାପାଳ କହିଥିଲେ। ଏଥିରେ ସମସ୍ତେ ସହମତି ପ୍ରକାଶ କରିଥିଲେ। ସେହିପରି ମନ୍ଦିରର ଚୂନ ଧଉଳା, ରହଣି ଭୋଗ, ଜାଗର ପଡ଼ିଆ ସଫା ସାଙ୍ଗକୁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୁରୀ ଭାରପ୍ରାପ୍ତ ତହସିଲଦାର ମୟୂର ଚନ୍ଦ୍ରବଂଶୀ, ପୌରସଂସ୍ଥାର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ସ୍ୱାଇଁ, ଲୋକନାଥ ମନ୍ଦିର ସେବାୟତ ନିଯୋଗ ସଭାପତି ଚିନ୍ତାମଣି ପଣ୍ଡା, ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, ପଙ୍କୋଦ୍ଧାର ଏକାଦଶୀ ପାଳିଆ ବଳଭଦ୍ର ପଣ୍ଡା, ମହାଶିବରାତ୍ରି ପାଳିଆ ନାରାୟଣ ମହାପାତ୍ର, ବରିଷ୍ଠ ସେବାୟତ କାହ୍ନୁଚରଣ ପଣ୍ଡା, ମନ୍ଦିର ମ୍ୟାନେଜର ଅପଚ୍ଛ ପରିଡ଼ାଙ୍କ ସମେତ କାନ୍ଧିଆ ସେବାୟତ, ଯୋଗାଣିଆ ସେବାୟତ ପ୍ରମୁଖ ଯୋଗଦେଇଥିଲେ।



ବୈଠକରେ ଉପଜିଲାପାଳ ଭବତାରଣ ସାହୁ ଏବଂ ଅନ୍ୟ ଅଧିକାରୀମାନେ।

# ତାଳଦାରେ ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ

**କାକଟପୁର, ୫।୨(ଡି.ଏନ.ଏ)**

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକର ଦ୍ୱୀପାଞ୍ଚଳ ଭାବେ ପରିଚିତ ତାଳଦା ପଞ୍ଚାୟତରେ ପ୍ରଶାସନ ପକ୍ଷରୁ ପ୍ରସ୍ତାବିତ ମଦ ଦୋକାନକୁ ଅଞ୍ଚଳବାସୀଙ୍କ ସମେତ କଂଗ୍ରେସ, ଅଖିଳ ଭାରତ ଯୁବ ସଙ୍ଗଠନ ଏବଂ ଅଖିଳ ଭାରତ ଶ୍ରମିକ ସଙ୍ଗଠନ ପକ୍ଷରୁ ଦୃଢ ବିରୋଧ କରାଯାଇଛି। ସ୍ୱାଧୀନତାର ୭୩ ବର୍ଷ ପରେ ବି ଦେବୀ ନଦୀ ଘେରା ତାଳଦା ପଞ୍ଚାୟତ ବିକାଶଠାରୁ ଦୂରରେ ରହିଛି। ଏପର୍ଯ୍ୟନ୍ତ ସେତୁ ନ ଥିବାରୁ ଯାତାୟାତ ପାଇଁ ଲୋକେ ହଇରାଣ ହେଉଛନ୍ତି। ଛାତ୍ରୀଛାତ୍ର, ରୋଗୀ ଆଦି ସମସ୍ତଙ୍କୁ ଦେବୀ ନଦୀ ପାରି ହୋଇ ଯିବାଆସିବା କରିବାକୁ ପଡୁଛି। ଏପରି ସ୍ଥିତିରେ ସେତୁ ନିର୍ମାଣ ପାଇଁ ପଦକ୍ଷେପ ନେବା ପରିବର୍ତ୍ତେ ସରକାର ମଦ ଦୋକାନ ଖୋଲିବା ଲାଗି ଲାଇସେନ୍ସ ଦେବା ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏ ନେଇ ଜନ ଅସନ୍ତୋଷ ଦାନା ବାନ୍ଧୁଛି। ଜିଲା ଅବକାରୀ ବିଭାଗର ଏଭଳି ପ୍ରସ୍ତାବ କୌଣସି ପରିସ୍ଥିତିରେ ଗ୍ରହଣଯୋଗ୍ୟ ନୁହେଁ ବୋଲି ବୁଧବାର କାକଟପୁର ଡାକବଙ୍ଗଳା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଖିଳ ଭାରତ ଯୁବ ସଙ୍ଗଠନ ପୁରୀ ଜିଲା ସମ୍ପାଦକ ସୁରେଶ ଚନ୍ଦ୍ର ବିଶ୍ୱାଳ ଏବଂ ଅଖିଳ ଭାରତ ଶ୍ରମିକ ସଙ୍ଗଠନ ପୁରୀ ଜିଲା ଉପସଭାପତି ଗୋଲଖ ନାୟକ କହିଛନ୍ତି। ଏଠାରେ ସୂଚନା ଥାଉ କି, ଗତ ଜାନୁୟାରୀ ୨୪ ତାରିଖରେ ଜିଲା ଅବକାରୀ ବିଭାଗ ପକ୍ଷରୁ ଚିଠି ନଂ. ୭୨, ମେମୋ ନଂ. ୭୩ରେ ତାଳଦା ଗ୍ରାମପଞ୍ଚାୟତ ଏଡବାଂଶ ମୌଜାର ଖାତା ନଂ ୨୭୩, ପ୍ଲଟ ନଂ ୪୧୫ରେ ଏକ ଠିପି ଖୋଲା ମଦ ଦୋକାନ ଶ୍ରୀ ରେସ୍ତୋରାଁ ନାମରେ ଖୋଲିବାକୁ ଯାଉଛି ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାକୁ ନେଇ ଜନ ଅସନ୍ତୋଷ ଦେଖାଦେଇଛି। ସେହିପରି ପ୍ରସ୍ତାବିତ ମଦ ଦୋକାନକୁ ବାତିଲ କରା ନ ଗଲେ କଂଗ୍ରେସ ଆନ୍ଦୋଳନ କରିବ ବୋଲି ଅସ୍ତରଙ୍ଗ ବ୍ଲକ କଂଗ୍ରେସ ଜୋନ-୧ ସଭାପତି ବିକାଶ ବାରିକ, ଜୋନ-୨ ସଭାପତି ପ୍ରଶାନ୍ତ କୁମାର ଭୋଳ ଏବଂ ବରିଷ୍ଠ ନେତା ସୁକାନ୍ତ କୁମାର ମହାନ୍ତି ପ୍ରମୁଖ କହିଛନ୍ତି।

# ଦକ୍ଷିଣକାଳୀ ମନ୍ଦିରରୁ ଚୋରି

**ମଙ୍ଗଳସୂତ୍ର, ରୁପା ମୁକୁଟ, ମୁଣ୍ଡମାଳ ଓ ଛତୀ ଲୁଟିନେଲେ**

**ସାକ୍ଷୀଗୋପାଳ, ୫।୨ (ସ୍ୱ.ପ୍ର./ଡି.ଏନ୍.ଏ.)**

ପୁରୀ ଜିଲା ସତ୍ୟବାଦୀ ଥାନା ଅନ୍ତର୍ଗତ ବୀରଗୋବିନ୍ଦପୁର ଗ୍ରାମର ମା' ଦକ୍ଷିଣକାଳୀ ମନ୍ଦିରରୁ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ସୁନା, ରୁପା ଅଳଙ୍କାର ସହ ହୁଣ୍ଡିବାକ୍ସ ଚୋରିକରି ନେଇଛନ୍ତି। ଗ୍ରାମ କୋଠ ସମ୍ପାଦକ ଶ୍ରୀନିବାସ ମିଶ୍ରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୩୭/୨୦)ରୁଜୁ କରିଛି। ଖବରପାଇ ପୁରୀ ଅତିରିକ୍ତ ଏସ୍‌ପି ପ୍ରତାପ କୁମାର ସ୍ୱାଇଁ ଓ ସତ୍ୟବାଦୀ ଥାନା ଆଇଆଇସି ଶକୁନ୍ତଳା ପତି ଫୋରେନସିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ବୁଧବାର ଭୋରରୁ ଗ୍ରାମର କେତେଜଣ ମହିଳା ପୋଖରୀକୁ ଯିବା ବେଳେ ମା'ଙ୍କ ପାଟଶାଢ଼ି ମନ୍ଦିର ନିକଟରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ମନ୍ଦିର ଗ୍ରୀଲ ଖୋଲାଥିବା ଦେଖି ଚୋରି ହୋଇଥିବା ସନ୍ଦେହରେ ଗ୍ରାମବାସୀଙ୍କୁ ଜଣାଇଥିଲେ। ମନ୍ଦିରରୁ ଚୋରି ହୋଇଥିବା ନେଇ ଗ୍ରାମବାସୀ ସତ୍ୟବାଦୀ ଥାନାକୁ ଜଣାଇଥିଲେ। ମନ୍ଦିର ପୂର୍ବପାର୍ଶ୍ୱ ଲୁହା ଗ୍ରୀଲର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଭିତରେ ପଶି ମା' ପିନ୍ଧିଥିବା ଦୁଇଟି ସୁନା ମଙ୍ଗଳସୂତ୍ର, ଦୁଇଟି ରୁପା ମୁକୁଟ, ମୁଣ୍ଡମାଳ ଓ ଗୋଟିଏ ଛତୀ ଆନୁମାନିକ ୧୦ ଲକ୍ଷ ଟଙ୍କାର ଅଳଙ୍କାର ସହ ହୁଣ୍ଡି ବାକ୍ସରେ ଥିବା ଲକ୍ଷାଧିକ ଟଙ୍କା ଚୋରି ହୋଇଥିବା ଗ୍ରାମ କୋଠ ସମ୍ପାଦକ ମିଶ୍ର ଥାନାରେ ଅଭିଯୋଗ କରିଥିଲେ। ସତ୍ୟବାଦୀ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ତଦନ୍ତ ଜାରି ରଖିଛି।



ମନ୍ଦିର ପରିସରରେ ପୋଲିସ ତଦନ୍ତ କରୁଛି।

# ମଦ ଦୋକାନ ଉଚ୍ଛେଦ ଦାବି

■କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ
■ଡାକ୍ତରୀ ଛାତ୍ରଙ୍କୁ ଆକ୍ରମଣ ଘଟଣା

**ପୁରୀ ଅଫିସ, ୫।୨**

ଗୋପବନ୍ଧୁ ଆୟୁର୍ବେଦ ହସ୍‌ପିଟାଲ ଓ ମହାବିଦ୍ୟାଳୟର ବିଏଏମ୍ଏସ ଦ୍ୱିତୀୟ ବର୍ଷ ଛାତ୍ର ଜନ୍ମେଜୟ ମନ୍ତ୍ରୀଙ୍କୁ ମଙ୍ଗଳବାର ଦୁର୍ବୃତ୍ତମାନେ ଆକ୍ରମଣ କରି ମୋବାଇଲ ଲୁଟ୍ ଉଦ୍ୟମ କରିଥିଲେ। ଏ ନେଇ ବୁଧବାର ଡାକ୍ତରୀ ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରସଙ୍ଗରେ ଅଧ୍ୟକ୍ଷଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଏଥିରେ ମୁଖ୍ୟତଃ ଭିଆଇପି ରୋଡରେ ଥିବା ମଦ ଦୋକାନ ବନ୍ଦ ଲାଗି ଦାବି କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ମେଡିକାଲ ନିକଟରେ ମଦ ଦୋକାନ ଥିବାରୁ କ୍ୟାମ୍ପସ ପରିସରରେ ଅସମାଜିକଙ୍କ ଆଡ୍ଡା ଜମୁଛି। ରାତିରେ କଲେଜ ପରିସର ଅନ୍ଧାର ରହୁଥିବାରୁ ଅସାମାଜିକ ଯୁବକମାନେ ବସି ମଦ୍ୟପାନ କରୁଛନ୍ତି। ତେଣୁ ଛାତ୍ରୀନିବାସର ଅନ୍ତେବାସୀ ସୁରକ୍ଷିତ ନୁହନ୍ତି। ଏଥିଯୋଗୁ ଡାକ୍ତରୀ ଛାତ୍ରୀମାନେ ରାତିରେ ଡ୍ୟୁଟି କରିବାକୁ ମେଡିକାଲକୁ ଆସିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଭିଆଇପି ରୋଡ ଏକ ଜନଗହଳି ସ୍ଥାନ। ତେଣୁ ଭିଆଇପି ରୋଡରୁ ମଦ ଦୋକାନ ଉଠିବା ନିହାତି ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏହି ମଦ ଦୋକାନ ନ ହଟିଲେ, ଆଗାମୀ ଦିନରେ ଗୋପବନ୍ଧୁ ଆୟୁର୍ବେଦ କଲେଜ ଛାତ୍ରୀଛାତ୍ର ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ବାତ୍ୟା ଫନୀରେ ମେଡିକାଲ କଲେଜ ଏବଂ ଛାତ୍ରାବାସରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ବର୍ତ୍ତମାନ ସୁଦ୍ଧା ଏହାର ପୁନରୁଦ୍ଧାର କରାଯାଉ ନାହିଁ। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବାକୁ ଦାବି ହେଉଛି। ପ୍ରକାଶ ଯେ, ଦଉତୋଟା ଦେଇ ଡାକ୍ତରୀ ଛାତ୍ର ଜନ୍ମେଜୟ ମୋବାଇଲରେ କଥା ହୋଇ ଚାଲି ଚାଲି ଯାଉଥିବାବେଳେ ଦୁଇଜଣ ଯୁବକ ବିପରୀତ ଦିଗରୁ ବାଇକ୍‌ରେ ଆସି ମୋବାଇଲ ଲୁଟ୍ ଉଦ୍ୟମ କରିଥିଲେ। ଏଥିରେ ଜନ୍ମେଜୟ ପ୍ରତିରୋଧ କରିବାରୁ ସେମାନେ ତାଙ୍କୁ ବନ୍ଧୁକରେ ଆକ୍ରମଣ କରିଥିଲେ।

# ସାକ୍ଷୀଗୋପାଳଙ୍କ ଗଜ ଉଦ୍ଧାରଣ ବେଶ

**ସାକ୍ଷୀଗୋପାଳ,୫।୨(ଡି.ଏନ୍.ଏ.)**

ପବିତ୍ର ମାଘମାସ ବଡ ଏକାଦଶୀ ଅବସରରେ ପାରମ୍ପରିକ ରୀତିରେ ବୁଧବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ଠାକୁରଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଛି। ଏହି ବେଶ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ରତ୍ନସିଂହାସନରେ ଠାକୁର ଗରୁଡ ପୃଷ୍ଠରେ ବିରାଜମାନ କରି ହସ୍ତୀକୁ କୁମ୍ଭୀର ଆକ୍ରମଣରୁ ରକ୍ଷା କରିବାର ଦୃଶ୍ୟ ଶ୍ରଦ୍ଧାଳୁଙ୍କୁ ବେଶ ଆମୋଦିତ କରିଥିଲା। ଠାକୁରଙ୍କ ଛନ୍ଦାଚରଣକୁ ଓ ଶ୍ରୀଭୁଜକୁ ଲୁଚାଯାଇ ୨ଟି ଖଞ୍ଜା ଗୋଡ ଓ ୪ଟି ଖଞ୍ଜାହସ୍ତ ଲଗାଯାଇ ହସ୍ତରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରିଥିବା ଦେଖିବାକୁ ମିଳିଥିଲା। ସେହିପରି ରାଧାରାଣୀଙ୍କ ଶ୍ରୀପୟରକୁ ଢାଙ୍କି ଦିଆଯାଇ ଅନ୍ୟ ଦୁଇଟି ପୟର ଖଞ୍ଜା ଯାଇଥିଲା। ଏଥିଲାଗି ମନ୍ଦିରରେ ମଧ୍ୟାହ୍ନରୁ ଦୈନନ୍ଦିନ ଦେବନୀତି ଆରମ୍ଭ କରାଯାଇ ସନ୍ଧ୍ୟାଧୂପ ଅପରାହ୍ନରେ ଶେଷ ହୋଇଥିଲା। ପରେ ବଡ଼ସିଂହାର ବେଶରେ ଠାକୁରଙ୍କୁ ଗଜ ଉଦ୍ଧାରଣ ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶ କରିବା ପାଇଁ ସିଂହାରୀ ସେବାୟତ ଶକ୍ତି ପ୍ରସାଦ ମହାପାତ୍ର, ରମାକାନ୍ତ ମହାପାତ୍ର ଓ ନରହରି ମହାପାତ୍ରଙ୍କୁ ଭଣ୍ଡାର ମେକାପ ରାଧାମୋହନ ମେକାପ ସହଯୋଗ କରିଥିଲେ। ଦର୍ଶନ ପରେ ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରିଥିବା ଦେଖିବାକୁ ମିଳିଥିଲା। ସତ୍ୟବାଦୀ ଥାନା ଅନ୍ତର୍ଗତ ପାଣିଓରା ଗ୍ରାମର ଆନନ୍ଦ ସାହୁ ୧୫୦ ବର୍ଷ ତଳେ ଏହି ବେଶ ଆରମ୍ଭ କରାଇଥିଲେ। ତାଙ୍କ ପରିବାର ପକ୍ଷରୁ ଦୀନବନ୍ଧୁ ସାହୁ ଏବେ ବେଶ ଚଳାଇ ଆସୁଥିବା କହିଛନ୍ତି। ଦୀନବନ୍ଧୁ ସପରିବାର ପ୍ରଥମେ ଦୀନବନ୍ଧୁଙ୍କ ପରିବାର ବର୍ଗ ଠାକୁରଙ୍କ ଦର୍ଶନ କରି ଆଶିଷ ନେଇଥିଲେ।

# ବାଣିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ନିମାପଡ଼ା,୫।୨(ଡି.ଏନ୍.ଏ.)**

ନିମାପଡ଼ା ବ୍ଲକ ଅନ୍ତର୍ଗତ କୁଆଁରପୁର (ରେଞ୍ଚ) ବାଣିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୯ତମ ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷା ଡ. ଜ୍ୟୋତ୍ସ୍ନାରାଣୀ ବସ୍ତିଆ ଅଧ୍ୟକ୍ଷତା କରିବା ସହ ଅତିଥିଙ୍କ ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥିଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଡ. ପ୍ରୀତିପ୍ରତିଭା ଭୋଳ, ଭୁବନେଶ୍ୱର ଚିନ୍ମୟ ମିଶନର ସଭାପତି ସ୍ୱାମୀ ସଦାନନ୍ଦ ସରସ୍ୱତୀ, ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ମନସ୍ୱିନୀ ଖଟୋଇ, ଶିକ୍ଷାବିତ୍ ଗୋଲଖ ନାୟକ ପ୍ରମୁଖ ଯୋଗଦେଇ ଶିକ୍ଷାର ବିକାଶ ହେଲେ ରାଜ୍ୟ ଓ ଦେଶର ବିକାଶ ପାଇଁ ଛାତ୍ରୀଛାତ୍ରମାନେ ଅଙ୍ଗୀକାରବଦ୍ଧ ହେବା ଆବଶ୍ୟକ ବୋଲି କହିଥିଲେ। ଏହା ସହ ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ମଞ୍ଚାସୀନ ଅତିଥି ଓ ନିମାପଡ଼ା ଇନ୍ଦିରା ଗାନ୍ଧୀ ଯୁକ୍ତ ୩ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ସାହୁ ଓ ନୟାହାଟ କଲେଜର ଅଧ୍ୟକ୍ଷ ଭୋଳାନାଥ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବାଳକ ବିଭାଗର ଚାମ୍ପିୟନ ତପନ ନାୟକ ଓ ବାଳିକା ବିଭାଗରେ ଚାମ୍ପିୟନ ମନୀଷା ପାଣିଗ୍ରାହୀ, ଜ୍ୟୋତିର୍ମୟୀ ପଣ୍ଡା, ଶୁଭଲକ୍ଷ୍ମୀ ପରିଡାଙ୍କ ସମେତ ବହୁ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ରଞ୍ଜିତ୍ ରଥ, ପ୍ରଭାତ ପାତ୍ର ଉତ୍ସବର ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅଧ୍ୟାପକ ସୁକାନ୍ତ ସ୍ୱାଇଁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅଧ୍ୟାପକ ଅଶୋକ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ଅନ୍ତର୍ଜାତୀୟ ଚିତ୍ର କର୍ମଶାଳା ଉଦ୍‌ଘାଟିତ



ଚିତ୍ରଶିଳ୍ପୀମାନେ ରଙ୍ଗତୂଳୀରେ ଚିତ୍ର ଆଙ୍କୁଛନ୍ତି।

**ପୁରୀ ଅଫିସ,୫।୨**

ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଚିତ୍ର କର୍ମଶାଳା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଦୁଇ ଦିନିଆ କର୍ମଶାଳାକୁ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଉଦ୍‌ଘାଟିତ କରିଥିଲେ। ଏହି କର୍ମଶାଳାରେ ଥାଇଲାଣ୍ଡର ଚିତ୍ରଶିଳ୍ପୀ ମିସ୍ ନୁମରିଡ, ୱାଟାନା କ୍ରିଟଙ୍ଗ, ଅପିସିତ୍ ସୁନ୍ତାଇ, ଫାନସା ବୁଦ୍ଧରକ୍ସା, କଲେଜ ଅଧ୍ୟକ୍ଷ ଦୁର୍ଗାମାଧବ କର, ମୁକ୍ତିପଦ ନନ୍ଦୀ, କିଶାନ୍ କୁମାର ସ୍ୱାଇଁ, ସୁଶାନ୍ତ ମେହେର ଓ ନୀଳେଶ ବ୍ରହ୍ମଚାରୀ ପ୍ରମୁଖ ଅଂଶଗ୍ରହଣ କରିଛନ୍ତି। କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଗୁରୁବାର ଅପରାହ୍ନ ୪ଟାରେ ସିଂହଦ୍ୱାର ନିକଟରେ ଏହି କର୍ମଶାଳାର ଉଦ୍‌ଯାପନ ଏବଂ ଚିତ୍ରକଳା ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଆୟୋଜକ କଲେଜ ଅଧ୍ୟକ୍ଷ କର କହିଛନ୍ତି।

# ଅଙ୍ଗନୱାଡ଼ି କର୍ମୀଙ୍କ ସହ ୧୮ଜଣଙ୍କ ନାଁରେ ମାମଲା

**ନନ୍ଦିଗୋରଡ଼ା ଗ୍ରାମରେ ପୋଲିସଙ୍କୁ ଅଟକ ଘଟଣା**

**ଗୋପ,୫।୨(ଡ଼ି.ଏନ୍.ଏ)**

ଫେରାର ଅଭିଯୁକ୍ତଙ୍କୁ ଧରିବା ଘଟଣାରେ ଗୋପ ପୋଲିସଙ୍କୁ ଉକ୍ତ ଥାନା ଅଧୀନ ନନ୍ଦିଗୋରଡ଼ା ଗ୍ରାମରେ ଦୀର୍ଘ ୩ ଘଣ୍ଟା ଧରି ଅଟକ ରଖାଯାଇଥିଲା। ଏନେଇ ଗୋପ ଥାନାରେ ଜନୈକ ଏଏସ୍ଆଇଙ୍କ ଅଭିଯୋଗ କ୍ରମେ ପୋଲିସ ଜଣେ ଅଙ୍ଗନୱାଡ଼ି କର୍ମୀଙ୍କ ସମେତ ୧୮ଜଣଙ୍କ ନାଁରେ ମାମଲା (ନଂ. ୨୫/୨୦)ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଜାନୁୟାରୀ ୩୧ ରାତିରେ ନନ୍ଦିଗୋରଡ଼ା ଗ୍ରାମର ଫେରାର ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ଚଢ଼ାଉ କରି ୨ ଯୁବକଙ୍କୁ ଧରିଥିଲା। ପରେ ପରିବାର ସଦସ୍ୟ ୱାରେଣ୍ଟ କାଗଜପତ୍ର ମାଗିଥିଲେ। ଅଭିଯୁକ୍ତଙ୍କ ବାପାଙ୍କ ନାମ ଅଲଗା ଥିବାରୁ ପୋଲିସ ଦୁଇ ଯୁବକଙ୍କୁ ଛାଡ଼ି ଦେଇଥିଲା। ପରେ ଧରା ହୋଇଥିବା ଦୁଇ ଯୁବକଙ୍କ ପରିବାର ଓ କେତେଜଣ ଗ୍ରାମବାସୀ ପୋଲିସଙ୍କୁ ରାତ୍ର ୧ଟାରୁ ଅଟକ ରଖିବା ସହ ଗାଳିଗୁଲଜ କରିଥିଲେ। ଏପରି କି ପୋଲିସଙ୍କୁ ଠେଲାପେଲା ମଧ୍ୟ କରିବାକୁ ପଛାଇ ନ ଥିଲେ। ପୋଲିସ ଭୁଲବଶତଃ ଅଭିଯୁକ୍ତଙ୍କୁ ଧରିଥିବା କଥା ସ୍ୱୀକାର କରିଥିଲେ ମଧ୍ୟ ମୋବାଇଲ୍ ଫୋନ୍ ସମ୍ମୁଖରେ ଭୁଲ ମାଗିବା ସହ ସାଦା କାଗଜରେ ଲେଖିକି ଯିବାକୁ ବାଧ୍ୟ କରାଯାଇଥିଲା। ଏପରି ହେଲେ ଆଇନ ଓ କ୍ଷମତାର ଅପବ୍ୟବହାର ହେବା ପୋଲିସ କହିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଶେଷରେ ବହୁ ବୁଝାଶୁଝା ପରେ ଭୋର ୪ଟାରେ ପୋଲିସଙ୍କୁ ଗ୍ରାମବାସୀ ଛାଡ଼ିଥିଲେ। ଏନେଇ ଗୋପ ପୋଲିସ ମାମଲା ରୁଜୁ କରିବା ପରେ ମୁଖ୍ୟ ଅଭିଯୁକ୍ତ ଅଙ୍ଗନୱାଡ଼ି କର୍ମୀଙ୍କ ସମେତ ଅନ୍ୟମାନେ ଫେରାର ଥିବା ଜଣାପଡ଼ିଛି। ପୋଲିସଙ୍କୁ ଦୁର୍ବ୍ୟବହାର ଓ ଠେଲାପେଲା କରିଥିବା ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ । ଏନେଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି ବୋଲି ଥାନା ଅଧିକାରୀ ସୁଧୀର କୁମାର ସାହୁ କହିଛନ୍ତି।

# 'ସମାଜରେ ଦିବ୍ୟାଙ୍ଗ ଅଲୋଡ଼ା ନୁହନ୍ତି'

**ନିମାପଡ଼ା,୫।୨(ଡି.ଏନ୍.ଏ.)**

ଦିବ୍ୟାଙ୍ଗମାନେ ସମାଜରେ ଆଉ ଅଲୋଡ଼ା ନୁହନ୍ତି। ମୌଳିକ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ସେମାନେ ସଂଗ୍ରାମ କରିବା ଆବଶ୍ୟକ। ସମାଜର ମୁଖ୍ୟସ୍ରୋତରେ ଦିବ୍ୟାଙ୍ଗଙ୍କୁ ସାମିଲ କରିବାକୁ ସମସ୍ତ ବ୍ୟକ୍ତି ଉଦ୍ୟମ କରିବା ଆବଶ୍ୟକ ବୋଲି ରାଜ୍ୟ ମହିଳା କମିଶନର ଡ. ମିନତୀ ବେହେରା କହିଛନ୍ତି। ନିମାପଡ଼ା ବାରବାଟି ଗ୍ରାଉଣ୍ଡରେ ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ (ପିପିଡବ୍ଲ୍ୟୁଓ) ପକ୍ଷରୁ ଆୟୋଜିତ ୫ଦିନିଆ ରାଜ୍ୟସ୍ତରୀୟ ପ୍ରଦର୍ଶନୀ ଓ କର୍ମଶାଳାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବେହେରା ଯୋଗଦେଇ ଏହା କହିଛନ୍ତି। ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଅବନୀ ରଥ, ବଳଭଦ୍ର ପୂଜାପଣ୍ଡା, ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ କୁମାର ପଣ୍ଡା, ପିପିଡବ୍ଲ୍ୟୁଓର ପ୍ରଶାସନିକ ଅଧିକାରୀ ପଦ୍ମଲୋଚନ ମହାନ୍ତି, ସ୍ୱତନ୍ତ୍ର ବିଇଡି କଲେଜର ଅଧ୍ୟକ୍ଷ ଗଗନବିହାରୀ ଦାଶ ପ୍ରମୁଖ ଯୋଗଦେଇ ପିପିଡବ୍ଲ୍ୟୁଓର ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି କର୍ମଶାଳାରେ ପିପିଡବ୍ଲ୍ୟୁଓର ସଭାପତି ରାଜକିଶୋର ସାବୁତ ଅଧ୍ୟକ୍ଷତା କରିବା ସହ ଅତିଥି ପରିଚୟ, ସ୍ୱାଗତ ଭାଷଣ, କର୍ମଶାଳା ଓ ପ୍ରଦର୍ଶନ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଦିବ୍ୟାଙ୍ଗଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଦ୍ରବ୍ୟ, ଚିତ୍ରାଙ୍କନ, ହସ୍ତଶିଳ୍ପ ଆଦି ଏହି ପ୍ରଦର୍ଶନୀରେ ଷ୍ଟଲ ଖୋଲାଯାଇ ସ୍ଥାନିତ ପାଇଥିଲା। ୫ଦିନ ବ୍ୟାପୀ ଭିନ୍ନକ୍ଷମତା ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।




କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

ଥରେ ମିଛ କହିବାର ବିପଦ ହେଉଛି ଆଉଥରେ ସତ କହିଲେ
ମଧ ଅନ୍ୟମାନେ ବିଶ୍ୱାସ କରିବେ ନାହିଁ।
-ଆରିଷ୍ଟଟଲ୍



## ସଂକ୍ଷେପରେ

### ଉତ୍କଳ ବାଳାଶ୍ରମରେ ଏଏସ୍‌ସିପିସିଆର୍ ପ୍ରତିନିଧି

**ପିଲାଙ୍କ ସହ ମିଶିଲେ, ଶିଶୁ ସୁରକ୍ଷା ସମ୍ପର୍କରେ ପଚାରି ବୁଝିଲେ**

ପୁରୀ ଅଫିସ, ୫।୨ : ଆସାମ ରାଜ୍ୟ କମିଶନ ଶିଶୁ ସୁରକ୍ଷା ଓ ଅଧିକାର (ଏଏସ୍‌ସିପିସିଆର୍)ର ଏକ ୧୫ଜଣିଆ ପ୍ରତିନିଧି ଦଳ ଓଡ଼ିଶା ଗସ୍ତ ଅବସରରେ ବୁଧବାର ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ପରେ ସେମାନେ ପୁରୀ ଜିଲାର ଶିଶୁ ସୁରକ୍ଷା ସମ୍ପର୍କରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ନେଇ ଜିଲା ପ୍ରଶାସନ ସହ ଆଲୋଚନା କରିଥିଲେ। ଏଥିସହ ଉତ୍କଳ ବାଳାଶ୍ରମ ପରିଦର୍ଶନ କରିଥିଲେ। ପିଲାଙ୍କ ସହ ଭାବ ବିନିମୟ କରିବା ସହ ଖାଦ୍ୟର ମାନ ପରୀକ୍ଷଣ, ଶିକ୍ଷାଦାନ, ଶୈକ୍ଷିକ ବାତାବରଣ, ଯତ୍ନ ଓ ସୁରକ୍ଷା ଆଦି ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ପଚାରି ବୁଝିଥିଲେ। ବାଳାଶ୍ରମ ଅଧୀକ୍ଷକ ସାରଙ୍ଗ ମହାପାତ୍ର ଏବଂ ପୁରୀ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ପ୍ରତିନିଧି ଦଳଙ୍କ ସହିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଆସାମରେ ଚାଲିଥିବା ଶିଶୁ ସୁରକ୍ଷା ସମ୍ପର୍କରେ ପ୍ରତିନିଧି ଦଳ ନିଜ ମତ ରଖିଥିଲେ। ପରେ ଏହି ପ୍ରତିନିଧି ଦଳ ଜିଲା ଶିଶୁ ମଙ୍ଗଳ କମିଟିକୁ ଭେଟିଥିଲେ। ଉଦ୍ଧାର କରାଯାଉଥିବା ଶିଶୁଙ୍କ ସୁରକ୍ଷା, ଉପଯୁକ୍ତ ଯତ୍ନ ଏବଂ ଥଇଥାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶିଶୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ସମ୍ପର୍କରେ ଗୋପ ବ୍ଲକ ଅନ୍ତର୍ଗତ ଏକ ପରିବାର ସହିତ ଆଲୋଚନା କରିଥିଲେ। ଏହି ପ୍ରତିନିଧି ଦଳ ସହିତ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର କାର୍ଯ୍ୟକ୍ରମ ପରିଚାଳକ ଶୁଭଦର୍ଶୀ ଦାସ ଥିଲେ।

### ମନ୍ଦିର ଓ ଠାକୁର ପ୍ରତିଷ୍ଠା

କଣାସ, ୫।୨(ସ୍ୱ.ପ୍ର.):କଣାସ ବ୍ଲକ ଅନ୍ତର୍ଗତ ପୋତାଘର ଗ୍ରାମରେ ୪ଦିନ ଧରି ଚାଲିଥିବା ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଯଜ୍ଞକର୍ମ ଉଦ୍‌ଯାପିତ ହୋଇଯାଇଛି। ମା' ଛୋଟି ଗୋସାଇଁଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ସହିତ ପାର୍ଶ୍ୱଦେବଦେବୀ, ଦ୍ୱାରପାଳ ଓ ଦେବୀମାନଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ପାଇଁ ଯଜ୍ଞକର୍ମ ଅନୁଷ୍ଠିତ ହୋଇଥିଲା। ବୁଧବାର ଅପରାହ୍ନରେ ପୂର୍ଣ୍ଣାହୁତି ପରେ ଠାକୁରମାନଙ୍କୁ ନୂତନ ମନ୍ଦିରରେ ସ୍ଥାପନ କରାଯାଇଥିଲା। ପଣ୍ଡିତ ବାଉରୀ ବନ୍ଧୁ ତ୍ରିପାଠୀ ଓ ସହକର୍ମୀମାନେ ଯଜ୍ଞକର୍ମ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟ କରିଥିଲେ।

### ଦୁର୍ଘଟଣାରେ ଆହତ ଅଧାପକଙ୍କ ମୃତ୍ୟୁ

କଣାସ, ୫।୨(ସ୍ୱ.ପ୍ର.): ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଭୁବନେଶ୍ୱରସ୍ଥ ଏକ ହସ୍‌ପିଟାଲରେ ଚିକିତ୍ସାଧୀନ ଥିବା କଣାସ ବ୍ଲକ ଦୟାବିହାର ଜୁନିୟର ମହାବିଦ୍ୟାଳୟର ଶିକ୍ଷା ଅଧାପକ ଡ. ଗୋଲଖି ବିହାରୀ ସାହୁ(୫୨)ଙ୍କର ମଙ୍ଗଳବାର ପରଲୋକ ଘଟିଛି। ତାଙ୍କ



ମୃତଦେହ କଲେଜରେ ପହଞ୍ଚିବା ପରେ ସମସ୍ତ ଅଧାପିକା, ଅଧାପକ, ମହାବିଦ୍ୟାଳୟ ପ୍ରତିଷ୍ଠାତା ସୁବାସ ଚନ୍ଦ୍ର ଗଜେନ୍ଦ୍ର, ନୀଳାଚଳ ସେବା ପ୍ରତିଷ୍ଠାନ ସହସମ୍ପାଦକ ବିଜୟ କୁମାର ବଡଜେନା, ଜୁନିୟର କଲେଜ ଅଧକ୍ଷ ସୁବାସ ପ୍ରଧାନ, ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ ବିଶ୍ୱାଳ, ଛାତ୍ରୀଛାତ୍ର ଏବଂ ଶିକ୍ଷାବିତ୍ ଶେଷ ଦର୍ଶନ କରିଥିଲେ। ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ସଂସ୍କାର କରାଯାଇଥିଲା। ନୟାଗଡ ଜିଲା ଭାପୁର ବ୍ଲକର ଆଳିପଡା ଗ୍ରାମରେ ଅଧାପକ ସାହୁଙ୍କ ଘର। ସେ ଗତ ରବିବାର ଗ୍ରାମ ନିକଟସ୍ଥ ବଜାରରୁ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ।

### ଅଭିଯୋଗ ସତ୍ତ୍ୱେ ମରାମତି ହେଉନି ବିଦ୍ୟୁତ

ପୁରୀ ଅଫିସ, ୫।୨: ଗୋଟିଏ ପଟେ ଠିକ୍ ସମୟରେ ଦେୟ ପଇଠ ନ କଲେ ବିଦ୍ୟୁତ ସଂଯୋଗ କଟାଯିବ ବୋଲି ସେସୁ ତାଗିଦ୍ କରୁଥିବା ବେଳେ ଅନ୍ୟପଟେ ବିଦ୍ୟୁତ ସମସ୍ୟା ଦୂର କରାଯାଉ ନାହିଁ। ସୋଲାଖିଆ ଅଞ୍ଚଳର ଡା. ଏସ୍.କେ ମିଶ୍ର ବୁଧବାର ଗଣମାଧମ ଆଗରେ ଅଭିଯୋଗ କରିଛନ୍ତି ଯେ, ପୂର୍ବାହ୍ନରେ ବର୍ଷା ଯୋଗୁ ଘର ନିକଟ ଦେଇ ଯାଇଥିବା ସର୍ଭିସ ତାର ଛିଣ୍ଡି ଯାଇଥିଲା। ଏ ନେଇ ଫ୍ୟୁଜକଲ ଅଫିସରେ ଅଭିଯୋଗ କରିଥିଲି। ଶୀଘ୍ର ବିଦ୍ୟୁତ ଚାର୍ଜ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ମାତ୍ର ୧୦ ଘଣ୍ଟା ପରେ ବି କର୍ମଚାରୀଙ୍କ ଦେଖାନାହିଁ। ଏଥିଯୋଗୁ ତାଙ୍କ ପରିବାର ଅନ୍ଧାରରେ ରହିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି ବୋଲି ସେ କହିଛନ୍ତି।

# ନିଲାମ ଦିଆଯିବନି ପବିତ୍ର ପୀଠ

**ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ**

ପୁରୀ ଅଫିସ, ୫।୨:

ଶ୍ରୀମନ୍ଦିରକୁ ଆସୁଥିବା ଦର୍ଶନାର୍ଥୀଙ୍କ ଲାଗି ସବୁପ୍ରକାର ବ୍ୟବସ୍ଥା କରିବାକୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ ଏବଂ କୌଣସି ପ୍ରକାର ଶୋଷଣ କିମ୍ବା ଜୁଲମ୍‌ର ଶିକାର ନ ହେବେ ସେଥିଲାଗି ମନ୍ଦିର ପ୍ରଶାସନକୁ ମଧ ନିର୍ଦ୍ଦେଶ ରହିଥିଲା। ଏହାସତ୍ତ୍ୱେ ବିଭିନ୍ନ ଉପାୟରେ ଶୋଷଣର ଶିକାର ହେଉଥିଲେ ଦର୍ଶନାର୍ଥୀ। ବିଭିନ୍ନ ପବିତ୍ର ପୀଠକୁ ନିଲାମରେ ଦିଆଯାଉଥିବାରୁ ସେଠାରେ ଟଙ୍କା ପାଇଁ ଜୁଲମ୍ କରାଯାଉଥିଲା। ପୂର୍ବରୁ ଶ୍ରୀମନ୍ଦିର ସହ ସମ୍ପୃକ୍ତ ପବିତ୍ର ପୀଠଗୁଡ଼ିକୁ ନିଲାମରେ ନ ଦେବା ଲାଗି ତିନିଜଣିଆ କମିଟି ସୁପାରିସ କରିଥିଲେ। ଶେଷରେ ଏଥିରେ ସହମତି ପ୍ରକାଶ କରିଛି ଶ୍ରୀମନ୍ଦିର ପରିଚାଳନା କମିଟି। ଏଣିକି ଗୁଣ୍ଡିଚା ମନ୍ଦିର ଏବଂ ଶ୍ରୀମନ୍ଦିର ସହ ସମ୍ପୃକ୍ତ ପବିତ୍ର ପୀଠ ଓ ଦର୍ଶନୀୟ ସ୍ଥଳକୁ ନିଲାମ ନ ଦେବା ଲାଗି ପରିଚାଳନା କମିଟି ନିଷ୍ପତ୍ତି ନେଇଛି।

ବୁଧବାର କମିଟି ବୈଠକରେ ଏହା ଉପରେ ବିଶେଷ ତର୍ଜମା କରାଯାଇଥିଲା। ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର କହିଛନ୍ତି, ଶ୍ରୀମନ୍ଦିର ଏବଂ ଗୁଣ୍ଡିଚା ମନ୍ଦିର ଭିତରେ ବହୁ ପବିତ୍ର ସ୍ଥଳ ରହିଛି। ଏଗୁଡ଼ିକର ନିଲାମ ପ୍ରକ୍ରିୟାର ସମୀକ୍ଷା କରାଯାଇ ବିକଳ୍ପ ବ୍ୟବସ୍ଥା ହେବ। ଭକ୍ତମାନେ ଯେପରି କୌଣସି ପ୍ରକାର ଶୋଷଣ ନ ହେବେ ଏବଂ ଭଲ ଭାବେ ଦର୍ଶନ କରିବେ ତାହା ଉପରେ ଗୁରୁତ୍ୱ ଦିଆଯିବ। ପୂର୍ବରୁ ନିଲାମରେ ଅଧିକ ଆୟ ଉପରେ ଫୋକସ ରଖାଯାଉଥିଲା। ଏବେ କିନ୍ତୁ ଲକ୍ଷ୍ୟ ତାହା ନୁହେଁ, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ମୁଖ୍ୟ ଫୋକସ ରହିବ। ନିଲାମ ବନ୍ଦ କରାଯିବ। ଏଥିପାଇଁ ଅର୍ଥ ସବ୍‌କମିଟିକୁ ଦାୟିତ୍ୱ ଦିଆଯାଇଛି। କମିଟି ଏ ଦିଗରେ ନିଷ୍ପତ୍ତି ନେଇ ୨ମାସ ଭିତରେ ଜଣାଇବେ। ଏହାଦ୍ୱାରା ଦର୍ଶନାର୍ଥୀ ଜୁଲମରୁ ରକ୍ଷା ପାଇବେ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

ଶ୍ରୀମନ୍ଦିର ପରିସର ଏବଂ ବାହାରେ ଏକାଧିକ ପବିତ୍ର ପୀଠ ବା ସ୍ଥାନ ରହିଛି। ରୋହିଣୀ କୁଣ୍ଡ, କଳ୍ପବଟ, କୋଇଲି ବୈକୁଣ୍ଠ, ନୀଳାଦ୍ରି ବିହାର ଉପବନ, ନରେନ୍ଦ୍ର ପୁଷ୍କରିଣୀ ସମେତ ଶ୍ରୀଗୁଣ୍ଡିଚା ମନ୍ଦିର ଅନ୍ୟତମ। ଏ ସବୁ ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଅଛି। ମହାପ୍ରଭୁଙ୍କୁ ପ୍ରତିଦିନ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରୁ ଅଧିକାଂଶ ଏହିସବୁ ସ୍ଥାନକୁ ବୁଲି ଯାଆନ୍ତି। ଆସ୍ଥା ଓ ବିଶ୍ୱାସର ଏହି ପବିତ୍ର ପୀଠକୁ ଯିବାକୁ ହେଲେ ପ୍ରତ୍ୟେକଙ୍କୁ କିଛି ନା କିଛି ଦେୟ ଦେବାକୁ ପଡ଼ିଥାଏ। ଶ୍ରୀମନ୍ଦିର ପ୍ରଶାସନ ପ୍ରତିବର୍ଷ ଏହିସବୁ ସ୍ଥାନ ସହିତ ଏହା ପରିସର ଦୀପ ଦୋକାନ, ଭୋଗ ଦୋକାନ ଆଦିକୁ ନିଲାମ ଦେଇଥାଏ। ନିଲାମଧାରୀ ମନ୍ଦିର ପ୍ରଶାସନ ଦ୍ୱାରା ଧାର୍ଯ୍ୟ ମୂଲ୍ୟ ଅନୁସାରେ ଟିକେଟ୍ କାଟିବାର ନିୟମ ରହିଛି। ତଥାପି ବିଭିନ୍ନ ସମୟରେ ଏହିସବୁ ସ୍ଥାନରେ ଭକ୍ତଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ଉଠୁଛି। ତେଣୁ ଭକ୍ତମାନେ କିପରି ଶୋଷଣ ନ ହେବେ ସେଥିପାଇଁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ତିନିଜଣିଆ କମିଟି ଏହିସବୁ ପୀଠ ବା ସ୍ଥାନକୁ ନିଲାମ ନ ଦେବାକୁ ରିପୋର୍ଟରେ ସୁପାରିସ କରିଥିଲା। କିନ୍ତୁ ତାହାକୁ ଅଣଦେଖା କରାଯାଇଥିବାବେଳେ ଭକ୍ତମାନେ ବିଭିନ୍ନ ସମୟରେ ଜୁଲମର ଶିକାର ହେଉଥିଲେ। ହେଲେ ଏଥିରେ ପରିବର୍ତ୍ତନ ଆଣିବାକୁ ଯାଉଛି ମନ୍ଦିର ପ୍ରଶାସନ। ବାର୍ଷିକ ଏହିସବୁ ପୀଠ ବା ସ୍ଥାନରୁ ମନ୍ଦିର ପ୍ରଶାସନ ୬ କୋଟି ଟଙ୍କା ପାଉଥିଲା। କିନ୍ତୁ ଏବେ ଭକ୍ତଙ୍କ ଦର୍ଶନକୁ ପ୍ରାଥମିକତା ଦେଉଥିବା ମନ୍ଦିର ପ୍ରଶାସନ ଏଭଳି ନିଷ୍ପତ୍ତି କେତେଦୂର ଦର୍ଶନାର୍ଥୀଙ୍କୁ ସନ୍ତୁଷ୍ଟ କରିପାରୁଛି ତାହା ଉପରେ ସମସ୍ତଙ୍କ ନଜର।

# ଅଞ୍ଜଳି ଦିଦିଙ୍କ ପରେ ମଙ୍ଗଧରିଥିବା ଦମ୍ପତି ଗିରଫ

**ବାଂଲା ସେକ୍ସ ର୍‍ୟାକେଟ**
- ପିପିଲିରେ ଚଢ଼ାଉ, କାର୍‌ରୁ ରୂପଜୀବୀ ଉଦ୍ଧାର
- ପୂର୍ବରୁ ଧରାପଡ଼ିଥିବା ୬ ରୂପଜୀବୀଙ୍କ ବୟାନ ରେକର୍ଡ

ଭୁବନେଶ୍ୱର, ୫।୨(ବ୍ୟୁରୋ)

ବାଂଲାଦେଶୀ ସେକ୍ସ ର୍‍ୟାକେଟର ମାଷ୍ଟରମାଇଣ୍ଡ ଅଞ୍ଜଳି ଦିଦି ଓ ସ୍ୱାମୀ ଇବ୍ରାହିମ୍ ଗିରଫ ପରେ ଚେର ଖୋଜି ବାହାର କରୁଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍। ଅଞ୍ଜଳି ଏବେ ଜେଲ୍‌ରେ ରହିଥିବାବେଳେ ର୍‍ୟାକେଟର ମଙ୍ଗ ଧରିଥିବା ଏକ ଦମ୍ପତିଙ୍କୁ ବୁଧବାର ଗିରଫ କରାଯାଇଛି। ସେମାନେ ହେଲେ ବ୍ରହ୍ମପୁର ଅଞ୍ଚଳର ପଞ୍ଚାନନ ପାଢ଼ୀ ଓ ତାଙ୍କ ସ୍ତ୍ରୀ ପ୍ରୀତି । ସେମାନଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷରେ ସେମାନେ ର୍‍ୟାକେଟରେ ନିୟୋଜିତ କରିଥିବା ଜଣେ ରୂପଜୀବୀଙ୍କୁ ଏସ୍‌ଟିଏଫ୍ ପିପିଲି ଅଞ୍ଚଳରୁ ଏକ କାର୍‌ରୁ ଉଦ୍ଧାର କରିଛି। ଏଥିସହ ପୂର୍ବରୁ ଶର୍ଟ ଷ୍ଟେ' ହୋମରେ ଥିବା ୬ ରୂପଜୀବୀଙ୍କର କୋର୍ଟରେ ବୟାନ ରେକର୍ଡ କରାଯାଇଛି।

ସୂଚନା ମୁତାବକ, ବୁଧବାର ଗିରଫ ପଞ୍ଚାନନ ଓ ପ୍ରୀତି ବହୁ ପୂର୍ବରୁ ଅଞ୍ଜଳି ଦିଦିଙ୍କୁ ସହଯୋଗ କରି ଆସୁଥିଲେ। ବିଶେଷକରି ସେମାନେ ଗ୍ରାହକ ଯୋଗାଡ଼ ଦାୟିତ୍ୱରେ ଥିଲେ। ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା, କଟକ, ପିପିଲି ଓ ବିଭିନ୍ନ ସ୍ଥାନକୁ ରୂପଜୀବୀଙ୍କୁ ପଠାଉଥିଲେ। ଅଞ୍ଜଳି ଓ ସ୍ୱାମୀ ଇବ୍ରାହିମଙ୍କୁ ଜେରାବେଳେ ଏହା ଏମାନଙ୍କ ସମ୍ପର୍କରେ ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିଲା। ତେବେ ସେମାନେ ଅଞ୍ଜଳିଙ୍କୁ ଜେଲ ଗେଟ୍‌ରେ ସାକ୍ଷାତ କରୁଥିବା ଜଣାପଡ଼ିଥିଲା। ଭେଟିବା ବାହାନାରେ ସେକ୍ସ ର୍‍ୟାକେଟ ନେଇ ଯୋଜନା କରୁଥିବା ସ୍ପଷ୍ଟ ହେବା ପରେ ଉଭୟଙ୍କ ଧରିବାକୁ ଏସ୍‌ଟିଏଫ୍ ଟିମ୍ ୭ଦିନ ହେବ ଜାଲ ବିଛାଇଥିଲା। ବୁଧବାର ଅନ୍‌ଲାଇନରେ ଡିଲ ପରେ ଜଣେ ରୂପଜୀବୀଙ୍କୁ ଏକ କାରରେ ନେଇ ଜଣେ ଗ୍ରାହକଙ୍କ ପାଖକୁ ହୋମ୍ ଡେଲିଭରି ପାଇଁ ଯାଉଥିବାବେଳେ ଏସ୍‌ଟିଏଫ୍ ଟିମ୍ ପିପିଲି ଅଞ୍ଚଳରେ ଚଢ଼ାଉ କରି ଧରିଥିଲା। ତେବେ ଉକ୍ତ କାର୍‌ରେ ଥିବା ରୂପଜୀବୀ ଜଣକ କୋଲକାତାର ନା ବାଂଲାଦେଶର ନାଗରିକ ତାହା ସ୍ପଷ୍ଟ ହୋଇନାହିଁ। ଏହା ଉପରେ ଅଧିକ ଖୋଳତାଡ଼ ଆରମ୍ଭ କରିବା ସହ ଉକ୍ତ ରୂପଜୀବୀଙ୍କୁ ଶର୍ଟ ଷ୍ଟେ ହୋମ୍‌କୁ ପଠାଇ ଦିଆଯାଇଥିବା ଏସ୍‌ଟିଏଫ୍ ସୂତ୍ରରୁ ଜଣାପଡ଼ିଛି।

## ଜାଭିୟର ୟୁନିଭର୍ସିଟିରେ ଆନ୍ତର୍ଜାତିକ କେନ୍ଦ୍ର ଉଦ୍‌ଘାଟିତ




ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅଧିକାରୀମାନେ।

ଜଟଣୀ,୫।୨(ଡି.ଏନ.ଏ.)

ଜଟଣୀ ନିକଟବର୍ତ୍ତୀ ଜାଭିୟର ୟୁନିଭର୍ସିଟିରେ ନୂତନ ଭାବେ ସରକାର ଏବଂ ଜନସଂକ୍ରାନ୍ତୀୟ ବିଦ୍ୟାଳୟ ଓ ଆନ୍ତର୍ଜାତିକ କେନ୍ଦ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ କହିଥିଲେ, ବିକାଶ ଓ ସାମଗ୍ରିକ ପ୍ରଗତି ଏକ ରାଷ୍ଟ୍ର ନିର୍ମାଣ ନିମନ୍ତେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ପ୍ରଶାସନିକ ସ୍ୱଚ୍ଛତା ରହିଲେ, ପ୍ରଗତି ତ୍ୱରାନ୍ୱିତ ହୋଇଥାଏ। ୫-ଟି ମନ୍ତ୍ର ଆମ ସରକାରୀ ପ୍ରକ୍ରିୟାରେ କାର୍ଯ୍ୟ କରୁଛି। ଶାସନ ବ୍ୟବସ୍ଥାରେ ସାଧାରଣ ଲୋକଙ୍କର ଭାଗୀଦାରି ବୃଦ୍ଧି କରିବାରେ ଏହି ମନ୍ତ୍ର ଏକ ସଫଳ ପ୍ରୟାସ। ଆନ୍ତର୍ଜାତିକ ସ୍ତରରେ ରାଜ୍ୟର ପରିଚୟ ସୃଷ୍ଟି କରିବାରେ ମୋ ସରକାର ସଫଳ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସ୍କୁଲ ଅଫ୍ ଗଭର୍ନମେଣ୍ଟ ଓ ପବ୍ଲିକ୍ ଆଫାୟାର୍ସ ତଥା ଇଣ୍ଟରନ୍ୟାଶନାଲ ସେଣ୍ଟର ଏ ଦିଗରେ ନିଜର ଉତ୍ତରଦାୟିତ୍ୱ ନିଭାଇବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ, ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ, ପିପିଲି ବିଧାୟକ ପ୍ରଦୀପ ମହାରଥୀ, ଆଇଏଏସ୍ ଆର୍. ବାଲକ୍ରିଷ୍ଣନ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଜାଭିୟର ୟୁନିଭର୍ସିଟି ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ଚେୟାରମ୍ୟାନ ଫାଦର ଜର୍ଜ ଫର୍ଣ୍ଣାଣ୍ଡେସ୍ ଏସ୍.ଜେ, ୟୁନିଭର୍ସିଟିର କୁଳପତି ପ୍ରଫେସର ଡ. ଆଣ୍ଟୋନୀ ଆର୍ ଉଭାରୀ ଏସ୍.ଜେ, ରେଜିଷ୍ଟ୍ରାର ପ୍ରଫେସର ଫାଦର ଇ.ଏ.ଅଗଷ୍ଟିନ ଏସ୍.ଜେ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏଥିରେ ୟୁନିଭରସିଟିର ବିଦ୍ୟାର୍ଥୀ, ଫାକଲ୍‌ଟି, କର୍ମଚାରୀ ଓ ବହୁ ନିମନ୍ତ୍ରିତ ଅତିଥି ଉପସ୍ଥିତ ଥିଲେ।

## ସ୍ୱାଧୀନତା ସଂଗ୍ରାମୀ ଗିରିଧାରୀଙ୍କ ପରଲୋକ

ଜଟଣୀ,୫।୨(ଡି.ଏନ.ଏ.):
ଖୋର୍ଦ୍ଧା ଅଣ୍ଡା ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ଗିରିଧାରୀ ଭୁଜବଳଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୧୦୪ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟଜନିତ ରୋଗରେ ସେ ଦୀର୍ଘଦିନ ହେବ ପୀଡିତ ଥିଲେ । ସ୍ୱାଧୀନତା ସଂଗ୍ରାମୀ ସହିତ ସ୍ନେହୀ, ନିଃସ୍ୱାର୍ଥପର ଓ ପରୋପକାରୀ ବ୍ୟକ୍ତି ଭାବେ ସେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ୪ ପୁଅ ପ୍ରମୋଦ, ପ୍ରଫୁଲ୍ଲ, ପ୍ରଶାନ୍ତ, ପ୍ରତାପ, ଝିଅ ପ୍ରଭାତୀ, ପ୍ରତିଭା ଓ ପରିବାର ଲୋକେ ଉପସ୍ଥିତ ରହିଥିଲେ।

## ସଂସ୍କାର କେନ୍ଦ୍ର ଉଦ୍‌ଘାଟିତ

ପୁରୀ ଅଫିସ, ୫।୨:
ମଧୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ଶ୍ରୀବିହାର ପେଣ୍ଠକଟାସ୍ଥ ହରଚଣ୍ଡୀ ନଗର ବସ୍ତିରେ ବୁଧବାର ସଂସ୍କାର କେନ୍ଦ୍ର ସାଗର ପୁତ୍ର ସେବା ପ୍ରକଳ୍ପ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆର୍‌ଏସ୍‌ଏସ୍ ଉତ୍କଳ ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ରାଜକିଶୋର ସାହୁ ଯୋଗଦେଇ ସଂସ୍କାର କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ହରଚଣ୍ଡି ନଗର ସଭାପତି ପ୍ରାଣନାଥ ପ୍ରଧାନ, ସମ୍ପାଦକ ଲକ୍ଷ୍ମୀଚରଣ ବେହେରା ଉପସ୍ଥିତ ଥିଲେ। ପ୍ରଧାନାଚାର୍ଯ୍ୟ ସୁରେଶ ମିଶ୍ର ଓ ଆଚାର୍ଯ୍ୟ ବିଷ୍ଣୁ ପ୍ରସାଦ ପାଣି ମଞ୍ଚାସୀନ ଥିଲେ। ଗୁରୁବାରଠାରୁ ସଂସ୍କାର କେନ୍ଦ୍ରରେ ନିୟମିତ ଭାବେ ପାଠପଢା ଆରମ୍ଭ ହେବ।

## ପୁରୀ ଜିଲା ସ୍କୁଲ ବାର୍ଷିକୋତ୍ସବ ପାଇଁ ପ୍ରସ୍ତୁତି



ଖବରଦାତା ସମ୍ମିଳନୀରେ ବିଦ୍ୟାଳୟ ବାର୍ଷିକ ଉତ୍ସବ ସମ୍ପର୍କରେ ସୂଚନା ଦିଆଯାଉଛି ।

ପୁରୀ ଅଫିସ, ୫।୨ :

ପୁରୀ ଜିଲା ସ୍କୁଲର ବାର୍ଷିକୋତ୍ସବ ଆସନ୍ତା ୮ତାରିଖରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏଥିସହିତ ମୁଖପତ୍ର ମହୋଦଧି ଉନ୍ମୋଚନ କରାଯିବ ବୋଲି ବୁଧବାର ଜିଲା ସ୍କୁଲ ବିଜ୍ଞାନ ପ୍ରକୋଷ୍ଠରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ ଛାତ୍ର ସଂସଦ ସଭାପତି ଶିଳ୍ପପତି ରାଜକିଶୋର ପାତ୍ର କହିଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର କହିଲେ ଯେ, ବାର୍ଷିକୋତ୍ସବ ଅବସରରେ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ। ସଭା, ଆଲୋଚନା ଚକ୍ର, ପୁରସ୍କାର ବିତରଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଏହି ଖବରଦାତା ସମ୍ମିଳନୀରେ ଶିକ୍ଷୟିତ୍ରୀ ପ୍ରମୋଦା ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ କୁମାର ମହାନ୍ତି, ରବିନାରାୟଣ ସାହୁ, ଷ୍ଟାଲିନ୍ ପରିଜା ପ୍ରମୁଖ ଉପସ୍ଥିତ ଥିଲେ।

## ବିରି, ମୁଗ ଫସଲରେ ପୋକ: ଚିନ୍ତାରେ ଚାଷୀ

କଣାସ, ୫।୨(ସ୍ୱ.ପ୍ର.):
କଣାସ ବ୍ଲକରେ ବର୍ତ୍ତମାନ ବିରି ଓ ମୁଗ ଫସଲରେ ପୋକ ଲାଗୁଥିବାରୁ ଚାଷୀମାନେ ଶସ୍ୟ ଅମଳ ନେଇ ଚିନ୍ତାରେ ପଡ଼ିଛନ୍ତି। ଗତ ୩ ଦିନ ହେଲା ମେଘୁଆ ପାଗ ଲାଗିରହିବାରୁ ପୋକଙ୍କ ଉପଦ୍ରବ ବୃଦ୍ଧିପାଇଛି। କିପରି ପୋକ ଦାଉରୁ ଫସଲ ରକ୍ଷା କରିବେ ଓ ଭଲ ଫସଲ ଅମଳ ହେବ ସେନେଇ ସେମାନଙ୍କ ମନରେ ଚିନ୍ତା ଛାଇଯାଇଛି। ତୁରନ୍ତ କୃଷି ଓ ଉଦ୍ୟାନବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବାକୁ ଚାଷୀଙ୍କ ପକ୍ଷରୁ ଦାବି ହେଉଛି।

## ବ୍ଲକ କାର୍ଯ୍ୟାଳୟ ଆଗରେ ରାଶନ୍ କାର୍ଡଧାରୀଙ୍କ ସପରିବାର ଧାରଣା

ଗୋପ,୫/୨(ଡ଼ି.ଏନ୍.ଏ):
ବଳୀଗ୍ରାମ ପଞ୍ଚାୟତ ତରଣା ଗ୍ରାମର ରାସନ କାର୍ଡଧାରୀ ପ୍ରିୟତମା ସାହୁଙ୍କୁ ଦୀର୍ଘ ୨ ବର୍ଷ ଧରି ରାଶନ ସାମଗ୍ରୀ ମିଳି ନ ଥିବା ଅଭିଯୋଗ ହୋଇଛି। ଏହି ପ୍ରତିବାଦରେ ବୁଧବାର ସ୍ୱାମୀ ଭୀମସେନ ସାହୁ ଦୁଇ ପିଲାଙ୍କୁ ଧରି ପ୍ରିୟତମା ବିଡ଼ିଓଙ୍କ ଅଫିସ ଆଗରେ ଧାରଣାରେ ବସିଥିଲେ। ଦୀର୍ଘ ଏକ ଘଣ୍ଟା ପରେ ବ୍ଲକ୍ ଯୋଗାଣ ନିରୀକ୍ଷକ ସସ୍ମିତା ସାହୁ ଏକ ଲିଖିତ ଅଭିଯୋଗ ନେବା ପରେ ଉଭୟେ ଧାରଣାରୁ ଉଠିଥିବା ଜଣାପଡ଼ିଛି। ପ୍ରକାଶ ଯେ, ବଳୀଗ୍ରାମ ପଞ୍ଚାୟତରେ ଥିବା ଡିଲର କେନ୍ଦ୍ରଗୁଡ଼ିକରେ ମୃତକ, ବିବାହିତା କନ୍ୟାଙ୍କ ନାମରେ ରାସନ ସାମଗ୍ରୀକୁ ହଡ଼ପ କରାଯାଉଥିବା ସହ ପ୍ରିୟତମା ସାହୁଙ୍କୁ ରାଶନ କାର୍ଡ଼ ଥିଲେ ମଧ ରାଶନ ସାମଗ୍ରୀ ନ ମିଳୁନାହିଁ। ଏହି ଅଭିଯୋଗ ସହ ଉକ୍ତ ଅଞ୍ଚଳର ଯୁବ ସାମାଜିକକର୍ମୀ ରବୀନ୍ଦ୍ର ମୁଦୁଲି ୨୦୧୯ ଅକ୍ଟୋବର ୨୩ରେ ଏକ ଟୁଇଟ୍ ମାଧମରେ ମୁଖ୍ୟମନ୍ତ୍ରୀ, ଜିଲାପାଳଙ୍କ ସମେତ ଗୋପ ବିଡିଓଙ୍କୁ ଜଣାଇଥିଲେ। କିନ୍ତୁ ଏହା ପରେ ମଧ ଜିଲା ପ୍ରଶାସନ ବା ବ୍ଲକ୍ ପ୍ରଶାସନ କୌଣସି ସନ୍ତୋଷଜନକ ପଦକ୍ଷେପ ନେଲେନାହିଁ। ଏବେ ସୁଦ୍ଧା ରାଶନ ସାମଗ୍ରୀ ହଡ଼ପ୍ କରୁଥିବା ଡିଲରମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ତେବେ ଉକ୍ତ ଟୁଇଟ୍ ଅଭିଯୋଗକୁ ନେଇ ଗତ ୪ ତାରିଖରେ ଧରିତ୍ରୀରେ ମଧ ଏକ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା।



ପ୍ରିୟତମା ସାହୁ ପରିବାର ସହ ବ୍ଲକ ଅଫିସ ଆଗରେ ଧାରଣାରେ ବସିଛନ୍ତି ।

# ଇଣ୍ଡିଆ ଗେଟ୍‌ରେ ପରିବେଶ ପାଇଁ ସଚେତନ କଲେ କପିଳ

**ସାଇକେଲରେ ନିମାପଡ଼ାରୁ ଦିଲ୍ଲୀ**



- ଏଥର ୨୫ ଦିନରେ ୨୫ଶହ କି.ମି. ଯାତ୍ରା
- ଗତବର୍ଷ ମଧ ସାଇକେଲରେ ଯାଇଥିଲେ

ଭୁବନେଶ୍ୱର, ୫।୨ (ବ୍ୟୁରୋ)

ପେଟ୍ରୋଲ, ଡିଜେଲ ଚାଳିତ ଗାଡ଼ିମୋଟରର ବ୍ୟାପକ ବ୍ୟବହାର ଯୋଗୁ ପରିବେଶ ପ୍ରଦୂଷଣ ବଢ଼ି ଚାଲିଛି। ବିଶେଷକରି ନୂଆଦିଲ୍ଲୀର ବାୟୁମଣ୍ଡଳରେ ଅମ୍ଳଜାନର ମାତ୍ରା ହ୍ରାସ ପାଇବା ସହ ଓଜୋନସ୍ତର ବଢ଼ିବାରେ ଲାଗିଛି। ପ୍ରଦୂଷଣ ବଳୟର ଅନ୍ଧକାରରେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି ଦିଲ୍ଲୀବାସୀ। ଏହାର ପ୍ରଭାବ ମଧ ଦେଶ ତଥା ବିଶ୍ୱ ପରିବେଶ ଉପରେ ପଡୁଛି। ଏହି ପରିସ୍ଥିତି ଓଡ଼ିଆ ପୁଅ କପିଳ ପ୍ରଧାନଙ୍କୁ ବ୍ୟଥିତ କରିଛି। ଗାଡ଼ି ଛାଡ଼ି ସାଇକେଲ ଚଲାନ୍ତୁ, ଗଛ ଲଗାଇ ପ୍ରଦୂଷଣରୁ ମୁକ୍ତି ପାଆନ୍ତୁ ଓ ସୁସ୍ଥ ପରିବେଶ ସୁସ୍ଥ ଜୀବନ ବିତାଇବା ପାଇଁ ଓଡ଼ିଶାରୁ ଦିଲ୍ଲୀ ପର୍ଯ୍ୟନ୍ତ ସଚେତନତା ବାର୍ତ୍ତା ଦେଇଛନ୍ତି କପିଳ। ସେ ସାଇକେଲରେ ୨୫ ଦିନ ଧରି ୬ ରାଜ୍ୟର ୨୫ଶହ କିମି ଅତିକ୍ରମ କରି ଦିଲ୍ଲୀରେ ପହଞ୍ଚିବା ପରେ ୫ଦିନ ଧରି ଇଣ୍ଡିଆ ଗେଟ୍‌ରେ ଲୋକଙ୍କୁ ସଚେତନ କରି ଫେରିଛନ୍ତି। ଗାଡ଼ି ଛାଡ଼ି ସାଇକେଲ ଚଲାନ୍ତୁ, ଗଛ ଲଗାଇ ପ୍ରଦୂଷଣରୁ ମୁକ୍ତି ପାଆନ୍ତୁ, ସୁସ୍ଥ ପରିବେଶ ସୁସ୍ଥ ଜୀବନ ବିତାଇବାକୁ ଲୋକଙ୍କୁ ବୁଝାଉଛନ୍ତି କପିଳ।

### ସାଇକେଲ ଟ୍ରାକ୍ କରିବାକୁ ଦାବି କଲେ

କପିଳ ଦିଲ୍ଲୀରେ ସାଇକେଲ ଟ୍ରାକ୍ କରିବାକୁ ଦାବି ଉଠାଇଛନ୍ତି। ସେ କହିଛନ୍ତି, ଦିଲ୍ଲୀ ରାସ୍ତାରେ ସାଇକେଲ ଟ୍ରାକ୍ ଦେଖିବାକୁ ମିଳୁନି। ଦିଲ୍ଲୀ ସରକାର ବହୁ ଲୋକାଭିମୁଖୀ ଯୋଜନା ହାତକୁ ନେଉଥିଲେ ମଧ ସବୁ ରାସ୍ତାକୁ ଲାଗି ସାଇକେଲ ଟ୍ରାକ୍ ଓ ଫୁଟ୍‌ପାଥ (ପାଦଚଲା ରାସ୍ତା) କରିବା ପାଇଁ ସେ ଗୁରୁତ୍ୱ ଦେଇଛନ୍ତି। ଏନେଇ କପିଳ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି ଓ ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କୁ ଭେଟି ଆଲୋଚନା କରିଛନ୍ତି। ଉଭୟ ଏମ୍‌ପି ଆଗାମୀ ଦିନରେ କପିଳଙ୍କ ଦାବିକୁ ସଂସଦରେ ଉପସ୍ଥାପନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି।

### ଭିନ୍ନ ଚିନ୍ତାଧାରା, ନିଆରା ପ୍ରୟାସ

କପିଳଙ୍କ ଘର ପୁରୀ ଜିଲା ନିମାପଡ଼ାର ନିନିଗାଁରେ। ସେ ଜାନୁଆରୀ ୨ରୁ ଯାତ୍ରା ଆରମ୍ଭ କରି ଜାନୁୟାରୀ ୨୭ରେ ଇଣ୍ଡିଆ ଗେଟ୍ ନିକଟରେ ଶେଷ କରିଥିଲେ। ସେ କୁହନ୍ତି, ଦିନକୁ ପ୍ରାୟ ୧୧ ଘଣ୍ଟା ସାଇକେଲ ଚଲାଇ ୧୦୦ କି.ମି. ରାସ୍ତା ଅତିକ୍ରମ କରୁଥିଲେ। ଯିବା ବାଟରେ ଲୋକଙ୍କୁ ସଚେତନ କରିଥିଲେ। ପାଖାପାଖି ୧୦୮ ଥାନାରେ ପହଞ୍ଚି ଅଭିଯାନ ସମ୍ପର୍କରେ ଅବଗତ କରିଥିଲେ। ସମସ୍ତ ଥାନା ଅଧିକାରୀଙ୍କ ସାହାଯ୍ୟ ଓ ନିଜର ଦୃଢ଼ ମନୋବଳ ପାଇଁ ନିଜ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିଛନ୍ତି ବୋଲି ସେ କହିଛନ୍ତି। ତେବେ ତାଙ୍କର ଏଭଳି ଭିନ୍ନ ଚିନ୍ତାଧାରା ଓ ନିଆରା ପ୍ରୟାସକୁ ନିଜ ଗାଁଠାରୁ ଆରମ୍ଭ କରି ଦିଲ୍ଲୀ ପର୍ଯ୍ୟନ୍ତ ଲୋକେ ପ୍ରଶଂସା କରିଛନ୍ତି। ଏହା ପୂର୍ବରୁ କପିଳ ୨୦୧୮ରେ ମଧ ସାଇକେଲରେ ଦିଲ୍ଲୀ ଗସ୍ତ କରିଥିଲେ। ଗତଥର ସେ ଓଡ଼ିଶାରୁ ଝାଡଖଣ୍ଡ ପରେ ବିହାର ଓ ଉତ୍ତର ପ୍ରଦେଶ ହୋଇ ୧୪ଦିନରେ ଦିଲ୍ଲୀରେ ପହଞ୍ଚିଥିଲେ। ଚଳିତଥର ସେ ଓଡ଼ିଶାରୁ ଛତିଶଗଡ଼, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଭୋପାଳ, ଉତ୍ତର ପ୍ରଦେଶ ଓ ହରିଆଣା ଦେଇ ୨୫ଦିନରେ ଦିଲ୍ଲୀରେ ପହଞ୍ଚିଥିଲେ ବୋଲି ସେ ପ୍ରକାଶ କରିଛନ୍ତି।